ଶ୍ରଦ୍ଧା ସ୍ମରଣିକାଙ୍କୁ ସ୍କୁଲ୍ ଚେସ୍ ଟାଇଟଲ୍

▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-27 ◆MONDAY ◆21 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୭ ◆ସୋମବାର ◆୨୧ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

ସିରିଆରେ ସାମ୍ପ୍ରଦାୟିକ ଦଙ୍ଗା; ୧୦୦୦ ମୃତ

■ **ଦମାସକସ୍, ୨୦।୭ (ଏଜେନ୍ସି):** ମଧ୍ୟପ୍ରାଚ୍ୟ ଦେଶ ସିରିଆର ଦ୍ରୁଜ ବହୁଳ କ୍ଷେତ୍ର ସ୍ୱେଦାରେ ସାମ୍ପ୍ରଦାୟିକ ଦଙ୍ଗା ଉଗ୍ରରୂପ ଧାରଣ କରିଛି । ଗତ ଏକ ସପ୍ତାହ ମଧ୍ୟରେ ହୋଇଥିବା ହିଂସାକାଣ୍ଡରେ ଏପର୍ଯ୍ୟନ୍ତ ଏକହଜାର ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ବ୍ରିଟେନ ସ୍ଥିତ ସିରିଆର ଅବଜରଭେଟରୀ ଫର ହ୍ୟୁମାନ ରାଇଟ୍ସ କହିଛି । ଏହି ଅଞ୍ଚଳରେ ମେସିନଗନ ଓ ମୋର୍ଟାର ଗୁଳିଗୋଳାର ଶବ୍ଦ ଶୁଣିବାକୁ ମିଳିଛି । ଅସ୍ତ୍ରବିରତି ଲାଗୁ କରିବାରେ ସରକାର ବିଫଳ ହୋଇଛନ୍ତି । ଦ୍ରୁଜ ସମ୍ପ୍ରଦାୟ ଓ ବେଦୁଇନ୍ ଜନଜାତି ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା । ସିରିଆର ଦକ୍ଷିଣ ଭାଗରେ ସୁରକ୍ଷାବାହିନୀ ନିୟୋଜିତ କରାଯାଇଥିଲେ ମଧ୍ୟ ହିଂସା ରୋକିବାରେ ସଫଳ ହୋଇନାହାନ୍ତି । ସ୍ଥିତିକୁ ନିୟନ୍ତ୍ରଣ କରିବାକୁ ସରକାର ସୈନ୍ୟ ପଠାଇଥିଲେ । ତେବେ ଦ୍ରୁଜ୍ ଯୋଦ୍ଧାମାନେଙ୍କ ସହିତ ସେନାର ସଂଘର୍ଷ ହୋଇଥିଲା । ଶନିବାର ଦ୍ରୁଜ୍ ଓ ବେଦୁଇନ୍ ପୁଣି ମୁହାଁମୁହିଁ ହୋଇଥିଲେ । ସ୍ଥିତି ନିୟନ୍ତ୍ରଣାଧୀନ ରହିଛି ବୋଲି ସିରିଆ ସରକାର ଦାବି କରିଛନ୍ତି ।

ବିଧାନସଭାରେ ଗେମ୍ ଖେଳିଲେ ମହାରାଷ୍ଟ୍ର କୃଷିମନ୍ତ୍ରୀ



ଦିନକୁ ରାଜ୍ୟରେ ୮ ଚାଷୀ କରୁଛନ୍ତି ଆତ୍ମହତ୍ୟା: ବିରୋଧୀ

ତିନି ମାସରେ ୭୫୦ ଚାଷୀଙ୍କ ଆତ୍ମହତ୍ୟା; ସରକାର ଶୋଇଛନ୍ତି

■ **ମୁମ୍ବାଇ, ୨୦।୭ (ଏଜେନ୍ସି):** ମହାରାଷ୍ଟ୍ର ବିଧାନସଭାରେ ବସି କୃଷିମନ୍ତ୍ରୀ ମାଣିକରାଓ କୋକାଟେ ମୋବାଇଲରେ ଗେମ୍ ଖେଳୁଥିବାର ଦେଖାଯାଉଛି । ଏହାର ଭିଡିଓ ଖୁବ୍ ଭାଇରାଲ ହେବାରେ ଲାଗିଛି । ଏହାକୁ ନେଇ ବିରୋଧୀ ମନ୍ତ୍ରୀଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ରାଜ୍ୟରେ ଦିନକୁ ୮ ଚାଷୀ ଆତ୍ମହତ୍ୟା କରୁଥିବା ବେଳେ କୃଷିମନ୍ତ୍ରୀ ବେସ୍ ଗେମ୍ ଖେଳିବା ଲଜ୍ଜାଜନକ ବୋଲି କହିଛନ୍ତି । ବିରୋଧୀ କୃଷିମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି । ରବିବାର ସଂସଦ ଭବନରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ ପରେ ଏନ୍‌ସିପି (ଏସ୍‌ପି) ସାଂସଦ ସୁପ୍ରିୟା ସୁଲେ କହିଥିଲେ ଯେ କୃଷିମନ୍ତ୍ରୀ ତୁରନ୍ତ ପଦରୁ ଇସ୍ତଫା ଦେବା ଉଚିତ । ସେ ଇସ୍ତଫା ନ ଦେଲେ ମୁଖ୍ୟମନ୍ତ୍ରୀ ତାଙ୍କୁ ବାହାର କରିବା ଆବଶ୍ୟକ । ରାଜ୍ୟରେ ଗତ ତିନି ମାସରେ ପ୍ରାୟ ୭୫୦ ଚାଷୀ ଆତ୍ମହତ୍ୟା କଲେଣି । ଏଭଳି ଜରୁରୀ ସମୟରେ ଚାଷୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିବା ପରିବର୍ତ୍ତେ କୃଷିମନ୍ତ୍ରୀ ବିଧାନସଭାରେ ▶ପୃଷ୍ଠା-୭

ବଲାଙ୍ଗୀ ପୀଡ଼ିତା ସଙ୍କଟାପନ୍ନ

୭୫% ଦଗ୍ଧ; ଦିଲ୍ଲୀ ଏମ୍ସର ବୁଲେଟିନ୍ ଜାରି

ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସରେ ଏୟାର୍‌ଲିଫ୍ଟ

ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ପୀଡ଼ିତା

■ **ଭୁବନେଶ୍ୱର, ୨୦।୭ (ସମିସ):** ଦୁର୍ବୃତ୍ତଙ୍କ ପାଶବିକ ଅତ୍ୟାଚାରର ଶିକାର ହୋଇ ଜଳି ଯାଇଥିବା ବଲାଙ୍ଗୀ ଥାନା ଅଞ୍ଚଳର ୧୫ବର୍ଷୀୟା ପୀଡ଼ିତାଙ୍କୁ ଆଜି ଏୟାରଲିଫ୍ଟ କରାଯାଇଛି । ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସରୁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି ।

ପୀଡ଼ିତାଙ୍କୁ ଗତକାଲି ଗୁରୁତର ଅବସ୍ଥାରେ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା । ଆଜି ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା । ହେଲେ ଉନ୍ନତ ଚିକିତ୍ସା ପାଇଁ ତାଙ୍କ ପରିବାର ସହ ଆଲୋଚନା ପରେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି । ପୀଡ଼ିତାଙ୍କୁ ସ୍ଥାନାନ୍ତର ପାଇଁ କମିସନରେଟ ପୁଲିସ ପକ୍ଷରୁ ଭୁବନେଶ୍ୱର ଏମ୍ସରୁ ବିଜୁ ପଟ୍ଟନାୟକ ବିମାନବନ୍ଦର ପର୍ଯ୍ୟନ୍ତ ଗ୍ରୀନ କରିଡର୍ ବ୍ୟବସ୍ଥା କରିଥିଲା । ଗୋଟିଏ ପାଖ ରାସ୍ତାକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା । ଏମ୍ସରୁ ଆମ୍ବୁଲାନ୍ସ ବାହାରିବା ପରେ ଖଣ୍ଡଗିରି, ଫାୟାରଷ୍ଟେସନ୍, ଓୟୁଏଟି, ଗଙ୍ଗନଗର, ସୁର୍ କମ୍ପାନୀ ଛକ ଦେଇ ଏୟାରପୋର୍ଟ ନିଆଯାଇଥିଲା । ଦିନ ପ୍ରାୟ ସାଢ଼େ ୧୨ଟାରେ ବାହାରିଥିବା ଏସ୍କର୍ଟ ୧୨ଟା ୪୧ରେ ଏୟାରପୋର୍ଟରେ ପହଞ୍ଚିଥିଲା । ପୀଡ଼ିତାଙ୍କୁ ମାତ୍ର ୧୧ ମିନିଟରେ ବିମାନବନ୍ଦରର ପହଞ୍ଚା ଯାଇଥିଲା । ତାଙ୍କୁ ଚିକିତ୍ସା କରୁଥିବା ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବିଭାଗର ଅତିରିକ୍ତ ପ୍ରଫେସର ଡାକ୍ତର ସଞ୍ଜୟ ଗିରିଙ୍କ ସମେତ ଏକ ଡାକ୍ତରୀ ଟିମ୍ ପୀଡ଼ିତାଙ୍କ ସହ ଏମ୍ସରୁ ବିମାନବନ୍ଦର ପର୍ଯ୍ୟନ୍ତ ଯାଇଥିଲେ । ସେଠାରୁ ଦିଲ୍ଲୀ ଇନ୍ଦ୍ରପ୍ରସ୍ଥ ଆପୋଲୋର ସ୍ୱତନ୍ତ୍ର ଏୟାର ଆମ୍ବୁଲାନ୍ସ ଯୋଗେ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ପୀଡ଼ିତାଙ୍କ ସହ ତାଙ୍କ ପରିବାରର ସଦସ୍ୟ ମଧ୍ୟ ଦିଲ୍ଲୀ ଏମ୍ସ ଯାଇଛନ୍ତି । ଗ୍ରୀନ କରିଡର ଓ ଟ୍ରାଫିକ ପରିଚାଳନା ପାଇଁ କମିସନରେଟ୍ ପୁଲିସ୍ ପକ୍ଷରୁ ୭୯ ଟ୍ରାଫିକ୍ କନେଷ୍ଟବଳ, ୨ ପ୍ଲାଟୁନ୍ ପୁଲିସ ଫୋର୍ସ ଓ ଏସ୍କର୍ଟ ପାର୍ଟି ମୁତୟନ ହୋଇଥିଲେ ।

ସେପଟେ, ପୀଡ଼ିତା ଦିଲ୍ଲୀ ଏମ୍ସରେ ପହଞ୍ଚିବା ପରେ ଡାକ୍ତରଖାନା ପକ୍ଷରୁ ଆଜି ସନ୍ଧ୍ୟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବୁଲେଟିନ୍ ଜାରି ହୋଇଛି । ରବିବାର ଅପରାହ୍ଣ ୪ଟା ୨୦ରେ ଦିଲ୍ଲୀ ଏମ୍ସରେ ପହଞ୍ଚିଛନ୍ତି । ତାଙ୍କୁ ବର୍ଣ୍ଣ ଓ ପ୍ଲାଷ୍ଟିକ ସର୍ଜରୀ ବ୍ଲକ୍‌ର ବର୍ଣ୍ଣ ଆଇସିୟୁରେ ଭର୍ତ୍ତି କରାଯାଇଛି । ତାଙ୍କ ଶରୀରର ୭୫ପ୍ରତିଶତ ଜଳିଯାଇଥିବା ବେଳେ ସେ ଆଇସିୟୁରେ ଅକ୍ସିଜେନ୍ ସପୋର୍ଟରେ ରହିଛନ୍ତି ବୋଲି ଡାକ୍ତରଖାନା ପକ୍ଷରୁ କୁହାଯାଇଛି । ପୀଡ଼ିତା ବିପିଏସ୍ ୫ ଆଇସିୟୁ ବେଡ୍ ନଂ-୧୨ରେ ଚିକିତ୍ସିତ ହେଉଥିବା ବେଳେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଚିକିତ୍ସା ତଦାରଖ କରୁଥିବା ବୁଲେଟିନରେ କୁହାଯାଇଛି ।

ଆଜିଠୁ ସଂସଦର ମୌସୁମୀ ଅଧିବେଶନ

ଓଡ଼ିଶା, ବିହାର, ପହଲଗାମ ପ୍ରସଙ୍ଗରେ ତାତିବ ଗୃହ

ଜଷ୍ଟିସ ବର୍ମାଙ୍କ ବିରୋଧରେ ଆସିବ ମହାଭିଯୋଗ ପ୍ରସ୍ତାବ

ସମସ୍ତ ଆଲୋଚନା ପାଇଁ ପ୍ରସ୍ତୁତ: ମନ୍ତ୍ରୀ

■ **ନୂଆଦିଲ୍ଲୀ, ୨୦।୭ (ଏଜେନ୍ସି):** ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଥିବା ସଂସଦର ମୌସୁମୀ ଅଧିବେଶନ ଓଡ଼ିଶା, ବିହାର, ପହଲଗାମ ଏବଂ ଅପରେସନ ସିନ୍ଦୂର ପ୍ରସଙ୍ଗରେ ସରଗରମ ହେବାର ସମ୍ଭାବନା ରହିଛି । ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରୁ ଏଭଳି ଆଭାସ ମିଳିଛି । ସରକାର ଏହିସବୁ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଥିବା ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି । ଏହି ଅଧିବେଶନରେ ଆହ୍ଲାବାଦ ହାଇକୋର୍ଟର ବିଚାରପତି ଜଷ୍ଟିସ ବର୍ମାଙ୍କୁ ବହିଷ୍କାର କରିବା ଲାଗି ତାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ମଧ୍ୟ ଆଗତ କରାଯିବ ।

ସଂସଦର ବର୍ଷାକାଳୀନ ଅଧିବେଶନ ଅବ୍ୟବହିତ ପୂର୍ବରୁ ଆଜି ସରକାରଙ୍କ ପକ୍ଷରୁ ସର୍ବଦଳୀୟ ବୈଠକ ଡକାଯାଇଥିଲା । ବୈଠକରେ ବିରୋଧୀ ଦଳମାନେ ଅନ୍ୟାନ୍ୟ ପ୍ରସଙ୍ଗ ସମେତ ପହଲଗାମରେ ଆତଙ୍କବାଦୀ ଆକ୍ରମଣ ଏବଂ ଏଥିରେ ସରକାରୀ ଗୁଇନ୍ଦାର ବିଫଳତା, ଅପରେସନ ସିନ୍ଦୂର ବେଳେ ଭାରତ ଓ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି କରାଇଥିବା ନେଇ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପଙ୍କ ଦାବି ତଥା ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ବିବାଦ କଥା ଉଠାଇଥିଲେ । ଓଡ଼ିଶାରେ ନାରୀ ନିର୍ଯାତନା କଥା ବି ଉଠିଥିଲା । ବିଜେଡି ସାଂସଦ ସସ୍ମିତ ପାତ୍ର କହିଥିଲେ ଯେ ଓଡ଼ିଶାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି । ରାଜ୍ୟର ଏଭଳି ପରିସ୍ଥିତି ପାଇଁ କେନ୍ଦ୍ର ନିଜ ଉପରୁ ଦାୟିତ୍ୱ ଖସାଇପାରିବ ନାହିଁ । ଗୋପାଳପୁରରେ ଛାତ୍ରୀଙ୍କୁ ଦୁଷ୍କର୍ମ, ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ▶ପୃଷ୍ଠା-୭

ଡିଏଫ୍‌ଓ ନା ଜମିଦାର୍ !

ପତ୍ନୀ, ପୁଅଝିଅ ଓ ନିଜ ନାମରେ ୧୧୫ ପ୍ଲଟ୍

ତାରକା ହୋଟେଲ ପରି ବହୁତଳ କୋଠା ବି ରହିଛି

ଜଙ୍ଗଲୀ ବାବୁଙ୍କ ଘରେ ମିନି ଅସ୍ତ୍ରାଗାର

■ **ଭୁବନେଶ୍ୱର/କେନ୍ଦୁଝର/ଓଡ଼ଗାଁ, ୨୦।୭ (ସମିସ):** ଜମିଦାର ଡିଏଫ୍‌ଓଙ୍କ ଅଚଳାଚଳ ସମ୍ପତ୍ତି ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି ଭିଜିଲାନ୍ସ ଟିମ୍ । ଏପରିକି ବାବୁଙ୍କ ସମ୍ପତ୍ତିକୁ ଆକଳନ କରିବା ଭିଜିଲାନ୍ସ ପକ୍ଷେ କଷ୍ଟକର ହୋଇପଡ଼ିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ କେନ୍ଦୁଝର କେନ୍ଦୁପତ୍ର ଡିଭିଜନ୍ ଡିଏଫ୍‌ଓ ନିତ୍ୟାନନ୍ଦ ନାୟକଙ୍କ ଘରେ ଆଜି ଭିଜିଲାନ୍ସ ଟିମ୍ ଚଢ଼ଉ କରିବା ପରେ ଏଭଳି ସମ୍ପତ୍ତି ଠାବ ହୋଇଛି । ବାବୁଙ୍କ ପରିବାର ଏବଂ ତାଙ୍କ ନାମରେ ୧୧୫ଟି ପ୍ଲଟ୍ ରହିଛି । ଯାହାକି ଭିଜିଲାନ୍ସ ଇତିହାସରେ ସରକାରୀ ବାବୁଙ୍କ ସର୍ବାଧିକ ପ୍ଲଟ୍ । ଭିଜିଲାନ୍ସ ଜାଲରେ ପଡ଼ିଥିବା କୌଣସି ସରକାରୀ କର୍ମଚାରୀଙ୍କ ନାମରେ ଏତେ ସଂଖ୍ୟକ ପ୍ଲଟ କେବେ ଠାବ କରାଯାଇ ନାହିଁ ବୋଲି କୁହାଯାଉଛି ।

ଆଜି ଡିଏଫ୍‌ଓ ନିତ୍ୟାନନ୍ଦଙ୍କ ପୈତୃକ ବାସଭବନ ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା । ବନ୍ତଲ ଥାନା ମଦନମୋହନ ପାଟଣାରେ ଗାଁ ଘର, ଜଗନ୍ନାଥ ପୁରରେ ଶଶୁର ଘର, କେଉଁଝରର ଡିଏଫ୍‌ଙ୍କ ଅଫିସ୍, କେଉଁଝରେ ସରକାରୀ କ୍ୱାର୍ଟର୍ସ, ନୟାଗଡ଼ରେ କୋମଣ୍ଡା ସ୍ଥିତ ତାଙ୍କ ପୁଅଙ୍କ ଆବାସିକ ଘର ଓ କୋମଣ୍ଡା ସ୍ଥିତ ପିଏଚସିରେ ଥିବା ତାଙ୍କ ପୁଅଙ୍କ ଚ୍ୟାମ୍ବରରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଇଥିଲା । ଚଢ଼ଉରେ ୩ଜଣ ଡିଏସ୍‌ପି, ୧୦ ଇନ୍ସପେକ୍ଟର ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ । ନିତ୍ୟାନନ୍ଦଙ୍କ ନାମରେ କଳାଧନ ଅର୍ଜନର ଅଭିଯୋଗ ଆସିବା ପରେ ▶ପୃଷ୍ଠା-୭

ଆସୁଛି ବଡ଼ ବର୍ଷା

■ **ଭୁବନେଶ୍ୱର, ୨୦।୭ (ସମିସ):** ଆସନ୍ତା ୨୪ ବେଳକୁ ଉତ୍ତର ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବ । ଏହା ପରବର୍ତ୍ତୀ ସମୟରେ ସଦୃଶ ଲଘୁଚାପ ଓ ପରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବାର ସମ୍ଭାବନା ରହିଛି । ସମ୍ଭାବ୍ୟ ଲଘୁଚାପ ଯୋଗୁଁ ରାଜ୍ୟର ଅଧିକାଂଶ ସ୍ଥାନରେ ଆସନ୍ତା ୨୩ରୁ ୨୬ ପର୍ଯ୍ୟନ୍ତ ବର୍ଷା ହେବ । ଏହି ସମୟରେ ଓଡ଼ିଶାର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ଏମିତି କି ଉତ୍ତର ଓଡ଼ିଶାର କିଛି କିଛି ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ (୨୦ସେମି.ରୁ ଅଧିକ) ବର୍ଷା ହୋଇପାରେ । ବର୍ତ୍ତମାନ ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନାହିଁ । ଏଥିପାଇଁ ରାଜ୍ୟରେ ଏବେ ମୁଖ୍ୟତଃ ଖରାଟିଆ ପାଗ ରହୁଛି । ବାୟୁମଣ୍ଡଳରେ ଜଳୀୟବାଷ୍ପ ଅଧିକ ରହୁଥିବାରୁ କିଛି କିଛି ସ୍ଥାନରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ମଧ୍ୟ ହେଉଛି । ମାତ୍ର ୨୪ ତାରିଖରେ ଲଘୁଚାପ ଯୋଗୁଁ ୨୨ରୁ ପାଗରେ ପରିବର୍ତ୍ତନ ଆସିବ ଓ ୨୩ରୁ ବର୍ଷା ବଢ଼ିବ । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ସୋମବାର ▶ପୃଷ୍ଠା-୭

ସ୍ୱତନ୍ତ୍ର ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ଓ ପରୀକ୍ଷା ବାତିଲ୍

ସନ୍ଦେହରେ ବୋର୍ଡ କର୍ତ୍ତୃପକ୍ଷଙ୍କ ଭୂମିକା

- ପ୍ରଘଟ ପ୍ରଶ୍ନପତ୍ର ଠିକ୍ ବୋଲି କେମିତି ଜାଣିଲା ବୋର୍ଡ
- ପରୀକ୍ଷା ପୂର୍ବ ରାତିରୁ ଖୋଲାଯାଇଛି କି ପ୍ରଶ୍ନ ପ୍ୟାକେଟ୍
- କେନ୍ଦ୍ରକୁ ଆସି ହଟହଟା ହେଲେ ୭୫ ହଜାର ପରୀକ୍ଷାର୍ଥୀ
- ୧୪୦୦ ଫି' ସତ୍ତ୍ୱେ ପରୀକ୍ଷା ପରିଚାଳନରେ ସ୍ୱଚ୍ଛତା ରହୁନି
- ପ୍ରଶ୍ନପତ୍ର ବିଭ୍ରାଟ ନେଇ ମୁହଁ ଖୋଲୁନାହାନ୍ତି ବରିଷ୍ଠ ଅଧିକାରୀ
- ଆଜି କଟକ ବୋର୍ଡ କାର୍ଯ୍ୟାଳୟ ଘେରାଉ କରିବ ବିସିଜେଡି

■ **ଭୁବନେଶ୍ୱର, ୨୦।୭ (ସମିସ):** ଭାଇରାଲ୍ ହେଲା ପ୍ରଶ୍ନପତ୍ର । ରାତିଅଧିଆ ବାତିଲ୍ ହେଲା ସ୍ୱତନ୍ତ୍ର ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) । ହେଲେ ଭାଇରାଲ୍ ହୋଇଥିବା ପ୍ରଶ୍ନପତ୍ର ଓଟିଇଟି ପ୍ରଶ୍ନପତ୍ର ସହ ସମାନ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) କର୍ତ୍ତୃପକ୍ଷ କିପରି ଜାଣିଲେ ଓ ପରୀକ୍ଷା ବାତିଲ୍ କଲେ ସେନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରବିବାର ସକାଳ ୯ଟାରେ ପରୀକ୍ଷା ଆରମ୍ଭ ହେବାର ଥିଲା । ନିୟମ ଅନୁସାରେ ପରୀକ୍ଷାର ୧୫ ମିନିଟ୍ ପୂର୍ବରୁ ସିଲ୍ ହୋଇ ରହିଥିବା ପ୍ରଶ୍ନପତ୍ର ପରୀକ୍ଷାର୍ଥୀଙ୍କ ଉପସ୍ଥିତିରେ ଖୋଲାଯାଇଥା'ନ୍ତା । ଏହାପରେ ଯାଇ ପ୍ରଘଟ୍ ହୋଇଥିବା ପ୍ରଶ୍ନପତ୍ର ସହ ପରୀକ୍ଷାର୍ଥୀଙ୍କୁ ବଣ୍ଟାଯାଇଥିବା ପ୍ରଶ୍ନ ମେଳ ଖାଉଛି ନା ନାହିଁ ସ୍ପଷ୍ଟ ହୋଇଥା'ନ୍ତା । କିନ୍ତୁ ପୂର୍ବ ରାତିରୁ ତରବରିଆ ଭାବେ ପରୀକ୍ଷାକୁ ବାତିଲ୍ କରାଯାଇଥିବାରୁ ପ୍ରଶ୍ନପତ୍ର ପ୍ରଘଟରେ ବୋର୍ଡ କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ସ୍ୱତଃ ସନ୍ଦେହ ସୃଷ୍ଟି ହୋଇଛି । ମୁଦ୍ରଣ ସ୍ଥଳରୁ କିମ୍ବା କୌଣସି ଏକ ସ୍ଥାନରୁ ପ୍ରଶ୍ନପତ୍ର ପ୍ରଘଟ କରାଯାଇଛି ଏବଂ ପରୀକ୍ଷା ପୂର୍ବରୁ ଏହା ଅନ୍ୟମାନଙ୍କ ନଜରକୁ ଆସିଯିବାରୁ ସମ୍ଭାବ୍ୟ ବିପଦର ଆଶଙ୍କା କରି ବୋର୍ଡ଼ କର୍ତ୍ତୃପକ୍ଷ ରାତିଅଧିଆ ପରୀକ୍ଷା ବାତିଲ୍ କରିଛନ୍ତି ବୋଲି ପରୀକ୍ଷାର୍ଥୀ ▶ପୃଷ୍ଠା-୭

ଚୋରି ଟଙ୍କା ଭାଗ ବଣ୍ଟାକୁ ନେଇ ଭରତପୁରରେ ହତ୍ୟା

ଭଞ୍ଜନଗରରୁ ଧରାପଡ଼ିଲା ବନ୍ଧୁ ହତ୍ୟାକାରୀ

ପଡ଼ୋଶୀଙ୍କ ବାଇକ୍ ଚୋରି କରି ଫେରାର ହୋଇଥିଲା

ଦୁଇ ଗାଡ଼ି, ରକ୍ତ ଭିଜା ଡ୍ରେସ୍ ଜବତ

■ **ଭୁବନେଶ୍ୱର, ୨୦।୭ (ସମିସ):** ଚୋରି ଟଙ୍କା ଭାଗ ବଣ୍ଟାରୁ ସାଙ୍ଗକୁ ହତ୍ୟା ଘଟଣାରେ ପୁଲିସକୁ ସଫଳତା ମିଳିଛି । ଘଟଣାର ଦିନକ ପରେ ହତ୍ୟା ଅଭିଯୁକ୍ତକୁ ଗିରଫ କରିଛି ଭରତପୁର ଥାନା ପୁଲିସ । ଗିରଫ ଅଭିଯୁକ୍ତ ହେଉଛି ବେଲଗୁଣ୍ଠା ଥାନା ଜି ନୂଆଗାଁ ଅଞ୍ଚଳର ନରହରି ନାଏକ (୨୪) । ପୁଲିସ ସୂଚନା ଅନୁସାରେ, ବୁଗୁଡ଼ା ଥାନା ମୋଟବାଡ଼ି ଅଞ୍ଚଳର କୈଳାସ ନାୟକ ତାଙ୍କ ମାଆଙ୍କ ସହିତ ଭରତପୁର ସୋମନାଥ ବସ୍ତିରେ ଭଡ଼ାରେ ରହିବା ସହିତ ରଙ୍ଗ ମିସ୍ତ୍ରି ଭାବେ କାମ କରୁଥିଲେ । କିଛିଦିନ ହେବ କୈଳାସର ସାଙ୍ଗ ନରହରି ମଧ୍ୟ ତାଙ୍କ ଘରେ ଆସି ରହୁଥିଲା । ଉଭୟ ବିଭିନ୍ନ ସ୍ଥାନରୁ ବାଇକ୍ ଚୋରି କରିବା ସହ ବିକ୍ରି କରୁଥିଲେ । ସେଥିରୁ ମିଳୁଥିବା ଟଙ୍କାକୁ ଉଭୟଙ୍କ ମଧ୍ୟରେ ବାଣ୍ଟି ନେଉଥିଲେ । ଉଭୟଙ୍କ ନାମରେ ଭୁବନେଶ୍ୱର ଓ ଗଞ୍ଜାମ ପୁଲିସ ଜିଲ୍ଲାର ବିଭିନ୍ନ ଥାନାରେ ଏକାଧିକ ମାମଲା ମଧ୍ୟ ରହିଛି ।

ଗତ ଗୁରୁବାର ସନ୍ଧ୍ୟାରେ ଖାଦ୍ୟ ତିଆରିକୁ ନେଇ କୈଳାସ ଓ ତାଙ୍କ ମାଆ ବେବିନାଙ୍କ ମଧ୍ୟରେ ବଚସା ହୋଇଥିଲା । ବେବିନା ରାଗିଯାଇ ଘର ଠାରୁ କିଛି ଦୂରରେ ଥିବା ସମ୍ପର୍କୀୟଙ୍କ ଘରକୁ ପଳାଇଥିଲେ । କିନ୍ତୁ କୈଳାସ ଓ ନରହରି ସୋମନାଥ ବସ୍ତି ସ୍ଥିତ ଘରେ ରହିଥିଲେ । ରାତିରେ କୈଳାସ ଓ ନରହରି ମିଶି ଘରେ ମଦ୍ୟପାନ କରିବା ସହିତ ଖିଆପିଆ କରିଥିଲେ । ବିଳମ୍ବିତ ରାତିରେ ଚୋରା ବାଇକ୍ ବିକ୍ରିରୁ ମିଳିଥିବା ଟଙ୍କା ଭାଗ ବଣ୍ଟାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା । ▶ପୃଷ୍ଠା-୭

ଅନ୍ଧାର ରାତି, ଅସୁରକ୍ଷିତ ଯାତ୍ରା

ମହିଳା କାଉଡ଼ିଆଙ୍କୁ ମହାଦେବ ଭରସା

ରାସ୍ତାରେ ନାହିଁ ଆଲୁଅ, ଗସ୍ତୁନାହିଁ ପିସିଆର୍, ପାଦେପାଦେ ଅଘଟଣ ଭୟ

■ **ଭୁବନେଶ୍ୱର, ୨୦।୭ (ସମିସ):** ହିନ୍ଦୁ ଧର୍ମରେ ଶ୍ରାବଣ ମାସକୁ ସବୁଠାରୁ ପବିତ୍ର ମାସ ଭାବରେ ବିବେଚନା କରାଯାଏ । ଏହି ମାସରେ କାଉଡ଼ିଆମାନେ ଭଗବାନ ଶିବଙ୍କ ଉପରେ ଜଳାଭିଷେକ ନିମନ୍ତେ କାଉଡ଼ି ଯାତ୍ରା କରିଥାଆନ୍ତି । ବିଗତ ବର୍ଷ ମାନଙ୍କରେ କାଉଡ଼ି ଯାତ୍ରାରେ ଯାଉଥିବା ମହିଳାମାନେ ସୁରକ୍ଷିତ ଭାବରେ ମହାଦେବଙ୍କ ଉପରେ ଜଳାର୍ପଣ କରି ଆସିଛନ୍ତି । ମାତ୍ର ରାଜ୍ୟରେ କ୍ଷମତା ପରିବର୍ତ୍ତନ ପରେ ମହିଳା ହିଂସା, ଦୁଷ୍କର୍ମ, ଗଣଦୁଷ୍କର୍ମ ବଢ଼ି ଚାଲିଥିବାବେଳେ ରାସ୍ତାରେ ପାଣିଭାର ନେଇ ଯାଉଥିବା ମହିଳା କାଉଡ଼ିଆମାନଙ୍କ ମନରେ ସୃଷ୍ଟି ହୋଇଛି ଭୟ । ଗତ କିଛି ମାସରେ ଘଟିଥିବା ଘଟଣାକ୍ରମକୁ ଦେଖିଲେ ମହିଳା କାଉଡ଼ିଆମାନେ ଭୟଙ୍କର ଅସୁରକ୍ଷିତ ହୋଇ ପଡ଼ିଛନ୍ତି । ରାସ୍ତାରେ ଆଲୋକ ଓ ପାଟ୍ରୋଲିଂର ଅଭାବ ପାଦେପାଦେ ଅଘଟଣ ଘଟିବାର ଆଶଙ୍କା ସୃଷ୍ଟି କରିଛି ।

ଅସୁରକ୍ଷିତ ସଡ଼କରେ ଅନ୍ଧାର ରାତିରେ ସେମାନେ କେବଳ ମହାଦେବଙ୍କୁ ସ୍ମରଣ କରି ଚାଲିଛନ୍ତି ।

ଗୋପାଳପୁର ଗଣ ଦୁଷ୍କର୍ମ ମାମଲା, ବାଲେଶ୍ୱର ଏଫ୍‌ଏମ କଲେଜ୍ ଛାତ୍ରୀ ଆତ୍ମହତ୍ୟା ଏବଂ ବଲାଙ୍ଗୀରେ ନାବାଳିକାଙ୍କୁ ପୋଡ଼ିଦେବା ଘଟଣା ରାଜ୍ୟରେ ମହିଳା ହିଂସା କେଉଁ ସ୍ଥିତିରେ ଅଛି ତାହା ବର୍ଣ୍ଣାନା କରିବାର ଆବଶ୍ୟକତା ନାହିଁ । ଗତ କିଛିମାସ ମଧ୍ୟରେ ରାଜ୍ୟରେ ବଳାତ୍କାର ଓ ଗଣ ବଳାତ୍କାର ସୀମା ଟପିଛି । ଏପରି ଅବସ୍ଥାରେ ଅନ୍ଧାର ରାତିରେ ମହିଳା କାଉଡ଼ିଆମାନଙ୍କ ପ୍ରତି ଯେ କୌଣସି ମୁହୂର୍ତ୍ତରେ ଅଘଟଣକୁ ଏଡ଼ାଇ ▶ପୃଷ୍ଠା-୭

ଭୁବନେଶ୍ୱର ସିଟି

ବୋଲ୍‌ବମ୍... ହରହର ବମ୍...

ଆଜି ଶ୍ରାବଣ ଦ୍ୱିତୀୟ ସୋମବାର

ଏକାମ୍ରରେ କାଉଡ଼ିଆଙ୍କ ଭିଡ଼

ଭୁବନେଶ୍ୱର,୨୦।୭ (ସମିସ):

ଆସନ୍ତା କାଲି ଶ୍ରାବଣ ଦ୍ୱିତୀୟ ସୋମବାର। ଏଥିପାଇଁ ରବିବାର ଅପରାହ୍ଣରୁ ଏକାମ୍ର କ୍ଷେତ୍ରରେ କାଉଡ଼ିଆଙ୍କ ଭିଡ଼ ଦେଖିବାକୁ ମିଳିଛି। ଏକାମ୍ର କ୍ଷେତ୍ରରେ ଥିବା ବିଭିନ୍ନ ଶୈବପୀଠରେ କାଉଡ଼ିଆମାନେ ଜଳଲାଗି କରିବା ପାଇଁ ବିଭିନ୍ନ ଜଳାଶୟରୁ ପାଣିଭାର ନେଇ ଆସିଛନ୍ତି।

ବିଶେଷକରି ଶ୍ରୀଲିଙ୍ଗରାଜ ମନ୍ଦିରରେ ଭକ୍ତଙ୍କ ଭିଡ଼ ଅଧିକ ଦେଖିବାକୁ ମିଳିଛି। ଅପରାହ୍ଣରୁ ବ୍ୟାରିକେଡରେ ଯାଇ ଧାଡ଼ିରେ ଛିଡ଼ା ହୋଇ ସୋମବାର ଜଳଲାଗି କରିବେ। ଭକ୍ତଙ୍କ ଶୃଙ୍ଖଳିତ ଜଳଲାଗି ଓ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥିସହ ସୁରକ୍ଷା ଓ ଟ୍ରାଫିକ୍ ସମସ୍ୟାକୁ ମୁକାବିଲା ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ରାସ୍ତା ସାରା ଭକ୍ତଙ୍କ ପାଇଁ ଅନେକ ସେବାକେନ୍ଦ୍ରମାନ ଖୋଲାଯାଇଛି। ଏହି ସେବାକେନ୍ଦ୍ରଗୁଡ଼ିକରେ ଭକ୍ତଙ୍କ ପାଇଁ ସ୍ନାନଶୌଚାଦି ପାଇଁ ବ୍ୟବସ୍ଥା ହୋଇଛି। ପାଣି, ଜଳଖିଆ, ଔଷଧ ଆଦି ଯୋଗାଇବାର ବ୍ୟବସ୍ଥା ମଧ୍ୟ କରାଯାଇଛି। ସହରର ପଳାଶୁଣି, ରସୁଲଗଡ଼, ବମିଖାଲ, ଲକ୍ଷ୍ମୀସାଗର, କଟକ ରୋଡ୍, କଳ୍ପନା ଛକ ଆଦି ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆଶ୍ରୟସ୍ଥଳ ନିର୍ମାଣ କରାଯାଇଛି। ରାସ୍ତାସାରା ବୋଲବମ୍, ହରହର ବମ୍ ଧ୍ୱନିରେ କମ୍ପୁଛି। ପୂର୍ବ ସୋମବାର ଅପେକ୍ଷା ଏଥର ଭକ୍ତଙ୍କ ସଂଖ୍ୟା କାହିଁ କେତେଗୁଣ ଅଧିକ ବଢ଼ିଥିବା ଦେଖିବାକୁ ମିଳିଛି।

କାଉଡ଼ିଆଙ୍କ ପାଇଁ ଭିନ୍ନକ୍ଷମଙ୍କ ଭଜନ ପରିବେଷଣ

ଭୁବନେଶ୍ୱର,୨୦।୭ (ସମିସ): ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ନିକଟରେ ପାଣି ଢାଳିବାକୁ ଏକାମ୍ର କ୍ଷେତ୍ରରେ କାଉଡ଼ିଆଙ୍କ ଭିଡ଼ ଲାଗିଛି। ବୋଲବମ୍‌ରେ ଆସିଥିବା ଭକ୍ତଙ୍କ ଅସମ୍ଭବ ଭିଡ଼ ଦେଖିବାକୁ ମିଳିଛି। ଗେରୁଆ ବସ୍ତ୍ର ପିନ୍ଧି କାଉଡ଼ିଆମାନେ ଗଙ୍ଗାଯମୁନା ମନ୍ଦିର ନିକଟରେ ବାହୁଙ୍ଗି ଶିକା ରଖି ବିଶ୍ରାମ ନେବା ସହ ସେଠାରେ ଗଙ୍ଗାଯମୁନା ଚା ଖଟି ବୋଲବମ ସେବା କେନ୍ଦ୍ରଠାରେ ପ୍ରସାଦ ସେବନ ଓ ଭଜନ କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଥିଲା। ସୁଗମ ଭଜନ ସଂଗୀତ ଅନୁଷ୍ଠାନର ବହୁ ଭିନ୍ନକ୍ଷମ କଳାକାରମାନଙ୍କ ଦ୍ୱାରା ପରିବେଷଣ ହୋଇଛିଲା। ଆନନ୍ଦେ ଏକ ବାର ହର ହର ବୋଲ.., ଏକାମ୍ର କ୍ଷେତ୍ର ପାର୍ କରେଗା..., ବେଲପତ୍ର ପଞ୍ଚାମୃତ..., ଶିବ ଲିଙ୍ଗରେ ପାଣି ଢାଳିବି.... ଆଦି ଚିତ୍ତାକର୍ଷକ ଭଜନ ପରିବେଷଣ ଶ୍ରୋତାଙ୍କୁ ମନମୁଗ୍ଧ କରିଥିଲା। ଏହି ଅପସରରେ ସେଠାରେ ବିଧାୟକ ବାବୁ ସିଂ, ବିଜେପି ନେତା ସମିର ମହାନ୍ତି, ପୂର୍ବତନ କର୍ପୋରେଟର ପ୍ରମୋଦ ମହାପାତ୍ର ଉପସ୍ଥିତ ରହି କଳାକାରଙ୍କୁ ସମ୍ମାନିତ କରିଥିଲେ।

'ନରକିନ୍ନର'ର ଇଂରାଜୀ ଅନୁବାଦ ଲୋକାର୍ପିତ

ଭୁବନେଶ୍ୱର, ୨୦।୭ (ସମିସ): ନରକିନ୍ନର ଭଳି ଓଡ଼ିଆ ସାହିତ୍ୟ ଜଗତର ଅମୂଲ୍ୟ ଉପନ୍ୟାସର ଇଂରାଜୀ ଅନୁବାଦ ଏକ ସମ୍ପୂର୍ଣ୍ଣ ଦୁରୁହ ବ୍ୟାପାର। କିନ୍ତୁ ଏହାକୁ ଯଥାସମ୍ଭବ କରିପାରିଛନ୍ତି ପ୍ରଫେସର ଜଗନ୍ନାଥ ଦାଶ। କିମ୍ବଦନ୍ତୀ ଔପନ୍ୟାସିକ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ଫାଉଣ୍ଡେସନ ଟ୍ରଷ୍ଟର ଦଶମ ଅଧିବେଶନରେ ଏହି ମତ ପ୍ରକାଶ ପାଇଛି। ରବିବାର ଗୀତଗୋବିନ୍ଦ ସଦନରେ ଆୟୋଜିତ ଏହି ଉତ୍ସବରେ ନରକିନ୍ନର ର ଇଂରାଜୀ ଅନୂଦିତ ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଡ ଇତିରାଣୀ ସାମନ୍ତ ସଭାପତିତ୍ୱ କରିଥିଲାବେଳେ ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ ପ୍ରାରମ୍ଭିକ ଅଭିଭାଷଣ ରଖିଥିଲେ। ପ୍ରଫେସର ଶରତ ଚନ୍ଦ୍ର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରଫେସର ନଟବର ଶତପଥୀ ମୁଖ୍ୟବକ୍ତା ରହିଥିଲେ। ଏହିପରି ପ୍ରଫେସର ଜଗନ୍ନାଥ ଦାଶ ଓ ପ୍ରକାଶକ ବିଜୟ କୁମାର ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ନରକିନ୍ନରର ବିଭିନ୍ନ ପ୍ରତୀକାତ୍ମକ ଚରିତ୍ର ବିଷୟରେ ଆଲୋଚନା କରିଥିଲେ। ବିନୋଦ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ।

ଘନଶ୍ୟାମ ପାଣିଗ୍ରାହୀଙ୍କ 'ଚିର୍‌କୁଟ୍' ଉନ୍ମୋଚିତ

ଭୁବନେଶ୍ୱର,୨୦।୭ (ସମିସ): ପେନ୍ ଇନ୍ ବୁକ୍ସ ଦ୍ୱାରା ପ୍ରକାଶିତ ଘନଶ୍ୟାମ ପାଣିଗ୍ରାହୀଙ୍କ ତୃତୀୟ ଗଳ୍ପ ପୁସ୍ତକ 'ଚିର୍‌କୁଟ୍' ରବିବାର ଉନ୍ମୋଚିତ ହୋଇଯାଇଛି। ଲକି ଇଣ୍ଡିଆ ହୋଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାରପ୍ରାପ୍ତ ଲେଖକ ତଥା ପ୍ରକାଶନ ସଂସ୍ଥାର ଉପମହାପ୍ରବନ୍ଧକ ପ୍ରକାଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବରେ ସାହିତ୍ୟିକ ଓ ସ୍ତମ୍ଭକାର ଦାଶ ବେନହୁର ଯୋଗଦେଇ ଅତୀତକୁ ଝୁରି ହେବା ହିଁ ସୁଖଦ ଅନୁଭବ। ବ୍ୟକ୍ତିଗତ ଅନୁଭବ ଓ ଅନୁଭୂତି ହିଁ ସୃଜନ ସାହିତ୍ୟର ଭୂଣ। କଳ୍ପନାର କାରୁକାର୍ଯ୍ୟରେ ତାହା ସାର୍ବଜନୀନ ସାହିତ୍ୟ ପାଲଟିଯାଏ ବୋଲି କହିଥିଲେ।

ରିତସିକା ଫାଉଣ୍ଡେସନ ପକ୍ଷରୁ ଚାରା ରୋପଣ

ଭୁବନେଶ୍ୱର,୨୦।୭ (ସମିସ): ରିତସିକା ଫାଉଣ୍ଡେସନ ଭୁବନେଶ୍ୱର ଆନୁକୁଲ୍ୟରେ ବନମହୋତ୍ସବ ୨୦୨୫ ତଥା 'ଏକ ପେଡ୍ ମା କେ ନାମ' ପ୍ରକଳ୍ପକୁ ଆଧାର କରି ବିଭିନ୍ନ ପ୍ରକାର ଫୁଲ ଓ ଫଳ ଗଛ ରୋପଣ କରାଯାଇଅଛି। ଫାଉଣ୍ଡେସନର ସଭାପତି ଦେବସ୍ମିତା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଭୁବନେଶ୍ୱରର ଟଙ୍କପାଣି ରୋଡ ସ୍ଥିତ ଶ୍ରୀ ଜଗନ୍ନାଥ ଆଶ୍ରମ ପରିସରରେ ଏହି ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଶ୍ରମର କର୍ମକର୍ତ୍ତା ଓ ଆୟୋଜକମାନେ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ବିଭିନ୍ନ ପ୍ରକାରର ଫୁଲଚାରା ରୋପଣ କରା ଯାଇଥିଲା। କାର୍ଯ୍ୟକ୍ରମକୁ ଫାଉଣ୍ଡେସନର କର୍ମକର୍ତ୍ତା ସାଇକଲ୍ୟାଣ ସାହୁ, ପ୍ରେମସାଇ ପାତ୍ର ପରିଚାଳନା

କରିଥିଲେ। ଆଗାମୀ ଦିନରେ ପୁନଶ୍ଚ ପୃଥିବୀ ପ୍ରୟାସରେ ବୃକ୍ଷ ରୋପଣ ତଥା ଜଙ୍ଗଲ ସୃଷ୍ଟି କାର୍ଯ୍ୟକ୍ରମ ଗୁଡ଼ିକ ହାତକୁ ନିଆଯିବାର ଲକ୍ଷ ରଖିଥିବା ଫାଉଣ୍ଡେସନର ସଭାପତି ସୂଚନା ଦେଇଛନ୍ତି। ଦେବାଶିଷ ମହାପାତ୍ର, ରାଜେଶ ପାତ୍ର, ଗୋପାଳ ମାକଡାମ ଓ ଛବି ସ୍ୱାଇଁ ପ୍ରମୁଖ ରହିଥିଲେ।

ବାସ୍ତୁ ଓ ଜ୍ୟୋତିଷ ବିଦ୍ୟା ସଂପର୍କିତ ଆଲୋଚନାଚକ୍ର

ବାଲିଅନ୍ତା,୨୦।୭ (ସମିସ): ପଳାଶୁଣିସ୍ଥିତ ଇଣ୍ଡିଆନ ବାସ୍ତୁ ଏକାଡେମୀ ତରଫରୁ ବାଲିଅନ୍ତା ବ୍ଲକ୍ ହୀରାପୁରର ପ୍ରସିଦ୍ଧ ତନ୍ତ୍ରପୀଠ ଚଉଷଠୀ ଯୋଗିନୀ ପୀଠ ପରିସରରେ ବାସ୍ତୁ ଓ ଜ୍ୟୋତିଷ ବିଦ୍ୟା ସଂପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାସ୍ତୁ ଏକାଡେମୀର ଅଧ୍ୟକ୍ଷା ଡ. ତପସ୍ୱିନୀ ମିଶ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ଏ ନେଇ ଆୟୋଜିତ ଆଲୋଚନାଚକ୍ରରେ ଜ୍ୟୋତିଷ ବିଭାଗର ଅଧ୍ୟାପକ ଡ. କୃଷ୍ଣଚନ୍ଦ୍ର ଦାଶ, ବାସ୍ତୁ ବିଭାଗର ଅଧ୍ୟାପକ ଇଞ୍ଜିନିୟର ପ୍ରଦୀପ ପଟ୍ଟନାୟକ ଚଉଷଠୀ ଯୋଗିନୀ ପୀଠର ଐତିହ୍ୟ, ସଂସ୍କୃତି, ମହିମା, ବାସ୍ତୁ, ଆଧ୍ୟାତ୍ମିକତା ଓ ଯୋଗ ବିଦ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ବାସ୍ତୁଶାସ୍ତ୍ର ଓ ଜ୍ୟୋତିଷ ବିଦ୍ୟାର ବିଭିନ୍ନ ଦିଗ ଉପରେ ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ

ପୀଠ ପରିସରରେ ଚାରା ରୋପଣ କରାଯାଇଥିଲା। ସ୍ଥାନୀୟ ସମିତି ସଭ୍ୟ ରଞ୍ଜନ କୁମାର ମହାପାତ୍ର, ସମାଜସେବୀ ଲଲାଟେନ୍ଦୁ ଦିକ୍ଷୀତ, ସାମ୍ବାଦିକ ବଟକୃଷ୍ଣ ମହାପାତ୍ର, ପ୍ରକୃତିବନ୍ଧୁ ନିରଞ୍ଜନ ସେନାପତି, ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇ ପ୍ରମୁଖ ଯୋଗ ଦେଇ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ ଫୁଲ ଚାରା, ଉତ୍ତରୀୟପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜନ୍ମେଜୟ ମହାପାତ୍ର, ଅମର କେଶରୀ ସିଂହଦେଓ, ମଧୁମାଳା ରାଉତ, ଇତିଶ୍ରୀ ସାହୁ, ଜ୍ୟୋତିରଞ୍ଜନ ନାୟକ ପ୍ରମୁଖଙ୍କ ସମେତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। କଳ୍ପତରୁ ଓଝା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅନୁଷ୍ଠାନର ସଭାପତି ବିଷ୍ଣୁ ପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବଳଙ୍ଗାରେ ନାବାଳିକାଙ୍କୁ ପୋଡ଼ିବା ଘଟଣା

ପୀଡ଼ିତାଙ୍କ ଆରୋଗ୍ୟ କାମନା କରି ବିଜେଡିର ଦୀପଦାନ

ଭୁବନେଶ୍ୱର,୨୦।୭ (ସମିସ):

ଦିଲ୍ଲୀ ଏମ୍ସରେ ଜୀବନ ମରଣ ସହିତ ସଂଘର୍ଷ କରୁଥିବା ବଳଙ୍ଗା ନାବାଳିକାଙ୍କ ଆଶୁ ଆରୋଗ୍ୟ କାମନା କରି ଭୁବନେଶ୍ୱର ଜିଲ୍ଲା ବିଜେଡି ପକ୍ଷରୁ ସମୂହ ଦୀପଦାନ କରାଯାଇଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର ସମ୍ମୁଖରେ ଏହି ଦୀପଦାନ କରାଯାଇଛି।

ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ପଣ୍ଡା, ଭୁବନେଶ୍ୱର (ମଧ୍ୟ) ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର (ଉତ୍ତର) ବିଧାୟକ ସୁଶାନ୍ତ ରାଉତ, ମେୟର ସୁଲୋଚନା ଦାସ, ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେନିନ ମହାନ୍ତି, ବରିଷ୍ଠ ନେତା ବିଜୟ ନାୟକ, ଗୌତମ ହରିଚନ୍ଦନ, ସନ୍ତୋଷ ବେଜ୍, ଶିବ ପ୍ରସାଦ ବେହେରା, ଚନ୍ଦ୍ରଶେଖର ମଲିଆ, ଶିବ ନାରାୟଣ କିରଣ, ମହାମାୟା ସ୍ୱାଇଁ, ମାନସୀ ସୁନ୍ଦରାୟ, ଛବି ଦାସ, ଭାରତୀ ସିଂ, ସମିତା ମହାନ୍ତି, ପୁଷ୍ପା ରାଉତ, ପଦ୍ମଜା ପ୍ରିୟଦର୍ଶିନୀ, କେ ଶାନ୍ତି, ଅଶ୍ୱୀନ ସୁନ୍ଦରାୟ, ଦାଶରଥୀ ଗରାବଡ

ତାଳଚେରରେ ପୁଣି ଡରାଇଲାଣି ଡେଙ୍ଗୁ

ତାଳଚେରସଦର,୨୦।୭ (ସମିସ)

୨୦୧୦-୧୧ରେ ତାଳଚେର ଅଞ୍ଚଳରେ ପ୍ରଥମେ ଡେଙ୍ଗୁ ରୋଗୀ ଚିହ୍ନଟ ହେବାପରେ ଶତାଧିକ ଲୋକ ଆକ୍ରାନ୍ତ ହୋଇଥିଲେ। କେତେଜଣଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। ଏହି ଘଟଣା ସେ ସମୟରେ ଆତଙ୍କ ଖେଳାଇ ଦେଇଥିଲା। ଡେଙ୍ଗୁର କୌଣସି ସତ୍ତା ନ ଥିବା ବେଳେ ପ୍ରଥମେ ତାଳଚେରରେ ଏହି ଲକ୍ଷଣ ଦେଖାଦେବା ପରେ ଏହା ସମଗ୍ର ଓଡ଼ିଶାକୁ ବ୍ୟାପିଥିଲା। ସେ ସମୟରେ ଲୋକେ ସତର୍କତା ଅବଲମ୍ବନ କରିବା ସହ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଏ ନେଇ ତତ୍ପରତା ପ୍ରକାଶ ପାଇଥିଲା। ପୁଣି ଏବେ ତାଳଚେର ଅଞ୍ଚଳରେ ଡେଙ୍ଗୁ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ତାଳଚେର ଜଗନ୍ନାଥପୁର ପଞ୍ଚାୟତ ଅଧୀନ ଏଫସିଆଇ ମୁଣ୍ଡାହଟିଙ୍ଗରେ ଘରେଘରେ ଡେଙ୍ଗୁ ରୋଗୀ ଚିହ୍ନଟ ହେବାପରେ ଆତଙ୍କ ଖେଳିଯାଇଛି। ଡେଙ୍ଗୁ ଜ୍ୱରରେ ପୀଡ଼ିତ ହୋଇ ଗୋଡ଼ିବନ୍ଧ, ସେଣ୍ଟ୍ରାଲ ହସ୍ପିଟାଲ, ତାଳଚେର ମେଡିକାଲ ଓ ଜିଲ୍ଲା ଡାକ୍ତରଖାନାରେ ରୋଗୀ ଚିକିତ୍ସିତ ହେଉଛନ୍ତି। ରୋଗୀଙ୍କ ରକ୍ତ ପରୀକ୍ଷାରୁ ସେମାନେ ଡେଙ୍ଗୁରେ ଅକ୍ରାନ୍ତ ବୋଲି ଜଣାପଡ଼ିଛି।

ପୂର୍ବରୁ ବାରମ୍ବାର ଗଣମାଧ୍ୟମରେ ଡେଙ୍ଗୁ ସମ୍ପର୍କିତ ଖବର ପ୍ରକାଶିତ ହୋଇଥିଲେ ମଧ୍ୟ କେହି ହେଲେ କର୍ଣ୍ଣପାତ କରୁ ନ ଥିଲେ। ବର୍ତ୍ତମାନ ସହରରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଯେଉଁଠି ଦେଖିବ ସେଠି ଟାୟାର ଭିତରେ ପାଣି, ରାସ୍ତାକଡ଼ରେ ପଚାଶଢ଼ା ପାଣି ଜମିବା ସହ ଅନାବନା ଗଛ, ଘାସଲଟା, କୁଢ଼କୁଢ଼ ଆବର୍ଜନା ଗଦାହୋଇ ରହୁଥିବା ବେଳେ ପ୍ରଶାସନର ତିଳେମାତ୍ର ନିଘା ନ ଥିଲା ଭଳି ମନେ ହେଉଛି। ଗ୍ରାମାଞ୍ଚଳ କଥା ଦୂରେ ଥାଉ ସହରାଞ୍ଚଳରେ ଡ୍ରେନ, ଖାଲଖମା, କୂଅ ଇତ୍ୟାଦିରେ ନା ପଡୁଛି ବ୍ଲିଚିଂ ପାଉଡର ନା ମଶାତେଲ। କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଦିନ ଥାଉଥାଉ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ମା' ଝିଅଙ୍କୁ ଲୁହା ପାଇପ୍‌ରେ ଆକ୍ରମଣ

ବଅଁରପାଳ,୨୦।୭ (ସମିସ): ଘର ତିଆରି କରିବାକୁ ନେଇ ବଅଁରପାଳ ଥାନା ନୂଆହତାରେ ଭିନ୍ନକ୍ଷମ ଝିଅ ଓ ମା'କୁ ପଡ଼ୋଶୀ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଗ୍ରାମର ଅନ୍ନପୂର୍ଣ୍ଣ ଗୋଚ୍ଛାୟତ ନିଜ ଘର ତିଆରି କରୁଥିବା ବେଳେ ପଡ଼ୋଶୀ ନେତ୍ରାନନ୍ଦ ଗୋଚ୍ଛାୟତଙ୍କ ପୁଅ ବୁନୁ ଗୋଚ୍ଛାୟତ ଓ ତାଙ୍କ ସ୍ତ୍ରୀ ଅର୍ଚ୍ଚନା ଗୋଚ୍ଛାୟତ ତାଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଅନ୍ନପୂର୍ଣ୍ଣ ଏହାର ବିରୋଧ କରିବାରୁ ଏକ ଲୁହା ପାଇପ୍‌ରେ ଆକ୍ରମଣ କରିଥିଲେ। ଏହା ଦେଖି ଅନ୍ନପୂର୍ଣ୍ଣାଙ୍କ ଭିନ୍ନକ୍ଷମ ଝିଅ ସୁନିତା ଆସି ମା'କୁ ଉଦ୍ଧାର କରିବାକୁ ଉଦ୍ୟମ କରିବା ସମୟରେ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଆକ୍ରମଣରେ ମା' ଝିଅ ଲହୁଲୁହାଣ ହୋଇଛନ୍ତି। ଏଥିସହ ଅଭିଯୁକ୍ତମାନେ ତାଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ତେଜରାତି ଦୋକାନରୁ ଚୋରି ଅଭିଯୋଗ

ବଅଁରପାଳ,୨୦।୭ (ସମିସ): ବଅଁରପାଳ ଥାନା ଭୋଗବେରେଣି ଗ୍ରାମର ଆରତୀ ନାଏକ (୪୮)ଙ୍କର କାଳୀବାଜାରରେ ଥିବା ତେଜରାତି ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶନିବାର ସକାଳେ ଆରତୀ ଦୋକାନକୁ ଆସିବା ବେଳେ ଦୋକାନରୁ ସାମଗ୍ରୀ ଚୋରି ହୋଇଥିବା ଦେଖିଥିଲେ। ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଦୋକାନରୁ ଡାଲି, ଚାଉଳ, ବିଭିନ୍ନ ବ୍ରାଣ୍ଡର ସୋରିଷ ତେଲ, ରିଫାଇନ ତେଲ, ଅଟା, ଅଣ୍ଡା ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୁଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

ପୁରୁଣାଗଡ଼ରୁ ଚୋରାକାଠ ଜବତ

ଅନୁଗୋଳ,୨୦।୭ (ସମିସ): ଶନିବାର ରାତି ପ୍ରାୟ ସାଢ଼େ ୮ଟାରେ ଅନୁଗୋଳ ରେଞ୍ଜ ପୁରୁଣାଗଡ଼ ସେକ୍ସନ ବନ ବିଭାଗ ଅଧିକାରୀ ଏବଂ ବନ୍ତଳା ପୁଲିସ ମିଳିତ ଭାବେ ରାତି ପାଟ୍ରୋଲିଂ କରୁଥିବା ସମୟରେ ପୁରୁଣାଗଡ଼ ଗାଁ ଭିତରେ କିଛି ଚୋରାକାଠ ଥିବା ସନ୍ଧାନ ପାଇଥିଲେ। ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ୮ଟି ଶାଗୁଆନ ପଟା (୧.୨୮୨ ସିଏଫ୍‌ଟି) ଏବଂ ୩୦ଟି ଗମ୍ଭାରୀ ପଟା (୪.୫୫୪ ସିଏଫ୍‌ଟି) ଜବତ କରିଛନ୍ତି। ଏହି କାଠ କିଏ ମହଜୁଦ ରଖିଥିଲା ତାହାର ଅନୁସନ୍ଧାନ ଜାରି ରହିଛି। ଋତୁପର୍ଣ୍ଣା ବିଶ୍ୱାଳ, ପ୍ରିୟତମା ସାହୁ, ଜୟସ୍ମିତା ସାହୁ, ବିଦ୍ୟାଧର ପ୍ରଧାନ, ପ୍ରଦୀପ କୁମାର ବେହେରା, ସିଦ୍ଧାନ୍ତ ଦାସ ପ୍ରମୁଖ ବନବିଭାଗ କର୍ମଚାରୀ ଚଢ଼ଉର ନେତୃତ୍ୱ ନେଇଥିଲେ।

● ଓପନ୍ ଜାତୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

ଅନୁଗୋଳ ଜିଲ୍ଲାକୁ ୨ ସ୍ୱର୍ଣ୍ଣ ସହ ୧୯ ପଦକ

ଅନୁଗୋଳ,୨୦।୭ (ସମିସ): ଜୁଲାଇ ୧୧ରୁ ୧୪ ପର୍ଯ୍ୟନ୍ତ ୫ମ ଓପନ୍ ଜାତୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା କୋଲକାତାର ଶିବପୁର ଘାଟରେ ଅନୁଷ୍ଠିତ ହେଉଛି। ଏଥିରେ ଅନୁଗୋଳ ଜିଲ୍ଲାର ୧୭ ଜଣ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିଥିଲେ। ଖେଳାଳିମାନେ ୨ ସ୍ୱର୍ଣ୍ଣ ସହ ୧୯ ପଦକ ହାସଲ କରି ଜିଲ୍ଲାର ଗୌରବ ବୃଦ୍ଧି କରିଛନ୍ତି। ଅନୁଗୋଳ ତାଏକ୍ୱୋଣ୍ଡୋ ସଂଘ ସମ୍ପାଦକ ଓ ପ୍ରତିଷ୍ଠାତା ଦୁଷ୍ୟନ୍ତ କୁମାର ନାଥ, ଜାତୀୟ ଖେଳାଳି ଶ୍ରୀୟାଶ୍ରୀ ପ୍ରଧାନ, ସ୍ୱାତି ସ୍ୱାଗତିକା ଦାସ, ରଶ୍ମିତା ଶର୍ମା ଖେଳାଳିମାନଙ୍କୁ ନେଇ କୋଲକାତା ଯାଇଥିଲେ। ଏହି ସଫଳତା ପାଇଁ ଅନୁଗୋଳ ଜିଲ୍ଲା ତାଏକ୍ୱୋଣ୍ଡୋ ସଂଘ ସଭାପତି ନୀଳମଣି ରାଉତ, ଉପସଭାପତି ଶକ୍ତି ପ୍ରସାଦ ପଟ୍ଟନାୟକ, ପର୍ଶୁରାମ ଦାସ, ଉପଦେଷ୍ଟା ଆଇନଜୀବୀ ପ୍ରଦୀପ କୁମାର ଦେବତା ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଖେଳାଳିମାନେ ମା' ବାସନ୍ତୀ ଦୁର୍ଗା ଖେଳପଡ଼ିଆରେ ଦୁଷ୍ୟନ୍ତ କୁମାର ନାଥଙ୍କଠାରୁ ପ୍ରଶିକ୍ଷଣ ନେଉଛନ୍ତି।

ସତ୍ୟସାଇ ସେବା ସମିତି ପକ୍ଷରୁ ରକ୍ତଦାନ ଶିବିର

୬୪ ୟୁନିଟ୍ ରକ୍ତ ସଂଗୃହୀତ

ତାଳଚେରସଦର,୨୦।୭ (ସମିସ): ତାଳଚେର ସତ୍ୟସାଇ ସେବାସମିତି ପକ୍ଷରୁ ତାଳଚେର ପୌରପରିଷଦ ଜଗନ୍ନାଥ ମନ୍ଦିର ନିକଟ ମ୍ୟୁନିସିପାଲିଟି ହାଇସ୍କୁଲରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ସକାଳ ୮ଟାରୁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ସତ୍ୟସାଇ ସେବାସମିତର ଆବାହକ କମଳଲୋଚନ ପତି, ପ୍ରତିଷ୍ଠାତା ପଙ୍କଜଲୋଚନ ପତି, ବିରଞ୍ଚିନାରାୟଣ ଦାସ, ଶକ୍ତିପ୍ରସାଦ ସାହୁ, ବାବୁଲି ନାଥ, ଅକ୍ଷୟ ମହାରଣା, ସୁଚିତ୍ରା ସାହୁ, ବିଷ୍ଣୁପ୍ରିୟା ପତି, ମାମାଲି ଦାସଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ତାଳଚେର ମଣ୍ଡାପାଳ ଡାକ୍ତରଖାନା ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ମୋଟ ୬୪ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି।

ହେମସୁରପଡ଼ା ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଚୟନ

ଅମରେଶ ସଭାପତି, ମନୋରଞ୍ଜନ ସାଧାରଣ ସମ୍ପାଦକ

ଅନୁଗୋଳ,୨୦।୭ (ସମିସ): ୨୦୨୫-୨୬ ବର୍ଷ ପାଇଁ ରବିବାର ହେମସୁରପଡ଼ା ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ହେମସୁରପଡ଼ା ଦୁର୍ଗାପୂଜା ମଣ୍ଡପରେ ଅନୁଷ୍ଠିତ ବୈଠକରେ ପ୍ରଥମେ ଗତବର୍ଷ ପୂଜାର ଆୟବ୍ୟୟ ଉପସ୍ଥାପନ କରଯାଇଥିଲା। ପରେ ଅସ୍ଥାୟୀ ସଭାପତି ଅଭିମନ୍ୟୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ଅମରେଶ ଚନ୍ଦ୍ର ସ୍ୱାଇଁ, ଉପସଭାପତି ଅଶୋକ ଦଳବେହେରା, କଲୋଳକାନ୍ତ ସାହୁ, ସାଧାରଣ ସମ୍ପାଦକ ମନୋରଞ୍ଜନ ଦାସ, ସହସମ୍ପାଦକ ଅଶ୍ୱିନୀ ଦଳବେହେରା, ସୁଜିତ କୁମାର ବେହେରା, ବିକାଶ ସୁବୁଦ୍ଧି, ସେକ ଗରିବୁଲା, ନୌସାଦ ଅଲ୍ଲୀ, ଦିବ୍ୟରଞ୍ଜନ ଦାସ, ରତନ କୁମାର ଜେନା ଓ କୋଷାଧ୍ୟକ୍ଷ ଭାବେ ପ୍ରଶାନ୍ତ କୁମାର ଦଳବେହେରାଙ୍କୁ ଚୟନ କରାଯାଇଛି। ଏଥିସହ ବ୍ରହ୍ମାନନ୍ଦ ସ୍ୱାଇଁ, ଅଭିମନ୍ୟୁ ସ୍ୱାଇଁ, ରିଆଜୁଦ୍ଦିନ ଅହମ୍ମଦ, ମୁନୁ ଭୋଇ, ଶୁଭ୍ରାଂଶୁ ପ୍ରଧାନଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ଚଳିତ ବର୍ଷ ଶାନ୍ତିଶୃଙ୍ଖଳା ସହିତ ଦୁର୍ଗାପୂଜା ଅନୁଷ୍ଠିତ ହେବ ବୋଲି ନୂତନ କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ହେମସୁରପଡ଼ା ଦୁର୍ଗାପୂଜା ୬୧ ବର୍ଷ ହେବ ଶାନ୍ତିଶୃଙ୍ଖଳାରେ ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ଦୁର୍ଗାପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭବ୍ୟ ରାବଣପୋଡ଼ି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂଜା ପାଇଁ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରଖାଯାଇଥିବା ସଭାପତି ସ୍ୱାଇଁ କହିଛନ୍ତି।

ହୃଦ୍‌ଘାତରେ ପୂର୍ବତନ ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

ପାଲଲହଡ଼ା,୨୦।୭ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଯୁବ ବିଜେପି ନେତା ଅଜିତ କୁମାର ପ୍ରଧାନଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ରାତିରେ ସେ ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତରେ ତାଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ସେ ଏକାଧାରରେ ଜଣେ ରାଜନେତା, ଅଭିନେତା ଏବଂ ସୁନାମଧନ୍ୟ କ୍ରୀଡ଼ାବିତ ଭାବେ ଜିଲ୍ଲା ତଥା ଜିଲ୍ଲା ବାହାରେ ବେଶ୍ ପରିଚିତ ଥିଲେ। ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ପାଲଲହଡ଼ା ବ୍ଲକ ଅଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇଥିଲେ। ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ପର୍କୀୟ ଭାଇ ଅଟନ୍ତି। ତାଙ୍କ ଦେହାନ୍ତ ଖବର ପ୍ରଚାରିତ ହେବା ପରେ ବିଧାୟକ ଅଶୋକ ମହାନ୍ତି, ପୂର୍ବତନ ବିଧାୟକ ମୁକେଶ ପାଲ, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାୟକଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ଥାନୀୟ ଉଦିତ ନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

ରୋଟାରୀ କ୍ଲବ ଅନୁଗୋଳର ଅଧିଷ୍ଠାନ ଦିବସ

ଅନୁଗୋଳ,୨୦।୭ (ସମିସ): ରୋଟାରୀ କ୍ଲବ ଅନୁଗୋଳର ୫୨ତମ ଅଧିଷ୍ଠାନ ଦିବସ ରୋଟାରୀ ପବ୍ଲିକ ସ୍କୁଲ ସଭାଗୃହରେ ଆୟୋଜିତ ହୋଇଛି। ଡିଜିଏନ୍ ରୋଟାରିଆନ ଇନ୍ଦ୍ରଜିତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ଲବର ନୂତନ କର୍ମକର୍ତ୍ତାଙ୍କୁ ଶପଥପାଠ କରାଇବା ସହ ସଭାପତି ସୁଜିତ କୁମାର ସାହୁ ଏବଂ ସମ୍ପାଦକ ସଇଲେନ ମିଶ୍ରଙ୍କୁ ପୂର୍ବତନ ସଭାପତି ସରୋଜ କୁମାର ସାହୁ ଏବଂ ତାଙ୍କ ଟିମ୍‌ଠାରୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ରୋଟାରୀ ବର୍ଷ ୨୦୨୫-୨୬ ପାଇଁ କ୍ଲବର ନୂତନ ସଭାପତି ଭାବେ ରୋଟାରିଆନ୍ ସୁଜିତ୍ କୁମାର ସାହୁ, ସମ୍ପାଦକ ସଇଲେନ୍ ମିଶ୍ର, ଉପସଭାପତି ଯଜ୍ଞେଶ୍ୱର ନାରାୟଣ ମିଶ୍ର, ଯୁଗ୍ମ ସମ୍ପାଦକ ଜ୍ୟୋତିର୍ମୟ ତ୍ରିପାଠୀ, କୋଷାଧ୍ୟକ୍ଷ ନିଖିଳ ରଞ୍ଜନ ମିଶ୍ର, ଡାଇରେକ୍ଟର ଆଡମିନ ଦିଲୀପ କୁମାର ସାହୁ, ମେମ୍ବରସିପ୍ ଚିଦାନନ୍ଦ ମିଶ୍ର, ସର୍ଭିସ ପ୍ରୋଜେକ୍ଟ ଅଭିଷେକ ପଟ୍ଟନାୟକ, ପବ୍ଲିକ ସର୍ଭିସ ସତ୍ୟବ୍ରତ ସ୍ୱାଇଁ, ଫାଉଣ୍ଡେସନ ଶୁଦ୍ଧିନ୍ଦ୍ର ମୋହନ ଜେନା, ସର୍ଜେଣ୍ଟ ଆଟ ଆର୍ମସ୍ ଉଲ୍ଲାସ ଚମ୍ପତିରାୟ, କ୍ଲବ ଟ୍ରେନର ଭାବେ ଡ. ଦୀପକ କୁମାର ସିଂହ ପ୍ରମୁଖ ଶପଥ ନେଇଥିଲେ। ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ଶ୍ରେଷ୍ଠତା ପ୍ରଦର୍ଶନ କରିଥିବା ୭ ଜଣଙ୍କୁ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହ ରୋଟାରୀ ପବ୍ଲିକ ସ୍କୁଲର ୨୦୨୫ ସିବିଏସଇ ବୋର୍ଡ ପରୀକ୍ଷାରେ ୯୫ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୧୧ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରୋଟାରୀ କ୍ଲବ ଅନୁଗୋଳର ସମସ୍ତ କାର୍ଯ୍ୟକ୍ରମ ଏବଂ ସଫଳତାର ସାରଥି ସାଜିଥିବା ୫ ଜଣ ବରିଷ୍ଠ କର୍ମକର୍ତ୍ତା ରୋଟାରିଆନ୍ ନିଖିଳ ରଞ୍ଜନ ମିଶ୍ର, ରୋଟାରିଆନ ନିର୍ମଳ କୁମାର ମିଶ୍ର, ରୋଟାରିଆନ ଶୁଦ୍ଧିନ୍ଦ୍ର ମୋହନ ଜେନା, ରୋଟାରିଆନ ଚିଦାନନ୍ଦ ମିଶ୍ର ଏବଂ ରୋଟାରିଆନ ଦୀପକ କୁମାର ସିଂହଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ଜଳଭଣ୍ଡାରରେ ବୁଡ଼ି ଯୁବକ ମୃତ

ଅନୁଗୋଳ,୨୦।୭ (ସମିସ): ଡେରଜାଙ୍ଗ ଜଳଭଣ୍ଡାରରେ ବୁଡ଼ି ରବିବାର ଅପରାହ୍ଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏକ କମ୍ପାନୀର କର୍ମଚାରୀ ଆର୍ଯ୍ୟାପୁଣ୍ୟ ଶ୍ଳୋକ (୨୪) ଅପରାହ୍ଣରେ ଡେରଜାଙ୍ଗ ଜଳଭଣ୍ଡାର ବୁଲିବାକୁ ଆସିଥିଲେ। ତେବେ ଅସାବଧାନତା ବଶତଃ ସେ ପାଣିରେ ଗଳି ପଡ଼ିଥିଲେ। ଅନୁଗୋଳ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପଠାଇଛି।

ସ୍ୱାଧୀନତା ସଂଗ୍ରାମୀଙ୍କ ତିରୋଧାନ ଦିବସ ପାଳିତ

କଣିହାଁ,୨୦।୭ (ସମିସ): କଣିହାଁ ବ୍ଲକ ବିଜିଗୋଳସ୍ଥିତ ଦାଶରଥି ପାଣି ସ୍ମୃତି ଟ୍ରଷ୍ଟ ଆନୁକୂଲ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଦାଶରଥି ପାଣିଙ୍କ ୧୧୪ତମ ତିରୋଧାନ ଦିବସ ପାଳିତ ହୋଇଛି। ସ୍ୱର୍ଗତ ପାଣିଙ୍କ ବିଜିଗୋଳସ୍ଥିତ ବାସଭବନରେ ଟ୍ରଷ୍ଟର ସଭାପତି ଦୁଃଶାସନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଶିଶୁ ସାହିତ୍ୟିକ ନିର୍ଭୟ କୁମାର ପାଣି, ସମାଜସେବୀ ଶିବପ୍ରସାଦ ରାଉତ, ଅବସରପ୍ରାପ୍ତ ଶିକ୍ଷକ ଭଗୀରଥି ପାଣି, ସଂଗ୍ରାମୀ ସ୍ୱର୍ଗତ ପାଣିଙ୍କ କନ୍ୟା ବୀଣାପାଣି ଧର, ସାମ୍ବାଦିକ ରଞ୍ଜନ ମିଶ୍ର, ହୃଷୀକେଶ ସାହୁ ପ୍ରମୁଖ ଯୋଗଦେଇ ସଂଗ୍ରାମୀଙ୍କ ଫଟୋଚିତ୍ରରେ ମଲ୍ୟାର୍ପଣ କରି ସ୍ମୃତିଚାରଣ କରିଥିଲେ। ଯୁବସମାଜ ଦାଶରଥିଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଦେଶ ତଥା ରାଜ୍ୟର ବିକାଶ ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଟ୍ରଷ୍ଟ ସମ୍ପାଦକ ତଥା ଦାଶରଥିଙ୍କ ନାତି ସ୍ମୃତିରଞ୍ଜନ ପାଣି ଓ କୋଷାଧ୍ୟକ୍ଷ ପିଣ୍ଟୁ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସଭ୍ୟ ସୁଧାଂଶୁ ସାହୁ ଅତିଥି ପରିଚୟ ଓ କୃଷ୍ଣଚନ୍ଦ୍ର ପାଣି ଧନ୍ୟବାଦ ଅର୍ପଣ କରିଥିଲେ। ସଭ୍ୟ ସୁମନ୍ତ ସାହୁ, ମୁରଲୀ ସାହୁ, ଟୁଲୁ ପାଣି, ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ସମେତ ବହୁ ବୁଦ୍ଧିଜୀବୀ ତଥା ସ୍ୱର୍ଗତ ପାଣିଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

ତାଳଚେର କଲେଜ ପୁରାତନ ଛାତ୍ରପରିଷଦ ବୈଠକ

ତାଳଚେରସଦର,୨୦।୭ (ସମିସ): ତାଳଚେର କଲେଜ ପୁରାତନ ଛାତ୍ରଛାତ୍ରୀଙ୍କ ବୈଠକ ରବିବାର କଲେଜ ପରିସରରେ ଅନୁଷ୍ଠିତ ହୋଇଛି। କଲେଜ ଅଧ୍ୟକ୍ଷ ମେଜର ସୁବ୍ରତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ପୂର୍ବତନ ଢେଙ୍କାନାଳ ସାଂସଦ ତଥା କଲେଜର ପୁରାତନ ଛାତ୍ର ମହେଶ ସାହୁ, ପର୍ଜଙ୍ଗ ବିଧାୟକ, ବିଭୂତି ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି, ଅନୁଗୋଳ ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ ପ୍ରଧାନଙ୍କ ସମେତ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଅଧ୍ୟକ୍ଷ ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରି ବୈଠକ ଉପରେ ସୂଚନା ପ୍ରଦାନ କରିବା ସହ କଲେଜର ଅଭାବ ଅସୁବିଧା ସମ୍ପର୍କରେ ଉଲ୍ଲେଖ କରିଥିଲେ। କଲେଜରେ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ପୂରଣ, ଅନ୍ୟୁନ ୧ ହଜାର ସିଟ୍ ବିଶିଷ୍ଟ ଅଡିଟରିଅମ ହଲ୍ ନିର୍ମାଣ, ଆବଶ୍ୟକ ଶ୍ରେଣୀଗୃହ, କଲେଜକୁ ଯାତାୟାତ କରିବାକୁ ଜାତୀୟ ରାଜପଥରେ ଖାଲଖମା ସହ ପ୍ରଚୁର ପ୍ରଦୂଷଣ ଓ ଗୁରୁତର ଟ୍ରାଫିକ ସମସ୍ୟା ଯୋଗୁଁ ଛାତ୍ରଛାତ୍ରୀଙ୍କ ଜୀବନପ୍ରତି ବିପଦ ସମ୍ପର୍କରେ ଉଲ୍ଲେଖ କରିଥିଲେ। ସେହିପରି କଲେଜରେ ବିଶ୍ୱସ୍ତରୀୟ ଲାଇବ୍ରେରୀ ସ୍ଥାପନ, ବାଳକ ଓ ବାଳିକା ହଷ୍ଟେଲ ନିର୍ମାଣ ସହ ଉନ୍ନତମାନର ଲାବରେଟରୀ ବ୍ୟବସ୍ଥା ଏବଂ କଲେଜରେ ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟର ଖୋଲିବା ଉପରେ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଅବସରରେ ପୁରାତନ ଛାତ୍ର ପରିଷଦ ସଭାପତି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା କଲେଜର ପୁରାତନ ଛାତ୍ର ଧର୍ମେନ୍ଦ୍ର ପ୍ରଧାନଙ୍କୁ ମନୋନୀତ କରାଯାଇଥିଲା। ସେହିପରି ପୂର୍ବତନ ସାଂସଦ ମହେଶ ସାହୁଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ମନୋନୀତ କରାଯାଇଥିଲା। ଇଂରାଜୀ ବିଭାଗ ଅଧ୍ୟାପକ ରୋହିତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟାପକ ଶଶାଙ୍କ ଶେଖର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ପୁରାତନ ଛାତ୍ର ପରିଷଦ ପାଇଁ ସଦାସର୍ବଦା ଚିନ୍ତା କରୁଥିବା ଅଧ୍ୟାପକ ସ୍ୱର୍ଗତ ନିମାଇଁଚରଣ ପ୍ରଧାନଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ ଶତାଧିକ ପୁରାତନ ଛାତ୍ରଛାତ୍ରୀ ଓ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ।

ଚାଷୀ ସୁରକ୍ଷା କମିଟିର କାର୍ଯ୍ୟକାରିଣୀ ବୈଠକ

ଚକବନ୍ଦୀ ଉଚ୍ଛେଦ ସମ୍ପର୍କରେ ଟାଳଟୁଳ ନୀତିକୁ ନେଇ କ୍ଷୋଭ

ଅନୁଗୋଳ,୨୦।୭ (ସମିସ)

ଅନୁଗୋଳ ଚାଷୀ ସୁରକ୍ଷା କମିଟିର ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଶିକ୍ଷକପଡ଼ା ନବକୃଷ୍ଣ ଚୌଧୁରୀ ସ୍ମୃତିପାଠାଗାରରେ ରବିବାର ଏକ ବୈଠକ ଅନୁଷ୍ଠିତ ହୋଇଛି। କମିଟି ସଭାପତି ପ୍ରଦୀପ କୁମାର ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ଜିଲ୍ଲାର ୯୨ଖଣ୍ଡ ଚକବନ୍ଦୀ ଅଧ୍ୟୁଷିତ ଗ୍ରାମଗୁଡ଼ିକରୁ ଚକବନ୍ଦୀ ଉଚ୍ଛେଦ ସମ୍ପର୍କରେ ସରକାରୀ ପଦକ୍ଷେପ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ପର୍ଯ୍ୟାୟରେ ସରକାରଙ୍କୁ ଚକବନ୍ଦୀ ଉଚ୍ଛେଦ ସମ୍ପର୍କରେ ଅବଗତ ଓ ଚାପ ପ୍ରୟୋଗ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ। ସରକାରଙ୍କ ଏହି ଟାଳଟୁଳ

ଚକବନ୍ଦୀ ଉଚ୍ଛେଦ ଦାବିରେ ଆନ୍ଦୋଳନ ତୀବ୍ର କରିବାକୁ ନିଷ୍ପତ୍ତି

ନୀତି ଯୋଗୁଁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ବର୍ତ୍ତମାନ ୩ୟ ଓ ୪ର୍ଥ ରେଳପଥ ଜମି ଅଧିଗ୍ରହଣକୁ ବିରୋଧ କରାଯାଇଥିଲା। ସରକାର ଉକ୍ତ ଅଞ୍ଚଳରେ ଜମିର ମାଲିକାନା ସତ୍ତ୍ୱ ଉପରେ କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ନ ନେଇ ୪୩ବର୍ଷ ହେଲା ଏହାକୁ ଝୁଲନ୍ତା ଅବସ୍ଥାରେ ରଖିଛନ୍ତି। ତେଣୁ ଜମିର କ୍ରୟ ବିକ୍ରୟ କ୍ଷେତ୍ରରେ ଏହା ପ୍ରତିବନ୍ଧକ ସୃଷ୍ଟି କରୁଛି। ଅଧିକନ୍ତୁ ଚକ ଅଧ୍ୟୁଷିତ ଅଞ୍ଚଳରେ ହେଉଥିବା ଜମି ଅଧିଗ୍ରହଣ ବେଳେ ଜମି ମାଲିକମାନଙ୍କୁ ଉଚିତ୍ ମୂଲ୍ୟ ଦିଆଯାଉନାହିଁ। କାରଣ ଦୀର୍ଘ ବର୍ଷ ହେଲା ଏଠାରେ କୌଣସି ଜମି କ୍ରୟ ବିକ୍ରୟ ମୂଲ୍ୟାୟନ ପ୍ରମାଣ ନାହିଁ। ଏକକ ତହସିଲରେ ସର୍ବୋଚ୍ଚ ମୂଲ୍ୟ ପ୍ରଜାଙ୍କୁ କ୍ଷତିପୂରଣ ଦିଆଯିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ତେଣୁ ଚାଷୀ ସୁରକ୍ଷା କମିଟି ଚକବନ୍ଦୀକୁ ଉଚ୍ଛେଦ ଦାବିରେ ଆନ୍ଦୋଳନକୁ ତୀବ୍ର କରିବା ପାଇଁ ଜନଜାଗରଣ ସୃଷ୍ଟି କରିବାକୁ ବୈଠକରେ ସର୍ବସମ୍ମତିକ୍ରମେ ମତ ପ୍ରକାଶ ପାଇଛି। ବୈଠକରେ ସମ୍ପାଦକ ହେମନ୍ତ କୁମାର ଦାସ ସରକାରଙ୍କ ରାଜସ୍ୱ ବିଭାଗ ସହ ଯୋଗାଯୋଗ ରଖିଥିବା ବିଷୟରେ ଅବଗତ କରିଥିଲେ। କାଳୀଚରଣ ପ୍ରଧାନ, ଅନନ୍ତ ସାହୁ, ଅଭୟ ସାହୁ, ଯୁଗଳ ନାଥ, ରବୀନ୍ଦ୍ର ଧର, ଦୁର୍ଯ୍ୟୋଧନ କର, ଅର୍ଜ୍ଜୁନ ମାଝୀ, ହର୍ଷବର୍ଦ୍ଧନ ସାହୁ, ସର୍ବେଶ୍ୱର ବେହେରା, ବ୍ରଜବନ୍ଧୁ ସାହୁ, ରବି ସାହୁ, ବିଶ୍ୱଜିତ ପ୍ରଧାନ, ଭଜମନ ସାହୁ, ପ୍ରଦୀପ ନାଥ, ସ୍ୱାଗତିକା ନାଥ ଓ ହାଡ଼ିବନ୍ଧୁ ପ୍ରଧାନ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। କମିଟି ସଭ୍ୟ ପୁରୁଣାଗଡ଼ର ଶେଷଦେବ ଡାଙ୍ଗଙ୍କ ଦେହାନ୍ତ ହେତୁ ତାଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା।

ଉଠିଲାନି ଧାନତଳି; ଚିନ୍ତାରେ ଚାଷୀ

ଖଜୁରିଆକଟା, ୨୦।୭(ସମିସ): ହିନ୍ଦୋଳ ଉପଖଣ୍ଡରେ ପ୍ରାୟ ୫୦ ପ୍ରତିଶତରୁ ଅଧିକ ଚାଷଜମି ପଡ଼ିଆ ପଡ଼ିଛି। କମ୍ ବର୍ଷା, ଉଠା ଜଳସେଚନ ସମସ୍ୟା, ଜଙ୍ଗଲୀ ହାତୀ, ବାରହା, ମାଙ୍କଡ଼, ଷଣ୍ଢଙ୍କ ଉପଦ୍ରବ ଯୋଗୁଁ ଚାଷକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ଚଳିତବର୍ଷ ହିନ୍ଦୋଳ ବ୍ଲକ ରଞ୍ଜାଗୋଳ ପଞ୍ଚାୟତ ବାଲିମି ଗ୍ରାମର ଚାଷୀ ଶ୍ରୀନିବାସ ଜେନାମଣି, ବିଭୂତି ଜେନାମଣି, ଚନ୍ଦ୍ରଶେଖର ଜେନାମଣି, ଦିଲୀପ ଜେନାମଣି, ମିଛୁ ଦେହୁରୀ, ରସାନନ୍ଦ ବେହେରା ପ୍ରମୁଖ ରଞ୍ଜାଗୋଳ ସମବାୟ ସମିତିରୁ କଳାଚମ୍ପା ନାମକ ଧାନ ବିହନ ଆଣି ତଳି ପକାଇଥିଲେ। ହେଲେ ଗୋଟିଏ ବି ଧାନ ଗଜା ହୋଇ ହୋଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ଚାଷୀମାନେ ଜମି ପ୍ରସ୍ତୁତ କରି ରଖିଥିବା ତଳି ନ ଥିବାରୁ ଚିନ୍ତାରେ ପଡ଼ିଛନ୍ତି। ଜୁଲାଇ ମାସ ଶେଷ ହେବାକୁ ବସିଥିବା ବେଳେ ସମବାୟ ସମିତିରେ ପର୍ଯ୍ୟାପ୍ତ ଧାନ ବିହନ ଓ ରାସାୟନିକ ସାର ଅଭାବ ଯୋଗୁଁ ଏହି ସମିତି ଅଧୀନରେ ଥିବା ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପ୍ରତି କୃଷି ବିଭାଗ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

ପାଟନା ଏମ୍ସରେ ଡାକ୍ତରୀ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ଢେଙ୍କାନାଳ/ଗଁଦିଆ, ୨୦।୭(ସମିସ)

- ହତ୍ୟା ଅଭିଯୋଗ ଆଣିଲେ ମାଆ
- ଶବ ଫେରାଇ ଆଣିବାକୁ ନିବେଦନ

ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ନିହଲପ୍ରସାଦ ଥାନା ବୈଦ୍ୟକାଟେଣୀ ଗ୍ରାମରେ ଜଣେ ଛାତ୍ର ବିହାର ପାଟନା ଏମ୍ସରେ ଡାକ୍ତରୀ ପାଠ ପଢୁଥିବା ବେଳେ ସେଠାରେ ତାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ତେବେ ପୁଅକୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତଦେହ ଫେରାଇ ଆଣିବା ଏବଂ ଉପଯୁକ୍ତ ତଦନ୍ତ କରିବା ପାଇଁ ଦାବି କରିଛନ୍ତି।

ବୈଦ୍ୟକାଟେଣୀ ଗ୍ରାମର ଯାଦବେନ୍ଦ୍ର ସାହୁ ପାଟନା ଏମ୍ସରେ ପିଜି ପ୍ରଥମ ବର୍ଷ ଡାକ୍ତରୀ ଛାତ୍ର ଭାବେ ଶିକ୍ଷାଲାଭ କରୁଥିଲେ। ତେବେ ସେ ରହୁଥିବା ରୁମରୁ ତାଙ୍କ ମୃତଦେହ ମିଳିଥିଲା। ତେବେ ଯାଦବେନ୍ଦ୍ର ଆତ୍ମହତ୍ୟା କରିଥିବା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି। ଅନ୍ୟପଟେ ପୁଅର ମୃତ୍ୟୁ ଖବର ପାଇ ମାଆ ସୀତାରାଣୀ ସାହୁ ସେଠାରେ ପହଞ୍ଚି ମୃତଦେହ ଆଣିବାକୁ ଚାହୁଁଥିବା ବେଳେ ମେଡିକାଲ କର୍ତ୍ତୃପକ୍ଷ ମୃତଦେହ ଦେବାକୁ ରାଜି ହେଉ ନ ଥିବା ଅଭିଯୋଗ କରିଛନ୍ତି। ପୂର୍ବତନ ବିଧାୟକ ନବୀନ ନନ୍ଦ ପରିବାରକୁ ମୃତଦେହ ହସ୍ତାନ୍ତର କରିବା ସହ ଘଟଣାର ଉପଯୁକ୍ତ ତଦନ୍ତ କରିବାକୁ ଦାବି କରିଛନ୍ତି। ଏ ଦିଗରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କ ସହ ରାଜ୍ୟ ସରକାର ହସ୍ତକ୍ଷେପ କରି ଉପଯୁକ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି।

ବଜ୍ରପାତରେ ୬ ଗୋରୁ ମୃତ

ପରଜଙ୍ଗ, ୨୦।୭(ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ କୁଆଁଲୁ ପଞ୍ଚାୟତ ନୟାକୁଆଁଲୁ ଗ୍ରାମରେ ଶନିବାର ଅପରାହ୍ଣରେ ବଜ୍ରପାତ ଘଟି ୬ ଗୋରୁଙ୍କ ମୃତ୍ୟୁ ଘଟିଛି। ନୟାକୁଆଁଲୁ ଗ୍ରାମର ବିନୟ କୁମାର ସାହୁ, ଚକ୍ରଧର ସାହୁ ଓ ଅନ୍ୟ କେତେକ ବ୍ୟକ୍ତିଙ୍କ ଗୋରୁମାନେ ଶନିବାର ଚରିବାକୁ ଯାଇଥିଲେ। ତେବେ ଅପରାହ୍ଣ ପ୍ରାୟ ୫ଟାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାରୁ ସେମାନେ ସାପ୍ତାହିକ ହାଟ ପଡ଼ିଆ ପାଖରେ ଥିବା ଆମ୍ବଗଛ ଓ ବାଉଁଶ ବୁଦା ମୂଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ବାଉଁଶବୁଦା ଉପରେ ବଜ୍ରପାତ ହେବାରୁ ବିନୟଙ୍କ ୩ଟି ଗାଈ, ଚକ୍ରଧରଙ୍କ ୨ଟି ଗାଈ ଓ ଏକ ଷଣ୍ଢର ମୃତ୍ୟୁ ହୋଇଥିଲା। ରବିବାର ସକାଳେ ପରଜଙ୍ଗ ପ୍ରାଣୀ ଚିକିତ୍ସାଳୟର ଡା. ତାପସ କୁମାର ପ୍ରଧାନ ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ପରେ ଜେସିବି ମେସିନ ସାହାଯ୍ୟରେ ଗୋରୁଙ୍କ ମୃତଦେହ ଅନ୍ୟତ୍ର ନିଆଯାଇ ପୋତି ଦିଆଯାଇଛି। ମୃତ ଗୋରୁଙ୍କ ମାଲିକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ନେସ୍‌ଲେ କମ୍ପାନୀ ଗୋଦାମରୁ ୧୧ ଲକ୍ଷର ସାମଗ୍ରୀ ଚୋରି

ଢେଙ୍କାନାଳ, ୨୦।୭(ସମିସ): ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ଦକ୍ଷିଣକାଳୀ ବାଇପାସରେ ଥିବା ନେସ୍‌ଲେ ଗୋଦାମର ସଟର କାଟି ଶନିବାର ରାତିରେ ଦୁର୍ବୃତ୍ତମାନେ ୧୧ ଲକ୍ଷ ଟଙ୍କାର ସାମଗ୍ରୀ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ଗୋଦାମ ମାଲିକ ସହରର ପ୍ରବୀଣ କୁମାର ଅଗ୍ରୱାଲା ଥାନାରେ ଅଭିଯୋଗ କରିବା ପରେ ପୁଲିସ ଓ ସାଇଣ୍ଟିଫିକ ଟିମ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆରମ୍ଭ କରିଛନ୍ତି। ଦୁର୍ବୃତ୍ତମାନେ ଏକ ପିକଅପ ଭ୍ୟାନରେ ସାମଗ୍ରୀ ନେଇଯାଇଥିବା ସିସିଟିଭି ଫୁଟେଜରୁ ଜଣାପଡ଼ିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ତେବେ ପୁଲିସର ରାତି ପାଟ୍ରୋଲିଂ ନ ଥିବାରୁ ବାରମ୍ବାର ଚୋରି ହେଉଥିବା ଅଭିଯୋଗ ହୋଇଛି।

ଗଁଦିଆ ଜେଏମ୍‌ଏଫ୍‌ସି କୋର୍ଟର ପ୍ରତିଷ୍ଠା ଦିବସ

ଗଁଦିଆ, ୨୦।୭(ସମିସ): ଗଁଦିଆ ଜେଏମଏଫସି କୋର୍ଟର ୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ବାର୍ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓକିଲ ସଙ୍ଘ ସଭାପତି ପ୍ରଦୀପ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସାମ୍ମାନିତ ଅତିଥି ଭାବେ କ୍ୟାଡର ଏପିପି ଶାଶ୍ୱତ କୁମାର ଜେନା ଯୋଗଦେଇଥିଲେ। ମୁଖ୍ୟଅତିଥି ସାହୁ ଉପସ୍ଥିତ ସମସ୍ତ ଆଇନଜୀବୀଙ୍କୁ ଅଭିନନ୍ଦନ ଜଣାଇବା ସହ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏଠାକୁ ଆସୁଥିବା ସମସ୍ତ ଜନସାଧାରଣଙ୍କୁ ସୁବିଧାରେ ସମସ୍ତ ସେବା ପ୍ରଦାନ ନିମନ୍ତେ ଆଇନଜୀବୀମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଏପିପି ବିଶ୍ୱନାଥ ନାୟକ, ମହେନ୍ଦ୍ର କୁମାର ସାହୁ, ହେମନ୍ତ କୁମାର ନାୟକ, ମାନସ କୁମାର ସାହୁ, କିଶୋ ନାୟକ, ଜୟକୃଷ ସାହୁ, ସନ୍ତୋଷ କୁମାର ସାହୁ, ପ୍ରକାଶ କୁମାର ମିଶ୍ର, ଅବନୀ ମୋହନ ସାହୁ, ଆଶୀର୍ବାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

● ଶ୍ରାବଣର ଦ୍ୱିତୀୟ ସୋମବାର

କପିଳାସ ଶୈବପୀଠ ଅଭିମୁଖେ କାଉଡ଼ିଆ

ଗଁଦିଆ, ୨୦।୭(ସମିସ): ଶ୍ରାବଣ ମାସ ଦ୍ୱିତୀୟ ସୋମବାର ଜଳଲାଗି ପାଇଁ କାଉଡ଼ିଆମାନେ ବିଭିନ୍ନ ଶୈବପୀଠ ଅଭିମୁଖେ ଯାତ୍ରା କରିଛନ୍ତି। ଶହ ଶହ କାଉଡ଼ିଆ ରବିବାର ବିଭିନ୍ନ ନଦୀ କୂଳରେ ପୂଜାର୍ଚ୍ଚନା କରି ପାଣିଭାର ଉଠାଇ ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ ଶୈବପୀଠ କପିଳାସର ବାବା ଚନ୍ଦ୍ରଶେଖରଜୀଉ, କରମୂଳ ଦୌଡ଼େଶ୍ୱର, ନଗେନାସ୍ଥିତ ନାଗନାଥେଶ୍ୱର, ଭୋଳେଶ୍ୱର ଉନ୍ନକୋଟିଶ୍ୱର ଆଦି ଶୈବପୀଠ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ କାଉଡ଼ିଆ କପିଳାସମୁହାଁ ହୋଇଛନ୍ତି। ଢେଙ୍କାନାଳ-କପିଳାସ ରାସ୍ତାରେ କାଉଡ଼ିଆମାନେ ପାଦରେ ଚାଲି ଚାଲି ଯାଉଥିବା ବେଳେ ଅପରପାର୍ଶ୍ୱ ଯାଜପୁର, ଭୁବନ, ଚଣ୍ଡିଖୋଲରୁ ନିହଲପ୍ରସାଦ ଦେଇ ହଜାର ହଜାର ଶ୍ରଦ୍ଧାଳୁ କପିଳାସ ପୀଠକୁ ଆସୁଛନ୍ତି। ସନ୍ଧ୍ୟା ସୁଦ୍ଧା କପିଳାସ ପୀଠ ଉପରେ ଓ ପାହାଚ ତଳେ ପ୍ରାୟ ୭୦ ହଜାର ଭକ୍ତଙ୍କ ସମାଗମ ହୋଇସାରିଲାଣି। ରାତରେ ଏହି ସଂଖ୍ୟା ଆହୁରି ବୃଦ୍ଧି ପାଇବା ସମ୍ଭାବନା ରହିଛି। କାଉଡ଼ିଆମାନେ ଯେପରି ଶୃଙ୍ଖଳିତ ଭାବେ ଜଳାଭିଷେକ କରିପାରିବେ ସେଥିପ୍ରତି ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କପିଳାସ ପୀଠରେ ୭ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଛି।

୧୪ ବର୍ଷରେ ଇଲେଇଜଙ୍ଗ ବୋଲବମ ସେବା

ଗଁଦିଆ, ୨୦।୭(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଇଲେଇଜଙ୍ଗ ଗ୍ରାମରେ ବୋଲବମ ଭକ୍ତଙ୍କ ପାଇଁ ନିଃଶୁଳ୍କ ପ୍ରସାଦ ସେବା ଆୟୋଜନ କରାଯାଇଛି। ଇଲେଇଜଙ୍ଗର ପୂର୍ବତନ ସଭାପତି ସ୍ୱର୍ଗତ ରଞ୍ଜନ କୁମାର ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀଙ୍କ ସହଯୋଗରେ ୨୦୧୨ରେ ଆରମ୍ଭ ହୋଇଥିବା ଏହି ସେବା ଚଳିତବର୍ଷ ୧୪ତମ ବର୍ଷରେ ପଦାର୍ପଣ କରିଛି। ୨୦୨୧ରେ ରଞ୍ଜନଙ୍କ ଦେହାନ୍ତ ପରେ ଇଲେଇଜଙ୍ଗର ତତ୍କାଳୀନ ସଭାପତି ବିଜୟ କୁମାର ସାହୁ ଦାୟିତ୍ୱ ଗ୍ରହଣ କରି ସମ୍ପାଦକ ବିକାଶ କୁମାର ସାହୁ ଓ ଗ୍ରାମର ଯୁବଗୋଷ୍ଠୀଙ୍କ ସହଯୋଗରେ ଏହି କାର୍ଯ୍ୟ ଜାରି ରଖିଛନ୍ତି। ପ୍ରତିବର୍ଷ ଶ୍ରାବଣ ମାସର ପ୍ରତ୍ୟେକ ରବିବାର ପ୍ରାୟ ୪୦୦୦ରୁ ୫୦୦୦ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ସହ ନିଃଶୁଳ୍କ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଉଛି। ଗ୍ରାମର ପ୍ରକାଶ କୁମାର ସାହୁ, ବସନ୍ତ କୁମାର ସାହୁ, ଈଶ୍ୱର ସାହୁ ସମସ୍ତଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରନ୍ତି। ସତ୍ୟପ୍ରସନ୍ନ ସାହୁ କାର୍ଯ୍ୟନିର୍ବାହ କରୁଥିବା ବେଳେ ଗ୍ରାମବାସୀ ସହଯୋଗ କରୁଛନ୍ତି।

ଜିଲ୍ଲାରେ ପ୍ରଥମ ଘରୋଇ ମାଛ ଯାଆଁଳ କେନ୍ଦ୍ର

ଗଁଦିଆ, ୨୦।୭(ସମିସ): ଗଁଦିଆ ବ୍ଲକ କାଲୁରିଆ ପଞ୍ଚାୟତ କେନ୍ଦୁପଡ଼ା ଗ୍ରାମର କ୍ଷୀରୋଦ ଚନ୍ଦ୍ର ସାମଲ ଦୀର୍ଘବର୍ଷ ଧରି ନିଜ ପୋଖରୀରେ ମାଛଚାଷ କରି ସଫଳତା ହାସଲ କରିଛନ୍ତି। ଚଳିତ ବର୍ଷ ଅତ୍ୟାଧୁନିକ ପଦ୍ଧତିରେ ସେ ଏକ ମାଛ ଯାଆଁଳ କେନ୍ଦ୍ର ପ୍ରସ୍ତୁତ କରିଛନ୍ତି। ରୋହି, ଭାକୁର, ମିରିକାଳୀ, ଗ୍ରାସ୍କ କ୍ୟାପ ଓ ଅନ୍ୟାନ୍ୟ ଯାଆଁଳ ପ୍ରସ୍ତୁତ କରୁଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ବଡ ପୁରୁଷ ଓ ମହିଳା ମାଛ ସଂଗ୍ରହ କରି ଏକ କୁଣ୍ଡରେ ରାତିସାରା ରଖି ବ୍ରିଡ୍ ସଂଗ୍ରହ କରି ୪ଟି କୁଣ୍ଡରେ ଛାଡ଼ିଦିଆଯାଏ। ୨ଦିନ ଭିତରେ ଛୋଟ ଛୋଟ ଯାଆଁଳରେ ପରିଣତ ହେଇଯାଏ। କ୍ଷୀରୋଦଙ୍କର ସତଟି ପୋଖରୀ ଅଛି। ବିଭିନ୍ନ ସମୟରେ ସରକାରଙ୍କ ତରଫରୁ ଅନ୍ୟ ରାଜ୍ୟଙ୍କୁ ଯାଇ ତାଲିମ ନେଇଛନ୍ତି। ଜିଲ୍ଲା ଓ ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ମାନିତ ହେଉଛନ୍ତି। ଜିଲ୍ଲାରେ ପ୍ରଥମ ଥର ସେ ଘରୋଇ ମାଛ ଯାଆଁଳ ପ୍ରସ୍ତୁତ କେନ୍ଦ୍ର କରିଛନ୍ତି। ଏଣିକି ଜିଲ୍ଲାର ମାଛଚାଷୀମାନେ ଯାଆଁଳ ପାଇଁ ଅନ୍ୟ ଜିଲ୍ଲା ଉପରେ ନିର୍ଭର କରି ଖର୍ଚ୍ଚାନ୍ତ ହେବାକୁ ପଡ଼ିବ ନାହିଁ ବୋଲି ସେ କହିଛନ୍ତି।

ସରସ୍ୱତୀ ସଂସ୍କାର କେନ୍ଦ୍ରର ଶୁଭାରମ୍ଭ

ଯୋରନ୍ଦା, ୨୦।୭(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଯୋରନ୍ଦା ପଞ୍ଚାୟତ ଆତିଣ୍ଡା ଗ୍ରାମରେ ଯୋରନ୍ଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଆନୁକୂଲ୍ୟରେ ସରସ୍ୱତୀ ସଂସ୍କାର କେନ୍ଦ୍ର ଉଦଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ପ୍ରାନ୍ତ ସଂସ୍କାର କେନ୍ଦ୍ର ସଂଯୋଜକ ନରୋତ୍ତମ ମିଶ୍ର ଯୋଗଦେଇ ଶିକ୍ଷା ବିକାଶ ସମିତିର ମହତ ଉଦ୍ଦେଶ୍ୟ ଓ ରାଷ୍ଟ୍ରୀୟ ଶିକ୍ଷା ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ମୁଖ୍ୟବକ୍ତା ଭାବେ ଯୋରନ୍ଦା ଶିଶୁମନ୍ଦିର ପ୍ରଶାସନିକ ଅଧିକାରୀ ମନମୋହନ ତ୍ରିପାଠୀ ଯୋଗଦେଇ ଗ୍ରାମାଞ୍ଚଳରେ ଉତ୍ତମ ଶିକ୍ଷାରୁ ବଞ୍ଚିତ ଅବହେଳିତ ଶିଶୁମାନଙ୍କୁ ମାଗଣାରେ ଶିକ୍ଷାଦାନ ଓ ସେମାନଙ୍କ ମଧ୍ୟରେ ରାଷ୍ଟ୍ରୀୟ ଭାବନା, ଦେଶପ୍ରେମ ଜାଗ୍ରତ କରି ଉତ୍ତମ ନାଗରିକ ଭାବେ ଗଢ଼ିତୋଳିବା ପାଇଁ ବିଦ୍ୟାଭାରତୀ ପକ୍ଷରୁ ପ୍ରୟାସ ଜାରି ରହିଥିବା କହିଥିଲେ। ସମ୍ମାନିତ ଅତିଥି ଭାବେ କମିଟି ସଭ୍ୟ ଧର୍ମାନନ୍ଦ ରାଉତ ଓ ଗ୍ରାମର ଚୈତନ୍ୟ ଦେହୁରୀ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟା ସବିତା ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ସଂସ୍କାର କେନ୍ଦ୍ର ଆଚାର୍ଯ୍ୟ ବିଚିତ୍ରାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ୩୦ ଜଣ ଛାତ୍ରଛାତ୍ରୀ, ଅଭିଭାବକ ଓ ଆଚାର୍ଯ୍ୟ ଆଚାର୍ଯ୍ୟା ଉପସ୍ଥିତ ଥିଲେ।

ଭାଲୁମୁଣ୍ଡାରେ ବନ ମହୋତ୍ସବ, ଚାରାରୋପଣ

କାମାକ୍ଷାନଗର, ୨୦।୭(ସମିସ): ଢେଙ୍କାନାଳ ବନଖଣ୍ଡ ମହାବିରୋଡ୍ ରେଞ୍ଜ ଦଶୀପୁର ପଞ୍ଚାୟତ ଭାଲୁମୁଣ୍ଡା ଗ୍ରାମରେ ବନ ମହୋତ୍ସବ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମହାବିରୋଡ୍ ରେଞ୍ଜ ଅଧିକାରୀ ହରେଶ ଚନ୍ଦ୍ର କିଷାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ) ସଞ୍ଜୟ କୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତେ ଗୋଟିଏ ଲେଖାଏଁ ଚାରାରୋପଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଚଳିତବର୍ଷ ଢେଙ୍କାନାଳ ବନଖଣ୍ଡରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଚାରାରୋପଣ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ଗଡ଼ପଳାଶୁଣି ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଦୁର୍ଯ୍ୟୋଧନ ବେହେରା ଯୋଗଦେଇ ଜୀବଜଗତ ଓ ମାନବ ସମାଜକୁ ରକ୍ଷା କରିବା ପାଇଁ ଅଧିକରୁ ଅଧିକ ଚାରାରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫ କୁଞ୍ଜବିହାରୀ ନାୟକ, କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପାତ୍ର, ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର ସାହୁ, ପଡ଼ାତିରା ସରପଞ୍ଚ କରୁଣାକର ସାହୁ, କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ଉପଦେଷ୍ଟା ତଥା ପୂର୍ବତନ ସରପଞ୍ଚ ଦିବ୍ୟସିଂହ ଦେହୁରୀ, ମହାବିରୋଡ୍ ମଣ୍ଡଳ ବିଜେପି ସଭାପତି ଜିତେନ୍ଦ୍ର କର, ଭାଲୁମୁଣ୍ଡା ବନ ସୁରକ୍ଷା ସମିତି ସଭାପତି ମୋତିଲାଲ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭାଲୁମୁଣ୍ଡାରୁ ଗଡ଼ପଳାଶୁଣି ପର୍ଯ୍ୟନ୍ତ ୩ କିମି ରାସ୍ତାର ଉଭୟ ପାର୍ଶ୍ୱରେ ୧୫୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା।

ତ୍ରୟୋଦଶ ଶତାବ୍ଦୀର ପ୍ରାଚୀନ ଶୈବପୀଠ

ସ୍ୱପ୍ନାଦିଷ୍ଟ ହୋଇଥିବାରୁ ଶ୍ରୀସ୍ୱପ୍ନେଶ୍ୱର ମନ୍ଦିର

ଢେଙ୍କାନାଳ, ୨୦।୭(ସମିସ)

ଗଁଦିଆ ବ୍ଲକ ପୋରୁହଖୋଜ ପଞ୍ଚାୟତ ବଣିଆପଡ଼ା ଗ୍ରାମରେ ଅବସ୍ଥିତ ତ୍ରୟୋଦଶ ଶତାବ୍ଦୀର ପ୍ରାଚୀନ ଶୈବପୀଠ ଶ୍ରୀସ୍ୱପ୍ନେଶ୍ୱର ମନ୍ଦିରରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୨୭ତମ ସଂସ୍କରଣ ଅନୁଷ୍ଠିତ ହୋଇଛି। ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ପଦଯାତ୍ରୀମାନେ ପହଞ୍ଚିବା ପରେ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ସେମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ମନ୍ଦିର ପରିସରରେ ଗ୍ରାମବାସୀ ଓ ପଦଯାତ୍ରୀଙ୍କ ମଧ୍ୟରେ ପରିଚୟ ଆଦାନ ପ୍ରଦାନ ପରେ ଏକ ଅଣଆନୁଷ୍ଠାନିକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ଯୁବନେତା ମଳୟ ସିଂହ ମନ୍ଦିରର ପ୍ରତିଷ୍ଠା, ଇତିହାସ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଏହି ସୁଦୃଶ୍ୟ ମନ୍ଦିର କପିଳାସ ମନ୍ଦିରର ପ୍ରାୟ ସମସାମୟିକ ହୋଇଥିଲେ ମଧ୍ୟ ପ୍ରଚାର ପ୍ରସାର ଅଭାବରୁ ଦୃଷ୍ଟି ଆଢୁଆଳରେ ରହିଯାଇଛି। ଦ୍ୱାଦଶ ଶତାବ୍ଦୀ ବେଳକୁ ବଣିଆପଡ଼ା ବିସ ଓ ସ୍ଥାନୀୟ ଧୀର ସାଙ୍ଗିଆଧାରୀ ଶାସକମାନେ ଏହି ଅଞ୍ଚଳକୁ ଶାସନ କରୁଥିଲେ। ସେମାନେ ସମସ୍ତେ ଶୈବ ଥିବାରୁ ଏଠାରେ ପ୍ରାଚୀନ କାଳରୁ ଏହି ଶୈବପୀଠ ସ୍ଥାପନ କରିଥିଲେ ବୋଲି ସିଂହ ମତ ଦେଇଥିଲେ। ଇତିହାସ ତଥା ସଂସ୍କୃତି ଗବେଷକ ରାଜେନ୍ଦ୍ର କୁମାର ସିଂହ ମନ୍ଦିରର ନିର୍ମାଣଶୈଳୀ ଓ ବିଶେଷତ୍ୱ ସମ୍ପର୍କରେ ସୂଚନା ଦେଇ ଏହା ୧୨୬୮ ଖ୍ରୀଷ୍ଟାବ୍ଦରେ ତତ୍କାଳୀନ ଶାସକ ରାଜା ଗଙ୍ଗାଧର ଧୀରଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିଲା ବୋଲି କହିଥିଲେ। ଏଠାରେ ଶିବ ସ୍ୱୟଂଭୁ ଓ ଗୋଖୁରାକୃତି। ମନ୍ଦିର ପରିସରରେ ପାର୍ବତୀଙ୍କ ପାଇଁ ସ୍ୱତନ୍ତ୍ର ମନ୍ଦିର ନ ଥିଲେ ମଧ୍ୟ ଉତ୍ତର ବାଡ଼ରେ ପାର୍ଶ୍ୱ ଦେବୀ ଭାବେ ସ୍ୱତନ୍ତ୍ର ରୂପେ ପୂଜା ପାଉଛନ୍ତି। ମନ୍ଦିର ପଶ୍ଚିମ ବାଡ଼ରେ ପାର୍ଶ୍ୱ ଦେବତା କାର୍ତ୍ତିକେୟଙ୍କ ଉପରକୁ ମା' ଚଣ୍ଡୀ ବିରାଜମାନ କରିଛନ୍ତି। ଏହି ଚଣ୍ଡୀ ହିଁ ପୀଠର ରକ୍ଷାକର୍ତ୍ତ୍ରୀ ଭାବେ ପୂଜିତ ହେଉଛନ୍ତି। ଏହା ହରିହର ପୀଠ ଭାବେ ପରିଚିତ। ଏଠାରେ ହରି ଭାବେ ସ୍ୱୟଂ ଜଗନ୍ନାଥ ଆରମ୍ଭରୁ ପୂଜା ପାଇ ଆସୁଛନ୍ତି ବୋଲି ସିଂହ କହିଥିଲେ। ଦେବୋତ୍ତର ଓ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିବା ଏହି ମନ୍ଦିରର ଠିକ୍ ସମ୍ମୁଖରେ ଦଶଖମ୍ବ ବିଶିଷ୍ଟ ଏକ ଭୋଗ ମଣ୍ଡପ ରହିଛି। ସମଗ୍ର ମନ୍ଦିର ଓ ଖମ୍ବଗୁଡ଼ିକ ବଉଳମାଳିଆ ପଥରରେ ନିର୍ମିତ। ଉତ୍କଳୀୟ ରେଖ ଦେଉଳ ଶୈଳୀରେ ନିର୍ମିତ ଏହି ମନ୍ଦିରର ଦ୍ୱାରଦେଶରେ ନବଗ୍ରହ ଓ ତୋରଣ ଲକ୍ଷ୍ମୀ ଶୋଭା ପାଉଥିବାବେଳେ ସ୍ୱଳ୍ପ କାରୁକାର୍ଯ୍ୟ ଖଚିତ ମନ୍ଦିରଟି ପ୍ରାଚୀନ ଐତିହ୍ୟର ମୂକସାକ୍ଷୀ ଭାବେ ଦଣ୍ଡାୟମାନ ବୋଲି କହିଥିଲେ। ପରେ ପଦଯାତ୍ରୀମାନେ ଗାଁ ସୀମାନ୍ତରେ ଥିବା ସପ୍ତଫଣା ବିଶିଷ୍ଟ ଅର୍ଦ୍ଧସର୍ପ ଓ ଅର୍ଦ୍ଧ ମାନବୀ ସ୍ୱରୂପ ଅନନ୍ତେଶ୍ୱରୀ ମନ୍ଦିରରେ ଏହି କମନୀୟ ପ୍ରତିମାକୁ ଦର୍ଶନ କରିଥିଲେ। ଏହି ପଦଯାତ୍ରାରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୫ ଛାତ୍ରଛାତ୍ରୀ, ସାମ୍ବାଦିକ ତଥା ଐତିହ୍ୟପ୍ରେମୀ ଅଂଶଗ୍ରହଣ କରିଥିଲେ। ଐତିହ୍ୟ ପଦଯାତ୍ରାର ବରିଷ୍ଠ ସଦସ୍ୟ ସୁବ୍ରତ କୁମାର ସାହୁ, ରାଘବ ଚନ୍ଦ୍ର ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ହାତୀ ଆକ୍ରମଣରେ ମୃତକଙ୍କ ପରିବାରକୁ ଭେଟିଲେ ପ୍ରାକ୍ତନ ସାଂସଦ

ଖଜୁରିଆକଟା, ୨୦।୭(ସମିସ): ହିନ୍ଦୋଳ ଉପଖଣ୍ଡ ଠୋକର ପଞ୍ଚାୟତ ଠୋକର ଗ୍ରାମରେ ଗତ ୧୩ ତାରିଖ ହାତୀ ଆକ୍ରମଣରେ ମୃତ୍ୟୁବରଣ କରିଥିବା ଖେନା ମାଝୀଙ୍କ ପରିବାରକୁ ପ୍ରାକ୍ତନ ସାଂସଦ ମହେଶ ସାହୁ ଭେଟିବା ସହ ସମବେଦନା ଜଣାଇଛନ୍ତି। ତାଙ୍କ ସହ ରାଜ୍ୟ ବିଜେଡି ସମ୍ପାଦକ ଦେବୀ ପ୍ରସାଦ ପଟ୍ଟନାୟକ, ସମାଜସେବୀ ପ୍ରମୋଦ ମାଝୀ ପ୍ରମୁଖ ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି। ପୂର୍ବତନ ସାଂସଦ ସାହୁ ହିନ୍ଦୋଳ ବନାଞ୍ଚଳ ଅଧିକାରୀଙ୍କ ସହ କଥା ହୋଇ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପରାମର୍ଶ ଦେଇଛନ୍ତି। ଖେନାଙ୍କ ପରିବାର ଅତ୍ୟନ୍ତ ଗରିବ ହୋଇଥିବାରୁ ପରିବାରର ଜଣେ ସଦସ୍ୟଙ୍କୁ ଥଇଥାନ କରିବାକୁ ଦାବି କରିଛନ୍ତି।

ଚନ୍ଦ୍ରଶେଖରଜୀଉ ବୋଲ୍‌ବମ୍ ସେବାସଂଘର ପ୍ରସାଦ ବଣ୍ଟନ

ଢେଙ୍କାନାଳ, ୨୦।୭(ସମିସ): ସ୍ଥାନୀୟ ବାଜିଚୌକଠାରେ ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଜୀଉ ବୋଲବମ ସେବାସଂଘ ପକ୍ଷରୁ କାଉଡ଼ିଆଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ସଂଘ ପକ୍ଷରୁ ଦୀର୍ଘ ୨୬ ବର୍ଷ ଧରି ଏହି ସେବା ଜାରି ରହିଛି। ଶ୍ରଦ୍ଧାଳୁଙ୍କୁ ପାଣି ସହ ପୁରୀ, ରୁଟି, ଚକୁଳି, ଡାଲମା, ଆଳୁଦମ, ମାଲ୍‌ପୁଆ, ଉପମା, ଚା' ଆଦି ପ୍ରଦାନ କରାଯାଉଛି। ଏଥିରେ ସଂଘର ସଭାପତି ଜ୍ଞାନଚାନ୍ଦ ମିଶ୍ର ଉପସଭାପତି ପ୍ରଭାକର ରାଉତ, ସମ୍ପାଦକ ସରୋଜକାନ୍ତ ପ୍ରଧାନ, ସହସମ୍ପାଦକ ନିର୍ମଳ ରାଉତ, କୋଷାଧ୍ୟକ୍ଷ ଜିତେନ୍ଦ୍ର ଜେନା, ଉପଦେଷ୍ଟା ପ୍ରେମଶଙ୍କର ମିଶ୍ରଙ୍କ ସମେତ ସଭ୍ୟମାନେ ଉପସ୍ଥିତ ରହି ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରିଥିଲେ।

ସ୍ୱାମୀ ନିଗମାନନ୍ଦ ସରସ୍ୱତୀଙ୍କ ପ୍ରବର୍ତ୍ତିତ ଟାଉନ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ

ବାଲେଶ୍ୱର,୨୦।୭ (ସମିସ): ଶ୍ରୀମଦ୍ ସ୍ୱାମୀ ନିଗମାନନ୍ଦ ସରସ୍ୱତୀ ପରମହଂସ ଦେବଙ୍କ ପ୍ରବର୍ତ୍ତିତ ଆସାମର କୋକିଳାମୁଖସ୍ଥିତ ଆସାମ-ବଙ୍ଗୀୟ ସାରସ୍ୱତ ମଠର ସପ୍ତବିଧାନ ଅନୁସାରେ ବାଲେଶ୍ୱର ଟାଉନ ସାରସ୍ୱର ସଂଘର ୪୧ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ସହର ଉପକଣ୍ଠ କୁରୁଡାର ଶ୍ରୀବନ୍ତପୁରସ୍ଥିତ ନିଗମାନନ୍ଦ ଆସନ ମନ୍ଦିର ପରିସରରେ ଦୁଇଦିନ ବ୍ୟାପୀ ଚାଲିଥିବା ଭକ୍ତ ସମ୍ମିଳନୀରେ ପଶ୍ଚିମବଙ୍ଗର ପୂର୍ବସ୍ଥଳୀସ୍ଥିତ ମଧ ବଙ୍ଗଳା ସାରସ୍ୱତ ଆଶ୍ରମର ଅଧ୍ୟକ୍ଷ ଶ୍ରୀମଦ୍ ସ୍ୱାମୀ ନାରାୟଣନନ୍ଦ ସରସ୍ୱତୀ ମହାରାଜ ଯୋଗଦେଇ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ଏହି ଅବସରରେ ମହନ୍ତ ମହାରାଜ ୩୦ଜଣ ଭକ୍ତଙ୍କୁ ଦୀକ୍ଷା ପ୍ରଦାନ କରିଥିଲେ। ଶ୍ରୀମଦ୍ ତେଜେସାନନ୍ଦ ସରସ୍ୱତୀ ଓ ଶ୍ରୀମଦ୍ ସିଦ୍ଧେଶ୍ୱର ଚୈତ୍ୟନ ବ୍ରହ୍ମଚାରୀ ପ୍ରମୁଖ ସନ୍ଥ ଯୋଗଦେଇ ଠାକୁର ନିଗମାନନ୍ଦଙ୍କ ସନାତନ ଧର୍ମର ମାର୍ଗ ଓ ଭାବଧାରା ସମ୍ପର୍କରେ ତାତ୍ୱିକ ବକ୍ତବ୍ୟ ପ୍ରଦାନ କରିଥିଲେ। ଟାଉନ ସାରସ୍ୱର ସଂଘର ସମ୍ପାଦକ ଦୟାନିଧି ବେହେରା ଏଥିରେ ପ୍ରାରମ୍ଭିକ ଉଦବୋଧନ ସହିତ ଆଦର୍ଶ ଗୃହସ୍ଥ ଜୀବନ ଯାପନ ପାଇଁ ସଂଘ ପ୍ରତିଷ୍ଠା ଓ ଭାବ ବିନିମୟ ସମ୍ପର୍କରେ ଆଲୋଚନା କରିଥିଲେ। ବିଭିନ୍ନ ସଂଘର ପ୍ରବୀଣ କର୍ମକର୍ତ୍ତା ଶରତ ଚନ୍ଦ୍ର ପୃଷ୍ଟି, ପରେଶ କୁମାର ଦାସ, ଦାମୋଦର ମିଶ୍ର, ଗୋପାଳ ଚନ୍ଦ୍ର ରାଉତ, ସାଧନା ମା, ରାମପଦ ଦା, ମୁକୁଳ ଦା, ମୃତ୍ୟୁଞ୍ଜୟ ରାଉତ, ଲକ୍ଷ୍ମୀଧର ଅଣ୍ଡିଆ, ଶ୍ରୀନାଥ ରାଉତ, ଗୌରାଙ୍ଗ ସାହୁ, ଭବତୋଷ ଦାସ ପ୍ରମୁଖ ସାମ୍ପ୍ରତିକ ପରିସ୍ଥିତିରେ ଠାକୁରଙ୍କ ଉପଦେଶକୁ ମାନବଜୀବନରେ ପ୍ରତିଫଳିତ ପାଇଁ ସାରସ୍ୱତ ଆଶ୍ରମର ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୃତ୍ୟୁଞ୍ଜୟ ସାହୁ, ଆଶିଷ ବାନାର୍ଜୀ, ଚନ୍ଦ୍ରଶେଖର ସ୍ୱାଇଁ, ଶଙ୍କରେଶ ବର୍ଦ୍ଧନ, ଶୁଭ୍ରାଂଶୁ ଘଡାଇ, ଦିଗାମ୍ବର ପାତ୍ର, ଜୟକୃଷ୍ଣ ଜେନା, ଶାନ୍ତନୁ ଦାସ, ସୁମିତ କୁମାର ଦାସ, ରାନୁ ଆଶ, ବାସନ୍ତୀ ଘଡାଇ, ସୁଜାତା ଘଡାଇ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବା ବେଳେ ପରେଶ କୁମାର ଦାସ, ମୃତ୍ୟୁଞ୍ଜୟ ରାଉତ, କୃପାସିନ୍ଧୁ ଜେନାଙ୍କ ସମେତ କାଠସଙ୍ଗଡା, ବ୍ରାହ୍ମଣଦା, ରାଇଗାଁ, ବଳରାମଗଡି ଓ ବାଲେଶ୍ୱର ପ୍ରଭୃତି ପୌଣ୍ଡ୍ୟମାସିକ ସଂଘର ସୁଲୋଚନା ଦାସ, ରଞ୍ଜନ ଭଦ୍ର, ନିତ୍ୟାନନ୍ଦ ବରଜ, ଶୁକଦେବ ମାଝୀ ପ୍ରମୁଖ ଏଥିରେ ସକ୍ରିୟ ସହଯୋଗ କରିଥିଲେ। ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ପ୍ରତୀକ୍ଷା, ଆବାହନୀ ଗାନ ପରେ ଠାକୁ ମହାରାଜଙ୍କ ଷଡୋଶ ଉପଚାର ପୂଜାନୀତି, ଭୋଗ ନିବେଦନ, ହୋମଯଜ୍ଞ, ଭଗବତ ଗୀତା, ଚଣ୍ଡି ଓ ଶ୍ରୀ ଗୁରୁଗୀତା ପ୍ରଭୃତି ପାଠ କରାଯାଇଥିଲା। ଏହି ସମ୍ମିଳନୀରେ ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ ଓ ଯାଜପୁର ଜିଲ୍ଲା ସମେତ ପଶ୍ଚିମବଙ୍ଗରୁ ବହୁ ଭକ୍ତ, ଜିଲ୍ଲା, ଆଂଚଳିକ ତଥା ପ୍ରାଦେଶିକ ସଦସ୍ୟ ଯୋଗଦେଇଥିଲେ।

ଓଟିଇଟି ପରୀକ୍ଷା ସ୍ଥଗିତ ନେଇ ପରୀକ୍ଷାର୍ଥୀଙ୍କ ଅସନ୍ତୋଷ

ପରୀକ୍ଷା କେନ୍ଦ୍ରକୁ ଆସି ନିରାଶ ହେଲେ ବହୁ ପରୀକ୍ଷାର୍ଥୀ

ବାଲେଶ୍ୱର,୨୦।୭ (ସମିସ)

ପରୀକ୍ଷା ସେଣ୍ଟର ପ୍ରସ୍ତୁତ ଥିଲା। ପରୀକ୍ଷାର୍ଥୀ ବି ପ୍ରସ୍ତୁତ ଥିଲେ। ରାତି ପାହିଲେ ପରୀକ୍ଷା ହୋଇଥାନ୍ତା। ପ୍ରଶ୍ନପତ୍ର ବି ପହଞ୍ଚି ଯାଇଥିଲା। ହେଲେ ହଠାତ୍ ସ୍ଥଗିତ ରହିଲା ଓଟିଇଟି ପରୀକ୍ଷା। ଯାହାକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ସକାଳୁ ନ୍ୟୁଜ୍‌ରେ ଦେଖିବା ପରେ ଅନେକ ପରୀକ୍ଷାର୍ଥୀ ଦ୍ୱନ୍ଦରେ ପଡ଼ିଥିଲେ। ଫଳରେ ସମୟ ଅନୁସାରେ ପରୀକ୍ଷା ସେଣ୍ଟରରେ ପହଞ୍ଚି ସତ୍ୟତା ପରିଖିଥିଲେ। ହେଲେ ସେଠାରେ ପହଞ୍ଚି ପରୀକ୍ଷା ସ୍ଥଗିତର ନୋଟିସ୍ ଦେଖି ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ଆଜି ପରୀକ୍ଷା ବୋଲି ସକାଳ ୮ଟା ପୂର୍ବରୁ ସେଣ୍ଟରରେ କିଛି ପରୀକ୍ଷାର୍ଥୀ ପହଞ୍ଚି ଯାଇଥିଲେ। ହେଲେ ସମସ୍ତଙ୍କୁ ନିରାଶ ହେବାକୁ ପଡ଼ିଛି। ୪ ହଜାରରୁ ଅଧିକ ପରୀକ୍ଷାର୍ଥୀ ବାଲେଶ୍ୱରରେ ପରୀକ୍ଷା ଦେଇଥାନ୍ତେ। ହେଲେ ଏପରି ସ୍ଥଗିତକୁ ନେଇ ପରୀକ୍ଷାର୍ଥୀ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ଓଟିଇଟି ପରୀକ୍ଷା ପାଇଁ ବାଲେଶ୍ୱର ସହରରେ ୧୦ ଟି ସେଣ୍ଟର ହୋଇଥିଲା। ମ୍ୟୁନିସିପାଲିଟି, ଖ୍ରୀଷ୍ଟିଆନ, ପବ୍ଲିକ, ପୋଲିସ, ଜିଲ୍ଲା ସ୍କୁଲ, ଟାଉନ, ବାରବାଟି, ଶକୁନ୍ତଳା, ସାବିତ୍ରୀ ଏବଂ ନୟନା କୁମାରୀ ସ୍କୁଲରେ ପରୀକ୍ଷା ସେଣ୍ଟର ହୋଇଥିଲା। ବିଭିନ୍ନ ପରୀକ୍ଷା କେନ୍ଦ୍ର ପାଇଁ ୩୦୦ରୁ ଆରମ୍ଭ ୭୦୦ ପର୍ଯ୍ୟନ୍ତ ପରୀକ୍ଷାର୍ଥୀଙ୍କୁ ଆଲର୍ଟ ହୋଇଥିଲା। ଦୁଇଟା ସିଟିଂ ଯଥା ସକାଳ ୯-୧୧.୩୦ ମିନିଟ୍ ଏବଂ ମଧ୍ୟାହ୍ନ ୨-୪. ୩୦ ମିନିଟ୍ ପର୍ଯ୍ୟନ୍ତ ଥିଲା। ହଠାତ୍ ପରୀକ୍ଷା ସ୍ଥଗିତ ହେବା କାରଣରୁ ଅନେକ ପରୀକ୍ଷାର୍ଥୀ ସେଣ୍ଟରକୁ ଆସି ଅସନ୍ତୋଷ ପ୍ରକାଶ କରିଛନ୍ତି। କିଛି ଦ୍ୱନ୍ଦ ଭିତରେ ରହି କଲ୍ ମାଧ୍ୟମରେ ବୁଝିବାକୁ ଚେଷ୍ଟା କରିଛନ୍ତି। ଏଠାରେ ବାଲେଶ୍ୱର ଜିଲ୍ଲା ସହ ଅନ୍ୟ କିଛି ଜିଲ୍ଲାର ବି ପିଲା ଥିଲେ। ଲେଟର୍ ୧୯ ତାରିଖରେ ହୋଇଛି। ହେଲେ ଏଠାରେ କାର୍ଯ୍ୟକାରୀ ଏବଂ ସତ୍ୟତା ଜାଣିବା ପାଇଁ ସମୟ ଲାଗିଥିଲା। ଫଳରେ ବିଳମ୍ବ ହୋଇଥିଲା ସୂଚନା ପ୍ରଦାନ। ଆମେ ସକାଳେ ଜାଣିଲୁ। ଅଫିସିଆଲି ପରୀକ୍ଷା ବାତିଲ ହେଲା ବୋଲି ଚିଠି ଆସିଲା। ହେଲେ ସେଥିରେ କିଛି କାରଣ ଲେଖାଯାଇନାହିଁ। ଏହା ଜାଣିବା ପରେ ଆମେ ଆମ ସ୍ତରରେ ସତ କି ମିଛ ଜାଣିବାକୁ ଚେଷ୍ଟା କଲୁ। ତାପରେ ଆମେ ସମସ୍ତ ପରୀକ୍ଷାର୍ଥୀଙ୍କୁ ଜଣାଇବାକୁ ପ୍ରୟାସ କରିଲୁ। ସେଣ୍ଟର୍ ନିକଟରେ ନୋଟିସ୍ ମାରିଲୁ। ଆମକୁ କିଛି ଫୋନ୍ କରି ଦ୍ୱନ୍ଦ ଦୂର କରିଛନ୍ତି। ଖବର ପାଇବା ପରେ ପରୀକ୍ଷା ସେଣ୍ଟରରେ ପୁଲିସ ମଧ୍ୟ ସଜାଗ ହୋଇଥିଲେ। ପ୍ରଶ୍ନପତ୍ର ଆସିବା ପରେ ପ୍ରତି ସେଣ୍ଟରରେ ତିନି ଜଣ ଲେଖାଏଁ ପୁଲିସ କର୍ମଚାରୀ ଥିଲେ। ପରୀକ୍ଷାର୍ଥୀ ପହଞ୍ଚିବା ପର୍ଯ୍ୟନ୍ତ ବି ସେମାନେ ସେଠାରେ ଉପସ୍ଥିତ ଥିଲେ ବୋଲି ସାଇନ୍ସ ସୁପରଭାଇଜର୍ ହରେନ୍ଦ୍ର ମହନ୍ତ ସୂଚନା ଦେଇଛନ୍ତି। ବୋର୍ଡ ପକ୍ଷରୁ ରାତି ଅଧିଆ ଏଭଳି ନିଷ୍ପତ୍ତି ନିଆଯାଇଛି। ପରୀକ୍ଷା ସ୍ଥଗିତ ରହିଥିବାରୁ ପରୀକ୍ଷା ଦେବାକୁ ଥିବା ପ୍ରାୟ ୪ ହଜାରରୁ ଅଧିକ ପରୀକ୍ଷାର୍ଥୀ ନିରାଶ ହୋଇଛନ୍ତି।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆଇସିସିର ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୨୦।୭ (ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଦ୍ୱାରା, ସମତା, ଗୌରବ ଓ ସମ୍ମାନ ପ୍ରତି ସଚେତନ ପରିବେଶ ଗଠନ କରିବା ଦିଗରେ ଏକ ପ୍ରାସଙ୍ଗିକ ପଦକ୍ଷେପ ଗ୍ରହଣ କରିବାକୁ ଯାଉଛି। ଆସନ୍ତା ୨୨ ତାରିଖ ଦିନ ଏହି ଲିଙ୍ଗଗତ ସେନ୍ସିଟାଇଜେସନ୍ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସମାଜରେ ପ୍ରଚଳିତ ସମସ୍ତପ୍ରକାର ଲିଙ୍ଗଗତ ଭେଦଭାବର ମନୋଭାବକୁ ଦୂର କରି ସମସ୍ତଙ୍କ ମଧ୍ୟରେ ଜ୍ଞାନ, ସ୍ୱାଭିମାନ ଓ ସମାବେଶୀ ବିକାଶର ଅଭ୍ୟାସକୁ ପ୍ରୋତ୍ସାହନ ଦେବା। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଗବେଷଣାରତ ଛାତ୍ରଛାତ୍ରୀ, ଅଧ୍ୟାପକ-ଅଧ୍ୟାପିକାବୃନ୍ଦ ଓ ପ୍ରଶାସନିକ କର୍ମଚାରୀମାନଙ୍କ ମଧ୍ୟରେ ଲିଙ୍ଗଗତ ପ୍ରଭେଦ ନେଇ ସମ୍ବେଦନଶୀଳତା ବୃଦ୍ଧି, ଗଢ଼ି ଉଠିଥିବା ଧାରଣା ଗୁଡ଼ିକୁ ଭାଙ୍ଗିବା, ଏବଂ ଅସମତା ବିରୋଧରେ ସ୍ୱର ଉଠାଇବା ପାଇଁ ଏକତ୍ରିତ ହୋଇ ଦାୟିତ୍ୱବାନ ହିସାବରେ କାର୍ଯ୍ୟ କରିବା ଆଦି ବିଭିନ୍ନ ସଂଯୋଜିତ ବିଷୟରେ ଆଲୋକପାତ କରାଯିବ। ବିଶ୍ୱବିଦ୍ୟାଳୟର ସମ୍ମାନନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମଟି ଉଦ୍‌ଘାଟିତ ହେବ। କାର୍ଯ୍ୟକ୍ରମରେ ଆଇନ, ମନୋବିଜ୍ଞାନ ଓ ଲିଙ୍ଗ ଅଧ୍ୟୟନ ବିଷୟରେ ବିଭିନ୍ନ ପ୍ରତିଷ୍ଠିତ ବକ୍ତାମାନେ ଯୋଗଦେଇ ମତାମତ ପ୍ରଦାନ କରିବେ। ସେମାନଙ୍କ ବ୍ୟାଖ୍ୟା ମାଧ୍ୟମରେ କାର୍ଯ୍ୟସ୍ଥଳରେ ମହିଳାଙ୍କ ବିରୁଦ୍ଧରେ ଯୌନ ଉତ୍ପୀଡନ (ନିବାରଣ, ନିଷେଧ ଏବଂ ପୁନର୍ବିଚାର) ଆଇନ, ୨୦୧୩ (ପସକୋ ଆଇନ), ୟୁଜିସି ଆଇନ-୨୦୧୫ (ଛାତ୍ରୀ, ମହିଳା ଶିକ୍ଷୟତ୍ରୀ ଓ କର୍ମଚାରୀଙ୍କ ପାଇଁ) କାର୍ଯ୍ୟସ୍ଥଳୀରେ ପାରସ୍ପାରିକ ବ୍ୟବହାର, ଲିଙ୍ଗ ଉତ୍ପୀଡ଼ନ ପ୍ରତିଷେଧ ଓ ଏକାଦେମିକ କ୍ଷେତ୍ରରେ ଲିଙ୍ଗ ସମତାର ଅଗ୍ରଗାମୀତା ଆଦି ବିବିଧ ବିଷୟଗୁଡ଼ିକ ଉପରେ ଆଲୋକପାତ କରିବେ। ଏଥିସହ ସମସ୍ତ ନିୟମାବଳୀକୁ ନେଇ ଏକ ସାମୂହିକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯିବା ନେଇ ସୂଚିତ ରହିଛି। ଏହି କ୍ରମରେ ଆଇସିସିର ସଂଯୋଜକ ପ୍ରଫେସର ଗୀତାଞ୍ଜଳି ପଣ୍ଡା କହିଛନ୍ତି, ଲିଙ୍ଗଗତ ପ୍ରଭେଦ ସଂପର୍କିତ ସଚେତନତା କେବଳ ଏକ ଅନୁଷ୍ଠାନଗତ ଦାୟିତ୍ୱ ମାତ୍ର ନୁହେଁ, ଏହା ଏକ ମନୋଭାବ ଯାହାକି ଆମକୁ ସାମୂହିକ ଭାବେ ଗଠନ କରିବାକୁ ପଡିବ। ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ଶ୍ରେଣୀର ସଦସ୍ୟମାନଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଆଶା କରାଯାଉଛି। ଏହା ମାଧ୍ୟମରେ କ୍ୟାମ୍ପସ୍ ଚର୍ଚ୍ଚା କେବଳ ଶିକ୍ଷାକ୍ଷେତ୍ର ସୀମିତ ରହି ନ ଥାଇ ଯୁବବର୍ଗଙ୍କ ମଧ୍ୟରେ ଏକ ସ୍ଥାୟୀ ସାମାଜିକ ପରିବର୍ତ୍ତନର ଦିଗକୁ ଗତି ଦେବାରେ ସଫଳ ହେବା ନେଇ ଆଶାପୋଷଣ କରାଯାଇଛି।

ସହାୟକ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର,୨୦।୭ (ସମିସ): ସହାୟକ ବାଲେଶ୍ୱର ପକ୍ଷରୁ ଏନଡିଆରଏଫ, ଚାନ୍ଦିପୁର ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଛି। କାର୍ଯ୍ୟକ୍ରମକୁ ସହାୟକର ପୂର୍ବତନ ସଭାପତି ଦିବାକର ମହାପାତ୍ର ଓ ବର୍ତ୍ତମାନର ସାଧାରଣ ସମ୍ପାଦକ ଇଂ. ହୃଷିକେଶ ସାହୁ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସଦସ୍ୟ ସଦସ୍ୟାମାନଙ୍କୁ ସ୍ୱାଗତ କରିବା ପରେ ସଭାପତି ଡ. କ୍ଷିତୀଶ୍ୱର ଦାଶ ଓ ବରିଷ୍ଠ ଉପଦେଷ୍ଟା ଇଂ. ବନମାଳୀ ନାୟକଙ୍କ ତତ୍ୱାବଧାନରେ ୧୨ଜଣ ସଦସ୍ୟ ସଦସ୍ୟା ଚାନ୍ଦିପୁର ଅଭିମୁଖେ ଚାରାଗଛ ସହ ଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନଡିଆରଏଫର ଇନିସପେକ୍ଟର ଚିତରଞ୍ଜନ ମାଝୀଙ୍କ ମାର୍ଗଦର୍ଶନରେ ପ୍ରାୟ୧୫ଜଣ କର୍ମଚାରୀ ସହଯୋଗର ହାତ ବଢ଼ାଇଥିଲେ। ସହାୟକର ପ୍ରଫୁଲ୍ଲ କୁମାର ଦାସ, ରବିନାରାୟଣ ଭୋଳ, ଗୁଣାକର ଦେ, ରବୀନ୍ଦ୍ରନାଥ ଗିରି, ଅକ୍ଷୟ କୁମାର କର, ସୁରେନ୍ଦ୍ର ନାୟକ, ପ୍ରଣିତା ମିଶ୍ର, ସାବିତ୍ରୀ ଦାସ, ଅମିତା ଦାଶ, ପ୍ରତୀମା ପଣ୍ଡା ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

କ୍ରାଇମବ୍ରାଞ୍ଚ ଡିଜିଙ୍କୁ ଭେଟିଲା ବିଜୁ ଛାତ୍ର ଜନତା ଦଳ

ବାଲେଶ୍ୱର,୨୦।୭ (ସମିସ): ବିଜୁ ଛାତ୍ର ଜନତା ଦଳ ତରଫରୁ ଜିଲ୍ଲା ସଭାପତି ସିମନ ଦାସ ମହାପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ରଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା ସହ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରିଛନ୍ତି। ଏ ବାବଦରେ ଏକ ଦାବିପତ୍ର ମଧ ପ୍ରଦାନ କରିଛନ୍ତି। ଦାବି ଗୁଡିକ ଯଥା, ଏବିଭିପିର ରାଜ୍ୟ ସମ୍ପାଦିକା ଘଟଣାର ତିନି ଦିନ ଆଗରୁ କାହିଁକି ସୌମ୍ୟାଶ୍ରୀଙ୍କୁ କଲ୍ କରିଥିଲେ ଏବଂ କ'ଣ ବୁଝାଇଥିଲେ, ପରେ ଏହି କଥାକୁ କାହିଁକି ଡିଲିଟ୍ କରିଥିଲେ ଏବାବଦରେ ଯାଞ୍ଚ ହେଉ ବୋଲି ଦାବି ହୋଇଛି। ଏଥିସହିତ ଏବିଭିପିର ବାଲେଶ୍ୱର କାର୍ଯ୍ୟକର୍ତ୍ତା ଯିଏକି ସୌମ୍ୟାଶ୍ରୀଙ୍କ ବହୁ ପରିଚିତ। ସିଏ ନିଜେ ଦୁଇ ବର୍ଷ ପୂର୍ବରୁ ଅଭିଯୁକ୍ତ ଅଧ୍ୟାପକ ସମୀର ସାହୁଙ୍କ ଖରାପ ଚରିତ୍ର ବିଷୟରେ ଜାଣିଥିଲେ ବି ଏବିଭିପି ହେଲ୍ପ ଡେସ୍କରେ ସମ୍ବର୍ଦ୍ଧିତ କରିଥିଲେ, ଏବିଭିପି ଏକ କଲେଜ ରାଜନୈତିକ ସଂଗଠନ ହୋଇ ମଧ ବିଭିନ୍ନ ସମୟରେ ବିଜେପି ଦଳର ବରିଷ୍ଠ ନେତୃତ୍ୱ ମାନଙ୍କୁ ଆଣି ଶିକ୍ଷକ ମାନଙ୍କୁ ବସେଇ ବିଭିନ୍ନ କାର୍ଯ୍ୟକ୍ରମ କରୁଥାଏ ଏବଂ ଏହି ୧୨ ଦିନ ମଧ୍ୟରେ କେଉଁ କେଉଁ ରାଜନୈତିକ ବ୍ୟକ୍ତି ସୌମ୍ୟାଶ୍ରୀଙ୍କ ସହ ଦେଖା କରିଛନ୍ତି ଏବଂ ଆତ୍ମାହୁତି ପାଇଁ ତାଙ୍କୁ ପ୍ରବର୍ତ୍ତାଇଛନ୍ତି, ଏଦିଗର ସମସ୍ତ ସିସିଟିଭି ଫୁଟେଜ୍ ତଦନ୍ତ କରାଯାଉ ଇତ୍ୟାଦି ଦାବି ଏବଂ ତଦନ୍ତକୁ ନିରପେକ୍ଷ କରାଯାଉ ବୋଲି ଛାତ୍ର ନେତାମାନେ ଦାବି କରିଛନ୍ତି।

ମେଡିକାଲ କ୍ରିୟାନୁଷ୍ଠାନ କମିଟିର ବୈଠକ

ବାଲେଶ୍ୱର,୨୦।୭ (ସମିସ): ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି କାର୍ଯ୍ୟାଳୟରେ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା କ୍ରିୟାନୁଷ୍ଠାନ ସମିତି, ବାଲେଶ୍ୱରର ମାସିକ ବୈଠକ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ରାଜସ୍ୱ ମନ୍ତ୍ରୀଙ୍କ ଉପସ୍ଥିତିରେ ବଲାଙ୍ଗିରରେ ଏକ ଜନସଭାରେ ଓଡ଼ିଶା ସରକାରଙ୍କର ବଲାଙ୍ଗିରରେ ଏକ କୃଷି ମହାବିଦ୍ୟାଳୟ ଓ ସୋନପୁରରେ ଏକ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ ଖୋଲିବାର ଯୋଜନା ଅଛି ବୋଲି ଘୋଷଣା କରିଥିଲେ। ଓଡ଼ିଶା ବିଧାନସଭାର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ନୀଳଗିରି ବିଧାୟକ ସନ୍ତୋଷ କୁମାର ଖଟୁଆ, ସଦର ବିଧାୟକ ମାନସ କୁମାର ଦତଙ୍କୁ ଏ ସଂପର୍କରେ ଦୃଷ୍ଟି ଆକର୍ଷଣ କରାଇବା ସହ ବାଲେଶ୍ୱରରେ ୨୦୨୨ ମସିହାରୁ ଗଢ଼ା ଯାଇଥିବା ସମିତିର ବାର୍ଷିକ ଅଧିବେଶନରେ ନିଆଯାଇଥିବା ପ୍ରସ୍ତାବ କ୍ରମେ ଆଗାମୀ ମୌସୁମୀ ଅଧିବେଶନରେ ଓଡ଼ିଶା ସରକାରଙ୍କ ପାଖରେ ବାଲେଶ୍ୱରରେ ଏକ ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣାକ୍ଷେତ୍ର ପ୍ରତିଷ୍ଠା ଦାବି ଉପସ୍ଥାପନା କରିବା ପାଇଁ ଅନୁରୋଧ କରାଯାଇଛି। ଏହାସହିତ ବାଲେଶ୍ୱରର ସମସ୍ତ ବିଧାୟକ ମିଳିତ ଭାବେ ଏ ସମ୍ବନ୍ଧରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଅନୁରୋଧ କରାଗଲା। ଏହି ବୈଠକରେ ସାଧାରଣ ସମ୍ପାଦକ ଅଭୟ ଚରଣ ମିଶ୍ରଙ୍କ ସମେତ ନିରଞ୍ଜନ ପରିଡ଼ା, ଡ. କ୍ଷିତୀଶ୍ୱର ଦାଶ, ହରନାରାୟଣ ମଡୁଆଳ, ଭାସ୍କର ଚନ୍ଦ୍ର ପାଢ଼ୀ, ପ୍ରଫୁଲ୍ଲ ଦାସ, ରବି ପାଣିଗ୍ରାହୀ, ସୁରେନ୍ଦ୍ର ପ୍ରସାଦ ଦିକ୍ଷିତ, ରବିନାରାୟଣ ଭୋଳ, ଶ୍ୟାମସୁନ୍ଦର ଜେନା, ଭୂପତି କୁମାର ପାତ୍ର, ସରସ୍ୱତୀ ପଣ୍ଡା, ସଂଯୁକ୍ତା ବେହେରା, ସରୋଜିନୀ ନାୟକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା ପରେ ଚେତା ପଶିଲା

ଛାତ୍ରୀଙ୍କ ସୁରକ୍ଷା ପାଇଁ ବ୍ୟାପକ ପଦକ୍ଷେପ

ବାଲେଶ୍ୱର,୨୦।୭ (ସମିସ)

■ ଲାଗିଲା ସିସିଟିଭି, ଗଠନ ହେଲା ଆଇସିସି

■ ମାସକୁ ଦୁଇଥର ବୈଠକ ବସିବାକୁ ନିର୍ଦ୍ଦେଶ

ଛାତ୍ରୀଙ୍କ ସୁରକ୍ଷା ଏବଂ ସୁରକ୍ଷିତ କଲେଜ କ୍ୟାମ୍ପସ ଏବେ ଅଧିକ ଗୁରୁତ୍ୱ ହୋଇପଡିଛି। ଏଫ୍ ଏମ୍ କଲେଜରେ ଛାତ୍ରୀଙ୍କ ସୁରକ୍ଷା ଦିଗରେ ଅଧିକ ଗୁରୁତ୍ୱତା ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ମହିଳା କଲେଜ ଗୁଡ଼ିକରେ ଛାତ୍ରୀମାନଙ୍କ ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ ହୋଇପଡିଛି। ବାଲେଶ୍ୱର ସହରରେ ରହିଛି ଦୁଇଟି ମହିଳା କଲେଜ ରହିଛି। ବାଲେଶ୍ୱର ମହିଳା ମହାବିଦ୍ୟାଳୟ ଏବଂ କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ। ଏପରି କ୍ଷେତ୍ରରେ ମହିଳା କଲେଜଗୁଡିକରେ ମଧ ଛାତ୍ରୀମାନଙ୍କ ଦିଗରେ କଡାକଡି ସୁରକ୍ଷାର ଗୁରୁତ୍ୱ ରହିଛି।

ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣାକୁ ସାତ ବିତିଗଲାଣି। ଏହି ଘଟଣା ପରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏବେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ପ୍ରବେଶ ବେଳେ କଡାକଡି ଯାଞ୍ଚ ସହ ସମ୍ପୂର୍ଣ୍ଣ କଲେଜ କ୍ୟାମ୍ପସ ସିସିଟିଭି କ୍ୟାମେରା ନଜରରେ ରହିଛି। ଏହିପରି ଅନେକ ପଦକ୍ଷେପ ନିଆଯାଇଛି। ଏହି ଘଟଣା ପରେ ବର୍ତ୍ତମାନ କଲେଜଗୁଡ଼ିକରେ ଛାତ୍ରୀ ମାନଙ୍କ ସୁରକ୍ଷାକୁ ନେଇ ଅଧିକ ପଦକ୍ଷେପ ଗ୍ରହଣ କରାଯାଉଛି। ବାଲେଶ୍ୱର ଜିଲ୍ଲାରେ ୩୪୫ଟି ଯୁକ୍ତ ଦୁଇ କଲେଜ ଏବଂ ୭୧ଟି ଯୁକ୍ତ ତିନି କଲେଜ ରହିଛି। ଏଥିମଧ୍ୟରୁ ୭ରୁ ଅଧିକ ମହିଳା ମହାବିଦ୍ୟାଳୟ ରହିଥିବା ଜଣାପଡିଛି। ସହରରେ କେକେଏସ ଏବଂ ମହିଳା କଲେଜ ସମେତ ଜଳେଶ୍ୱର, ଭୋଗରାଇ, ସୋର, ନୀଳଗିରି, ଜାମଶୂଳୀ ନିକଟବର୍ତ୍ତୀ ମହିଳା କଲେଜ ଆଦି ରହିଛି। ଏସବୁ କଲେଜର ସୁରକ୍ଷା ଉପରେ ବର୍ତ୍ତମାନ ସମସ୍ତଙ୍କ ନଜର ରହିଛି। 'ମନ୍ତ୍ରୀ କହିସାରିଲେଣି ସବୁ କଲେଜରେ ସିସିଟିଭି କ୍ୟାମେରା ଲାଗିବ। ଏଥିସହ କାଲି ସବୁ କଲେଜକୁ ହେଲ୍ପ ଲାଇନ ନମ୍ବର ୧୮୧ ଦିଆଯାଇଛି। ଏହାବ୍ୟତୀତ ଆଇସିସି କମିଟି ସବୁ କଲେଜରେ ହୋଇଗଲାଣି। ଏଥିସହ ଏପରି ସମ୍ବେଦନଶୀଳ ଘଟଣା ହେଲେ ତୁରନ୍ତ ମାସକୁ ଥରେ ଦୁଇଥର ବୈଠକ କରିବାକୁ ସମସ୍ତ ଅଧ୍ୟକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ଆଇସିସି ଏବଂ ହେଲପ୍ ନମ୍ବରକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଫ୍ ଏମ୍ କଲେଜ ପରି ସବୁ କଲେଜକୁ ଏଦିଗରେ ଗୁରୁତ୍ୱ ଦେବାକୁ କୁହାଯାଇଛି। ଏଥିସହିତ ଜିଲ୍ଲାରେ ଥିବା ମହିଳା କଲେଜଗୁଡିକୁ ମଧ। ଯଦି ଛାତ୍ରୀଙ୍କୁ ନେଇ କଲେଜ ଅଧ୍ୟକ୍ଷ ଅସୁରକ୍ଷିତ ମନେ କରିବେ ତାହେଲେ ତୁରନ୍ତ ଥାନାକୁ ଜଣାଇବେ ବୋଲି ସିଏଚଏସଇ ଡେପୁଟି ଡାଇରେକ୍ଟର ଜୟଦେବ ପରମାଣିକ ମତବ୍ୟକ୍ତ କରିଛନ୍ତି। ଆଗରୁ ଯେମିତି କଲେଜରେ ଶ୍ରେଣୀ ଗୃହରେ ପାଠପଢ଼ାର ସମୟ ନେଇ କଡାକଡି ନିୟମ ଥିଲା। ଏବେ ତାହା ନାହିଁ। ବର୍ତ୍ତମାନ ଜଣେ ଯେତେବେଳେ ଆସିଲେ ବି ଶ୍ରେଣୀ ଗୃହରେ ପଶିପାରୁଛନ୍ତି। ଯେହେତୁ ଆମେ ଜଣେ ମହିଳା। ଆମର ବି ନିଜର ଅନେକ ସମସ୍ୟା ଥିବ। ସେହି ଦୃଷ୍ଟିରୁ ଏପରି ଆବଶ୍ୟକତା ଥିଲା। ଏହାବ୍ୟତୀତ ଯେତେବେଳେ ବି ଜଣେ ଛାତ୍ରୀ କିଛି ଅଭିଯୋଗ ଆଣୁଛନ୍ତି ସେତେବେଳେ ଏହାକୁ କଲେଜ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଖି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବା ଦରକାର ବୋଲି କେକେଏସ୍ ର ପିଜି ଛାତ୍ରୀ ମୃଣ୍ମୟ ନାୟକ କହିଛନ୍ତି। ସେହିପରି ଉକ୍ତ କଲେଜର ଜୟଶ୍ରୀ ପାତ୍ର କହିଛନ୍ତି, ପ୍ରଥମତଃ ଯେଉଁମାନେ ଅଭିଯୋଗ କରୁଛନ୍ତି ସେଗୁଡିକ ତଥ୍ୟ ରହିବା ଦରକାର। କ'ଣ ଅଭିଯୋଗ ଆସିଛି ଏବଂ ଏହାର ସମାଧାନ କେତେ ବାଟ ଗଲା ତାହାର ମଧ ତଦାରଖ କରାଯିବା ଦରକାର। ଅନେକ ଅଭିଯୋଗର ରେକର୍ଡ ବି ରହୁନାହିଁ। ମୋ ମତରେ ଯିଏ ଅଭିଯୋଗ କରୁଛି ତାହାର ଲିଖିତ ରେକର୍ଡ ରହୁ। ଖାଲି ସେତିକି ନୁହେଁ ନିୟମିତ ଯାଞ୍ଚ ଯେଉଁ ଯେ ଅଭିଯୋଗର ସମାଧାନ ହୋଇଛି କି ନାହିଁ। କଲେଜରେ ଛାତ୍ରୀଙ୍କ ସୁରକ୍ଷା ପାଇଁ ଅନେକ କିଛି ନିର୍ଦ୍ଦେଶ ଆସିଛି। ହେଲପ୍ ଲାଇନ୍ ନମ୍ବର ଠୁ ଆରମ୍ଭ କରି ଯାହା ବି ଚିଠି ଆସୁଛି ସେ ବାବଦରେ ଆମେ ପିଲାମାନଙ୍କୁ ଜଣାଇ ଦେଉଛୁ। କଲେଜରେ ଏବେ ୧୬ଟି ସିସିଟିଭି କ୍ୟାମେରା ଲାଗିଛି। ଏବେ ଆଉ ୧୦ ଟି ସିସିଟିଭି କ୍ୟାମେରା ଲାଗିବ। ଅଗ୍ନି ନିର୍ବାପକ ଯନ୍ତ୍ର ଥିଲା। ଏହାବ୍ୟତୀତ ଆମେ କଲେଜର ଛାତ୍ରୀମାନଙ୍କ ପାଇଁ କର୍ମଶାଳା କରୁଛୁ ବୋଲି ବାଲେଶ୍ୱର ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତ୍ସ୍ନା ରାଣୀ ଦାସ କହିଛନ୍ତି। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଆମେ ପଦକ୍ଷେପ ଗ୍ରହଣ କରୁଛୁ। ଆଇସିସି ଗଠନ ସହ ବ୍ୟାନର, ସଚେତନତା ଆଦି କରାଯାଉଛି। କଲେଜ ପରିସରରେ ସିସି କ୍ୟାମେରା ଅଛି। ଯଦି ଅର୍ଡର ଆସିବ ଆମେ ଆହୁରି ଲଗାଇବୁ ବୋଲି କେକେଏସ ଅଧ୍ୟକ୍ଷା ଝାନସୀ ଜେନା କହିଛନ୍ତି।

ଅବସରପ୍ରାପ୍ତ ସରକାରୀ ଅଧିକାରୀ ସୁଶୀଲ ଚନ୍ଦ୍ର ଦାଶଙ୍କ ବିୟୋଗ

ବାଲେଶ୍ୱର, ୨୦।୭ (ସମିସ): ବାଲେଶ୍ୱର ସହରର ବିଶିଷ୍ଟ ସମାଜସେବୀ ତଥା ତଥା ଅବସରପ୍ରାପ୍ତ ସରକାରୀ ଅଧିକାରୀ ସୁଶୀଲ ଚନ୍ଦ୍ର ଦାଶଙ୍କ ୮୫ ବର୍ଷ ବୟସରେ ପରଲୋକ ହୋଇଛି। ରବିବାର ଭୋର ୩ ଟା ୧୭ରେ ସେ ତାଙ୍କର ସୁନହଟସ୍ଥିତ ଆଖଡାଶାଳ ବାସଭବନରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ମହୁଲିପଡ଼ିଆ ଶ୍ମଶାନରେ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କର ଏକମାତ୍ର ପୁଅ ଦେବାଶିଷ ଦାଶ ମୁଖାଗ୍ନି ଦେଇଥିଲେ। ଫେବୃଆରୀ ୨୧୯୬୦ ମସିହାରେ ସ୍ୱର୍ଗତ ଦାଶ ବାଲେଶ୍ୱର ସଦର ତହସିଲ ରେ ଜୁନିୟର କ୍ଲାର୍କ ଭାବେ ଚାକିରୀ ଜୀବନ ଆରମ୍ଭ କରିଥିଲେ। ପଦୋନ୍ନତି ପାଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୁପରିଟେଣ୍ଡେଣ୍ଟ ହୋଇ ୩୧ ମାର୍ଚ୍ଚ ୨୦୦୦ ମସିହାରେ ଅବସର ଗ୍ରହଣ କରିଥିଲେ। ଚାକିରୀ ଜୀବନ ଏବଂ ଅବସର ପରେ ମଧ ସେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ସେ ଜଣେ ମେଳାପି, ମିଷ୍ଟଭାଷୀ ଓ ହୃଦୟବାନ ବ୍ୟକ୍ତି ଭାବେ ସାରା ସହରରେ ପରିଚିତ ଥିଲେ। ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ବେଳକୁ ବଡ଼ ଭାଇ ଶରତ ଚନ୍ଦ୍ର ଦାଶ, ସ୍ତ୍ରୀ ଶାନ୍ତିଲତା ଦାଶ, ପୁତ୍ରବଧୂ ଭୁବନେଶ୍ୱରୀ ପଣ୍ଡା, ନାତିନାତୁଣୀ, ପୁତୁରା ଏବଂ ପୁତୁରା ବଧୂ ପ୍ରମୁଖ ଉପସ୍ଥିତ ଥିଲେ। ଯୁବନେତା ରିତିକ ଜି, ବାଲେଶ୍ୱର ପୌରପାଳିକାର ପୂର୍ବତନ ଉପାଧ୍ୟକ୍ଷ ମନୋଜ ରାଉତ, କାଉନସିଲର ମିତା ପଟ୍ଟନାୟକ, ମିନା ମହାନ୍ତି, ସନ୍ଧ୍ୟାରାଣୀ ଜେନା, ସେଖ ଆୟୁବ, କାର୍ତ୍ତିକ ସାହୁ, ସେଖ ଆନସାର, ପୂର୍ବତନ କାଉନସିଲର ବିଶ୍ୱଜିତ ମହାପାତ୍ର, ସାକିର ଖାନ, ଧୀରେନ ନାୟକ, ପ୍ରଣବ ପଣ୍ଡା, ବସନ୍ତ ପଣ୍ଡା, ମନୋରଞ୍ଜନ ମିଶ୍ର, ଧୀରେନ୍ଦ୍ର ନାଥ ଚୌଧୁରୀ, ସୁକୁମାର ପାଣିଗ୍ରାହୀ, ସଞ୍ଜୟ ବେହେରା, ସତ୍ୟେନ୍ଦ୍ର ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଅନ୍ତିମ ଦର୍ଶନରେ ସାମିଲ ହୋଇଥିଲେ।

ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାଲେଶ୍ୱର,୨୦।୭ (ସମିସ): ସରସ୍ୱତୀପୁର ରାଧାରାଣୀ ଓମେନ୍ସ ଓ୍ୱିଙ୍ଗ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟ ଅତିଥି ଭାବେ ଉଦଘାଟନ କରିଥିଲେ। ସ୍ଥାନୀୟ ସରସ୍ୱତୀପୁର ଗଙ୍ଗାଧର ଉଚ୍ଚ ବିଦ୍ୟାଳୟ ପରିସରରେ ବିଧାୟକ ଶ୍ରୀ ଦାସ ବୃକ୍ଷରୋପଣ କରିଥିଲେ। ପରେ ଗ୍ରାମର ରାଧାକୃଷ୍ଣ ମନ୍ଦିର ନିକଟରେ ମଧ ବୃକ୍ଷରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ରାଧାରାଣୀ ଓମେନ୍ସ ଉଇଙ୍ଗର ପ୍ରତିଷ୍ଠାତା ଗଣେଶ ପଣ୍ଡା, ସଭାପତି ରାଜଶ୍ରୀ ମିଶ୍ର, ଉପସଭାପତି ସୋନାଲୀ ପଣ୍ଡା, ସାଧାରଣ ସମ୍ପାଦିକା ଝୁନାରାଣୀ ବାରିକ, ସମ୍ପାଦିକା ଲିଲିମା ଦାସ, କୋଷାଧ୍ୟକ୍ଷା ରମିତା ବାରିକ, ସହ କୋଷାଧ୍ୟକ୍ଷା ଜଲିରାଣୀ ବାରିକଙ୍କ ସମେତ ସୁଶାନ୍ତ ମହାପାତ୍ର, ସୂର୍ଯ୍ୟକାନ୍ତ ରାଏ, ପର୍ଶୁରାମ ପଣ୍ଡା, ରଞ୍ଜନ ବାରିକ ଉପସ୍ଥିତ ଥିଲେ।

ସୌମ୍ୟାଶ୍ରୀ ଆତ୍ମଦାହ ଘଟଣା

ଦ୍ୱନ୍ଦ୍ୱରେ ପୁଲିସର ଭୂମିକା

ବାଲେଶ୍ୱର,୨୦।୭ (ସମିସ)

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଗୋଟିଏ ପରେ ଗୋଟିଏ ରହସ୍ୟ ଉନ୍ମୋଚନ ହେବାରେ ଲାଗିଛି। ଆଇସିସି ରିପୋର୍ଟ ଅନୁସାରେ ପୁଲିସକୁ ଖବର ଦେଇ ପୀଡିତା କଲେଜ ଅଧ୍ୟକ୍ଷଙ୍କ ନିକଟକୁ ଯାଇଥିଲେ। ଏକଥା ନିଜେ ଆଇସିସି କମିଟି ତା'ର ୯ ଫର୍ଦ୍ଦ ରିପୋର୍ଟରେ ଉଲ୍ଲେଖ କରିଛି। କେବଳ ସେତିକି ନୁହେଁ ଆତ୍ମଦାହ ପୂର୍ବରୁ ପୀଡିତା ଗଣମାଧ୍ୟମକୁ ଦେଇଥିବା ବୟାନରେ ମଧ୍ୟ କହିଥିଲେ ଅତିରିକ୍ତ ଏସପି ନିରଞ୍ଜନ ବେହେରାଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଗତ ୧ତାରିଖ ଦିନ ଅଧ୍ୟକ୍ଷଙ୍କ କକ୍ଷରେ ହୋଇଥିବା ଆଲୋଚନାରେ ଯେଉଁ ଭିଡିଓ ହସ୍ତଗତ ହୋଇଛି ସେଥିରେ ମଧ୍ୟ ଉକ୍ତ ଅତିରିକ୍ତ ଏସପି ଓ ସହଦେବଖୁଣ୍ଟା ଥାନା ଅଧିକାରୀ ଉପସ୍ଥିତ ଥିବା ଦେଖିବାକୁ ମିଳିଛି। ହେଲେ ଏବେ ପୁଲିସ କହୁଛି ତାଙ୍କ ନିକଟରେ କୌଣସି ଲିଖିତ ଅଭିଯୋଗ ହୋଇନଥିଲା। ଏକଥା ପୂର୍ବରୁ ବାଲେଶ୍ୱର ସାଂସଦ ବାରମ୍ବାର ଗଣମାଧ୍ୟମରେ କହୁଥିବାବେଳେ ଆଜି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ମଧ୍ୟ ସ୍ପଷ୍ଟ ଭାବେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏଠି ପ୍ରଶ୍ନ ଉଠୁଛି ଅପରାଧ ସମୟରେ ପୁଲିସ ଅଭିଯୋଗପତ୍ରକୁ ଅପେକ୍ଷା କରିବ, ନା ଏକ ସମ୍ବେଦନଶୀଳ ମାମଲାରେ ନିଜ ଆଡୁ ତଦନ୍ତ କରିପାରିବ। ଏସବୁ ଦିଗରେ ପୁଲିସ ନିରବ ରହି ବର୍ତ୍ତମାନ ଅଭିଯୋଗ ନଥିବା ଆଳରେ ଖସିଯିବାକୁ ବସିଛି। ଯାହାକୁ ନେଇ ଆଜି ପ୍ରଶ୍ନ ଉଠାଇଛନ୍ତି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ। ପୀଡିତାଙ୍କ ଗଣମାଧ୍ୟମ ବୟାନରେ ସିଧାସଳଖ ପୁଲିସ ପାଖରେ ସମ୍ପୂର୍ଣ୍ଣ ଘଟଣାର ଖବର ଥିବା ପୀଡିତା ବୟାନ କରୁଥିବା ବେଳେ ପୁଲିସ ବର୍ତ୍ତମାନର ଅଭିଯୁକ୍ତ ତଥା ପୂର୍ବତନ ଅଧ୍ୟକ୍ଷଙ୍କ ଉପରେ ଭରସା କରି ଚୁପ ବସିରହିଥିଲେ। ଏହି ଘଟଣାକୁ ନେଇ ଏବେ ଅନେକ ପ୍ରଶ୍ନ ବିଭିନ୍ନ ମହଲରୁ ଛିଡା ହୋଇଛି। ଏଭଳି ଏକ ସମ୍ବେଦନଶୀଳ ଘଟଣା ପୁଲିସ ଜାଣିଥିବା ସତ୍ତ୍ୱେ କିପରି ଚୁପ ବସିଯାଇଥିଲା। ପୁଲିସ ଚୁପ ବସିବା ପଛରେ କୌଣସି 'ଅଦୃଶ୍ୟ ଚାପ'ରେ ରହିଥିଲା କି?

ପୀଡିତାଙ୍କର ମୃତ୍ୟୁ ପରେ ବାରମ୍ବାର ପୁଲିସ ପାଖରେ ଅଭିଯୋଗ ନ ଥିବା ସାଂସଦଙ୍କ ପାଖରୁ ଆରମ୍ଭ କରି ବରିଷ୍ଠ ପୁଲିସ ଅଧିକାରୀମାନେ କହୁଥିବା ବେଳେ ଏହାର ସତ୍ୟାସତ୍ୟର ପରଦା ଉଠାଇଦେଇଛି ମୃତ୍ୟୁ ପୂର୍ବରୁ ପୀଡିତାଙ୍କ ବୟାନ ଓ ଏବେ ହସ୍ତଗତ ହୋଇଥିବା ଆଇସିସି ରିପୋର୍ଟ। ଏବେ ପ୍ରଶ୍ନ ଉଠୁଛି ପୁଲିସର ଅବହେଳାକୁ କିଏ ଘଣ୍ଟ ଘୋଡାଇବାକୁ ଚେଷ୍ଟା କରୁଛି। ଏଭଳି ସନ୍ଦେହ ଜନକ ଅଧିକାରୀମାନଙ୍କ ଭୂମିକାକୁ ନେଇ ଏବେ ବିରୋଧୀ ବିଚାର ବିଭାଗୀୟ ତଦନ୍ତ ଦାବି କରୁଛନ୍ତି। ଯଦି କୌଣସି ଅଭିଯୋଗରେ ପୁଲିସ ଉପରେ ଆଙ୍ଗୁଳି ଉଠୁଛି ଆଉ ଏହି ସଂସ୍ଥାର ଏକ ବିଭାଗ ଯାଞ୍ଚ କରୁଛି ତା ହେଲେ ଯାଂଚର ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। ମୃତ୍ୟୁ ପୂର୍ବରୁ ଯେତେବେଳେ ଛାତ୍ରୀ ଜଣଙ୍କ ନିଜେ ବୟାନ ଦେଇଛନ୍ତି ଯେ ସେ ପୁଲିସକୁ ଜଣାଇଛନ୍ତି, ସେ ପୁଣି ଉପରିସ୍ଥ ଅଧିକାରୀ ତଥା ଅତିରିକ୍ତ ଏସ୍‌ପିଙ୍କୁ ଜଣାଇଛନ୍ତି। ସେହି ସମୟରେ ପୁଲିସର ଭୂମିକା କ'ଣ ଥିଲା ତାହା ଏବେ ବଡ ପ୍ରଶ୍ନ। ସବୁଠାରୁ ବଡ କଥା ହେଉଛି ଏକ ସମ୍ବେଦନଶୀଳ ଘଟଣାକୁ ଅତି ହାଲୁକା ଭାବରେ ନେଇଥିଲେ ପୁଲିସ ଅଧିକାରୀ। ସେପଟେ ସାଂସଦ ମଧ୍ୟ ଅଭିଯୋଗ ପାଇବା ପରେ ଅଭିଯୁକ୍ତ ଅଧ୍ୟକ୍ଷଙ୍କ ସହିତ ହାଲୁକା ଭାବେ କଥା ହୋଇ ରହିଯାଇଥିଲେ।

'ସକାଳ' ହାତରେ ଆଇସିସି ରିପୋର୍ଟ

୯ ଫର୍ଦ୍ଦ ଫିଟାଉଛି ଆତ୍ମହତ୍ୟାର ଗୁମର

ବାଲେଶ୍ୱର,୨୦।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ଚାରିଆଡେ ଆଲୋଚନା ଚାଲିଛି। ଆଇସିସି ରିପୋର୍ଟ ଛାତ୍ରୀଙ୍କ ସପକ୍ଷରେ ନ ଯିବା ହେତୁ ଛାତ୍ରୀଜଣଙ୍କ ଆତ୍ମହୂତି ଦେଲେ ବୋଲି ଚର୍ଚ୍ଚା ହେଉଛି। ଏସବୁ ଭିତରେ 'ସକାଳ' ହାତରେ ୯ଫର୍ଦ୍ଦର ଆଇସିସି ରିପୋର୍ଟ ଲାଗିଛି। ଯେଉଁ ରିପୋର୍ଟରେ ଯାହା ଉଲ୍ଲେଖ ରହିଛି ସେଥିରେ ବିଭାଗୀୟ ଏଚଓଡି ସମୀର ସାହୁଙ୍କୁ ସୁହାଉଥିବା ଭଳି ଲାଗୁଛି। ପୀଡିତା ନିୟମିତ ଭାବେ ଶ୍ରେଣୀକୁ ଆସୁନଥିବା ବେଳେ ଏଚଓଡି ତାଙ୍କୁ ତାଗିଦ କରୁଥିବା କଥା ଉଲ୍ଲେଖ ରହିଛି। ବାରମ୍ବାର ଉପସ୍ଥାନ କମ ନେଇ ଏଚଓଡି ତାଙ୍କୁ ତାଗିଦ କରିବା ସହିତ ଉପସ୍ଥାନ ବଢ଼ାଇବା ନେଇ ଚାପ ପ୍ରୟୋଗ କରି ଆସୁଥିଲେ। କିନ୍ତୁ ଆଇସିସି ରିପୋର୍ଟ ଅନୁସାରେ ବିବାଦୀୟ ଏଚଓଡି କଲେଜ ଖେଳ ପଡିଆ ନିକଟରେ ସମ୍ପୃକ୍ତା ଛାତ୍ରୀଙ୍କୁ କେବେ 'ଫେବର'ମାଗିବା ନେଇ ଆଇସିସି କୌଣସି ପ୍ରମାଣ ପାଇ ନ ଥିଲା। ସେହିପରି ଲଟେରୀ ମାଧ୍ୟମରେ ଚୟନ କରାଯାଇଥିବା ଛାତ୍ରଛାତ୍ରୀଙ୍କ ବୟାନ ମଧ୍ୟ ବିବାଦୀୟ ଏଚଓଡିଙ୍କ ବିରୋଧରେ ଯାଇନଥିବା ଆଇସିସି ରିପୋର୍ଟରେ ସ୍ପଷ୍ଟ ଭାବେ ଲେଖାଯାଇଛି। ଅନ୍ୟପଟେ ଛାତ୍ରୀଙ୍କ



ଶ୍ରେଣୀ ଉପସ୍ଥାପନ କମ ରହିବା, ବିଭାଗୀୟ ଏଚଓଡିଙ୍କୁ ନ ଜଣାଇ ବାହାରେ ବୁଲାବୁଲି କରିବା ଭଳି ତଥା ବିଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ଆଦି ସମ୍ପର୍କରେ ଉଲ୍ଲେଖ ରହିଛି। ଏହାଛଡା ଛାତ୍ରୀଙ୍କ ଉପସ୍ଥାନ ଶତକଡା ୩୦ରୁ ୩୫ମଧ୍ୟରେ ରହିବାରୁ (ସରକାରୀ ନିୟମ ଅନୁସାରେ ୭୫ପ୍ରତିଶତ ବାଧ୍ୟତାମୂଳକ) ତଥା ପ୍ରଥମ ସେମିଷ୍ଟାର ୩ଟି ବିଷୟ ଓ ଦ୍ୱିତୀୟ ସେମିଷ୍ଟାରରେ ଗୋଟିଏ ବିଷୟରେ ଫେଲ ହୋଇଥିବାରୁ ଏଚଓଡି ପୀଡିତା ଛାତ୍ରୀଙ୍କ ପ୍ରତି କୋଠର ଅନୁଶାସନ ଗ୍ରହଣ କରୁଥିଲେ। ଆଇସିସି ରିପୋର୍ଟରେ ଏହାମଧ୍ୟ ଉଲ୍ଲେଖ ରହିଛି ଯେ, ବିବାଦୀୟ ଏଚଓଡି ଶ୍ରୀ ସାହୁ ଜଣେ ସୁ ପ୍ରଶାସକ, ଶୃଙ୍ଖଳିତ କାର୍ଯ୍ୟପନ୍ଥାରେ ବିଶ୍ୱାସ ରଖୁଥିବା ତଥା ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ଉପରେ ଅଧିକ ଧ୍ୟାନ ଦିଅନ୍ତି ବୋଲି ସବୁ ଅଧ୍ୟାପକ, ଅଧ୍ୟାପିକାଙ୍କ ବୟାନ ରେକର୍ଡ କରିଥିଲେ। ଆଇସିସି ରିପୋର୍ଟର ଅନ୍ତିମ ଟିପ୍ପଣୀରେ ବିଭାଗୀୟ ମୁଖ୍ୟ ଶ୍ରୀ ସାହୁଙ୍କ ଦ୍ୱାରା ପୀଡିତା ଛାତ୍ରୀଙ୍କ ଉପସ୍ଥାନ ପାଇଁ ତଥା ପାଠ ପଢ଼ିବା ପାଇଁ ତାଗିଦ କରିବା କଥା ସତ ମାତ୍ର ଏଥିରେ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ (ବିଏଡ ବିଭାଗ) ମଧ୍ୟ ତାଙ୍କର ଅନୁପସ୍ଥିତି ଓ ପରୀକ୍ଷାଫଳ ବିଷୟରେ ଜଣାଇ ପଦକ୍ଷେପ ନେବାକୁ କହିଲେ ଏବଂ ପରୀକ୍ଷା ନ ଦେଇ ପାରିବା ଦସ୍ତାବିଜର ପ୍ରମାଣ ଅନୁଯାଇ ସରକାରଙ୍କ ନିୟମାବଳି ଅନୁସାରେ ହୋଇଛି। ଶାରୀରିକ ନିର୍ଯ୍ୟାତନା ବା ତତ୍‌ସମ୍ବନ୍ଧୀୟ କୌଣସି ପ୍ରମାଣ କମିଟିର ଯାଂଚ ସତ୍ତ୍ୱେ ହସ୍ତଗତ ହୋଇନଥିବାର ପ୍ରମାଣିତ ହୋଇନାହିଁ। ଏଣୁ ଏହା ଭିତିହୀନ ବୋଲି ପ୍ରମାଣିତ କରିଛି ଆଭ୍ୟନ୍ତରୀଣ ଯାଂଚ କମିଟିର ପ୍ରିଜାଇଡିଂ ଅଫିସର ଡ. ଜୟଶ୍ରୀ ମିଶ୍ର ଏବଂ ଅନ୍ୟ ସଦସ୍ୟ,ସଦସ୍ୟାଙ୍କ ମିଳିତ ଦସ୍ତଖତରେ। ତଦନ୍ତ ରିପୋର୍ଟ ଭାଇଡ ଲେଟର ନମ୍ବର୨୫୬୧ ତା ୧/୦୭/୨୫ଅନୁସାରେ ପ୍ରଦାନ କରାଯାଇଛି।

ନିଜକୁ ଦୋଷମୁକ୍ତ କରିବାକୁ ଯାଇ ବାଲେଶ୍ୱର ସାଂସଦ ଜନତାଙ୍କୁ ଭ୍ରମିତ କରୁଛନ୍ତି: ଗୌତମ ବୁଦ୍ଧ

ବାଲେଶ୍ୱର(ଉତ୍ତର)/ଭୋଗରାଇ, ୨୦।୭ (ସମିସ) : ବାଲେଶ୍ୱର ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଭୋଗରାଇ ମାଟିର ଝିଅ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା ପଛରେ ଅନେକ ରହସ୍ୟ ରହିଛି ଏବଂ ଅନେକ ଷଡ଼ଯନ୍ତ୍ରକାରୀ ମଧ୍ୟ ରହିଛନ୍ତି। ଏହି ରହସ୍ୟ ଉନ୍ମୋଚନ ପାଇଁ ମୁଁ ସରକାରଙ୍କ ନିକଟରେ ଦାବି ରଖିବା ପରେ ବାଲେଶ୍ୱରର ସାଂସଦ ବିଚଳିତ ହୋଇ ଗଣମାଧ୍ୟମକୁ କିଛି ଭୁଲ ସୂଚନା ଦେବା ସହ ଓଡ଼ିଶାବାସୀଙ୍କୁ ବିଭ୍ରାନ୍ତ କରିବାକୁ ଉଦ୍ୟମ କରିଛନ୍ତି। ସୌମ୍ୟାଶ୍ରୀ ଥାନାରେ ଏତଲା ଦେଇ ନ ଥିବାରୁ ପୁଲିସ ମାମଲା ରୁଜୁ କରି ପାରିଲାନି ବୋଲି ସାଂସଦ ପ୍ରତାପ ଷଡ଼ଙ୍ଗୀ ଓଡ଼ିଶାବାସୀଙ୍କୁ ଯେଉଁ ତାହା ମିଛ କହିଥିଲେ ଏବଂ ନିଜକୁ କ୍ଲିନଚିଟ୍ ଦେବାକୁ ଅପପ୍ରୟାସ କରୁଛନ୍ତି ବୋଲି ଆଜି ଦେହୁର୍ଦ୍ଦା ସ୍ଥିତ ବିଜେଡି ପାର୍ଟି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ସାଂସଦଙ୍କ ମହାମିଛର ପର୍ଦ୍ଦାଫାସ କରିଛନ୍ତି। ବିଧାୟକ ଶ୍ରୀ ଦାସ ଆହୁରି କହିଛନ୍ତି ଯେ, ପ୍ରତାପ ଷଡ଼ଙ୍ଗୀଙ୍କ ମିଛ ଆଶ୍ୱାସନା ଓ ଦାୟିତ୍ୱହୀନତା ଯୋଗୁଁ ଝିଅଟି ଥାନାରେ ଲିଖିତ ଅଭିଯୋଗ କଲେ ବି ପୁଲିସ ମାମଲା ରୁଜୁ କଲା ନାହିଁ ଏବଂ ଶେଷରେ ସବୁ ଆଡୁ ନିରାଶ ହୋଇ ନିଜକୁ ଜାଳିଦେଲା ଯାହା ମୃତ୍ୟୁ ପୂର୍ବରୁ ମୃତା ସୌମ୍ୟାଶ୍ରୀ ନିଜେ ଓଡ଼ିଶାର ଏକ ପ୍ରମୁଖ ଟେଲିଭିଜନ ଚ୍ୟାନେଲକୁ ବାଇଟ ଦେଇ ପ୍ରକାଶ କରିଛନ୍ତି, ଏବେ ତାହା ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତେଣୁ ଏହାଠୁ ଆଉ ବଡ଼ ପ୍ରମାଣ କଣ ଥାଇପାରେ। ନିଜ ଦୋଷ ଲୁଚାଇବାକୁ ମିଛ କହି ସମସ୍ତଙ୍କୁ ବିଭ୍ରାନ୍ତ କରିଥିବା ପ୍ରତାପ ଷଡ଼ଙ୍ଗୀ ରାଜନୀତିରୁ କେବେ ସନ୍ୟାସ ନେବେ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ଏହି ସମ୍ବେଦନଶୀଳ ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି ଯାହା ଓଡିଶା ପୁଲିସର ଅଧୀନରେ ଅଛି। ତେଣୁ ଏହି ଘଟଣାରେ ଦାୟୀ ଥିବା ପୁଲିସ ଓ ରାଜନେତାଙ୍କ ବିରୁଦ୍ଧରେ ତଦନ୍ତ ନିଶ୍ଚିତ ବାଟବଣା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଘଟଣା ନ୍ୟାୟିକ ତଦନ୍ତ କରାଗଲେ ନିଶ୍ଚିତ ସତ୍ୟ ପଦାକୁ ଆସିପାରିବ। ଏହି ସାମ୍ବାଦିକ ସମ୍ମିଳନୀରେ ଭୋଗରାଇ ବିଜୁ ଜନତାଦଳର ସଭାପତି ରମାକାନ୍ତ କରଣ, ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଗଣପତି ଗିରି, ଜିଲ୍ଲା ଉପସଭାପତି ତପନ ପଣ୍ଡା, ବ୍ଲକ ବିଜେଡି ସାଧାରଣ ସମ୍ପାଦକ ହେମନ୍ତ ବେହେରା, ସନ୍ତୋଷ କୁମାର ସାସମଲ, ବରିଷ୍ଠ ନେତା ନଗେନ୍ଦ୍ର ପାତ୍ର, ଉପସଭାପତି ପ୍ରଦୀପ ବେହେରା, ଅଶୋକ ସାହୁ, ଜିଲ୍ଲା ପରିଷଦ ସଭ୍ୟା ଦମୟନ୍ତୀ ସାହୁ କବିତା ମହାନ୍ତି, ନିବେଦିତା ମହାନ୍ତି, ନମିତା ପାଳ ପ୍ରମୁଖ ବହୁସଂଖ୍ୟକ ବିଜେଡି ନେତା ଓ କର୍ମୀମାନେ ଉପସ୍ଥିତ ଥିଲେ।

ଜମିବାଡ଼ି ଗଣ୍ଡଗୋଳରୁ ହତ୍ୟା

ବାଲେଶ୍ୱର/ରାଜଘାଟ,୨୦।୭(ସମିସ): ସଂପ୍ରତି ବାଲେଶ୍ୱରରେ ଅପରାଧିକ କାର୍ଯ୍ୟକଳାପ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ସୋମବାର ଦିନ ସିଂଲା ଥାନା ଅନ୍ତର୍ଗତ କାଦ୍ରାୟାଁ ଗ୍ରାମରେ ଛୁରୀ ଭୁସି ଜଣଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ସନ୍ଧ୍ୟା ୫ ଘଟିକାରେ ସେଖ କାଲୁ (୫୨)ଙ୍କୁ ଜଣେ ଦୁର୍ବୃତ୍ତ ଛୁରୀ ଭୁସି ଦେବା ପରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ସ୍ଥାନୀୟ ହସ୍ପିଟାଲ ଏବଂ ପରେ ରେମୁଣା ସ୍ଥିତ ମେଡ଼ିକାଲ କଲେଜରେ ଭର୍ତ୍ତି କରିଥିଲେ। ମାତ୍ର ପ୍ରାଥମିକ ପରୀକ୍ଷାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ, ଜମି ବାଡ଼ି ବିବାଦକୁ କେନ୍ଦ୍ର କରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ଭୁଜାଲି ମାଡ଼ ହୋଇଥିଲା । ସିଂଲା ଥାନା କାଦରାୟା ପଞ୍ଚାୟତ ଗୋପିନାଥପୁର ଗ୍ରାମର ଶେଖ୍ କାଲୁଙ୍କ ମୃତ୍ୟୁ ଘଟିଛି । ଘଟଣାସ୍ଥଳରେ ସିଂଲା ପୁଲିସ ତଦନ୍ତ କରୁଛି।

● ଶ୍ରାବଣର ଦ୍ୱିତୀୟ ସୋମବାର

ପଞ୍ଚଲିଙ୍ଗେଶ୍ୱରରେ ହଜାର ହଜାର ଭକ୍ତଙ୍କ ଭିଡ଼

ନୀଳଗିରି, ୨୦।୭ (ସମିସ): ଶ୍ରାବଣର ଦ୍ୱିତୀୟ ସୋମବାର ଅବସରରେ ହଜାର ହଜାର କାଉଡ଼ିଆ ଭକ୍ତ ଶୁଦ୍ଧପୂତ ଭାବରେ ବିଭିନ୍ନ ଜଳଉତ୍ସରୁ ପବିତ୍ର ଜଳଗ୍ରହଣ କରି କାନ୍ଧରେ ଜଳଭାର ନେଇ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ ମସ୍ତକରେ ଜଳାଭିଷେକ କରିବା ପାଇଁ ଲମ୍ବାଧାଡ଼ିରେ ଯାଉଥିବା ପରିଲକ୍ଷିତ ହୋଇଛି। ଶ୍ରଦ୍ଧାଳୁଙ୍କ ବୋଲବମ୍ ଧ୍ୱନିରେ ପରିବେଶ ଭକ୍ତିମୟ ହୋଇଥିବା ବେଳେ ଶ୍ରଦ୍ଧାଳୁଙ୍କ ଉଦ୍ଦେଶ୍ୟରେ ରାସ୍ତାର ବିଭିନ୍ନ ସ୍ଥାନରେ ନିଃଶୁଳ୍କ ଖାଦ୍ୟପେୟ ବିତରଣ କରାଯାଉଥିବା ଦେଖିବାକୁ ମିଳିଛି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ହଜାର ହଜାର ଭକ୍ତଙ୍କ ସମାଗମକୁ ଆଖିଆଗରେ ରଖି ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟବୋର୍ଡ ତରଫରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥାଗ୍ରହଣ

କରାଯାଇଥିବା ପୁଲିସ ପ୍ରଶାସନ ତରଫରୁ ଭିନ୍ନଭିନ୍ନ ସ୍ଥାନରେ ପୁଲିସ ମୁତୟନ କରାଯାଇଛି। ଏତଭିନ୍ନ ଦୋକାନୀସଂଘ ତରଫରୁ ଭକ୍ତଙ୍କ ସହାୟତା ପାଇଁ ସାହାଯ୍ୟର ହାତବଢାଇବାକୁ ସଂଘ ନିଷ୍ପତ୍ତି ନେଇଥିବା ବେଳେ ଶୃଙ୍ଖଳିତ ଜଳାଭିଷେକ କରିବାପାଇଁ ପ୍ରଶାସନ ଏବଂ ଟ୍ରଷ୍ଟବୋର୍ଡ ପକ୍ଷରୁ ବ୍ୟାପକ ଆୟୋଜନ କରାଯାଇଥିବା ସୂଚନା ମିଳିଛି।

ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ବ୍ୟଙ୍ଗ କବିତା ଆସର

ବାଲେଶ୍ୱର,୨୦।୭ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ସ୍ରଷ୍ଟା ନାଟ୍ୟାଳୟ ପରିସରରେ ହାସ୍ୟବ୍ୟଙ୍ଗ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଲେଖକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଭୁବନେଶ୍ୱରରୁ ଆସିଥିବା ବ୍ୟଙ୍ଗ କବୟିତ୍ରୀ ଚମକ ଚାନ୍ଦିନୀ ଦାଶ ଏକାଧିକ କବିତା ପାଠ କରିଥିଲେ। ଏହାବ୍ୟତୀତ ହାସ୍ୟକବି ବ୍ରହ୍ମନାଥ ରଥ, ପ୍ରଭାକର ସାହୁ (ରେମୁଣୀ), ପ୍ରତିଷ୍ଠିତ ହାସ୍ୟକବି ପଦ୍ମଲୋଚନ ପ୍ରଧାନ, ବାଲେଶ୍ୱରର ଅନ୍ୟତମ କବି ସୁବାସ ସ୍ୱାଇଁ ମଧ୍ୟ ସ୍ୱରଚିତ ହାସ୍ୟବ୍ୟଙ୍ଗ କବିତା ପାଠକରି ଶ୍ରୋତାଗଣଙ୍କୁ ମୁଗ୍ଧ କରିଥିଲେ। ସମସ୍ତ ହାସ୍ୟବ୍ୟଙ୍ଗ କବିତାର ସଂଯୋଜନା କରିଥିଲେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ। ସମ୍ପାଦକ ତପନ ରୟ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ପ୍ରୟୋଗ କରାଯାଇଥିବା ବହୁ ହାସ୍ୟରସାବକ କବିତା ଉପସ୍ଥାପନ କରିଥିଲେ। ଏକ ସ୍ୱତନ୍ତ୍ର ନାଟକୀୟ ଶୈଳୀରେ କବିମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ ଜୁମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡା। ଅନ୍ୟମାନଙ୍କ ମଧ୍ୟରେ ଶରତ କୁମାର ମହାପାତ୍ର, ଡ.ଶିରୀଶଚନ୍ଦ୍ର ଜେନା, ନିବାରଣ ଜେନା, ସଂଜୟ କୁମାର ପଣ୍ଡା, ହେମେନ୍ଦ୍ର ମହାପାତ୍ର, ପ୍ରସନ୍ନ କୁମାର ଦାସ,ଜ. ହେମମାଳା ଦାଶ, ସୁବ୍ରତା ମହାନ୍ତି, ପ୍ରତିମା ପଣ୍ଡା, ଡ.ସମର ବଲ୍ଲଭ ଭୋଗ, ଗୌରୀଶଙ୍କର ସାହାଣୀ, ଉର୍ମିଳା ନାୟକ, ତୃପ୍ତିରାଣୀ ପାତ୍ର, ପ୍ରଫୁଲ୍ଲ କୁମାର ଦାସ, ସ୍ନିଗ୍ଧା ସାମନ୍ତରାୟ, କବି ସଂଜୟ ପଣ୍ଡା, ଲମ୍ବୋଦର ନାୟକ, କାହ୍ନୁଚରଣ ଲେଙ୍କା, ବିଦ୍ୟାଧର ସାହୁ, ଇଂ ଚିନ୍ମୟ ରକ୍ଷିତ, ମଧୁସୂଦନ ମାଝୀ, ଗଗନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ପୂଜ୍ୟପୂଜା ଉତ୍ତର ଦୟାଦଙ୍କ ପାଇଁ ଏକ ଆଲୋକ ବର୍ତ୍ତିକା

କାଳିପଦା, ୨୦।୭ (ସମିସ): ସମାଜରେ ପୂଜ୍ୟପୂଜା ଉତ୍ତର ଦୟାଦଙ୍କ ପାଇଁ ଏକ ଆଲୋକ ବର୍ତ୍ତିକା ସଦୃଶ୍ୟ ହୋଇଥାଏ। ଏହା ମଧ୍ୟ ଏକ ଦିଗ ବାରେଣୀ ପରି କାମ କରିଥାଏ ବୋଲି ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଖପରାପଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭା ଗୃହରେ କ୍ଷୀରୋଦା ମଣି ବେହେରାଙ୍କ ଶ୍ରାଦ୍ଧ ବାର୍ଷିକୀ ସ୍ମୃତି ସଭାରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ବରିଷ୍ଠ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ସଭାରେ ଜାମଶୂଳୀ କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ବିଜୟକୁମାର ଦେ, ପୂର୍ବତନ ଏସ ଆଇ ଅଫ୍ ସ୍କୁଲସ୍ ମନ୍ମଥ କୁମାର ସାହୁ, ବାଲିଆପାଳ ଉତ୍କଳ ସମ୍ମିଳନୀ ସମ୍ପାଦକ ସନ୍ୟାସୀ ବେହେରା, ଶିକ୍ଷାବିତ ବଂଶୀଧର ସାହୁ, ଯୁବ ସମାଜସେବୀ ଯୁଗଳ କିଶୋର ପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଦିବଂଗତ ଆତ୍ମାର ସଦ୍‌ଗତି ପାଇଁ ଏକ ମିନିଟ ନୀରବ ପ୍ରାଥନା କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟା ଅଞ୍ଜନା ମିଶ୍ର ଶେଷ କଥା ରଖିଥିଲେ। ବରିଷ୍ଠ ଗୁରୁଜୀ ଜଳଧର ଦେ, ରାଜେଶ କୁମାର ଦେ, ସୁକାନ୍ତ କୁମାର ପ୍ରଧାନ, କୃଷ୍ଣା ସୁର, ଚିନ୍ମୟୀ କର, ଝୁନାରାଣୀ ଦାଶ, ଅନ୍ନପୂର୍ଣ୍ଣା ବିଶ୍ୱାଳ, ବିଷ୍ଣୁପ୍ରିୟା କୁହ୍ଲାରୀ, ଲତିକା ସାହୁ, ସୁସ୍ମିତା ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

ବନ୍ୟା ପାଣିରେ ପଶି ଭତ୍ତା ବାଣ୍ଟିଲେ ସରକାରୀ ଅଧିକାରୀ

ଭୋଗରାଇ, ୨୦।୭(ସମିସ) : ସୁବର୍ଣ୍ଣ ରେଖାର ଚତୁର୍ଥ ବନ୍ୟାରେ ଭୋଗରାଇ ବ୍ଲକ ରେ ୩୦ ଗାଁ ପ୍ରଭାବିତ ହୋଇଛନ୍ତି। ଭୋଗରାଇ ବ୍ଲକର କତୁଆଡି ପଂଚାୟତର ଚକେଇସବ ଗ୍ରାମର, ବାର୍ଦ୍ଧକ୍ୟ, ଭିନ୍ନକ୍ଷମ ବିଧବା, ସ୍ୱାମୀ ପରିତ୍ୟକ୍ତା ଅବିବାହିତା ଭତ୍ତା ଦେବା ପାଇଁ ଦେବ ଦୂତ ସାଜିଛନ୍ତି ପଂଚାୟତର ପିଇଓ ମାନସ ରଞ୍ଜନ ମାଝୀ ଏବଂ ଏଡିଓ ମାନସ କୁମାର ପାତ୍ର। ଦୁହେଁ ବିପଦ ସଂକୁଳ ଅବସ୍ଥାରେ ୪ ଫୁଟରୁ ଉଦ୍ଧ୍ୱର୍ ପାଣି ଭିତରେ ରେ ପଶି ଯାଉ ଥିବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ସେମାନେ ଆଜି ୩ ଶହ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟି ଥିବା ପ୍ରକାଶ କରିଛନ୍ତି।

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ସେବାଭାରତୀ ସଂଗଠନ ମନ୍ତ୍ରୀଙ୍କ ବିୟୋଗରେ ଶୋକ

ସୋର, ୨୦।୭ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରାନ୍ତ ସଂଗଠନ ମନ୍ତ୍ରୀ ଭାବରେ କାର୍ଯ୍ୟରତ କୈଳାସ ଚନ୍ଦ୍ର ଜେନାଙ୍କର ଆଜି ଭୁବନେଶ୍ୱର ସମ୍ ଅଲ୍ଟିମେଟରେ ହୃଦ୍‌ରୋଗରେ ଚିକିତ୍ସିତ ହେଉଥିବା ସମୟରେ ଆକସ୍ମିକ ଭାବେ ମୃତ୍ୟୁ ହୋଇ ଯାଇଛି। ସେ ବାଲେଶ୍ୱର ଜିଲାର ସୋର ନିକଟସ୍ଥ ନୂଆଗାଁରେ ଜନ୍ମଗ୍ରହଣ କରି ଥିଲେ। କଲେଜ ଶିକ୍ଷା ସମାପ୍ତ କରି ସଂଘର ପ୍ରଚାରକ ଭାବରେ କାର୍ଯ୍ୟରତ ଥିଲେ ଓ ବିଭିନ୍ନ ଦାୟିତ୍ୱ ସୁଚାରୁରୂପେ ସମ୍ପାଦନ କରିଆସୁଥିଲେ। ତାଙ୍କର ମୃତ୍ୟୁରେ ସଂଘ ପରିବାରର ଅପୂରଣୀୟ କ୍ଷତି ଘଟିଛି। ତାଙ୍କ ମୃତ୍ୟୁରେ ସୋର ସ୍ୱୟଂ ସେବକ

ସଂଘର କର୍ମକର୍ତ୍ତାମାନଙ୍କ ମଧ୍ୟରେ ବିଷ୍ଣୁମୋହନ ପଣ୍ଡା, ବିକ୍ରମ ମହାପାତ୍ର, କାହ୍ନୁଚରଣ ବେହେରା, ସଂଜୟ ସାହୁ, ବସନ୍ତ ସନ୍ଧିବିଗ୍ରହ, ହେମେନ୍ଦ୍ର ମହାନ୍ତି, ବିଜୟ କୁମାର ଦାସ, ନନ୍ଦ କିଶୋର ରଣା ପ୍ରମୁଖ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ତାଙ୍କ ମର ଶରୀରକୁ ଆଜି ନିଜ ଜନ୍ମସ୍ଥାନକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଛି। ଏହି ଅବସରରେ ପ୍ରନ୍ତିୟ ପ୍ରଚାରକ ବିପିନି ବିହାରୀ ନନ୍ଦ ଓ ବହୁମାନ୍ୟଗଣ୍ୟ ବ୍ୟକ୍ତି କାର୍ଯ୍ୟକର୍ତ୍ତା, ପ୍ରଚାରକ ଯୋଗଦେଇଥିଲେ।

ବୃକ୍ଷରୋପଣ

ସୋର, ୨୦।୭ (ସମିସ): ସୋରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆଦର୍ଶ ଯୁବ ପରିଷଦ ପକ୍ଷରୁ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ସୋର ବ୍ଲକ ନଟାପଡ଼ା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ନଟାପଡ଼ା ଗ୍ରାମରେ ଚନ୍ଦନ ପୋଖରୀ ପାର୍ଶ୍ୱରେ ଥିବା ଏକ ନୂତନ ଛୋଟ ସବୁଜ ବନାନୀରେ ୩୦ଟି କୃଷ୍ଣଚୂଡା,ରାଧାଚୂଡା,ଶିଶୁ, ଜାମୁ, ପିଜୁଳି ଚାରା ରୋପଣ କରାଯାଇଥିଲା। ଏହି ସମୟରେ ଗ୍ରାମବାସୀଙ୍କ ତରଫରୁ ନିରଞ୍ଜନ ମହାନ୍ତି, ହିମାଦ୍ରି ମହାନ୍ତିଙ୍କ ସହିତ ଆଦର୍ଶ ଯୁବ ପରିଷଦର ପୃଥ୍ୱୀ ରଞ୍ଜନ ବେହେରା, ସତ୍ୟବ୍ରତ ବେହେରା, ଯଦୁନାଥ ଧଡ଼ା, ରମାକାନ୍ତ ସ, ତୁଷାର ଜେନା, ମନ୍ମଥ ଜେନା, ମୃତ୍ୟୁଞ୍ଜୟ ଦାସ, ସୁନିଲ ବେହେରା, ମାନସ ଘୋଡ଼ା, ରଞ୍ଜିତା ଅଗସ୍ତି, ପ୍ରମିଳା ରାଉତ, ନିବେଦିତା ପୋଇ, ମୀନାରାଣୀ ଜେନା, ବୃକ୍ଷରୋପଣ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲେ। ପରିଷଦ ତରଫରୁ ଅଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

'ପ୍ରେସ-ଇକ୍ସପ୍ରେସ ମିଡିଆ କ୍ଲବ୍'ର ବାର୍ଷିକ ଉତ୍ସବ

ବାଲେଶ୍ୱର,୨୦।୭ (ସମିସ)

ସାମ୍ବାଦିକ ସଂଗଠନ "ପ୍ରେସ ଇକ୍ସପ୍ରେସ ମିଡିଆ କ୍ଲବ'ର ବାର୍ଷିକ ଉତ୍ସବ ସ୍ଥାନୀୟ ଭେନ୍ୟା ପାରାଡାଇଜ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଶାସକ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଉତ୍ସବକୁ ଉଦଘାଟନ କରିବା ସହିତ ସାମ୍ବାଦିକଙ୍କ ସୁରକ୍ଷା ପାଇଁ ସେ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଂଗଠନ ସଭାପତି ବରିଷ୍ଠ ସାମ୍ବାଦିକ ଉଜ୍ଜଳ ଚନ୍ଦ୍ର କରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସଦର ବିଧାୟକ ମାନସ କୁମାର ଦତ୍ତ, ବସ୍ତା ବିଧାୟିକା ସୁବାସିନୀ ଜେନା, "ପ୍ରବାହ' ଖବରକାଗଜ ସମ୍ପାଦକ ଅଭିମନ୍ୟୁ ମହାପାତ୍ର, "ବିଶ୍ୱବାଣୀ' ତ୍ରିଭାଷୀ ଖବରକାଗଜ ସମ୍ପାଦକ ଅର୍ଜ୍ଜୁନ କୁମାର ମୁଦୁଲି, ପୂର୍ବତନ ପୌରପାଳ ଆଲୋକ

କୁମାର ସାହୁ, ସମାଜସେବୀ ଅଜୟ କୁମାର ବିଶ୍ୱାଳ ଓ ଜନପ୍ରିୟ ଖବରକାଗଜ ସମ୍ପାଦକ ନରେନ୍ଦ୍ର ବିହାରୀ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନିଜ ପରିବାରର ଉନ୍ନତିକୁ ଗୁରୁତ୍ୱ ନ ଦେଇ ସମସ୍ତଙ୍କୁ ନ୍ୟାୟ ଦେବାକୁ ଚେଷ୍ଟା କରୁଥିବା ସାମ୍ବାଦିକଙ୍କ ସୁରକ୍ଷା ପ୍ରତି ସରକାର ଦୃଷ୍ଟି ଦେବା ଉଚିତ ବୋଲି ଅତିଥି କହିଥିଲେ। ସମାଜର ଉଲ୍ଲେଖନୀୟ ଅବଦାନ ଥିବା ବ୍ୟକ୍ତି ବିଶେଷଙ୍କୁ ସଂଗଠନ ପକ୍ଷରୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଦୀପ୍ତ ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ସଂଗଠନର ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ କଥା ରଖିଥିଲେ। ଅଭୟ ଦାସ ଶେଷରେ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଉତ୍ସବରେ ସାମ୍ବାଦିକତାରେ ଉଲ୍ଲେଖନୀୟ ଅବଦାନ ଥିବା ବିଶ୍ୱବ୍ୟାପି ବ୍ୟକ୍ତିଙ୍କ ବିରଳ ଫଟୋଚିତ୍ରକୁ ସ୍ତମ୍ଭକାର ସର୍ବେଶ୍ୱର ଦାସ ଏକ ପ୍ରଦର୍ଶନୀ ସ୍ଥାପନ କରିଥିଲେ। ସମସ୍ତ କାର୍ଯ୍ୟକୁ ସୁଶାନ୍ତ କୁମାର ଦାସ, ସୁଶୀଳ ଜେନା, ଅଜିମ ବାଲେଶ୍ୱରୀ, ବାସୁଦେବ ରାଉଳ, ପ୍ରଭାତ ଶର୍ମା, ଦୀପକ ମଲ୍ଲିକ, ପୂର୍ଣ୍ଣଚନ୍ଦ୍ର ବେହେରା, ପ୍ରଭାତ କୁମାର ଶର୍ମା, ସ୍ୱାଗତିକା ବାରିକ, ମୋନାଲିସା ପଣ୍ଡା, ସୁଦାମ ପାତ୍ର, ଉମାକାନ୍ତ ରାଉତ, ଚକ୍ରଧର ସିଂ, ରାମଚନ୍ଦ୍ର ମହଲ, ଧୀରେନ୍ଦ୍ର ନାୟକ, ପାର୍ଥସାରଥୀ ଦାଶବାବୁ, ତରୁଣ କୁମାର କର, କରୁଣାକର ଭୂୟାଁ, ବିଶ୍ୱଜିତ ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ।

ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ଘଟଣା

ବଲଙ୍ଗା ଥାନା ଘେରିଲା ବିଜେଡି

ବଲଙ୍ଗା, ୨୦।୭ (ସମିସ): ବଲଙ୍ଗା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ଦେହରେ ୩ ଦୁର୍ବୃତ୍ତ ନିଆଁ ଲଗାଇଦେବା ଘଟଣାରେ ଆଜି ବିଜେଡି ବଲଙ୍ଗା ଥାନା ଘେରାଉ କରିଛି। ବିଜେଡିର ପୁରୀ ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, ବିଜେଡି ନେତା ପ୍ରଦୀପ ମାଝୀ, ନିମାପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଦିଲ୍ଲୀପ ନାୟକ, ସୁବ୍ରତ ଛାଟୋଇ, ରୁଦ୍ରପ୍ରସାଦ ମହାରଥୀ, ଟୁକୁନୀ ସାହୁ, ଲେଖାଶ୍ରୀ ସାମନ୍ତରାୟ, ରାଜଶ୍ରୀ ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ୧ ହଜାରରୁ ଊର୍ଦ୍ଧ୍ୱ କର୍ମୀ ବଲଙ୍ଗା ଥାନାକୁ ଘେରାଉ କରିଥିଲେ। କିଛି ବିଜେଡି ନେତା ଓ କର୍ମୀ ଥାନା ଭିତରକୁ ଧସେଇ ପଶିବାକୁ ଉଦ୍ୟମ କରିବାରୁ ପୁଲିସ୍ ସହ ସେମାନଙ୍କ ଧସ୍ତାଧସ୍ତି ହୋଇଥିଲା। ପୁଲିସ୍ ଥାନା ଗେଟ୍‌କୁ ତାଲା ପକାଇ ଦେବାରୁ ନେତା ଓ କର୍ମୀମାନେ ଥାନା ବାହାରେ ଧାରଣା ଦେଇଥିଲେ। ପରେ ବିଜେଡି କର୍ମୀମାନେ ବିଜେପି ସରକାରଙ୍କ ବିରୋଧରେ ନାରାବାଜି କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କ ଇସ୍ତଫା ଦାବି କରି ଥାନା ଆଗରେ ସେମାନଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

- ■ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି ଓ କୁଶପୁତ୍ତଳିକା ଦାହ
- ■ ବିଜେଡି କର୍ମୀ ଓ ପୁଲିସ ମୁହାଁମୁହିଁ

ସୂଚନାନୁଯାୟୀ, କର୍ମୀମାନେ ବଲଙ୍ଗା ବଜାରରୁ ଏକ ରାଲିରେ ଥାନା ନିକଟକୁ ଯାଇଥିଲେ। ଏହି ଅବସରରେ ଦଳ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଘଟଣାକୁ ୨୪ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଥିଲେ ହେଁ ପୁଲିସ୍ ଏ ପର୍ଯ୍ୟନ୍ତ କାହାରିକୁ ଗିରଫ କରିବା ତ ଦୂରର କଥା, ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିପାରିନାହିଁ। ପୁଲିସ୍ ଖାଲି ଅନ୍ଧାରରେ ବାଡ଼ି ବୁଲାଉଛି। ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଥିଲେ ଯେ ରାଜ୍ୟରେ ବିଜେପି ସରକାରର ଅପାରଗତା ଯୋଗୁଁ ଗତ ୧ ବର୍ଷ ମଧ୍ୟରେ ୩ ହଜାରରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତନାର ଶିକାର ହୋଇ ପ୍ରାଣ ହରାଇଲେଣି। ପ୍ରତିଦିନ ନାରୀ ଅତ୍ୟାଚାରର ଶିକାର ହେଉଛି। ବିଜେଡି ନେତା ପ୍ରଦୀପ ମାଝୀ କହିଛନ୍ତି, ବାଲେଶ୍ୱର ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଘଟଣାକୁ ଦିନ କେଇଟା ବିତିନଥିବା ବେଳେ ବଲଙ୍ଗାରେ ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ରୂପେ ଦାୟୀ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ପୁଲିସ୍ ଅଭିଯୁକ୍ତମାନଙ୍କୁ ନ ଧରିଲେ, ଭୁବନେଶ୍ୱରରେ ରାଜରାସ୍ତାକୁ ଅଚଳ କରାଯିବ ବୋଲି ଦଳ ଚେତାବନୀ ଦେଇଛି।

ଅପରପକ୍ଷେ, ଏହି ଘଟଣାରେ ବଲଙ୍ଗା ପୁଲିସ ସନ୍ଦେହରେ ୩ ଜଣଙ୍କୁ ଥାନାକୁ ଉଠାଇ ଆଣି ପଚରାଉଚରା କରୁଛି।

ବଲଙ୍ଗା ଥାନାରେ ପିସିସି ପ୍ରତିନିଧି ଦଳ

ବଲଙ୍ଗା, ୨୦।୭ (ସମିସ): ବଲଙ୍ଗା ନାବାଳିକାକୁ ଜାଳିଦେବା ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଅପରାଧୀଙ୍କ କୌଣସି ସୁରାକ୍ ମିଳି ନଥିବାରୁ କଂଗ୍ରେସ ଉଦ୍‌ବେଗ ପ୍ରକାଶ କରିଛି। ଏହି ପରିପ୍ରେକ୍ଷୀରେ ଆଜି ପ୍ରଦେଶ କଂଗ୍ରେସ କମିଟି (ପିସିସି) ର ଏକ ପ୍ରତିନିଧି ଦଳ ବଲଙ୍ଗା ଥାନା ପରିଦର୍ଶନ କରି ତଦନ୍ତର ଅଗ୍ରଗତି ସଂପର୍କରେ ପଚାରି ବୁଝିଛନ୍ତି। ଏହାସହ ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରିବା ସହ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏହି ପ୍ରତିନିଧି ଦଳରେ ପିସିସି ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ସଂଖ୍ୟାଲଘୁ ରାଜ୍ୟ ସାଧାରଣ ସମ୍ପାଦକ ସେକ୍ ମେହେବୁବା, ପିପିଲି ବ୍ଲକ୍ କଂଗ୍ରେସ ସଭାପତି ବିଶ୍ୱରଞ୍ଜନ ମିଶ୍ର ପ୍ରମୁଖ ସାମିଲ ଥିଲେ। ଅପରପକ୍ଷେ, ଖୁବ୍‌ଶୀଘ୍ର ପିସିସି ସଭାପତି ବଲଙ୍ଗା ଆସିବେ ବୋଲି ଶ୍ରୀ ମିଶ୍ର ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦେଇଛନ୍ତି।

■ ବିଜେଡି ପ୍ରତିନିଧିଙ୍କୁ ଫେରାଦ ହେଲେ ମହିଳା

‘ମୋ ଝିଅ ୪୫ ଦିନ ହେଲା ନିଖୋଜ ଅଛି’

ପୁରୀ, ୨୦।୭ (ସମିସ): ବଲଙ୍ଗାରେ ପୁଣି ଜଣେ ମହିଳା ନ୍ୟାୟ ପାଇଁ ଗୁହାରି ହୋଇଛନ୍ତି। ରବିବାର ବିଜେଡି ପ୍ରତିନିଧି ଦଳ ପୀଡ଼ିତା ନାବାଳିକାଙ୍କୁ ଜାଳିଦେବାକୁ ଉଦ୍ୟମ କରିଥିବା ଅଭିଯୁକ୍ତଙ୍କୁ ଗିରଫ ଦାବିରେ ବଲଙ୍ଗା ଥାନା ଆଗରେ ବିକ୍ଷୋଭ କରିଥିଲେ। ଏହି ସମୟରେ ସମ୍ପୃକ୍ତା ମହିଳା ବିଜେଡି ମହିଳା ପ୍ରତିନିଧିଙ୍କୁ ତାଙ୍କ ଝିଅକୁ ଫେରାଇ ଆଣିବା ଲାଗି ବ୍ୟବସ୍ଥା କରିବା ପାଇଁ ଗୁହାରି କରିଥିଲେ। ୪୫ଦିନ ହେଲାଣି ତାଙ୍କର ୧୭ବର୍ଷୀୟା ଝିଅ କେଉଁଆଡ଼େ ନିଖୋଜ ହୋଇଯାଇଛି। ଏନେଇ ବଲଙ୍ଗା ଥାନାରେ ସେମାନେ ଲିଖିତ ଭାବେ ଜଣାଇଥିଲେ। ପୁଲିସ ଆଶ୍ୱାସନା ଦେଉଥିଲେ ହେଁ ଏ ପର୍ଯ୍ୟନ୍ତ ତାଙ୍କ ଝିଅ ଫେରିନାହିଁ। ପୁଲିସ ତାଙ୍କ କଥା ଶୁଣୁନଥିବା ମହିଳା ଅଭିଯୋଗ କରିଛନ୍ତି।

ସ୍ଥିତି ସମୀକ୍ଷା କଲେ ପୁଲିସ ଡିଜି

ପୀଡ଼ିତାଙ୍କ ଘର ଓ ଘଟଣାସ୍ଥଳ ପରିଦର୍ଶନ କଲେ

- ■ ଦୁଃଖୀଶ୍ୟାମଙ୍କ ସମେତ ଅନ୍ୟମାନଙ୍କୁ ପଚାରି ବୁଝିଲେ
- ■ ବଲଙ୍ଗା ଥାନାରେ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ରୁଦ୍ଧଦ୍ୱାର ବୈଠକ

ବଲଙ୍ଗା/ପୁରୀ, ୨୦।୭(ସମିସ): ପୁଲିସ ମହାନିର୍ଦ୍ଦେଶକ ୱାଇ.ବି. ଖୁରାନିଆ ଆଜି ବଲଙ୍ଗା ଗସ୍ତ କରି ପୀଡ଼ିତାଙ୍କ ଘର ଓ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେଦିନ ପୀଡ଼ିତା କେଉଁ ରାସ୍ତା ଦେଇ ଯାଇଥିଲା, କେଉଁଠାରେ ଏହି ଅଘଟଣ ଘଟିଥିଲା ଏବଂ ନିଆଁ ଲାଗିବା ପରେ ସେ କେଉଁ ରାସ୍ତା ଦେଇ ଯାଇଥିଲା, ତାହାର ଛାନ୍‌ଭିନ୍ କରିଛନ୍ତି।

ନାବାଳିକାକୁ ପ୍ରଥମେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରିଥିବା ଦୁଃଖୀଶ୍ୟାମ ସେନାପତିଙ୍କ ଘରକୁ ମଧ୍ୟ ଡିଜି ଯାଇ ତାଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ପରେ ଡିଜି ପୀଡ଼ିତାଙ୍କ ଘରକୁ ଯାଇଥିଲେ। ସେଠାରେ ତାଙ୍କ ପଡ଼ୋଶୀଙ୍କୁ ମଧ୍ୟ ପଚରାଉଚରା କରିଥିଲେ। କେବଳ ସେତିକି ନୁହେଁ, ବରଂ ତଦନ୍ତ ପ୍ରକ୍ରିୟା କେତେ ବାଟ ଯାଇଛି ଓ ଆଉ କ’ଣ କରାଯିବ ଏବଂ ଅଭିଯୁକ୍ତଙ୍କୁ କିପରି ଧରାଯିବ; ସେ ନେଇ ବଲଙ୍ଗା ଥାନାରେ ପ୍ରାୟ ୨ ଘଣ୍ଟାରୁ ଊର୍ଦ୍ଧ୍ୱ ରୁଦ୍ଧଦ୍ୱାର ବୈଠକ କରିଥିଲେ।

ପରେ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି ପୁଲିସ ଡିଜି ଶ୍ରୀ ଖୁରାନିଆ କହିଥିଲେ, ରବିବାର ଷ୍ଟେଟ୍ ଫରେନ୍‌ସିକ୍ ସାଇନ୍ସ ଟିମ୍ ଏବଂ ଏମ୍ସର ଫରେନ୍‌ସିକ୍ ମେଡିସିନ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେମାନେ ଘଟଣାର ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରିଛନ୍ତି। ପୁଲିସ ପାଖରେ କିଛି ତଥ୍ୟ ପହଞ୍ଚିଛି। ଅଧିକ ତଥ୍ୟ ସଂଗ୍ରହ କରାଯାଉଛି। ତଦନ୍ତ ଏକ ସମ୍ବେଦନଶୀଳସ୍ତରରେ ପହଞ୍ଚିଛି। ତେଣୁ ଅଧିକ କିଛି କହିବା ଏବେ ଠିକ୍ ନୁହେଁ। ଯଦି କିଛି ସର୍ବସାଧାରଣରେ କହିବାର ଥିବ, ନିଶ୍ଚିତ ପୁଲିସ ଜଣାଇବ ବୋଲି କହିଛନ୍ତି। ଏହି ସମସ୍ତ କାର୍ଯ୍ୟକ୍ରମରେ ଡିଜିପିଙ୍କ ସହ କେନ୍ଦ୍ରାଞ୍ଚଳ ଆଇଜି ପ୍ରବୀଣ କୁମାର, ପୁରୀ ଏସ୍‌ପି ପିନାକ ମିଶ୍ର, ଅତିକ୍ତ ଏସ୍‌ପି, ପିପିଲି ଡିଏସ୍‌ପି ଓ ପୁରୀ ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀ ଉପସ୍ଥିତ ରହିଥିଲେ।

ଆଜିଠୁ ସଂସଦର ମୌସୁମୀ ଅଧିବେଶନ

ଏକାଧିକ ରାଜ୍ୟସ୍ୱାର୍ଥ ପ୍ରସଙ୍ଗ ଉତ୍ଥାପନ କରିବ ବିଜେଡି

ଭୁବନେଶ୍ୱର,୨୦।୭ (ସମିସ): ଆସନ୍ତାକାଲିଠାରୁ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଅଧିବେଶନରେ ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗକୁ ଦୃଢ଼ ଭାବେ ଉତ୍ଥାପନ କରିବାକୁ ବିଜେଡି ନିଷ୍ପତ୍ତି ନେଇଛି। ବିଶେଷକରି ରାଜ୍ୟରେ ବର୍ତ୍ତମାନ ନାରୀ ଏବଂ ଶିଶୁ ଉତ୍ପୀଡ଼ନ, ନିର୍ଯାତନା ପ୍ରମୁଖ ପ୍ରସଙ୍ଗ ପାଲଟିଥିବା ବେଳେ ଏହାକୁ ବିଜେଡି ମୁଖ୍ୟ ପ୍ରସଙ୍ଗ କରିବ। ଡବଲ ଇଞ୍ଜିନ ସରକାରରେ ରାଜ୍ୟରେ ଦୁଷ୍କର୍ମ ମାମାଲରେ ବୃଦ୍ଧି ରାଜ୍ୟ ପାଇଁ ଲଜ୍ଜା ଆଣୁଥିବା ବେଳେ ଏନେଇ ଦଳ ନିଜ ସ୍ୱରକୁ ଶାଣିତ କରିବ। ଏହାବ୍ୟତୀତ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା, ମହାନଦୀ ଓ ପୋଲାଭରମ୍ ବିବାଦ, ଉପକୂଳ ରାଜପଥ, କୋଇଲା ରାଜଭାଗ ବୃଦ୍ଧି ଦାବି, ରେଳ, ମୋବାଇଲ ଏବଂ ବ୍ୟାଙ୍କିଙ୍ଗ ସୁବିଧା ବୃଦ୍ଧି ସହ ଚାଷୀଙ୍କୁ ମିଳୁଥିବା ଏମ୍‌ଏସ୍‌ପିକୁ ଦୁଇଗୁଣା କରିବାକୁ ଦଳ ଦାବି କରିବ ବୋଲି ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳ ନେତା ଡ. ସସ୍ମିତ ପାତ୍ର ସୂଚନା ଦେଇଛନ୍ତି।

ଡ. ପାତ୍ର କହିଛନ୍ତି ଯେ ଆସନ୍ତା ମୌସୁମୀ ଅଧିବେଶନରେ ରାଜ୍ୟରେ ବିଗୁଡୁଥିବା

- ■ ରାଜ୍ୟରେ ମହିଳା ଓ ଶିଶୁଙ୍କ ଉତ୍ପୀଡ଼ନକୁ ପ୍ରମୁଖ ପ୍ରସଙ୍ଗ କରିବ ଦଳ
- ■ କୋଇଲା ରାଜଭାଗ ବୃଦ୍ଧି, ସ୍ୱତନ୍ତ୍ର ପାହ୍ୟା ରାଜ୍ୟ ଦାବି ଦୋହରାଇବ
- ■ ଉପକୂଳ ରାଜପଥ ସମ୍ପର୍କରେ ସ୍ୱର ଶାଣିତ କରିବେ ଦଳୀୟ ସାଂସଦ

ଆଇନଶୃଙ୍ଖଳା ସ୍ଥିତି ପ୍ରମୁଖ ପ୍ରସଙ୍ଗ ପାଲଟିବ। ବିଜେପି ସରକାରରେ ଆଇନଶୃଙ୍ଖଳା ସ୍ଥିତି ଭୁଶୁଡ଼ି ପଡ଼ିଥିବା ବେଳେ ମହିଳା ଓ ଶିଶୁଙ୍କ ବିରୋଧରେ ଜଘନ୍ୟ ଅପରାଧର ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ନିକଟରେ ବାଲେଶ୍ୱରରେ ଜଣେ ଛାତ୍ରୀ ପ୍ରଶାସନ, ସରକାରଙ୍କ ପାଖରୁ ନ୍ୟାୟ ନ ପାଇ ନିଜକୁ ଜାଳିଦେବା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି। ଛାତ୍ରୀଜଣକ ଏବିଭିପିର ସକ୍ରିୟ ସଦସ୍ୟ ହୋଇଥିଲେ ହେଁ ତାଙ୍କୁ କୌଣସି ନ୍ୟାୟ ମିଳିଲା ନାହିଁ। କେବଳ ଏତିକି ନୁହେଁ; ଶୁକ୍ରବାର ପୁରୀ ଜିଲ୍ଲା ବଲଙ୍ଗା ଅଞ୍ଚଳରେ ଜଣେ ୧୫ ବର୍ଷୀୟ ନାବାଳିକାକୁ ମଧ୍ୟ କେତେକ ଦୁର୍ବୃତ୍ତ କିରୋସିନ ଢାଳି ଜାଳି ଦେବାକୁ ଉଦ୍ୟମ କରିଛନ୍ତି। ୨୦ ଦିନ ପୂର୍ବେ ଗୋପାଳପୁର ବେଳାଭୂମିରେ ମଧ୍ୟ ଜଣେ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା। ଏସବୁ ଘଟଣା ରାଜ୍ୟର ଗୁରୁତର ଆଇନଶୃଙ୍ଖଳା ସ୍ଥିତିକୁ ଦର୍ଶାଉଛି। ଏସବୁ ପ୍ରସଙ୍ଗକୁ ଦଳ ସଂସଦରେ ଦୃଢ଼ ସ୍ୱରରେ ଉତ୍ଥାପନ କରିବ ବୋଲି ଡ. ପାତ୍ର କହିଛନ୍ତି।

ଏହାବ୍ୟତୀତ ଓଡ଼ିଶା ଦୀର୍ଘ ବର୍ଷ ଧରି କୋଇଲା ରାଜଭାଗ ବୃଦ୍ଧି ଦାବି କରି ଆସୁଛି। ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ନାଯ୍ୟ ଦାବି ପ୍ରତି ଆଖି ବୁଜି ଦେଇଛନ୍ତି। ସେହିପରି ମହାନଦୀ, ପୋଲାଭରମ୍ ଘଟଣାରେ ଓଡ଼ିଶାର ସ୍ୱାର୍ଥ ଗୁରୁତର ଭାବେ ପ୍ରଭାବିତ ହେବାକୁ ଥିବାବେଳେ ଏନେଇ ବିଜେଡି ଲଗାତାର ଭାବେ ନିଜ ସ୍ୱର ଉତ୍ତୋଳନ କରି ଆସିଛି। ମୌସୁମୀ ଅଧିବେଶନରେ ଦଳର ସାଂସଦ ଏସବୁ ପ୍ରସଙ୍ଗକୁ ନେଇ ଗୃହରେ ନିଜର ପକ୍ଷ ଦୃଢ଼ ଭାବରେ ଉପସ୍ଥାପନ କରିବେ। ସେହିପରି ରାଜ୍ୟରେ ରେଳସେବାଠାରୁ ଆରମ୍ଭ କରି ମୋବାଇଲ ନେଟ୍‌ୱାର୍କ, ବ୍ୟାଙ୍କିଙ୍ଗ ସେବା ପରିସର ବୃଦ୍ଧି ଦାବି ନେଇ ଦଳ ସ୍ୱର ଶାଣିତ କରିବ ବୋଲି ଡ. ପାତ୍ର ସୂଚନା ଦେଇଛନ୍ତି।

ପ୍ରେମିକାକୁ ଖୁସି କରାଇବାକୁ ମହିଳାଙ୍କୁ ଚୂନ ମାରୁଥିଲା

ଗିରଫ ହେଲା ଝାଡ଼ଖଣ୍ଡୀ ଧୂର୍ତ୍ତ

ବାରିପଦା, ୨୦।୭ (ସମିସ): ପ୍ରେମିକାକୁ ଖୁସି କରିବା ପାଇଁ ବିବାହିତ ମହିଳାଙ୍କୁ ପ୍ରେମଜାଲରେ ଫସାଇ ଠକୁଥିବା ଝାଡ଼ଖଣ୍ଡର ଜଣେ ଧୂର୍ତ୍ତକୁ ଭଞ୍ଜପୁର ପୁଲିସ ଗିରଫ କରିଛି। ସେ ହେଲା, ଝାଡ଼ଖଣ୍ଡର ବାହଡ଼ାଗୋଡ଼ା ଥାନା ଅଧୀନ ମୌଦା ଗ୍ରାମର ଶମ୍ଭୁନାଥ ବେରା ଓରଫ ସିମରନ(୨୭)।

- ● ବିବାହିତ ମହିଳାଙ୍କୁ ପ୍ରେମ ଜାଲରେ ଫସାଇ ଠକୁଥିଲା ଟଙ୍କା, ଅଳଙ୍କାର
- ● କାର୍, ବାଇକ୍, ମୋବାଇଲ ସହ ୧୦୭ ଗ୍ରାମ ସୁନା ଜବତ

ଭଞ୍ଜପୁର ଥାନା ଅଞ୍ଚଳର ଜଣେ ବିବାହିତ ମହିଳାଙ୍କ ସହ ସିମରନ ଇନଷ୍ଟାଗ୍ରାମରେ ବନ୍ଧୁତା ସୃଷ୍ଟି କରିଥିଲା। ପରେ ତାଙ୍କ ହ୍ୱାଟ୍ସଆପ ନମ୍ବର ନେଇ ଚାଟିଂ କରି ପ୍ରେମ ଜାଲରେ ଫସାଇଥିଲେ। କିଛି ଦିନର ସମ୍ପର୍କ ପରେ ବିଭିନ୍ନ ବାହାନାରେ ପର୍ଯ୍ୟାୟକ୍ରମେ ଟଙ୍କା ମାଗୁଥିଲା। ମହିଳାଜଣଙ୍କ ଟଙ୍କା ଦେଉଥିବାରୁ ସିମରନ୍‌ର ଲୋଭ ବଢ଼ିଥିଲା। ତେଣୁ ବଡ଼ ହାତ ମାରିବାକୁ ସେ ନୂଆ ଫନ୍ଦି ବାହାର କରିଥିଲା। ମାଆଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବା କହି ଚିକିତ୍ସା ପାଇଁ ୧୦ଲକ୍ଷ ଟଙ୍କା ମାଗିଥିଲା। କିନ୍ତୁ ମହିଳାଙ୍କ ପାଖରେ ଏତେ ଟଙ୍କା ନଥିବାରୁ ସେ ତାକୁ ୧୫ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସୁନାଗହଣା ଦେଇ ଦେଇଥିଲେ। କିନ୍ତୁ ଏହା ପରଠାରୁ ସିମରନ୍ ଆଉ ଧରାଛୁଆଁ ଦେଇନଥିଲା। ମହିଳାଜଣଙ୍କ ବାରମ୍ବାର ଟଙ୍କା ମାଗିବାରୁ ସେ ତାଙ୍କୁ ବ୍ଲାକମେଲ କରିବା ଆରମ୍ଭ କରିଥିଲା। ବାରମ୍ବାର ତାଙ୍କୁ ଯୌନ ନିର୍ଯାତନା ଦେବା ସହ ଏନେଇ କାହାକୁ ଜଣାଇଲେ ପରିବାରଲୋକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ମହିଳାଜଣଙ୍କ ସାହସ ଜୁଟାଇ ପୁଲିସର ଦ୍ୱାରସ୍ଥ ହୋଇଥିଲେ।

ପୁଲିସ୍ ସୂଚନାନୁଯାୟୀ, ମହିଳାଙ୍କ ପାଖରୁ ନେଇଥିବା ସମସ୍ତ ଗହଣାକୁ ସିମରନ୍ ନିଜ ପ୍ରେମିକା (ବାଙ୍ଗିରିପୋଷିର ଜଣେ ଯୁବତୀ)ଙ୍କୁ ଦେଇଥିଲା। ଉକ୍ତ ଯୁବତୀଙ୍କର ଏକ ବିୟୁଟିପାର୍ଲର୍‌ଅଛି। କିଛି ଦିନ ପରେ ଦୁହେଁ ବିବାହ କରିଥା’ନ୍ତେ। ତେବେ, ଯୁବତୀଜଣଙ୍କ ଏହି ଗହଣାକୁ ବଦଳାଇବାକୁ ସୁନା ଦୋକାନକୁ ଯାଇଥିବା ବେଳେ ପୁଲିସ ଖବର ପାଇଥିଲା। ତଦନ୍ତ ପରେ ସବୁ ଘଟଣା ସାମ୍ନାକୁ ଆସିଥିଲା। ତାଙ୍କଠାରୁ ୧୦୭ ଗ୍ରାମ୍ ସୁନା, ୨ଟି ଦାମୀ ସ୍ମାର୍ଟଫୋନ୍, କାର୍, ବାଇକ୍ ଜବତ ହୋଇଛି। ଘଟଣାର ଭଞ୍ଜପୁର ଥାନା ଅଧିକାରୀ ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଅଧିକ ତଦନ୍ତ ଜାରି ରହିଛି।

ଖରିଫ ଧାନ ବିକ୍ରି ପାଇଁ ପଞ୍ଜିକରଣ ଆରମ୍ଭ

ଭୁବନେଶ୍ୱର, ୨୦।୭ (ସମିସ): ଖରିଫ ଧାନ ବିକ୍ରି ପାଇଁ ଗତକାଲି (ଶନିବାର) ଠାରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ଆସନ୍ତା ୨୦ ଅଗଷ୍ଟ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଜାରି ରହିବ। ଏନେଇ ସମବାୟ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେପ୍ଟେମ୍ବର ୯ ତାରିଖ ଭିତରେ ଚାଷୀଙ୍କ ତଥ୍ୟ ଯାଞ୍ଚ କରାଯିବ। ୩୦ ସେପ୍ଟେମ୍ବର ସୁଦ୍ଧା ଯୋଗ୍ୟ ଚାଷୀଙ୍କ ତାଲିକା ପ୍ରକାଶ ପାଇବ। କୃଷି, ଯୋଗାଣ ଓ ସମବାୟ ତିନୋଟି ବିଭାଗର ମିଳିତ ଆଲୋଚନା ପରେ ଏହି ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ରବି ଧାନ ବିକ୍ରିରେ ଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେଣୁ ଖରିଫରେ ତା’ର ପୁନରାବୃତ୍ତି ନ ହେବା ପାଇଁ ସରକାରୀ ସ୍ତରରେ ବିଚାରବିମର୍ଶ କରାଯାଇ ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଜଣେ ବି ଯୋଗ୍ୟ ଚାଷୀ ଯେପରି ପଞ୍ଜିକରଣରୁ ବାଦ୍ ନ ପଡ଼ନ୍ତି, ତା’ ଉପରେ ଧାନ ଦେବାକୁ ସମବାୟ ସମିତିକୁ ନିର୍ଦ୍ଦେଶ ଦିଆଯାଇଛି।

- ■ ଅଗଷ୍ଟ ୨୦ ଶେଷ ତାରିଖ ଧାର୍ଯ୍ୟ
- ■ ନଭେମ୍ବରରୁ ଧାନ କିଣା ଆରମ୍ଭ

ପଞ୍ଜିକୃତ ଚାଷୀଙ୍କଠାରୁ ନଭେମ୍ବର ପ୍ରଥମ ସପ୍ତାହରୁ ଧାନ କିଣା ଆରମ୍ଭ ହୋଇ ୨୦୨୬ ୩୧ ମାର୍ଚ୍ଚ ସୁଦ୍ଧା ଶେଷ ହେବ। ଚାଷୀମାନେ ପଞ୍ଜିକରଣ ଫର୍ମ, ଆଧାର କାର୍ଡ, ମୋବାଇଲ ନମ୍ବର, ଜମିର ଖତିଆନ, ଅଧିକାର ଅଭିଲେଖ ଆଦି ନେଇ କୃଷି ସମବାୟ ସମିତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ପଞ୍ଜୀକରଣ କରିପାରିବେ। ଏହି ଫର୍ମ ଦାଖଲ କରିବା ସମୟରେ ବ୍ୟକ୍ତିଗତ ତଥ୍ୟ ସହ ଧାନ ଚାଷ ହୋଇଥିବା ଜମିର ବିବରଣୀ ପ୍ରଦାନ କରିବେ। ସେହିଭଳି ଭାଗଚାଷୀମାନେ ବି ପଞ୍ଜୀକରଣରେ ସାମିଲ ହୋଇ ଆବଶ୍ୟକ କାଗଜପତ୍ର ଦାଖଲ କରି ଏହାର ଲାଭ ଉଠାଇପାରିବେ। ଚାଷୀମାନେ ଟୋଲ୍ ଫ୍ରି ନମ୍ବର ୧୯୬୭ରେ ଅଭିଯୋଗ କରିପାରିବେ।

ଏ ସମ୍ପର୍କରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, “ଆମେ କ୍ଷେତ୍ରୀୟ ସର୍ଭେ କରିବୁ। ଯିଏ ଯୋଗ୍ୟ, ସେ ଧାନ ବିକ୍ରି କରିପାରିବେ। ଧାନ କିଣିବା ନେଇ କୌଣସି ଟାର୍ଗେଟ୍ ନାହିଁ। ଯେତେ ଧାନ ଚାଷୀ ବିକ୍ରି କରିବ, ସରକାର କିଣିବେ ବୋଲି ସେ କହିଛନ୍ତି।

ତେବେ ଏନେଇ ଚାଷୀମାନେ କହିଛନ୍ତି, ଆଗୁଆ ଖରିଫ ଫସଲ ପାଇଁ ସରକାର ଏବେଠାରୁ ପଞ୍ଜୀକରଣ କରିବେ। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ଫସଲ ଅମଳ କରି ମଣ୍ଡି ପାଖକୁ ଗଲା ବେଳକୁ ସରକାର କିଛି ପଦକ୍ଷେପ ନେଉନାହାନ୍ତି। କଟ୍‌ନୀଛଟ୍‌ନୀ, ଟୋକନ ଲାପ୍ସ ଏସବୁ ଅସୁବିଧା ହେଉଛି। ଏସବୁ ପ୍ରତି ସରକାର ବିଚାର କରିବା ଉଚିତ। ରବି ଧାନ ବିକ୍ରୟ ବେଳେ ଚାଷୀ ଅକଥନୀୟ ଯନ୍ତ୍ରଣା ଭୋଗିଛନ୍ତି। ଅଦିନିଆ ବର୍ଷାରେ ଚାଷୀଙ୍କ ଧାନ ବ୍ୟାପକ କ୍ଷତି ହୋଇଛି। ତେଣୁ ସରକାର ଏ ବାବଦରେ ବିଚାର କରନ୍ତୁ ବୋଲି ସେ କହିଛନ୍ତି।

କିରାସିନି ଢାଳି ହୋଇ ଜଳିଗଲେ ଯୁବତୀ

ବ୍ରହ୍ମଗିରି, ୨୦।୭ (ସମିସ): ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ଅରଖକୁଦା ଥାନା ଅନ୍ତର୍ଗତ ଶୀତଳପଦା ଗ୍ରାମରେ ଘଟିଯାଇଛି ଏକ ଅଭାବନୀୟ ଘଟଣା। ଜଣେ ଯୁବତୀ ନିଜ ଦେହରେ କିରୋସିନ ଢାଳି ହୋଇ ନିଆଁ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ, ଉକ୍ତ ଗ୍ରାମର ଅକ୍ଷୟ ବେହେରାଙ୍କ ଝିଅ ବୁଲି ବେହେରା(୨୦)। ପାରିବାରିକ କଳହକୁ କେନ୍ଦ୍ର କରି ଶୁକ୍ରବାର ଘରେ କେହି ନ ଥିବା ସମୟରେ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମହତ୍ୟା କରିବା ପାଇଁ ଚେଷ୍ଟା କରିଥିଲେ। ତାଙ୍କୁ ଘରଲୋକ ବ୍ରହ୍ମଗିରି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନିଆଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ଏବଂ ଅଧିକ ଚିକିତ୍ସା ପାଇଁ ସେହିଦିନ ଭୁବନେଶ୍ୱର ସମ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ସମୟରେ ରବିବାର ସକାଳେ ମୃତ୍ୟୁ ହୋଇଯାଇଛି। ତାଙ୍କ ମରଶରୀରକୁ ନିଜ ଗ୍ରାମ ଶୀତଳପଦା ଅଣାଯାଇଥିଲା।

ଦୁଷ୍କର୍ମ ଉଦ୍ୟମ: ଅତିରିକ୍ତ ଅଗ୍ନିଶମ ଅଧିକାରୀ ଗିରଫ

ରାୟଗଡ଼ା,୨୦।୭ (ସମିସ): ଏକ ଦୁଷ୍କର୍ମ ମାମଲାରେ ରାୟଗଡ଼ା ଦମକଳ କେନ୍ଦ୍ରର ଅତିରିକ୍ତ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ବେହେରାଙ୍କୁ ରାୟଗଡ଼ା ପୁଲିସ୍ ଗିରଫ କରିଛି। ଜଣେ ମହିଳାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଭିଯୋଗ ଅନୁଯାୟୀ, ଦୁଇ ବର୍ଷ ହେଲା ଅତିରିକ୍ତ ଅଗ୍ନିଶମ ଅଧିକାରୀ ଶ୍ରୀ ବେହେରା ଜଣେ ବିବାହିତ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ଏବଂ ପରେ ତାଙ୍କୁ ନିର୍ଯାତନା ଦେଇଥିଲେ। ମହିଳାଜଣଙ୍କ ଦୁଇଟି ସନ୍ତାନର ମାଆ। ତେବେ ପୂର୍ବରୁ ଉଭୟଙ୍କ ମଧ୍ୟରେ ବିବାଦ ଲାଗି ରହିଥିବା ବେଳେ ଏନେଇ ମହିଳା ଜଣକ ରବିବାର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଡାକ୍ତରୀମାଇନା କରାଯାଇ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ପ୍ରସନ୍ନ କୁମାର ବେହେରା କହିଛନ୍ତି।

ଟ୍ରେଲର-ବାଇକ୍ ଧକ୍କା; ୨ ମୃତ

ଡୁରୁମୁଙ୍ଗା/କରଞ୍ଜିଆ, ୨୦।୭ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥର ସାହାରପଡ଼ା ଇଣ୍ଡିଆନ ପେଟ୍ରୋଲ ପମ୍ପ ନିକଟରେ ଆଜି ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ଜଣ ପ୍ରାଣ ହରାଇଛନ୍ତି। ମୃତକଦ୍ୱୟ ହେଲେ, ପାଟଣା ଥାନା ଜଗାନାଳି ଗ୍ରାମର ଅଣ୍ଡ ମୁଣ୍ଡା ଓ ସରୋଜ ମହାନ୍ତ। ଏକ ବାଇକ୍‌କୁ ଟ୍ରେଲର୍ ମୁହାଁମୁହିଁ

ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ସୂଚନାନୁଯାୟୀ, ଅଣ୍ଡ ଓ ସରୋଜ ଏକ ବାଇକ୍‌ରେ କୌଣସି କାମରେ ଯାଉଥିବା ବେଳେ ସାହାରାପଡ଼ା ପେଟ୍ରୋଲ ପମ୍ପ ନିକଟରେ ସେମାନଙ୍କୁ ଟ୍ରେଲର୍‌ଟି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଅଣ୍ଡଙ୍କ ମୃତ୍ୟୁ ଘଟିଥିବା ବେଳେ ସରୋଜଙ୍କୁ ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ କରଞ୍ଜିଆ ମେଡିକାଲରେ ଭର୍ତ୍ତି କରାଇଥିଲା। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ସାହାରପଡ଼ା ଫାଣ୍ଡି ପୁଲିସ୍ ଦୁର୍ଘଟଣାଗ୍ରସ୍ତ ଗାଡ଼ିଦ୍ୱୟକୁ ଅଟକ ରଖି ତଦନ୍ତ ଚଳାଇଛି।

ଟାଟା ପାୱାର ପାଇଁ ବଢ଼ିଲା ଅଡୁଆ

ସେବାର ମାନ ନେଇ ସାଧାରଣ ଲୋକଙ୍କଠାରୁ ମତାମତ ଲୋଡ଼ିଲେ କମିଶନ

ଭୁବନେଶ୍ୱର,୨୦।୭ (ସମିସ): ରାଜ୍ୟରେ ବିଜୁଳି ବିତରଣ ଦାୟିତ୍ୱରେ ଥିବା ଟାଟା ପାୱାରର ୪ଟି ବିତରକ କମ୍ପାନୀର ଅଡୁଆ ଆଗାମୀ ଦିନରେ ବଢ଼ିପାରେ। ଗତ ୧୫ ତାରିଖରେ ଓଇଆରସି(ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ)ରେ ବିତରକ କମ୍ପାନୀର ସେବାର ମାନକୁ ନେଇ ହୋଇଥିବା ଏକ ଶୁଣାଣିରେ ଏକ ଗୁରୁତ୍ୱପୂର୍ଣ୍ଣ ମଧ୍ୟବର୍ତ୍ତୀକାଳୀନ ରାୟ ଶୁଣାଇଛନ୍ତି କମିଶନ। ରାଜ୍ୟବ୍ୟାପୀ ଟାଟା ପାୱାରର ୪ ବିତରକ କମ୍ପାନୀ କିପରି ସେବା ପ୍ରଦାନ କରୁଛନ୍ତି ଏବଂ ଏହାର ମାନ କିପରି ରହିଛି ସେନେଇ କମିଶନ ସାଧାରଣ ଲୋକ, ସଂସ୍ଥା ଏବଂ ଅଂଶୀଦାରଙ୍କ ନିକଟରୁ ମତାମତ ଆହ୍ୱାନ କରିଛନ୍ତି। ଏନେଇ କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଧିବଦ୍ଧ ଭାବେ ନୋଟିସ୍ ମଧ୍ୟ ଜାରି କରାଯାଇଛି। ଆସନ୍ତା ଅଗଷ୍ଟ ୧୬ ତାରିଖ ମଧ୍ୟରେ ଇଚ୍ଛୁକ ଲୋକ ନିଜର ମତାମତ ଦାଖଲ କରିପାରିବେ ବୋଲି କମିଶନଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ରାଜ୍ୟବ୍ୟାପୀ ଟାଟା ପାୱାରର ବିଦ୍ୟୁତ୍ ବିତରଣ ସେବାକୁ ନେଇ ବିଭିନ୍ନ ସମୟରେ ଅସନ୍ତୋଷ ପ୍ରକାଶ ପାଉଥିବା ବେଳେ କମିଶନଙ୍କ ଉପରୋକ୍ତ ରାୟ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି।

ସୂଚନାଯୋଗ୍ୟ ଯେ ରାଜ୍ୟର ବିଭିନ୍ନ ସ୍ଥାନରେ ଲୋ-ଭୋଲଟେଜ ସମସ୍ୟା, ବିଦ୍ୟୁତ୍ କାଟ୍, ଗ୍ରାହକଙ୍କଠାରୁ ଅତିରିକ୍ତ ଶୁଳ୍କ ଆଦାୟ ପରି ଅଭିଯୋଗ ନିୟମିତ ଭାବେ କମିଶନଙ୍କ ହସ୍ତଗତ ହୋଇଥିଲା। ଏହାକୁ ଗୁରୁତର ଭାବେ ନେଇ ଓଇଆରସି ନିଜ ଆଡୁ ଏକ ମାମଲା ରୁଜୁ କରିଥିଲା। ଇଲେକ୍ଟ୍ରିସିଟି ଆକ୍ଟ, ୨୦୦୩ ସହ ଅନ୍ୟ କେତେକ ଆଇନର ଉଲ୍ଲଂଘନ ଆଧାରରେ ଏହି ମାମଲା ରୁଜୁ ହୋଇଥିବା ବେଳେରତ ୧୫ ତାରିଖରେ ଏହାର ଶୁଣାଣି ମଧ୍ୟ ହୋଇଥିଲା। ଶୁଣାଣିରେ ମୋଟ ୮ଟି ଅଭିଯୋଗ ହୋଇଥିବା ବେଳେ ଟାଟା ପାୱାରର ୪ଟି ବିତରକ କମ୍ପାନୀ ଯଥା ଟିପିସିଓଡିଏଲ, ଟିପିଏନଓଡିଏଲ, ଟିପିଏସଓଡିଏଲ ଏବଂ ଟିପିଡବ୍ଲ୍ୟୁଡିଏଲ ନିଜ ନିଜର ଉତ୍ତର ରଖିଥିଲେ। ଶୁଣାଣି ପରେ ନିଜ ମଧ୍ୟବର୍ତ୍ତୀକାଳୀନ ରାୟରେ ସାଧାରଣ ଲୋକଙ୍କଠାରୁ ମତାମତ ଲୋଡ଼ିଛନ୍ତି ଆୟୋଗ। ଅଭିଯୋଗକାରୀ ନିଜ ଅଭିଯୋଗ ସହ ନିଜର ହ୍ୱାଟ୍ସଆପ୍ ନମ୍ବର, ଇମେଲ ଠିକଣା ପ୍ରଦାନ କରିବାକୁ ଏଥିରେ କୁହାଯାଇଛି। ଆସନ୍ତା ଅଗଷ୍ଟ ୨୯ ତାରିଖରେ ଓଇଆରସି କାର୍ଯ୍ୟାଳୟରେ ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ସମସ୍ତ ଅଭିଯୋଗକାରୀଙ୍କୁ ଭିସି ଯୋଗେଁ ଯୋଡ଼ିହେବା ପାଇଁ ଲିଙ୍କ୍ ପଠାଯିବ।

ସୂଚନାଯୋଗ୍ୟ ଯେ ବିଦ୍ୟୁତ୍ ବିତରଣ ଦାୟିତ୍ୱରେ ଥିବା ୪ଟି ବିତରକ କମ୍ପାନୀର କାର୍ଯ୍ୟଦକ୍ଷତାକୁ ନେଇ ବିଭିନ୍ନ ସମୟରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବିଶେଷକରି ଲୋ-ଭୋଲ୍‌ଟେଜ୍, ଅଘୋଷିତ ବିଦ୍ୟୁତ୍ କାଟ୍, ସ୍ମାର୍ଟ ମିଟର ଏବଂ ଅତିରିକ୍ତ ଶୁଳ୍କ ଆଦାୟକୁ ନେଇ ଗ୍ରହକମାନେ ଅଭିଯୋଗ କରି ଆସୁଛନ୍ତି। ବିଶେଷକରି କମ୍ପାନୀ ଇଲେକ୍ଟ୍ରିସିଟି ଆକ୍ଟ- ୨୦୦୩ର ଧାରା ୪୩ର ଉଲ୍ଲଂଘନ କରୁଥିବା ଓଇଆର୍‌ସି ନଜରକୁ ଆସିଛି। ଏନେଇ ମାଳମାଳ ଅଭିଯୋଗ ହସ୍ତଗତ ହେବା ପରେ କମିଶନ ଏହାକୁ ଗୁରୁତ୍ୱର ସହ ନେଇଥିବା ଜଣାପଡ଼ିଛି। କେବଳ କାର୍ଯ୍ୟଦକ୍ଷତା ନୁହେଁ; ନିକଟରେ ବିଦ୍ୟୁତ୍ ବିତରକ ଟ୍ରାନ୍ସଫର୍ମର ଏବଂ ଫିଡର୍ ଲାଇନ୍‌ଗୁଡ଼ିକର ମିଟରିଂକୁ ପ୍ରାଥମିକତା ଦେବାକୁ ଟାଟା ପାୱାରର ୪ଟି ଯାକ ବିତରକ କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଏକ୍ଷେତ୍ରରେ ଟାଟା ପାୱାରର ପ୍ରଦର୍ଶନକୁ ନେଇ କମିଶନ ଅସନ୍ତୋଷ ପ୍ରକାଶ କରିଥିବା ଜଣାପଡ଼ିଛି।

ବଡ଼ ମେଡିକାଲରେ ତାତିଲେ ରୋଗୀ

ନିରାମୟ କେନ୍ଦ୍ରର ଝରକା ଭାଙ୍ଗିଦେଲେ

କଟକ, ୨୦।୭ (ସମିସ)

ବଡ଼ ମେଡିକାଲର ନିରାମୟ କେନ୍ଦ୍ରଗୁଡିକ ସମ୍ପୂର୍ଣ୍ଣ ଅବ୍ୟବସ୍ଥିତ ଢ଼ଙ୍ଗରେ ଚାଲିଛି। ଔଷଧ ନାହିଁ କହି ଅଧାରୁ ଅଧିକ ପ୍ରେସକ୍ରିପସନ ଫେରାଇ ଦେଉଛନ୍ତି। ଯେଉଁ ଔଷଧ ଉପଲବ୍ଧ ରହୁଛି, ସେତିକି ଦେବା ପାଇଁ ରୋଗୀ ହୁଅନ୍ତୁ କିମ୍ବା ସେମାନଙ୍କ ସମ୍ପର୍କୀୟଙ୍କୁ ଅପେକ୍ଷା କରାଉଛନ୍ତି। କେନ୍ଦ୍ରର କର୍ମଚାରୀମାନଙ୍କ ମନୋମୁଖୀ କାର୍ଯ୍ୟ ଦିନକୁ ଦିନ ବଢ଼ି ଚାଲିଥିବା ବେଳେ ଶନିବାର ଚକ୍ଷୁ ବିଭାଗ ନିକଟ ନିରାମୟ କେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ନିରାମୟ କେନ୍ଦ୍ର ଭିତରେ କର୍ମଚାରୀ ଗପସପ କରୁଥିଲେ ସୁଦ୍ଧା ଡାକିଲେ ଶୁଣୁନଥିଲେ। ଫଳସ୍ୱରୂପ ଜଣେ ରୋଗୀ ଉତ୍ୟକ୍ତ ହୋଇ କେନ୍ଦ୍ରର ଝରକା ଭାଙ୍ଗିଦେଇଥିଲେ। ଏହି ଘଟଣା ବାବଦରେ ଏସ୍‌ସିବି କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

ଏସ୍‌ସିବି ମେଡିକାଲରେ ନିରାମୟ କେନ୍ଦ୍ର ପୂର୍ବଭଳି ଆଉ କାମ କରୁନି। ରୋଗୀଙ୍କୁ ସେବା ଯୋଗାଇବାରେ ବିଫଳ ହେଉଛି। ଗତ ଏକ ମାସ ଭିତରେ ଅନେକ ରୋଗୀ ସମ୍ପର୍କୀୟ ଏଭଳି ଅଭିଯୋଗ ଉଠାଇଲେଣି। ଅନେକ ରୋଗର ଔଷଧ ନିରାମୟ କେନ୍ଦ୍ରରେ ଉପଲବ୍ଧ ନଥିବା ବେଳେ ଏହାକୁ ବିନା କାରଣରେ ବନ୍ଦ କରି ଦିଆଯାଉଥିବା ନେଇ ମଧ୍ୟ ଅଭିଯୋଗ ଉଠିଛି। କିଛି ଦିନ ପୂର୍ବେ ହେପାଟାଇଟିସ ଆକ୍ରାନ୍ତଙ୍କ ଚିକିତ୍ସା ନିମନ୍ତେ ଏଣ୍ଟେକାଭିର ଔଷଧ ନଥିବା ନେଇ ମଧ୍ୟ ସଙ୍ଗୀନ ଅଭିଯୋଗ ଉଠିଥିଲା। ଏହା ଏକ ଦାମୀ ମୂଲ୍ୟର ଔଷଧ।୧୦ଦିନ ହେଲାଣି ନିରାମୟ କେନ୍ଦ୍ରକୁ ଗଲେ ରୋଗୀଙ୍କୁ ଖାଲି ହାତରେ ଫେରିବାକୁ ପଡୁଥିଲା। ବଡ ମେଡିକାଲ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ଏଭଳି ଅବ୍ୟବସ୍ଥା ବଢ଼ି ଚାଲିଛି। ମିଳିଥିବା ସୂଚନା ମୁତାବକ, ଚକ୍ଷୁ ବିଭାଗ ନିକଟରେ ଥିବା ନିରାମୟ କେନ୍ଦ୍ରରେ ଶନିବାର ରୋଗୀଙ୍କ ଧାଡି ଲାଗିଥିଲା। ତେବେ କେନ୍ଦ୍ର ଭିତରେ ଥିବା କର୍ମଚାରୀଙ୍କୁ ପ୍ରେସକ୍ରିପସନ ବଢ଼ାଇଲେ ମଧ ସେମାନେ ଏହାକୁ ଗ୍ରହଣ କରିବାରେ ବିଳମ୍ବ କରୁଥିଲେ। ଭିତରେ କର୍ମଚାରୀଙ୍କ ଭିତରେ ଗପସପ ଚାଲିଥିଲା। ସମ୍ପୃକ୍ତ ରୋଗୀ ଜଣକ ପ୍ରେସକ୍ରିପସନ ବଢ଼ାଇ ଦେଇ ବାରମ୍ବାର ଡାକି ଚାଲିଥିଲେ ସୁଦ୍ଧା ଭିତରୁ କିଛି ଉତ୍ତର ମିଳୁନଥିଲା। ତେବେ କର୍ମଚାରୀମାନେ ନିଜ ତ୍ରୁଟିକୁ ଲୁଚାଇବାକୁ ଯାଇ କେନ୍ଦ୍ରର କାଚ ଝରକାରେ କପଡ଼ା ଏବଂ କାଗଜ ବାନ୍ଧି ଦେଉଥିବା ଦେଖିବାକୁ ମିଳୁଛି। ଯଦ୍ଵାରା ଭିତରେ କଣ ଚାଲିଛି ତାହା ବାହାରକୁ ଦେଖାଯିବ ନାହିଁ। କେବଳ ପ୍ରେସକ୍ରିପସନ ବଢ଼ାଇବା ପାଇଁ ଓ ଔଷଧ ଆବଣ୍ଟନ ପାଇଁ ଏକ ଛୋଟ କଣା ରହୁଛି। ବାରମ୍ବାର ଡାକ ପକାଇ ସୁଦ୍ଧା ଭିତରୁ କିଛି ଉତ୍ତର ନମିଳିବାରୁ ରୋଗୀ ଜଣକ ଉତ୍ୟକ୍ତ ହୋଇ କାଚ ଝରକାକୁ ପିଟି ଭାଙ୍ଗି ଦେଇଥିଲେ। ସେଠାରେ ଚାପା ଉତ୍ତେଜନା ଦେଖାଦେଇଥିଲା।

- କର୍ମଚାରୀଙ୍କ ମନୋମୁଖୀ କାର୍ଯ୍ୟକୁ ନେଇ ଉତ୍ତେଜନା
- କାଉଣ୍ଟର ଆଗରେ ବାନ୍ଧି ଦେଉଛନ୍ତି କାଗଜ, କପଡ଼ା
- ଔଷଧ ମାଗିଲେ ଶୁଣୁନାହାନ୍ତି, ଅପେକ୍ଷା କରାଉଛନ୍ତି

ବିଶ୍ୱଭୂଷଣ ହରିଚନ୍ଦନ ପାଇବେ 'ଉତ୍କଳରତ୍ନ' ସମ୍ମାନ

କଟକ, ୨୦।୭ (ସମିସ): ଉତ୍କଳ ସାହିତ୍ୟ ସମାଜର ସର୍ବୋଚ୍ଚ ସମ୍ମାନ 'ଉତ୍କଳରତ୍ନ' ଆନ୍ଧ୍ରପ୍ରଦେଶ ଓ ଛତିଶଗଡ଼ର ପୂର୍ବତନ ରାଜ୍ୟପାଳ ତଥା ସାରସ୍ୱତ ସାଧକ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ପ୍ରଦାନ କରାଯିବ। ୨୭ ତାରିଖ ସନ୍ଧ୍ୟାରେ ଅନୁଷ୍ଠିତ ୧୨୩ ତମ ବାର୍ଷିକ ଉତ୍ସବରେ ଶ୍ରୀ ହରିଚନ୍ଦନଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ରବିବାର ସନ୍ଧ୍ୟାରେ ଉତ୍କଳ ସାହିତ୍ୟ ସମାଜର ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟନିର୍ବାହିକା ସମିତି ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ୨୬ ତାରିଖ ଶନିବାର ସଧାରେ ବାର୍ଷିକ ଉତ୍ସବ ଉଦ୍‌ଘାଟନ ଏବଂ ୨୭ ତାରିଖରେ ପୂର୍ବାହ୍ନରେ କବିତା ପାଠୋତ୍ସବ ଓ ଅପରାହ୍ଣରେ ସାଧାରଣ ଅଧିବେଶନ ଓ ସାଂଗଠନିକ ଆଲୋଚନା ହେବ।.ଏହି ବାର୍ଷିକ ସମାରୋହରେ ରଶ୍ମି ରାଉଳଙ୍କୁ ଶୁକଦେବ ସାହୁ ଉପନ୍ୟାସ ସମ୍ମାନ, ରଜନୀକାନ୍ତ ମହାନ୍ତିଙ୍କୁ ଫକୀରମୋହନ କ୍ଷୁଦ୍ରଗଳ୍ପ ସମ୍ମାନ, ପୁରୁଷୋତ୍ତମ ମିଶ୍ରଙ୍କୁ ରାମଚନ୍ଦ୍ର ମିଶ୍ର ନାଟକ ସମ୍ମାନ, ଡକ୍ଟର ଦୀପ୍ତି ପଟ୍ଟନାୟକଙ୍କୁ ପ୍ରାଣକୃଷ୍ଣ ପରିଜା ବିଜ୍ଞାନ ସାହିତ୍ୟ ସମ୍ମାନ, ମମତା ଦାଶଙ୍କୁ ଗଙ୍ଗାଧର ମେହେର କବିତା ସମ୍ମାନ, ଡକ୍ଟର କୈଳାସ ଚନ୍ଦ୍ର ଦାଶଙ୍କୁ ଗୋପୀନାଥ ନନ୍ଦ ପ୍ରବନ୍ଧ-ସମାଲୋଚନା ସମ୍ମାନ, ସରଳା ପତ୍ରୀଙ୍କୁ ରାମକୃଷ୍ଣ ନନ୍ଦ ଶିଶୁ-ସାହିତ୍ୟ ସମ୍ମାନ, ହିମାଂଶୁ ଶେଖର ଖଟୁଆଙ୍କୁ ବୈଷ୍ଣବ ପାଣି କଳା ସମ୍ମାନ, ବିଜୟ ପ୍ରଧାନଙ୍କୁ ପ୍ରଫୁଲ୍ଲ ଦାସ ଅନୁବାଦ ସାହିତ୍ୟ ସମ୍ମାନ, ପଞ୍ଚାନନ କାନୁନ୍‌ଗୋଙ୍କୁ ରାଧାନାଥ ରଥ ସମ୍ବାଦ ସାହିତ୍ୟ ସମ୍ମାନ, କୃଷ୍ଣଚନ୍ଦ୍ର ମିଶ୍ରଙ୍କୁ ଗୋବିନ୍ଦ ନାରାୟଣ ଆଧ୍ୟାତ୍ମିକ ସାହିତ୍ୟ ସମ୍ମାନ, ଡକ୍ଟର କବିତା ବାରିକଙ୍କୁ ବସନ୍ତ କୁମାରୀ ଦେବୀ ଲେଖିକା ସମ୍ମାନ, ରମାକାନ୍ତ ସିଂହଙ୍କୁ ବିଦ୍ୟାଧର ମିଶ୍ର ଜୀବନୀ ସାହିତ୍ୟ ସମ୍ମାନ, ମୁରଲୀଧର ସାମଲଙ୍କୁ ଉଦୟନାଥ ଷଡ଼ଙ୍ଗୀ ସାମ୍ବାଦିକତା ସମ୍ମାନ, ସୁବାସ ପାତ୍ର(ବାଇଡଙ୍କ ବାବା)ଙ୍କୁ ନୀରଦପ୍ରଭା ହାସ୍ୟବ୍ୟଙ୍ଗ ସମ୍ମାନ, ଡକ୍ଟର ସତ୍ୟ ପଟ୍ଟନାୟକଙ୍କୁ ନବରୂପା ରାଜ ଗୀତିକବିତା ସମ୍ମାନ, ଚନ୍ଦ୍ରଶେଖର ଦାଶଙ୍କୁ ବିଶ୍ୱନାଥ ମିଶ୍ର ଆତ୍ମଜୀବନୀ ସମ୍ମାନ, ଚିତ୍ତରଞ୍ଜନ ପାଣିଙ୍କୁ କବିଚନ୍ଦ୍ର ସଙ୍ଗୀତଗୁରୁ ସମ୍ମାନ, ଗୀତା ଦାସଙ୍କୁ ଭିକାରୀ ବଳ କଣ୍ଠଶିଳ୍ପୀ ସମ୍ମାନ, ନିତ୍ୟାନନ୍ଦ ସାହୁ ବିକ୍ରମ ଦାସ ଭ୍ରମଣ କାହାଣୀ ସମ୍ମାନ, ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀଙ୍କୁ ପ୍ରଭା ପଟେଲ ରମ୍ୟରଚନା ଓ ଲଳିତ ନିବନ୍ଧ ସମ୍ମାନ, ହଳଧର ଧୀରଙ୍କୁ ବ୍ରହ୍ମାନନ୍ଦ ପଣ୍ଡା ସାଂସ୍କୃତିକ ସଂଗଠନ ସମ୍ମାନ, ଶକ୍ତି ମହାନ୍ତିଙ୍କୁ କୈଳାସ ଚନ୍ଦ୍ର ସିଂହ ଯୁବ ସାରସ୍ୱତ ସମ୍ମାନ, ବିନୋଦ ବିହାରୀ ବିଶୋଇଙ୍କୁ ଦେବବ୍ରତ କର ପ୍ରକାଶକ ସମ୍ମାନ, ଡକ୍ଟର ସନ୍ତୋଷ କୁମାର ରଥଙ୍କୁ ନିରଞ୍ଜନ ଦାସ ଭାଷା ସମ୍ମାନ, କୃପାସିନ୍ଧୁ ବିଶ୍ୱାଳଙ୍କୁ ବାଗ୍ମୀ ବିଶ୍ୱନାଥ କର ସମ୍ପାଦନା ସମ୍ମାନ, ପ୍ରଭାତ ରାଉତରାୟଙ୍କୁ ସୁନାମଣି ସାମଲ ଚିତ୍ରଶିଳ୍ପୀ ସମ୍ମାନ ପ୍ରଦାନ କରାଯିବ। ଏହି ଉତ୍ସବରେ ଯୋଗଦେବାକୁ ଅନୁଷ୍ଠାନର ସଦସ୍ୟମାନଙ୍କୁ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ ଓ ସଂଗଠନ ସମ୍ପାଦକ ଡ. ସୁନାମଣି ରାଉତ ଜଣାଇଛନ୍ତି।

୨୬ ଓ ୨୭ରେ ଉତ୍କଳ ସାହିତ୍ୟ ସମାଜର ବାର୍ଷିକ ଉତ୍ସବ

ସ୍କାଉଟ୍ ଓ ଗାଇଡ୍ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀବିଶ୍ୱବିଦ୍ୟାଳୟ ଆଗୁଆ

କଟକ, ୨୦।୭ (ସମିସ): ନୂଆଦିଲ୍ଲୀସ୍ଥିତ ଭାରତ ସ୍କାଉଟ୍ ଓ ଗାଇଡ୍ ପକ୍ଷରୁ ଯୁବପୀଢ଼ି ନେତୃତ୍ୱରେ ଗତ ଜୁଲାଇ ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଜଳବାୟୁ ପରିବର୍ତ୍ତନ କାର୍ଯ୍ୟକଳାପ ନେଇ ମାଷ୍ଟର ପ୍ରଶିକ୍ଷଣ କାର୍ଯ୍ୟକ୍ରମ (ୱାଇଏଲ୍‌ଏସିସି) ସଫଳତାପୂର୍ବକ ସମ୍ପନ୍ନ ହୋଇଛି। ଏଥିରେ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ରୋଭର ସ୍କାଉଟ୍ ଲିଡର ଡ. ସନ୍ଦୀପ ରାଉତ, ସିନିୟର ରୋଭର ରାକେଶ ମଲ୍ଲିକ ଏବଂ ରୋଭର ଦୀପକ ପଣ୍ଡା ସଫଳତାର ସହ ଯୋଗଦେଇଥିଲେ। ଅନଲାଇନ୍ ମାଧ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ଅଂଶଗ୍ରହଣକାରୀମାନଙ୍କ ସୁବିଧା ପାଇଁ ଓଡ଼ିଆ ଭାଷାରେ ଆଲୋଚନା ହୋଇଥିଲା। ଏହି କାର୍ଯ୍ୟକ୍ରମର ସମସ୍ତ ଅଧିବେଶନଗୁଡ଼ିକ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଜାତୀୟ ମାଷ୍ଟର ଟ୍ରେନର୍ ଡ. ମୋନାଲିସା ଦାସଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ତିନିଦିନିଆ ଆଭାସୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା, ଯୁବପୀଢ଼ିଙ୍କୁ ଜଳବାୟୁ ସମ୍ପର୍କିତ ଆବଶ୍ୟକ ଜ୍ଞାନ କୌଶଳ ଏବଂ ପ୍ରେରଣା ଯୋଗାଇବା। ଏଥିସହ ସେମାନଙ୍କସ୍ତରରେ ନିଜ ନିଜ ଅଞ୍ଚଳରେ ଜଳବାୟୁ ପରବର୍ତ୍ତନ ସମ୍ପର୍କରେ ଆବଶ୍ୟକ ସଚେତନତା ସୃଷ୍ଟି କରିବାକୁ ପ୍ରୋତ୍ସାହିତ କରିବା ମଧ୍ୟ ଏହି ପ୍ରଶିକ୍ଷଣର ଲକ୍ଷ୍ୟ ଥିଲା।

ଦୁର୍ଘଟଣାରେ ଯୁବ ଆଇନଜୀବୀଙ୍କ ମୃତ୍ୟୁ



କଟକ, ୨୦।୭ (ସମିସ): ସିଡିଏରୁ ଧବଳେଶ୍ୱରକୁ ସଂଯୋଗ ହୋଇଥିବା ବ୍ରିଜ ଉପରେ ଆଜି ପୂର୍ବାହ୍ଣରେ ଦୁର୍ଘଟଣା ଘଟି ଜଣେ ଛାତ୍ରଙ୍କ ଅକାଳ ମୃତ୍ୟୁ ଘଟିଛି। ମୃତ ଛାତ୍ରଜଣକ ହେଲେ ନିଆଳି ଥାନା ତୋଳାନାଥ ଗୋପୀନାଥପୁର ଅଞ୍ଚଳର ବାସିନ୍ଦା ତଥା ଜଗତସିଂହପୁର କୋର୍ଟର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ସିଜେଏମ୍) ନୀଳିମା ପଣ୍ଡା ଏବଂ ବରିଷ୍ଠ ଆଇନଜୀବୀ ନୃସିଂହ ଚରଣ ପଣ୍ଡାଙ୍କ ଏକମାତ୍ର ପୁତ୍ର କାଳୀପ୍ରସନ୍ନ ପଣ୍ଡା ଓରଫ୍ ବାପୁନ(୨୩)। ପୁଲିସ ଘଟଣାସ୍ଥଳରୁ ବାପୁନ୍‌ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଏସସିବି ମେଡିକାଲ ନେଇଥିଲା। ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପୁଲିସ ମୃତକଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

ଗୁରୁଡୁଝାଟିଆ ଥାନା ପୁଲିସ ସୂଚନା ଅନୁସାରେ, ଆଜି ପୂର୍ବାହ୍ଣରେ ବାପୁନ୍ ଧବଳେଶ୍ୱର ପଟୁ ସିଡିଏଆଡକୁ ଆସୁଥିଲେ। ବାଲି ବୋଝେଇ ହାଇୱାଟି ତାଙ୍କ ପଛେ ପଛେ ଦ୍ରୁତଗତିରେ ଆସୁଥିଲା। ହଠାତ୍ ନିୟନ୍ତ୍ରଣ ହରାଇ ହାଇୱାଟି ବାପୁନ୍‌ଙ୍କ ବାଇକ୍ ଉପରକୁ ମାଡିଯାଇଥିଲା। ଘଟଣାସ୍ଥଳରେ ବାପୁନ୍‌ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ ବାପୁନ୍ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ୫ ବର୍ଷୀୟା ଆଇନ ଶିକ୍ଷା ଅଧ୍ୟୟନ କରି ଏଇ ବର୍ଷ ହିଁ ସମାପ୍ତ କରିବା ପରେ ଜଣେ ପ୍ରତିଷ୍ଠିତ ଓକିଲ ହେବାର ଲକ୍ଷ୍ୟ ରଖି ଓକିଲାତି ପେସାରେ ଯୋଗଦେବା ପାଇଁ ପ୍ରସ୍ତୁତି ହେଉଥିଲେ।

ଯେଉଁଠି ପାରୁଛି ସେଇଠି ଅଟକୁଛି ଆମ ବସ୍

କଟକ, ୨୦।୭ (ସମିସ): କଟକ ସହରରେ ଯାତ୍ରୀ ପ୍ରତୀକ୍ଷାଳୟଗୁଡ଼ିକର ଅବସ୍ଥା ଦେଖି ସାଧାରଣ ଲୋକ ନାକେଦମ୍ ହୋଇଗଲେଣି। ସହରରେ ଯଦିଓ ୫ବର୍ଷ ପୂର୍ବରୁ ବହୁ ଯାତ୍ରୀ ପ୍ରତୀକ୍ଷାଳୟର ନବୀକରଣ କରାଯାଇଥିଲା ଏବେ କିନ୍ତୁ ଅଧିକାଂଶ ପ୍ରତୀକ୍ଷାଳୟ ଅବସ୍ଥା ଶୋଚନୀୟ ହୋଇପଡ଼ିଛି।

କ୍ରୁଟ (କ୍ୟାପିଟାଲ ଅର୍ବାନ ରୋଡ ଟ୍ରାନସପୋର୍ଟ) ଅଧୀନରେ ୧୦୦ରୁ ଅଧିକ ଆମ ବସ ସେବା ଯୋଗାଇଦେଇଆସୁଛି। ହେଲେ ଏହି ବସଗୁଡିକ ପାଇଁ ଚିହ୍ନଟ ରହଣୀସ୍ଥଳରେ ଯାତ୍ରୀଙ୍କ ପ୍ରତୀକ୍ଷା ପାଇଁ ସୁବିଧା ଉପଲବ୍ଧ ହୋଇପାରିନାହିଁ। ଫଳରେ ଯାତ୍ରୀ ଖରା ବର୍ଷାରେ କେଉଁଠି ଗଛ ମୂଳରେ ପୁଣି କେଉଁଠି ରାସ୍ତା କଡରେ ବସକୁ ଅପେକ୍ଷା କରି ଛିଡା ହେଉଛନ୍ତି। ସହରର କାଠଯୋଡି ଓ ମହାନଦୀ ରିଙ୍ଗ ବନ୍ଧରେ ଏହିପରି ଅନେକ ଯାତ୍ରୀ ବିଶ୍ରାମାଗାର ରହିଛି ଯାହା ଥାଇ ନଥିବା ଭଳି ରହିଛି। କଟକ ମହାନଗର ନିଗମ ପକ୍ଷରୁ ଯାତ୍ରୀ ପ୍ରତୀକ୍ଷାଳୟ ଗୁଡିକ ପିପିପି ଜରିଆରେ ନିର୍ମାଣ କରାଯାଇଥିଲା। ବେଶ୍ ଆକର୍ଷଣୀୟ ହୋଇଥିବା ଏହି ଯାତ୍ରୀ ବିଶ୍ରାମାଗାରର ଚେୟାର ଭାଙ୍ଗିରୁଜି ଯାଇଥିଲା ବେଳେ ଏହା ଭିତରେ ପାଦ ପକାଇବାକୁ ଡର ଲାଗୁଛି। ଏହାର ପରିବେଶ ଦୁର୍ଗନ୍ଧମୟ ହୋଇଥିଲା ବେଳେ ଏଠାରେ କେହି ବି ଯାତ୍ରୀ ସିଟି ବସ ଅଥବା ଅଟୋରିକ୍ସା ଲାଗି ଅପେକ୍ଷା କରୁନାହାନ୍ତି। ବର୍ଷା ହେଲେ ଯାତ୍ରୀ ମାନେ ଭିଜି କରି ଏଠାରେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯିବା ଲାଗି ଅପେକ୍ଷା କରୁଥିବାର ପରିଲକ୍ଷିତ ହେଉଛି। ତେବେ କ୍ରୁଟ ପକ୍ଷରୁ କଟକ ସହରର ୧୫୩ଟି ସ୍ଥାନରେ ବସ ଷ୍ଟପ ତଥା ପ୍ରତୀକ୍ଷାଗୃହଗୁଡିକ ନିର୍ମାଣ କରାଯିବ ବୋଲି ଜଣାପଡ଼ିଛି। କ୍ରୁଟ କର୍ତ୍ତୃପକ୍ଷଙ୍କ ସୂଚନାନୁସାରେ, ଏଥିପାଇଁ ଯଦିଓ ପୂର୍ବରୁ ଏକ ଟେଣ୍ଡର ଆହ୍ୱାନ କରାଯାଇଥିଲା ଏଥିରେ କେହି ଅଂଶଗ୍ରହଣ ନକରିବାରୁ ବସ ଷ୍ଟପ ନିର୍ମାଣ ବିଳମ୍ବ ହୋଇଛି। ପରେ ଏଥିପାଇଁ ସାନି ଟେଣ୍ଡର ଡକାଯାଇଥିବାର କୁହାଯାଇଛି। କଟକ ମହାନଗର ନିଗମ ଅଞ୍ଚଳରେ ଥିବା ଯାତ୍ରୀ ବିଶ୍ରାମାଗାରଗୁଡିକକୁ ଆମ ବସ ଯାତ୍ରୀମାନେ ବ୍ୟବହାର କରୁଛନ୍ତି। ହେଲେ ଅନେକ ଜାଗାରେ ଏଗୁଡିକ ଉଠା ଦୋକାନୀଙ୍କ ଦଖଲରେ ଥିବାର ଜଣାଯାଇଛି। କଲେଜଛକ, ଓଏମପି, ମଧୁପାଟଣା, ବାଦାମବାଡି, ବକ୍ସିବଜାର, ତିନିକୋଣିଆବଗିଚା, ସତିଚଉରା, ମର୍କତନଗର, ମଙ୍ଗଳାବାଗ, ଆଦି ୫୦ରୁ ଅଧିକ ସ୍ଥାନରେ ପିପିପିରେ ନିର୍ମାଣ ହୋଇଥିବା ଯାତ୍ରୀପ୍ରତୀକ୍ଷା ଗୃହଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ଶୋଚନୀୟ ହୋଇପଡ଼ିଛି। ଅନ୍ୟପଟରେ ବସଷ୍ଟପଗୁଡିକରେ ସମୟ ନିର୍ଘଣ୍ଟ ଲେଖା ସମ୍ବଳିତ ସାଇନ ବୋର୍ଡ ରଖିବାର ନିୟମ ଥିଲେ ମଧ୍ୟ ଏହାକୁ ପାଳନ କରାଯାଇ ନଥିବାର ପରିଲକ୍ଷିତ ହୋଇଛି। ଫଳରେ କେଉଁ ରୁଟ୍ ବସ କେତେବେଳେ ଆସିବ ସେ ସଂକ୍ରାନ୍ତରେ ଯାତ୍ରୀମାନେ ସୂଚନା ପାଇପାରୁ ନାହାନ୍ତି।

ସହରର ୧୫୩ଟି ସ୍ଥାନରେ ନିର୍ମାଣ ହେବ ବସ ରହଣିସ୍ଥଳ

ଅଧିକାଂଶ ଯାତ୍ରୀ ପ୍ରତୀକ୍ଷାଳୟ ଅବସ୍ଥା ଶୋଚନୀୟ

ଶିକ୍ଷା ବିକାଶ ସମିତି ପକ୍ଷରୁ ପୂର୍ବଛାତ୍ର ସମ୍ମିଳନୀ

କଟକ, ୨୦।୭ (ସମିସ): ରବିବାର ତୁଳସୀପୁରସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପରିସରରେ ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ପୂର୍ବଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସମ୍ମାନନୀୟ ଅତିଥି ଶିକ୍ଷା ବିକାଶ ସମିତିର କ୍ଷେତ୍ରୀୟ ସଂଗଠନ ମନ୍ତ୍ରୀ ଆନନ୍ଦ ରାଓ ପାରଧି ମହୋଦୟ ଦୀପ ପ୍ରଜ୍ୱଳନ କରିଥିଲେ। ସମ୍ମାନନୀୟ ଅତିଥି, ମୁଖ୍ୟଅତିଥି ଓ ମୁଖ୍ୟବକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷା ବିକାଶ ସମିତିର ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ଦାସ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଉତ୍ତରପୂର୍ବ ସମ୍ଭାଗର ପୂର୍ବଛାତ୍ର ପ୍ରମୁଖ ସୁକାନ୍ତ କୁମାର ସାହୁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କର ପରିଚୟ ପ୍ରଦାନ କରିଥିଲେ। ଶିକ୍ଷା ବିକାଶ ସମିତିର ସଭାପତି ଡ. କିଶୋର ମହାନ୍ତି ସ୍ୱାଗତ ଭାଷଣ ଓ ଆଭିମୁଖ୍ୟ କଥନ କରିଥିଲେ। ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ପ୍ରବଚକ ବିରେନ୍ଦ୍ର କୁମାର ପଣ୍ଡା ମାର୍ଗଦର୍ଶନ କରିଥିଲେ। ଉତ୍ତରପୂର୍ବ ସମ୍ଭାଗର ସଭାପତି ଶିବ ନାରାୟଣ ସିଂହ ଅଭିଭାଷଣ ଦେଇଥିଲେ। କାର୍ଯ୍ୟକ୍ରମର ଶେଷରେ ଉତ୍ତରପୂର୍ବ ସମ୍ଭାଗର ସଦସ୍ୟା ସୁଶ୍ରୀ ଇନ୍ଦୁମତୀ ଦାଶ ଧନ୍ୟବାଦ ଦେଇଥିଲେ। ଉକ୍ତ ସମ୍ମିଳନୀରେ କଟକ ନଗରରେ ଥିବା ୧୭ଟି ଶିଶୁ ମନ୍ଦିରର ପ୍ରାୟ ୪୦୦ ଛାତ୍ରଛାତ୍ରୀ ପ୍ରଧାନ ଆଚାର୍ଯ୍ୟ ଓ ସହକାରୀ ଆଚାର୍ଯ୍ୟ ଆଚାର୍ଯ୍ୟାମାନେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ କଟକ ବିଭାଗର ନିରୀକ୍ଷକ ରାହାସ ବିହାରୀ ମହାପାତ୍ର, ଉତ୍ତର ପୂର୍ବ ସମ୍ଭାଗର ସଂଯୋଜକ ତୁଷାର ରଞ୍ଜନ ଦାଶ, ପ୍ରସନ୍ନ କୁମାର ବିଶ୍ୱାଳ, ଖଗେଶ୍ୱର ବେହେରା, ଲଳିତେନ୍ଦୁ କାନୁନଗୋ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ତୁଳସୀପୁରର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ଭୁକ୍ତା, ପରିଚାଳନା ସମିତିର କର୍ମକର୍ତ୍ତା ଓ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାମାନେ ସହଯୋଗ କରିଥିଲେ।

ଭାଗବତ ଜ୍ଞାନଯଜ୍ଞ ଉଦ୍‌ଯାପିତ

କଟକ, ୨୦।୭ (ସମିସ): କଟକ ସହରର କେନ୍ଦ୍ରସ୍ଥଳୀ ମଣିସାହୁ ଛକ ସ୍ଥିତ ଶ୍ରୀ ଶ୍ରୀ ମଦନମୋହନଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ୨୭ତମ ଶ୍ରୀମଦ୍ ଭାଗବତ ମହାପୁରାଣ ସପ୍ତାହ ପ୍ରବଚନ ଜ୍ଞାନଯଜ୍ଞ ବ୍ୟାସ ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇଥିଲା। ଏଥିରେ ପ୍ରତ୍ୟହ ପଣ୍ଡିତ ପଦ୍ମନାଭ ତ୍ରିପାଠୀ ଓ ସାହିତ୍ୟ ସୁଧାକର କୈଳାଶ ପରିଡ଼ା ପ୍ରବଚନ ପ୍ରଦାନ କରିଥିଲେ। ବିଭିନ୍ନ ଦିବସ ମାନଙ୍କରେ ଶ୍ରୀ ସତ୍ୟ ଚୈତନ୍ୟ, ଇଂ ନିତ୍ୟାନନ୍ଦ ମିଶ୍ର, ଜୋତିର୍ବିଦ ରଞ୍ଜନ ମହାପାତ୍ର, ପଣ୍ଡିତ ମୃତ୍ୟୁଞ୍ଜୟ ଶତପଥି, ଡ. ନିରଞ୍ଜନ ସାହୁ, ଅଧ୍ୟାପିକା ମନସ୍ୱିନୀ ମିଶ୍ର ଓ ପଣ୍ଡିତ କୃଷ୍ଣଚନ୍ଦ୍ର ନାୟକ ଭାଗବତ ଆଧାରିତ ପ୍ରସଙ୍ଗ ଉପସ୍ଥାପନା କରିଥିଲେ। ଉଦ୍‌ଯାପନୀ ସଭାରେ ଦୁଇ ଭଜନ ଗାୟିକା ସୁକାନ୍ତୀ ମହାପାତ୍ର ଓ ଅନ୍ନପୂର୍ଣ୍ଣା ପାତ୍ରଙ୍କୁ ଉପଢ଼ୌକନ ସହିତ ସ୍ମୃତି ସନ୍ତକ ପ୍ରଦାନ କରାଯାଇ ସମ୍ମାନିତ କରିଥିଲେ ଶ୍ରୀ ଶ୍ରୀ ମଦନମୋହନଜୀଉ ସଂକୀର୍ତ୍ତନ ମଣ୍ଡଳୀର ଅଧିକାରୀ ସୁଦାମ ମହାରଣା। ଶେଷରେ ରାକେଶ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ତାଙ୍କୁ ପୂଜକ ବଳରାମ ମିଶ୍ର, ଜମ୍ମେଶ୍ୱର ସାହୁ, ବନମାଳୀ ସାହୁ ଏବଂ ସଂକୀର୍ତ୍ତନ ମଣ୍ଡଳୀ ସଭ୍ୟବୃନ୍ଦ ସହଯୋଗ କରିଥିଲେ।

ବଡ଼ ମେଡିକାଲରେ 'ଅକାଳି ପଇସା'

କଟକ, ୨୦।୭ (ସମିସ): ଯାହା ପଇସା ହେଲା, ଅଧାଅଧା। ୪୦୦ ମିଳିଲେ ଦୁଇ ଜଣ ଭାଗ ବାଣ୍ଟି ନେଉଛୁ। ସିକ୍ୟୁରିଟିର ବି ବେଳେବେଳେ ଏଥିରେ ଭାଗ ରହୁଛି। ରୋଗୀ ପାଇଁ ଗାଡି ବୁଝିଲେ, କମିଶନ ମିଳୁଛି। ଏହା 'ଅକାଳି ପଇସା', ନେବାରେ କ୍ଷତି କ'ଣ? ଏଭଳି କଥାବାର୍ତ୍ତା କରୁଥିବା ବଡ ମେଡିକାଲର ଜଣେ କର୍ମଚାରୀଙ୍କ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ବଡ ମେଡିକାଲରେ ଚିକିତ୍ସିତ ରୋଗୀଙ୍କୁ ଘରୋଇ ହସ୍ପିଟାଲକୁ ପଠାଇବା, ଡିସଚାର୍ଜ ବେଳେ ଗାଡି ବୁଝିଦେବା ଭଳି ଘଟଣାରେ କର୍ମଚାରୀମାନେ ଏପରି ରୋଜଗାର କରୁଥିବା ଭାଇରାଲ ଭିଡିଓରୁ ସ୍ପଷ୍ଟ ହୋଇଛି। କର୍ମଚାରୀଜଣକ ଏକ ଠିକା ସଂସ୍ଥାର ବୋଲି ସୂଚନା ମିଳିଛି।

ରୋଗୀଙ୍କୁ ଶୋଷଣ

ଆଜି ଶ୍ରାବଣର ଦ୍ୱିତୀୟ ସୋମବାର

କଟକ, ୨୦।୭ (ସମିସ): ଶ୍ରାବଣର ଦ୍ୱିତୀୟ ସୋମବାର ଅବସରରେ ମହାଦେବଙ୍କୁ ଜଳଲାଗି କରବାକୁ ଆଜି ଗଡ଼ଗଡ଼ିଆ ଘାଟରେ ପାଣି ନେବା ପାଇଁ କାଉଡିଆଙ୍କ ଭିଡ଼ ହୋଇଥିଲା। ଐତିହାସିକ ଗଡ଼ଗଡ଼ିଆ ଘାଟରୁ ଜଳ ନେଇ ରାଜ୍ୟର ବିଭିନ୍ନ ଶୈବାଳୟକୁ ଯାତ୍ରା ଆରମ୍ଭ କରିଛନ୍ତି ଶିବଭକ୍ତ କାଉଡ଼ିଆ। ବୋଲବମ... ହରହର ବମ... ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ମହାନଦୀର ଗଡ଼ଗଡ଼ିଆ ଘାଟ। କାଉଡିଆଙ୍କ ଭିଡକୁ ଦୃଷ୍ଟିରେ ରଖି ଘାଟକୂଳରେ ଦ୍ୱିତୀୟ ଦିନରେ ଅନେକ ଅସ୍ଥାୟୀ ଦୋକାନ ଖୋଲିଛି। ଏହାସହ ସିଏମସି ପକ୍ଷରୁ ଉଭୟ ମହିଳା ଓ ପୁରୁଷଙ୍କ ନିମନ୍ତେ ପୂର୍ବରୁ ୧୦ଟି ଅସ୍ଥାୟୀ ଶୌଚାଳୟର ବ୍ୟବସ୍ଥା କରାଯାଇଥିବା ବେଳେ ଆଜି ୨ଟି ବୃଦ୍ଧି କରାଯାଇଛି। ସେହିପରି ଅଗ୍ନିଶମ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ କର୍ମଚାରୀମାନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ୨ଟି ସିଫ୍ଟରେ ସକାଳ ୫ଟାରୁ ରାତି ୮ଟା ପର୍ଯ୍ୟନ୍ତ ଘାଟ କୂଳରେ ଥିବା ଅସ୍ଥାୟୀ କ୍ୟାମ୍ପରେ ନିୟୋଜିତ ରହଛନ୍ତି। ଅଗ୍ନିଶମ ବିଭାଗର ଦୁଇଟି ଟିମରେ ୧୫ଜଣ ଲେଖାଏଁ କର୍ମଚାରୀ ମୁତୟନ କରାଯାଇଛି। ଏଥିସହ ପର୍ଯ୍ୟାପ୍ତ ସଂଖ୍ୟକ ଲାଇଫ୍-ବୟଙ୍କ ସମେତ ଲାଇଫ ଜ୍ୟାକେଟ ଓ ବୋଟ୍ ମହଜୁଦ ରଖାଯାଇଥିବା ସୂଚନା ମିଳିଛି। ଏନେଇ ଅଗ୍ନିଶମ ଅଧିକାରୀ ସଞ୍ଜୀବ କୁମାର ବେହେରା କହିଛନ୍ତି, କାଉଡିଆଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି।

ନିର୍ମାଣର ୩ ମାସ ନପୂରୁଣୁ ପିଚୁ ଉଠିଲା

କଟାକନ୍ଧୁଲି-କାଣୀପେନୁ ଡ୍ୟାମ୍ ରାସ୍ତା ଶୋଚନୀୟ

ଫିରିଙ୍ଗିଆ, ୨୦।୭ (ସମିସ)

ଫିରିଙ୍ଗିଆ ବ୍ଲକରେ ରାସ୍ତା ନିର୍ମାଣ ବାବଦକୁ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଆସୁଛି। କିନ୍ତୁ ଠିକାଦାର, ବିଭାଗୀୟ ଯନ୍ତ୍ରୀ, ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ରାସ୍ତା ନିର୍ମାଣ ପରେ କେଉଁଠି ପିଚୁ ଉଠି ଯାଉଛି ତ କେଉଁଠି ରାସ୍ତା ନିର୍ମାଣର ଦିନ କେତେଟା ପରେ ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତା ଫାଟି ଆଁ ହୋଇଯାଉଛି। ଏମିତି ଏକ ପିଚୁ ରାସ୍ତା ହେଉଛି କ୍ଷୁଦ୍ର ଜଳସେଚନ, ଫୁଲବାଣୀ ଦ୍ୱାରା ନିର୍ମାଣ ଫିରିଙ୍ଗିଆ ବ୍ଲକ ରତଙ୍ଗ ପଞ୍ଚାୟତର କଟାକନ୍ଧୁଲି ଠାରୁ କାଣୀପେନୁ ଡ୍ୟାମ ଦେଇ ଯାଉଥିବା ପ୍ରାୟ ୧ କିଲୋମିଟର ରାସ୍ତା। ଏହି ରାସ୍ତା କିଛିଦିନ ପୂର୍ବେ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲେ ମଧ୍ୟ ରାସ୍ତା କାମର ଫଳକ ଆଜି ପର୍ଯ୍ୟନ୍ତ ଲାଗୁନାହିଁ। ଫଳରେ ପ୍ରକୃତରେ କେତେ ଟଙ୍କାରେ କାମ ହୋଇଛି ତାହା ମଧ୍ୟ ଜଣାପଡୁନାହିଁ। ରାସ୍ତାରେ ନିମ୍ନମାନର ମେଟାଲ ବିଛାଯାଇଛି। କେବଳ ନାମକୁ ମାତ୍ର ଉପରେ ଉପରେ ପତଳା କରି ମେଟାଲ ପକାଇ ତା' ଉପରେ ମରମ ମାଟି ବିଛାଯାଇ ଅଳ୍ପ ପିଚୁ ପକାଇ ଠିକାଦାର କାମ ସାରିଦେଇଥିଲେ। ଏମିତି କି ଠିକାଦାର ଠିକ ଭାବରେ ରୋଲର ମଧ୍ୟ ଚପାଇ ନଥିବାରୁ ତିନି ମାସ ନ ପୁରୁଣୁ ରାସ୍ତା ଉପରୁ ପିଚୁ ଉଠିଯାଉଛି। ଅଧିକାଂଶ ସ୍ଥାନରେ ରାସ୍ତା ଦବି ଯାଇ ଖୋଳି ହୋଇ ଯାତାୟତରେ ବିପଦ ସାଜୁଛି। ନିମ୍ନ ମାନର କାର୍ଯ୍ୟ ଯୋଗୁଁ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ପୂର୍ବରୁ ନିମ୍ନମାନର କାମ ହୋଇଥିବା ନେଇ ଅଞ୍ଚଳବାସୀ ଅଭିଯୋଗ କରିଥିଲେ ମଧ୍ୟ ଦାୟିତ୍ୱରେ ଥିବା ଯନ୍ତ୍ରୀ କି ଭବାନୀପାଟଣା ଅଞ୍ଚଳର ଠିକାଦାର ଗୁରୁତ୍ୱ ଦେଇନଥିଲେ। ବର୍ତ୍ତମାନ ରାସ୍ତା ଅଳ୍ପ ଦିନରେ ନଷ୍ଟ ହୋଇଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି। ଜନସାଧାରଣ ଏହି ରାସ୍ତାରେ ମୋଟା ଅଙ୍କରେ ପିସି କାରବାର ହୋଇଥିବା ଅଭିଯୋଗ କରିଥିବା ବେଳେ କାମର ତଦନ୍ତ କରି ଯନ୍ତ୍ରୀ ଓ ଠିକାଦାର ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ କରିବାକୁ ଦାବି କରିଛନ୍ତି। ଆବଶ୍ୟକ ପଡ଼ିଲେ ରାସ୍ତା ଅବରୋଧ ସହ ଆନ୍ଦୋଳନ କରାଯିବ ବୋଲି କିଛି ଯୁବକ କହିଛନ୍ତି। ଏସମ୍ପର୍କରେ କେହି ଅଧିକାରୀ କିଛି କହୁନାହାନ୍ତି।

ନିମ୍ନମାନର କାମ; ଭିଜିଲାନ୍ସ ତଦନ୍ତ ଦାବି କଲେ ଅଞ୍ଚଳବାସୀ

ଘଣ୍ଟାଏ ବର୍ଷାରେ ରାୟଗଡ଼ ବେହାଲ୍

ରାୟଗଡ଼, ୨୦।୭ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦର ମହକୁମାରେ ରବିବାର ଅପରାହ୍ନରେ ଘଣ୍ଟାଏ ବର୍ଷାରେ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଭିନ୍ନ ସାହିରେ ଡ୍ରେନ ସବୁ ପୋତି ହୋଇ ଯାଇଥିବାରୁ ମୁଖ୍ୟ ରାସ୍ତା ଉପରେ ଆଣ୍ଠୁଏ ପାଣି ଓ କୁଢ଼ କୁଢ଼ ଅଳିଆ ଆବର୍ଜନା ଭାସି ଆସି ଲୋକଙ୍କ ଘରେ ପଶିଯାଇଥିଲା। ଏପରିକି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ହେଣ୍ଡିଆ ସାହିର ଉପର ମୁଣ୍ଡରେ କେତେକଙ୍କ ଘର ସମ୍ମୁଖରେ ପାଣି ଜମି ନଦୀର ଭ୍ରମ ସୃଷ୍ଟି କରିଥିଲା। ଏଭଳି ପରିସ୍ଥିତିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

ରାୟଗଡ଼ ବ୍ଲକ ସଦର ମହକୁମାରେ ଥିବା ସାହି ଗୁଡିକରେ ଦୀର୍ଘ ବର୍ଷ ହେବ ଡ୍ରେନ୍ ସଫା ହେଉନଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ସାମାନ୍ୟ ବର୍ଷାରେ ଅବସ୍ଥା ଶୋଚନୀୟ ହୋଇପଡୁଛି। ମୁଖ୍ୟ ରାସ୍ତା, ବଜାର ଛକ, ବିଶୋୟୀ ସାହି, ଓଡ଼ିଆ ସାହି, ବଢ଼େଇ ସାହି, ଖ୍ରୀଷ୍ଟିଆନ ସାହି ଆଦି ସାହିରେ ଡ୍ରେନେଜ୍ ସଫା ନହୋଇ ପୋତି ହୋଇଯାଇଛି। ଫଳରେ ଡ୍ରେନ ପାଣି ଅସରାଏ ବର୍ଷାରେ ଘରେ ପଶୁଛି। ବ୍ଲକ ସଦର ମହକୁମା ହୋଇଥିବାରୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ଦାବି ହେଉଛି। ଏନେଇ ପିଇଓ ସନ୍ତୋଷ କୁମାର ସାହୁଙ୍କ ସହ ଯୋଗାଯୋଗ କରାଯିବାରୁ ତୁରନ୍ତ ଏହା ଉପରେ ପଦକ୍ଷେପ ନେଇ ରାୟଗଡ଼ର ପରିମଳ ବ୍ୟବସ୍ଥା ଉପରେ କିପରି ସୁଧାର ଅଣାଯାଇପାରିବ ସେ ନେଇ କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

ସାରଙ୍ଗଗଡ଼ ମହାବିଦ୍ୟାଳୟରେ ଆଇସିସି କମିଟି ବୈଠକ

ଜି.ଉଦୟଗିରି, ୨୦।୭ (ସମିସ): ପରିପ୍ରେକ୍ଷୀରେ ସାରଙ୍ଗଗଡ଼ ମହାବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମହାବିଦ୍ୟାଳୟର ଅଧ୍ୟକ୍ଷ କମିଟିର ସମସ୍ତ ସଭ୍ୟସଭ୍ୟାଙ୍କୁ ସ୍ୱାଗତ କରିବା ସହିତ କାର୍ଯ୍ୟକାରିତା ବିଷୟରେ ଆଲୋଚନା କରିଥିଲେ। ସ୍ୱାତୀ ଅନୁଷ୍ଠାନର ସଂଯୋଜିକା ସୁସ୍ମିତା ଜେନା ସଭ୍ୟା ଭାବେ ଉପସ୍ଥିତ ରହି କମିଟିର ଭୂମିକାକୁ କିପରି ଉପଯୋଗୀ କରିହେବ ସେ ବିଷୟରେ ବୁଝାଇଥିଲେ। ଆଗାମୀ ଦିନରେ ଏହି କମିଟିକୁ ସୁଦୃଢ଼ କରିବାକୁ ଅଧ୍ୟକ୍ଷ ସମସ୍ତ ବିଭାଗର ଅଧିକାରୀଙ୍କୁ ଅନୁରୋଧ କରିଥିଲେ।

ଏସ୍‌କେସିଜି କଲେଜ ଛାତ୍ର ରକ୍ତ କର୍କଟରେ ପୀଡ଼ିତ

ସହାୟତା ପାଇଁ ସହପାଠୀଙ୍କ ଅନୁରୋଧ

ପାରଳାଖେମୁଣ୍ଡି, ୨୦।୭ (ସମିସ): ପାରଳାଖେମୁଣ୍ଡିସ୍ଥିତ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷ ଛାତ୍ର ୨୩ ବର୍ଷୀୟ ବେଲାଲ୍‌ସେନ ନାଏକ ରକ୍ତ କର୍କଟରେ ଆକ୍ରାନ୍ତ ହୋଇ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି। ଚିକିତ୍ସା ପାଇଁ ଆର୍ଥିକ ସହାୟତା କରିବାକୁ ନିବେଦନ କରିଛନ୍ତି। ସହପାଠୀ ଏଥିପାଇଁ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀଙ୍କୁ ସହାୟତା କରିବା ପାଇଁ ଗୁହାରୀ କରିଛନ୍ତି। ପାଠ ପଢ଼ା ବୟସରେ ଜୀବନ ମରଣ ଲଢେଇ କରୁଛନ୍ତି ଛାତ୍ର ଜଣକ। ନିଜର ଜୀବନ ବଞ୍ଚାଇବା ପାଇଁ ନିଜେ ଆପ୍ରାଣ ଉଦ୍ୟମ କରୁଥିବା ବେଳେ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡରେ ବେଲାରସନଙ୍କ ଚିକିତ୍ସା ଆରମ୍ଭ ହୋଇଥିଲା। କିନ୍ତୁ କାର୍ଡରେ ନିର୍ଦ୍ଧାରିତ ଅର୍ଥ ସରିଯିବାରୁ ଏବେ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ଏବେ ମାଆ ବାପା ତଥା ପରିବାରଙ୍କ ପାଖରେ କୌଣସି ସମ୍ବଳ ନଥିବା ବେଳେ ଆର୍ଥିକ ସାହାଯ୍ୟ କରିବାକୁ ନିବେଦନ କରାଯାଉଛି। ଏହି ସମୟରେ ନିଜ ସହପାଠୀ ଆଗକୁ ଆସି ଜନସାଧାରଣ ଓ ସରକାରଙ୍କୁ ଆର୍ଥିକ ସହାୟତା ପାଇଁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ ବେଲାଲସେନ ରାୟଗଡ଼ା ଜିଲ୍ଲା କାଶୀପୁର ଥାନା ଅନ୍ତର୍ଗତ ବଡମାରିଭଟା ଗ୍ରାମର ମୂଳବାସୀନ୍ଦା ହୋଇଥିବା ବେଳେ ପାରଳାଖେମୁଣ୍ଡି ସହରର ଏସକେସିଜି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

ବରିଷ୍ଠ ବିଜେଡି କର୍ମୀଙ୍କ ପରଲୋକ



ଚକାପାଦ, ୨୦।୭ (ସମିସ): ଚକାପାଦ ବ୍ଲକ ଶଙ୍କରାଖୋଲର ବିଜୁ ଜନତା ଦଳର ବରିଷ୍ଠ କର୍ମୀ ଭଞ୍ଜ କିଶୋର ପ୍ରଧାନଙ୍କ ପରଲୋକ ହୋଇଛି। ସେ ଜଣେ ଜଣାଶୁଣା ଫୁଟବଲ ଓ ଭଲିବଲ ରେଫରି ଥିଲେ। କିଛିଦିନ ହେବ ସେ ଅସୁସ୍ଥ ଥିବାବେଳେ ଆଜି ହଠାତ ମୃତ୍ୟୁ ହୋଇଛି। ତାଙ୍କ ପରଲୋକରେ ବିଜେଡିର ବହୁ ନେତା ଓ କର୍ମୀ ଶୋକ ପ୍ରକାଶ କରିଛନ୍ତି।

ମେଧାବୀ ଛାତ୍ରଙ୍କୁ ପୁରସ୍କାର ପ୍ରଦାନ କଲେ ପୁରାତନ ଛାତ୍ର

ପାରଳାଖେମୁଣ୍ଡି, ୨୦।୭ (ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ରଙ୍କ ଦ୍ୱାରା କୃତୀ ଛାତ୍ରଙ୍କୁ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପରିବେଶ ସୁରକ୍ଷା କ୍ଷେତ୍ରରେ ୩ ଜଣଙ୍କୁ, ଶିକ୍ଷା କ୍ଷେତ୍ରରେ ଭଲ ନମ୍ବର ରଖିଥିବା ମେଧାବୀ ୪ ଜଣ ଓ ବିଜ୍ଞାନ କ୍ଷେତ୍ରରେ ୩ ଜଣଙ୍କୁ ଏଭଳି ଭାବରେ ମୋଟ ୧୦ ଜଣ ଛାତ୍ରଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ସହାୟତା ରାଶି ପୁରାତନ ଛାତ୍ର ରାଜନ ପାଢ଼ୀ ଓ ବୈଜ୍ଞାନିକ ଏନ୍. କ୍ରୀଷ୍ଣା ଓ ଜଣେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କ ସମେତ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

ପ୍ରେସ୍‌କ୍ଲବର ସାଧାରଣ ବୈଠକ

ଜି.ଉଦୟଗିରି, ୨୦।୭ (ସମିସ): ଜି.ଉଦୟଗିରି ପୂର୍ତ୍ତବିଭାଗ ଡାକବଙ୍ଗଳାରେ ଜି.ଉଦୟଗିରି ପ୍ରେସକ୍ଲବ ସଭାପତି

ରାମକୃଷ୍ଣ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଆଜି ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ଆରମ୍ଭରେ ମାଲକାନଗିରିର ମୃତ ୱେବ ସାମ୍ବାଦିକ ଏସ.ନରେଶଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ପ୍ରେସକ୍ଲବର ନିଜସ୍ୱ ଗୃହ ନିର୍ମାଣ, ବିଭିନ୍ନ ସମସ୍ୟା ସାଙ୍ଗକୁ ସାଙ୍ଗଠନିକ ସୁଦୃଢ ଉପରେ ଆଲୋଚନା ହୋଇଥିବା ବେଳେ ଶ୍ରୀନରେଶଙ୍କୁ ହତ୍ୟା କରିଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସାମ୍ବାଦିକଙ୍କ ସୁରକ୍ଷା ନେଇ ସରକାର ଆଇନ ଆଣିବାକୁ ଅନୁରୋଧ କରାଯାଇଥିଲା। ଏଥିସହିତ ଆସନ୍ତା ସ୍ୱାଧୀନତା ଦିବସ ପାଳନ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ଉପ ସଭାପତି ପ୍ରସନ୍ନ କୁମାର ମିଶ୍ର, ସମ୍ପାଦକ ଅନୀଲ ଦଳବେହେରା, ସହସମ୍ପାଦକ ସୁଜିତ କୁମାର ସାହୁ, ପତିତପାବନ ସାହୁ, ଦେବନାଥ ଦଳବେହେରା, ସମୀର କୁମାର ପାଢ଼ୀ, ପ୍ରତାପ ଚନ୍ଦ୍ର ପାଢ଼ୀ, ବଟକୃଷ୍ଣ ଦାସ, ଅରୁଣ କୁମାର ଷଡ଼ଙ୍ଗୀ, ଚିନ୍ମୟ ସେଠୀ, ଅବନୀ ପ୍ରଧାନ, ଦୁର୍ଗାମାଧବ ପଟ୍ଟନାୟକ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରେ ସମ୍ପାଦକ ପୂର୍ବ ବିବରଣୀ ପାଠ କରାଯାଇଥିଲା। ଶେଷରେ ସଭ୍ୟ ଏନ.ରାଜା ରାଓ ଧନ୍ୟବାଦ ଅର୍ପଣ କରିଥିଲେ।

ଧାନ ସଂଗ୍ରହ ନିମନ୍ତେ ଚାଷୀ ପଞ୍ଜୀକରଣ

ଗୋଷାଣି, ୨୦।୭ (ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ କେରାଣ୍ଡି ପଞ୍ଚାୟତ ଅନ୍ତର୍ଗତ ନୂଆକେରାଣ୍ଡିରେ ଥିବା ରାମ ଲିଙ୍ଗେଶ୍ୱର ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଖରିଫ ଧାନ କ୍ରୟ ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇଛି। ଜୁଲାଇ ୧୯ରୁ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇ ୨୫ ଅଗଷ୍ଟ ମଧ୍ୟରେ ରାମ ସମିତିରେ ଆବେଦନ କରିହେବ। ଚାଷୀ ପଞ୍ଜୀକରଣ ନିମନ୍ତେ ନିଜର ଆବଶ୍ୟକ କାଗଜପତ୍ର ବ୍ୟାଙ୍କ ପାସ୍‌ବୁକର ପ୍ରଥମ ପୃଷ୍ଠା, ଆଧାର କାର୍ଡ, ଜମିପଟ୍ଟା, ଜମି ପ୍ରମାଣପତ୍ରର ନକଲ ସହିତ ମୋବାଇଲ ନମ୍ବର ଆବଶ୍ୟକ ବୋଲି ରାମ ଲିଙ୍ଗେଶ୍ୱର ସମବାୟ ସମିତିର ସମ୍ପାଦକ ଇ. ରାମ ପ୍ରସାଦ ସୂଚନା ଦେଇଛନ୍ତି।

ସୁଭଦ୍ରା ଶକ୍ତି କାଫେ ଉଦ୍‌ଘାଟିତ

ମୋହନା, ୨୦।୭ (ସମିସ): ଗଜପତି ଜିଲ୍ଲା ମୋହନା ବ୍ଲକ କାର୍ଯ୍ୟାଳୟ ଆଗରେ ନୂତନ ଭାବେ ନିର୍ମାଣ ହୋଇଥିବା ସୁଭଦ୍ରା ଶକ୍ତି କାଫେ ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି। ଏହି କାଫେକୁ ମୋହନାର ମହିଳା ଗୋଷ୍ଠୀ ପରିଚାଳନା କରୁଛନ୍ତି। ଉଦଘାଟନ କାର୍ଯ୍ୟକ୍ରମରେ ମୋହନା ବ୍ଲକ ଅଧ୍ୟକ୍ଷ ରଞ୍ଜିବ ଶବର, ଉପାଧ୍ୟକ୍ଷ ବାକ୍ଲିନ ଅଧିକାରୀ, ବିଡ଼ିଓ ରାଜିବ ଦାସ, ଏବିଡ଼ିଓ ରମାକାନ୍ତ ଚୌଧୁରୀ, ଜିଲ୍ଲା ପରିଷଦ ସଭ୍ୟ ସୁନିଲ ବିଷୋୟୀ, ସାଂସଦ ପ୍ରତିନିଧି ଜୀତେନ୍ଦ୍ର ବେହେରା, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ସଭ୍ୟା ଓ ବିଭିନ୍ନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ।

ବର୍ଷାରେ ବିଦ୍ୟାଳୟ ରାସ୍ତା ଶୋଚନୀୟ

କାଦୁଅ ସରସର ହୋଇ ଯାଉଛନ୍ତି ଛାତ୍ରଛାତ୍ରୀ

ମୋହନା, ୨୦।୭ (ସମିସ): କାଦରେ ପାଦ ଥାପି ଥାପି ସ୍କୁଲ ଯାଉଛନ୍ତି ଛାତ୍ର ଛାତ୍ରୀ। ଗଜପତି ଜିଲ୍ଲା ମୋହନା ବ୍ଲକ ଗରଡ଼ମା ପଞ୍ଚାୟତର ଦୁର୍ଗମ ଗମ୍ଭିରି ଗାଁରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଗଜପତି ଜିଲ୍ଲାରେ ବର୍ଷା ଦୁଇଦିନ ହେଲାଣି ଲାଗିରହିଛି। ପାହାଡିଆ ନାଳ ଗୁଡିକରେ ପାଣି ବି ଭରପୁର ଆସୁଛି। ହେଲେ ଏହାକୁ ଖାତିର ନ କରି ପଚପଚ କାଦୁଅ ଭିତରେ ପଶି କିଛି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଯାଉଛନ୍ତି। ଅତ୍ୟନ୍ତ କଦର୍ଯ୍ୟ ରାସ୍ତାରେ ଗମନାଗମନ କଲାବେଳେ ରାସ୍ତାରେ ପଡ଼ି ଆହତ ହେଉଛନ୍ତି କୋମଳମତି ଶିଶୁ।

ଅନ୍ୟ ପଟେ ଗମ୍ଭିରି ଗାଁ ଗ୍ରାମବାସୀ ପୂର୍ବରୁ ପ୍ରଶାସନ ନିକଟରେ ସମସ୍ୟା ନେଇ ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା କେହି ଶୁଣୁନାହାନ୍ତି। ଅତିଶୀଘ୍ର ପକ୍କା ରାସ୍ତା ନିର୍ମାଣ ନହେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ହେଲେ ଅତିଶୀଘ୍ର ଉକ୍ତ ଗ୍ରାମ ବିଦ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା ନିର୍ମାଣ କରାଯିବ ବୋଲି କହିଛନ୍ତି ଜିଲ୍ଲାପାଳ ବିଜୟ କୁମାର ଦାସ କହିଛନ୍ତି।

ହାତୀ ଚଲାପଥରେ ଲାଗିଲା ସତର୍କ ସୂଚନା ଫଳକ

ଜି.ଉଦୟଗିରି, ୨୦।୭ (ସମିସ): ଦୀର୍ଘମାସ ହେଲା କନ୍ଧମାଳ ଜିଲ୍ଲା ଜି.ଉଦୟଗିରିର ବିଭିନ୍ନ ପଞ୍ଚାୟତରେ ଲାଗିରହିଛି ହାତୀ ଭୟ। ଯାହାକୁ ନେଇ ଅଞ୍ଚଳବାସୀଙ୍କ ନିଦ ହଜିଛି ଓ ଜୀବନ ଜୀବିକା ପ୍ରଭାବିତ ହୋଇଛି। ଜି.ଉଦୟଗିରିରୁ କଳିଙ୍ଗା ଯିବା ରାସ୍ତାର ବିଭିନ୍ନ ସ୍ଥାନରେ ହାତୀ ଯିବା ଆସିବା କରିବା ଦ୍ୱାରା ଲୋକେ ଭୟ କରୁଛନ୍ତି। କେତେକ ସ୍ଥାନରେ ହାତୀ ସହିତ ମୁହାଁମୁହିଁ ଲୋକେ ହେବା ସହ ଜୀବନ ବିକଳରେ ଦୌଡ଼ି ଜୀବନ ରକ୍ଷା କରିଥିବା ସୂଚନା ରହିଛି। ଏଭଳି ସମସ୍ୟା ଯୋଗୁଁ ହାତୀ ଚାଲା ପଥରେ ସତର୍କ ସୂଚନା ଫଳକ ଲଗାଇବୁ ଦାବି ହୋଇଥିଲା। ଯାହାକୁକୁ ନେଇ ଏବେ ଜି.ଉଦୟଗିରି ବନାଞ୍ଚଳ ତରଫରୁ କଳିଙ୍ଗାରୁ ଜି.ଉଦୟଗିରି ରାସ୍ତାର ନଣ୍ଡଗିରି ଏବଂ ରାଇପଦା ନିକଟରେ ହାତୀ ଚଲା ପଥ ସତର୍କ ଫଳକ ଲଗାଯାଇଛି।

ଅର୍ଦ୍ଧରାତ୍ରରେ ଓଟିଇଟି ପରୀକ୍ଷା ବାତିଲ

କେନ୍ଦ୍ରରେ ପହଞ୍ଚି ହଟହଟା ହେଲେ ପରୀକ୍ଷାର୍ଥୀ; ଝାଡ଼ିଲେ ଅସନ୍ତୋଷ

ପାରଳାଖେମୁଣ୍ଡି, ୨୦।୭ (ସମିସ)

ଆଜି ହେବାକୁ ଥିବା ସ୍ୱତନ୍ତ୍ର ଓଟିଇଟି ପରୀକ୍ଷାକୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ପେପର-୧ ଓ ପେପର-୨ର ପରୀକ୍ଷା ସ୍ଥଗିତ ରଖାଯାଇଥିବା ଯୋଗୁଁ ଓଟିଇଟି ପରୀକ୍ଷା ଦେବାକୁ ଆସିଥିବା ଶିକ୍ଷକ/ ଶିକ୍ଷୟିତ୍ରୀ ନିରାଶ ହୋଇ ଫେରିଛନ୍ତି। ସରକାର ଗତକାଲି ବିଳମ୍ବିତ ରାତିରେ ଓଟିଇଟି ପରୀକ୍ଷା ସ୍ଥଗିତ ରଖାଯିବା ନେଇ ଘୋଷଣା କରିଥିଲେ। ଏଥିଯୋଗୁଁ ରାଜ୍ୟର ବହୁ ସ୍ଥାନରେ ପରୀକ୍ଷାର୍ଥୀ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପରେ ବାତିଲ ହୋଇଥିବା ଜାଣି ପାରିଥିଲେ। ଏହି କ୍ରମରେ ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରର ୫ କେନ୍ଦ୍ର ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟ, ମହେନ୍ଦ୍ରଗିରି ସରକାରୀ ପୌର ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିକାଶ ବିଦ୍ୟାନିକେତନରେ ପରୀକ୍ଷା ଦେବା ପାଇଁ ହଜାରରୁ ଅଧିକ ପରୀକ୍ଷାର୍ଥୀ ପହଞ୍ଚିଥିଲେ। ସେଠାରେ ପରୀକ୍ଷା ସ୍ଥଗିତ ନେଇ କୌଣସି ବିଜ୍ଞପ୍ତି ମରାଯାଇ ନଥିବାର ଦେଖି ପରୀକ୍ଷା ଆରମ୍ଭକୁ ଜଗି ବସିଥିଲେ। ଇତି ମଧ୍ୟରେ କେତେକ କର୍ମଚାରୀ ଆସି ପରୀକ୍ଷା ସ୍ଥଗିତ ରହିଥିବା ନେଇ କାନ୍ଥରେ ନୋଟିସ ମାରିଥିଲେ। ଏହା ଜାଣିବା ପରେ ପରୀକ୍ଷାର୍ଥୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ବାତିଲ ହେବାର କିଛି ଘଣ୍ଟା ପରେ ଏହାର ପ୍ରଶ୍ନ ଉତ୍ତର ହାତଲେଖା ନକଲ ମୋବାଇଲକୁ ମୋବାଇଲ ଘୁରି ବୁଲୁଥିବା ଦେଖାଯାଇଥିଲା।

ପ୍ରକାଶ ଯେ, ପରୀକ୍ଷା ପୂର୍ବରୁ ଗତକାଲି ରାତିରେ ପ୍ରଶ୍ନପତ୍ର ଭାଇରାଲ ହୋଇଥିଲା। ସୋସିଆଲ ମିଡିଆରେ ଓଟିଇଟି ପରୀକ୍ଷା ପରୀକ୍ଷାର ପ୍ରଶ୍ନ ସହିତ ଉତ୍ତର ହାତ ଲେଖା ଭାଇରାଲ ହୋଇଥିବା ପୋଷ୍ଟ ହୋଇଥିବାର ଚର୍ଚ୍ଚା ହେଉଥିଲେ ମଧ୍ୟ ତାହା ଏଠାରେ ଦେଖିବାକୁ ମିଳିନି। ସେହି ପ୍ରଶ୍ନପତ୍ର ଓ ଉତ୍ତର କି ନୁହେଁ ତାହା ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇନଥିବା ବେଳେ ବିଳମ୍ବିତ ରାତିରେ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଯାହାକୁ ନେଇ ଓଟିଇଟି ପରୀକ୍ଷା ଦେବାପାଇଁ ଆସିଥିବା ପରୀକ୍ଷାର୍ଥୀ ସରକାରଙ୍କ ଏପରି ନିଷ୍ପତ୍ତିକୁ ନେଇ ନାନାଦି ଆଲୋଚନା କରୁଥିବା ବେଳେ ପୁଣି ଏହି ପରୀକ୍ଷା କେବେ ହେବ ବୋଲି ପ୍ରଶ୍ନ କରିଛନ୍ତି। ଆଉକେତେକ କେଉଁଠାରେ ପେପର ଭାଇରାଲ ହେଲା, କିପରି ହେଲା ଆମ୍ଭେ ଜାଣିନୁ ଏବଂ ଏହା ଏକ ଷଡ଼ଯନ୍ତ୍ର ହୋଇଥାଇପାରେ କହିଛନ୍ତି।

ମତ୍ସ୍ୟଜୀବୀଙ୍କ ସମସ୍ୟା ନେଇ ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି

ରମ୍ଭା,୨୦।୭(ସମିସ): ପାରମ୍ପରିକ ଚିଲିକା ମତ୍ସ୍ୟଜୀବୀମାନଙ୍କ ଜୀବନ ଜୀବିକାକୁ ନେଇ ଥିବା ବିଭିନ୍ନ ସମସ୍ୟା ଉପରେ ଓଡ଼ିଶା ରାଜ୍ୟ ମତ୍ସ୍ୟଜୀବୀ ସମବାୟ ନିଗମ ଲିଃର ପରିଚାଳନା ନିର୍ଦ୍ଦେଶକଙ୍କୁ ଚିଠି କରିଛନ୍ତି ଗଞ୍ଜାମ ଜିଲ୍ଲା ପାରମ୍ପରିକ ମତ୍ସ୍ୟ ସଂଗଠନର ସଭାପତି ତଥା ଓଡ଼ିଶା ରାଜ୍ୟ ମତ୍ସ୍ୟଜୀବୀ ସମବାୟ ନିଗମ ଲିଃର ବୋର୍ଡ଼୍ ସଭ୍ୟ ସେନାପତି ବେହେରା। ଚିଲିକାକୁ ସଂଯୋଗ କରୁଥିବା ଗଞ୍ଜାମ ବ୍ଲକର ପାଲୁର ସାହେବ କେନାଲର ରକ୍ଷଣାବେକ୍ଷଣ, ପୁନରୁଦ୍ଧାର ନହେବା, ତତ ସହିତ ଚିଲିକାକୁ ସଂଯୋଗ କରୁଥିବା ଛୋଟବଡ଼ ନଦୀ ଓ କେନାଲ ପୋତି ହୋଇଯିବା ଯୋଗୁ ମତ୍ସ୍ୟଜୀବୀମାନଙ୍କ ଜୀବନ ଜୀବିକା ଉପରେ କୁପ୍ରଭାବ ପଡ଼ିବା ଫଳରେ ବୃତ୍ତି ଛାଡ଼ି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଥିବା ଅଭିଯୋଗ ହେଉଛି। ଚିଲିକା ଉପକୂଳବର୍ତ୍ତି ଅଞ୍ଚଳରେ କୌଣସି ବରଫ କଳ ନଥିବାରୁ ମତ୍ସ୍ୟଜୀବୀମାନଙ୍କ ମତ୍ସ୍ୟ ସଂରକ୍ଷଣ କରିବାରେ ବାଧାପ୍ରାପ୍ତ ହେବା, ଚିଲିକାକୁ ସମ୍ପୂର୍ଣ୍ଣ ମାଫିଆ ମୁକ୍ତ କବଳରୁ ଜୈବବିବିଧତା ନଷ୍ଟ ହେବାରୁ ରକ୍ଷା କରିବା, ପ୍ରତ୍ୟେକ ମତ୍ସ୍ୟଜୀବୀ ସମବାୟ ସମିତିଗୁଡ଼ିକୁ ଲିଜ ପ୍ରଦାନ କରିବାର ବ୍ୟବସ୍ଥା କରିବା ପାଇଁ ଗଞ୍ଜାମ ଜିଲ୍ଲା ପାରମ୍ପରିକ ମତ୍ସ୍ୟଜୀବୀ ସଂଗଠନ ପକ୍ଷରୁ ଚିଠି ନଂ:୧୧/୨୫ ମାଧ୍ୟମରେ ସଭାପତି ସେନାପତି ବେହେରା ଲିଖିତ ଭାବେ ଜଣାଇଛନ୍ତି।

ପୋଖରୀରୁ ବୃଦ୍ଧଙ୍କ ଶବ ଉଦ୍ଧାର

ଦିଗପହଣ୍ଡି,୨୦।୭(ସମିସ): ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମ ପୋଖରୀରୁ ରବିବାର ଅପରାହ୍ନରେ ଜଣେ ବୃଦ୍ଧଙ୍କ ଶବ ଉଦ୍ଧାର କରାଯାଇଛି। ମୃତକ ହେଲେ ପଦ୍ମନାଭପୁର ମେଳାମଣ୍ଡପ ସାହିର ଲକ୍ଷ୍ମଣ ସାହୁ (୬୫)। ଲକ୍ଷ୍ମଣ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଅସାବଧାନତା କାରଣରୁ ପୋଖରୀର ଗଭୀର ପାଣି ଭିତରକୁ ଚାଲିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ତାଙ୍କ ସନ୍ଧାନ ନମିଳିବାରୁ ଦିଗପହଣ୍ଡି ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି।

ଆମ ବ୍ୟାଙ୍କ ସେବା ବନ୍ଦ

ଶେରଗଡ,୨୦।୭(ସମିସ): ଗ୍ରାମାଞ୍ଚଳର ଲୋକଙ୍କୁ ହାତପାଆନ୍ତାରେ ବ୍ୟାଙ୍କ ସେବା ଯୋଗାଇ ଦେବା ଲାଗି ପୂର୍ବ ସରକାର ଯେଉଁ ସବୁ ପଞ୍ଚାୟତରେ ବ୍ୟାଙ୍କ ସୁବିଧା ନାହିଁ, ସେଠାରେ ଆମ ବ୍ୟାଙ୍କ ସେବା ଆଉଟଲେଟ ବ୍ୟବସ୍ଥା କରିଥିଲେ। ଏଥିଲାଗି ସ୍ୱତନ୍ତ୍ର ଭାବେ ବ୍ୟାଙ୍କ ଗୃହ ନିର୍ମାଣ ନିମନ୍ତେ ୫୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା। ୫ଟି ଜାତୀୟକରଣ ବ୍ୟାଙ୍କ ଏହି ସେବା ଯୋଗାଇ ଦେବା ଲାଗି ସରକାରଙ୍କ ସହିତ ଚୁକ୍ତି ହୋଇଥିଲା। ଏହି ଭିତରେ ଶେରଗଡ ବ୍ଲକର ୧୭ଟି ପଞ୍ଚାୟତରେ ଆମ ବ୍ୟାଙ୍କ ସେବା ଚୂଡାନ୍ତ ହୋଇ ୨୮ ନଭେମ୍ବର ୨୦୨୩ରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ ଏହାର ଲୋକାର୍ପଣ କରିଥିଲେ। ତେବେ ଏସବୁ ବ୍ୟବସ୍ଥା ଏବେ ବନ୍ଦ।

କେଉଁ ପଞ୍ଚାୟତରେ କେଉଁ ରାଷ୍ଟ୍ରାୟତ ବ୍ୟାଙ୍କକୁ ଏହି ସେବା ଯୋଗାଇ ଦେବା ଲାଗି ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପ୍ରାୟ ମାସେରୁ ଦୁଇ ମାସ ବ୍ୟାଙ୍କ ସେବା ଯୋଗାଇବା ପରେ ଏହି ସବୁ ବ୍ୟାଙ୍କ ଅଚଳ ହୋଇ ପଡିରହିଛି। ଫଳରେ ବ୍ୟାଙ୍କ ଘରେ ଏବେ ତାଲା ଝୁଲୁଛି। କେଉଁଠି ଗୃହ ନିର୍ମାଣ ହୋଇ ଶେଷ ହୋଇଥିଲେ ମଧ୍ୟ କର୍ମଚାରୀ ନିଯୁକ୍ତି ପାଇନଥିବା ବେଳେ କେଉଁଠି ଗୃହ ନିର୍ମାଣ ଚାଲିଛି ତ ଆଉ କେଉଁଠି କର୍ମଚାରୀ ନିଯୁକ୍ତି ପରେ ଆସୁନାହାନ୍ତି। ଫଳରେ ଗ୍ରାମାଞ୍ଚଳର ଜନସାଧାରଣଙ୍କ ଲାଗି ଉଦ୍ଦିଷ୍ଟ ରହିଥିବା ବ୍ୟାଙ୍କ ସେବା ଏକପ୍ରକାର ପଙ୍ଗୁ ହୋଇଯାଇଛି। ତେଣୁ ଏ ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଗ୍ରାମାଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

ଫସଲ ସୁରକ୍ଷା ଲାଗି ବିଛା ଯାଇଥିଲା

ବିଦ୍ୟୁତ୍ ତାରରେ ଲାଗି ଛାତ୍ର ମୃତ

ଶୋକାକୁଳ ପରିବାରଙ୍କୁ ଭେଟିଲେ ପୂର୍ବତନ ଶ୍ରମମନ୍ତ୍ରୀ

ବ୍ରହ୍ମପୁର,୨୦।୭(ସମିସ)

ପୋଲସରା ବ୍ଲକ ଚିରିକିପଡାଶାସନ ପଞ୍ଚାୟତରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ଫସଲ ସୁରକ୍ଷା ପାଇଁ ବାଡ଼ରେ ଖଞ୍ଜା ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିରିକିପଡା ଶାସନ ଗ୍ରାମର ପରମାନ୍ଦ ସାହୁଙ୍କ ବଡ଼ ପୁଅ ତନ୍ମୟ ସାହୁ (୧୨)। ,

ପରିବାର ସଦସ୍ୟଙ୍କ ସୂଚନା ପ୍ରକାରେ ପରମାନନ୍ଦଙ୍କ ବାଡ଼ିପଟ ଓ କରେଣ୍ଟ ଲଗାଇଥିବା ସୁଶାନ୍ତ କୁମାର ସାହୁଙ୍କ ବାରିପଟ ଆମ୍ନାସାମ୍ନାରେ ରହିଛି। ଏପରିକି ସୁଶାନ୍ତ ନିଜ ବାରିପଟରେ କିଛି ଫଳନ୍ତି ଗଛପତ୍ର ଓ ଫୁଲଗଛ ଲଗାଇଥିଲେ। ନିଜ ବାରିକୁ ଅବାଧ ପ୍ରବେଶ ରୋକିବାକୁ ସୁଶାନ୍ତ ବାଡ଼ରେ କରେଣ୍ଟ ତାର ବିଛାଇ ଚାର୍ଜ କରି ରଖିଥିଲେ। ରବିବାର ଅପରାହ୍ନରେ ତନ୍ମୟ ନିଜ ଘର ବାରିପଟକୁ ଆସି ସୁଶାନ୍ତଙ୍କ ବାଡ଼କୁ ଲଗାଇ ଚାରା ଗଛ ପୋତୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଛିଟିକି କିଛି ଦୂରରେ ଥିବା ଏକ ସିମେଣ୍ଟ ଖୁଣ୍ଟରେ ପିଟି ହୋଇ ଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ପୋଲସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲସରା ଥାନା ଅଧିକାରୀ କୌଶିକ ମାଝୀ, ପୁରଷୋତ୍ତମପୁର ଏସ୍‌ଡିପିଓ ସୁଜିତ କୁମାର ନାୟକ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

ସେପଟେ ଉକ୍ତ ଦୁଃଖଦ ଘଟଣାକୁ ନେଇ ପୂର୍ବତନ ଶ୍ରମମନ୍ତ୍ରୀ ଶ୍ରୀକାନ୍ତ ସାହୁ ପୋଲସରା ମେଡ଼ିକାଲରେ ପହଞ୍ଚି ଶୋକାକୁଳ ପରିବାରକୁ ଭେଟି ସମବେଦନା ଜଣାଇଥିଲେ। ପରେ ପୋଲସରା ପୁଲିସ ସହାୟତାରେ ଶବବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଅଧିକ ତଦନ୍ତ କରିବାକୁ ଚିରିକିପଡାଶାସନ ଗ୍ରାମକୁ ଯିବେ ବୋଲି ସୂଚନା ଦେଇଛନ୍ତି ଥାନା ଅଧିକାରୀ କୌଶିକ ମାଝୀ। ଏହି ଘଟଣାରେ ପୁଲିସ ଦୁଇ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି।

ମନ୍ତ୍ରୀଙ୍କ କୁକୁଡାଖଣ୍ଡି ପ୍ରତିନିଧି ସୂର୍ଯ୍ୟମଣି

କୁକୁଡାଖଣ୍ଡି,୨୦।୭(ସମିସ): ଗୋପାଳପୁର ବିଧାୟକ ତଥା ଓଡ଼ିଶା ସରକାରଙ୍କ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ କୁକୁଡାଖଣ୍ଡି ବ୍ଲକ ପ୍ରତିନିଧି ମନୋନୀତ ହୋଇଛନ୍ତି। ଭାରତୀୟ ଜନତା ପାର୍ଟିର ପୂର୍ବତନ ଜିଲ୍ଲା କୋଷାଧ୍ୟକ୍ଷ ସୂର୍ଯ୍ୟମଣି ପାତ୍ରଙ୍କୁ ଏହି ଦାୟିତ୍ୱ ମିଳିଛି। ଏନେଇ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି।

ରେଲୱେରେ ଚାକିରି ନାଁରେ ୧୩ ଲକ୍ଷ ଠକେଇ

ଦିଗପହଣ୍ଡି,୨୦।୭(ସମିସ): ପୂର୍ବତଟ ରେଲୱେରେ ଚାକିରି କରାଇଦେବା ନାଁରେ ଦିଗପହଣ୍ଡି ଥାନା ଫାସିଗୁଡ଼ା ଗ୍ରାମର ସଙ୍ଗୀତା ପାତ୍ର ନାମ୍ନୀ ଯୁବତୀଙ୍କ ଠାରୁ ଏକ ରାକେଟର ସଦସ୍ୟ ମାନେ ୧୩ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗ ହୋଇଛି। ଠକେଇର ଶିକାର ହୋଇଥିବା ଯୁବତୀଙ୍କ ଏତଲାକୁ ଭିତ୍ତିକରି ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ଥାନା ମାମଲା ନଂ.୨୫୧/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି।

ଗତ ୨୦୨୩ ମେ ୨୫ରେ ବ୍ରହ୍ମପୁର ସଦର ଥାନା କୁକୁଡାଖଣ୍ଡି ଗ୍ରାମର ଏ . ବିଘ୍ନେଶ୍ୱର ରାଓ ଦୋରା ଏବଂ ଭୁବନେଶ୍ୱରରେ ରହୁଥିବା ରାକେଟର ମାଷ୍ଟର ମାଇଣ୍ଡ ସମରଜିତ ରାଉତ ଓ ତାଙ୍କ ସ୍ତ୍ରୀ ଶୁଭଲକ୍ଷ୍ମୀ ରାଉତ ଫାସିଗୁଡ଼ା ଗ୍ରାମକୁ ଆସି ସଙ୍ଗୀତାଙ୍କୁ ସ୍କାଉଟ ଓ ଗାଇଡ କୋଟାରେ ରେଲୱେରେ ଚାକିରି କରାଇବାର ପ୍ରଲୋଭନ ଦେଖାଇ ତାଙ୍କ ଠାରୁ ୧୩ ଲକ୍ଷ ଟଙ୍କା ନେଇଥିଲେ। ପରେ ପଶ୍ଚିମବଙ୍ଗ କୋଲକତା ନିକଟ ସିଆଲଦା ବି.ଆର ହସ୍ପିଟାଲରେ ତାଙ୍କର ମେଡିକାଲ ଟେଷ୍ଟ କରାଇ ସାର୍ଟିଫିକେଟ ଦେଇଥିଲେ। ଦୁଇଦିନ ପରେ ତାଙ୍କୁ କୋଲକତା ସ୍ଥିତ ପୂର୍ବତଟ ରେଲୱେ ମୁଖ୍ୟାଳୟକୁ ବୁଲାଇ ନେଇ ସେଠାରେ ତାଙ୍କୁ ନିଯୁକ୍ତି ପତ୍ର ସହ ଜଏନିଂ ଲେଟର ଦେଇଥିଲେ। ସଙ୍ଗୀତା ଉକ୍ତ ଜଏନିଂ ଲେଟର ଧରି ସିଆଲଦା ସ୍ଥିତ ରେଲୱେର ଡିଆରଏମ ଅଫିସକୁ ଯିବା ପରେ ସେଠାକାର ଦାୟିତ୍ୱରେ ଥିବା ଅଫିସର ଉକ୍ତ ନିଯୁକ୍ତିପତ୍ର ନକଲି ବୋଲି ଜଣାଇଥିଲେ। ସଙ୍ଗୀତା ଏବଂ ତାଙ୍କ ପରିବାର ଲୋକେ ଚାକିରି ପାଇଁ ଟଙ୍କା ନେଇଥିବା ବିଘ୍ନେଶ୍ୱରଙ୍କ ସମେତ ସମରଜିତ ଓ ଶୁଭଲକ୍ଷ୍ମୀଙ୍କୁ ଫୋନ କରି ପଚାରିବାରୁ ସେମାନେ ସାକ୍ଷାତ କରିବାକୁ ମନା କରିଦେଇଥିଲେ। ପରବର୍ତ୍ତୀ ସମୟରେ ଆଉ ଫୋନ ଉଠାଇନଥିଲେ। ସଙ୍ଗୀତା ଓ ତାଙ୍କ ପରିବାର ଲୋକେ କୁକୁଡ଼ାଖଣ୍ଡି ଗ୍ରାମ ଶାନ୍ତିନଗର ସ୍ଥିତ ବିଘ୍ନେଶ୍ୱରଙ୍କ ଘରକୁ ଯାଇ ତାଙ୍କୁ ଖୋଜିବାରୁ ଘରେ ଥିବା ତାଙ୍କ ସାନଭାଇ ଏ.ପ୍ରକାଶ ରାଓ ଦୋରା ତାଙ୍କୁ ଗାଳି କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିବା ଏତଲାରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ ରେଲୱେରେ ଚାକିରି କରାଇବା ନାଁରେ ଉକ୍ତ ରାକେଟର ସଦସ୍ୟମାନେ ୭ଜଣ ଯୁବକଙ୍କୁ ଠାରୁ ୮୬ ଲକ୍ଷ ୫୦ ହଜାର ଟଙ୍କା ଠକେଇ କରିଥିବା ନେଇ ପଦ୍ମନାଭପୁର ଗ୍ରାମର ଅଭିଷେକ ପଣ୍ଡା ଦିଗପହଣ୍ଡି ଥାନାରେ ଏତଲା ଦେଇଥିଲେ। ଥାନା ମାମଲା ନଂ.୨୪୯/୨୫ ଅନୁଯାୟୀ ମକଦ୍ଦମା ରୁଜୁ କରି ଦିଗପହଣ୍ଡି ପୁଲିସ ତଦନ୍ତ ଚଳାଇଥିବା ବେଳେ ଅନ୍ୟ କିଛି ଯୁବକଙ୍କୁ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଠକେଇ କରିଥିବା ସମ୍ପୃକ୍ତ ବିଘ୍ନେଶ୍ୱର ଏବଂ ଶୁଭଲକ୍ଷ୍ମୀ ଙ୍କୁ ବ୍ରହ୍ମପୁର ସଦର ଥାନା ପୁଲିସ ପୂର୍ବରୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଉଭୟ ଅଭିଯୁକ୍ତ ବ୍ରହ୍ମପୁର ଜେଲରେ ବିଚାରାଧୀନ ବନ୍ଦୀ ଭାବେ ରହିଥିବା ବେଳେ ଏହି ଠକେଇ ମାମଲାରେ ମାଷ୍ଟରମାଇଣ୍ଡ ସମରଜିତ ଫେରାର ଥିବା ଜଣାପଡିଛି।

ବିଶ୍ୱକର୍ମା ସମାଜର ବାର୍ଷିକ ଉତ୍ସବ

ରମ୍ଭା,୨୦।୭(ସମିସ): ରମ୍ଭା ଜାତୀୟ ୧୬ ନମ୍ବର ରାଜପଥ ପାର୍ଶ୍ୱରେ ଥିବା ଗୁପ୍ତେଶ୍ୱର ଶୈବ ପୀଠ ପରିସରରେ ଓଡ଼ିଶା ବିଶ୍ୱକର୍ମା ସମାଜ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ରାଜଶ୍ରୀ ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉକ୍ତ ସମାଜ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ରାଜଶ୍ରୀ ରାମଚନ୍ଦ୍ର ମହାରଣା, ପୂର୍ବତନ ଉପସଭାପତି ଯୋଗେନ୍ଦ୍ର ମହାରଣା, ସାମ୍ବାଦିକ ସୁଜିତ କୁମାର ବେହେରା, ଶ୍ରୀଧର ବେହେରା, ସାମ୍ବାଦିକ ନୀଳାଞ୍ଚଳ ସେନାପତି, ବନବାସୀ ସେଠି, ସଭ୍ୟ କଲ୍ୟାଣପୁର ଗ୍ରାମର ଉଦୟନାଥ ମହାରଣା, କୁଶପଲ୍ଲୀ ଗ୍ରାମର ଦୁର୍ଯୋଧନ ମହାରଣା, ଖଣ୍ଡିଦେଉଳି ଗ୍ରାମର କିଶୋର ଚନ୍ଦ୍ର ମହାରଣା, ରମ୍ଭାର କେଦାର ନାଥ ମହାରଣା, ପ୍ରତାପଚନ୍ଦ୍ର ମହାରଣା, ମଲାଡ଼ ଗ୍ରାମର ଅମୂଲ୍ୟ ମହାରଣା, ଗଞ୍ଜାମର ଗୋପାଳକୃଷ୍ଣ ମହାରଣା, ଲାବାଣ୍ୟ ମହାରଣା, ପ୍ରହ୍ଲାଦ ମହାରଣା ମଞ୍ଚାସୀନ ରହି ବିଶ୍ୱକର୍ମା ସମାଜର ଉନ୍ନତିମୂଳକ କାର୍ଯ୍ୟ ସରକାରଙ୍କ ବିଶ୍ୱକର୍ମା ଯୋଜନାର ସୁବିଧା ପାଇପାରିବେ ଏନେଇ ଆଲୋକପାତ କରିଥିଲେ। ଗଞ୍ଜାମ ଜିଲ୍ଲା ଶାଖା ବିଶ୍ୱକର୍ମା ସମାଜର ନୂତନ ସଭାପତି ରୁପେ ଯୋଗେନ୍ଦ୍ର ମହାରଣା, ଉପସଭାପତି ଗୋପାଳକୃଷ୍ଣ ମହାରଣା, ସମ୍ପାଦକ ଦଣ୍ଡପାଣି ମହାରଣା, ସହ ସମ୍ପାଦକ କିଶୋର ଚନ୍ଦ୍ର ମହାରଣା, କୋଷାଧ୍ୟକ୍ଷ ପ୍ରତାପ କୁମାର ମହାରଣା, ଉପଦେଷ୍ଟା କାଶୀନାଥ ମହାରଣା, ଲଡୁ କିଶୋର ମହାରଣା, ଆଇନ ପରାମର୍ଶଦାତା ରାମକୃଷ୍ଣ ମହାରଣା, କାର୍ଯ୍ୟକାରୀ ସଭାପତି ଅମୂଲ୍ୟ ମହାରଣା, ସଭ୍ୟ ହରିହର, ନିରଞ୍ଜନ, ସୀମାଞ୍ଚଳ, ପିଣ୍ଟୁ ମହାରଣାଙ୍କୁ ଚୟନ କରାଯାଇଥିଲା।

୩୧ ୟୁନିଟ ରକ୍ତ ସଂଗୃହୀତ

କୋଦଳା,୨୦।୭(ସମିସ): ବେଗୁନିଆପଡା ବ୍ଲକ ଆନ୍ତର୍ଗତ ଫାସୀ ଗ୍ରାମ ସ୍ଥିତ ଗୁଣ୍ଡିଚା ମଣ୍ଡପରେ ଶ୍ରୀମାଣିକେଶ୍ୱର ଯୁବ କଳାପରିଷଦ ଫାସି ଓ ଜୀବନ ଧାରା ତରଫରୁ ଅନୁଷ୍ଠିତ ରକ୍ତଦାନ ଶିବିରରେ ମୋଟ ୩୧ ୟୁନିଟ ରକ୍ତ ସଂଗୃହିତ ହୋଇଯାଇଛି। ଶିବିରକୁ ଶିକ୍ଷକ ନୀଳକଣ୍ଠ ଦାଶ ଉଦଘାଟନ କରିଥିବା ବେଳେ ଏହି ଗ୍ରାମର ଯୁବ କଳା ପରିଷଦ ସଭାପତି ଆଶୁତୋଷ ମହାପାତ୍ର, ଉପସଭାପତି ଜ୍ୟୋତିରଞ୍ଜନ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ନବୀନ ଦଳେଇ, ପ୍ରସନ୍ନ କୁମାର ବାଡତ୍ୟା, ନୀଳାଞ୍ଚଳ ସାହୁ, ଜୀବନ ଧାରା ସଭାପତି ଏମ. ଗୋପବନ୍ଧୁ ଆଚାରି, ସମ୍ପାଦକ ଯଜ୍ଞପ୍ରସାଦ ପଣ୍ଡା, ସୋମେଶ ପାତ୍ର, କୋଷାଧ୍ୟକ୍ଷ ଦୀପକ ଖଟେଇ, ଗୌରହରୀ ପୋଲାଇ, ଧର୍ମାନନ୍ଦ ମହାରଣା, ଲବଣ ସାଗର ଅଧିକାରୀ, ଦୁଷ୍ମନ୍ତ ପୋଲାଇ, ପଙ୍କଜ ଦଳେଇ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବ୍ରହ୍ମପୁର ଏମ୍‌କେସିଜି ରକ୍ତ ଭଣ୍ଡାର ପକ୍ଷରୁ ଡାକ୍ତର ରାମଚନ୍ଦ୍ର ମହାପାତ୍ର, ଅନୁରାଗ ସାମନ୍ତରାୟ, କେସି ସେଠୀ, ଦେବାଶିଷ ପଣ୍ଡା, ସୁଶାନ୍ତ କୁମାର ପଣ୍ଡା, ଡମ୍ବରୁ ବାହାଦୁର କାର୍କି ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ।

ବ୍ଲକ ଦଣ୍ଡନାଚ କମିଟିର ବୈଠକ

ବେଲଗୁଣ୍ଠା,୨୦।୭(ସମିସ): ବେଲଗୁଣ୍ଠା ସ୍ଥିତ ଆନନ୍ଦ କବି ଚନ୍ଦ୍ର ଦଣ୍ଡକାଳୀ ମନ୍ଦିର ପ୍ରାଙ୍ଗଣରେ ବେଲଗୁଣ୍ଠା ବ୍ଲକ୍ ଦଣ୍ଡନାଚ କମିଟିର ସଭାପତି ଏସ୍ ଭାସ୍କର ପାତ୍ରଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏଥିରେ ବ୍ଲକ୍‌ର ୧୭ଟି ଗ୍ରାମର ଦଣ୍ଡନାଚ କମିଟି ଯୋଗଦେଇ ଅଶ୍ଳୀଳତା ଏବଂ ସାମାଜିକ ନାଟକକୁ ସମସ୍ତେ ଏକ ସ୍ୱରରେ ମନା କରିବା ସହ ଜିଲ୍ଲା ମହାସଂଘ ନିଷ୍ପତିକୁ ସମସ୍ତେ ମାନିବେ ବୋଲି ପ୍ରକାଶ କରିଥିଲେ। ବୈଠକରେ ଦଣ୍ଡନାଚ କମିଟି ଉପସଭାପତି ଦେବାଶିଷ ଗୌଡ଼, ସମ୍ପାଦକ ତଥା ବେଲଗୁଣ୍ଠା ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଟି ନାରାୟଣ ପାତ୍ର, ଜଗନ୍ନାଥ ନାୟକ, ଗୋବର୍ଦ୍ଧନ ବେହେରା, କାମରାଜୁ ସ୍ୱାଇଁ, ପ୍ରତାପ କୁମାର ବିଷୋୟୀ, ସୂର୍ଯ୍ୟନାରାୟଣ ସ୍ୱାଇଁ, ଧବଳେଶ୍ୱର ଜେନା, ବିଭୂପାଦ ଜେନା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ମିଳୁନି ସରକାରୀ ସହାୟତା

ଆଖୁ ଚାଷରୁ ମୁହଁ ଫେରାଉଛନ୍ତି ଚାଷୀ

କୋଦଳା,୨୦।୭(ସମିସ): ଏକଦା ଆଖୁ ଚାଷରେ ଗଞ୍ଜାମ ଜିଲ୍ଲାରେ ବେଗୁନିଆପଡ଼ା ବ୍ଲକ ଏକ ନମ୍ବର ଥିଲା। କିନ୍ତୁ ବର୍ତ୍ତମାନ ଆଖୁ ଚାଷ ପାଇଁ ବେଗୁନିଆପଡ଼ା ବ୍ଲକ୍ ଅଞ୍ଚଳର ଚାଷୀଙ୍କ ଆଗ୍ରହ କମୁଛି। ଫଳରେ ଆଖୁ ଚାଷୀଙ୍କ ସଂଖ୍ୟା କମିବା ସହ ଆଖୁ ଉତ୍ପାଦନ ମଧ୍ୟ ହ୍ରାସ ପାଉଛି। ଦିନକୁ ଦିନ ଲୋକଙ୍କର ଚିନି ଚାହିଦା ବଢିବାରେ ଲାଗିଥିବା ବେଳେ ଆସ୍କା ଚିନି କଳରେ ମଧ୍ୟ ଚିନି ଉତ୍ପାଦନ ଉଦବେଗଜନକ ଭାବେ କମିଛି। ରାଜ୍ୟରେ ଗୋଟିଏ ପରେ ଗୋଟିଏ ଚିନିକଳ ବନ୍ଦହୋଇ ଯାଉଥିବାରୁ ବାହାରେ ଉତ୍ପାଦିତ ଚିନି ଉପରେ ଆମକୁ ଅଧିକରୁ ଅଧିକ ନିର୍ଭର କରିବାକୁ ପଡୁଛି। ନୟାଗଡ, ବଡମ୍ବା, ବରଗଡ, ବଲାଙ୍ଗିରରେ ଥିବା ଚିନି କାରଖାନା ଗୁଡ଼ିକ ବନ୍ଦ ହୋଇ ଯାଇଥିବା ବେଳେ ଆସ୍କା ଚିନି କାରଖାନାର ସ୍ଥିତି କୋମାରେ କହିଲେ ଅତୁକ୍ତି ହେବ ନାହିଁ। ଆଖୁଚାଷ ପାଇଁ ସରକାରଙ୍କ ତରଫରୁ ଆସୁଥିବା ପ୍ରୋତ୍ସାହନ ଏବଂ ସହାୟତାକୁ କୃଷି ବିଭାଗ ବାବୁ ମାନେ ଟାଳଟୁଳ ନୀତି ଅବଲମ୍ବନ କରି ଚାଷୀ ମାନଙ୍କୁ ହଇରାଣ କରୁଛନ୍ତି। ଫଳରେ ଏହି ଚାଷ ପ୍ରତି ଚାଷୀ ମୁହଁ ଫେରାଉଛନ୍ତି। ବେସରକାରୀ ସୂଚନା ଅନୁଯାଇ ବେଗୁନିଆପଡ଼ା ବ୍ଲକକୁ ଆଖୁ ଚାଷ ପାଇଁ ୫ଟି ସେକ୍ସନରେ ଭାଗ କରାଯାଇଛି। ସେଥି ମଧ୍ୟରେ ସାଙ୍କୁଡା -୧, ସାଙ୍କୁଡା -୨, ସାଙ୍କୁଡା -୩, ବେଗୁନିଆପଡ଼ା -୪, କୋଦଳା -୫ ଅଞ୍ଚଳରେ ପ୍ରାୟ ୧୮୭ ଜଣ ଚାଷୀ ୩୬୮ ଏକର ଜମିରେ ଆଖୁ ଚାଷ କରୁଛନ୍ତି। ସେଥି ମଧ୍ୟରେ ନୂଆ ଚାଷ ୬୭ ଏକର ହୋଇଥିବା ବେଳେ ପୁରୁଣା ମୂଳ ଆଖୁ ଚାଷ ୩୦୧ ଏକର ଅଟେ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ବ୍ୟବସାୟିକ ଅଂଶୀଦାରଙ୍କୁ ଅପହରଣ ଅଭିଯୋଗ

ବ୍ରହ୍ମପୁର,୨୦।୭(ସମିସ): ଜଣେ ବ୍ୟବସାୟିକ ଅଂଶୀଦାରଙ୍କୁ ଆଉ ଜଣେ ପାର୍ଟନର ଓ ତାଙ୍କ ସହଯୋଗୀ ଅପହରଣ କରିଥିବା ବଡ଼ବଜାର ଥାନାରେ ଅଭିଯୋଗ ହୋଇଛି। ବାକି ଟଙ୍କାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ଜଣାପଡିଛି। ବଡ଼ବଜାର ନିକଟ ନୂଆ କଲୁପାତ୍ର ସାହିର ପ୍ରଶାନ୍ତ କୁମାର ପୃଷ୍ଟିଙ୍କ ନିକଟରେ ପୁରୁଷୋତ୍ତମପୁର ପାଣ୍ଡିଆ ଗ୍ରାମର ରାମକୃଷ୍ଣ ଗୌଡ ବହୁ ବର୍ଷ ହେଲା କାମ କରୁଛନ୍ତି। ନିକଟରେ ପ୍ରଶାନ୍ତ ଓ ରାମକୃଷ୍ଣ ପୁରୁଷୋତ୍ତମପୁର ଅଞ୍ଚଳର ଅନ୍ୟ ଜଣେ ବ୍ୟକ୍ତିଙ୍କ ସହ ମିଶି ବୌଦ୍ଧ ଜିଲ୍ଲାରେ ଏକ ଗ୍ୟାସ ଏଜେନ୍ସି ଖୋଲିଛନ୍ତି। ତେବେ ଆଜକୁ ୩ଦିନ ତଳେ ସଂପୃକ୍ତ ବ୍ୟକ୍ତି ଜଣଙ୍କ ନିଜର ଜଣେ ସହଯୋଗୀ ସହ ରାମକୃଷ୍ଣଙ୍କୁ ଧରି ଜଟଣୀ ଯାଉଥିବା କହିଥିଲେ। ପ୍ରଶାନ୍ତ ସେବେଠାରୁ ରାମକୃଷ୍ଣଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ତାହା ସମ୍ଭବ ହୋଇପାରୁନାହିଁ। ତାଙ୍କ ବ୍ୟବସାୟିକ ଅଂଶୀଦାର ଓ ସହଯୋଗୀ ରାମକୃଷ୍ଣ ସହ କଥା କରାଇ ଦେଉନାହାନ୍ତି। ଏପରିକି ବିଭିନ୍ନ ବାହାନା କରି ସମୟ ଗଡାଇ ଚାଲିଛନ୍ତି। ଯାହାକୁ ନେଇ ପ୍ରଶାନ୍ତ ଚିନ୍ତାରେ ପଡିବା ସହ ରାମକୃଷ୍ଣଙ୍କୁ ଅପହରଣ ପରେ କେଉଁଠି ଲୁଚାଇ ରଖାଯାଇଥିବା ନେଇ ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି।

ନୂତନ ଟ୍ରାଫିକ ଡିଏସ୍‌ପିଙ୍କ ଦାୟିତ୍ୱ ଗ୍ରହଣ

ବ୍ରହ୍ମପୁର,୨୦।୭(ସମିସ): ବ୍ରହ୍ମପୁର ସହରର ଟ୍ରାଫିକ୍ ଡିଏସ୍‌ପି ଭାବେ ତିରୁପତି ଚୌଧୁରୀଙ୍କୁ ନିଯୁକ୍ତି ମିଳିଛି। ପୂର୍ବରୁ ସେ ବ୍ରହ୍ମପୁର ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଡିଆଇବି ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଥିଲେ। ନିକଟରେ ତାଙ୍କ ପଦୋନ୍ନତି ହୋଇଥିଲା। ପରେ ତାଙ୍କୁ ବ୍ରହ୍ମପୁର ସହରର ଟ୍ରାଫିକ ପରିଚାଳନା ଦାୟିତ୍ୱ ମିଳିଛି। ସେ ଆଜି ଭାରପ୍ରାପ୍ତ ଟ୍ରାଫିକ୍ ଡିଏସ୍‌ପି ଅକ୍ଷୟ ପଣ୍ଡାଙ୍କଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ତାଙ୍କୁ କର୍ମଚାରୀମାନେ ସ୍ୱାଗତ ଜଣାଇଛନ୍ତି। ପ୍ରକାଶଥାଉକି, ଆଜକୁ ଏକାଧିକ ମାସ ହେବ ବ୍ରହ୍ମପୁର ସହରରେ ସ୍ଥାୟୀ ଟ୍ରାଫିକ ଡିଏସପି ପଦ ଖାଲି ପଡିଥିଲା।

ଟିପିଏସ୍‌ଓଡିଏଲ୍‌ର ମୌସୁମୀ ମୁକାବିଲା ବ୍ୟାପକ ପ୍ରସ୍ତୁତି

୬ ସର୍କଲରେ ସ୍ୱତନ୍ତ୍ର ଟିମ୍ ନିୟୋଜିତ

- ଜରୁରୀକାଳୀନ ସାମଗ୍ରୀ ଓ ଉପକରଣ ମହଜୁଦ
- ତ୍ୱରିତ ପଦକ୍ଷେପକୁ ଗୁରୁତ୍ୱ: ୧୧, ୩୩ କେଭି ଲାଇନର ଡ୍ରୋନ୍ ସର୍ଭେ
- ଭରସାଯୋଗ୍ୟ ବିଜୁଳି ସେବା ଯୋଗାଇବାକୁ ବିଭିନ୍ନ ପଦକ୍ଷେପ

ବ୍ରହ୍ମପୁର,୨୦।୭(ସମିସ): ମୌସୁମୀ ଋତୁରେ ଦକ୍ଷିଣ ଓଡ଼ିଶାରେ ବିଜୁଳି ବିତରଣ କ୍ଷେତ୍ରରେ ଅନେକ ଆହ୍ୱାନ ରହିଥିବା ବେଳେ, ଏହାର ମୁକାବିଲା ପାଇଁ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ (ଟିପିଏସ୍‌ଓଡିଏଲ୍) ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। ମୌସୁମୀ ଋତୁର ଆହ୍ୱାନକୁ ସାମ୍ନା କରିବାକୁ କମ୍ପାନୀ ପକ୍ଷରୁ ଛଅଟି ସର୍କଲରେ ଜରୁରୀକାଳୀନ ଯାନ ଏବଂ ଅତିରିକ୍ତ ମାନବ ସମ୍ବଳ ସହ ୫,୯୨୫ ଜଣିଆ ଏକ ଉତ୍ସର୍ଗୀକୃତ ଟିମ୍ ଗଠନ କରାଯାଇଛି। ବିଦ୍ୟୁତ ବିଚ୍ଛିନ୍ନ ଏବଂ ଗଛ ପଡ଼ି ବିଜୁଳି ସରବରାହ ବ୍ୟାଘାତ ହେଲେ ସମାଧାନ ପାଇଁ ୬ ଟି ଭ୍ରାମ୍ୟମାଣ ବିତରଣ ସବଷ୍ଟେସନ ଏବଂ ଦୁଇଟି ଟାୱାର ୱାଗନ ମୁତୟନ କରାଯାଇଛି। ବିଭିନ୍ନ ସ୍ଥାନରେ ବିଦ୍ୟୁତ ଖୁଣ୍ଟ, କଣ୍ଡକ୍ଟର, ଏଲଟି କେବୁଲ ଭଳି ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଉପଯୁକ୍ତ ପରିମାଣରେ ମହଜୁଦ ଅଛି। ଏହାସହ ପ୍ରତ୍ୟେକ ଡିଭିଜନରେ ରାତ୍ରକାଳୀନ ମରାମତି କାମ ପାଇଁ ୨୫ଟି ଆସ୍କା ଲାଇଟ୍ ଏବଂ ୧୯ଟି ଡିଜି ସେଟ୍ ଉପଲବ୍ଧ ରହିଛି। ବିତରଣ ନେଟୱାର୍କକୁ ସୁଦୃଢ଼ କରିବାକୁ ଟିପିଏସ୍‌ଓଡିଏଲ୍ ପକ୍ଷରୁ ଅଦ୍ୟାବଧି ୨୫୨୯ଟି ଇଣ୍ଟରପୋଜିଂ ଖୁଣ୍ଟ ସ୍ଥାପନ କରାଯାଇଛି। ଚଳିତବର୍ଷ ଡ୍ରୋନ ମାଧ୍ୟମରେ ୧୧କେଭି ଏବଂ ୩୩କେଭି ବିଦ୍ୟୁତ ଲାଇନର ସର୍ଭେ କରାଯାଉଛି, ଏହା ସମ୍ଭାବ୍ୟ ତ୍ରୁଟିକୁ ଚିହ୍ନଟ କରିବ। ଜଙ୍ଗଲ ଘେରା ପାହାଡିଆ ଅଞ୍ଚଳରେ ସହାୟକ ହେବ। ବ୍ରହ୍ମପୁର ସ୍ଥିତ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ପିଏସସିସି) ଏବଂ ରାୟଗଡ଼, ଭଞ୍ଜନଗର ଓ ଜୟପୁରରେ ଥିବା ଏରିଆ ପାୱାର ସିଷ୍ଟମ କଣ୍ଟ୍ରୋଲ ସେଣ୍ଟର (ଏପିଏସସିସି) ୨୪ଘଣ୍ଟା କାର୍ଯ୍ୟକ୍ଷମ ଅଛି। ସ୍କାଡ଼ା ଟେକ୍ନୋଲଜି ମାଧ୍ୟମରେ ୧୭୮ ଟି ସବଷ୍ଟେସନର ରିଅଲ ଟାଇମ୍ ନିରୀକ୍ଷଣ କରାଯାଉଛି। ଆଇଭିଆରଏସ୍ ପରିଚାଳିତ ବ୍ୟବସ୍ଥା, ଏସଏମଏସ୍ ଆଲର୍ଟ ଏବଂ ମିସ୍ଡ କଲ୍ ସେବା (୯୭୭୭୭୭୪୬୯୯) ଦ୍ୱାରା ଗ୍ରାହକ ସମ୍ପର୍କ ସୁଦୃଢ ହୋଇଛି। ଏହା ମାଧ୍ୟମରେ ଉପଭୋକ୍ତାଙ୍କୁ ବିଦ୍ୟୁତ ସେବା ବିଚ୍ଛିନ୍ନ ଏବଂ ପୁନଃଯୋଗାଣ ସମ୍ପର୍କିତ ସୂଚନା ତୁରନ୍ତ ମିଳିପାରୁଛି। ଏହା ବ୍ୟତୀତ ଟିପିଏସ୍‌ଓଡିଏଲର ୨୪ସ୭ କଲ୍ ସେଣ୍ଟର (ଟୋଲ୍ ଫ୍ରି ନମ୍ବର: ୧୯୧୨/ ୧୮୦୦୨୦୨୬) ସାହାଯ୍ୟରେ ଉପଭୋକ୍ତାଙ୍କ ଅଭିଯୋଗର ତୁରନ୍ତ ପ୍ରତିକାର କରାଯାଇପାରୁଛି। ଜରୁରୀକାଳୀନ ପରିସ୍ଥିତିରେ ମଧ୍ୟ ଏହି ସେବା ସକ୍ରିୟ ରହିବ। ଏହାସହ ଗୁଣବତ୍ତା ମାନକ ଏସଏଆଇଏଫଆଇ ଏବଂ ଏସଏଆଇଡିଆଇ ଭଳି ଟିପିଏସ୍‌ଓଡିଏଲର ଅନଲାଇନ୍ ପବ୍ଲିକେସନ୍ ଗୁଣାତ୍ମକ ସେବା ଯୋଗାଇବା ଦିଗରେ କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି। ସାଟେଲାଇଟ ଫୋନ୍ ଏବଂ ଏକ ସ୍ୱତନ୍ତ୍ର ୩୩ କେଭି କଣ୍ଟ୍ରୋଲ ଡେସ୍କ ମାଧ୍ୟମରେ ସବୁ ବିଭାଗ ମଧ୍ୟରେ ସମନ୍ୱୟକୁ ସୁନିଶ୍ଚିତ କରାଯାଇଛି। ଟେକ୍ନୋଲଜିର ଉପଯୋଗ ଏବଂ ସଶକ୍ତ ଟିମ୍ ପ୍ରସ୍ତୁତ କରି ଟିପିଏସ୍‌ଓଡିଏଲ୍ ମୌସୁମୀ ଋତୁରେ ଭରସାଯୋଗ୍ୟ ବିଜୁଳି ବିତରଣ କରିବା ଦିଗରେ ଏକ ମାନଦଣ୍ଡ ସ୍ଥାପନ କରିଛି।

ଏହି ପଦକ୍ଷେପ ସମ୍ପର୍କରେ ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, "ବର୍ଷା ଋତୁରେ ଆମେ ଉଭୟ ଉପଭୋକ୍ତା ଏବଂ ଆମ କର୍ମଚାରୀଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉ। ମୌସୁମୀର ଆହ୍ୱାନ ସତ୍ତ୍ୱେ ପ୍ରତ୍ୟେକ ଉପଭୋକ୍ତା, ବ୍ୟାବସାୟିକ ଅନୁଷ୍ଠାନ ଏବଂ ଅତ୍ୟାବଶ୍ୟକ ସେବାଗୁଡିକୁ ସର୍ବନିମ୍ନ ବ୍ୟାଘାତ ସହ ଉତ୍ତମ ବିଜୁଳି ସେବା ପ୍ରଦାନ ସୁନିଶ୍ଚିତ କରିବା ଉପରେ ଧ୍ୟାନ ଦିଆଯାଉଛି। ସୁଦୃଢ଼ ନେଟୱର୍କ, ଡ୍ରୋନ ସର୍ଭେ ଭଳି ଉନ୍ନତ ଟେକ୍ନୋଲଜି ଏବଂ ଗ୍ରାହକ ସମ୍ପର୍କ ମାଧ୍ୟମରେ ଆମେ ଭରସାଯୋଗ୍ୟ ବିଜୁଳି ଯୋଗାଇବା ସହ ଉପଭୋକ୍ତାଙ୍କ ଚାହିଦା ଏବଂ ସମସ୍ୟାକୁ ଦୃଷ୍ଟିରେ ରଖି କାମ କରୁଛୁ।

ସକାଳ THE SAKALA

ଶ୍ରାବଣ ୨ୟ ସୋମବାର ଆରଡ଼ି ପୀଠରେ କାଉଡ଼ିଆଙ୍କ ଭିଡ଼

■ ସୁରକ୍ଷା ପାଇଁ ୧୧ ପ୍ଲାଟୁନ ପୁଲିସ ଫୋର୍ସ ■ ଜଳଯାତ୍ରୀଙ୍କ ପାଇଁ ନଦୀଘାଟରେ କଡ଼ା ସୁରକ୍ଷା ■ ଜଳ ଓ ସ୍ଥଳପଥରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା

ଭଦ୍ରକ/ଆରଡି/ଅସୁରାଳି, ୨୦।୭(ସମିସ): ଶ୍ରାବଣ ମାସର ୨ୟ ସୋମବାର ପାଇଁ ରବିବାରଠାରୁ ଆଖଣ୍ଡଳମଣିଙ୍କ ପୀଠରେ ଲାଗିଛି ହଜାରହଜାର କାଉଡିଆଙ୍କ ଭିଡ। ବୋଲ ବମ ହରହର ବମ ଧ୍ୱନିରେ ପ୍ରକମ୍ପିତ ହେଉଛି ସମଗ୍ର ଆରଡିପୀଠ। ହଜାରହଜାର କାଉଡିଆ ଭକ୍ତଙ୍କ ଭିଡକୁ ଦୃଷ୍ଟିରେ ରଖି ପୀଠରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ସେହିପରି ବୈତରଣୀ ଓ ସାଳନ୍ଦୀ ନଦୀର ତିନିତର, ମୁଆଁ ଓ ଧାନଖଣିଆ ଘାଟ ଦେଇ ନଦୀପାରି ହୋଇ ଆସୁଥିବା କାଉଡିଆଭକ୍ତମାନଙ୍କର ସୁରକ୍ଷାକୁ ଦୃଷ୍ଟିରେ ରଖି ନଦୀଘାଟର ଉଭୟ ପାର୍ଶ୍ୱରେ ପୁଲିସ ମୁତୟନ ରହିଥିବା ବେଳେ ନଦୀରେ ପଇଁତରା ମାରୁଛନ୍ତି ଓଡ୍ରାଫ ଓ ଅଗ୍ନିଶମ ବାହିନୀ। ଏପଟେ ଶୃଙ୍ଖଳିତ ଜଳଲାଗି ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ ସହ ମନ୍ଦିର ଭିତରେ ଓ ବାହାରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ତାହାସହ ପୀଠକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାରେ ୨୪ ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥା ସହ ଜଳପଥ ଓ ସ୍ଥଳପଥରେ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ଆରଡ଼ି ଛକ ଠାରୁ ଆରଡ଼ି ଯାଏଁ ବିଭିନ୍ନ ସ୍ଥାନ ରେ ବହୁ ବେସରକାରୀ ଅନୁଷ୍ଠାନ ତରଫରୁ କାଉଡ଼ିଆ ମାନଙ୍କ ପାଇଁ ଔଷଧ, ଖାଦ୍ୟ, ପାନୀୟଆଦିର ବ୍ୟବସ୍ଥା କରିଥାନ୍ତି। ସାତଭଉଣି, ଆନନ୍ଦ ବଜାର, ଅର୍ଣପାଳ, ବରୁଣେଇ, ଅସୁରାଳି, ସମିଲ୍ ବଜାର, କୋଠାର, ଧୂଷୁରୀ, ବେତାଳି ଗାଁ ପ୍ରମୁଖ ଜାଗାରେ ଅନେକ ଚିକିତ୍ସା ଶିବିର, ଜଳ ସେବା କେନ୍ଦ୍ର ଓ ପୁଲିସ ସହାୟତା କେନ୍ଦ୍ର ଥିବା ଦ୍ୱାରା ଭକ୍ତମାନେ ଆବଶ୍ୟକ ସମୟରେ ସହାୟତା ନିଅନ୍ତି।

ଲିଫ୍ଟ ପଏଣ୍ଟରୁ ବିଦ୍ୟୁତ୍ ତାର ଚୋରି

ବନ୍ତ/ଆଗରପଡ଼ା, ୨୦।୭(ସମିସ): ବନ୍ତ ବିଦ୍ୟୁତ ବିଭାଗ ଅଧୀନସ୍ଥ ଅଣ୍ଟିଆ ଗ୍ରାମର ୨, ୩ ନମ୍ବର ଦୁଇଟି ଲିଫ୍ଟ ପଏଣ୍ଟରୁ ବିଦ୍ୟୁତ ତାର ଚୋରି କରାଯାଇଛି। ଗତ ୧୮ ତାରିଖ ସକାଳେ ଚାଷୀ ବିଲକୁ ଯାଇ ଦେଖିଲା ବେଳକୁ ୧୭ ତାରିଖ ରାତିରେ ଦୁଇଟି ଲିଫ୍ଟ ପଏଣ୍ଟରୁ ତାର ଚୋରି ହୋଇଥିବା ଜଣାପଡ଼ିଥିଲା। ଏହା ଉପରେ ୫୦ରୁ ଅଧିକ ଚାଷୀ ପାଣି ମଡାଇବା ପାଇଁ ନିର୍ଭର କରୁଛନ୍ତି। ନିଅଣ୍ଟିଆ ବର୍ଷା ପାଇଁ ଚାଷୀଙ୍କ ଏକ ମାତ୍ର ଭରସା ଲିଫ୍ଟ ପଏଣ୍ଟ। ଚାଷ ଜମିରେ ପାଣି ନଥିବା ବେଳେ କିଛି ଚାଷୀ ତଳି ପକାଇ ପାଣି ପାଇଁ ହଇରାଣ ହେଉଥିବା ବେଳେ କିଛି ଚାଷୀଙ୍କ ବିହନ ଗଜା ହୋଇ ନଷ୍ଟ ହେବାକୁ ବସିଲାଣି। ଚାଷୀ ତାର ଚୋରି ନେଇ ବନ୍ତ ବିଦ୍ୟୁତ ବିଭାଗ ଯନ୍ତ୍ରୀ ଓ କେନ୍ଦୁଆପଦା ଫାଣ୍ଡିକୁ ଲିଖିତ ଆକାରରେ ଜଣାଇଛନ୍ତି। ଚାଷ କାର୍ଯ୍ୟ ଆଗେଇବା ପାଇଁ ଚାଷୀଙ୍କ ହିତ ଦୃଷ୍ଟିକୁ ଲକ୍ଷ୍ୟକରି ଲିଫ୍ଟ ପଏଣ୍ଟରେ ନୂତନ ବିଦ୍ୟୁତ ତାର ସଂଯୋଗ କରିବା ପାଇଁ ସଭାପତି କୃଷ୍ଣଚନ୍ଦ୍ର ରାଉତ, ମୃତ୍ୟୁଞ୍ଜୟ ଧଳ, ଉମେଶଚନ୍ଦ୍ର ଜେନା, ରଶ୍ମି ରଞ୍ଜନ ରାଉତ, ଲକ୍ଷ୍ମୀଧର ଜେନା, ସୁଜିତ ଧଳ, ଅମର ରାଉତ, ବିଦ୍ୟାଧର ରାଉତ, ଗଦାଧର ରାଉତ, ଗୋଲକ ପେଡା, କବିରା ରାଉତ, ନିରଞ୍ଜନ ରାଉତ, ସନାତନ ମାଝୀ, ରମେଶଚନ୍ଦ୍ର ଧଳଙ୍କ ସମେତ ସମସ୍ତ ଚାଷୀ ଦାବି କରିଛନ୍ତି।

ଧନ୍ୟବାଦ ଦେଲେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ

ଦୋବଲ, ୨୦।୭(ସମିସ): ଧାମନଗର ବ୍ଲକର ୩ଟି ଉଚ୍ଚବିଦ୍ୟାଳୟରେ ଯୁକ୍ତ ଦୁଇ ପାଠ୍ୟକ୍ରମ ଖୋଲାଯିବାକୁ ନେଇ ଖୁସିର ଲହରି ଖେଳିଯାଇଛି। ଅଞ୍ଚଳବାସୀ ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ସୋହଡ଼ା ପଞ୍ଚାୟତର ବାଲିପଡ଼ାରେ ଥିବା ବୈତରଣୀ ହାଇସ୍କୁଲ ଓ ଆନନ୍ଦପୁର ପଞ୍ଚାୟତର ଜଗନ୍ନାଥ ନୋଡାଲ ହାଇସ୍କୁଲକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରୂପାନ୍ତରଣ କରାଯାଇଛି। ଏଥିଲାଗି ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ସାମନାରେ ମୁକୁନ୍ଦଦେବ ମଣ୍ଡଳ ବିଜେପି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା ଆନନ୍ଦପୁରଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇଥିବା କାର୍ଯ୍ୟକର୍ତାମାନେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏଥିରେ ମୁକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ ସୁତାର ସଭା ପରିଚାଳନା କରିଥିବାବେଳେ ସରପଞ୍ଚ ବିଜୟ କୁମାର ଦାସ, ପୂର୍ବତନ ମୁକୁନ୍ଦଦେବ ମଣ୍ଡଳ ସଭାପତି ଅରବିନ୍ଦ ପତି, ପୂର୍ବତନ ସମିତି ସଭ୍ୟ ରମେଶ ପତି, ମନ୍ତ୍ରୀଙ୍କ ଧାମନଗର ଏନ୍‌ଏସି ପ୍ରତିନିଧି କୈଳାସ ମହାପାତ୍ର, ସାଂସଦଙ୍କ ଧାମନଗର ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶ୍ରୀକାନ୍ତ ମିଶ୍ର ଯୋଗଦେଇ ଧନ୍ୟବାଦ ପ୍ରଦାନ ଦେଇଥିଲେ।

ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଭଦ୍ରକ ଟାଉନ୍ କମିଟି ସମ୍ମିଳନୀ

ଭଦ୍ରକ, ୨୦।୭(ସମିସ): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ଭଦ୍ରକ ଟାଉନ୍ କମିଟି ସମ୍ମିଳନୀ ଭଦ୍ରକ ସହର ନେତାଜୀ ନଗରସ୍ଥିତ ଜାନକୀ ନିଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସର୍ବପ୍ରଥମେ ମହିଳା ନେତ୍ରୀ ଝରଣା ପଟ୍ଟନାୟକ ସଂଗଠନର ପତାକା ଉତ୍ତୋଳନ କରିଥିଲେ। ଶହୀଦ ବେଦୀରେ ସମସ୍ତ ସଭ୍ୟା ପୁଷ୍ପ ଅର୍ପଣ କରିବା ପରେ ଟାଉନ କମିଟି ସଭାପତି ପ୍ରଭାତି ଜେନାଙ୍କ ସଭାପତିତ୍ୱରେ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଜ୍ୟ ସଂପାଦିକା ସୁରଜିତା ନାୟକ ସମ୍ମିଳନୀକୁ ଉଦଘାଟନ କରି ଉଦଘାଟନୀ ବକ୍ତବ୍ୟ ପ୍ରଦାନ କରିଥିଲେ। ବର୍ତ୍ତମାନ ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାରଙ୍କ ଜନମାରଣ ନୀତି, ନାରୀ ଧର୍ଷଣ, ନାରୀ ନିର୍ଯାତନା, ମହିଳା ହତ୍ୟା, ସଂଖ୍ୟାଲଘୁ ମହିଳାଙ୍କ ଉପରେ କିପରି ଆକ୍ରମଣ ବଢିଚାଲିଛି ସେ ସଂପର୍କରେ ଶ୍ରୀମତୀ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି କେଡିଜି ସ୍କୁଲର ଅଧକ୍ଷା ମମତା ରାୟ ଅତ୍ୟାଚାର ଓ ଆକ୍ରମଣ ବିରୋଧରେ ମହିଳା ମାନେ ଲଢିବାକୁ ଶ୍ରୀମତୀ ରାୟ ମତବ୍ୟକ୍ତ କରିଥିଲେ। ମହିଳା ନେତ୍ରୀ ଶିଖା ମହାପାତ୍ର ସଂଗଠନର ୩ ବର୍ଷର କାର୍ଯ୍ୟାବଳୀ ସଂପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ମହିଳା ନେତ୍ରୀ ସୁମତି ନାୟକ, ପ୍ରତିମା ସ୍ୱାଇଁ, ଯଶ୍ମିନ ରାୟ, ମିଲି ଆଚାର୍ଯ୍ୟ, ମହିଳା ହିଂସା, ଦରଦାମ ବୃଦ୍ଧି ଓ ବେକାରୀ ସମସ୍ୟା ବିରୁଦ୍ଧରେ ପ୍ରସ୍ତାବ ଆଗତ କରିଥିଲେ। ମହିଳା ସମିତିର ସମ୍ବିଧାନ ଅନୁଯାୟୀ ଆସନ୍ତା ୩ ବର୍ଷ ପାଇଁ ଏକ ନୂତନ କମିଟି ନିର୍ବାଚିତ କରାଯାଇଥିଲା। ସଭାନେତ୍ରୀ ଭାବେ ଶିଖା ମହାପାତ୍ର, ଉପସଭାନେତ୍ରୀ ଭାବେ ଶାନ୍ତିଲତା ନାୟକ, ପ୍ରତିମା ସ୍ୱାଇଁ, ସଂପାଦିକା ଭାବେ ସୁମତୀ ନାୟକ, ସହସଂପାଦିକା ଭାବେ ଶାନ୍ତିଲତା ନାୟକ, ସଂଯୁକ୍ତା ଯାଦବ ଏବଂ ସଭ୍ୟା ଭାବେ ପ୍ରଭାତି ଜେନା, ବାସନ୍ତୀ ନାୟକ, କାଞ୍ଚନ ପାତ୍ର, ଅନୁପମା ଶତପଥୀ, ଯସ୍ମିନି ରାୟ, ମମତା ରାୟ, ପାକିନ ମୁଣ୍ଡା, ନିର୍ବାଚିତ ହୋଇଥିଲେ। ପ୍ରେରଣା ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଟ୍ରକ୍ ଧକ୍କାରେ ନାବାଳକ ମୃତ — କୁଆଗଡ଼ିଆ ଛକରେ ରାସ୍ତା ଅବରୋଧ

ବାସୁଦେବପୁର, ୨୦।୭(ସମିସ): ବାପାଙ୍କ ମୁହଁରେ ଆହାର ଯୋଗାଇ ଦେବାକୁ ନାବାଳକ ପୁଅ ଯାଉଥିବା ବେଳେ ବାଟରେ ଜଗି ବସିଥିଲା ମୃତ୍ୟୁ। ବାପାଙ୍କ ପାଖରେ ପହଞ୍ଚିବା ପୂର୍ବରୁ ଦୁର୍ଘଟଣାରେ ଚାଲିଗଲା ଜୀବନ। ବାସୁଦେବପୁର ବ୍ଲକର ଆରୁହା ପଞ୍ଚାୟତର କୁଆଗଡିଆ ଛକରେ ଆଇରନ ବୋଝେଇ ଟ୍ରକ ଧକ୍କାରେ ନାବାଳକର ମୃତ୍ୟୁ ହୋଇଛି। ହରିଶରଣବିନ୍ଧା ଗ୍ରାମର ଦେବେନ୍ଦ୍ର ବେହେରା ବେତଡାର ଏକ ଦୋକାନ କରି ପରିବାର ପ୍ରତିପୋଷଣ କରନ୍ତି। ରବିବାର ଥିବାରୁ ଦିପହରରେ ଘରକୁ ଖାଇବାକୁ ଆସିନଥିଲେ। ପୁଅ ଦେବାଦିତ୍ୟ ବେହେରା (୧୩) ସାଇକଲ ଚଳାଇ ବାପାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ନେଇ ଯାଉଥିଲେ। ସେତେବେଳେ ଟ୍ରକ୍ ଧକ୍କା ଦେଇ ଚାଲି ଯାଇଥିଲା। ପ୍ରତିବାଦରେ ବାସୁଦେବପୁର-ଜାମୁଝାଡି ରାସ୍ତାକୁ ଗ୍ରାମବାସୀ ଅବରୋଧ କରିଥିଲେ। ସ୍ଥାନୀୟ ଗ୍ରାମବାସୀ ବେତଡା ଜାମୁଝାଡି ରାସ୍ତାର କୁଆଗଡିଆ ଛକରେ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳର ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ, ଏସଡିପିଓ ବିଚିତ୍ରାନନ୍ଦ ସେଠୀ, ଆଇଆଇସି ଲୋପାମୁଦ୍ରା ନାୟକ ପ୍ରମୁଖ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ରେଡକ୍ରସରୁ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କା ପ୍ରଦାନ କରିଥିଲେ।

ଆରମ୍ଭ ହୋଇ ପାରିଲାନି ଧାନରୁଆ; ଚାଷୀକୁଳ ଚିନ୍ତାଗ୍ରସ୍ତ



ଧାମନଗର, ୨୦।୭(ସମିସ): ଧାମନଗର ବ୍ଲକ ଅଞ୍ଚଳରେ ଆଷାଢ଼ ମାସ ଯାଇ ଶ୍ରାବଣ ମାସ ଚାଲିଲାଣି କିନ୍ତୁ ଏପର୍ଯ୍ୟନ୍ତ ଖରିଫ ଧାନ ଚାଷ କାର୍ଯ୍ୟ ଆରମ୍ଭ ହୋଇ ପାରିନାହିଁ। ବାରମ୍ବାର ପ୍ରତିକୂଳ ଅବସ୍ଥା ଚାଷ କାମରେ ବାଧକ ସାଜିଛି। ଯାହା ଚାଷୀକୁଳକୁ ଚିନ୍ତାଗ୍ରସ୍ତ କରିଛି। କୃଷି ବିଭାଗ ତଥ୍ୟ ଅନୁସାରେ, ଧାମନଗର ଏକ ବନ୍ୟା ପ୍ଲାବିତ ଅଞ୍ଚଳ ହୋଇଥିବାରୁ ବିଳମ୍ବିତ ଚାଷ କାର୍ଯ୍ୟକୁ ନେଇ ଚିନ୍ତାରେ ଚାଷୀ। ଚଳିତବର୍ଷ ୧୭, ୪୪୨ ହେକ୍ଟର ଜମିରେ ଖରିଫ ଧାନ ଚାଷ ହେବ ବୋଲି ଧାର୍ଯ୍ୟ ହୋଇଛି କିନ୍ତୁ ବିଭିନ୍ନ ସମସ୍ୟା ହେତୁ ଏବେ ଏହି ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ବୈତରଣୀ, ଗେଙ୍ଗୁଟି, କୋଚିଳା, ଜଅ, ରେବ, କପାଳି ଭଳି ଛୋଟବଡ଼ ନଦୀ ପ୍ରବାହିତ ହୋଇଥିଲେ ମଧ୍ୟ ଧାମନଗର ବ୍ଲକର ଅଧିକାଂଶ ଅଞ୍ଚଳ ଅଣଜଳସେଚିତ। ଏଣୁ ଏଠାକାର ଲୋକେ ରବି ଋତୁ ଅପେକ୍ଷା ଖରିଫ ଋତୁରେ ଅଧିକ ଧାନ ଚାଷ କରିଥା'ନ୍ତି। ଶେଷ ରଜଠାରୁ ଜୁଲାଇ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଆଶାଠାରୁ ଅଧିକ ବର୍ଷା ହେବାରୁ ପ୍ରାୟ ୯୦ ପ୍ରତିଶତରୁ ଅଧିକ ଧାନତଳି ପଚିଗଲା। ଏଥିପାଇଁ ଚାଷୀ ବିଲରେ ହଳ କାର୍ଯ୍ୟ ପ୍ରତି ଗୁରୁତ୍ୱ ଦେଲେ ନାହିଁ। ପୁଣି ତଳି ପକାଇ ଧାନ ରୋଇବା ପାଇଁ ଅଣ୍ଟା ଭିଡ଼ିଛନ୍ତି ଚାଷୀ। ପ୍ରାୟ ଗୋଟିଏ ସପ୍ତାହ ମଧ୍ୟରେ ବର୍ଷା ହୋଇନାହିଁ। ଇତିମଧ୍ୟରେ ଯେଉଁ ଜମିରେ ହଳ ସରିଛି, ସେଗୁଡ଼ିକ ଅଧିକାଂଶ ଟାଣ ଖରାରେ ଶୁଖି ଗଲାଣି ସେହିପରି ଆବଶ୍ୟକ ମାତ୍ରାରେ ପାଣି ନଥିବା କାରଣରୁ ପଡ଼ିଥିବା ତଳି ମଧ୍ୟ ଉପାଡ଼ିବା ଏବେ କଷ୍ଟକର ହେଲାଣି। କାଁ ଭାଁ ଯେଉଁ ଅଞ୍ଚଳରେ କେନାଲ ପାଣି ଉପଲବ୍ଧ ହେଉଛି, ସେଠାରେ ଧାନ ତଳି ଅଭାବ ଯୋଗୁ ଚାଷ କାର୍ଯ୍ୟ ଆରମ୍ଭ ହୋଇ ପାରୁନାହିଁ। ଚାଷ ପାଇଁ ପ୍ରତିକୂଳ ପରିସ୍ଥିତି ହଜାର ହଜାର ଚାଷୀଙ୍କୁ ଚିନ୍ତାଗ୍ରସ୍ତ କରି ଦେଇଛି। ଏଭଳି ସ୍ଥିତିରେ ଜିଲ୍ଲାର ଅନ୍ୟତମ ଭାତ ହାଣ୍ଡି କୁହାଯାଉଥିବା ଧାମନଗରରେ ଖରିଫ ଧାନ ଫସଲ ଅମଳ ଅନେକାଂଶରେ ବାଧାପ୍ରାପ୍ତ ହେବାର ଆଶଙ୍କା ପ୍ରକାଶ ପାଇଛି।

ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀ ଅଜୟ ମହାପାତ୍ରଙ୍କ ପରଲୋକ

ଭଦ୍ରକ, ୨୦।୭(ସମିସ): ଭଦ୍ରକ କୁଆଁସ ନିବାସୀ ତଥା ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀ ଅଜୟ କୁମାର ମହାପାତ୍ରଙ୍କ ଶନିବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୮୨ବର୍ଷ ବୟସ ହୋଇଥିଲା। କିଛି ମାସ ହେବ ସେ ରୋଗରେ ପୀଡିତ ହୋଇ ଚିକିତ୍ସାଧୀନ ଥିଲେ। ଜଣେ ଦକ୍ଷ ଅଧିକାରୀ ସହ ଜଣେ ମେଳାପୀ ମଣିଷ ଭାବେ ପରିଚିତ ସ୍ୱର୍ଗତ ମହାପାତ୍ର ଜଣେ କବି। ସେ ଓଡିଆ ଓ ଇଂରାଜୀରେ ଏକାଧିକ କବିତା ରଚନା କରିଛନ୍ତି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପତ୍ନୀ ସାବିତ୍ରୀ ମହାପାତ୍ର, ଏକମାତ୍ର କନ୍ୟା ତପସ୍ୱିନୀ ଗୋସ୍ୱାମୀ, ତାଙ୍କ ଅନୁଜ ଅନ୍ନଦା ମହାପାତ୍ର, ସଞ୍ଜୟ ମହାପାତ୍ର, କମଳିନୀ ମହାପାତ୍ର, ଲେଖା ମହାପାତ୍ରଙ୍କ ସହ ପୁତୁରା ଦେବାଶିଷ, ଅଭିଷେକ, ଅଭିଳାଷ ପ୍ରମୁଖ ପୁରା ପରିବାର ଓ ଆତ୍ମୀୟସ୍ୱଜନମାନେ ଉପସ୍ଥିତ ଥିଲେ। ଖବର ପାଇ ପ୍ରାକ୍ତନ କାଉନସିଲର ଶୁଭଙ୍କର ମହାପାତ୍ର, କୁନା ମହାନ୍ତି, ଆଶିଷ ରାଉତ, ଶିକ୍ଷକ ରବିନ୍ଦ୍ର କୁମାର ଦାଶ, ଜିଆରପି ଏସ୍ଆଇ ରଘୁନାଥ ମୁଦୁଲି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ତାଙ୍କ ମରଶରୀରକୁ କୁଆଁସ ଗାଁ ପରିକ୍ରମା କରାଯାଇ ପୁରୀ ସ୍ୱର୍ଗଦ୍ୱାରଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ପୁତ୍ର ଅମରେଶ ମହାପାତ୍ର ମୁଖାଗ୍ନି ଦେଇଥିଲେ।

ଚାଷଜମି ଜଳାର୍ଣ୍ଣବ — ଚାଷୀଙ୍କ ଧାରଣା ଚେତାବନୀ

ବନ୍ତ/ଆଗରପଡ଼ା, ୨୦।୭(ସମିସ): ତ୍ରୁଟିପୂର୍ଣ୍ଣ କାଡ଼ାନାଳ ନିର୍ମାଣ ଯୋଗୁଁ ବର୍ଷାପାଣି ନିଷ୍କାସିତ ହୋଇ ନ ପାରିବାରୁ ପ୍ରାୟ ଶହେ ଏକରରୁ ଉର୍ଦ୍ଧ୍ୱ ଧାନଚାଷ ଜମି ନଷ୍ଟ ହେବାକୁ ବସିଲାଣି। ତେଣୁ ଆସନ୍ତା ୨୮ ତାରିଖରୁ କ୍ଷତିଗ୍ରସ୍ତ ଚାଷୀମାନେ ଆଗରପଡ଼ା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସାମ୍ନାରେ ଧାରଣା ଦେବେ ବୋଲି ଜିଲ୍ଲାପାଳ, କାଡ଼ା ନିର୍ବାହୀ ଯନ୍ତ୍ରୀ, ବନ୍ତ ତହସିଲଦାର, ଆଗରପଡ଼ା ଥାନାଧିକାରୀ ଓ ରାଜସ୍ୱ ନିରୀକ୍ଷକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ, ପୁରୁଷଣ୍ଡ ପଞ୍ଚାୟତସ୍ଥିତ ମୁଣ୍ଡଳୀ ଗ୍ରାମର ଅଧିକାଂଶ ଲୋକ ଧାନଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ମୁଣ୍ଡଳୀ ମାଇନର କାଡ଼ାନାଳ ନିର୍ମାଣରେ ତୃଟି ସହ ଏହା ସଫା କରିବାର ଅବହେଳା ଯୋଗୁଁ ବର୍ଷାପାଣି ଚାଷଜମିରୁ ନିଷ୍କାସିତ ହୋଇ ପାରୁନାହିଁ। ଫଳରେ ରୁଆ ଧାନଗଛ ପଚି ସଢ଼ି ନଷ୍ଟ ହୋଇଗଲାଣି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଅନ୍ୟ କିଛି ଉପାୟ ନ ପାଇ ଚାଷୀମାନେ ନ୍ୟାୟ ପାଇବା ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ୨ମାସ ହେଲା ସଂପୃକ୍ତ ଅଞ୍ଚଳ ପାଇଁ କାର୍ଯ୍ୟରେ ଯୋଗଦାନ କରିଛି, କାଡ଼ାନାଳ ସମସ୍ୟା ସଂପର୍କରେ ଜାଣିନାହିଁ ବୋଲି କନିଷ୍ଠ ଯନ୍ତ୍ରୀ ଗଣମାଧ୍ୟମକୁ କହିଛନ୍ତି।

ଭଦ୍ରକ କଲେଜ ପୁରାତନ ଛାତ୍ର ସଂସଦ ବୈଠକ

ଭଦ୍ରକ,୨୦।୭(ସମିସ): ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପ୍ରାଙ୍ଗଣରେ ପୁରାତନ ଛାତ୍ର ସଂସଦର ସଭାପତି ଡ. ଦେବେନ୍ଦ୍ରନାଥ ରାଉତଙ୍କ ଅଧ୍ୟକ୍ଷତାରେ ଏବଂ ସମ୍ପାଦକ ଅଜୟ ନାୟକଙ୍କ ସଞ୍ଚାଳନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦଗତି ନିମିତ୍ତ ନିରବ ପ୍ରାର୍ଥନା କରାଯାଇଥିଲା। ଭଦ୍ରକ ମହାବିଦ୍ୟାଳୟରେ ରହିଥିବା ବିଭିନ୍ନ ଅସୁବିଧା ଓ ସମସ୍ୟା ସମ୍ପର୍କରେ ବୈଠକରେ ଉପସ୍ଥିତ ଥିବା ମହାବିଦ୍ୟାଳୟର ଅଧ୍ୟକ୍ଷ ଦୁର୍ଗାଶଙ୍କର ଦାସଙ୍କ ସହିତ ଆଲୋଚନା କରାଯିବା ସହିତ ଏହାର ସମାଧାନ ନିମନ୍ତେ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ବିଶେଷ କରି ମହାବିଦ୍ୟାଳୟର ପାଚେରି ନଥିବାରୁ ଅଣଛାତ୍ରଙ୍କ ପ୍ରବେଶ, ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପରିଚୟପତ୍ର ପକାଇବାକୁ କଡ଼ାକଡି କରିବା, ଅନୁପସ୍ଥିତ ରହୁଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକଙ୍କ ସହିତ ଯୋଗାଯୋଗ କରି ସେମାନଙ୍କର ନିୟମିତ ଉପସ୍ଥାନ ବୃଦ୍ଧି କରାଇବା କ୍ଷେତ୍ରରେ ଏକ ସ୍ୱତନ୍ତ୍ର କମିଟି ଗଠନ କରି ଏହାକୁ ତ୍ୱରାନ୍ୱିତ କରିବା, ଅଧ୍ୟାପକ ଅଧ୍ୟାପିକା ଯେପରି ନିୟମିତ କ୍ଲାସ୍ କରିବେ ସେ ଦିଗରେ ଧ୍ୟାନ ଦେବାକୁ ଅଧ୍ୟକ୍ଷଙ୍କୁ ଅନୁରୋଧ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଅଭିଯୋଗ ପାଇଁ ଏକ ଅଭିଯୋଗ ବାକ୍ସ ସ୍ଥାପନ କରିବା ଏବଂ ମିଳୁଥିବା ଅଭିଯୋଗର ତୁରନ୍ତ ସମାଧାନ କରିବା ଦିଗରେ ପଦକ୍ଷେପ କୁହାଯିବା ସହିତ ଏକ କମିଟି ମାଧ୍ୟମରେ ଆଭ୍ୟନ୍ତରୀଣ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ କୁହାଯାଇଥିଲା। ବୈଠକରେ ଡା. ଦୁର୍ଯ୍ୟୋଧନ ଦାସ, ଆଡଭୋକେଟ ପର୍ଶୁରାମ ଦ୍ୱିବେଦୀ, ଗୋବର୍ଦ୍ଧନ ସାମଲ, ଇନ୍ଦ୍ରମଣି ପଣ୍ଡା, ସୌରେଶଚନ୍ଦ୍ର ମହାନ୍ତି, ସରୋଜ ତପନ ଦାସ, ଚାରୁଲତା ମହାପାତ୍ର, ସଂଗ୍ରାମ କିଶୋର ମହାନ୍ତି ପ୍ରମୁଖ ବିଭିନ୍ନ ମତ ଉପସ୍ଥାପନ କରିଥିବା ବେଳେ ଅମରେନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

ବରିଷ୍ଠ ନାଗରିକ ସଂଘରେ ଯୋଗ ଶିବିର

ବନ୍ତ/ଆଗରପଡ଼ା, ୨୦।୭(ସମିସ): ଆଗରପଡା ବରିଷ୍ଠ ନାଗରିକ ସଂଘରେ ଯୋଗ ଶିବିର କୁଆଁସମଢ଼ିଆସ୍ଥିତ ସଂଘ ଗୃହରେ ଉଦ୍‌ଘାଟିତ ହୋଇଯାଇଛି। ସଂଘ ସଭାପତି କୈଳାଶଚନ୍ଦ୍ର ଧଳଙ୍କ ସଂଯୋଜନାରେ ଥାନାଧିକାରୀ ଦେବରାଜ୍ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେ ନିଜେ ଯୋଗରୁ ଆରୋଗ୍ୟ ହେବା ସହିତ ନିୟମିତ ଅଭ୍ୟାସ କରୁଥିବା ପ୍ରକାଶ କରିଥିଲେ। ଜିଲ୍ଲା ଯୋଗଗୁରୁ ଧରଣୀଧର କର ଯୋଗ ଶିକ୍ଷା ଦେଇଥିଲେ। ସଂଘ ସମ୍ପାଦକ ରଞ୍ଜନ ଦାଶ, କାର୍ଯ୍ୟକାରୀ ସଭାପତି ରତ୍ନାକର ନାୟକ, ଉପସଭାପତି ଚିତ୍ତରଞ୍ଜନ ସାମନ୍ତରାୟ, ଉପଦେଷ୍ଟା ସୁବାସ ଦାଶ, ଗୋବିନ୍ଦଚନ୍ଦ୍ର ସାହୁ, ସଭ୍ୟ ସୁରେନ୍ଦ୍ରନାଥ ବିନ୍ଧାଣୀ, ମହେନ୍ଦ୍ର ମଲ୍ଲିକ, ଶତ୍ରୁଘ୍ନ ପାଣିଗ୍ରାହୀ, ସତ୍ୟେନ୍ଦ୍ର ମହୁରୀ, ପଦ୍ମନାଭ ଦାଶ, ଜଗନ୍ନାଥ ଶତପଥୀ, କୃଷ୍ଣଚନ୍ଦ୍ର ରଣା, ଗୋଲକ ବିହାରୀ ପୃଷ୍ଟି ପ୍ରମୁଖ ଯୋଗ ଅଭ୍ୟାସ କରିଥିଲେ।

ଶିରିଡ଼ି ସାଇମନ୍ଦିର ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା,୨୦।୭(ସମିସ): ବନ୍ତ ବ୍ଲକ ଛୟାଳସିଂ ପଞ୍ଚାୟତ ଭଦ୍ରକ–ଆନନ୍ଦପୁର ରାଜ୍ୟ ରାଜପଥ ପାର୍ଶ୍ୱ ସାଇନଗରଠାରେ ଶିରିଡି ସାଇ ମନ୍ଦିରର ୪ର୍ଥବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଛୟାଳସିଂ ଗ୍ରାମ୍ୟପୁଷ୍କରିଣୀ ସିଂହବାହିନୀରୁ ୨୧ଟି କଳସକରାଯାଇ ବାଜା ବାଣ ରୋଷଣିରେ ଗ୍ରାମ, ବଜାର ପରିକ୍ରମା ପରେ ମନ୍ଦିରର ଯଜ୍ଞ ସ୍ଥଳରେ ସ୍ଥାପନା କରାଯାଇଥିଲା। ଖଗେଶ୍ୱର ବେହେରା, ଜୟନ୍ତୀ ବେହେରା ମୁଖ୍ୟ କର୍ତ୍ତା ଥିବା ବେଳେ ପୂଜକ ନରେଶଚନ୍ଦ୍ର ତ୍ରିପାଠୀ, ସୁରେନ୍ଦ୍ର କର, ମାନସ ରଞ୍ଜନ କର ପ୍ରମୁଖ ସମସ୍ତ ପୂଜା ରୀତିନୀତି ଅନୁଯାୟୀ କରିଥିଲେ। ଏହି ମନ୍ଦିରଟି ୪ ବର୍ଷ ପୂର୍ବେ ସୁମତୀ ସାହୁ ଓ ସ୍ୱର୍ଗତ ଶ୍ୟାମସୁନ୍ଦର ସାହୁ ଉଦ୍ୟମରେ ନିର୍ମାଣ ହୋଇଥିଲା। ଗୌରାଙ୍ଗ ଦାସ, ସମ୍ବିତ ପଣ୍ଡା, ଆଲୋକ ସାହୁ, ତ୍ରଲୋକ୍ୟ ସାହୁ, ନାରାୟଣ ଜେନା, ଭାଗବତ ରାଉତ, ଜାଗିରିଆ ସାହୁ, ମକିରୀ ମହାନ୍ତି, ମେନକା ସାହୁ, ବିଦ୍ୟାଧର ଲେଙ୍କା, ରଘୁନାଥ ଗିରି, ଯଶୋବନ୍ତ ବେହେରା, ନନ୍ଦକିଶୋର ଜେନା ସମେତ ସମସ୍ତ ଶିରିଡି ସାଇ ମନ୍ଦିର କମିଟିର ସଦସ୍ୟ ଓ ଛୟାଳସିଂ ପଞ୍ଚାୟତର ସମସ୍ତ ଭକ୍ତ କାର୍ଯ୍ୟରେ ସହଯୋଗ କରିଥିଲେ।

ଓଡ଼ିଶାରେ ଆଇନର ଶାସନ ସଂପୂର୍ଣ୍ଣ ବିପର୍ଯ୍ୟସ୍ତ: ସିପିଆଇ-ଏମ୍

ଭଦ୍ରକ, ୨୦।୭(ସମିସ)

ଗୋପାଳପୁରଠାରେ ମହିଳା ଗଣଧର୍ଷଣ, କେନ୍ଦୁଝର ଜିଲ୍ଲାରେ ମହିଳା ଧର୍ଷଣ, ଚାନ୍ଦିପୁର ବେଳାଭୂମିରେ ମହିଳା ଧର୍ଷଣ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ବ୍ୟବସ୍ଥାଗତ ହତ୍ୟା, ପୁରୀ ଜିଲ୍ଲା ନିମାପଡା ବ୍ଲକ ବଳଙ୍ଗା ଥାନା ଅଧିନସ୍ଥ ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ମାରିବା ଉଦ୍ୟମ, ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅଧିନସ୍ଥ ଖାରିଗୁମ୍ମା ସିଙ୍ଗାପୁର ଗ୍ରାମର ଦଳିତ ଟାବୁଲା ନାୟକ ଓ ବୁଲୁନାୟକଙ୍କୁ ନିର୍ଯାତନା ମାମଲା, ବିଏମସି ଅତିରିକ୍ତ କମିଶନରଙ୍କୁ ବିଜେପି ଗୁଣ୍ଡା ବାହିନୀଙ୍କ ନିଷ୍ଠୁର ମାଡ, ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱର ଓ ଖଡାଳପୋଖରୀ ପଞ୍ଚାୟତରେ ବିଜେପି ଗୁଣ୍ଡାବାହିନୀ ଦ୍ୱାରା ଦଳିତ ଓ ସାଧାରଣ ଲୋକଙ୍କ ଉପରେ ନିଷ୍ଠୁର ଅତ୍ୟାଚାର ଓଡିଶାର ଆଇନର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ସ୍ପଷ୍ଟ କରୁଛି। ଏହା ବିରୋଧରେ ଓଡିଶାରେ ଗଣତନ୍ତ୍ରର ସୁରକ୍ଷା ପାଇଁ ଓ ଆଇନର ଶାସନକୁ ସୁରକ୍ଷିତ ରଖିବା ପାଇଁ ଭଦ୍ରକବାସୀଙ୍କୁ ଏକତ୍ରିତ ହୋଇ ଲଢେଇ କରିବାକୁ ଜିଲ୍ଲା କମିଟି ବୈଠକରେ ଆହ୍ୱାନ ଦିଆଯାଇଛି। ଯାଜପୁର ରୋଡ୍-ଧାମରା ରେଳପଥ ନିର୍ମାଣ ଓ ଭଦ୍ରକ-ଧାମରା ରେଳପଥରେ ସରକାରୀ ଯାତ୍ରୀବାହୀ ରେଳ ଚଳାଚଳ ଦାବି କରି ଆସନ୍ତା ସେପ୍ଟେମ୍ବର, ୧୧ ତାରିଖରେ ଧାମରା, ଜନ୍ତୁଆଳି, ବଳସାହି, ଇଛାପୁର, ଭଦ୍ରକଠାରେ ରେଳରୋକ ଆନ୍ଦୋଳନ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଚାଷୀ ମାନଙ୍କୁ ମାଗଣାରେ ସାର, ବିଷ, କୀଟନାଶକ ଔଷଧ, ବିହନ ଯୋଗାଇଦେବା ସହ ବିନାସୁଧରେ ଚାଷୀଙ୍କୁ ଚାଷ ପାଇଁ ରାଷ୍ଟ୍ରାୟତ ବ୍ୟାଙ୍କ ଓ ସମବାୟ ସମିତିରୁ କୃଷିଋଣ ଯୋଗାଇବା ଦାବିରେ ଜିଲ୍ଲା ବ୍ୟାପି ଆନ୍ଦୋଳନ ସଂଗଠିତ କରାଯିବା ପାଇଁ ଜିଲ୍ଲା କମିଟି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ଜିଲ୍ଲା କମିଟି ବୈଠକରେ ସିପିଆଇ(ଏମ) ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ସନ୍ତୋଷ ଦାସ, ଅନ୍ୟତମ ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ଶିଶିର ହୁଇ, ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ, ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫୁଲ୍ଲ ପାଢୀ, ପ୍ରଭାସ ମହାପାତ୍ର, ବିଷ୍ଣୁ ଦାଶ, ରାଧାନାଥ ଦାସ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଗୌରାଙ୍ଗ ଯେନା, ମଳୟ ଭୋଇ, କାଳନ୍ଦୀ ପାତ୍ର, ଜୟନୁଲ ଆବେଦିନ, ସୁରଜିତା ନାୟକ ଏବଂ ଜିଲ୍ଲା କମିଟିର ଆମନ୍ତ୍ରିତ ସଭ୍ୟ ଚନ୍ଦ୍ରଶେଖର ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ଝିଅାରୀର ନଗ୍ନ ଫଟୋ ଉଠାଇ ଦାଦା ଗିରଫ

ବ୍ରହ୍ମବରଦା, ୨୦।୭ (ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବ୍ରହ୍ମବରଦା ଥାନା ଅନ୍ତର୍ଗତ ରାଉତରାପୁର ପଞ୍ଚାୟତ ଅଞ୍ଚଳର ଜନୈକ ଯୁବତୀଙ୍କ ନଗ୍ନ ଫଟୋ ଉଠାଇବା ମାମଲାରେ ବ୍ରହ୍ମବରଦା ପୁଲିସ ସମ୍ପୃକ୍ତ ଯୁବତୀଙ୍କ ସମ୍ପର୍କୀୟ ଦାଦାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣକ ସେହି ଗ୍ରାମର କୃଷ୍ଣଚନ୍ଦ୍ର ବେହେରାଙ୍କ ପୁଅ ଉମେଶ ବୋଲି ଜଣାପଡ଼ିଛି। ଅଭିଯୋଗ ମତେ ଗତ ୧୮ ତାରିଖ ଦିନ ୧ ଟାରେ ସମ୍ପୃକ୍ତ ଯୁବତୀ ଜଣକ ନିଜ ବାଡିରେ ଥିବା ନଳକୂପରେ ଗାଧୋଉଥିବା ସମୟରେ ତାଙ୍କ ସମ୍ପର୍କୀୟ ଦାଦା ଉମେଶ ବେହେରା ଓ ତାଙ୍କ ପତ୍ନୀ ଟିକିଲି ବେହେରା ଦୁହେଁ ମିଶି ଲୁଚି ଲୁଚି ଉକ୍ତ ଯୁବତୀଙ୍କ ଗାଧୋଉଥିବା ସମୟର ବିଭିନ୍ନ ନଗ୍ନ ଫଟୋ ଉଠାଉଥିବା ସେ ଜାଣିବାକୁ ପାଇଥିଲେ। ଯୁବତୀଙ୍କ ଦାଦା ଓ ଖୁଡୀ ଅତ୍ୟନ୍ତ ଖଳ ପ୍ରକୃତିର ଲୋକ ହୋଇଥିବାରୁ ନଗ୍ନ ଫଟୋ ଭାଇରାଲ କରି ତାଙ୍କୁ ବଦନାମ କରିଦେବା ପାଇଁ ସେ ଚକ୍ରାନ୍ତ କରୁଥିବା ଜାଣିବାକୁ ପାଇଥିଲେ। ଲୋକଲଜ୍ଜା ଭୟରେ ଏ ନେଇ ସମ୍ପୃକ୍ତ ଯୁବତୀ ଜଣକ ବ୍ରହ୍ମବରଦା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବ୍ରହ୍ମବରଦା ପୁଲିସ୍ କେସ ନଂ ୧୮୩/୨୫ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଦାଦା ଉମେଶଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

ସୁକିନ୍ଦା ବିଜେଡିର ସାମ୍ବାଦିକ ସମ୍ମିଳନୀ

'ମନ୍ତ୍ରୀଙ୍କ ଅପାରଗତା ସୁକିନ୍ଦା ବିକାଶରେ ବାଧକ'

ଦାନଗଦି, ୨୦।୭ (ସମିସ)

ସୁକିନ୍ଦାର ବିକାଶରେ ବାଧକ ସାଜିଛନ୍ତି ରାଜ୍ୟ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ। ଏକଥା ନିଜେ ପ୍ରମାଣିତ କରିଛନ୍ତି ମନ୍ତ୍ରୀ। ସୁକିନ୍ଦା ଓ ଦାନଗଦି ବ୍ଲକର ୨୭୨ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ପାଇଁ ଜିଲ୍ଲା ଖଣିଜ ନ୍ୟାସ ପାଣ୍ଠି (ଡିଏମ୍ଏଫ୍) ଅର୍ଥରେ ବିଜେଡି ସରକାରଙ୍କ ସମୟରେ ପୂର୍ବତନ ମନ୍ତ୍ରୀ ଇଂ.ପ୍ରୀତିରଞ୍ଜନ ଘଡ଼େଇଙ୍କ ଉଦ୍ୟମରେ ୨୦୨୩ ମସିହାରେ ତତ୍କାଳୀନ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ୧୨୦ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। ନିର୍ବାଚନ ଆଚରଣ ବିଧି ଲାଗୁହେବା ଫଳରେ ଉକ୍ତ କାର୍ଯ୍ୟ ସବୁ ବନ୍ଦ ରହିଥିଲା। ବିଜେପି ସରକାର କ୍ଷମତାକୁ ଆସିବାର ଏକ ବର୍ଷ ପରେ ଏହି କାର୍ଯ୍ୟକୁ ତରବରିଆ ଭାବେ ଆରମ୍ଭ କରାଯାଇଥିଲା। ସରକାରଙ୍କ ନିୟମ ଅନୁଯାୟୀ ଯେ କୌଣସି କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ସ୍ଥାନୀୟ ତହସିଲଦାରଙ୍କ ଠାରୁ ଜମିର କିସମ ଓ ସରଜମିନ ତଦନ୍ତ ରିପୋର୍ଟ ମଗାଯାଇଥାଏ। କିନ୍ତୁ ଏଠାରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ତହସିଲ ରିପୋର୍ଟ ବିନା ଜଙ୍ଗଲ କିସମ ଜମିରେ ଏହି କାର୍ଯ୍ୟ ସବୁ ଆରମ୍ଭ କରାଯାଇଛି। ଯାହାକି ଜଣେ ବ୍ୟକ୍ତି ଏହାକୁ ବିରୋଧ କରି ଏନ୍‌ଜିଟି (ନ୍ୟାସନାଲ ଗ୍ରୀନ ଟ୍ରିବୁନାଲ)ର ଆଶ୍ରୟ ନେଇଥିଲେ, ଯେହେତୁ ଏସବୁ ଜମି ଜଙ୍ଗଲକିସମର ଏନ୍‌ଜିଟି ଏହି କାମକୁ ତୁରନ୍ତ ବନ୍ଦ କରିବା ପାଇଁ ଯାଜପୁର ଜିଲ୍ଲାପାଳଙ୍କୁ ନୋଟିସ୍ କରିଥିଲେ। ଯାହାକୁ ନେଇ ବିଜେପିର ନେତାମାନେ ଦୁଇଦିନ ତଳେ ଏକ ପ୍ରେସ୍‌ମିଟ୍ କରି ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇଙ୍କ ପ୍ରଲୋଚନାରେ ପଡ଼ି ସୁକିନ୍ଦା ଅଞ୍ଚଳର କୈଳାସ ନାୟକ ନାମକ ଜଣେ ବ୍ୟକ୍ତି ଗ୍ରୀନ ଟ୍ରିବୁନାଲ କରିଥିବା କହିଥିଲେ। ଆଜି ବିଜେଡି ଅନ୍ୟ ଏକ ସାମ୍ବାଦିକ ସମ୍ମିଳନୀ କରି ଏଥିରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଘଡ଼େଇଙ୍କର କୌଣସି ହସ୍ତକ୍ଷେପ ନାହିଁ ବୋଲି ସ୍ପଷ୍ଟ କରିବା ସହିତ ସୁକିନ୍ଦାର ବିକାଶରେ ନିଜେ ଏବେକାର ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବାଧା ସୃଷ୍ଟି କରୁଛନ୍ତି ବୋଲି ପାଲଟା ଅଭିଯୋଗ କରିଛନ୍ତି। ଡିଏମ୍ଏଫ ଅର୍ଥରେ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ନଷ୍ଟ କରାଯାଉଛି ବୋଲି ପାଲଟା ଅଭିଯୋଗ କରି ଆଜି ଦାନଗଦି ବିଜେଡି କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଦାନଗଦି ବ୍ଲକ ଅଧ୍ୟକ୍ଷା ଅର୍ଚ୍ଚନା ଦାସ, ବିଜେଡି ରାଜ୍ୟ ସମ୍ପାଦକ ଦେବୀ ପ୍ରସାଦ ମହାନ୍ତି, ଦାନଗଦି ବ୍ଲକ ବିଜେଡି ସଭାପତି ସୁରେଶ ଦାଶ, ଯୁବ ନେତା ପ୍ରଦୀପ କୁମାର ମହାନ୍ତି, ଲୋକନାଥ ଧୀର, ସିପକ ସାହୁ ପ୍ରମୁଖ ଯୋଗଦେଇଥିଲେ।

ଜାରକା ରୋଟାରୀ ଓ ଇନରହୁଇଲ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ

ଧର୍ମଶାଳା, ୨୦।୭ (ସମିସ): ଧର୍ମଶାଳା ବ୍ଲକ ଜାରକା ଷ୍ଟାଡିୟମ ପରିସରରେ ରୋଟାରୀ ଓ ଇନରହୁଇଲ କ୍ଲବ ଜରକାର ମିଳିତ ଭାବେ ଅଧିଷ୍ଠାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ଗଭର୍ଣ୍ଣର ରୋଟାରିଆନ ମନୋଜ କୁମାର ତ୍ରିପାଠୀ, ଜିଲ୍ଲା ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ଯୋଗଦେଇ ନିସ୍ୱାର୍ଥପର ସେବା କରିବାକୁ ରୋଟାରୀ ଓ ଇନରହୁଇଲ ସଦସ୍ୟମାନଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ ଅଧିଷ୍ଠାନ ଉତ୍ସବରେ ଜାରକା ରୋଟାରୀ କ୍ଲବର ପୂର୍ବତନ ସଭାପତି ଆଇନଜୀବୀ ରାଜେନ୍ଦ୍ର ପଲେଇ ଓ ସମ୍ପାଦକ ଜୟ ପ୍ରକାଶ ତ୍ରିପାଠୀଙ୍କ ଠାରୁ ନବନିର୍ବାଚିତ ସଭାପତି ସୁକାନ୍ତ କୁମାର ସ୍ୱାଇଁ ଓ ସମ୍ପାଦକ ରୋଟାରୀଆନ ଦୀପକ ଜେନା ୨୦୨୫/୨୬ ପାଇଁ ଦାୟିତ୍ୱ ଗ୍ରହଣ କରିଥିଲେ। ସେହିପରି ଜାରକା ଇନରହୁଇଲର ପୂର୍ବତନ ସଭାପତି ରଶ୍ମିତା ନାୟକ ଓ ସମ୍ପାଦକ ଲୋପାମୁଦ୍ରା ଷେଣ୍ଢ ୨୦୨୫/୨୬ ବର୍ଷ ପାଇଁ ନିବନିର୍ବାଚିତ ସଭାପତି ଲୋପାମୁଦ୍ରା ଷେଣ୍ଢ ଓ ସମ୍ପାଦକ ପ୍ରଭାତ ନଳିନୀ ସାହୁଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଏହି ଅଧିଷ୍ଠାନ ଉତ୍ସବରେ ରୋଟାରିଆନ ଲକ୍ଷ୍ମୀକାନ୍ତ ଚ୍ୟାଉପଟ୍ଟନାୟକ ସ୍ୱାଗତ କରିଥିବା ବେଳେ ରୋଟାରିଆନ ବିନୋଦ ପରିଡ଼ା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବତନ ଇନରହୁଇଲ ସଭାନେତ୍ରୀ ମିନତୀ ସାହୁ, ସଦସ୍ୟା ଅର୍ଚ୍ଚନା ସ୍ୱାଇଁ ଓ ବିଶ୍ୱାମିତ୍ରା ସାହୁ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ରୋଟାରିଆନ ପ୍ରଦୀପ୍ତ କୁମାର ବରାଳ, ଇଂ ବିପିନ ଷଡ଼ଙ୍ଗୀ, ହରିହର ପଣ୍ଡା, ଅଜାମ୍ବର ସାହୁ, ପ୍ରଶାନ୍ତ ପୃଷ୍ଟି, ଜୟପ୍ରକାଶ ତ୍ରିପାଠୀ, କଳାକର ମହାନ୍ତି, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ପ୍ରମୋଦ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଟାରୀଆନ ଜୟନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସ୍ୱାଭିମାନ ମଞ୍ଚ ପକ୍ଷରୁ ଚାରାରୋପଣ

ଧର୍ମଶାଳା, ୨୦।୭ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ବଡ଼କାଏମା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ସ୍ୱାଭିମାନ ମଞ୍ଚ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ମଞ୍ଚର ସଭାପତି ସୁଧାକର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମଞ୍ଚର ସମସ୍ତ ସଦସ୍ୟ ସେଯଗଦେଇ ଚାରା ରୋପଣ କରିଥିଲେ। କାଏମା ୧୪ନମ୍ବର କେନାଲ ବନ୍ଧର ପାର୍ଶ୍ୱରେ ବଉଳ, ଆକାଶୀ, କୃଷ୍ଣଚୂଡ଼ା, କଦମ, ପିଜୁଳି ଭଳି ଅନେକ ଉପକାରୀ ଗଛର ଚାରାରୋପଣ କରାଯାଇଛି। ଏବେ ପରିବେଶ ପ୍ରଦୂଷଣ ଭୟାନକ ଭାବେ ବଢ଼ିବାରେ ଲାଗିଥିବା ବେଳେ ବାୟୁ ମଣ୍ଡଳରେ ଗରମର ମାତ୍ରା ଅଧିକ ଅନୁଭୁତ ହେଉଛି। ଗଛ ଲଗାଇ ଜଙ୍ଗଲ ସୃଷ୍ଟି କରାଗଲେ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇପାରିବ। ଏଥିପ୍ରତି ସଚେତନତା ସୃଷ୍ଟି କରିବାପାଇଁ ମଞ୍ଚ ଏପରି ଏକ ମହତ୍ କାର୍ଯ୍ୟ କରିବା ସହ ପ୍ରତ୍ୟେକ ବ୍ୟକ୍ତି ଗୋଟାଏ ବର୍ଷରେ ନିଜର ଜନ୍ମଦିନ, ବିବାହ ବାର୍ଷିକୀ କିମ୍ବା କୌଣସି ଶୁଭ ଅବସରରେ ଅତିକମରେ ଗୋଟାଏ ଗଛ ଲଗାଇବାକୁ ମଞ୍ଚର ସମ୍ପାଦକ ନିକୁଞ୍ଜ ବେହେରା ସମସ୍ତ ଙ୍କୁ ଅନୁରୋଧ କରିଛନ୍ତି। ଏହା ଯୋଗୁଁ ପରିବେଶ ସନ୍ତୁଳନ ହେବା ସହ ଆଗାମୀ ପିଢ଼ି ପାଇଁ ଏକ ସୁନ୍ଦର ଭବିଷ୍ୟତର ପରିକଳ୍ପନା କରାଯାଇପାରିବ ବୋଲି ମଞ୍ଚର ସଭାପତି କହିଛନ୍ତି। ଏଥିସହ ପ୍ରତ୍ୟେକ ନାଗରିକ ଗୋଟିଏ ଗୋଟିଏ ଗଛ ଲଗାଇବା ସହିତ ତାହାର ଦାୟତ୍ୱ ନେବା ନିତାନ୍ତ ଆବଶ୍ୟକ ବୋଲି ମଞ୍ଚ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏହି କାର୍ଯ୍ୟକ୍ରରେ କୋଷାଧକ୍ଷ ଶିଶିର ମାହାଣା, ପ୍ରଦୀପ୍ତ ସାହୁ, ସୌମ୍ୟ ରଞ୍ଜନ ମହାନ୍ତି, ଚିନ୍ମୟ ଦାସ, ବିନୋଦ ବେଜ, ମନୋରଞ୍ଜନ ଜେନା, ସୁବ୍ରତ ସାହୁ, ଅଭିନାସ ବେହେରା, ମାନସ ରଞ୍ଜନ ସ୍ୱାଇଁ, କାର୍ତ୍ତିକ ମଲ୍ଲିକ, ଦେବବ୍ରତ ପଣ୍ଡା, ସୁକାନ୍ତ ସାହୁ, ଶିବପ୍ରସାଦ ମହାନ୍ତି ପ୍ରମୁଖ ସମସ୍ତ ସଦସ୍ୟ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥଲେ।

ବିଜୁପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ

ସ୍ଥାନାନ୍ତରକୁ ନେଇ ତୀବ୍ର ବିରୋଧ

ଯଖପୁରା, ୨୦।୭ (ସମିସ): କଳିଙ୍ଗନଗରର ଜେସିଡିଏଲ୍‌ଠାରେ କାର୍ଯ୍ୟ କରିଆସୁଥିବା ବିଜୁପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍ଏସ୍ଆଇ) ରାଉରକେଲାକୁ କେନ୍ଦ୍ର ସରକାରଙ୍କ ସ୍ଥାନାନ୍ତର ନିର୍ଦ୍ଦେଶ ପରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବା ସହ ବିରୋଧାଭାସ କରାଯାଉଥିବାର ଦେଖିବାକୁ ମିଳିଛି।

କେନ୍ଦ୍ର ଇସ୍ପାତ ମନ୍ତ୍ରାଳୟ ଅଧୀନରେ ଥିବା ବିଜୁପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ପାଇଁ ପୂର୍ବ ସରକାର କଳିଙ୍ଗନଗର ଶିଳ୍ପାଞ୍ଚଳ ଠାରେ ଜମି ଯୋଗଦେଇଥିବା ବେଳେ ବର୍ତ୍ତମାନର ସରକାର ଏହାର ଭିତ୍ତିଭୂମି ବିକାଶ ନ କରାଇ ଏଠାରୁ ରାଉଲକେଲାକୁ ସ୍ଥାନାନ୍ତରିତ କରିବାକୁ ଉଦ୍ୟମ କରୁଥିବା ବେଳେ କଳିଙ୍ଗନଗର ଅଧିବାସୀ ଏହାକୁ ତୀବ୍ର ବିରୋଧ କରିଛନ୍ତି। ଗତକାଲି ଜେସିଡିଏଲ୍‌ଠାରେ ଅବସ୍ଥାପିତ ଏହି ସଂସ୍ଥା ସ୍ଥାନାନ୍ତର କରିବା ଜାଣିବା ପରେ ଏହାକୁ ବିରୋଧ କରି ପଙ୍କପାଳ ପଞ୍ଚାୟତର ସରପଞ୍ଚ ସ୍ମୃତିରଞ୍ଜନ ଜେନାଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକମାନେ ସଂସ୍ଥାର କାର୍ଯ୍ୟାଳୟ ସମ୍ମୁଖରେ ବିରୋଧ ପ୍ରଦର୍ଶନ କରିଥିଲେ। କଳିଙ୍ଗନଗର ବିଶ୍ୱସ୍ତରୀୟ ଏକ ଶିଳ୍ପାଞ୍ଚଳ ଗଢି ଉଠିଥିବା ବେଳେ ସରକାରଙ୍କ ତରଫରୁ ଦକ୍ଷତା ବିକାଶ ପାଇଁ କୌଣସି ବ୍ୟବସ୍ଥା କରୁନଥିବା ବେଳେ ବିଜୁପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ ଭଳି ସଂସ୍ଥାକୁ ଏଠାରେ ବନ୍ଦ କରି ଅନ୍ୟତ୍ର ସ୍ଥାନାନ୍ତରିତ କରିବା ସରକାରଙ୍କ ହୀନ ମାନସିକତା ବୋଲି ସାଧାରଣରେ ଆଲୋଚନା ହେଉଛି। ପଙ୍କପାଳ ସରପଞ୍ଚ ଶ୍ରୀଯୁକ୍ତ ଜେନା ଚେତାବନୀ ଦେଇଛନ୍ତି କି ଆଗକୁ ସରକାର ଏହି ଇସ୍ପାତ ପ୍ରତିଷ୍ଠାନକୁ ବନ୍ଦ ବା ସ୍ଥାନାନ୍ତରିତ କରିବା ପାଇଁ ନିବୃତ୍ତ ନରହିଲେ ଆଗାମୀ ଦିନରେ ଏହି ଆନ୍ଦୋଳନ ବୃହତ ରୂପ ଧାରଣ କରିବ।

୧୫ ଦିନ ହେବ ଅନ୍ଧାରରେ ଅଭୟପୁର

ସୁକିନ୍ଦା, ୨୦।୭ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ଅଭୟପୁର ଅଞ୍ଚଳର ଶତାଧିକ ଗ୍ରାମବାସୀ ୧୫ ଦିନ ହେବ ଅନ୍ଧାରରେ ଥିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଜନ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ମୁତାବକ ୫୩ନଂ ଜାତୀୟ ରାଜପଥ କଡ଼ରେ ଓ ଅଭୟପୁର ମୌଜାରେ ଅବସ୍ଥିତ ଏହି ଗ୍ରାମରେ ଗତ ୧୫ଦିନ ହେବ ବିଦ୍ୟୁତ୍ ସରବରାହ ବନ୍ଦ ଥିବା ଦେଖିବାକୁ ମିଳିଛି। ଗତ ୧୫ଦିନ ତଳେ ଆକସ୍ମିକ ବଜ୍ରାଘାତରେ ସେଠାରେ ଲାଗିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବା ଦର୍ଶାଇ ବିଦ୍ୟୁତ୍ ବିଭାଗ ପୁରୁଣା ଟ୍ରାନ୍ସଫର୍ମର ଖୋଲିନେଇ ଚୁପ୍ ହୋଇ ବସିରହିଛି। ସମ୍ପୃକ୍ତ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତା ବାରମ୍ବାର ଅଭିଯୋଗ କରିଥିଲେ ମଧ ବିଦ୍ୟୁତ୍ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ସେଠାରେ ରହୁଥିବା ଅଧିକାଂଶ ଉପଭୋକ୍ତାଙ୍କର ମାସକୁ ମାସ ବିଦ୍ୟୁତ୍ ବିଲ ପୈଠ କରୁଥିଲେ ମଧ ୧୫ଦିନ ହେବ ଅନ୍ଧାରରେ ରହିଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି।

ବିଜୁ ଜନତା ଦଳ ପକ୍ଷରୁ ସାଙ୍ଗଠନିକ ବୈଠକ

ଜେନାପୁର, ୨୦।୭ (ସମିସ): ଧର୍ମଶାଳା ନିର୍ବଚନମଣ୍ଡଳୀ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ଅଧିନ ସିଦ୍ଧେଶ୍ୱର ମନ୍ଦିର ପରିସରରେ ବିଜୁ ଜନତା ଦଳ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଅଶୋକ ସାହୁଙ୍କ ଅଧ୍ୟକ୍ଷତାରେ ଏହି ପଞ୍ଚାୟତ ନୂତନ ସଭାପତି ଭାବେ ଚୟନ ହୋଇଥିବା ସଞ୍ଜୟ ନାୟକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ତାସହିତ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କ ନିର୍ଦ୍ଦେଶ କ୍ରମେ ଲୋକ ମାନଙ୍କ ସମସ୍ୟା ସହିତ ଜଡ଼ିତ ରହିବା ସହ ସଙ୍ଗଠନକୁ କିପରି ମଜବୁତ କରିହେବ ସେହି ବିଷୟ ରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୧୨ ନଂ ଜୋନ ସଭାପତି ପ୍ରହ୍ଲାଦ ପାତ୍ର, ବିଚିତ୍ରାନନ୍ଦ ସାହୁ, ମୁରଲୀଧର ସିଂ, ରାମଚନ୍ଦ୍ର ପାତ୍ର, ଶିବ ପ୍ରସାଦ ପାତ୍ର, ପ୍ରଫୁଲ କୁମାର ପୁରୀ, ବିଷ୍ଣୁ ଚରଣ ସ୍ୱାଇଁ. ଅଭିମନ୍ୟୁ ଦଳାଇ, ହେମଲତା ସ୍ୱାଇଁଙ୍କ ସମେତ, ଶତାଧିକ ବିଜୁଜନତା ଦଳର କର୍ମକର୍ତ୍ତା ମାନେ ଉପସ୍ଥିତ ଥିଲେ।

ଖସୁଛି ବ୍ରାହ୍ମଣୀ ନଦୀରେ ବନ୍ୟା ପାଣି

ଧର୍ମଶାଳା, ୨୦।୭ (ସମିସ): ଗତ କିଛି ଦିନ ହେଲା ବ୍ରହ୍ମଣୀ ଓ ତାର ଶାଖା କେଲୁଅ ନଦୀରେ ବନ୍ୟା ପାଣି ଅପରିବର୍ତ୍ତିତ ରହିଥିବା ବେଳେ ଗତକାଲି ଠାରୁ ନଦୀରେ ଜଳ ପ୍ରବାହ କମିବାରେ ଲାଗିଛି। ଫଳରେ ନଦୀର ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ କିଛିଟା ଆଶ୍ୱସ୍ତି ଲାଭ କରିଛନ୍ତି। ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ଚଳିତ ଥର ଅଦ୍ୟାବଧି ବନ୍ୟା ପାଣି ବିପଦ ସଙ୍କେତ ଅଢ଼େଇଫୁଟ ତଳେ ପ୍ରବାହିତ ହେଉଥିଲା। ସେପଟେ ରେଙ୍ଗାଲି ଡ୍ୟାମର ୩ ଗୋଟି ଗେଟ୍ ଦେଇ ବନ୍ୟାପାଣି ଛଡ଼ାଯିବା ପରେ ବ୍ରାହ୍ମଣୀ ନଦୀର ଜେନାପୁରଠାରେ ୬୪.୫୦ ଫୁଟ ଉପରେ ବନ୍ୟାପାଣି ପ୍ରବାହିତ ହୋଇଥିଲା। ବିଗତ ୫ ଦିନ ଧରି ଏଭଳି ଅବସ୍ଥା ଲାଗିରହିବା ପରେ ଗତକାଲି ଠାରୁ ନଦୀରେ ବନ୍ୟାଜଳ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ଏହି ବନ୍ୟା ପାଣିରେ ଧର୍ମଶାଳା ବ୍ଲକର ଅନେକ ଗାଁ ଓ ଚାଷ ଜମି ପାଣି ଘେରରେ ରହିଥିଲା। ଏବେ ବନ୍ୟା ପାଣି ଖସିବା ଫଳରେ ଗାଁ ଗୁଡିକରେ ପସିଯାଇଥିବା ବନ୍ୟାପାଣି ଖସିବାରେ ଲାଗିଛି। ଏବେ ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ୬୧.୨୦ ଫୁଟରେ ପଣି ପ୍ରବାହିତ ହେଉଛି। ରେଙ୍ଗାଲି ଡ୍ୟାମରୁ ଏବେ ମାତ୍ର ଗୋଟିଏ ଗେଟ ଦେଇ ବନ୍ୟାପାଣି ଛଡାଯାଉଛି। ତେବେ ଏହି ବନ୍ୟାରେ କୋଟପୁର ସ୍କୁଲରେ ପାଣି ପସିବାରୁ କିଛି ଦିନ ହେଲା ସ୍କୁଲକୁ ବନ୍ଦ କରି ଦିଆଯାଇଥିଲା। ଏବେ ବନ୍ୟା ପାଣି ଛାଡିଯିବା ପରେ ସ୍କୁଲକୁ ଆଜି ପରିଷ୍କାର କରାଯାଇଥିବା ବେଳେ ଆସନ୍ତାକାଲି ସୋମବାର ଠାରୁ ସ୍କୁଲ ଖୋଲାଯିବ ବୋଲି ଜଣାଯାଇଛି। ସେହିପରି ନଦୀ ପଠାରେ ପଳିଥିବା ପନିପରିବା ଓ ଧାନ ଚାଷ ଏହି ବନ୍ୟାରେ ପ୍ରଭାବିତ ହୋଇଛି। ଏବେ ବନ୍ୟାପାଣି ଛାଡି ଯାଇଥିବା ବେଳେ ଏହା ଦ୍ୱାରା ପ୍ରବାବିତ ହୋଇଥିବା ଚାଷୀମାନଙ୍କୁ ଚିହ୍ନଟ କରି ସରକାରି ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

ଦର୍ପଣ ପଞ୍ଚାୟତ ବିଜେଡି ସଭାପତି ମନୋନୀତ

ବଡଚଣା, ୨୦।୭ (ସମିସ): ବଡ଼ଚଣା ବିଜୁ ଜନତା ଦଳ ପକ୍ଷରୁ ଦଳର ନେତା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ସୁପାରିସ କ୍ରମେ ଦର୍ପଣ ଗ୍ରାମପଞ୍ଚାୟତର ସଭାପତି ଭାବେ ଦେବାନନ୍ଦ ଦାଶ ଓ ଯୁବସଭାପତି ଭାବେ ସୁନୀଲ କୁମାର ପାତ୍ରଙ୍କ ନାମକୁ ଦଳର ସଭାପତି ତାପସ କୁମାର ରାୟ ଅନୁମୋଦନ କରିଛନ୍ତି। ଦଳୀୟ କାର୍ୟାଳୟରେ ଶ୍ରୀ ମହାପାତ୍ର ଦୁଇ ନୂତନ ସଭାପତିଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ପକ୍ଷରୁ ପ୍ରଦୀପ୍ତ ମହାନ୍ତି, ସଞ୍ଜୀବ ସାମଲ, ତପନ ବେହେରା, ରାଜନ ବେଗ, ମାନସ ପଣ୍ଡା, ବୁଲା ମହାପାତ୍ର, ବରିଷ୍ଠ ସଦସ୍ୟ ନିରଞ୍ଜନ ବିଶ୍ୱାଳ, ଧୂଳେଶ୍ୱର ଦାସ, ବିଚିତ୍ର ନାୟକ, ଉମେଶ ଜେନା, ସନ୍ତୋଷ ଜେନା ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

ଦୁର୍ଘଟଣାରେ ଜଣେ ଗୁରୁତର

ସୁକିନ୍ଦା, ୨୦।୭ (ସମିସ): ୫୩ନଂ ଜାତୀୟରାଜପଥ ସୁକିନ୍ଦା ଭୁବନ ରାସ୍ତାର ମଙ୍ଗଳପୁର ଛକ ନିକଟରେ ଏକ ପିକଅପ ଗାଡ଼ି ଦୁର୍ଘଟଣାରେ ଜଣେ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ରବିବାର ଦିନ ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ଗ୍ରାମର ଇନ୍ଦ୍ରଜିତ ମଲ୍ଲିକ ଯାଜପୁରରୁ ଘରକୁ ଫେରୁଥିବା ସମୟରେ ଦୁର୍ଘଟଣାର ଶୀକାର ହୋଇ ଗୁରୁତରଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଇନ୍ଦ୍ରଜିତ ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି।

ସେବକ ଜରାଶ୍ରମରେ ସ୍ୱାସ୍ଥ୍ୟ ଶିବିର

ବଡଚଣା, ୨୦।୭ (ସମିସ): ରୋଟାରୀ କ୍ଲବ୍ ଭୁବନେଶ୍ୱର କନଫ୍ଲୁଏନସ ଆନୁକୂଲ୍ୟରେ ଛଡିଆ ସ୍ଥିତ ସେବକ ଜରାଶ୍ରମଠାରେ ଆଜି ଏକ ମେଗା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ରୁଦ୍ର ପ୍ରସନ୍ନ ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜରାଶ୍ରମର ୧୫୦ ଅଧିକ ଅନ୍ତେବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରାଯିବା ସହ ଉଚ୍ଚରକ୍ତ ଚାପ, ମଧୁମେହ ରୋଗୀଙ୍କ ନିମନ୍ତେ ଔଷଧ ବଣ୍ଟନ କରାଯାଇଥିଲା। ଏହି ଶିବିର ପରିଚାଳନାରେ କ୍ଲବ୍‌ର ବରିଷ୍ଠ ଡାକ୍ତର କଳିକୀଙ୍କର ସେନାପତି ଓ ଡାକ୍ତର ସୌଭିକ ସିଂହ ପରିଚାଳନା କରିଥିଲେ। କ୍ଲବ୍ ତରଫରୁ ମଧ୍ୟାହ୍ନରେ ଜରାଶ୍ରମର ସମସ୍ତ ଅନ୍ତେବାସୀଙ୍କ ଉଦ୍ଦେଶ୍ୟରେ ଅନ୍ନପୂର୍ଣ୍ଣା ଦିବସ ପାଳନ ଅବସରରେ ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସଭ୍ୟ ଗଣେଶ୍ୱର ପ୍ରଧାନ, କୈଳାସ କାନୁନଗୋ, ବିଷ୍ଣୁ ଚରଣ ସାହୁ, ସୌମ୍ୟ ରଞ୍ଜନ ମିଶ୍ର, ସମ୍ପାଦକ ପ୍ରଣତ କିଶୋର ଜେନା, ପ୍ରିତ୍‌କୁମାର ଦାସ, ନୀଳାଚଳ ପ୍ରଧାନ, ବିଦ୍ୟୁତ୍ ସେଠୀ, ଅଭିଳାଷ ପତି ଓ ଉପେନ୍ଦ୍ର ପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ମହାବିନାୟକ ସାହିତ୍ୟ ଉତ୍ସବ

'ଗଳ୍ପ ଆମ ଜନଜୀବନର ପ୍ରତିଛବି'

ବଡଚଣା, ୨୦।୭ (ସମିସ)

ଜୀବନ ଯେପରି ସରଳ ତରଳ, ସୁନ୍ଦର ଗଳ୍ପ ବି ସେହିପରି। ଗଳ୍ପ ଯାହା ଆମ ଜୀବନର ପ୍ରତିଛବି। ଆମେ ସେଥିରେ ଆମକୁ ଦେଖିପାରୁ। ଜୀବନର ଯାବତୀୟ ଜଟିଳତାରୁ ମୁକ୍ତି ପାଇଁ ଗଳ୍ପ ଆମକୁ ମାର୍ଗ ଦେଖାଇଥାଏ ବୋଲି ବିଶିଷ୍ଟ ବକ୍ତାମାନେ ମତପ୍ରକାଶ କରିଛନ୍ତି। ଆଜି ଚଣ୍ଡିଖୋଲ ବିଜୁ କଲ୍ୟାଣ ମଣ୍ଡପ ଠାରେ 'ସାହିତ୍ୟ ଦର୍ପଣ' ପତ୍ରିକା ଆନୁକୂଲ୍ୟରେ ଆୟୋଜିତ ସପ୍ତମବାର୍ଷିକ ରାଜ୍ୟସ୍ତରୀୟ ମହାବିନାୟକ ସାହିତ୍ୟ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରି କହିଲେ ଯେ ଯାହା ଚିରନ୍ତନ ବାସ୍ତବତା ତାହା ହିଁ ଗଳ୍ପ ସାହିତ୍ୟର ମୂଳ ଭିତ୍ତିଭୂମି। ସେହି ଭିତ୍ତିଭୂମି ଆମକୁ ମାର୍ଗଦର୍ଶନ ଦେଇଥାଏ ବୋଲି ଶ୍ରୀ ଶତପଥୀ କହିଥିଲେ। ଅନ୍ୟତମ ଅତିଥି ଡ. ଗିରିଶ ଚନ୍ଦ୍ର ସାହୁ ଯୋଗଦେଇ ମାଟି ଆଉ ମଣିଷର ଜୟଗାନ କରୁଥିବା ସାହିତ୍ୟ ହିଁ କାଳଜୟୀ ବୋଲି କହିଥିଲେ। ସାହିତ୍ୟ ଦର୍ପଣ ପତ୍ରିକାର ସମ୍ପାଦକ ବିମଳ ପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ କେନ୍ଦ୍ର ବାଲ ସାହିତ୍ୟ ପୁରସ୍କାର ବିଜେତା ଡ. ରାଜକିଶୋର ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଅତିଥିମାନେ ପତ୍ରିକା ଉନ୍ମୋଚନ କରିଥଲେ। ଏହି ଅବସରରେ ଗାଳ୍ପିକ ଅର୍ଜୁନ ପୃଷ୍ଟି, କବି ଶରତ ଚନ୍ଦ୍ର ପାତ୍ର, ଶିକ୍ଷାବିତ୍ ଡ. କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମ୍ମାନୀତ କରାଯାଇଥିଲା। ଅଭ୍ୟର୍ଥନା ସମିତି ସଭାପତି ସଞ୍ଜୟ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିବା ବେଳେ କବି ପଦ୍ମଜା ଶରଣ ଧନ୍ୟବାଦ ଅର୍ପଣ କରିଥିଲେ। ପୂର୍ବାହ୍ନରେ ଗାଳ୍ପିକ ପବିତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଗଳ୍ପ ପାଠ ଉତ୍ସବରେ ଗାଳ୍ପିକ ଚିତ୍ତରଞ୍ଜନ ଚିରଞ୍ଜିତ, ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ, ମାତୃଦତ୍ତ ମହାନ୍ତି, କ୍ଷୀରୋଦ ବିହାରୀ ବିଶ୍ୱାଳ, ଗିରିଶ ଚନ୍ଦ୍ର ସାହୁ, ଶରତ କୁମାର ସାହୁ, ସସ୍ମିତା ମହାନ୍ତି, ମିରୀନା ମହାନ୍ତି, ଅମରେଶ ବିଶ୍ୱାଳ, ଅର୍ଜୁନ ପୃଷ୍ଟି, ନିରୂପମା ପତି, ଲୋପାମୁଦ୍ରା ମଇକାପ, ରବି ପଣ୍ଡା, ଡ. ସ୍ମୃତି ପଟ୍ଟନାୟକ ପ୍ରମୁଖ ସ୍ୱରଚିତ ଗଳ୍ପ ପାଠ କରିଥଲେ। ନିହାରିକା ରଥ ଗଳ୍ପ ସଂଯୋଜନା କରିଥିବା ବେଳେ ସୁଶ୍ରୀ ସୀମା ସାହୁଙ୍କ କଣ୍ଠର ଯାଦୁରେ ଗଳ୍ପ ଓ ଗୀତର ଯୁଗଳ ବନ୍ଦୀ ବେଶ୍ ଉପଭୋଗ୍ୟ ହୋଇଥଲା। ସୁଶାନ୍ତ ସାହୁ, ସୁଶାନ୍ତ ନାୟକ, ଦୀପକ ମଲ୍ଲିକ, ନାରାୟଣ ନନ୍ଦ, ସେକ୍ ଆଲ୍ଲାଉଦ୍ଦିନ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ଧାରା ଶ୍ରାବଣରେ ବୈଶାଖୀ ଖରାର ଅନୁଭବ

ବାଲୁଗାଁ,୨୦।୭(ସମିସ): ବର୍ତ୍ତମାନ ଶ୍ରାବଣ ମାସରେ ଧାରା ଶ୍ରାବଣ ବର୍ଷା ଲାଗି ରହିବା ପରିବର୍ତ୍ତେ ମଝିରେ ମଝିରେ ସାମାନ୍ୟ ବର୍ଷା ହେଉଥିବାବେଳେ ବର୍ତ୍ତମାନ ଧାରା ଶ୍ରାବଣରେ ସମଗ୍ର ଚିଲିକା ନିର୍ବାଚନମଣ୍ଡଳୀ ତଥା ବାଲୁଗାଁ-ବାଣପୁର ଅଞ୍ଚଳରେ ବୈଶାଖୀ ଖରା ତଥା ପ୍ରବଳ ଗ୍ରୀଷ୍ମ ପ୍ରବାହ ସହ ଗୁଳୁଗୁଳି ଅନୁଭୂତ ହେଉଛି। ବିଗତ ବର୍ଷମାନଙ୍କ ଅପେକ୍ଷା ସମୟାନୁକ୍ରମେ ଶ୍ରାବଣ ମାସରେ ବର୍ତ୍ତମାନ ଧୀରେ ଧୀରେ ଗରମ ରେକର୍ଡ ଭାଙ୍ଗିବା ସହ ପ୍ରବଳ ଗୁଳୁଗୁଳି ଅନୁଭବ ହେଉଥିବା ବୟସ୍କ ବ୍ୟକ୍ତି ମତପ୍ରକାଶ କରିଛନ୍ତି। ବର୍ଷା ଦିନରେ ଏବେ ବାଣପୁର ଓ ବାଲୁଗାଁ ଅଞ୍ଚଳରେ ତାପମାତ୍ରା ୩୫ ଡିଗ୍ରୀ ପାର୍ ରହୁଥିବାବେଳେ ପ୍ରବଳ ଗୁଳୁଗୁଳି ସହ ଅସହ୍ୟ ଗରମ ଅନୁଭବ ହେବା ସଙ୍ଗେ ସଙ୍ଗେ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ଯୋଗୁଁ ଲୋକେ ଗରମରେ ସିଝି ଡହଳବିକଳ ହୋଇ ହନ୍ତସନ୍ତ ହେବା ଲୋକଙ୍କ ପାଇଁ ବୋଝ ଉପରେ ନଳିତ ବିଡ଼ା ସଦୃଶ ହୋଇପଡ଼ିଛି। ଚିଲିକା ଅବବାହିକା ଅଞ୍ଚଳରେ ଏପରି ତାପମାତ୍ରା ବୃଦ୍ଧି ଜନସାଧାରଣଙ୍କ ଚିନ୍ତାର କାରଣ ପାଲଟିଛି। ବର୍ତ୍ତମାନ ବର୍ଷା ଦିନରେ ସମଗ୍ର ଅଞ୍ଚଳରେ ସକାଳୁ ସକାଳୁ ଅସହ୍ୟ ଗରମ ହେବା ସହ ପରେ ମଧାହ୍ନ ସମୟକୁ ବୃଦ୍ଧି ପାଇ ତାପମାତ୍ରା ୩୫ ଡିଗ୍ରୀରେ ପହଞ୍ଚୁଥିବାବେଳେ ରାତି ସମୟରେ ଚିଲିକା ହ୍ରଦର ଥଣ୍ଡା ପବନ ବହିବାରେ ତାପମାତ୍ରା ସାମାନ୍ୟ ହ୍ରାସ ପାଇବା ପରିବର୍ତ୍ତେ ରାତିରେ ମଧ ସେହିଭଳି ଅସହ୍ୟ ଗୁଳୁଗୁଳି ସହ ପ୍ରବଳ ଗରମ ଅନୁଭବ ହେବା ପରିବେଶ ପରିବର୍ତ୍ତନର ପ୍ରଭାବ ବୋଲି ପରିବେଶବିତ୍‌ମାନେ ମତପ୍ରକାଶ କରିଛନ୍ତି। ବର୍ତ୍ତମାନ ଧାରା ଶ୍ରାବଣ ମାସରେ ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେଉଥିବା ସ୍ଥଳେ ବାଲୁଗାଁ-ବାଣପୁର ଅଞ୍ଚଳରେ ସ୍ୱଳ୍ପ ପରିମାଣର ବର୍ଷା ହେଉଛି। ହେଲେ ବର୍ଷା ସତ୍ତ୍ୱେ ପ୍ରବଳ ଖରା ହେଉଥିବାବେଳେ ବର୍ଷା ଋତୁରେ ଏଭଳି ତାପମାତ୍ରା ବୃଦ୍ଧି ଘଟୁଥିବାରୁ ଅଞ୍ଚଳ ବାସିନ୍ଦା ଅସହ୍ୟ ଗୁଳୁଗୁଳି ସହ ଗରମରେ ଡହଳବିକଳ ହେଉଛନ୍ତି।

ହାଣ୍ଡିଶାଳରେ ଚଡ଼କ; ଶ୍ରାବଣରେ ପରିବାଦର ଆକାଶଛୁଆଁ

ମହଙ୍ଗାମାଡ଼ରେ ଖାଉଟି ବେହାଲ

ଆଖିରୁ ଲୁହ ନିଗାଡୁଛି କଞ୍ଚାଲଙ୍କା ଦର

ଖୋର୍ଦ୍ଧା/ବାଲୁଗାଁ,୨୦।୭ (ସମିସ)

ବର୍ତ୍ତମାନ ପରିସ୍ଥିତିରେ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଘଟିଥିବା ସହ ରାସନ ସାମଗ୍ରୀ, ରନ୍ଧନ ଗ୍ୟାସ୍ ଓ ପନିପରିବା ଦରଦାମ ଆକାଶଛୁଆଁ ବୃଦ୍ଧି ମଧ ଏଥିରୁ ବାଦ୍ ପଡ଼ିନାହିଁ। ଏପରିସ୍ଥଳେ ବର୍ତ୍ତମାନ ଶ୍ରାବଣ ମାସ ଚାଲିଥିବାରୁ ପ୍ରାୟତଃ ପରିବାରରେ ଆମିଷ ଭକ୍ଷଣ ନିଷେଧ ହେତୁ ନିରାମିଷ ତଥା ପରିବା ଉପରେ ସମସ୍ତେ ନିର୍ଭର କରିଥାନ୍ତି। ତେବେ ଶ୍ରାବଣ ମାସ ଆରମ୍ଭରୁ ବାଲୁଗାଁ, ବାଣପୁର ତଥା ଆଖପାଖ ବଜାରରେ ପରିବା ଦର ଆକାଶଛୁଆଁ ବୃଦ୍ଧି ଘଟିଥିବା ଜଣାଯାଇଛି। ଏଭଳି ଦରଦାମ୍ ବୃଦ୍ଧି ଦେଖି ଜନସାଧାରଣ ଛାନିଆ ହୋଇ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଶ୍ରାବଣ ମାସରେ ପ୍ରାୟ ଘରେ ଘରେ ପରିବାର ବହୁଳ ବ୍ୟବହାର ହେଉଥିବାବେଳେ ବର୍ତ୍ତମାନ ଏଭଳି ମହଙ୍ଗା ମାଡ଼ରେ ଖାଉଟି ବେହାଲ ହୋଇପଡ଼ିଛନ୍ତି। ବାଲୁଗାଁ ମୁଖ୍ୟ ବଜାର ହୋଇଥିବାରୁ ବାଣପୁର ଆଖପାଖ ଛୋଟ ବଜାରର ବ୍ୟବସାୟୀ ବାଲୁଗାଁ ଉପରେ ନିର୍ଭର କରିଥା'ନ୍ତି। ଦୈନିକ ବାଲୁଗାଁକୁ ଚାନ୍ଦପୁର, ରମ୍ଭା ଓ ମାଳ ଆଦି ଅଞ୍ଚଳରୁ ତଟକା ପନିପରିବା ଆସିଥାଏ। ଏବେ ବଜାରରେ ଆଳୁ କେଜି ୨୫ ଟଙ୍କା ହୋଇଥିବାବେଳେ ପିଆଜ ୩୦ ଟଙ୍କା ଦରରେ ମିଳୁଛି। ତେବେ ଆଳୁ, ପିଆଜକୁ ବାଦ୍ ଦେଲେ ଅନ୍ୟାନ୍ୟ ପରିବା କିଲୋଗ୍ରାମ ପିଛା ଦର ନାହିଁ ନ ଥିବା ବୃଦ୍ଧି ଘଟିଛି। ପରିବାଦର ଶୁଣି ଖାଉଟି କ'ଣ ଖାଇବେ ସେହି ଚିନ୍ତାରେ ରହିଥିବାବେଳେ କଞ୍ଚା ଲଙ୍କାର ଦର ଶୁଣି ଆପେ ଆପେ ଆଖିରୁ ଲୁହ ବୋହିଯାଉଛି। ବର୍ତ୍ତମାନ ଟମାଟୋ କିଲୋ ୪୦ ଟଙ୍କା, କଞ୍ଚା ଲଙ୍କା ୨୦୦ ଟଙ୍କା, ଅଦା ୧୫୦ ଟଙ୍କା, ବିନ୍ସ ୧୫୦, ସଜନାଛୁଇଁ କିଲୋ ୧୫୦, ଦେଶୀ କାଙ୍କଡ଼ ୨୪୦, କ୍ୟାପ୍‌ସିକମ୍ କିଲୋ ୧୨୦ ଟଙ୍କା ଓ ଗାଜର କିଲୋ ୧୦୦ ଟଙ୍କା ଦରରେ ପହଞ୍ଚି ଏସବୁ ପରିବା ଶତକ ପାର୍ ହୋଇଛି। ସେହିଭଳି ବାଇଗଣ କିଲୋ ପିଛା ୭୦, ପୋଟଳ ୭୦, କଲରା ୬୦, ଫୁଲକୋବି ୮୦, ଜହ୍ନି ୬୦, ଭେଣ୍ଡି ୬୦, କଖାରୁ ୪୦, ଝୁଡ଼ଙ୍ଗ ୭୦, ପତ୍ରକୋବି ୬୦, କାକୁଡ଼ି ୫୦ଟଙ୍କା ହୋଇଥିବାବେଳେ କଦଳୀ ଗୋଟାକୁ ୧୫ ଟଙ୍କା ଓ ଶାଗ ବିଡ଼ା ୧୫ ଟଙ୍କା ଦରରେ ପହଞ୍ଚିଛି।

ପୂର୍ବରୁ ପରିବା ବଜାରରୁ ୩୦୦ ଟଙ୍କାରେ ବ୍ୟାଗ୍ ଫୁଲ୍ ପରିବା ଧରି ଲୋକେ ଫେରୁଥିବାବେଳେ ବର୍ତ୍ତମାନ ୫୦୦ ଟଙ୍କାରେ ବ୍ୟାଗ୍ ଅଧା ହେଉ ନ ଥିବା ଦେଖିବାକୁ ମିଳୁଛି। ଏସମ୍ପର୍କରେ କିଛି ପରିବା ବ୍ୟବସାୟୀଙ୍କୁ ପଚାରିବାରେ ତେଲ ଦର ବୃଦ୍ଧି ଯୋଗୁଁ ଗାଡ଼ିଭଡ଼ା ୨ଗୁଣ ହୋଇପଡ଼ିଥିବା ସହ ବଜାର ଚାହିଦା ଅନୁଯାୟୀ ଫସଲ ଆମଦାନୀ ବହୁତ କମ ହେଉଥିବାରୁ ଏଭଳି ଆକାଶଛୁଆଁ ପରିବାଦର ବୃଦ୍ଧି ଘଟିଛି। ତତ୍‌ସହିତ ଚଳିତ ବର୍ଷ ବର୍ଷା ଯୋଗୁଁ ବହୁ ଫସଲ ନଷ୍ଟ ହୋଇଥିବାବେଳେ ପରିବା ଫସଲରେ ସେଭଳି ଲାଭ ହେଉ ନ ଥିବାରୁ ଚାଷୀମାନେ ଆଗ ଭଳି ଚାଷ କାମ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଫଳରେ ଫସଲ ଅମଳରେ ହ୍ରାସ ଘଟିଥିବାରୁ ପରିବାଦର ଏଭଳି ବୃଦ୍ଧି ପାଇଛି ବୋଲି ଚାଷୀ କହୁଛନ୍ତି। ଅନ୍ୟପକ୍ଷେ ପ୍ରଶାସନର ଦରଦାମ୍ ଉପରେ କୌଣସି ଅଙ୍କୁଶ ନ ଥିବାରୁ ଲାଭଖୋର୍ ବ୍ୟବସାୟୀମାନେ ଏହାର ଫାଇଦା ନେବାକୁ ପଛାଉ ନାହାନ୍ତି। ଦିନକୁ ଦିନ ଏଭଳି ଦରଦାମ୍ ବୃଦ୍ଧି ଘଟୁଛି। ତେବେ ଗୋଟେପଟେ ପେଟ୍ରୋଲ, ରାସନ ସାମଗ୍ରୀ ଓ ରନ୍ଧନ ଗ୍ୟାସ୍‌ର ଦର ଆକାଶଛୁଆଁର ମାଡ଼ ଓ ଅନ୍ୟପଟେ ଏପରି ପରିବାଦର ବୃଦ୍ଧି ଯୋଗୁଁ ଲୋକେ ମୁଣ୍ଡରେ ହାତ ଦେଇ ବସିଥିବାବେଳେ ସାଧାରଣ ଲୋକେ ପରିବାର ଏହି ମହଙ୍ଗାମାଡ଼ରେ ବେହାଲ ହୋଇପଡ଼ିଛନ୍ତି।

ବର୍ଦ୍ଧିତ ପରିବା ଦର ପାଇଁ ସାଧାରଣ ଗୃହିଣୀ କେମିତି ଘର ଚଳାଇବେ ସେ ନେଇ ଏବେ ଚିନ୍ତାରେ। ଯେଉଁମାନେ ଆର୍ଥିକ ସ୍ୱଚ୍ଛଳ ସେମାନେ କମ୍ ଓଜନର ପରିବା କିଣୁଥିବାବେଳେ ସାଧାରଣ ଲୋକଟିଏ ଆଳୁ, ପିଆଜ ଓ କଖାରୁରେ କାମ ଚଳାଇ ଦେଉଛନ୍ତି। ଜିଲ୍ଲାରେ ପନିପରିବା ଚାଷ ପାଇଁ ଉପଯୁକ୍ତ ଭିତ୍ତିଭୂମି ରହିଥିଲେ ମଧ୍ୟ ଚାଷୀଙ୍କ ମଧ୍ୟରେ ପନିପରିବା ଚାଷ ପାଇଁ ଆଗ୍ରହ ରହୁନାହିଁ କିମ୍ବା କୃଷି ବିଭାଗର ପ୍ରୋତ୍ସାହନ ନାହିଁ। ଚାଷୀଙ୍କ କହିବା ଅନୁସାରେ, ପରିବା ଚାଷ ପାଇଁ ସରକାରୀ ବିହନ ଠିକ୍ ସମୟରେ ମିଳୁନି। ଯଦିବା ମିଳୁଛି ସେଥିରେ ରୋଗ ପୋକ ଧରୁଛି ବୋଲି ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷରେ ପରିବାଦର ବୃଦ୍ଧି ଗ୍ରାହକଙ୍କ ନିମନ୍ତେ ବେଡ଼ି ଉପରେ କୋରଡ଼ା ସଦୃଶ ହୋଇଛି। ବେପାରୀ ଶଙ୍କର୍ଷଣ ସାହୁଙ୍କ କହିବା କଥା ପରିବାଦର ବୃଦ୍ଧି ହୋଇଥିବାରୁ ପର୍ଯ୍ୟାପ୍ତ ପରିମାଣର ରଖିହେଉନି। ପରିବାର ଦର ଉପରେ ନିୟନ୍ତ୍ରଣ ରହୁ ନ ଥିବାରୁ ସାଧାରଣ ଖାଉଟି ପରିବା କିଣିପାରୁ ନାହାନ୍ତି। ଏଥିପ୍ରତି ସରକାର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

ନିରାକାରପୁର,୨୦।୭(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆର୍ଯ୍ୟବିହାର ପରିସରରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର "ମାତୃ ସମ୍ମିଳନୀ' ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ୧୪୩ ଜଣ ମାଆ ଉପସ୍ଥିତ ଥିଲେ। ବିଦ୍ୟାମନ୍ଦିରର ବ୍ୟବସ୍ଥାନୁସାରେ ସର୍ବପ୍ରଥମେ ଉପସ୍ଥିତ ଥିବା ମା' ସବିତା ବିଶ୍ୱାଳ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ବିଦ୍ୟାମନ୍ଦିରର ସମ୍ପାଦକ ବିଭୂତି ଭୂଷଣ ଆଚାର୍ଯ୍ୟ କହିଥିଲେ ଯେ ବିଦ୍ୟାମନ୍ଦିର ଓ ଅଭିଭାବକ ରେଳ ଧାରଣାର ଦୁଇ ପାଖର୍ ଭଳି। ଦୁଇ ରେଳ ଧରଣା ମଧରେ ସୁସମନ୍ୱୟ ରହିଲେ ଶିଶୁର ଶିକ୍ଷା ରୂପକ ଗାଡ଼ି ଦ୍ରୁତ ଗତିରେ ଗଡ଼ିବ, ନଚେତ୍ ରେଳ ଗାଡ଼ି ଲାଇନ୍‌ଚ୍ୟୁତ ହେଲାଭଳି ଶିଶୁର ସାମଗ୍ରିକ ବିକାଶ ହୋଇପାରିବ ନାହିଁ। ଠିକ୍ ସେହିପରି ଅଭିଭାବକ ଓ ବିଦ୍ୟାମନ୍ଦିରର ଦୁଇ ପାର୍ଶ୍ୱରୁ ଗୋଟିଏ ପାର୍ଶ୍ୱର ସହଯୋଗ ଊଣା ହେଲେ ଶିକ୍ଷା, ଶୃଙ୍ଖଳାରେ ବ୍ୟତିକ୍ରମ ଦେଖାଦେବ। ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟା ନଳିନୀ ରଥ ଶିକ୍ଷଣ ପଦ୍ଧତିର ବିଭିନ୍ନ ଧାରାର ଆଲୋଚନା କରି ନିଜର ବକ୍ତବ୍ୟରେ କହିଥିଲେ ଆନନ୍ଦଦାୟୀ ଶିକ୍ଷା ହିଁ ଶିଶୁର ଶିକ୍ଷାବିକାଶରେ ସହଜଲବ୍ଧ ହୋଇଥାଏ। ପରେ ଗୁରୁଜୀ ଗୁରୁମା'ଙ୍କ ଶିକ୍ଷଣ କାଳାଂଶର ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଯାହାକୁ ଉପସ୍ଥିତ ମାଆମାନେ ଆଗ୍ରହର ସହିତ ଭିଡିଓ ଦେଖି ଶିକ୍ଷଣ ସମ୍ବନ୍ଧରେ ଅବଗତ ହୋଇଥିଲେ। ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀରେ ଶିକ୍ଷାଦାନ କରୁଥିବା ସମସ୍ତ ଗୁରୁଜୀ ଗୁରୁମା' ନିଜର ପରିଚୟ ପ୍ରଦାନ କରିବା ସହିତ ଶିକ୍ଷାଦାନ କରୁଥିବା ବିଷୟଗୁଡ଼ିକର ସମ୍ୟକ୍ ସୂଚନା ଦେଇଥିଲେ। ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ବିନୋଦ ବିହାରୀ ସେଠୀ ସଭା ପରିଚାଳନା କରିଥିଲେ ଏବଂ ରୁବିନା ଗୁରୁମା', ତିଳୋତ୍ତମା ଗୁରୁମା', ସୌନ୍ଦର୍ଯ୍ୟା ଗୁରୁମା', ପ୍ରମୋଦିନୀ ଗୁରୁମା', କିଶୋର ଗୁରୁଜୀ, ସର୍ବେଶ୍ୱର ଗୁରୁଜୀ, ମିନତୀ ଗୁରୁମା', ବୈଶାଖୀ ଗୁରୁମା', ଲକ୍ଷ୍ମୀପ୍ରିୟା ଗୁରୁମା', ଶୁଭଶ୍ରୀ ଗୁରୁମା', ଶୁଭଲକ୍ଷ୍ମୀ ଗୁରୁମା' ତଥା ଅନ୍ୟ ସମସ୍ତ ଗୁରୁମା' ସହଯୋଗ କରିଥିଲେ। ଭିଡିଓ ପ୍ରଦର୍ଶନରେ ନିହାର ଗୁରୁଜୀ ଓ ପବିତ୍ର ଗୁରୁଜୀ ସହଯୋଗ କରି କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିଥିଲେ।

ରୋଟାରୀ କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

ବାଲୁଗାଁ,୨୦।୭(ସମିସ): ବାଣପୁର, ବାଲୁଗାଁ ରୋଟାରୀ କ୍ଲବ୍ ପକ୍ଷରୁ ବାଲୁଗାଁର ଅଶୋକନଗରସ୍ଥିତ ଉମାମହେଶ୍ୱର ବଣିକ ସଙ୍ଘ ସଭାଗୃହରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବାଲୁଗାଁ ଆରକ୍ଷୀ ଅଧୀକାରୀ ସଞ୍ଜୟ କୁମାର ପଟ୍ଟନାୟକ ଓ ବାଲୁଗାଁ ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ଖୋର୍ଦ୍ଧା ରକ୍ତ ଭଣ୍ଡାରର ଡାକ୍ତରୀ ଟିମ୍ ଯୋଗଦେଇ ୩୫ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ଶିବିରର ଅଧକ୍ଷ ଡ. ସୁନୀଲ କୁମାର ପଟ୍ଟନାୟକ, କ୍ଲବ୍ ସଭାପତି ସୁନୀଲ କୁମାର ପାତ୍ର, ସମ୍ପାଦକ ହିମାଂଶୁ କୁମାର ପାତ୍ର, ପ୍ରାକ୍ତନ ସଭାପତି ବିଜୟ କୁମାର ନନ୍ଦ, ଡାକ୍ତର ଯୋଗୀନ୍ଦ୍ର ସେନାପତି, ଧୀରେନ୍ଦ୍ରନାଥ ପାତ୍ର, ରବିନାରାୟଣ ନାୟକ, ନନ୍ଦକିଶୋର ମିଶ୍ର, ରବିନାରାୟଣ ପାଲ୍‌ଙ୍କ ସମେତ ସଭ୍ୟ ଡ. ଚିନ୍ତାମଣି ମିଶ୍ର, ରବୀନ୍ଦ୍ରନାଥ ପ୍ରଧାନ, କ୍ୟାପ୍ଟେନ ଭବାନୀ ପ୍ରସାଦ ହୋତା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ପ୍ରକାଶ ଯେ, ରୋଟାରୀ କ୍ଲବ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମର ଅଧକ୍ଷ ଧୀରେନ୍ଦ୍ରନାଥ ପାତ୍ରଙ୍କ ତତ୍ତ୍ୱାବଧାନରେ ବାଣପୁରର ଦୁଇ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲବ୍‌ର ସଦସ୍ୟ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ୫୦ଟି ପିଜୁଳି, ଲେମ୍ବୁ, ଡାଳିମ୍ବ ଆଦି

୩୫ ୟୁନିଟ୍ ରକ୍ତ ସଂଗ୍ରହ

ଫଳଚାରା ରୋପଣ କରିଥିଲେ। ତତ୍‌ସହିତ ବାଣପୁର କୋଟ ବିଦ୍ୟାଧରପୁର ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚଳନା କମିଟି ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଛାତ୍ରଛାତ୍ରୀମାନଙ୍କ ପାଇଁ ଶୁଦ୍ଧ ପାନୀୟଜଳ ଲାଗି ଏକ ଜଳ ବିଶୋଧନାକାରୀ ଯନ୍ତ୍ର ସ୍ଥାପନା କରାଯାଇଥିଲା।

ସୁନ୍ଦରପୁର ୟୁପି ସ୍କୁଲରେ କ୍ଲଷ୍ଟରସ୍ତରୀୟ ବୈଠକ

ଟାଙ୍ଗୀ,୨୦।୭(ସମିସ): ମୁକ୍ତେଶ୍ୱରଦେବ କ୍ଲଷ୍ଟରର ପ୍ରଥମ ମାସିକ ବୈଠକ ଟାଙ୍ଗୀ ବ୍ଲକ୍ ଅଧୀନସ୍ଥ ସୁନ୍ଦରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟମ୍ବଦା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ରୂପେ ପରିଚାଳନା କମିଟି ସଭାପତି ପରମାନନ୍ଦ ପ୍ରଧାନ ଯୋଗଦେଇ ବିଦ୍ୟାଳୟସ୍ତରରେ ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାରଟିଆ ସାହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ତୋଫାନ ନାୟକ, ଲଳିତ ନାରାୟଣ ମହାପାତ୍ର, ଅମିତ୍ ଚକ୍ରବର୍ତ୍ତୀ, ପ୍ରଥମା ଏଜୁକେସନ ଫାଉଣ୍ଡେସନ ଓଡ଼ିଶା ରାଜ୍ୟ ଦକ୍ଷତା ପ୍ରଶିକ୍ଷଣ ସହକର୍ମୀ ହିମାଂଶୁ ପତି, ଖୋର୍ଦ୍ଧା ଜିଲ୍ଲା ଟିମ୍ ଲିଡର ରାକେଶ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ମୁକ୍ତେଶ୍ୱରଦେବ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଜ୍ଜ୍ୱଳା ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସଞ୍ଜୁକ୍ତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଶିଶୁବାଟିକା ଶିକ୍ଷକ ସହାୟକ ପୁସ୍ତିକା ଓ କାର୍ଯ୍ୟ ପୁସ୍ତିକା, ଜୁଲାଇ ମାସର ଶୈକ୍ଷିକ କ୍ୟାଲେଣ୍ଡର, ଶ୍ରେଣୀ ପରିଚାଳନା, ନମୁନା ପାଠ୍ୟଟୀକା, ଆଦର୍ଶ ଶିକ୍ଷାଦାନ କାଳାଂଶ, କାର୍ଯ୍ୟନିର୍ଘଣ୍ଟ, ବିଦ୍ୟାଳୟ ବିକାଶ ଯୋଜନା, ବିଦ୍ୟାଳୟ ସୁରକ୍ଷା ଓ ନିରାପତ୍ତା ଯୋଜନା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଙ୍କା ମହାପାତ୍ର, ମିନତୀ ନାୟକ, ପ୍ରକାଶ ବେହେରା, ଦୀପୁନ ପରିଡ଼ା, ମନୋରମା ସାହୁ, ମୀନାକ୍ଷୀ ବେହେରା, ସୋନାଲୀ ମୁର୍ମୁ, ଅନସୂୟା ବିଶ୍ୱାଳ, ରଶ୍ମିତା ସେଠୀ, ଟିଙ୍କିନା ବାରିକି, ଟୁଲୁ ପ୍ରଧାନ, ବୀଣାପାଣି ବେହେରା, ମଞ୍ଜୁବାଳା ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ଗୀତା ବେହେରା, ଶ୍ରୀୟା ଦେଇ, ବିଭୂତି ଭୂଷଣ ବାରିକ, ସୀତା ଦେଇ, ସବିତା ବାଘସିଂହ, ନମିତା ପାଇକରାୟ, ରୁନି ଜେନା, କାଗଜୀ ମାଝୀ ପ୍ରମୁଖ ସହଯୋଗ କରିଥିଲେ।

ସରସ୍ୱତୀ ଶିଶୁମନ୍ଦିରର ସ୍ୱନକ୍ଷତ୍ର ଦିବସ

ବେଗୁନିଆ,୨୦।୭(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ କଣ୍ଟାବାଡ଼ ସରସ୍ୱତୀ ଶିଶୁମନ୍ଦିରର ସପ୍ତଦଶ ସ୍ୱନକ୍ଷତ୍ର ଦିବସ ଅବସରରେ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଆଚାର୍ଯ୍ୟ ପ୍ରସନ୍ନ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଶିକ୍ଷା ବିକାଶ ସମିତିର ପୂର୍ବ ସମ୍ଭାଗ ସଭାପତି କୁଳମଣି ମିଶ୍ର କର୍ତ୍ତା ଭାବେ ଉପବେସନ କରି ବୈଦିକ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସମ୍ପାଦନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲ୍ଲା ସଙ୍କୁଳ ପ୍ରମୁଖ ତଥା ସାମ୍ବାଦିକ ଡ. ନଳିନୀକାନ୍ତ ପଣ୍ଡା, ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ଦିଲ୍ଲୀପ କୁମାର ପାଣିଗ୍ରାହୀ, କୋଷାଧକ୍ଷ ପ୍ରସନ୍ନ କୁମାର ମହାପାତ୍ର, ବିଦ୍ୱତ୍ ପରିଷଦ ସଭାପତି ବଂଶୀଧର ପାଣିଗ୍ରାହୀ ଓ ସମ୍ପାଦକ ଶ୍ରୀକାନ୍ତ କୁମାର ବାହିନୀପତି ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନଆଚାର୍ଯ୍ୟ ମନୋରଞ୍ଜନ ପଣ୍ଡା ପରିଚାଳନା କରିଥିବାବେଳେ ଆଚାର୍ଯ୍ୟ ସିଦ୍ଧେଶ୍ୱର ବେହେରା ସହଯୋଗ କରିଥିଲେ।

ବାଇକ୍ ଧକ୍କାରେ କାଉଡ଼ିଆ ଆହତ

ଖୋର୍ଦ୍ଧା,୨୦।୭(ସମିସ): ଶିକ୍ଷାଞ୍ଚଳ ଥାନା ଅନ୍ତର୍ଗତ ନିଆଳ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣେ କାଉଡ଼ିଆ ଆହତ ହୋଇଛନ୍ତି। ଏଥିସହିତ ଦୁର୍ଘଟଣା ଘଟାଇଥିବା ବାଇକ୍ ଆରୋହୀ ମଧ ସାମାନ୍ୟ ଆହତ ହୋଇଛନ୍ତି। ଆହତ କାଉଡ଼ିଆ ହେଲେ ଜଟଣୀ ଥାନା ଅନ୍ତର୍ଗତ ବଡ଼ତୋଟାର ଶିବଶଙ୍କର ରାଉତରାୟ (୪୦)। ବାଇକ୍ ଆରୋହୀ ଜଣକ ହେଲେ ମୁକ୍ତାପୁର ଅଞ୍ଚଳର ସୌମେନ୍ଦ୍ର ବେହେରା। ସୂଚନା ଅନୁସାରେ, ଶ୍ରାବଣ ମାସରେ ଶିବଲିଙ୍ଗରେ ଜଳଲାଗି ପାଇଁ ଶିବଶଙ୍କର ମାନସିକ କରି ଯାତ୍ରା ଆରମ୍ଭ କରିଥିଲେ। ସେ ବାଙ୍କୀ ଘାଟରୁ ପାଣି ଧରି ଜଟଣୀ ସୋମନାଥ ଦେବଙ୍କ ପୀଠ ଅଭିମୁଖେ ରବିବାର ସନ୍ଧ୍ୟାରେ ଚାଲିଚାଲି ଆସୁଥିଲେ। ରାତି ପାହିଲେ ଦ୍ୱିତୀୟ ସୋମବାରରେ କରିଥା'ନ୍ତେ ଜଳଲାଗି। ମାତ୍ର ଯାତ୍ରା ସମୟରେ ନିଆଳ ନିକଟରେ ତାଙ୍କର ଦୁର୍ଘଟଣା ଘଟିଥିଲା। ଖୋର୍ଦ୍ଧା ପାର୍ଶ୍ୱରୁ ମୁକ୍ତାପୁର ଅଭିମୁଖେ ଯାଉଥିବା ସୌମେନ୍ଦ୍ରଙ୍କ ବାଇକ୍ ଭାରସାମ୍ୟ ହରାଇ ଶିବଶଙ୍କରଙ୍କୁ ଧକ୍କା ଦେଇଥିଲା। ଏଥିରେ ଶିବଶଙ୍କରଙ୍କ ଗୋଡ଼ରେ ଆଘାତ ଲାଗିଛି। ଘଟଣାସ୍ଥଳରୁ ବାଇକ୍ ଆରୋହୀ ସୌମେନ୍ଦ୍ର ତାଙ୍କୁ ଅଟୋରେ ମେଡିକାଲ ନେଇ ଚିକିତ୍ସା କରାଇଥିବା ଜଣାଯାଇଛି। ଦୁର୍ଘଟଣାରେ ବାଇକ୍ ଆରୋହୀ ସୌମେନ୍ଦ୍ର ମଧ ସାମାନ୍ୟ ଆହତ ହୋଇଛନ୍ତି। ଖବର ପାଇ ପୁଲିସ ପହଞ୍ଚି ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛି।

ପଞ୍ଚସଖା ଶିକ୍ଷାସେତୁ ସଂଗଠନ କମିଟି ଗଠିତ

ଟାଙ୍ଗୀ,୨୦।୭(ସମିସ): ଚିଲିକା ବ୍ଲକ୍ ଅଧୀନସ୍ଥ କାଳୁପଡ଼ାଘାଟ ଦାଶରଥି ନୋଡାଲ ସରକାରୀ ହାଇସ୍କୁଲର ପଞ୍ଚସଖା ଶିକ୍ଷା ସେତୁ କମିଟି ପ୍ରଧାନଶିକ୍ଷକ ରଶ୍ମି ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିବା ଜଣାପଡ଼ିଛି। ଉପସ୍ଥିତ ସଭ୍ୟମାନଙ୍କ ମଧ୍ୟରେ ସହମତି ପ୍ରକାଶ ନ ପାଇବାରୁ ମତଦାନ ପ୍ରକ୍ରିୟାର ଆଶ୍ରୟ ନିଆଯାଇଥିଲା। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବିଜ୍ଞପ୍ତି ଅନୁସାରେ ଶେଷଦେବ ରାୟ ଗୌରବ କମିଟିର ଅଧ୍ୟକ୍ଷ, ଫକୀର ପ୍ରଧାନ ଉପାଧ୍ୟକ୍ଷ ଓ ମହମ୍ମଦ ଅସରତ ଅଲ୍ଲୀ ଉପଦେଷ୍ଟା ରୂପେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

ବରୋଦା ବ୍ୟାଙ୍କର ପ୍ରତିଷ୍ଠା ଦିବସ

ବେଗୁନିଆ,୨୦।୭(ସମିସ): ବେଗୁନିଆ ବ୍ଲକ୍ ଦୁର୍ଗାପୁର ପଞ୍ଚାୟତ ଅନ୍ତର୍ଗତ ଗୁଡୁମ ଗ୍ରାମସ୍ଥିତ ବ୍ୟାଙ୍କ ଅଫ୍ ବରୋଦାର ୧୧୮ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଛି। ଏଥିରେ ଶାଖା ପରିଚାଳକ ରାଜେଶ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଡେପୁଟି ରିଜିଓନାଲ ମ୍ୟାନେଜର ରାଜୀବ ସିହ୍ନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ଗୋଷ୍ଠୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଋଣ ବିତରଣ କରିବା ସହ ବ୍ୟାଙ୍କରେ ଉପଲବ୍ଧ ସୁବିଧା ଉପରେ ମତପ୍ରକାଶ କରିଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀ ଜନ ସୁରକ୍ଷା କ୍ୟାମ୍ପ୍ କରାଯାଇଥିଲା। ପରେ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ୪୨, ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନାରେ ୧୫ ଓ ଅଟଳ ପେନ୍‌ସନ୍ ଯୋଜନାରେ ୪ ଜଣ ନୂତନ ଭାବେ ଅନ୍ତର୍ଭୁକ୍ତ ହୋଇଥିଲେ। ତତ୍‌ସହିତ ଗଜପତି ବୀରକିଶୋର ଦେବ ସରକାରୀ ଉ.ପ୍ରା. ବିଦ୍ୟାଳୟର ଲାଇବ୍ରେରୀ ପାଇଁ ଆଲମିରା ପ୍ରଦାନ କରିଥିଲେ।

ଡିଏଚ୍‌ଏଚ୍ ଖୋର୍ଦ୍ଧା

ବାଇକ୍ ପାର୍କିଂସ୍ଥଳକୁ ମାଡ଼ି ବସିଛନ୍ତି ଘରୋଇ ଆମ୍ବୁଲାନ୍ସ

ଖୋର୍ଦ୍ଧା,୨୦।୭(ସମିସ): ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ଦିଗରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ବିନା ପ୍ରତିବନ୍ଧକରେ ରୋଗୀଟିଏ କିପରି ଡାକ୍ତରଖାନାରେ ପହଞ୍ଚିପାରିବ ତାକୁ ଆଖି ଆଗରେ ରଖି ୧୦୮ ଏବଂ ସରକାରୀ ଆମ୍ବୁଲାନ୍ସ ସେବା ପ୍ରଚଳିତ ହେଉଛି। ଖାଲି ଏତିକିରେ ସରକାରଙ୍କ ପଦକ୍ଷେପ ସୀମିତ ନାହିଁ ବରଂ ଅଗ୍ନିଶମ ଗାଡ଼ି ଏବଂ ଜାତୀୟ ରାଜପଥ ଆମ୍ବୁଲାନ୍ସ ମଧ ବିଭିନ୍ନ ସମୟରେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ପହଞ୍ଚାଇବା ଦାୟିତ୍ୱ ମୁଣ୍ଡକୁ ନେଇଛି। ମାତ୍ର ପରିତାପର ବିଷୟ ଲକ୍ଷାଧିକ ଟଙ୍କା ବ୍ୟୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ବାଇକ୍ ଷ୍ଟାଣ୍ଡ ନିର୍ମାଣ ହୋଇଥିବାବେଳେ ଏହାକୁ ବାଇକ୍ କମ୍ ବରଂ ଘରୋଇ ଆମ୍ବୁଲାନ୍ସ ମାଡ଼ି ବସିଛନ୍ତି। ମେଡିକାଲ ପରିସରରେ ଶତାଧିକ ବାଇକ୍ ରହୁଥିବାବେଳେ ଅନେକ ସମୟରେ ଉକ୍ତ ବାଇକ୍‌ଗୁଡ଼ିକ ଚୋରି ହେଉଛି। ମେଡିକାଲରେ ଚୋରି ରୋକିବାକୁ ଯଦିଓ ପୁଲିସ ନିୟୋଜିତ ଅଛନ୍ତି, ତଥାପି କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁଁ ବାଇକ୍‌ଗୁଡ଼ିକ ଏଣେତେଣେ ରହୁଛି। ଫଳରେ ବେଳକୁ

ବାହାରେ ରହୁଛି ବାଇକ୍; ବଢୁଛି ଚୋରି

ବେଳ ବାଇକ୍ ଚୋରି ବୃଦ୍ଧି ପାଉଛି। ତେଣୁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ବାଇକ୍ ଷ୍ଟାଣ୍ଡ ପରିସରରେ ବାଇକ୍‌ଗୁଡ଼ିକୁ ରଖିବା ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

ସୂଚନାଯୋଗ୍ୟ, ୨୦୦୭ ସେପ୍ଟେମ୍ବର ୨ରେ ୩ କୋଟି ଟଙ୍କା ବ୍ୟୟରେ ପ୍ରାୟ ୨୭ଏକର ପରିମିତ ଜମିରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାପନ କରାଯାଇଥିଲା। ସ୍ଥାପନ ହେବା ଦିନଠାରୁ କୌଣସି ନା କୌଣସି କାରଣଲାଗି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚର୍ଚ୍ଚାରେ ରହିଆସିଛି। କେତେବେଳେ ରୋଗୀଙ୍କୁ ଚିକିତ୍ସା ଅବହେଳା ତ ଆଉ କେତେବେଳେ ବାଇକ୍ ଚୋରି। ମେଡିକାଲରେ ବାଇକ୍ ଚୋରି ରୀତିମତ ଘଟଣା ହେଲାଣି। ମେଡିକାଲ ପରିସରରେ ଲକ୍ଷାଧିକ ଟଙ୍କା ବ୍ୟୟରେ ବାଇକ୍ ଷ୍ଟାଣ୍ଡ ନିର୍ମାଣ କରାଯାଇଛି। ଉକ୍ତ ଷ୍ଟାଣ୍ଡର ଚତୁଃପାଶ୍ୱର୍ ପାଚେରି ବୁଲିଥିବାବେଳେ ଗୋଟିଏ ଗେଟ୍ ରଖାଯାଇଛି। ତନ୍ମଧ୍ୟରେ ମେଡିକାଲ ପକ୍ଷରୁ ଏକ ସିସିଟିଭି ଲଗାଯାଇଥିବା ଜଣାଯାଇଛି। ମାତ୍ର ଉକ୍ତ ପାର୍କିଂସ୍ଥଳରେ ରହୁଛି ଘରୋଇ ଅମ୍ବୁଲାନ୍ସ। ଅଧାରୁ ଅଧିକ ଜାଗାରେ ଆମ୍ବୁଲାନ୍ସ ରହୁଥିବାବେଳେ ଅବଶିଷ୍ଟ ସ୍ଥାନ ଖାଲିପଡୁଛି। ମେଡିକାଲ ପରିସରରେ ଘରୋଇ ଆମ୍ବୁଲାନ୍ସ ନ ରଖିବାକୁ ବିଗତ ଦିନରେ ତତ୍କାଳୀନ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ପରେ କିଛିଦିନ ବାହାରେ ରହୁଥିଲା ଘରୋଇ ଆମ୍ବୁଲାନ୍ସ। କିନ୍ତୁ ଉକ୍ତ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବଦଳିବା ପରେ ମେଡିକାଲ ପରିସରରେ ହୋଇଥିବା ପାର୍କିଂସ୍ଥଳକୁ ଘରୋଇ ଆମ୍ବୁଲାନ୍ସ ସଂଘ ମାଡ଼ି ବସିବା ଫଳରେ ରୋଗୀଙ୍କ ସମ୍ପର୍କୀୟ ରାସ୍ତାର ଦୁଇପାଶ୍ୱର୍ରେ ଗାଡ଼ି ରଖି ଜାମ୍ କରୁଛନ୍ତି। ସକ୍ଷମ ହେଉନାହାନ୍ତି। ସପ୍ତାହେ ମଧ୍ୟରେ ୨ଟି ବାଇକ୍ ଏଠାରୁ ଚୋରି ହୋଇଥିବାବେଳେ ୧ ମାସ ମଧ୍ୟରେ ପ୍ରାୟ ୫/୭ଟି ବାଇକ୍ ଚୋରି ହୋଇଥିବା ଅଭିଯୋଗ ହେଉଛି। ମେଡିକାଲ କର୍ତ୍ତୃପକ୍ଷ ଏନେଇ ପଦକ୍ଷେପ ନେଉ ନ ଥିବାବେଳେ ବାଇକ୍ ଚୋରି କିନ୍ତୁ ପୁଲିସର

ଫଳରେ ମେଡିକାଲକୁ ଆସୁଥିବା ଲୋକଙ୍କ ଯାତାୟାତ ଲାଗି ବିଭିନ୍ନ ସମସ୍ୟା ଉପୁଜୁଛି। ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୁରକ୍ଷା କର୍ମୀ ରଖାଯାଇଥିଲେ ହେଁ ସେମାନେ ମେଡିକାଲ ଆସୁଥିବା ଲୋକଙ୍କୁ ପାର୍କିଂସ୍ଥଳରେ ବାଇକ୍ ରଖିବାକୁ କହୁନଥିବା ଅଭିଯୋଗ ହେଉଛି। ଯିଏ ଯେଉଁଠି ପାଇଲା ସୁବିଧା ହେବା ଭଳି ରାସ୍ତାରେ ଗାଡ଼ି ରଖି ଗଲେ। ଯାହାଫଳରେ ଗାଡ଼ି ଚୋରି ମଧ ବୃଦ୍ଧି ହେଉଥିବା କୁହାଯାଉଛି। ଯଦିଓ ମେଡିକାଲରେ ପୁଲିସ ରହିଛନ୍ତି, ତଥାପି ବାଇକ୍ ଚୋରି ରୋକିବାକୁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ସେପଟେ ବାଇକ୍ ହରାଉଥିବା ଲୋକ ଅବସ୍ଥା ନ କହିଲେ ଭଲ। ତେଣୁ ବାଇକ୍ ପାର୍କିଂସ୍ଥଳରେ ବାଇକ୍ ରଖିବା ଲାଗି ମେଡିକାଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦିଅନ୍ତୁ ବୋଲି ବରିଷ୍ଠ ନାଗରିକ ଦାବି କରିଛନ୍ତି। ସେମାନଙ୍କ କହିବାନୁସାରେ ପାର୍କିଂସ୍ଥଳ ଚାରିପଟେ ପାଚେରି ଓ ସିସିଟିଭି ଲାଗିଥିବାରୁ ବାଇକ୍ ଚୋରି ହେବାର ଆଶଙ୍କା ନାହିଁ। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସଞ୍ଜୟ ଚନ୍ଦ୍ର ରାୟଙ୍କ ଦୃଷ୍ଟି ଆକର୍ଷଣ କରିବାରେ ପଦକ୍ଷେପ ନିଆଯାଉଥିବା ସୂଚନା ଦେଇଛନ୍ତି।

କୁଆଁରିଆ ହରିଣ ପାର୍କ

ବର୍ଷକରେ ହରିଣ ଖାଇଗଲେ ୪୫ ଲକ୍ଷ

ନୟାଗଡ଼/ଦଶପଲ୍ଲା, ୨୦।୭ (ସମିସ)

ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧୀନସ୍ଥ ବାଣିଗୋଛା ପୂର୍ବ ବନାଞ୍ଚଳ ଅଧୀନରେ ରହିଛି ଡିଅର ପାର୍କ। ଏହି ଡିଅର ପାର୍କରେ ହରିଣଙ୍କ ଖାଦ୍ୟ ଓ ରକ୍ଷଣାବେକ୍ଷଣରେ ବ୍ୟାପକ ହେରାଫେରି ହୋଇଥିବା ସନ୍ଦେହ ସୃଷ୍ଟି ହୋଇଛି। ଗୋଟିଏ ବର୍ଷରେ ୪୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ହରିଣଙ୍କ ଖାଦ୍ୟ ଓ ରକ୍ଷଣାବେକ୍ଷଣରେ ଖର୍ଚ୍ଚ ହୋଇଥିବା ସୂଚନା ମିଳିଛି। ଯାହାକୁ ନେଇ ଜନପ୍ରତିନିଧିଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଥିବା ବେଳେ ଦାୟିତ୍ୱରେ ଥିବା ବନପାଳ ମନୋରମା ସ୍ୱାଇଁଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି।

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ କୁଆଁରିଆଠାରେ ୧୯୮୫ ମସିହାରେ ପ୍ରତିଷ୍ଠା ହୋଇଥିଲା ହରିଣ ପାର୍କ। ପୂର୍ବତନ ମନ୍ତ୍ରୀ ତଥା ଦଶପଲ୍ଲା ବିଧାୟକ ହରିହର କରଣଙ୍କ ଉଦ୍ୟମରେ ୭ଟି ହରିଣକୁ ନେଇ ପ୍ରାୟ ୭ ଏକର ଶାଳବଣରେ ଆରମ୍ଭ ହୋଇଥିଲା। ୧୯୮୫ ମସିହାରୁ ୨୦୨୫ ମସିହା ଦୀର୍ଘବର୍ଷ ମଧ୍ୟରେ ହରିଣଙ୍କ ସଂଖ୍ୟା ବୃଦ୍ଧିପାଇ ୨୮୩ରେ ପହଞ୍ଚିଛି। ପ୍ରତିବର୍ଷ କିଛି ହରିଣ ଜନ୍ମ ନେଉଛନ୍ତି ଏବଂ କିଛି ମୃତ୍ୟୁବରଣ କରିଛନ୍ତି। ୨୦୨୦ ମସିହାରେ ମହାନଦୀ ବନ୍ୟପ୍ରାଣୀ ଡିଭିଜନ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାଶଙ୍କ ଉଦ୍ୟମରେ ଏହାର ପୁନଃରୁଦ୍ଧାର କରାଯାଇ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ଏବେ ହରିଣ ପାର୍କରେ ମାଈ ଏବଂ ଅଣ୍ଡିରା ହରିଣ ମିଶି ୨୮୩ଟି ରହିଥିବା ସୂଚନା ମିଳିଛି। ସେମାନଙ୍କ ରକ୍ଷଣାବେକ୍ଷଣରେ ବ୍ୟାପକ ଅବ୍ୟବସ୍ଥା ସହ ହରିଣଙ୍କ ଆଶ୍ରୟ ପାଇଁ ନିର୍ମାଣ କରାଯାଇଥିବା ପାର୍କ ଏବେ ସେମାନଙ୍କ ପାଇଁ ମୃତ୍ୟୁ ଜାଲ ପାଲଟିଛି। କାଳକ୍ରମେ ଶାଳବଣରେ ଥିବା ୯୦ ପ୍ରତିଶତ ଗଛ ବିଲୋପ ଘଟିଥିବା ବେଳେ ଧୁ ଧୁ ଖରାରେ ହରିଣ ଗୁଡ଼ିକ ସିଝୁଛନ୍ତି। ବିଭାଗ ପକ୍ଷରୁ ପ୍ରତି ହରିଣକୁ ଦୈନିକ ଦାନା ଦିଆଯାଉଥିବା ବେଳେ କଞ୍ଚା ଡାଳ ଖାଇବାକୁ

- ବନପାଳଙ୍କ ଭୂମିକା ସନ୍ଦେହ ଘେରରେ
- ଦୀର୍ଘ ବର୍ଷ ଧରି ଜମାଇଛନ୍ତି ଆସ୍ଥାନ
- ହରିଣଙ୍କ ନାଁରେ କର୍ମଚାରୀଙ୍କ ପକେଟ ଗରମ

ଦିଆଯାଉଛି। ପାର୍କ ପରିସରରେ ମାଟି ମଧ୍ୟ ନିୟମିତ ବ୍ୟବଧାନରେ ପରିବର୍ତ୍ତନର ଆବଶ୍ୟକତା ଥିବା ବେଳେ ତାହା କରାଯାଉନଥିବା ଦେଖାଯାଇଛି। ସାମାନ୍ୟ ବର୍ଷାରେ ମାଟିର ଅବସ୍ଥା ଯାହା ହେଉଛି, ହରିଣଙ୍କୁ ସଂକ୍ରମଣ ହେବାର ଆଶଙ୍କା ସୃଷ୍ଟି ହୋଇଛି। ୭ ଏକର ଭୂଖଣ୍ଡ ମଧ୍ୟ କମି ୬ ଏକରରେ ପହଞ୍ଚିଛି। ତାହାର କାରଣ ଜଣାପଡ଼ିନଥିବା ବେଳେ ୨୮୩ ହରିଣଙ୍କ ଚଳପ୍ରଚଳ ପାଇଁ ଏହା ପ୍ରର୍ଯ୍ୟାପ୍ତ ନୁହେଁ ବୋଲି ଜଣାଯାଇଛି। ଆସୁଥିବା ପର୍ଯ୍ୟଟକ ଓ ଦର୍ଶକଙ୍କୁ ଖୁସି କରିବା ପାଇଁ ଜଙ୍ଗଲରେ ଚରି ବୁଲିବା ପ୍ରାଣୀ ଏକ ଆବଦ୍ଧ ଓ ସଂକୀର୍ଣ୍ଣ ଅଞ୍ଚଳରେ ନିଜର ଜୀବନ ବଞ୍ଚାଇବା ପାଇଁ ସଂଗ୍ରାମ କରିବା କେଉଁ ନୀତିର ବିଷୟ ବୋଲି ଅନେକ ପ୍ରଶ୍ନ କରିଛନ୍ତି। ହରିଣ ପାର୍କ ଅଞ୍ଚଳର ସ୍ଥାନ ବୃଦ୍ଧି କିମ୍ବା କିଛି ହରିଣଙ୍କୁ ଜଙ୍ଗଲରେ ଛାଡ଼ିବାର ବ୍ୟବସ୍ଥା ଆପଣା ଯିବା ବଦଳରେ ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଏହାକୁ ନିଜ ସ୍ୱାର୍ଥ ପାଇଁ ବ୍ୟବହାର କରୁଛି। ହରିଣଙ୍କ ରକ୍ଷଣାବେକ୍ଷଣ ଏବଂ ଖାଦ୍ୟପେୟ ବାବଦରେ ସିଂହଭାଗ ଚଳୁ କରାଯାଉଥିବା ଅଭିଯୋଗ ହେଉଛି। ୨୦୨୪ ମସିହା ମାର୍ଚ୍ଚରୁ ୨୦୨୫ ମସିହା ମଧ୍ୟରେ ହରିଣଙ୍କ ଖାଦ୍ୟ (ଦାନା) ବାବଦରେ ୨୬ ଲକ୍ଷ ଟଙ୍କା ବ୍ୟୟ କରାଯାଇଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଏହି ଖାଦ୍ୟ ସରକାରୀ ଅନୁଷ୍ଠାନ ଓପେଲଫେଡ୍‌ଠାରୁ କ୍ରୟ କରାଯାଇଥିବା ସୂଚନା ମିଳିଛି। ସେହିଭଳି ଭାବେ ବର୍ଷକ ମଧ୍ୟରେ ହରିଣଙ୍କ ଔଷଧ ବାବଦରେ ୬୦ ହଜାର ଟଙ୍କା ବ୍ୟୟ କରାଯାଇଥିବା ବେଳେ କଞ୍ଚା ଡାଳ ସଂଗ୍ରହ ଏବଂ ୧୦ ଜଣ ଜଗୁଆଳୀଙ୍କ ବେତନ ବାବଦକୁ ୧୮ ଲକ୍ଷ ୪୨ ହଜାର ଟଙ୍କା ବ୍ୟୟ କରାଯାଇଛି। ଗୋଟିଏ ବର୍ଷ ମଧ୍ୟରେ ୪୫ ଲକ୍ଷ ୨ ହଜାର ଟଙ୍କା ବ୍ୟୟ ହୋଇଥିବା ବେଳେ ଏହା କେବଳ କାଗଜପତ୍ରରେ କରାଯାଇଥିବା ଦଶପଲ୍ଲାର ଅନେକ ଜନପ୍ରତିନିଧି ଅଭିଯୋଗ କରିଛନ୍ତି। ହରିଣଙ୍କ ଖାଦ୍ୟ ବାବଦରେ ହୋଇଥିବା ବ୍ୟୟ ବରାଦରୁ ସିଂହଭାଗ ବନପାଳ ଏବଂ ଅନ୍ୟାନ କର୍ମଚାରୀ ମିଶି ଚଳୁ କରୁଥିବା ଅଭିଯୋଗ ହୋଇଛି। ଭିଜିଲାନ୍ସ ବିଭାଗ ଏହାର ତଦନ୍ତ କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ଏଠାରେ କାର୍ଯ୍ୟରତ ବନପାଳ ମନୋରମା ସ୍ୱାଇଁ ଦୀର୍ଘ ବର୍ଷ ଧରି ଗୋଟିଏ ସ୍ଥାନରେ ଅବସ୍ଥାପିତ ହେବାର କାରଣ କ'ଣ ବୋଲି ପ୍ରଶ୍ନ ଉଠିଛି। ବନରକ୍ଷୀ ସମୟରେ ସେ ଏହି ସ୍ଥାନରେ କାର୍ଯ୍ୟ କରୁଥିବା ବେଳେ ବନପାଳ ପରେ ବି ତାଙ୍କର ବଦଳି କରାଯାଇନାହିଁ। ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ଛତ୍ରଛାୟା ତଳେ ଏହି କେଲେଙ୍କାରୀ ହୋଇଥିବା ଆଲୋଚନା ହେଉଛି। ତୁରନ୍ତ ବନପାଳଙ୍କ ବଦଳି ସହ ହରିଣଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦେବାକୁ ଦାବି ହେଉଛି। ନତୁବା ଉଚ୍ଚ ନ୍ୟାୟାଳୟରେ ମାମଲା କରାଯିବ ବୋଲି ଦଶପଲ୍ଲା ଅଞ୍ଚଳର ଜଣେ ସମାଜସେବୀ ମତ ବ୍ୟକ୍ତ କରିଛନ୍ତି।

ଲଙ୍କାପୋଡ଼ି ଯାତ୍ରା ପାଇଁ ୧୦ ଲକ୍ଷ ମଞ୍ଜୁରୀ

ଦଶପଲ୍ଲା, ୨୦।୭ (ସମିସ): ଦଶପଲ୍ଲା ମହାବୀର କ୍ଷେତ୍ର ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ଓଡ଼ିଶାର ସର୍ବପ୍ରଥମ ବିସ୍ତୃତ ତଥା ମୁକ୍ତ ମଞ୍ଚ ଅଭିନୟ। ଏହି ଯାତ୍ରା ୧୭୫୩ ମସିହାରେ ଆରମ୍ଭ ହୋଇଥିଲା। ମାତ୍ର ୧୮୦୨ ମସିହାରୁ ଏହା ବିଶେଷ ରୂପ ନେଇ ଦେଢ଼ କିମି ଅଞ୍ଚଳରେ ୫ଟି ମଞ୍ଚରେ ଏହା ଅଭିନୀତ ହୁଏ। ପ୍ରାକ୍ ସ୍ୱାଧୀନତା କାଳରେ ଏହା ରାଜାଙ୍କ ଦ୍ୱାରା ପ୍ରାୟୋଜିତ ହେଉଥିଲା। ମାତ୍ର ଏହା ଏବେ ଉତ୍ସାହୀ ଲୋକ ଓ ଭକ୍ତଙ୍କ ସହଯୋଗରେ ଚାଲିଛି। ଏହି ପ୍ରାଚୀନ ସାଂସ୍କୃତିକ ଉତ୍ସବକୁ ଆର୍ଥିକ ଅନୁଦାନ ଦେବାକୁ ଦଶପଲ୍ଲା ବିଧାୟକ ଦୁଇ ଥର ବିଧାନସଭାରେ ପ୍ରଶ୍ନ କାଳରେ ଉତଥାପନ କରିଥିଲେ। ଚଳିତବର୍ଷ କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀଙ୍କ ପ୍ରତ୍ୟେକ୍ଷ ସହଯୋଗ ଓ ସହଭାଗିତାରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀଙ୍କ ପରିଦର୍ଶନ କାଳରେ ଆର୍ଥିକ ଅନୁଦାନ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସରକାର ଲଙ୍କାପୋଡ଼ି ଯାତ୍ରା ପାଇଁ ୧୦ ଲକ୍ଷ ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଥିବାରୁ ଦଶପଲ୍ଲା ଲଙ୍କାପୋଡି ଯାତ୍ରା କମିଟି, ଜନସଧାରଣ ଓଡ଼ିଶା ସରକାର ଓ ସଂସ୍କୃତି ବିଭାଗ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।

କୁଞ୍ଜ ବିହାରୀ ନୋଡାଲ ବିଦ୍ୟାଳୟର ପ୍ରତିଷ୍ଠା ଦିବସ

କଣ୍ଟିଲୋ, ୨୦।୭ (ସମିସ): ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ କୁଞ୍ଜ ବିହାରୀ ନୋଡାଲ ବିଦ୍ୟାଳୟ ୬୧ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀମାନେ ଶ୍ରୀ ନୀଳମାଧବ ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରି ବିଦ୍ୟାଳୟ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କର ମଙ୍ଗଳ କାମନା କରିଥିଲେ। ଏହି ଅବସରରେ ଆୟୋଜିତ ଏକ ସଭାରେ ବିଦ୍ୟାଳୟ ଜନ୍ମଦିନ ଉପଲକ୍ଷେ ପ୍ରଧାନଶିକ୍ଷକ ଓ ଅତିଥିମାନେ ଛାତ୍ରୀଙ୍କ ଉପସ୍ଥିତିରେ କେକ୍ କାଟି ଖୁସି ମନାଇଥିଲେ। ଛାତ୍ରୀଙ୍କ ଦ୍ୱାରା ବିଜ୍ଞାନ ସମ୍ବନ୍ଧୀୟ ୧୦ ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶ୍ରୀନୀଳମାଧବ ରୁ ଶ୍ରୀଜଗନ୍ନାଥ ରୂପାନ୍ତର ସହ ଶ୍ରୀଜଗନ୍ନାଥଙ୍କର ୩୨ ପ୍ରକାର ବେଶ ପ୍ରଦର୍ଶିତ ହୋଇଥିଲା। ଅପରପକ୍ଷରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅତିଥିଙ୍କ ଦ୍ୱାରା ବିଦ୍ୟାଳୟ ପ୍ରତିଷ୍ଠାତା କୁଞ୍ଜବିହାରୀ ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଶ୍ରୀନିବାସ ପଣ୍ଡା ସଭାପତିତ୍ୱ କରିଥିଲା ବେଳେ ମୁଖ୍ୟଅତିଥି ଭାବେ ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି, ସମ୍ମାନିତ ଅତିଥି ଭାବେ କଣ୍ଟିଲୋ ଜୋନ ଜିଲ୍ଲା ପରିଷଦ ସଭ୍ୟା ଉଜ୍ଜ୍ୱଳ ମହାରଣା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ସାହୁ, କଣ୍ଟିଲୋ ସରପଞ୍ଚ ଶ୍ରୀଯାରାଣୀ ବେହେରା, ପୂର୍ବତନ ପ୍ରଧାନ ଶିକ୍ଷକ ରାଜକିଶୋର ପଣ୍ଡା, ପରିଚାଳନା କମିଟି ସଭ୍ୟ ସରୋଜ କୁମାର ମିଶ୍ର, ଆଶାମଣି ପାଣି, ଜଗନ୍ନାଥ ବେହେରା ଓ ସୁବଳ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ନିରଞ୍ଜନ କଦମସେଠ୍ ସଂଯୋଜନା କରିଥିଲେ।

ଅବସରପ୍ରାପ୍ତ ଶିକ୍ଷକଙ୍କ ବୃକ୍ଷରୋପଣ

ନୟାଗଡ଼, ୨୦।୭ (ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଗ୍ରାମ ପଞ୍ଚାୟତର ଅବସର ପ୍ରାପ୍ତ ଶିକ୍ଷକ ସଂଘର ସମ୍ପାଦକ ରାଜ କିଶୋର ନାୟକଙ୍କ ତତ୍ତ୍ୱାବଧାନରେ ବଂଶୀଧର ଡିଗ୍ରୀ ମହାବିଦ୍ୟାଳୟ ନିକଟସ୍ଥ କେନାଲ ହୁଡ଼ାରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୋଡିଏରୁ ଊର୍ଦ୍ଧ୍ୱ ଅବସରପ୍ରାପ୍ତ ଶିକ୍ଷକ ଏକତ୍ରିତ ହୋଇ ବଉଳ, ଅଶୋକ, ଆମ୍ବ, ଓ ଗଙ୍ଗ ଶିଉଳି ଗଛ ଲଗାଇଥିଲେ। ତ୍ରିନାଥ ସାଥୁଆ, ପ୍ରସନ୍ନ କୁମାର ଦାଶ, ରବି ନାରାୟଣ ପାତ୍ର, ଲକ୍ଷ୍ମୀଧର ସାମନ୍ତରାୟ, ପ୍ରଦୀପ୍ତ ସାହୁ, ଦେବପ୍ରସାଦ ଜେନା, ଡ. ସୁକାନ୍ତି ମହାନ୍ତି, ପ୍ରକାଶ ପଟ୍ଟନାୟକ, ବୃନ୍ଦାବନ ପରିଡ଼ା, ନକୁଳ ଦାସ, ସୁରେନ୍ଦ୍ର ମଲ୍ଲ, ଶ୍ୟାମ ପାତ୍ର, ଅର୍ଜ୍ଜୁନ ସାଥୁଆ, କିଶୋର ମିଶ୍ର, ସତ୍ୟବାଦୀ ସିଂ, ରମେଶ ପୃଷ୍ଟି, ଦେବରାଜ ଷଡ଼ଙ୍ଗୀ ଇତ୍ୟାଦି ଉପସ୍ଥିତ ରହି ସହଯୋଗ କରିଥିଲେ।

ବସନ୍ତ କୁମାର ବିଦ୍ୟାପୀଠ

ଅବସର ପରେ ହେଉନି ପଦବୀ ପୂରଣ

କଣ୍ଟିଲୋ, ୨୦।୭ (ସମିସ): ଖଣ୍ଡପଡ଼ା ବ୍ଲକ ବଡ଼ବାଣପୁର ଗ୍ରାମ ବସନ୍ତ କୁମାର ବିଦ୍ୟାପୀଠରେ କର୍ମଚାରୀ ଅଭାବ ଯୋଗୁଁ ଶିକ୍ଷା ଦାନ ତଥା ବିଦ୍ୟାଳୟ ପରିଚାଳନାରେ ଅଚଳାବସ୍ଥା ଦେଖାଦେଇଛି। ୧୯୮୯ରେ ପ୍ରତିଷ୍ଠିତ ବିଦ୍ୟାଳୟରେ ୮ ଜଣ ଶିକ୍ଷକ ୩ ଜଣ ପିଅନ ଓ ଜଣେ କିରାଣୀ ସମୁଦାୟ ୧୨ ଜଣ କର୍ମଚାରୀ ନିୟୋଜିତ ହୋଇଥିଲେ। ଗତ ୨ ବର୍ଷ ମଧ୍ୟରେ ୩ ଜଣ ଶିକ୍ଷକଙ୍କ ସମେତ ଜଣେ ପିଅନ ଏବଂ ଗତ ଜୁନରେ କିରାଣି ମଧ୍ୟ ଅବସର ଗ୍ରହଣ କରିଛନ୍ତି। ୫ ଜଣ କର୍ମଚାରୀଙ୍କ ଅବସର ଯୋଗୁଁ ଶିକ୍ଷାଦାନ ଗଭୀର ପ୍ରଭାବିତ ହେବା ସହ ବିଦ୍ୟାଳୟ ପରିଚାଳନାରେ ମଧ୍ୟ ଅସୁବିଧା ହେଉଛି। ନୂତନ ଅନୁଦାନ ପ୍ରାପ୍ତ ହାଇସ୍କୁଲ ଭାବେ ପରିଗଣିତ ଏହି ହାଇସ୍କୁଲରେ ଶିକ୍ଷକ ପଦବୀ ନିମନ୍ତେ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପ୍ରଧାନ ପ୍ରଶାସନକୁ ଜଣାଇଛନ୍ତି। ମାତ୍ର ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନାହିଁ ଏବଂ ଗୋଟିଏ ବି ପଦବୀ ପୂରଣ ହୋଇନାହିଁ। ସରକାର ସମସ୍ତ ଶିକ୍ଷକ ଅଭାବ ପୂରଣ କଥା କହୁଥିବା ବେଳେ ତୁରନ୍ତ ପଞ୍ଚାୟତ ଏକମାତ୍ର ହାଇସ୍କୁଲରେ ଶିକ୍ଷକ ନିୟୋଜିତ କରାଯିବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି।

୧୨ କର୍ମଚାରୀରୁ ୫ ନେଲେଣି ଅବସର

ମହିଳାଙ୍କୁ ଅପହରଣ ଉଦ୍ୟମ; ଜଣେ ଗିରଫ

ଓଡ଼ଗାଁ, ୨୦।୭ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା କୁସୁମ ବାଙ୍କତରା ଛକରେ ଜଣେ ମହିଳାଙ୍କୁ ଉଠାଇ ନେବାକୁ ଉଦ୍ୟମ କରୁଥିବା ଅଭିଯୋଗରେ କାରଚାଳକ କୁରୁମବାଙ୍କତରା ଗାଁର ପ୍ରଫୁଲ୍ଲ କୁମାର ବାରିକଙ୍କୁ ଓଡ଼ଗାଁ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମହିଳା ଜଣକ ଗତ ୧୮ ତାରିଖ ରାତିରେ ନିଜ ସ୍କୁଟିରେ ଘରକୁ ଫେରୁଥିବା ବେଳେ ୮ ସମୟରେ କୁରୁମବାଙ୍କତରା ଛକରେ କାର ଚାଳକ ଜଣକ ତାଙ୍କୁ ଅଟକାଇଥିଲେ। ଅନ୍ୟ ୩ ଜଣ କାରମଧ୍ୟରୁ ବାହାରି ପ୍ରଥମେ ସ୍କୁଟି ଚାବି ନେଇଯିବା ସହିତ ମହିଳା ଜଣଙ୍କୁ କାରକୁ ଉଠାଇ ନେଉଥିବା ସମୟରେ ଜଣେ ଭଦ୍ରଲୋକ ଆସି ଘଟଣା ସ୍ଥଳରେ ପହଞ୍ଚି ଯିବାରୁ ସେମାନେ ମହିଳାଙ୍କୁ ଛାଡ଼ିଦେଇ ଚାଲି ଯାଇଥିଲେ। ଏନେଇ ଓଡ଼ଗାଁ ଥାନାରେ ଅଭିଯୋଗ ହୋଇଥିଲା। ଓଡ଼ଗାଁ ପୁଲିସ ମାମଲା ରୁଜୁ କରି କାର ଚାଳକକୁ ଗିରଫ କରିଥିଲେ। ଅଭିଯୋଗକାରୀ ଓ ଅଭିଯୁକ୍ତ ଗୋଟିଏ ଗାଁର। ଉଭୟ ଉଭୟଙ୍କୁ ଜାଣନ୍ତି। ରାତି ୮ ସମୟରେ ଛକରେ ଦେଖାହେବା ଯୋଗୁଁ ଗିରଫ କାର ଚାଳକ ଭଲମନ୍ଦ ପଚାରିବାକୁ ମହିଳାଙ୍କ ନିକଟକୁ ଯାଇଥିଲେ ବୋଲି ତଦନ୍ତ ବେଳେ ପୁଲିସକୁ ନିଜର ବୟାନ ଦେଇଥିଲେ।

ପଞ୍ଚାୟତ ମନିଟରିଂ କାର୍ଯ୍ୟକ୍ରମ

ଗଣିଆ, ୨୦।୭ (ସମିସ): କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ତରଫରୁ ଗଣିଆ ବ୍ଲକର ୩ଟି ପଞ୍ଚାୟତ ମନିଟରିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟରୁ ଆସିଥିବା ଟିମ୍ ପ୍ରଥମେ ଆଡକଟା, କରଡାପଡ଼ା ଏବଂ ଗଣିଆ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟ ତରଫରୁ ବିଭିନ୍ନ ବିଭାଗକୁ ଆସୁଥିବା କାର୍ଯ୍ୟ ସମ୍ପର୍କରେ ସେମାନେ ତଦାରଖ କରିଥିଲେ। କାଗଜପତ୍ର ଯାଞ୍ଚ କରିବା ସହିତ ପଞ୍ଚାୟତର ଜନସାଧାରଣଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ସାମାଜିକ ସୁରକ୍ଷା ବିଭାଗ, ମିଶନ ଶକ୍ତି, ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କେନ୍ଦ୍ରରୁ ଆସୁଥିବା ଅର୍ଥ କିଭଳି ବିନିଯୋଗ ହୋଇପାରିଛି ସେ ସମ୍ପର୍କରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରାଳୟର ଜୟନ୍ତ କୁମାର ଚକ୍ରବର୍ତ୍ତୀ, ମନୋରଞ୍ଜନ ସାହୁ ଯୋଗ ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ବିଡ଼ିଓ ରତନଲାଲ ଲୋହରା, ଗଣିଆ ସରପଞ୍ଚ ଗିରିଧାରୀ ସେଠୀ, ମିଶନ ଶକ୍ତି ସଂଯୋଜକ ଅମ୍ବିକା ମିଶ୍ର, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ କୁମାର ନାୟକ, କନିଷ୍ଠ ଯନ୍ତ୍ରୀ, କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ପୌର ପରିଷଦ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ

ରାତି ଅଧରେ ଉଠାଇ ନିଆଗଲା ଗାଈ

ବଜାରରେ ଗାଇ ଛାଡୁଥିଲେ ସାବଧାନ

ନୟାଗଡ଼, ୨୦।୭ (ସମିସ): ନୟାଗଡ଼ ସହରରେ ଗାଇ ଗୋରୁଙ୍କୁ ଛାଡ଼ି ଦିଆଯିବା ଦ୍ୱାରା ଟ୍ରାଫିକ ସମସ୍ୟା ଉପୁଜୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏନେଇ ସୋସିଆଲ ମିଡିଆଠାରୁ ଗଣମାଧ୍ୟମ ପର୍ଯ୍ୟନ୍ତ ସ୍ୱର ଉଠିବା ପରେ ପୌର ପରିଷଦ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ସ୍ନେହଲତା ଆଚାର୍ଯ୍ୟଙ୍କ ନିର୍ଦ୍ଦେଶରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ପ୍ରଶିକ୍ଷିତ ଗୋପାଳକଙ୍କୁ ସହାୟତାରେ ଗୋ ଉଦ୍ଧାର କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଶନିବାର ରାତିରେ ୧୮ରୁ ଊର୍ଦ୍ଧ୍ୱ ଗାଈଙ୍କୁ ସହରର ବିଭିନ୍ନ ସ୍ଥାନରୁ ଉଦ୍ଧାର କରାଯାଇଥିବା ସୂଚନା ମିଳିଛି। ଗାଈ ଗୁଡ଼ିକୁ ନିକଟସ୍ଥ ଗୋଶାଳାରେ ରଖାଯାଇଥିବା ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ବାରମ୍ବାର ତାଗିଦ ପରେ ବି ଗାଈ ମାଲିକମାନେ ବେଫିକର ଭାବେ ସହର ମଝିକୁ ଗାଈ ଛାଡ଼ି ଦେଉଥିଲେ। ଏନେଇ ମାଇକ ଯୋଗେ ପ୍ରଚାର କରାଯିବା ପରେ ବି ପରିସ୍ଥିତି ସୁଧୁରୁନଥିଲା। ନୟାଗଡ଼ରେ ଗାଇ ଗୋରୁଙ୍କ ପାଇଁ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାକୁ ନେଇ ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀ ମଧ୍ୟ ଚିନ୍ତା ବ୍ୟକ୍ତ କରିଥିଲେ। ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୌର ପରିଷଦକୁ ପରାମର୍ଶ ଦେଇଥିଲେ। ଏସ୍‌ପିଙ୍କ ପରାମର୍ଶ କ୍ରମରେ ପୌର ପରିଷଦ ଗୋ ଉଦ୍ଧାର ଅଭିଯାନ ଆରମ୍ଭ କରିଛି। ଯାହାକୁ ନେଇ ନୟାଗଡ଼ ସହରରେ ବେଫିକର ଭାବେ ଗାଇ ଗୋରୁ ଛାଡୁଥିବା ବ୍ୟକ୍ତିମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଉଦ୍ଧାର କରାଯାଇଥିବା ଗାଇ ଗୁଡ଼ିକ ଛାଡ଼ିବା ପାଇଁ ବିଭିନ୍ନ ମହଲରୁ ପୌର ପରିଷଦ ଉପରେ ଚାପ ପକା ଯାଉଥିବା ଜଣାପଡ଼ିଛି। ପୌର ପରିଷଦ ଅମାନିଆଙ୍କୁ ବାଟକୁ ଆଣିବା ପାଇଁ କୌଣସି ପ୍ରକାର ବୁଝାମଣା କରିବା ସ୍ଥିତିରେ ନଥିବା ଜଣାପଡ଼ିଛି। ପୁନର୍ବାର ଗାଇ ଗୁଡ଼ିକ ସହର ମଧ୍ୟକୁ ଛାଡ଼ିଲେ ପୌର ପରିଷଦ ଜରିମାନା କରିବା ସହ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରିବ ବୋଲି ସୂଚନା ମିଳିଛି।

ଅଟୋକୁ ଧକ୍କା ଦେଲା ପିକ୍‌ଅପ୍ ଭ୍ୟାନ୍

ଜଣେ କାଉଡ଼ିଆ ମୃତ; ୭ ଆହତ

ନୟାଗଡ଼/ଶରଣକୁଳ, ୨୦।୭ (ସମିସ): ଶ୍ରାବଣର ଦ୍ୱିତୀୟ ସୋମବାରରେ ଶରଣକୁଳ ଲଡୁବାବାଙ୍କ ପୀଠକୁ ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର କାଉଡିଆ ଜଳ ଢାଳିବା ପାଇଁ ଆସୁଥିବା ବେଳେ ଦୁର୍ଘଟଣାରେ ଜଣେ କାଉଡ଼ିଆଙ୍କ ମୃତ୍ୟୁ ଘଟିଛି। ଅନ୍ୟ ସାତଜଣ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଶରଣକୁଳ ଥାନା ଅନ୍ତର୍ଗତ କଲ୍ୟାଣପୁର ସ୍କୁଲ ନିକଟରେ ରବିବାର ଭୋର ପ୍ରାୟ ୩ଟା ସମୟରେ ସାତ ଜଣ କାଉଡ଼ିଆଙ୍କୁ ନେଇ ନୟାଗଡ଼ ପଟୁ ଆସୁଥିବା ଏକ ଅଟୋ ରିକ୍ସା ସହିତ ବିପରୀତ ଦିଗରୁ ଆସୁଥିବା ଏକ ପିକଅପ୍ ଭ୍ୟାନ ମୁହାଁ ମୁହିଁ ଧକ୍କା ହୋଇଥିଲା। ଫଳରେ ଜଣେ ମହିଳା କାଉଡିଆ ମୃତ୍ୟୁବରଣ କରିଛି। ମୃତ କାଉଡିଆ ହେଲେ ଶରଣକୁଳ ନିକଟସ୍ଥ କଟରାଝରି ଗ୍ରାମର ପୂଜା ସ୍ୱାଇଁ (୨୩)। ସେ କଣ୍ଟିଲୋ ମହାନଦୀରୁ ପାଣିଆଣି ଲଡୁବାବାଙ୍କ ଉପରେ ଢାଳିବା ପାଇଁ ଶନିବାରଠାରୁ ଯାଇଥିଲେ। ପାଣି ଭାର ନେଇ ଆସୁଥିବା ବେଳେ କ୍ଲାନ୍ତ ହୋଇଯାଇଥିଲେ। ନୟାଗଡ଼ ପାଣିପୋଇଲାଠାରୁ ଅଟୋରେ ବସି ଅନ୍ୟ କାଉଡିଆଙ୍କ ସହିତ ଆସୁଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟ ସାତଜଣ ହେଲେ ଖୋର୍ଦ୍ଧା ସ୍ୱପ୍ନେଶ୍ୱରପୁର ଗ୍ରାମର ଗୀତାଞ୍ଜଳୀ ସୁନ୍ଦରାୟ, ବଡଦେଶ ହରିପୁର ଗ୍ରାମର ଝରଣା ପ୍ରଧାନ ଓ ଦୀପକ ପ୍ରଧାନ, କଟକ ଜିଲ୍ଲା ନରସିଂହପୁରର ରିଙ୍କି ଗୁରୁ, ମଗରବନ୍ଧ ପଞ୍ଚାୟତ ବିଟଳଗାଡ଼ିଆର ରମା ଦାସ, ସିଙ୍ଗାରପୁର ଗ୍ରାମର ସାହିଲ ପ୍ରଧାନ ଓ ନୟାଗଡ଼ ପାଣିପୋଇଲା ଗ୍ରାମର ଅଟୋ ଚାଳକ ଘନଶ୍ୟାମ

ପଡ଼ିଆରୀ। ଖବରପାଇ ଘଟଣାସ୍ଥଳରେ ଶରଣକୁଳ ପୁଲିସ ପହଞ୍ଚି ଅଟୋ ଜବତ କରିବା ସହିତ ଆହତଙ୍କୁ ଚିକିତ୍ସା ପାଇଁ ପଠାଇଛି। ଦୁର୍ଘଟଣା ଘଟାଇଥିବା ପିକଅପ ଭ୍ୟାନଟି ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ଦୁର୍ଘଟଣା ଘଟେଇଥିବା ପିକଅପ ଭ୍ୟାନକୁ ଧରିବା ପାଇଁ ଚଢ଼ଉ ଜାରି ରଖିଛି।

'ସେଇ ଝିଅ ଶିବାନୀ' ଉପନ୍ୟାସର ପାଠକୀୟ ଚର୍ଚ୍ଚା

'ସାହିତ୍ୟ ହିଁ ସାମାଜିକ ସ୍ରୋତର ମୋଡ଼ ପରିବର୍ତ୍ତନ କରେ'

ନୟାଗଡ଼, ୨୦।୭ (ସମିସ)

ସାହିତ୍ୟ ହେଉଛି ସମାଜର ଦର୍ପଣ। ପ୍ରଗତିଶୀଳ ସମାଜଧର୍ମୀ ସାହିତ୍ୟ ହିଁ ସାମାଜିକ ସ୍ରୋତରେ ମୋଡ଼ ପରିବର୍ତ୍ତନ କରି ଦେଇପାରେ। ବିଶ୍ୱନାଥ ମହାପାତ୍ରଙ୍କ ରଚିତ ଉପନ୍ୟାସ ଗୁଡିକ ସାଧାରଣ ମଣିଷର ଭାବକୁ ନେଇ ପରିପୁଷ୍ଟ। 'ସେଇ ଝିଅ ଶିବାନୀ' ଉପନ୍ୟାସ ନାରୀ ସଶକ୍ତୀକରଣ, ଶୋଷଣବାଦୀ ସମାଜ ବ୍ୟବସ୍ଥାର ବିଭତ୍ସ ବିରୂପ, ସମ୍ବେଦନଶୀଳ ନାରୀ ମନର କଥା ଓ ଗାଥା। ତତ୍‌ସହିତ କାଳକ୍ରମେ ହଜି ଯାଉଥିବା ଶବ୍ଦମାନଙ୍କୁ ପ୍ରୟୋଗ କରି ପାଠକୀୟ ଉତ୍କଣ୍ଠାର ସୁପରିବାହି ମସଲାରେ ଭରପୂର ବୋଲି ମତବ୍ୟକ୍ତ କରଛନ୍ତି ବିଧାୟକ ତଥା ସାହିତ୍ୟିକ ଡ. ଅରୁଣ କୁମାର ସାହୁ। ନୟାଗଡ଼ ପଞ୍ଚାୟତ ସମିତି ସଭାକକ୍ଷରେ ସମାଜସେବୀ ପ୍ରମୋଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ସଭାରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ ନାଟ୍ୟ ଭୁଷଣ ଡ. ବିଜୟ କୁମାର ଚୌଧୁରୀ। ପ୍ରଖ୍ୟାତ ନାଟ୍ୟକାର ପ୍ରଫେସର ରାମଚନ୍ଦ୍ର ମିଶ୍ର ପୁସ୍ତକଟିର ପାଠକୀୟ ଉତ୍କଣ୍ଠା ଉପରେ ଭାବପୂର୍ଣ୍ଣ ଟିପ୍ପଣୀ ଦେଇଥିଲେ। ଆକାଶବାଣୀର ଉଦଘୋଷକ ଜଗନ୍ନାଥ ମଲ୍ଲିକ ଅତିଥି ଭାବେ ଯୋଗ ଦେଇଥିଲେ। ପୁସ୍ତକର ପ୍ରକାଶକ ଶରତ ଚନ୍ଦ୍ର ବେହେରା ପ୍ରଥମେ ସ୍ୱାଗତ ଅଭିଭାଷଣ ପ୍ରଦାନ କଲା ପରେ ସାହିତ୍ୟିକ ପ୍ରିୟମ୍ବଦା ଦାଶ, ଡ. କୈଳାସ ଚନ୍ଦ୍ର ବାଣ୍ଡ, ନାରାୟଣ ଶୁକ୍ଲା, ସନ୍ତୋଷ କୁମାର ସାହୁ, ନବକିଶୋର ସାମନ୍ତରାୟ, ଲେଖକ ପରିଷଦ ସମ୍ପାଦକ ଏସ୍‌ଏ ଖାଲିକ୍ ପ୍ରମୁଖ ପାଠକୀୟ ଚର୍ଚ୍ଚାରେ ଭାଗ ନେଇଥିଲେ। ସାହିତ୍ୟ କୃତି ପାଇଁ ଅନୁଷ୍ଠାନ ପକ୍ଷରୁ ବିଶିଷ୍ଟ କବି ଓ ସାହିତ୍ୟିକ ଅଧ୍ୟାପକ ନବକିଶୋର ସାମନ୍ତରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଲେଖକ ବିଶ୍ୱନାଥ ମହାପାତ୍ର ନିଜର ଅଭିବ୍ୟକ୍ତି ଛଳରେ ନୟାଗଡ଼ ଜିଲ୍ଲାର ସାହିତ୍ୟ ସାଧକଙ୍କୁ ନିରୁତା, ନିର୍ଭୀକ ଓ ପ୍ରଗତିଶୀଳ ସାହିତ୍ୟ ସୃଷ୍ଟି କରିବା ପାଇଁ ଆବେଗଭରା ନିବେଦନ ରଖିଥିଲେ। କବି ଗୋପୀନାଥ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଲେଖକଙ୍କର ଚର୍ଚ୍ଚିତ ଉପନ୍ୟାସ 'ଯୁଗାନ୍ତକାରୀ ଜାରାଦ' ପଞ୍ଚମ ସଂସ୍କରଣ ଲୋକାର୍ପିତ ହୋଇଥିଲା।

ମୌଳିକ ସୁବିଧାରୁ ବଞ୍ଚିତ କୁଞ୍ଜକୋଠି ପଞ୍ଚାୟତବାସୀ

ବାଉଁଶ ପୋଲରେ ବିପଦପୂର୍ଣ୍ଣ ଯାତ୍ରା

ଏରସମା,୨୦।୭ (ସମିସ)

ଏରସମା ବ୍ଲକ୍ ଅନ୍ତର୍ଗତ ବଙ୍ଗୋପସାଗର ତଟବର୍ତ୍ତୀ କୁଞ୍ଜକୋଠି ପଞ୍ଚାୟତ ଜଙ୍ଗଲ ପରିବେଷ୍ଟିତ ଓ ଲୁଣାନଦୀ ଘେରା ଅଞ୍ଚଳ ହୋଇଥିବାରୁ ସରକାରୀ ସୁବିଧା ଏଠି ଅପହଞ୍ଚ। ଏହି ପଞ୍ଚାୟତ ଲୋକଙ୍କୁ ମୌଳିକ ସୁବିଧା ପ୍ରଦାନ କରାଯାଇ ନ ଥିବାବେଳେ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି ରାସ୍ତା ଓ ପୋଲ। ଏ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଲୋକେ ବାଉଁଶ ପୋଲରେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି। କୁଞ୍ଜକୋଠି ପଞ୍ଚାୟତ ଅଞ୍ଚଳର ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ରସ୍ଥଳ ଖୁରାଣ୍ଟ ତୁଠ ହାଟ ବଜାର। ଏଠାରେ ଦୁଇଦିନ ସାପ୍ତାହିକ ହାଟ ସହିତ ଏକ ସରକାରୀ ଆୟୁର୍ବେଦ ଡାକ୍ତରଖାନା ଓ ଅନନ୍ତ କିଶୋର ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ବାଲୁଙ୍କେଶ୍ୱର ଉଚ୍ଚବିଦ୍ୟାଳୟ ରହିଛି। ଏହି ଅଞ୍ଚଳରେ ପ୍ରବାହିତ ହେଉଛି କୁଅଯୋରି ନଦୀ। ଉକ୍ତ ନଦୀ ପାର ହୋଇ ପ୍ରତିଦିନ ଖୁରାଣ୍ଟ ଅଞ୍ଚଳର ଚାଷୀ ଚାଷଜମି ଓ ଚିଙ୍ଗୁଡି ଘେରିକୁ ଯାଇଥା'ନ୍ତି। ଏଥିସହିତ କୋମଳମତି ଛାତ୍ରଛାତ୍ରୀ ଖୁରାଣ୍ଟସ୍ଥ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚବିଦ୍ୟାଳୟକୁ ନଦୀ ପାର ହୋଇ ଯାଇଥା'ନ୍ତି। ନଦୀପାର ହେବାକୁ ଏହି ନଦୀରେ ଏକ ବାଉଁଶ ପୋଲ ତିଆରି କରାଯାଇଛି। ଏହି ବାଉଁଶ ପୋଲଟି ବିପଦ ସଙ୍କୁଳ ହୋଇପଡିଛି। ଅନ୍ୟକୌଣସି ବିକଳ୍ପ ନ ଥିବାରୁ ବିଭିନ୍ନ ସମୟରେ ଜନସାଧାରଣ ଓ କୋମଳମତି ଛାତ୍ରଛାତ୍ରୀ ଏହି ବାଉଁଶ ନିର୍ମିତ ପୋଲ ଉପରେ ବିପଦପୂର୍ଣ୍ଣ ଯାତ୍ରା କରୁଛନ୍ତି। ଯାହା ଅଞ୍ଚଳ ପାଇଁ ଏହା ଦୀର୍ଘ ଦିନର ଏକ ପ୍ରମୁଖ ସମସ୍ୟା ପାଲଟିଛି। ଏହି ସମସ୍ୟାର ସମାଧାନ ପାଇଁ ଏଠାରେ ଏକ କଂକ୍ରିଟ ପୋଲ ନିର୍ମାଣର ଆବଶ୍ୟକତା ଜରୁରୀ ଥିଲେ ମଧ ତାହା କରାଯାଉନାହିଁ। ଏଥିପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଥିଲେ ମଧ ସରକାରୀ ସ୍ତରରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ତେବେ କୁଅଯୋରି ନଦୀ ଉପରେ ଏକ କଂକ୍ରିଟ ପୋଲ ନିର୍ମାଣ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଏରସମା,୨୦।୭ (ସମିସ): ଏରସମା ବ୍ଲକ୍ ଶିକ୍ଷାଧିକାରୀଙ୍କ ଓଲରା କ୍ଲଷ୍ଟର ଅଧୀନ ନଳଭେଡି ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ରମାକାନ୍ତ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ନଳଭେଡି ଗ୍ରାମବାସୀ ଓ ସ୍କୁଲ ପକ୍ଷରୁ ଆୟୋଜିତ ଉତ୍ସବରେ ଗ୍ରାମ୍ୟ ମୁରବି ରଂଜିତ ଭୂୟା ସଭାପତିତ୍ୱ କରିଥିଲେ। ରାଜ୍ୟ ଗଣଶିକ୍ଷା ବିଭାଗର ପୂର୍ବତନ ଉପଦେଷ୍ଟା ଶିଶିର ପରିଜା ଯୋଗ ଦେଇ ସମାଜ ଗଠନ କରିବାରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ ବୋଲି କହିଥିଲେ। ଅନ୍ୟତମ ଅତିଥି ରୂପେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ଅଶୋକ ମଲ୍ଲିକ, କଥା ପୁରସ୍କାରପ୍ରାପ୍ତ ଗାଳ୍ପିକ ଦୀପ୍ତି ଖଣ୍ଡୁଆଳ, ସିଆରସିସି ଲକ୍ଷ୍ମୀଲତା ବେହେରା, ଶିକ୍ଷକ ନିରୋଦ ସାମନ୍ତରାୟ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବସନ୍ତ ପୁହାଣ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ଭିତରେ ସୁସମ୍ପର୍କ ଦ୍ୱାରା ପାଠ ପଢା ଆଗକୁ ଯାଇଥାଏ ବୋଲି କହିଥିଲେ। ଶିକ୍ଷୟିତ୍ରୀ ଶାନ୍ତି ମୁର୍ମୁ, ଶିକ୍ଷକ ଦୁଃଶାସନ ରାଉତ, ସମୀର ବେହେରା ଗ୍ରାମବାସୀ ଓ ନଳଭେଡି ସ୍କୁଲ ପକ୍ଷରୁ ସାରଙ୍କୁ ଉପହାର ଦିଆଯାଇଥିଲା। ଗ୍ରାମ ମୁରବି ରଂଜିତ ଭୌମିକି, ଚନ୍ଦନ କରଣ, ଶ୍ରୀମନ୍ତ ମଣ୍ଡଳ, ହୁବାସ ଦାସ, ଶଙ୍କର ଦାସ, ହିରା କରଣ, ଗଡ଼ବିଶୁନପୁର ଯୁବ ନେତା ପ୍ରତାପ ସ୍ୱାଇଁଙ୍କ ସମେତ ଓଲରା କ୍ଲଷ୍ଟରର ସମସ୍ତ ଶିକ୍ଷକ ଉପସ୍ଥିତ ଥିଲେ।

ସାରଳା ଦାସଙ୍କ ଜୟନ୍ତୀ ପାଳିତ

ବାଲିକୁଦା,୨୦।୭ (ସମିସ): ବାଲିକୁଦାସ୍ଥ ଜଗନ୍ନାଥ ମନ୍ଦିର ପରିସରରେ ଆଦିକବି ସାରଳା ଦାସଙ୍କ ୬୦୦ତମ ଜୟନ୍ତୀ ପାଳନ ହୋଇଯାଇଛି। ଶିକ୍ଷାବିତ ପଦ୍ମଚରଣ ସ୍ୱାଇଁଙ୍କ ସଭାପତିତ୍ୱ ଓ କବି ପ୍ରଶାନ୍ତ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡଃ ସୁନାମଣି ରାଉତ, ବରେଣ୍ୟ ଅତିଥି ଭାବେ ପ୍ରଫେସର ଡଃ ନିଖିଳେଶ ମହାନ୍ତି, ଡଃ ବୈଜୟନ୍ତୀ ମିଶ୍ର, ପ୍ରଶାନ୍ତ ପଟ୍ଟନାୟକ, ସ୍ନେହମୟୀ ଆଚାର୍ଯ୍ୟ, ଦେବେନ୍ଦ୍ର ମଲ୍ଲିକ, ବ୍ରହ୍ମାନନ୍ଦ ମହାନ୍ତି, ଡଃ ନାରାୟଣ ମୁଦୁଲି, କବି ସୁକୁମାର ବିଶ୍ୱାଳ, କବି ବଂଶୀଧର ମହାପାତ୍ର, କବି ଲକ୍ଷ୍ମୀପ୍ରସାଦ ଆଚାର୍ଯ୍ୟ, ବକ୍ତା ଭାବେ ଡଃ ବିଷ୍ଣୁଚରଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଶାନ୍ତ ଶତପଥୀ, ଅଧ୍ୟାପକ ଅଶୋକ ସ୍ୱାଇଁ, ଶିକ୍ଷାବିତ୍ ଗଗନ ବିହାରୀ ଶତପଥୀ, ଶିକ୍ଷାବିତ ଗନ୍ଧର୍ବ ସାଉ, ଶିକ୍ଷାବିତ୍ ପ୍ରତାପ ରାଉତରାୟ, ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ବାରିକ, ଶିକ୍ଷାବିତ୍ ହୃଷିକେଶ ଚଇନି, ଶିକ୍ଷାବିତ୍ ଅରୁଣ ମହାନ୍ତି, ସମାଜସେବୀ କମଳାକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇ ସାରଳା ଦାସଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏଅବସରରେ ସାରଳା ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡଃ ଅଜୟ ମୁଦୁଲି ଓ ପୂର୍ବତନ ସଭାପତି ଶିକ୍ଷାବିତ୍ କୈଳାସ ଚନ୍ଦ୍ର ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ସରୋଜକାନ୍ତ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସୌଦାମିନୀ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆରତୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ସୌମ୍ୟାଶ୍ରୀଙ୍କ ଆତ୍ମଦାହ ଘଟଣା

କୁଜଙ୍ଗରେ ବିଜେଡିର ପ୍ରତିବାଦ ଓ କୁଶପୁତ୍ତଳିକା ଦାହ

କୁଜଙ୍ଗ,୨୦।୭ (ସମିସ): ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ବିଶେଷକରି ଛାତ୍ରୀ ସୁରକ୍ଷିତ ନୁହଁନ୍ତି। ରାଜ୍ୟ ସରକାର ସବୁଦିଗରେ ବିଫଳ ହୋଇଥିବା ଓ ଜଣେ ଛାତ୍ରୀ ନ୍ୟାୟ ନ ପାଇ ଆତ୍ମାହୁତି ଦେବା ଘଟଣାରେ କୁଜଙ୍ଗ ବିଜେଡି ପକ୍ଷରୁ ବିକ୍ଷୋଭ କରାଯିବା ସହ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କୁଜଙ୍ଗ ବ୍ଲକ ବିଜୁ ଜନତା ଦଳ ସଭାପତି ନରେନ୍ଦ୍ର ପରିଡା, କାର୍ଯ୍ୟକାରୀ ସଭାପତି ସୁବଳ ସ୍ୱାଇଁ, ଯୁବ ବିଜେଡି ସଭାପତି ଅରୂପ ମହାନ୍ତି ଓ ପ୍ରଫୁଲ୍ଲ ପରିଡାଙ୍କ ନେତୃତ୍ୱରେ ଶହ ଶହ ବିଜେଡି ନେତା ଓ କର୍ମୀ କୁଜଙ୍ଗ ବଜାର ପରିକ୍ରମା କରି ରାଜ୍ୟ ସରକାରଙ୍କ ବିଫଳତା ଓ ମହିଳାଙ୍କୁ ନ୍ୟାୟ ଦେବାରେ ବିଫଳ କହି ବର୍ଷିଥିଲେ। ପରେ ବିଜେଡି ପ୍ରଚାର କମିଟି ଅଧ୍ୟକ୍ଷ ଡଃ ରଘୁନାଥ ସାହୁଙ୍କଙ୍କ ସଭାପତିତ୍ୱରେ କୁଜଙ୍ଗ ବଜାର ମଧ୍ୟଭାଗ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ନିକଟରେ ପ୍ରତିବାଦ ସଭାରେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ନାରୀନେତ୍ରୀ ସବିତା ମହାପାତ୍ର, କୈଳାସ ଷଡଙ୍ଗୀ, ନନ୍ଦିନୀ ପଣ୍ଡା, ଅବନ୍ତୀ ମାଝୀ, ପ୍ରଭାସ ଗୋଛାୟତ ପ୍ରମୁଖ ରାଜ୍ୟରେ ବିଗତ ୧୩ ମାସରେ ଆଇନର ଶାସନ ଚାଲୁ ନ ଥିବା ଯୋଗୁଁ ସବୁଠି ଅସନ୍ତୋଷ ଦେଖାଦେଇଛି ବୋଲି କହିଥିଲେ। ପରେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ର ନେତା ରାମଦାସ ମହାନ୍ତି, ରଞ୍ଜନ ସ୍ୱାଇଁ, ନାରାୟଣ ସାହୁ, ଦେବୀରଞ୍ଜନ ବେହେରା, ପ୍ରକାଶ ବେହେରା, ବ୍ଲକ ଅଧ୍ୟକ୍ଷା ନୀନାରାଣୀ ସାହୁ, ଉପାଧ୍ୟକ୍ଷ ଜ୍ଞାନଜିତ ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟ କନକପ୍ରଭା ବେହେରା, ପ୍ରମୋଦ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

ସାଧୁଗୋସ୍ୱାମୀଙ୍କ ପୀଠରେ ଚାରାରୋପଣ

ନାଉଗାଁ,୨୦।୭ (ସମିସ): ଆଜି ନାଉଗାଁ ଅଞ୍ଚଳର ପ୍ରସିଦ୍ଧ ଧାର୍ମିକ ପୀଠ ପ୍ରଭୁ ସାଧୁଗୋସ୍ୱାମୀଙ୍କ ପୀଠ ପରିସରରେ ସମାଜସେବୀ ଦୀପକ ବିଶ୍ୱାଳଙ୍କ ନେତୃତ୍ୱରେ ଚାରାରୋପଣ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ପ୍ରକାଶ ଜେନା, ଭିକାରୀ ଚରଣ ସ୍ୱାଇଁ, ବିନୟ ମହାପାତ୍ର, ମିହିର ପାଲ, ସହଦେବ ପାଲ, ଗଣେଶ ମୁଦୁଲି, ଦୀପକ ଜେନା, ନିତ୍ୟାନନ୍ଦ ବିଶ୍ୱାଳ, ବିବେକାନନ୍ଦ ବାରିକି, ସନାତନ ମହାନ୍ତି, ଚିତ୍ତରଞ୍ଜନ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ନାଗରିକ ଓ ନାଉଗାଁ ଅଞ୍ଚଳର ଶତାଧିକ ଲୋକ ସାମିଲ ହୋଇଥିଲେ। ଶ୍ରୀ ବିଶ୍ୱାଳ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ବ୍ୟତୀତ ଅସହାୟ ଲୋକଙ୍କୁ ସହାୟତା, କ୍ରୀଡ଼ାର ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି।

ବରିଷ୍ଠ ନାଗରିକ ସଂଘ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ବାଲିକୁଦା,୨୦।୭ (ସମିସ): ବାଲିକୁଦା ସରକାରୀ ସ୍ୱୀକୃତିପ୍ରାପ୍ତ ବରିଷ୍ଠ ନାଗରିକ ସଂଘର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ସଂଘର ସଭାପତି ଶରତ କିଶୋର କାନୁନଗୋଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ବାଲିକୁଦା ଥାନା ଏସଆଇ ସୌମେନ୍ଦ୍ର ନାୟକ ଯୋଗଦେଇ ନୂତନ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ଏ ଅବସରରେ ସଂଘରେ ନୂତନ ଭାବେ ପଞ୍ଜିକୃତ ହୋଇଥିବା ବରିଷ୍ଠ ନାଗରିକ ଶ୍ୟାମସୁନ୍ଦର ନାଥ, ରଘୁନାଥ ମୁଦୁଲି, ସୁନାକର ରାଉତ, ନିର୍ମଳା ଗୋଛାୟତ, ଜୟଦେବ ଖୁଣ୍ଟିଆ, ଦୋଳି ଶତପଥୀ, ଉତ୍ତମ ସାହୁ, ରବୀନ୍ଦ୍ର ସ୍ୱାଇଁ, ନବକିଶୋର ଦାସ, ମୁରଲୀଧର ସ୍ୱାଇଁ, ଆର୍ତ୍ତବନ୍ଧୁ ବାରିକ, ବୈଷ୍ଣବ ଦାସ ପ୍ରମୁଖଙ୍କୁ ଶ୍ରୀ ନାୟକ ପରିଚୟ ପତ୍ର ପ୍ରଦାନ କରିଥିଲେ। ଚଅଁରପୁର ଶାଖା ସଭାପତି ବିଜୟ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିବାବେଳେ ପରାମର୍ଶଦାତା ସରସ୍ୱତୀ ମହାପାତ୍ର, କାର୍ଯ୍ୟକାରୀ ସମ୍ପାଦକ ନଗେନ୍ଦ୍ର ପରିଡା, ରବୀନ୍ଦ୍ର ଜେନା, ନଟବର ଜେନା, କ୍ଷେତ୍ରମୋହନ ସାହୁ, ବ୍ରହ୍ମାନନ୍ଦ ମହାନ୍ତି, ଧର୍ମାନନ୍ଦ ସାହୁଙ୍କ ସହ ସଂଘର ଶତାଧିକ ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।

● ପ୍ରଶ୍ନପତ୍ର ଲିକ୍ ଯୋଗୁଁ ଓଟିଇଟି ପରୀକ୍ଷା ବାତିଲ

ନିରାଶ ହୋଇ ଫେରିଲେ ଶିକ୍ଷକ, ଶିକ୍ଷୟିତ୍ରୀ

ଜଗତସିଂହପୁର,୨୦।୭ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ଆଜି ପ୍ରଶ୍ନପତ୍ର ଲିକ୍ ଯୋଗୁଁ ବାତିଲ କରାଯାଇଛି। ଏ ସମ୍ପର୍କରେ ସଠିକ୍ ସୂଚନା ନ ପାଇ ପରୀକ୍ଷା ଦେବାକୁ ଆସିଥିବା ଜଗତସିଂହପୁର ଜିଲ୍ଲାର ଶହ ଶହ ଶିକ୍ଷକ ଓ ଶିକ୍ଷୟିତ୍ରୀ ଆଜି ହତାଶ ହୋଇ ଫେରିଛନ୍ତି। ଏହି ଓଟିଇଟି ପରୀକ୍ଷାର ପେପର ୧ ଓ ପେପର ୨ ପାଇଁ ଆଜି ପରୀକ୍ଷା ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଥିଲା। ତେବେ ଓଟିଇଟି ପରୀକ୍ଷା ପ୍ରଶ୍ନର ହାତ ଲେଖା ଉତ୍ତର ମାର୍କେଟରେ ବୁଲୁଥିବାରୁ ଆଜିର ପରୀକ୍ଷା ବାତିଲ କରାଯାଇଛି। ଏହି ପରୀକ୍ଷା ପାଇଁ ଜଗତସିଂହପୁର ଜିଲ୍ଲାରେ ୫ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର, ପୁରୋହିତପୁର ଉଚ୍ଚବିଦ୍ୟାଳୟ, ରସଲପୁର ନୋଡାଲ ସ୍କୁଲ, ଶ୍ରୀକୃଷ୍ଣ ଏକାଡେମୀ ଓ ମାର୍କଣ୍ଡପୁରସ୍ଥ ବୃନ୍ଦାବନ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ଏହି ୫ଟି ପରୀକ୍ଷା କେନ୍ଦ୍ରରେ ପେପର ୧ ପାଇଁ ୯୦୦ ଓ ପେପର ୨ ପାଇଁ ୮୩୧ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ସ୍ଥିର ହୋଇଥିଲା। ଏମାନଙ୍କ ମଧ୍ୟରୁ ଅନେକ ପରୀକ୍ଷାର୍ଥୀ ବାତିଲ ସମ୍ପର୍କରେ ସଠିକ ସୂଚନା ପାଇ ନ ଥିବାରୁ ପରୀକ୍ଷା କେନ୍ଦ୍ରକୁ ଆସିଥିଲେ। ପରୀକ୍ଷାର୍ଥୀ ଶିକ୍ଷକତା କରୁଥିବାରୁ ବହୁ କଷ୍ଟରେ ପ୍ରସ୍ତୁତ ହୋଇ ପରୀକ୍ଷା କେନ୍ଦ୍ରରେ ପହଞ୍ଚିବା ପରେ ଜାଣିବାକୁ ପାଇଲେ ଯେ ଓଟିଇଟି ପରୀକ୍ଷା ବାତିଲ ହୋଇଯାଇଛି। ତେଣୁ ସେମାନେ ଦୁଃଖରେ ମ୍ରିୟମାଣ ହୋଇ ଘରକୁ ଫେରିବାକୁ ବାଧ ହୋଇଥିଲେ। ଶେଷ ମୁହୂର୍ତ୍ତରେ ପରୀକ୍ଷା ବାତିଲ ଘଟଣା ସେମାନଙ୍କୁ ଗଭୀର ଆଘାତ ଦେଇଥିବାବେଳେ ପ୍ରଶ୍ନପତ୍ର ଲିକ୍ ଘଟଣା ସମ୍ପର୍କରେ ତଦନ୍ତ କରି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି।

ଆଷାଢ଼ ସାହିତ୍ୟ ସଂସଦର ବର୍ଷା ମିଳନ

ବିରିଡ଼ି,୨୦।୭ (ସମିସ): ବିରିଡ଼ି ବ୍ଲକ୍‌ର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆଷାଢ଼ ସାହିତ୍ୟ ସଂସଦର ୩୪ତମ ବର୍ଷା ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉପସଭାପତି କବୟିତ୍ରୀ କାଦମ୍ବିନୀ ପରିଜାଙ୍କ ସଭାପତିତ୍ୱରେ ସ୍ଥାନୀୟ ଧାନକୁଦ ପୀଠରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୀଠାଧୀସ ବାବା ଅରକ୍ଷିତ ଦାସମହାରାଜ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ପଣ୍ଡିତ ଗୁରୁପ୍ରସାଦ ରଥ ବେଦପାଠ କରିଥିଲେ। ଯୁବ କବି ସୌମେନ୍ଦ୍ର ମହାପାତ୍ରଙ୍କ ସଞ୍ଚାଳନରେ ଆୟୋଜିତ ସଭାରେ ସୁଦୀପ୍ତା ମହାପାତ୍ର ଜାତୀୟ ସଂଗୀତ ଗାନ କରିଥିଲେ। ଏଥିରେ ବରେଣ୍ୟ ଅତିଥି ଭାବେ ସାରଳା ସାହିତ୍ୟ ସଂସଦ ପ୍ରତିଷ୍ଠାତା ସଭାପତି ଇଂ ପ୍ରଭାକର ସ୍ୱାଇଁ, ସ୍ତମ୍ଭକାର ଡଃ ପ୍ରଭାସ ଆଚାର୍ଯ୍ୟ, ସାହିତ୍ୟିକା ଡଃ ରଂଜିତା ନାୟକ, ସମାଜସେବୀ ହେମନ୍ତ ରଥ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଡଃ ବସୁମତୀ ଶତପଥୀ, ସମ୍ପାଦିକା ମମତା ପଣ୍ଡା ଯୋଗ ଦେଇଥିଲେ। ସଂସଦର ସଭାପତି କବି ପୀତାମ୍ବର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଉମାକାନ୍ତ ରଥ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦିକା କୁନ୍ତଳା ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏ ଅବସରରେ ସଭାପତି କବି ପିତାମ୍ବର ମହାପାତ୍ରଙ୍କ ୩୦ତମ ଅର୍ଘ୍ୟ ତଥା ଚତୁର୍ଥ ଗଳ୍ପ ସଂକଳନ ନୂଆ ସକାଳର ବାସ୍ନାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପରେ ଶାଶ୍ୱତୀ ସୌମ୍ୟା ସ୍ୱାଇଁଙ୍କୁ ଆଷାଢ଼ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିବାବେଳେ ମାଟ୍ରିକ ଏ-୧ ଛାତ୍ରଛାତ୍ରୀ ଅଲିଭା ପାତ୍ର, ଶୁଭଶଙ୍କର ପାଢ଼ୀ, ଦିବ୍ୟଦର୍ଶିକା ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ପ୍ରଶାନ୍ତ ଲେଙ୍କା, ହୃଦାନନ୍ଦ ଉତ୍ତରାୟ, କେଶବ ପ୍ରଧାନ, ଶେଷଦେବ ଛୋଟରାୟ, ବିଦ୍ୟୁଭୂଷଣ ମହାନ୍ତି, ନାରାୟଣ ଭୋଳ, ଅକ୍ଷୟ ଭୂୟାଁ, ଶିପ୍ରା ସାହୁ, ବନଲତା ମହାପାତ୍ର, ମାନସୀପ୍ରଭା ସ୍ୱାଇଁ ପ୍ରମୁଖଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶର୍ମିଷ୍ଠା ସାହୁଙ୍କ ସଂଯୋଜନାରେ କବିତା ଆବୃତ୍ତି କରାଯାଇଥିଲା। ମନୋରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

ବାଲିଘର ପକ୍ଷରୁ ଚାରାରୋପଣ

ତିର୍ତ୍ତୋଲ, ୨୦।୭ (ସମିସ): ବାଲିଘର ଫାଉଣ୍ଡେସନ ପକ୍ଷରୁ ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ବୋଧେଇ ପଞ୍ଚାୟତ ମଠ ପରିସରରେ ରବିବାର ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏ ଉପଲକ୍ଷେ ଆୟୋଜିତ ବୈଠକରେ ଅବସରପ୍ରାପ୍ତ ଅନୁଶାସନ ସଚିବ ବିଷ୍ଣୁପ୍ରସାଦ କାନୁନଗୋ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ପୂର୍ବତନ ସେନା ଅଧିକାରୀ ତପନ ସାମନ୍ତରାୟ, ସୁରେଶ ଯୋଗଣିଆ, ଶିକ୍ଷକ ମୁରଲୀଧର ସୂତାର, ପୂର୍ଣ୍ଣଚନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ପରିବେଶକୁ ସ୍ୱଚ୍ଛ ଓ ନିର୍ମଳ ରକ୍ଷା କରିବାରେ ବୃକ୍ଷର ଭୂମିକା ସମ୍ପର୍କରେ ସ୍ଥାନୀୟ ଗ୍ରାମବାସୀ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଫାଉଣ୍ଡେସନର ଅଧ୍ୟକ୍ଷ ଶ୍ରୀ ସ୍ୱାଇଁ ପ୍ରାରମ୍ଭିକ ସୂଚନା ସହ ଚାରାର ଯତ୍ନ ନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ପରେ ମଠ ପରିସରରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ଏଥିରେ ବଂଶୀଧର ଯୋଗଣିଆ, ସୁଧୀର ଖଟୁଆ, ଶୁଭମ୍ ଓଝା, ରମାକାନ୍ତ ମଲ୍ଲିକ, ଧନେଶ୍ୱର ଖଟୁଆ, ତେଜସ ଯୋଗଣିଆ, ରିତିକ କାଣ୍ଡି, ଅନୁରାଗ ବସ୍ତିଆ, ସାଇରାମ ଖଟୁଆ, ସାଇ ତନ୍ମୟ ଯୋଗଣିଆ, ଆଦିତ୍ୟ ସ୍ୱାଇଁ, ସୂର୍ଯ୍ୟପ୍ରସାଦ ଖଟୁଆଙ୍କ ସମେତ ଗ୍ରାମବାସୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

● ଅରୂପା ବାଣିଜ୍ୟ ମେଳାର ଏକାଦଶ ସନ୍ଧ୍ୟା

ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କ ମନମୋହିଲା

ପାରାଦୀପ, ୨୦।୭ (ସମିସ): ବିଜୁ ମଇଦାନରେ ଅରୂପା ପକ୍ଷରୁ ଆୟୋଜିତ ବାଣିଜ୍ୟ ମେଳାର ଏକାଦଶ ସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ସଂସ୍କୃତିକ ବିଭାଗ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ମନ ମୁଗ୍ଧକର ଥିଲା। ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ସନ୍ଧ୍ୟାଠାରୁ ରାତି ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ଭୁବନେଶ୍ୱରରୁ ଆସିଥିବା ୨ କୁନି କଳାକାର ଟିମ ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅରୂପାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ସାହୁ ପରିଚାଳନା କରିଥିଲେ। ମେଳା ସରି ସରି ଆସୁଥିବାରୁ ଆଜି ଅଧିକ ଜନସମାଗମ ରହିଥିଲା। ରବିବାର ଛୁଟିଦିନ ଥିବାରୁ ହଜାର ହଜାର ଲୋକ ମେଳାକୁ ଆସିଥିଲେ। ମୀନା ବଜାର ଓ ସମସ୍ତ ଛୋଟବଡ ଖେଳ ସ୍ଥଳରେ ଭିଡ ଜମିଥିଲା।

ମହିଳାଙ୍କୁ ସୁରକ୍ଷା ଦେବାରେ ରାଜ୍ୟ ସରକାର ବିଫଳ: କଂଗ୍ରେସ

କୁଜଙ୍ଗ,୨୦।୭ (ସମିସ): ଏଫଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣା ପାଇଁ ରାଜ୍ୟ ସରକାର ଦାୟୀ ବୋଲି କୁଜଙ୍ଗ ବ୍ଲକ ତଥା ଜିଲ୍ଲା ମହିଳା କଂଗ୍ରେସର ପ୍ରାକ୍ତନ ସଭାପତି ଆଇନଜୀବୀ ପ୍ରିୟମ୍ବଦା ପାଣି ଅଭିଯୋଗ କରିଛନ୍ତି। ଆଜି କେବଳ ସୌମ୍ୟାଶ୍ରୀ ଘଟଣା ନୁହେଁ, ଅନ୍ୟ ସ୍ଥାନରେ ମଧ ଖଳ ପ୍ରକୃତିର ଲୋକେ ଝିଅଙ୍କ ଉପରେ ବର୍ବର ତଥା ନାରକୀୟ କାଣ୍ଡ ଭିଆଉଛନ୍ତି। ଏହା କ'ଣ ଓଡ଼ିଆ ଅସ୍ମିତା ବୋଲି ପ୍ରଶ୍ନ କରିବା ସହ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛନ୍ତି।

ବିଷପିଇ ମହିଳା ଗୁରୁତର

ଆଳି, ୨୦।୭ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ ବାଳକାଟୀ ପଞ୍ଚାୟତର ବାଳକାଟୀ ଗ୍ରାମର ଜଣେ ମହିଳା ବିଷପିଇ ଗୁରୁତର ହୋଇ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ବାଳକାଟୀ ଗ୍ରାମର ବିଜୟ ସାହୁଙ୍କ ପତ୍ନୀ ଦମୟନ୍ତୀ ସାହୁ (୪୪) ବିଷପିଇ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇ ଅଧିକ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା।

ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ଶ୍ରାବଣ ସାହିତ୍ୟ ଆସର

ଜଗତସିଂହପୁର,୨୦।୭ (ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ଚାତ୍ରାସ୍ଥ ଅଳକା ଆଶ୍ରମ ପରିସରରେ ଶ୍ରାବଣ ସାହିତ୍ୟ ଆସର ସଭାପତି ତଥା ବିଶିଷ୍ଟ କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ରୂପେ ବିଶିଷ୍ଟ କବି ଅଲେଖ ବେହେରା ଓ କବି ଅଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ କବିତାର ଧାରା ଉପରେ ଆଲୋଚନା କରିଥିଲେ। ସେହିପରି କବି ହେମନ୍ତ କୁମାର ବିଶ୍ୱାଳ, ପରୀକ୍ଷିତ ମହାନ୍ତି, ମନୋରମା ଶତପଥୀ, ଗଣେଶ ମହାନ୍ତି, ବଂଶୀଧର ବେହେରା ପ୍ରମୁଖ ଏହି ଆସରରେ ଯୋଗଦେଇ ଓଡ଼ିଆ ସାହିତ୍ୟର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ପରେ କବି ମନୋରମା ଶତପଥୀଙ୍କ ସଂଯୋଜନାରେ କବି ହେମନ୍ତ ବିଶ୍ୱାଳ, ଗଣେଶ ମହାନ୍ତି, ବଂଶୀଧର ବେହେରା, ପରୀକ୍ଷିତ ମହାନ୍ତି, ରବୀନ୍ଦ୍ରନାଥ ବେହେରା, ସନ୍ତୋଷ ଦାସ, ସବ୍ୟସାଚୀ ତ୍ରିପାଠୀ, ଦେବତା ନିର୍ମାଲ୍ୟ ପ୍ରସାଦ ଷଡ଼ଙ୍ଗୀ, ପ୍ରତିଭାରାଣୀ ରାୟ, ଶାନ୍ତିଲତା ଜେନା ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଉମାକାନ୍ତ ନାୟକ ସ୍ୱାଗତ ଭାଷଣ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିବାବେଳେ ପରିଷଦର ସଦସ୍ୟ ବଂଶୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ନର୍ସିଂହୋମରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ପ୍ରସୂତିଙ୍କ ମୃତ୍ୟୁ ଘଟଣା

ସିଡିଏମ୍‌ଓଙ୍କୁ ରିପୋର୍ଟ ଦେଲା ତଦନ୍ତକାରୀ ଟିମ୍

ଜଗତସିଂହପୁର,୨୦।୭ (ସମିସ)

ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ନିର୍ଦ୍ଦେଶରେ ତଥ୍ୟ ଅନୁସନ୍ଧାନକାରୀ ଟିମ୍ ୧୭ ତାରିଖରେ ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ପାଇଁ ପ୍ରସୂତିଙ୍କ ମୃତ୍ୟୁ ଘଟଣାର ତଦନ୍ତ କରିଛନ୍ତି। ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ପ୍ରମୋଦ ବାରିକଙ୍କ ନେତୃତ୍ୱରେ ଡା. ରବୀନ୍ଦ୍ର ନାଥ ପାଳ ଓ ଡା. ଶ୍ରୀହର୍ଷ ଦାସ ଅସ୍ତ୍ରୋପଚାର କରାଯାଇଥିବା ସାଇଶ୍ରଦ୍ଧା ନର୍ସିଂହୋମକୁ ଯାଇ ତଥ୍ୟ ସଂଗ୍ରହ କରିବା ସହିତ ମାଲିକ ଓ ଅନ୍ୟମାନଙ୍କୁ ପଚରାଉଚରା କରିଥିଲେ। ପରେ ଏ ସମ୍ପର୍କରେ ରିପୋର୍ଟ ସିଡିଏମଓଙ୍କୁ ପ୍ରଦାନ କରାଯାଇଥିବା ଡା. ପ୍ରମୋଦ ବାରିକ ସୂଚନା ଦେଇଛନ୍ତି। ଆସନ୍ତାକାଲି ଏହି ରିପୋର୍ଟ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ ମୃତ ପ୍ରସୂତି ସସ୍ମିତା ସ୍ୱାଇଁଙ୍କ ସ୍ୱାମୀ ରଞ୍ଜିତ ସ୍ୱାଇଁଙ୍କ ଅଭିଯୋଗ କ୍ରମେ ଅସ୍ତ୍ରୋପଚାର କରିଥିବା ଡାକ୍ତର ଦୀପ୍ତିରଞ୍ଜନ ଭୂୟାଁ ଓ ନର୍ସିଂହୋମ ମାଲିକ ଅରୁଣ କୁମାର ରଥଙ୍କ ନାମରେ ଜଗତସିଂହପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ସେହିପରି କିଛି ଅସାମାଜିକ ଲୋକ ନର୍ସିଂହୋମ ଭିତରେ ପଶି ଭଙ୍ଗାରୁଜା କରିବା ସହିତ ମହିଳା କର୍ମଚାରୀଙ୍କ ପ୍ରତି ଅଶାଳୀନ ବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ କରିଛନ୍ତି ନର୍ସିଂହୋମ ମାଲିକ ଶ୍ରୀ ରଥ। ତାଙ୍କ ଅଭିଯୋଗ ଆଧାରରେ ଜଗତସିଂହପୁର ଥାନାରେ ଆଉଏକ ମାମଲା ରୁଜୁ ହୋଇଛି। ପାଟେଣି ଗାଁ ପଞ୍ଚାୟତ ତରଡା ଗ୍ରାମର ରଞ୍ଜିତ ସ୍ୱାଇଁଙ୍କ ପତ୍ନୀ ସସ୍ମିତା ସ୍ୱାଇଁଙ୍କ ଗର୍ଭରେ ଛୁଆଟି ନଷ୍ଟ ହୋଇଯାଇଥିବା ଦର୍ଶାଇ ଡା. ଦୀପ୍ତିରଞ୍ଜନ ଭୂୟାଁ ଅସ୍ତ୍ରୋପଚାର କରିବା ପାଇଁ ପରାମର୍ଶ ଦେଇଥିଲେ। ୧୭ ତାରିଖ ଦିନ ୧.୩୦ରେ ଅସ୍ତ୍ରୋପଚାର କରିଥିଲେ। ଅସ୍ତ୍ରୋପଚାର ପରେ ରକ୍ତସ୍ରାବ ବନ୍ଦ ନ ହେବାରୁ ଏକ ଘରୋଇ ଆମ୍ବୁଲାନ୍ସରେ ବିନା କାଗଜପତ୍ରରେ କଟକ ରେଫର କରାଯାଇଥିଲା। ଆମ୍ବୁଲାନ୍ସ କଲେଜ ଛକରେ ଖରାପ ହୋଇଯାଇଥିବାବେଳେ ଆଉଏକ ଘରୋଇ ଆମ୍ବୁଲାନ୍ସରେ ରୋଗୀଙ୍କୁ କଟକ ନିଆଯାଇଥିଲା। ମାତ୍ର ସାଇଶ୍ରଦ୍ଧା ନର୍ସିଂହୋମ କର୍ତ୍ତୃପକ୍ଷ ଚିକିତ୍ସା ସମ୍ବନ୍ଧୀୟ କାଗଜପତ୍ର ଦେଇ ନ ଥିବାରୁ କୌଣସି ନର୍ସିଂହୋମ ତାଙ୍କୁ ଆଡ଼ମିଶନ କରି ନ ଥିଲେ। ପରିବାର ଲୋକ ରୋଗୀକୁ ଏସସିବି ମେଡ଼ିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଇଶ୍ରଦ୍ଧା ନର୍ସିଂହୋମର ତ୍ରୁଟିପୂର୍ଣ୍ଣ ଚିକିତ୍ସା ଓ ବିନା କାଗଜପତ୍ରରେ କଟକ ରେଫର କରିଥିବାରୁ ପ୍ରସୂତିର ମୃତ୍ୟୁ ହୋଇଥିବା ଦାବିକାରୀ ପରିବାର ଲୋକ ନର୍ସିଂହୋମ ସମ୍ମୁଖ ଜଗତସିଂହପୁର ଜୟପୁର ରାସ୍ତାରେ ଶବ ରଖି ପ୍ରତିବାଦ କରିବା ସହିତ ନର୍ସିଂହୋମରେ ଭଙ୍ଗାରୁଜା କରିଥିଲେ।

ମାଣିତ୍ରୀ ବାବା କଖାରୁଆ ବୈଦନାଥଙ୍କ ପୀଠ

ଆଜିଠାରୁ କାଉଡ଼ିଆ ଭକ୍ତଙ୍କ ଶ୍ରାବଣ ଜଳାଭିଷେକ ଆରମ୍ଭ

ବାରିପଦା/ମାଣତ୍ରୀ, ୨୦।୭ (ସମିସ)

ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ବ୍ଲକର ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦନାଥଙ୍କ ଶୈବପୀଠରେ ସୋମବାରଠାରୁ କାଉଡ଼ିଆ ଭକ୍ତଙ୍କ ଶ୍ରାବଣ ଜଳାଭିଷେକ ଆରମ୍ଭ ହେବ। ଦେବତ୍ତୋର ବିଭାଗ ପରିଚାଳିତ ୭୦୦ବର୍ଷର ପୁରାତନ ଶୈବପୀଠରେ ସଂକ୍ରାନ୍ତି ମତରେ ପର୍ବପର୍ବାଣୀ ପାଳନ ହେଉଥିବାରୁ ୨୦ତାରିଖ ପ୍ରଥମ ସୋମବାର ଆରମ୍ଭ ହେଉଛି। ଶ୍ରାବଣରେ ଏହି ପୁରାତନ ଶୈବପୀଠ ଚଳଚଞ୍ଚଳ ହୋଇଉଠେ। କେବଳ ଜଳାଭିଷେକ ନୁହେଁ ଏଠାରୁ ଜଳଭାର ନେଇ କାଉଡ଼ିଆମାନେ ବାଙ୍ଗିପୋଷିର ଶିମଳେଶ୍ୱର, କପ୍ତିପଦାର ଝିଙ୍କେଶ୍ୱର, ନୀଳଗିରିର ପଞ୍ଚଲିଙ୍ଗେଶ୍ୱର ଆଦି ଶୈବପୀଠକୁ ଯାଆନ୍ତି। ଏଣୁ ଶୁକ୍ରବାରରୁ ସୋମବାର ମାଣତ୍ରୀ ପୀଠ ଚଳଚଞ୍ଚଳ ହୋଇଉଠେ। ନିଷ୍ଠାପର ନୀତିକାନ୍ତିରେ ପୂଜାର୍ଚ୍ଚନା ପାଇଁ ମନ୍ଦିରର ଖ୍ୟାତି ଜଣାଶୁଣା। ରାଜ୍ୟ ତଥା ବାହାରୁ କାଉଡ଼ିଆ ଭକ୍ତଙ୍କ ଗହଳି ଏଠାରେ ଲାଗିଥାଏ। ମନ୍ଦିର ଉପରେ ନିର୍ଭରଶୀଳ ୭୨ଟି ପରିବାରର ବ୍ରାହ୍ମଣ/ସେବାୟତ ଏବଂ ପରୋକ୍ଷରେ ନିର୍ଭରଶୀଳ ମନ୍ଦିର ସମ୍ମୁଖ ଦୋକାନୀ/ଉଠାଦୋକାନୀ, ଅଟୋ ଓ ଟ୍ୟାକ୍ସି ଚାଳକଙ୍କ ସହିତ ଅନ୍ୟମାନେ ଏହି ମାସରେ ଉତ୍ତମ ରୋଜଗାର ପାଇଥାନ୍ତି। ସେହିପରି ମାଣତ୍ରୀ ବଜାରର

୪ ସୋମବାର ପାଳନ ହେବ

କାରବାର ଭକ୍ତଙ୍କ ସମାଗମ ଉପରେ ନିର୍ଭର ଥିବାରୁ ଦୋକାନୀ ଭାଇ ସମସ୍ତ ପ୍ରସ୍ତୁତି ଶେଷ କରିସାରଲେଣି। ଶ୍ରାବଣ ମାସରେ ବାହରୁ ବିଭିନ୍ନ ଜଳାଶୟରୁ ଆସୁଥିବା କାଉଡ଼ିଆ ଓ ଏଠାରୁ ବିଭିନ୍ନ ଶୈବପୀଠକୁ ଯାଉଥିବା କାଉଡ଼ି ଭକ୍ତଙ୍କ ହିସାବ କଲେ ଲକ୍ଷାଧିକ ଲୋକଙ୍କ ସମାଗମ ହୋଇଥାଏ। ବୋଲ-ବମ ପାଇଁ ଆବଶ୍ୟକ ପୋଷାକ ଠାରୁ ଆରମ୍ଭ କରି ବାହୁଙ୍ଗି, କଳସ, ନଡ଼ିଆ, ଫଳମୂଳ ଓ ପୂଜା ସାମଗ୍ରୀର ଏକ ବିରାଟ ବଜାରରୁ ନିର୍ଭରଶୀଳ ବ୍ୟବସାୟୀ ଶିବରାତ୍ରିକୁ ଛାଡ଼ିଦେଲେ ଦ୍ୱିତୀୟ ସର୍ବାଧିକ ରୋଜଗାର କରିଥାନ୍ତି। ଅଗଣତି ଅଟୋ, ଚାରିଚକିଆ, ଭ୍ୟାନ, ଟ୍ରକ୍ ଓ ବସ୍ ଶ୍ରାବଣ ମାସର ଶୁକ୍ରବାର ଠାରୁ ଆରମ୍ଭ କରି ସୋମବାର ପର୍ଯ୍ୟନ୍ତ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାରେ ନିଜର ଆଧିପତ୍ୟ ରଖିଥାନ୍ତି। ଏହାବ୍ୟତୀତ ଚାଲିଚାଲି ହଜାରହଜାର ଭକ୍ତ ମନ୍ଦିରରେ ପହଞ୍ଚି ନିଜର ଜଳାଭିଷେକ କରିଥାନ୍ତି। ସେହିପରି ଜିଲ୍ଲାର ଶିମିଳାସ୍ଥିତ ଶିମଳେଶ୍ୱର ଶିବ ମନ୍ଦିର, ରାସଗୋବିନ୍ଦପୁର ସ୍ଥିତ ଦେବଶୂଳ ମନ୍ଦିର, କପ୍ତିପଦାସ୍ଥିତ ଝିଙ୍କେଶ୍ୱର ମନ୍ଦିର ଓ ବାରିପଦାସ୍ଥିତ ବୁଢାରାଉଳ ମନ୍ଦିରରେ ଜଳାଭିଷେକ ପାଇଁ ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ମନ୍ଦିରରେ ଭିଡ଼ ନିୟନ୍ତ୍ରଣ କରିବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କାଉଡ଼ିଆଙ୍କ ନିମନ୍ତେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ରାସ୍ତାରେ ଖାଦ୍ୟ ସମେତ ବିଶ୍ରାମ ନେବା ନେଇ ବ୍ୟବସ୍ଥା କରାଯାଇଛି। ସୋମବାର ମନ୍ଦିରରେ ଭୋରରୁ ମଙ୍ଗଳ ଆଳତି ପରେ ଠାକୁର ଦର୍ଶନ ଦେବେ। ଏହାପରେ କାଉଡ଼ିଆ ଭକ୍ତମାନେ ବ୍ୟାରିକେଡରେ ଯାଇ ଠାକୁରଙ୍କ ନିକଟରେ ଜଳଲାଗି କରିବେ ବୋଲି ବ୍ୟବସ୍ଥା କରାଯାଇଛି।

ଚଳିତ ବର୍ଷ ୪ଟି ସୋମବାର ଯଥା ଜୁଲାଇ ୨୦, ୨୭, ଅଗଷ୍ଟ ୪ ଓ ୧୧ତାରିଖ ଜଳାଭିଷେକ ପାଳନ ହେବ। ତେବେ ପୂର୍ଣ୍ଣମୀ ମତ ରଖିଥିବା ଭକ୍ତ ୧୩ତାରିଖରୁ ଜଳାଭିଷେକ କରିଛନ୍ତି।

ପ୍ରଦୀପ କୁମାର ପଣ୍ଡା, ପରିଛା

ବହୁଲୋକଙ୍କ ସମାଗମ ପାଇଁ ଦେବତ୍ତୋର ବିଭାଗ ପକ୍ଷରୁ ଚଳିତ ଥର କୌଣସି ବ୍ୟବସ୍ଥା ନାହିଁ। ସେବାୟତ, ସ୍ଥାନୀୟ କଖାରୁଆ ବୈଦନାଥ ଯୁବକ ସଂଘ ଓ ଯଜ୍ଞ କମିଟି ପକ୍ଷରୁ ସୁପରିଚାଳନା ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭକ୍ତମାନେ ଶୃଙ୍ଖଳିତ ଭାବେ ପ୍ରବେଶ ସହିତ ଧାଡ଼ିରେ ଯାଇ ଜଳାଭିଷେକ ଓ ପୂଜା ପାଇଁ ଗୁରୁତ୍ୱ ଦିଆଯାଉଛି।

ମାନସ କୁମାର ପଣ୍ଡା, ବଡ଼ପଣ୍ଡା

ଶିବରାତ୍ରି ପରେ ବୋଲ-ବୋମ ସମୟରେ ୪ରୁ ୫ଟି ପାଳିରେ ଭଲ ରୋଜଗାର ହୋଇଥାଏ। ଭକ୍ତଙ୍କୁ ସୁଲଭ ମୂଲ୍ୟରେ ପୂଜା ସାମଗ୍ରୀ ସହିତ କାଉଡ଼ି ଭାରର ସମସ୍ତ ସାମଗ୍ରୀ ଯୋଗାଇଦେବା ପାଇଁ ଆମର ସମସ୍ତ ଦୋକାନୀ ଭାଇ ପ୍ରଚେଷ୍ଟା ଜାରି ରଖିଛୁ।

ରତିକାନ୍ତ ଖଟୁଆ, ଫଳଦୋକାନୀ

୨୫ବର୍ଷ ଧରି ଢୁକୁରାରୁ ଆମ ସାଙ୍ଗଙ୍କ ସହିତ ମାଧବୀ ନଦରୁ ଜଳନେଇ ଚାଲିଚାଲି ଯାଇ ପ୍ରତିବର୍ଷ ମାଣତ୍ରୀରେ ସାମୂହିକ ଅର୍ପଣ କରିଆସୁଛୁ। ମନ୍ଦିରର ଶୃଙ୍ଖଳା ତଥା ନିଶୁଳ୍କ ବ୍ୟବସ୍ଥା ପାଇଁ ରାଜ୍ୟ ଓ ରାଜ୍ୟର ବାହାରୁ ଶ୍ରାବଣର ପ୍ରତି ସୋମବାର ହଜାର ହଜାର ପୁରୁଷମହିଳା ଭକ୍ତ ଆସି ମାନସିକ ଜଳ ଅର୍ପଣ କରିଥାନ୍ତି। ରାସ୍ତା ପାର୍ଶ୍ୱରୁ ଆରମ୍ଭ କରି ମନ୍ଦିର ପର୍ଯ୍ୟନ୍ତ ବହୁ ବଦାନ୍ୟ ବ୍ୟକ୍ତି ଓ ସଙ୍ଗଠକ ଷ୍ଟଲ କରି ଖାଇବା ପିଇବା, ଚାହା, ସର୍ବତ ଏପରିକି ସ୍ୱାସ୍ଥ୍ୟ ସେବା ଯୋଗାଇଥାନ୍ତି। ବୈଦନାଥ ନାମ ହେତୁ ଏହି ପୀଠରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ମାନସିକ ପୂରଣ ହେଉଥିବାରୁ ସମସ୍ତଙ୍କ ବିଶ୍ୱାସ ଅତୁଟ ରହିଛି।

ଭରତ ଚନ୍ଦ୍ର ବେହେରା, କାଉଡ଼ି ଭକ୍ତ

ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା ସ୍ଥଗିତ

ନିରାଶରେ ଫେରିଲେ ୧୨ଟି କେନ୍ଦ୍ରର ୫୮୭୦ ପରୀକ୍ଷାର୍ଥୀ

ବାରିପଦା, ୨୦।୭ (ସମିସ): ଓଡ଼ିଶା ହାଇସ୍କୁଲ, ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଆନୁକୂଲ୍ୟରେ 'ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସ୍ଓଟିଇଟି-୨୦୨୫)' ରବିବାର ମୟୂରଭଞ୍ଜ ଜିଲ୍ଲାର ବାରିପଦାରେ ବିଭିନ୍ନ ହାଇସ୍କୁଲର ୧୨ଟି କେନ୍ଦ୍ରରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିଲା। ଏହି ପରୀକ୍ଷା ପାଇଁ ମହାରାଜା କୃଷ୍ଣଚନ୍ଦ୍ର ହାଇସ୍କୁଲ, ମହାରାଣୀ ପ୍ରେମକୁମାର ବାଳିକା ହାଇସ୍କୁଲ, କମଳା ନେହେରୁ ବାଳିକା ହାଇସ୍କୁଲ, ଭଞ୍ଜପୁର ବାଳିକା ହାଇସ୍କୁଲ, ଭଞ୍ଜପୁର ହାଇସ୍କୁଲ, ଶ୍ରୀପଦଗଞ୍ଜ ନୋଡାଲ ହାଇସ୍କୁଲ, ଲେଡି ହାମିଲଟନ ନୋଡାଲ ହାଇସ୍କୁଲ, ପୁଲିସ ଲାଇନ ହାଇସ୍କୁଲ, ଶରତଚନ୍ଦ୍ର ବିଦ୍ୟାପୀଠ, ବଳାଙ୍ଗୀ ବାଳିକା ହାଇସ୍କୁଲ, ବେଲଗଡ଼ିଆ ଭଞ୍ଜଭୂମି ହାଇସ୍କୁଲ ଏବଂ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରମୁଖ ୧୨ଟି କେନ୍ଦ୍ରରେ ମୋଟ ୫ହଜାର ୮୭୦ଜଣ ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା ହୋଇଥିଲା। ଏହି ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୪୩୨ଜଣ ପ୍ରଥମ ପ୍ରଶ୍ନପତ୍ର ପୂର୍ବାହ୍ନ ୮ଟାରୁ ସାଢ଼େ ୧୧ଟା ମଧ୍ୟରେ ଏବଂ ୩୪୨୫ ପରୀକ୍ଷାର୍ଥୀ ଦ୍ୱିତୀୟ ପ୍ରଶ୍ନପତ୍ର ଅପରାହ୍ଣ ୨ଟାରୁ ସାଢ଼େ ୪ଟା ମଧ୍ୟରେ ପରୀକ୍ଷା ଦେବାର କାର୍ଯ୍ୟକ୍ରମ ଥିଲା। ପରୀକ୍ଷା ପାଇଁ ମାଧ୍ୟମିକ ଶିକ୍ଷା

ବିଳମ୍ବିତ ରାତି ବିଜ୍ଞପ୍ତିକୁ ନାପସନ୍ଦ

ପରିଷଦ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡମାନେ ନିୟୋଜିତ ହୋଇଥିଲେ। ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ମଧ୍ୟ ପହଞ୍ଚିଥିଲା। ପରନ୍ତୁ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗତ ରାତି ୨ଟା ବେଳେ ପରୀକ୍ଷା ସ୍ଥଗିତ ନେଇ ବିଜ୍ଞପ୍ତି ପ୍ରକାଶ ପରେ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ସ୍ଥଗିତ ରଖାଯାଇଛି। ଫଳରେ ଦୂରଦୂରାନ୍ତରୁ ଆସି ହୋଟେଲ, ଲଜ୍ ବୁକ୍ କରି ରହିଥିବା ପରୀକ୍ଷାର୍ଥୀ ଓ ଗାଡ଼ି ଭଡ଼ାକରି ଆସିଥିବା ପରୀକ୍ଷାର୍ଥୀ ନିରାଶ ହୋଇଛନ୍ତି। ସରକାରଙ୍କ ଏପରି ନିଷ୍ପତ୍ତି ବିରୋଧରେ ସେମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ବିଦ୍ୟୁତ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

ବାରିପଦା, ୨୦।୭ (ସମିସ): ସ୍ଥାନୀୟ ବାରୁଣୀରୋଡରେ ଏକ ଓ୍ୱେଲ୍ଡିଂ ଦୋକାନରେ କାମ କରୁଥିବା ଜଣେ କୁଶଳୀ ଶ୍ରମିକଙ୍କ ବିଦ୍ୟୁତ ଆଘାତରେ ମୃତ୍ୟୁ ଘଟିଛି। ମୃତକ ହେଲେ ବିହାର ମଧୁବଣୀର ଉତ୍ତମ କୁମାର (୪୫)। ପୁଲିସ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଅଧିକ ତଦନ୍ତ କରୁଛି।

ପୁଲିସ ଜିଲ୍ଲା ଘୋଷଣାକୁ ପାଞ୍ଚପୀଢ଼ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ବିରୋଧ

କରଞ୍ଜିଆ, ୨୦।୭ (ସମିସ): ମୟୂରଭଞ୍ଜ ପୁଲିସ ଜିଲ୍ଲାକୁ ଦୁଇଭାଗ କରି ସରକାର ଘୋଷଣା କରିଥିବା ରାଇରଙ୍ଗପୁର ପୁଲିସ ଜିଲ୍ଲା ନେଇ ପାଞ୍ଚପୀଢ଼ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ପାଞ୍ଚପୀଢ଼ ଓ ବାମାନଘାଟି ଉପଖଣ୍ଡକୁ ନେଇ ରାଇରଙ୍ଗପୁର ଜିଲ୍ଲା ଗଠନ ପାଇଁ ଉଚ୍ଚ ନ୍ୟାୟାଳୟରେ ହୋଇଥିବା ଆବେଦନ ଉପରେ ନ୍ୟାୟାଳୟ ରହିତାଦେଶ ଜାରି କରିବା ସହ ଜିଲ୍ଲା ଗଠନ ପ୍ରକ୍ରିୟା ହେବା ପୂର୍ବରୁ ନ୍ୟାୟାଳୟଙ୍କ ଅନୁମତି ଆବଶ୍ୟକ ବୋଲି ସରକାରଙ୍କୁ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ। ପୂର୍ବ ସରକାର ବେଳେ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିବା ସମୟରେ ବର୍ତ୍ତମାନର ବିଜେପି ସରକାର ଦୁଇଟି ଉପଖଣ୍ଡକୁ ନେଇ ପୁଲିସ ଜିଲ୍ଲା ଗଠନ କରିବା ଉପରେ କ୍ରିୟାନୁଷ୍ଠାନ କମିଟି ପ୍ରଶ୍ନବାଚୀ ସୃଷ୍ଟି କରିଛି। ନୂତନ ଜିଲ୍ଲା ଗଠନ ପୂର୍ବରୁ ଆଇନଶୃଙ୍ଖଳା ଆଳରେ ପୁଲିସ ଜିଲ୍ଲା ଗଠନ କରିବା ଦ୍ୱାରା ପୂର୍ଣ୍ଣାଙ୍ଗ ଜିଲ୍ଲା ଗଠନ ପାଇଁ ପଥ ପରିଷ୍କାର କରିବା ଉଦ୍ୟମ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶନାମାର ଅବମାନନା ଧରାଯିବ ବୋଲି କମିଟି ଯୁକ୍ତି ବାଢ଼ିଛି। ଦୁଇ ଉପଖଣ୍ଡକୁ ନେଇ ରାଇରଙ୍ଗପୁର ଜିଲ୍ଲା ଗଠନ ଉଦ୍ୟମ ସମୟରେ ପାଞ୍ଚପୀଢ଼ ଉପଖଣ୍ଡର ଜନସାଧାରଣ ଜିଲ୍ଲା ବିଭାଜନକୁ ତୀବ୍ର ବିରୋଧ କରିଛନ୍ତି। ଯଦି ବିଭାଜନ ହୁଏ ତେବେ ପାଞ୍ଚପୀଢ଼ ଉପଖଣ୍ଡକୁ ମଧ୍ୟ ଜିଲ୍ଲାର ମାନ୍ୟତା ପାଇଁ ତତ୍କାଳୀନ ସରକାରଙ୍କ ନିକଟରେ ଦାବି କରାଯାଇଛି। ଏଥିପାଇଁ କରଞ୍ଜିଆ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀରେ ଉପଖଣ୍ଡର ନେତୃବୃନ୍ଦ ଓ ବୁଦ୍ଧିଜୀବୀ ମିଳିତଭାବେ ପାଞ୍ଚପୀଢ଼ ଜିଲ୍ଲା କ୍ରିୟାନୁଷ୍ଠାନ କମିଟି ଗଠନ କରି ଆନ୍ଦୋଳନ ଚଳାଇ ଆସୁଛନ୍ତି। ରାଇରଙ୍ଗପୁର ପୁଲିସ ଜିଲ୍ଲା ଗଠନକୁ ଯଶିପୁର ବିଧାୟକ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏବଂ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୃ ସମର୍ଥନ କରିଥିବା ନେଇ ଗଣମାଧ୍ୟମରେ ପ୍ରକାଶ ପାଇଛି। ଯଦି ଏହା ସତ୍ୟ ହୋଇଥାଏ ତାହେଲେ ଏହି ଦୁଇ ପ୍ରତିନିଧି ଉପଖଣ୍ଡର ଦୁଇଗୋଟି ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ଆତ୍ମସମ୍ମାନ ଓ ସ୍ୱାଭିମାନ ଉପରେ କୁଠାରଘାତ କରିଥିବା ଅଭିଯୋଗ ହେଉଛି। ପାଞ୍ଚପୀଢ଼ ଉପଖଣ୍ଡ ପାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ନିଯୁକ୍ତି କରି ଜନସାଧାରଣଙ୍କୁ ପୁଲିସ ପ୍ରଶାସନିକ ସେବା ଯୋଗାଇଦେବା ପାଇଁ କମିଟି ସରକାରଙ୍କ ନିକଟରେ ଦାବି କରିବା ସହ ନିଷ୍ପତ୍ତିର ପୁନର୍ବିଚାର ନକଲେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବ ବୋଲି ସଭାପତି ତଥା କରଞ୍ଜିଆ ଓକିଲ ସଂଘର ପ୍ରାକ୍ତନ ସଭାପତି ବାଞ୍ଛାନିଧି ପୃଷ୍ଟି ଏବଂ ପ୍ରାକ୍ତନ ସମ୍ପାଦକ ଆଇନଜୀବୀ ଦିବ୍ୟପ୍ରସାଦ ସାହୁ ପ୍ରକାଶ କରିଛନ୍ତି।

ମୟୂରଭଞ୍ଜ କଲ୍ୟାଣ ବିଭାଗ ଶିକ୍ଷକ ସଂଘର ଜରୁରୀ ବୈଠକ

ବାରିପଦା, ୨୦।୭ (ସମିସ): ସ୍ଥାନୀୟ କଲ୍ୟାଣୀ ମହିଳା ସମିତି ସମ୍ମିଳନୀ କକ୍ଷରେ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, ମୟୂରଭଞ୍ଜ ଶାଖା କାର୍ଯ୍ୟନିର୍ବାହୀ ସମିତିର ଜରୁରୀ ବୈଠକ ସଭାପତି ଚିତ୍ତରଞ୍ଜନ ପ୍ରତିହାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ସଂଘ ତଥା ସମସ୍ତ ଉପଖଣ୍ଡର ସଂଘୀୟ କର୍ମକର୍ତ୍ତା ଯୋଗଦେଇଥିଲେ। ଜିଲ୍ଲା କାର୍ଯ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସୁବିଧା ଦେବାରେ ସଦାସର୍ବଦା ଅବହେଳା ପ୍ରଦର୍ଶନ କରୁଛି। ବିଏଡ ଯୋଗ୍ୟତା ଥିବା ଏମ୍‌ସିଟି ଶିକ୍ଷକଙ୍କୁ ଆଶ୍ରମ ବିଦ୍ୟାଳୟରେ ଖାଲିଥିବା ପ୍ରଧାନଶିକ୍ଷକ/ଟିଜିଟି ଆର୍ଟ୍ସ/ସାଇନ୍ସ ପଦବୀରେ ପଦୋନ୍ନତି ଦେଇ ଖାଲି ରହିଥିବା ପଦବୀ ପୂରଣ କରାଯିବା ପ୍ରାବଧାନ ରହିଛି। ସେହିପରି ଯେଉଁ ଏମ୍‌ସିଟି ଶିକ୍ଷକଙ୍କର ବିଏଡ ଯୋଗ୍ୟତା ନାହିଁ ସେମାନଙ୍କର ସ୍ୱତନ୍ତ୍ର ଗ୍ରେଡେସନ ତାଲିକା ପ୍ରକାଶ କରାଯାଇ ବରିଷ୍ଠତା ଆଧାରରେ ଟିଜିଟି ପ୍ରଧାନ ଶିକ୍ଷକ ପଦବୀ ସୃଷ୍ଟି ହୋଇ ନ ଥିବା ଆଶ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷକ ପଦବୀରେ ନିଯୁକ୍ତି ପ୍ରଦାନ କରିବାକୁ ସଂଘ ବାରମ୍ବାର ଦାବି କରୁଛି। ହେଲେ ଜିଲ୍ଲା ପ୍ରଶାସନ ଏହାକୁ ଅଣଦେଖା କରି କନିଷ୍ଠମାନଙ୍କୁ ପ୍ରଧାନଶିକ୍ଷକ ପଦରେ ଅବସ୍ଥାନ କରୁଥିବାରୁ ଶିକ୍ଷକ ମହଲରେ ଅସନ୍ତୋଷ ବୃଦ୍ଧିପାଉଛି। ଦୀର୍ଘ ବର୍ଷ ଧରି ପଦୋନ୍ନତି ନ ଦେବାରୁ ଅନ୍ୟ ଜିଲ୍ଲାର ଶିକ୍ଷକ ଶିକ୍ଷୟିତ୍ରୀ ପଦୋନ୍ନତିପାଇ ବରିଷ୍ଠତା ଭିତ୍ତିରେ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ହେବାପାଇଁ ଦାବିଦାର ହେଉଥିବା ବେଳେ ମୟୂରଭଞ୍ଜର ଶିକ୍ଷକଶିକ୍ଷୟିତ୍ରୀ ନିଜର ନ୍ୟାଯ୍ୟ

ବରିଷ୍ଠଙ୍କ ପରିବର୍ତ୍ତେ କନିଷ୍ଠଙ୍କୁ ପ୍ରଧାନ ଶିକ୍ଷକ ଦାୟିତ୍ୱକୁ ବିରୋଧ

ଅଧିକାରରୁ ବଞ୍ଚିତ ହୋଇ ଅବସର ଗ୍ରହଣ କରୁଛନ୍ତି। ନିକଟ ଅତୀତରେ ଘଟିଯାଇଥବା ବଦଳି ପ୍ରକ୍ରିୟାରେ ନାନା ଅସଙ୍ଗତି ରହିଥିବାରୁ ଉପସ୍ଥିତ ସଦସ୍ୟ ଏହାର ସଂଶୋଧନ କରିବାକୁ ଦାବି ଉପସ୍ଥାପନ କରିଥିଲେ। ସାମ୍ପ୍ରତିକ ବଜାରଦରର ଅହେତୁକ ବୃଦ୍ଧି ଯୋଗୁଁ ମେସ୍ ପରିଚାଳନାରେ ଭାରାକ୍ରାନ୍ତ ହୋଇ ବିଭାଗୀୟ ଶିକ୍ଷକମାନେ କିପରି ମାନସିକ ଚାପରେ କଷ୍ଟପାଉଛନ୍ତି, ସେ ବିଷୟରେ ଆଲୋଚନା କରାଯାଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ ସକାଶେ ଦାବି ଉପସ୍ଥାପନ କରିଥିଲେ। ଗତ ମେ' ପହିଲାରେ ଶିକ୍ଷକ ସଂଘର ପ୍ରତିନିଧି ମଣ୍ଡଳ ଜିଲ୍ଲାପାଳଙ୍କୁ ଏନେଇ ୧୪ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଉପସ୍ଥିତ ସଭ୍ୟ/ସଭ୍ୟା ଦୁଃଖ ପ୍ରକାଶ କରିଥିଲେ। ପୁନର୍ବାର ପ୍ରତିନିଧି ମଣ୍ଡଳ ଜିଲ୍ଲାପାଳ, ମୟୂରଭଞ୍ଜଙ୍କୁ ସାକ୍ଷାତ କରି ଏଗୁଡ଼ିକର କାର୍ଯ୍ୟକାରିତା ଦିଗରେ ଆଲୋଚନା କରିବାକୁ ବୈଠକରେ ସ୍ଥିର ହୋଇଛି। ଯଦି ଆଲୋଚନା ସକାରାତ୍ମକ ନ ହେବ, ତେବେ ଜିଲ୍ଲା ସଂଘ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବ ବୋଲି ସର୍ବସମ୍ମତି ପ୍ରସ୍ତାବ ପାରିତ ହୋଇଛି। ବୈଠକରେ ସାଧାରଣ ସମ୍ପାଦକ ଧ୍ରୁବଚରଣ ମୁର୍ମୁ, ବରିଷ୍ଠ ଉପଦେଷ୍ଟା ଦେବେନ୍ଦ୍ର ପଣ୍ଡା, ଦୀପକ କୁମାର ଦଣ୍ଡପାଟ, ବିଶ୍ୱନାଥ ସାହୁ, ରାଜ୍ୟ ପ୍ରତିନିଧି ବସନ୍ତ କୁମାର ବେହେରା ଓ ରୋହିନ୍ କୁମାର ମହାନ୍ତି ପ୍ରଭୃତି ସମସ୍ତ ସଂଘୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ଦୁବୁଲାବେଡ଼ାରେ ୨୦୦ ଶଯ୍ୟା ବିଶିଷ୍ଟ ଆବାସିକ ଛାତ୍ରାବାସ ପାଇଁ ଦାବି

ରାଇରଙ୍ଗପୁର, ୨୦।୭ (ସମିସ): ସହର ସଦର ମହକୁମାରୁ ସନ୍ନିକଟ ମାତ୍ର ୨ କିମି ଦୂର ରାଇରଙ୍ଗପୁର ବ୍ଲକର ପୁରୁଣାପାଣି ପଞ୍ଚାୟତର ଦୁବୁଲାବେଡା ଗ୍ରାମରେ ଏକମାତ୍ର ଅନୁଦାନପ୍ରାପ୍ତ ହେରମ୍ବ ନାରାୟଣ ଉଚ୍ଚ ବିଦ୍ୟାଳୟରେ ୨୦୦ ଶହ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ ପାଇଁ ଦୀର୍ଘବର୍ଷ ହେଲା ଅଞ୍ଚଳବାସୀ, ଅଭିଭାବକ ମହଲ ଓ ଛାତ୍ରଛାତ୍ରୀ ଦାବି କରି ଆସୁଛନ୍ତି। ସୂଚନାଯୋଗ୍ୟ ଏହି ବିଦ୍ୟାଳୟଟି ୧୯୮୮ ମସିହାରେ ମୟୂରଭଞ୍ଜ ଜିଲ୍ଲାର ବିଶିଷ୍ଟ ଡାକ୍ତର ତଥା ତତ୍କାଳୀନ ରାଇରଙ୍ଗପୁର ହସ୍ପିଟାଲର ଡା. ପ୍ରମୋଦ ନାଥ ଭୂୟାଁ, ଗ୍ରାମବାସୀ, ଅଞ୍ଚଳବାସୀଙ୍କ ପ୍ରଚେଷ୍ଟାରେ ସ୍ଥାପିତ ହୋଇଥିଲା। ବିଦ୍ୟାଳୟରେ ପୁରୁଣା ପାଣି, ଦାଣ୍ଡବୋଷ, ତାମଲବନ୍ଧ, କଣ୍ଟାବଣି, କଲରଦା, ମୁରୁଗାଘୁଟୁ, ସାନସିମିଳା, ପାଟେପାଣି, ଆନନ୍ଦପୁର, ରାଣିପାଳ, ଦୁବୁଲାବେଡା, ବିକାଶନଗର, ସାନ ଚମ୍ପାଉଦା, ରାଇରଙ୍ଗପୁର ସହରର ବାଇଦାପୋଷି, ସାନପାଖଣା ପଞ୍ଚାୟତର ଧୁଙ୍ଗିଆଡ଼ି, ସାନପାଖଣା, ଅଁଳାଯୋଡି, ଗୁହାଳଡାଙ୍ଗିରୀ, ନିୟୁତି, ଗୁଣ୍ଡୁରିଆ ପ୍ରଭୃତି ଦୂରଦୂରାନ୍ତରୁ ଛାତ୍ରଛାତ୍ରୀ ଏହିଠାରେ ଶିକ୍ଷା ଲାଭ କରୁଛନ୍ତି। ସ୍କୁଲର ଶିକ୍ଷକମାନେ ଭଲ ପାଇବା, ଶୈକ୍ଷିକ ପରିବେଶ ଯୋଗୁଁ ଅଭିଭାବକଙ୍କର ଏହି ସ୍କୁଲପ୍ରତି ଆସ୍ଥା ଓ ବିଶ୍ୱାସ ରହିଛି। ଲଗାତର ୪ ବର୍ଷ ହେଲା ଶତ ପ୍ରତିଶତ ମେଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଉଛନ୍ତିଷ। ବିଦ୍ୟାଳୟଟି ମଧ୍ୟ '୫-ଟି'ରେ ରୂପାନ୍ତରିତ ହୋଇଛି। କିନ୍ତୁ ଦୁଃଖର ବିଷୟ ଏହି ବିଦ୍ୟାଳୟରେ ଛାତ୍ରାବାସ ନ ଥିବାରୁ ପିଲାମାନେ ବହୁ ଦୂରଦୂରାନ୍ତ ୧୦/୧୨ କିମି ଦୂରରୁ ଆସି ହଇରାଣ ହରକତ ହେଉଛନ୍ତି। ଅଭିଭାବକମାନେ ବାରମ୍ବାର ପ୍ରଶାସନକୁ ୨୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ ନିର୍ମାଣ ପାଇଁ ଦାବି କଲେ ମଧ୍ୟ ପ୍ରଶାସନ ଏହାକୁ ଅଣଦେଖା କରୁଛି। ଏହି ହଷ୍ଟେଲ ହେଲେ ନୂତନ ବାଇଦାପୋଷୀ ଷ୍ଟାଡିୟମର ଆଗାମୀ ଦିନରେ କ୍ରୀଡ଼ା ପିଲା ରହି ପାଠ ପଢ଼ିବେ। ତଦ୍‌ସହିତ ଏହି ହଷ୍ଟେଲରେ ରହି ପିଲାମାନେ କଣ୍ଟାବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବାଇଦାପୋଷୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଇରଙ୍ଗପୁର ହାଇସ୍କୁଲରେ ଯିବା ଆସିବା କରି ପାଠପଢ଼ି ପାରିବେ। ତେଣୁ ଜିଲ୍ଲାପାଳ ଅତିଶୀଘ୍ର ଏହି ହାଇସ୍କୁଲରେ ୨୦୦ ଶଯ୍ୟା ବିଶିଷ୍ଟ (୧୦୦ ଶଯ୍ୟା ବାଳକ, ୧୦୦ ଶଯ୍ୟା ବାଳିକା) ଛାତ୍ରାବାସ ନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଅଭିଭାବକ, ଛାତ୍ରଛାତ୍ରୀ ଏବଂ ଅଞ୍ଚଳବାସୀ ଦାବି କରିଛନ୍ତି।

ରାଜ୍ୟସ୍ତରୀୟ ପୁଲିସ ଭଲିବଲ ଚାମ୍ପିଅନସିପ୍‌ରେ ମୟୂରଭଞ୍ଜ ଟିମ୍

ବାରିପଦା, ୨୦।୭ (ସମିସ): ୬ଷ୍ଠ ବାଟାଲିଆନ, କଟକ ଆନୁକୂଲ୍ୟରେ ଆୟୋଜିତ ୭୭ତମ ରାଜ୍ୟସ୍ତରୀୟ ପୁଲିସ ଭଲିବଲ ଚାମ୍ପିଅନସିପରେ ଅଂଶଗ୍ରହଣ କରିବା ପାଇଁ ମୟୂରଭଞ୍ଜ ପୁଲିସ ଦଳ କଟକ ଅଭିମୁଖେ ଯାତ୍ରା କରିଛି। ଦଳରେ ହରିହର ମଲ୍ଲିକ (ଅଧିନାୟକ), ନିରଞ୍ଜନ ନାଏକ, ରାଜୀବ କୁମାର ଭୂୟାଁ, ଲକ୍ଷ୍ମୀ ନାରାୟଣ ସାହୁ, ବିକାଶ ଗିରି, ଜଗତ ଜୀବନ ସେଠି, ସ୍ନେହାଶିଷ ମହାନ୍ତି, ମିଲୁ ମହାନ୍ତ, ଜନ୍ମେଜୟ ଦାସ, ଅଞ୍ଜନ ବେହେରା, ପ୍ରୀତମ ମହାନ୍ତ, ସାମିଲ ଅଛନ୍ତି। ମ୍ୟାନେଜର ଭାବେ କେ. ବିଶ୍ୱନାଥ ରାଓ ଓ ଜୀତେନ୍ଦ୍ର ଜେନା କୋଚ ଭାବେ ଦଳ ସହିତ ଗସ୍ତ କରିଛନ୍ତି। ରିଜର୍ଭ ପୁଲିସ ଇନ୍ସପେକ୍ଟର ଆଲୋକ କାନୁନଗୋ, ପୁଲିସ ସଂଘ ସମ୍ପାଦକ ସୁରଜ କୁମାର ରାଜ, ଏନଆଇଏସ କୋଚ୍ ମନୋରଞ୍ଜନ ଜୀଉ ଓ ଭାନୁପ୍ରତାପ ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଚଳିତ ମାସ ୨୨ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ଚାମ୍ପିଅନସିପ ଅନୁଷ୍ଠିତ ହେବ। ମୟୂରଭଞ୍ଜ ତାର ପ୍ରଥମ ମ୍ୟାଚ ୨୨ ତାରିଖ ଦିନ ଖେଳିବ।

ହୋ' ଭାଷା ୱାଂରାଚିତି ଶିକ୍ଷକ ଚୟନ ପରୀକ୍ଷା

କରଞ୍ଜିଆ, ୨୦।୭ (ସମିସ): କରଞ୍ଜିଆ ବଣସାହିରେ ଥିବା ହୋ' ସମାଜ ସାଂସ୍କୃତିକ ଭବନ ମଧ୍ୟରେ ବୀର ବିର୍ସା ମୁଣ୍ଡା ଓ ଟାଟା ଷ୍ଟିଲଫାଉଣ୍ଡେସନର ମିଳିତ ସହଯୋଗରେ ହୋ' ଭାଷା ୱାରାଙ୍କିତି ଶିକ୍ଷକ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ୫ଟି ପୋଷ୍ଟ ପାଇଁ ୧୫୮ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବା ବେଳେ ୧୦୪ ଜଣ ଛାତ୍ରଛାତ୍ରୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ବୀର ବିର୍ସା ମୁଣ୍ଡା ଟ୍ରଷ୍ଟ ଦ୍ୱାରା ହୋ' ଭାଷାର ସାହିତ୍ୟ ସାଂସ୍କୃତିକ ଓ ପରମ୍ପରାକୁ ବଞ୍ଚେଇ ରଖିବା ପାଇଁ ପ୍ରୟାଶ ଜାରି ରଖିଥିବା ବେଳେ, ହୋ' ସମାଜରେ ଥିବା ବେକାରୀ ସମସ୍ୟା ଦୂର କରିବା ସହିତ ଭାଷା ଶିକ୍ଷକ ନିଯୁକ୍ତି ଦ୍ୱାରା ପରିବାର ପ୍ରତି ପଶୋଣା ସହାୟକ ଭାବେ କାର୍ଯ୍ୟ କରୁଛି। ଓଡ଼ିଶାର ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, କଟକ, ଖୋର୍ଦ୍ଧା, ଯାଜପୁର ଓ ବାଲେଶ୍ୱର ଜିଲ୍ଲାରେ ସର୍ବମୋଟ ୪୫ଟି ତୁରତୁଙ୍ଗ ହୋ' ଭାଷା ଶିକ୍ଷା କେନ୍ଦ୍ର ଚାଲୁଛି। ୨୦୨୫-୨୬ ଶିକ୍ଷା ବର୍ଷ ପାଇଁ ଅତି ଶୀଘ୍ର ଆଉ ୫ଟି ନୂତନ ଶିକ୍ଷାକେନ୍ଦ୍ର ଖୋଲାଯିବାର ହାତକୁ ନିଆଯାଇଥିବାରୁ ଶିକ୍ଷକ ପଦ ପୂରଣ ନିମନ୍ତେ ପରୀକ୍ଷା ଅନୁଷ୍ଠିତ ହୋଇଛି। ନିଯୁକ୍ତି ପ୍ରବେଶିକ ପରୀକ୍ଷାକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ଗୌରାଙ୍ଗ ବାନ୍ଧିଆ ପରୀକ୍ଷକ ନିଯୁକ୍ତି ହୋଇଥିବା ବେଳେ, ସ୍କ୍ୱାଡ ଭାବେ କୁନା କଣ୍ଡେୟାଙ୍ଗ, ବାଗୁନ ସିଂ ଜାରିକାଙ୍କୁ ନିୟୋଜିତ କରା ଯାଇଥିବା। ଅଜିତ ବଦରା, ସୂର୍ଯ୍ୟ ସିଂ ବୁଲିଉଲି, ବାଗୁନ ସିଂ ଶୁଣ୍ଡି ସହଯୋଗ କରିଥିଲେ। ବୀର ବିର୍ସା ମୁଣ୍ଡା ହୋ' ଛାତ୍ର ସଂଗଠନ ଓଡ଼ିଶାର ପ୍ରତିଷ୍ଠିତା କ୍ଷୀରୋଦ କୁମାର ହେମ୍ବ୍ରମ ଓ ଟ୍ରଷ୍ଟର ଚେୟାରମ୍ୟାନ ମଙ୍ଗଲ ସିଂ ସିଙ୍କୁ ସମସ୍ତ ପରୀକ୍ଷାର୍ଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଜନ୍ମୋତ୍ସବ ସମାରୋହ

ଏକନିଷ୍ଠ ସାଧନା ହିଁ ସଫଳତାର ଚାବିକାଠି

ବଡ଼ସାହି, ୨୦।୭ (ସମିସ)

ଉତ୍କଳ ଶିକ୍ଷା ପରିଷଦ ମାର୍ଗଦର୍ଶନରେ ବଡ଼ସାହି ବାଣୀପୀଠ ଦ୍ୱାରା ପରିଚାଳିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୭ତମ ଜନ୍ମଦିବସ ତଥା ଜନ୍ମୋତ୍ସବ ମହାସମାରୋହରେ ବିବେକାନନ୍ଦ ବିହାରସ୍ଥିତ ବାଣୀଭବନରେ ଅନୁଷ୍ଠିତ ହୋଇଯାଇଛି। ସକାଳେ ବାଣୀମନ୍ଦିରରେ ପୂଜାର୍ଚ୍ଚନା ପରେ ଶୁଭଜିତ୍ ଶୁଭଙ୍କର ରାଉତ ଓ ସୁମନ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା। ପରେ ମାଆ ନିଶାମଣି ରାଉତଙ୍କ ଦ୍ୱାରା କାର୍ଯ୍ୟକ୍ରମ ଉଦଘାଟିତ ହୋଇଥିଲା। ଏଥିରେ ଅବସରପ୍ରାପ୍ତ ଶିକ୍ଷକ ଚନ୍ଦ୍ରଶେଖର ମହାନ୍ତି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ସାହି ବିଧାୟକ ସନାତନ ବିଜୁଳି ଯୋଗଦେଇ ଏକନିଷ୍ଠ ସାଧନା ହିଁ ସଫଳତାର ଚାବିକାଠି ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଉତ୍କଳ ଶିକ୍ଷା ପରିଷଦର ସାଧାରଣ ସମ୍ପାଦକ ଯୋଗେନ୍ଦ୍ର ଦାଶ, ସ୍ୱତନ୍ତ୍ର ଅତିଥି ଭାବେ ଗୌରାଙ୍ଗ ମଠ ପୁରୀର ବାବାଜୀ ସନତ୍ ସୁଜାତାନନ୍ଦ ଦାସ, ଆଦରଣୀୟ ଅତିଥି ଭାବେ ରାଗ୍ମା ଏସ୍‌ସିବି ଡିଗ୍ରୀ କଲେଜର ଅଧ୍ୟକ୍ଷା ଡ. ଅସୀମା ସାହୁ, ସ୍ୱତନ୍ତ୍ରବକ୍ତା ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଧିକାରୀ ହିମାଂଶୁ ଶେଖର ଦାସ, ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଅରୁଣ କୁମାର ଓତା ଓ ଅବସରପ୍ରାପ୍ତ ଶିକ୍ଷକ ରଣଜିତ୍ କୁମାର ଦାସ ଏବଂ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ତଥା ବରିଷ୍ଠ ସଙ୍ଗୀତଜ୍ଞ ସଚୀନ୍ଦ୍ର କୁମାର ବିଶ୍ୱାଳ ଓ ବଡ଼ସାହି ବ୍ଲକ ବିଧାୟକ ପ୍ରତିନିଧି ଭବାନୀ ଶଙ୍କର ସାହୁ ଯୋଗଦେଇ ଉନ୍ନତ ରାଷ୍ଟ୍ର ଗଠନରେ ଗୁରୁଜୀ ଗୁରୁମାଙ୍କ ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାଦେଶିକ ମେଧାବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୫ଜଣ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥି ମାନପତ୍ର ଦେଇ ପୁରସ୍କୃତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡ. କୁମାର ବାବୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସଞ୍ଚାଳିତ ହୋଇଥିବା ବେଳେ ସମ୍ପାଦିକା ତଥା ପ୍ରଧାନଆଚାର୍ଯ୍ୟା ପୁହାଣ ସୂର୍ଯ୍ୟକାନ୍ତି ରାଉତ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବଙ୍କିମ୍ ଚନ୍ଦ୍ର ବାରିକ ଓ ଲଳିତ କୁମାର ମହାନ୍ତି ମଞ୍ଚ ସଞ୍ଚାଳନ କରିଥିଲେ। ପ୍ରାରମ୍ଭରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ ହୋଇଥିଲା। କବି କଲ୍ଲୋଳ ଶିବଶଙ୍କର ଭୂୟାଁ ଧନ୍ୟବାଦ ଆର୍ପଣ କରିଥିଲେ।

ଭ୍ୟାନ୍ ଓଲଟି ୧ ଗୋରୁ ମୃତ; ଚାଳକ ଅଟକ

ଶୁଳିଆପଦା, ୨୦।୭ (ସମିସ): ଚାନ୍ଦୁଆ ଥାନା ଅଧୀନ ମସିଣା କାଟିରେ ବିଳମ୍ବିତ ରାତ୍ରିରେ ବାରିପଦାରୁ ପଶ୍ଚିମବଙ୍ଗ ଆଡ଼କୁ ଯାଉଥିବା ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ ଭାରସାମ୍ୟ ହରେଇ ମସିଣା କାଟିରେ ଓଲଟି ପଡ଼ିବାରୁ ଗୋଟିଏ ଗୋରୁର ମୃତ୍ୟୁ ଘଟିଛି। ଗାଡିରେ (ଡବ୍ଲ୍ୟୁ ବି ୨୯ଇ ୮୬୪୩) ପାଖାପାଖି ୧୦ଟି ଗୋରୁଥିବା ଅନୁମାନ କରାଯାଉଥିଲା। ଦୁର୍ଘଟଣା ପରେ ରାତି ମଧ୍ୟରେ ସମସ୍ତ ଗୋରୁସେଠାରୁ ଅନ୍ୟସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଖବର ପାଇ ଘଟଣାସ୍ଥଳରେ ସକାଳୁ ଚାନ୍ଦୁଆ ଥାନା ଓ ଜମ୍ବିରା ଫାଣ୍ଡି ପୁଲିସ କର୍ମଚାରୀ ପହଞ୍ଚିଥିଲେ। ମୃତ ଗୋରୁ ଓ ଭ୍ୟାନକୁ ଜମ୍ବିରା ଫାଣ୍ଡିକୁ ଅଣାଯାଇଥିଲା। ଗୋରୁର ଶବ ବ୍ୟବଚ୍ଛେଦ ପରେ ମାଟିରେ ପୋତି ଦିଆଯାଇଛି। ଏନେଇ ମାମଲା ରୁଜୁ ହୋଇଥିବା ବେଳେ ଡ୍ରାଇଭରକୁ ଥାନାରେ ଅଟକ ରଖାଯାଇଛି।

ବିଶୁନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ନାହାନ୍ତି ଗଣିତ, ବିଜ୍ଞାନ ଶିକ୍ଷକ; ପାଠପଢ଼ା ବାଧାପ୍ରାପ୍ତ

ଶରତ, ୨୦।୭ (ସମିସ)

କପ୍ତିପଦା ବ୍ଲକ ଅଧୀନ ଦେଓ୍ୱାନବାହାଲୀ ପଞ୍ଚାୟତ ଅନ୍ତର୍ଗତ ବିଶୁନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗଣିତ ଏବଂ ବିଜ୍ଞାନ ଶିକ୍ଷକ ନ ଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଥିବା ଦେଖାଯାଇଛି। ବିଶୁନଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୫୪ ମସିହାରେ ପ୍ରତିଷ୍ଠା ହୋଇ ଶରତ ଅଞ୍ଚଳ ତଥା ଦେଓ୍ୱାନବାହାଲୀ ପଞ୍ଚାୟତରେ ଶିକ୍ଷାର ଆଲୋକ ବାଣ୍ଟି ଚାଲିଛି। ସୂଚନା ଥାଉ କି, ଉକ୍ତ ବିଦ୍ୟାଳୟରେ ବର୍ତ୍ତମାନ ୧୧୪ ଜଣ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ସେମାନଙ୍କୁ ଶିକ୍ଷାଦାନ କରିବା ନିମନ୍ତେ ମାତ୍ର ୩ ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ପ୍ରଧାନଶିକ୍ଷକ ପଦବୀ ଫାଙ୍କା ଥିବାରୁ ବିଜୟକୁମାର ନାଏକଙ୍କୁ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱ ପ୍ରଦାନ କରାଯାଇଛି। ତେଣୁ ଉକ୍ତ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ପଦବୀ ପୂରଣ କରିବା ଦାବି ହେଉଛି। ବହୁଭାଷୀ ଶିକ୍ଷା ଯୋଜନାରେ ତୁରାମ ସିଂ ପୂର୍ତ୍ତି ହୋ' ଭାଷା ପାଠ ପଢ଼ାଇବା ନିମନ୍ତେ ଶିକ୍ଷକ ଭାବରେ ନିଯୁକ୍ତି ହୋଇଛନ୍ତି। ଶିକ୍ଷୟିତ୍ରୀ ରଚୟିତା ସାମଲ ସାମାଜିକ ବିଜ୍ଞାନ ଏବଂ ଓଡ଼ିଆ ଭାଷା ପାଠ ପଢ଼ାଇବା ନିମନ୍ତେ ନିଯୁକ୍ତି ପାଇଛନ୍ତି। ବିଦ୍ୟାଳୟର ଗଣିତ ଏବଂ ବିଜ୍ଞାନ ପାଠ ପଢ଼ାଉଥିବା ଶିକ୍ଷକ ପଙ୍କଜ କୁମାର ପୃଷ୍ଟିଙ୍କୁ ବିଶୁନଗାଁ ଉଚ୍ଚ ବିଦ୍ୟାଳୟରୁ କପ୍ତିପଦା ନିକଟସ୍ଥ କଉଁରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପ୍ରଶାସନିକ କାରଣ ପାଇଁ ଡେପୁଟେସନରେ ଯାଇଥିବାରୁ ଏଠି ବର୍ତ୍ତମାନ ଗଣିତ ଓ ବିଜ୍ଞାନ ଶିକ୍ଷକ ପଦବୀ ମରୁଡ଼ି ପଡ଼ିଯାଇଛି। ଠିକ୍ ସେମିତି ଉକ୍ତ ବିଦ୍ୟାଳୟରେ ନିଯୁକ୍ତି ହୋଇଥିବା ବିଜ୍ଞାନ ଓ ଗଣିତ ଶିକ୍ଷକ ଲକ୍ଷ୍ମଣ ବିନ୍ଧାଣୀଙ୍କ ପଦୋନ୍ନତି ହୋଇଥିବାରୁ ସେ ଭୋଲାଗଡ଼ିଆ କ୍ଲଷ୍ଟରରେ ସିଆରସିସି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି; ଏଣୁ ଏଠି ମଧ ତାଙ୍କ ପଦବୀ ଫାଙ୍କା ପଡ଼ିଛି। ଠିକ୍ ସେହିପରି ରଶ୍ମି ମେଲଗାନ୍ଧୀ ନାମକ ଗଣିତ ଓ ବିଜ୍ଞାନ ଶିକ୍ଷୟିତ୍ରୀ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ଅନ୍ୟତ୍ର ଚାକିରୀ କରିଥିବାରୁ ଉକ୍ତ ତିନିଗୋଟି ଗଣିତ ଓ ବିଜ୍ଞାନ ଶିକ୍ଷକ ପଦବୀ ଖାଲିପଡ଼ିଛି। ତେବେ, ଫାଙ୍କା ପଡ଼ିଥିବା ପଦବୀ ପୂରଣ କରିବା ଦିଗରେ ମୟୂରଭଞ୍ଜ ଜିଲ୍ଲା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ କପ୍ତିପଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଉକ୍ତ ବିଦ୍ୟାଳୟରେ ଅଗଷ୍ଟ ୨୦ ତାରିଖ ମଧ୍ୟରେ ଶିକ୍ଷକ ସମସ୍ୟା ସମାଧାନ କରିବା ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ନିବେଦନ କରାଯାଇଛି। ଚଳିତ ବର୍ଷ ଅଗଷ୍ଟ ମାସ ୨୦ ତାରିଖ ମଧ୍ୟରେ ଖାଲି ପଡ଼ିଥିବା ଶିକ୍ଷକ ପଦବୀ ନ ପୂରଣ ହୋଇପାରିଲେ ଉଦଳା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗ୍ରାମବାସୀଙ୍କ ତରଫରୁ ଆମରଣ ଅନଶନ କରାଯିବ ବୋଲି ଦେଓ୍ୱାନବାହାଲୀ ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ଶିବପ୍ରସାଦ ନାଏକ, ସମାଜ ସେବୀ କୁସୁନୁ ଗିଲୁଆ, ନବୀନ ପଲେଇ, ଆନନ୍ଦ ଧାମୁଣ୍ଡିଆ, ପରେଶ ପରିମାଣିକ, ୱାର୍ଡ ମେମ୍ବର ରାଜେଶ ବଦରା, ଅଶ୍ୱିନୀ ରାଉତ, ବୁଦ୍ଧିଆ ଦେହୁରୀ, ଜନମେୟ ନାଏକ, ଡେବେନ୍ଦ୍ର ଡିୟୁ ପ୍ରମୁଖ ପ୍ରକାଶ କରିଛନ୍ତି।

ଭତ୍ତା ପାଇଁ ଯାଇଥିବା ବୃଦ୍ଧାଙ୍କ ଉପରେ ମାଡ଼ିଗଲା ଟ୍ରକ୍

କପ୍ତିପଦା, ୨୦।୭ (ସମିସ): ଶରତ ପଞ୍ଚାୟତ କାର୍ଯ୍ୟାଳୟକୁ ଭତ୍ତା ପାଇଁ ଯାଇଥିବା ଜଣେ ବୃଦ୍ଧାଙ୍କ ଉପରେ ଏକ ଚାଉଳ ବୋଝେଇ ଟ୍ରକ ମାଡ଼ିଯିବାରୁ ତାଙ୍କର ଦୁଇ ଗୋଡ଼ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ରହିଛି। ଗ୍ରାମର ଅସହାୟ ବୃଦ୍ଧା ନିରାଶମଣି ପାତ୍ର ଆଜି ସକାଳେ ଭତ୍ତା ଆଣିବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଯାଉଥିଲେ। ହେଲେ ପଶ୍ଚିମବଙ୍ଗ ନମ୍ବର ଥିବା ଚାଉଳ ବୋଝେଇ ଟ୍ରକ ତାଙ୍କୁ ଧକ୍କା ଦେଇ ତାଙ୍କର ଦୁଇ ଗୋଡ଼ ଉପରେ ଚଢ଼ି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଉଦଳା ମେଡିକାଲକୁ ପଠାଇଥିବା ବେଳେ ତାଙ୍କର ଦୁଇ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ନିରାଶମଣିଙ୍କ ଆତ୍ମୀୟ ସ୍ୱଜନ କେହି ନ ଥିବା ବେଳେ ଏକୁଟିଆ ଏବେ ସେ ମେଡିକାଲରେ ପଡ଼ି ରହିଛନ୍ତି। ସେପଟେ ଅବସ୍ଥା ସଂକଟାପନ୍ନ ଥିବାରୁ ତାଙ୍କୁ ବାରିପଦା ସ୍ଥାନାନ୍ତର କରାଯାଇଛି।

ମିନିଟ୍ରକ୍ ଦୁର୍ଘଟଣାଗ୍ରସ୍ତ; ଅଳ୍ପକେ ବର୍ତ୍ତିଲେ ଚାଳକ ଓ ଖଲାସି

ବୈଶିଙ୍ଗା, ୨୦।୭ (ସମିସ): ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥର ରଙ୍ଗାମାଟିଆ ଛକ ନିକଟରେ ଭାରସାମ୍ୟ ହରାଇ ଡିଭାଇଡର ଉପରକୁ ଚଢ଼ିଯାଇ ରାସ୍ତା ଉପରେ ଓଲଟି ପଡ଼ିଲା ଇଟା ବୋଝେଇ ମିନିଟ୍ରକ। ଦୁର୍ଘଟଣାରେ ଚାଳକ ଓ ଖଲାସି ସାମାନ୍ୟ ଆହତ ହୋଇଥିବା ବେଳେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବାଲେଶ୍ୱର ଜିଲ୍ଲା ଫୁଲାଡ଼ି ଅଞ୍ଚଳରୁ ଫ୍ଲାଇଆସ୍ ଇଟା ବୋଝେଇ କରି ଆଗ୍ରିଆ ଅଭିମୁଖେ ଯାଉଥିବା ଓଆର୦୧-ଏଲ ୮୭୬୭ ନଂ ବିଶିଷ୍ଟ ମିନି ଟ୍ରକର ଆଗ ଟାୟାର ହଟାତ ବୈଶିଙ୍ଗା ଉପକଣ୍ଠ ରଙ୍ଗାମାଟିଆ ଛକ ନିକଟରେ ଫାଟି ଯାଇଥିଲା। ଫଳରେ ଭାରସାମ୍ୟ ହରାଇ ଟ୍ରକଟି ଓଲଟି ପଡ଼ିଥିଲା। ରାସ୍ତା ଉପରେ ଅଟା ପଡ଼ିଥିବାରୁ ଜାତୀୟ ରାଜପଥରେ ଯାତାୟାତ ସାମାନ୍ୟ ବାଧାପ୍ରାପ୍ତ ହୋଇଥିଲା। ଚାଳକ ଓ ଖଲାସି ସାମାନ୍ୟ ଆହତ ହୋଇଥିବା ସେମାନଙ୍କୁ ସ୍ଥାନୀୟ ଲୋକେ ବୈଶିଙ୍ଗା ଡାକ୍ତରଖାନାକୁ ନେଇଯାଇଥିଲେ। ଖବର ପାଇ ବୈଶିଙ୍ଗା ଥାନା ଏଏସଆଇ ଶୁଭ୍ରାଂଶୁ ରାଉଳ ଘଟଣାସ୍ଥଳରେ ପହଞ୍ଚି କ୍ରେନ ସାହାଯ୍ୟରେ ଟ୍ରକକୁ ରାସ୍ତା ଉପରୁ ଉଠାଇ ଯାତାୟାତକୁ ସ୍ୱାଭାବିକ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ରୋଟାରୀ କ୍ଲବ୍ ଆନୁକୂଲ୍ୟରେ ଚାରାରୋପଣ

ବାରିପଦା, ୨୦।୭ (ସମିସ): ବାରିପଦା ରୋଟାରୀ କ୍ଲବ ଆନୁକୂଲ୍ୟରେ ବେତନା ମାନବିକାଶ ସ୍ୱତନ୍ତ୍ର ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍ୟାନ ବିଭାଗ ଉପ-ନିର୍ଦ୍ଦେଶକ ଟଙ୍କଧର କାଲୋ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ପରେ ବିଦ୍ୟାଳୟ ପ୍ରାଙ୍ଗଣରେ ଲେମ୍ବୁ ଓ ଆମ୍ବ ଚାରାରୋପଣ କରାଯାଇଥିଲା। କ୍ଲବ୍ ସଭାପତି ଭବାନୀ ଶଙ୍କର ସାହୁ, ସମ୍ପାଦକ ତିମିର କୁମାର ଘୋଷ ଏବଂ ପର୍ଯ୍ୟାବରଣ ଓ ଚାରାରୋପଣ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ଜେନାଙ୍କ ନେତୃତ୍ୱରେ କ୍ଲବ୍ ସଦସ୍ୟ ରବୀନ୍ଦ୍ର ମହାପାତ୍ର, ସନ୍ଦୀପ କୁମାର ଚାନ୍ଦ ଓ ଅରୁଣ କୁମାର ଦାଶ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସିଷ୍ଟର ରୋଜାରି ଏବଂ ସିଷ୍ଟର ଲିନାଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀମାନେ ମଧ୍ୟ ରୋଟାରୀ କ୍ଲବର ସଦସ୍ୟମାନଙ୍କ ସହିତ ଚାରାରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଖରିଫ ଋତୁ ପାଇଁ ଚାଷୀ ପଞ୍ଜୀକରଣ ଆରମ୍ଭ

ବାରିପଦା, ୨୦।୭ (ସମିସ): ମୟୂରଭଞ୍ଜ ଜିଲ୍ଲାରେ ଚଳିତ ଖରିଫ ଋତୁ ୨୦୨୫-୨୬ ନିମନ୍ତେ ଚାଷୀ ପଞ୍ଜିକରଣ ପ୍ରକ୍ରିୟା ୧୯ତାରିଖ ଠାରୁ ଅଗଷ୍ଟ ୨୦ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଥିନିମନ୍ତେ ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଚଳିତ ବର୍ଷ ଚାଷୀ ପଞ୍ଜୀକରଣ ସମ୍ପୂର୍ଣ୍ଣ ନୂତନ ଭାବରେ କରାଯିବ। ପୂର୍ବ ବର୍ଷର ନବୀକରଣ କରାଯିବାର କୌଣସି ବ୍ୟବସ୍ଥା ନାହିଁ ବୋଲି ସୂଚନା ଦିଆଯାଇଛି। ଏହି ପ୍ରକ୍ରିୟାରେ ଚାଷୀମାନଙ୍କର ଇ-କେଓ୍ୱାଇସି ଓ ବ୍ୟାଙ୍କ ଖାତା ସହ ଆଧାର ସଂଯୋଗୀକରଣ ବାଧ୍ୟତାମୂଳକ ଅଟେ। ତେଣୁ ନିର୍ଦ୍ଧାରିତ ସମୟ ଅବଧି ମଧ୍ୟରେ ନିଜ ନିଜର ପଞ୍ଜିକରଣ କରାଇ ନେବାପାଇଁ ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କୁ କୃଷି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

ପୂର୍ବତନ ମୁଖ୍ୟକିରାଣୀ ସତ୍ୟବ୍ରତ ଦାସଙ୍କ ପରଲୋକ



କରଞ୍ଜିଆ, ୨୦।୭ (ସମିସ): ସହରର ପୂର୍ବତନ ବିଶିଷ୍ଟ ଫୁଟବଲ ଖେଳାଳି ତଥା କରଞ୍ଜିଆ କଲେଜର ପୂର୍ବତନ ମୁଖ୍ୟକିରାଣୀ ସତ୍ୟବ୍ରତ ଦାସ(୭୪)ଙ୍କ ରବିବାର ମାଣିକ ଛକସ୍ଥିତ ନିଜ ବାସଭବନରେ ପରଲୋକ ଘଟିଛି। ସେ କରଞ୍ଜିଆ ଅଞ୍ଚଳରେ କାବୁଲୁ ସାର ଭାବରେ ପରିଚିତ ଥିଲେ। ମୃତ୍ୟୁ ସମୟରେ ପରିବାର ଲୋକ ଉପସ୍ଥିତ ଥିଲେ। ବିୟୋଗ ଖବର ପ୍ରଚାର ହେବା କ୍ଷଣି ଅନେକ ଶୁଭେଚ୍ଛୁ, ଜ୍ଞାତି କୁଟୁମ୍ବ ଶେଷ ଦର୍ଶନ କରିଥିଲେ। ସେ ପ୍ରଥମେ କରଞ୍ଜିଆ କଲେଜରେ କିରାଣୀ ଭାବରେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପଦୋନ୍ନତି ପାଇଁ ବଡ଼ବାବୁ ପଦବୀଙ୍କୁ ଯାଇଥିଲେ। ଛାତ୍ର ଜୀବନରୁ ସେ ଫୁଟବଲ ପ୍ରିୟ ଥିଲେ ଏବଂ କରଞ୍ଜିଆ ଆଥଲେଟିକ ଆସୋସିଏସନର ଜଣେ ଦକ୍ଷ ଖେଳାଳି ଭାବେ ସୁନାମ ଅର୍ଜନ କରିଥିଲେ।

ଉପଖଣ୍ଡସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ରାଇରଙ୍ଗପୁର, ୨୦।୭ (ସମିସ): ରାଇରଙ୍ଗପୁର ସହରସ୍ଥିତ ମହତାବ ଭବନରେ ଉପଖଣ୍ଡସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାମନଘାଟୀ ଓ କରଞ୍ଜିଆ ଉପଖଣ୍ଡର ସମସ୍ତ ବ୍ଲକ, ରାଇରଙ୍ଗପୁର ପୌର ପରିଷଦ ଏବଂ କରଞ୍ଜିଆ ଏନଏସିରୁ ୨୦୦ରୁ ଉର୍ଦ୍ଧ୍ୱ ଦିବ୍ୟାଙ୍ଗ ଯୋଗଦେଇଥିଲେ। ବାରିପଦାରୁ ମନସ୍ତତ୍ତ୍ୱବିତ୍ ଡା. ଚନ୍ଦ୍ରମୋହନ ନାୟକ, ମାନସିକ ବିଶେଷଜ୍ଞ ଡା. ଚୁନୁରାମ ସୋରେନ, ଅସ୍ଥିଶଲ୍ୟ ବିଶେଷଜ୍ଞ ଡା. ମୋହନ ଚରଣ ମୁର୍ମୁ, କାନ, ନାସା ଓ ଗଳା ଡା. ବିଏନ ଦାସ, ଅଡିଓଲଜିଷ୍ଟ ମାନସ ରଞ୍ଜନ ନାୟକ, ରାଇରଙ୍ଗପୁରରୁ ଭେଷଜ ବିଶେଷଜ୍ଞ ସାଗର ଚନ୍ଦ୍ର ନାୟକ, ଚକ୍ଷୁ ବିଶେଷଜ୍ଞ ସବିତା ମହାନ୍ତ ଓ ଚକ୍ଷୁ ସହାୟକ ଅମିତ କୁମାର ସେନାପତି ପ୍ରମୁଖ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ପରୀକ୍ଷାନିରୀକ୍ଷା କରିଥିଲେ। ଏପରିକି ସେମାନଙ୍କୁ ଆବଶ୍ୟକତା ଅନୁସାରେ ସହାୟତା ଯୋଗାଇ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡିପିଆରସି ସିନିୟର ପିଏଣ୍ଡଓ ବିପିନ ବିହାରୀ ବେହେରା, ବିଏସଏସଓ ରଜନୀଗନ୍ଧା ସିଂ, ଜିଲ୍ଲା ମେଡିକାଲରୁ ଲକ୍ଷ୍ମଣ ନାୟକ, ବିଜାତଳା ପ୍ରୋଗ୍ରାମ ସହାୟକ ଧନଞ୍ଜୟ ପାଟବନ୍ଧା, ରାଇରଙ୍ଗପୁରରୁ ସୁଶାନ୍ତ କୁମାର ମହାନ୍ତ, ସଞ୍ଜୀବ ପରିଡ଼ା, ଜୁନିୟର ସହାୟକ ସୁଜନ କୁମାର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଗ୍ୟାସ୍ ସିଲିଣ୍ଡର ଫେରସ୍ତ ଦେଉନାହିଁ ବିତରଣ ସଂସ୍ଥା

ବାରିପଦା, ୨୦।୭ (ସମିସ): ସ୍ଥାନୀୟ ମୁର୍ଗାବାଡ଼ି ସ୍ଥିତ ସାଇ ଇଣ୍ଡେନ ଗ୍ୟାସ ବିତରଣ ସଂସ୍ଥାକୁ ସେଲ୍‌ଫସ ଓ ସର୍ଭିସରୁ ଅବ୍ୟାହତି ଦେବା ପରେ ମଧ୍ୟ ଗ୍ୟାସ୍ ସିଲିଣ୍ଡର ଫେରସ୍ତ ଦେଉନାହିଁ। ଯାହାକୁ ନେଇ ଇଣ୍ଡିଆନ ଓଏଲ କର୍ପୋରେସନ ପକ୍ଷରୁ ସଂସ୍ଥାର ସତ୍ତ୍ୱାଧିକାରୀ ବିନୋଦ ହେମ୍ବ୍ରମଙ୍କ ନାମରେ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ସେ ପୂର୍ବରୁ ଗ୍ୟାସ ବିତାରକ ଭାବେ କାର୍ଯ୍ୟ କରୁଥିଲେ। ତେବେ କୌଣସି କାରଣ ପାଇଁ ତାଙ୍କୁ ଅବ୍ୟାହତି ଦିଆଯାଇଥିବା ବେଳେ କମ୍ପାନୀର ସମସ୍ତ ସାମଗ୍ରୀ ଫେରସ୍ତ ଦେବାକୁ କୁହାଯାଇଥିଲା। ଯେଉଁଥିରେ କି ୧୩୫୭ଟି ଏଲପିଜି ଗ୍ୟାସ ସିଲିଣ୍ଡର ଓ ୮୩୭ଟି ରେଗୁଲେଟର ରହିଛି। କିନ୍ତୁ ସେ ତାହାକୁ କମ୍ପାନୀକୁ ଫେରସ୍ତ ଦେଇନଥିଲେ। ଯାହାକୁ ନେଇ ଆଇଓସିଏଲ ପକ୍ଷରୁ ବିଜୟ ଦାସ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ମାମଲା ରୁଜୁ କରି ତଦନ୍ତ ଜାରି ରହିଛି।

ଆଇଓସିଏଲ ପକ୍ଷରୁ ଥାନାରେ ମାମଲା

ବ୍ଲକ୍‌ସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ

ବାଙ୍ଗିରିପୋଷି, ୨୦।୭ (ସମିସ): ବାଙ୍ଗିରିପୋଷି ବ୍ଲକ ସମ୍ମିଳନୀ ପ୍ରକୋଷ୍ଠରେ ବ୍ଲକସ୍ତରୀୟ ନିର୍ମାଣ ଶ୍ରମିକ କଲ୍ୟାଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବାଙ୍ଗିରିପୋଷି ବିଧାୟିକା ସଞ୍ଜଲି ମୁର୍ମୁ ଯୋଗଦେଇଥିଲେ। ବିଡିଓ ପରମାନନ୍ଦ ଖଣ୍ଡେଇ, ଜିଲ୍ଲା ଶ୍ରମ ଅଧିକାରୀ ଚନ୍ଦନ ମାଝୀ, ସହ ଜିଲ୍ଲା ଶ୍ରମ ଅଧିକାରୀ ପାନମଣି ସୋରେନ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ ସରକାରଙ୍କ ତରଫରୁ ଶ୍ରମିକଙ୍କ ହିତରେ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରାଯାଇଥିଲା। ଏହି ଅବସରରେ ବିଧାୟିକା ବ୍ଲକର ୫୦ଜଣ ହିତାଧିକାରୀଙ୍କୁ ଶ୍ରମିକ କାର୍ଡ ବଣ୍ଟନ କରାଯାଇଛି।

ସୁପ୍ରିମ୍‌କୋର୍ଟ ରାୟକୁ ସେଙ୍ଗେଲ ପକ୍ଷରୁ ସ୍ୱାଗତ

ପୈତୃକ ସମ୍ପତ୍ତିରେ ଆଦିବାସୀ ମହିଳାଙ୍କ ସମାନ ଅଧିକାର

ବାରିପଦା, ୨୦।୭ (ସମିସ): ସୁପ୍ରିମକୋର୍ଟର ରାୟକୁ ପ୍ରଶଂସା କରିଛି ଆଦିବାସୀ ସେଙ୍ଗେଲ ଅଭିଯାନ। ବାରିପଦା ଜୋନାଲ କମିଟିର ସଭାପତି ସହ ଅଲ୍ ଇଣ୍ଡିଆ ମାଝୀ-ପାର୍ଗାନା ମାଡୱା କମିଟିର ଓଡ଼ିଶା ପ୍ରଦେଶ ପାର୍ଗାନା ନାରାନ ମୁର୍ମୁ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି ଯେ, ପୈତୃକ ସମ୍ପତ୍ତିରେ ଆଦିବାସୀ ମହିଳାଙ୍କର ସମାନ ହକ୍‌ଦାର ବୋଲି ଜୁଲାଇ ୧୭ରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ 'ସେଙ୍ଗେଲ ଅଭିଯାନ' ସ୍ୱାଗତ କରୁଛି। କାରଣ ଏହିପରି ସମାନତା ବ୍ୟବସ୍ଥା ଆଦିବାସୀ ସମାଜରେ ମଧ ପ୍ରଚଳିତ ଥିଲା ଏବଂ ଏବେବି ରହିଛି। ଅବିବାହିତା ଆଦିବାସୀ ମହିଳାଙ୍କୁ ଜୀବନ ଥିବା ପର୍ଯ୍ୟନ୍ତ ପୈତୃକ ସମ୍ପତ୍ତିକୁ ଦିଆଯାଉଥିଲା, କିନ୍ତୁ ଖାତା-ଖତିଆନ୍ ଆଧାରରେ ନୁହେଁ। ବିବାହିତ ମହିଳାଙ୍କୁ ପୂର୍ବପୁରୁଷଙ୍କର ସ୍ଥାବର-ସମ୍ପତ୍ତିରୁ କିଛି ବି ଦିଆଯିବାର ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ନଥିଲା। ତେବେ ଏହା ଉପରେ ସ୍ପଷ୍ଟତା କରାଯାଉ। ଆଦିବାସୀ ସମାଜରେ ଥିବା ସମ୍ବିଧାନ ବିରୋଧୀ ପରମ୍ପରା-ପ୍ରଥା ଯଥା ନିଶା ସେବନ, ଅନ୍ଧବିଶ୍ୱାସ, ମହିଳାଙ୍କୁ ଡାହାଣୀ ନାମରେ ହତ୍ୟା, ପ୍ରତାରଣା, ସାମାଜିକ ବାସନ୍ଦ, ମନଇଚ୍ଛା ଜରିମାନା, ରାଜତାନ୍ତ୍ରିକ ଆଦିବାସୀ ସ୍ୱଶାସନ ମାଝୀ-ପାର୍ଗାନା ବ୍ୟବସ୍ଥା ଇତ୍ୟାଦିରେ ଆଦିବାସୀ ମହିଳା, ପୁରୁଷ ମଧ୍ୟରେ ଅସମାନତା, ଲିଙ୍ଗ, ଜାତି ଭେଦଭାବକୁ ସମାପ୍ତ ଲାଗି ସମାଜରେ ସମ୍ବିଧାନ ଲାଗୁ କରାଯିବାକୁ ବାରମ୍ବାର ଅଭିଯାନ ପକ୍ଷରୁ ଦାବି କରାଯାଉଥିଲା। ସମାନତା ଅଧିକାରକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ଆଦିବାସୀ ମହିଳାଙ୍କ ପାଇଁ ସମ୍ବିଧାନ ଲାଗୁ କରିବାକୁ ରାୟ ଦେଇଥିବାରୁ 'ସେଙ୍ଗେଲ ଅଭିଯାନ' ସ୍ୱାଗତ ଜଣାଉଛି। ଏହାବ୍ୟତୀତ ଆଦିବାସୀମାନଙ୍କର ଧାର୍ମିକ ସ୍ୱାଧୀନତା ସହିତ ଭାଷା, ସଂସ୍କୃତି, ରୋଜଗାର ଆଦିକୁ ବଞ୍ଚାଇବା ପାଇଁ ମଧ୍ୟ ସୁପ୍ରିମକୋର୍ଟ ତରଫରୁ ସମ୍ବିଧାନ ଲାଗୁ କରିବାର ରାୟ ପ୍ରକାଶ କଲେ ଆଦିବାସୀ ସମାଜ ବିକାଶ ପଥରେ ଆଗକୁ ବଢ଼ିପାରିଥାନ୍ତା ଏବଂ ଏବାବଦରେ ସରକାରଙ୍କୁ ଅବଗତ କରାଯିବ ବୋଲି ଉକ୍ତ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଦର୍ଶାଇଛନ୍ତି।

ଆମ ପୁଲିସ ସମିତି ବୈଠକ

ଅଞ୍ଚଳକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଲକ୍ଷ୍ୟ

ମୋରଡ଼ା, ୨୦।୭ (ସମିସ): ମୋରଡ଼ା ବ୍ଲକ ଅଧୀନ ଚିକିଟାମାଟିଆ ପଞ୍ଚାୟତର ଘୋଡାବନ୍ଧା ଖୁଣ୍ଟାପାଳର ହାଟପଡ଼ିଆରେ ରବିବାର ମୋରଡ଼ା ଥାନା ତରଫରୁ ଆମ ପୁଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ସୁମିତ କୁମାର ସୋରେନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମରେ ଚିକିଟାମାଟିଆ ସରପଞ୍ଚ ବାର୍ଷା ହେମ୍ବ୍ରମ, ପୂର୍ବତନ ସରପଞ୍ଚ ଜିତୁ ମହାନ୍ତ, ସବ ଇନ୍ସପେକ୍ଟର ନିବେଦିତା ନାୟକ, ପୁଲିସ ସମିତି ସଦସ୍ୟ ସୌରଭ ରଞ୍ଜନ ମହାନ୍ତି, ବିଜନ ନାୟକ, ପିତାମ୍ବର ଦାସ, ଏଏସଆଇ ଅମରେଶ ବାରିକ, ମୋହନ କୁମାର ସାହୁ, ପିଏସ ମେମ୍ବର ଆଦି ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଆସିଥିବା ଅଙ୍ଗନବାଡ଼ି ୱାର୍କର, ଆଶା କର୍ମୀ, ଏସ୍‌ଏଚ୍‌ଜି ଗ୍ରୁପର ମହିଳା ଏବଂ ଯୁବକମାନଙ୍କୁ ଶ୍ରୀ ସୋରେନ ନାରୀ ନିର୍ଯାତନା, ଶିଶୁଙ୍କ ମୌଳିକ ଅଧିକାର, ବାଲ୍ୟବିବାହ ପ୍ରଥା ରୋକିବା, ସାଇବର ଠକେଇ ସଚେତନତା, ସଡ଼କ ସୁରକ୍ଷା ସଚେତନତା, ବିନା ହେଲମେଟରେ ମୃତ୍ୟୁବରଣ କରିଥିବା ବିଭିନ୍ନ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଚିକିଟାମାଟିଆ ପଞ୍ଚାୟତଟି ପଡ଼ୋଶୀ ପଶ୍ଚିମବଙ୍ଗକୁ ଲାଗି ରହିଥିବା ବେଳେ ପ୍ରତିଦିନ ଚୋରା ମଦ ଚାଲାଣ ହେଉଛି। ଯାହାଫଳରେ ପରିବାରରେ ଅଶାନ୍ତି ହେବା ସହ ପ୍ରାଣହାନି ମଧ୍ୟ ହେଉଛି। ତେଣୁ ପଞ୍ଚାୟତର ସମସ୍ତ ଗାଁକୁ ସମ୍ପୂର୍ଣ୍ଣ ମଦମୁକ୍ତ ଅଞ୍ଚଳରେ ପରିଣତ କରିବା ଶ୍ରୀ ସୋରେନ ଲୋକଙ୍କ ସହଯୋଗ ଲୋଡ଼ିଥିବାର ଦେଖିବାକୁ ମିଳିଛି।

ଠାକୁରମୁଣ୍ଡା ଡାକ୍ତର ବଦଳି ମାମଲା; ରିଲିଭ ପାଇଁ ପକାଇଥିଲେ ଚାପ

ମହୁଲଡିହା, ୨୦।୭ (ସମିସ): ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଆୟୁଷ ଡା. ଗିରିଶ ଚନ୍ଦ୍ର ଅଧିକାରୀ ପୂର୍ବରୁ ବଦଳି ହୋଇ ପୁନର୍ବାର ଡେପୁଟେସନରେ କାର୍ଯ୍ୟ କରୁଥିଲେ। ମାତ୍ର ପ୍ରଶାସନର ଅଦୂରଦର୍ଶୀ ପଦକ୍ଷେପରେ ଡେପୁଟେସନ ବାତିଲ କରି ଏଠାରୁ ୯ ତାରିଖରେ ରିଲିଭ କରାଯାଇଥିଲା। ସେ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ଭରସାର ଡାକ୍ତର। ସେ ନଥିଲେ ରୋଗୀ ଆସିବା କମିଯାଉଛି। ଏଠାକୁ ଆସି ରେଫର ହେବା ଅପେକ୍ଷା ସିଧାସଳଖ ଦୂର ଦୁରାନ୍ତ ଡାକ୍ତରଖାନାକୁ ଚାଲିଯାଉଛନ୍ତି। ତାଙ୍କ ଅନୁପସ୍ଥିତିରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଡାକ୍ତର ଅଧିକାରୀଙ୍କୁ ତୁରନ୍ତ ରିଲିଭ କରିବା ନେଇ ମେଡିକାଲ ଅଫିସର ଚିତ୍ତରଞ୍ଜନ ନାୟକଙ୍କୁ ପଚାରିବାରୁ ଏଡିଏମଓ ଡା. ବି. କେ ଦାସ ତୁରନ୍ତ ରିଲିଭ ପାଇଁ ଚାପ ପକାଇଥିବା କହିଛନ୍ତି। ତାଙ୍କୁ ରିଲିଭ ହେଲେ ଠାକୁରମୁଣ୍ଡାରେ ଖୁବ ସମସ୍ୟା ହେବ ବୋଲି ଏଡିଏମଓଙ୍କୁ କହିବାରୁ ସମସ୍ୟା ହେଲେ ପ୍ରଶାସନ ବୁଝିବ; ତୁରନ୍ତ ରିଲିଭ ଅର୍ଡର ପଠାନ୍ତୁ ବୋଲି ଚାପ ପକାଇଥିବା କହିଛନ୍ତି ମେଡିକାଲ ଅଫିସର। ଏଡିଏମଓ ବି. କେ.ଦାସଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ଏକଥାକୁ ସ୍ୱୀକାର କରିଥିଲେ ମାତ୍ର ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସେ କହିଥିବା କହିଛନ୍ତି। ତେବେ ସେ ଏବେ ଦାୟିତ୍ୱରେ ନଥିବା ଏବଂ ଲୋକଙ୍କ ପ୍ରତିବାଦ ସମ୍ପର୍କରେ ସିଡିଏମଓଙ୍କୁ ଅବଗତ କରିବେ ବୋଲି ପ୍ରକାଶ କରିଛନ୍ତି।

ଓସେପା ଯୁଗ୍ମ ନିର୍ଦ୍ଦେଶିକାଙ୍କ ଏମ୍‌ପିସି ହାଇସ୍କୁଲ, ବୈଶିଙ୍ଗା ୟୁପି ସ୍କୁଲ ପରିଦର୍ଶନ

ବେତନଟୀ, ୨୦।୭ (ସମିସ): ଓଡ଼ିଶା ସ୍କୁଲ ଏଜୁକେସନ ପ୍ରୋଗ୍ରାମ ଅଥରିଟି (ଓସେପା)ର ଯୁଗ୍ମ ନିର୍ଦ୍ଦେଶିକା ପ୍ରାଚୀତନୟା ଗିରି ବେତନଟୀ ବ୍ଲକ ଗସ୍ତରେ ଆସି ଦୁଇଟି ସ୍କୁଲ ପିଏମଶ୍ରୀ ଏମପିସି ହାଇସ୍କୁଲ ଓ ବୈଶିଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ସେ ବିଭାଗୀୟ ଅଧିକାରୀ, ପ୍ରଧାନଶିକ୍ଷକ ଏବଂ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ ଶିକ୍ଷା ସମ୍ପର୍କିତ ପ୍ରସଙ୍ଗରେ ଆଲୋଚନା କରି ସମସ୍ୟା ସମାଧାନ ଓ ଉନ୍ନତି ପାଇଁ ପରାମର୍ଶ ପ୍ରଦାନ କରିଛନ୍ତି। ତାଙ୍କ ସହ ମୟୂରଭଞ୍ଜ ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ବିନୋଦ ସିଂ ପ୍ରଥମେ ବେତନଟୀ ସ୍ଥିତ ପିଏମଶ୍ରୀ ଏମପିସି ହାଇସ୍କୁଲରେ ପହଞ୍ଚିଥିଲେ। ସ୍କୁଲର ପ୍ରଧାନଶିକ୍ଷକ ଅର୍ଜୁନ ସିଂ ଓ ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ ମାନେ ସେମାନଙ୍କୁ ସ୍ୱାଗତ କରିଥିଲେ। ପରିଦର୍ଶନ ବେଳେ ସେ ନବମ ଶ୍ରେଣୀ ପାଇଁ ପ୍ରଯୁଜ୍ୟ ଉତ୍କର୍ଷ ବେସଲାଇନ ଆସେସମେଣ୍ଟ (ଶିକ୍ଷାବର୍ଷ ୨୦୨୫-୨୬) ଉପରେ ଆଲୋଚନା କରି ସ୍କୁଲର ଶିକ୍ଷାଗତ ସ୍ଥିତି ନିରୀକ୍ଷଣ, ସ୍କୁଲର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପରାମର୍ଶ ଦେଇଥିଲେ। କ୍ଲାସ ରୁମକୁ ଯାଇ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ସମ୍ପର୍କିତ ପରାମର୍ଶ ଦେଇ ସେମାନଙ୍କ ମନୋବଳ ବୃଦ୍ଧି କରିଥିଲେ। ପରେ ବେତନଟୀ ବ୍ଲକ ଶିକ୍ଷାଧିକାରୀ ବିପ୍ଳବ କରଙ୍କ ସହ ଯୁଗ୍ମ ନିର୍ଦ୍ଦେଶିକ ବୈଶିଙ୍ଗା ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସେଠାରେ ସେ ସ୍କୁଲର ସମସ୍ୟା ସମ୍ପର୍କରେ ପ୍ରଧାନଶିକ୍ଷକ ଓ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ। ଚଳିତ ବର୍ଷ ପ୍ରଥମକରି ଶିଶୁବାଟିକାର ଶୁଭାରମ୍ଭ ହୋଇଥିବାରୁ, ସେ କୁନିକୁନି ପିଲାମାନଙ୍କୁ ସ୍କୁଲ ପ୍ରତି ଆକୃଷ୍ଟ କରିବା ଓ ସେମାନଙ୍କର ନିୟମିତ ଉପସ୍ଥାନ ବୃଦ୍ଧି କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ବେତନଟୀ ବ୍ଲକର ଏହି ଦୁଇ ସ୍କୁଲ ପରିଦର୍ଶନ ପରେ ଶ୍ରୀମତୀ ଗିରି ବଡ଼ସାହି ବ୍ଲକ ଅଭିମୁଖେ ଗସ୍ତ କରିଥିଲେ।

ଜରକା-ବୈଦପୁର ରାସ୍ତା ପାଲଟିଛି ମରଣଯନ୍ତା

ବେତନଟୀ, ୨୦।୭ (ସମିସ)

ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଓ ବୈଶିଙ୍ଗା ଥାନା ଅଧୀନ ୧୮ ନଂ ଜାତୀୟ ରାଜପଥରୁ ଜରକା ଛକ-ବୈଦପୁର ରାସ୍ତାର ମରଣଯନ୍ତା ପାଲଟିଛି। ବିଭାଗୀୟ ଅବହେଳା ଓ ଠିକାଦାରଙ୍କ ଦାୟିତ୍ୱହୀନତା ଯୋଗୁଁ ଲୋକେ ଦୁର୍ଦ୍ଦଶା ଭୋଗୁଛନ୍ତି। ଗତ ୨୦୨୧ ମସିହା ନଭେମ୍ବର ୨୮ ତାରିଖରେ ଏହି ରାସ୍ତାର ମରାମତି ଓ ନିର୍ମାଣ ପାଇଁ ୨ କୋଟି ୪୮ ଲକ୍ଷ ୮୮ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ସାଂସଦ ପ୍ରତାପଚନ୍ଦ୍ର ଷଡ଼ଙ୍ଗୀ ଓ ବଡ଼ସାହି ବିଧାୟକ ସନାତନ ବିଜୁଳି ଶୁଭାରମ୍ଭ କରିଥିଲେ। ଚୁକ୍ତି ଅନୁଯାୟୀ, ୨୦୨୨ ମସିହା ଜୁଲାଇ ସୁଦ୍ଧା ରାସ୍ତା ନିର୍ମାଣ ଶେଷ ହେବା ସହିତ ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଦାୟିତ୍ୱ ଠିକାଦାରଙ୍କ ଉପରେ ରହିଥିଲା; କିନ୍ତୁ ଏବେ ରାସ୍ତା ଅବସ୍ଥା ଅତ୍ୟନ୍ତ ଦୟନୀୟ। ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଖାଲଖମା ସୃଷ୍ଟି ହୋଇଛି। ଏଥିସହିତ ୫ଟି ପଞ୍ଚାୟତବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅର୍ଥ ମଞ୍ଜୁର ହୋଇଥିଲେ ମଧ୍ୟ ମରାମତି ନହେବା ଚୁକ୍ତିର ସର୍ତ୍ତ ଉଲ୍ଲଂଘନ କରୁଛି। ବିଭାଗୀୟ ଅଧିକାରୀ ଓ ଜନନେତାଙ୍କ ଉଦାସୀନ ଯୋଗୁଁ ୨୫ରୁ ଅଧିକ ଗାଁକୁ ସଂଯୋଗ କରୁଥିବା ଏହି ରାସ୍ତା ଏବେ ମରଣଯନ୍ତ୍ରଣା ହୋଇଛି। ବେତନଟୀ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧିକାରୀ ପଦ ଦୁଇ ମାସ ଧରି ଖାଲି ପଡ଼ିଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି। ଜୁଗପୁରା ରେଳ ଷ୍ଟେସନ ଉନ୍ନୟନ ପରିଷଦର ସଦସ୍ୟ ଅଶ୍ୱିନୀ କୁମାର ମହାରଣା, ବିଜୟ କୁମାର ରାଉତ, ନିରଞ୍ଜନ ମହାପାତ୍ର, ହରିହର ମହାପାତ୍ର, ଖଗେଶ୍ୱର ମହାପାତ୍ର ପ୍ରମୁଖ ଏନେଇ ତୀବ୍ର ପ୍ରତିବାଦ ଜଣାଇଛନ୍ତି। ସମ୍ପୃକ୍ତ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଯଦି ପ୍ରଶାସନ ଏହି ସମସ୍ୟାକୁ ଗୁରୁତ୍ୱ ନ ଦିଏ, ତେବେ ଭବିଷ୍ୟତରେ ଆହୁରି ଗୁରୁତର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି।

ବିଭାଗୀୟ ଅବହେଳାକୁ ଦାୟୀକଲେ ଗ୍ରାମବାସୀ

ପିଏଲ୍ଏଫ୍ କ୍ଷେତ୍ରରେ ଓପିଜିସି ଦେଶରେ ଦ୍ୱିତୀୟ

ଇବଥର୍ମାଲ,୨୦।୭(ସମିସ): ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ ନିଗମ ଲିମିଟେଡ୍ (ଓପିଜିସି) ୨୦୨୪-୨୫ ଆର୍ଥିକ ବର୍ଷରେ ୮୩.୮୦ ପ୍ରତିଶତ ପ୍ଲାଣ୍ଟ ଲୋଡ୍ ଫ୍ୟାକ୍ଟର (ପିଏଲ୍ଏଫ୍) ହାସଲ କରିଛି । ଏହାଦ୍ୱାରା ଭାରତର ସମସ୍ତ ରାଜ୍ୟ ସରକାରଙ୍କ ଅଧୀନସ୍ଥ ବିଦ୍ୟୁତ୍ କେନ୍ଦ୍ର ଗୁଡ଼ିକ ମଧ୍ୟରେ ଦ୍ୱିତୀୟ ସ୍ଥାନ ହାସଲ ଏବଂ ସରକାରୀ ଓ ବେସରକାରୀ ସମସ୍ତ ବିଦ୍ୟୁତ୍ କେନ୍ଦ୍ର ମାନଙ୍କରେ ୧୯ତମ ସ୍ଥାନ ହାସଲ କରିଛି । ଓପିଜିସିର ଜାତୀୟ ହାରାହାରି ପିଏଲଏଫ୍ ଏହିବର୍ଷ ୬୯.୪୭ ପ୍ରତିଶତ ରହିଥିବା ଓପିଜିସି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଓପିଜିସି ଅପରେସନ ସିନିୟର ଭାଇସ୍ ପ୍ରେସିଡେଣ୍ଟ ସୁକାନ୍ତ ମହାପାତ୍ର ପ୍ରକାଶ କରିଛନ୍ତି । ସାମ୍ବାଦିକ ସମ୍ମିଳନୀରେ ଓପିଜିସି ମ୍ୟାନେଜିଂ ଡାଇରେକ୍ଟର କେଦାର ରଞ୍ଜନ ପାଣ୍ଡୁ, ଅପରେସନ ନିର୍ଦ୍ଦେଶକ ଏଆର ଦାଶ, ଶ୍ରୀ ମହାପାତ୍ର ତଥା ସିନିୟର ଜିଏମ୍ ଏଚ୍ଆର୍ ସୁବାଶିଷ ମୁଖାର୍ଜୀ ଉପସ୍ଥିତ ଥିଲେ । ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ଏମଡି ଶ୍ରୀ ପାଣ୍ଡୁ କହିଥିଲେ ଯେ, ଭବିଷ୍ୟତରେ ଓପିଜିସିର ସଂପ୍ରସାରଣ ହେବାକୁଥିବା ୫ ଏବଂ ୬ ୟୁନିଟ୍‌କୁ ଜୁନ ୨୦୩୧ ସୁଦ୍ଧା କାର୍ଯ୍ୟକ୍ଷମ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପୁନରୁଦ୍ଧାର କରାଯାଉଥିବା ପାଉଁଶ ପୋଖରୀ ଜମି ଉପରେ ୫୦ ମେଗାୱାଟ ସୌରଶକ୍ତି ପ୍ଲାଣ୍ଟ ନିର୍ମାଣ କରାଯିବ । ଏଥିପାଇଁ ଡିସେମ୍ବର ୨୦୨୫ ସୁଦ୍ଧା ଚୁକ୍ତିନାମା ସମ୍ପନ୍ନ ହେବାର ସେ ଆଶା ପୋଷଣ କରିଥିଲେ । ତାସହ ଇଣ୍ଟାକ ଚ୍ୟାନେଲ ସ୍ଲୋପ ଉପରେ ୨.୫ ମେଗାୱାଟ ସୌରଚାଳିତ ବିଦ୍ୟୁତ୍ ଉତ୍ପାଦନ ପ୍ଲାଣ୍ଟ ସ୍ଥାପନ କରାଯିବା ସହ ୨ ଜିଡବ୍ଲୁ ସୌର-ପବନ ହାଇବ୍ରିଡ ପ୍ରକଳ୍ପ ପାଇଁ ମଧ୍ୟ ଯୋଜନା ଥିବା କୁହାଯାଇଛି । ପୁରାତନ ୟୁନିଟ ୧ ଓ ୨ର ନବୀକରଣ ୭୫୭ କୋଟି ଟଙ୍କା ନିବେଶରେ କରାଯିବ । ଏହାସହ ସିଏସ୍ଆର୍ କାର୍ଯ୍ୟ ଅଧୀନରେ ନେଇ ସ୍ଥାନୀୟ ଅଞ୍ଚଳରେ ବିକାଶ ଏବଂ ସ୍ଥାନୀୟ ଯୁବକ ଯୁବତୀଙ୍କ ନିଯୁକ୍ତି ବହୁମାତ୍ରାରେ ବୃଦ୍ଧି ପାଇବା କଥା କୁହାଯାଇଛି ।

ପରିବେଶ ପ୍ରଦୂଷଣ ପ୍ରଶ୍ନର ଉତ୍ତରରେ ଶ୍ରୀ ପାଣ୍ଡୁ କହିଥିଲେ ଯେ, ପ୍ରଦୂଷଣ ନିୟନ୍ତ୍ରଣର ସମସ୍ତ ଅଧିନିୟମକୁ ପାଳନ କରିବାକୁ ଓପିଜିସି ବଦ୍ଧପରିକର । ଶେଷରେ ସିନିୟର ଜିଏମ୍ ଏଚ୍ଆର୍ ସୁବାଶିଷ ମୁଖାର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଅଭିଶାପ ପାଲଟିଛି ସାହାଜବାହାଲ ଜେଏସ୍‌ଡବ୍ଲ୍ୟୁ

ଇବଥର୍ମାଲ,୨୦।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୁମ୍ଭାରବନ୍ଧ ପଞ୍ଚାୟତ ସାହାଜବାହାଲ ସ୍ଥିତ ଜେଏସଡବ୍ଲ୍ୟୁ ଘରୋଇ ପାୱାରପ୍ଲାଣ୍ଟ ଏବେ ଲୋକଙ୍କ ପାଇଁ ଅଭିଶାପ ପାଲଟିଛି । ଏଠାରେ ଇଣ୍ଡ ବରାଥ ଉତ୍କଳ ଏନର୍ଜି ସହିତ ଏଏମ୍‌ୟୁ ସ୍ୱାକ୍ଷରିତ ହୋଇ ଇଣ୍ଡ ବରାଥକୁ ଶାଗମାଛ ଦରରେ ଜମି ପ୍ରଦାନ କରାହୋଇଥିଲା । କମ୍ପାନୀ କର୍ତ୍ତୃପକ୍ଷ ଲୋକଙ୍କୁ ପ୍ରତିଶ୍ରୁତିର ବଡ଼ବଡ଼ ସ୍ୱପ୍ନ ଦେଖାଇଥିଲେ । ହେଲେ ସବୁ ପାଣି ଫୋଟକାପରି ମିଳେଇଗଲା । ଇଣ୍ଡ ବରାଥ ଉତ୍କଳ ଏନର୍ଜି ଦେବାଳିଆ ଘୋଷିତ ହେଇ ବନ୍ଦ ହେଲା । ସମସ୍ତ ନିୟମ ଓ ପ୍ରତିଶ୍ରୁତି ପାଳନ କରିବାର ଚୁକ୍ତି ସରକାରଙ୍କ ଠାରେ କରି ଇଣ୍ଡ ବରାଥକୁ ଜେଏସଡବ୍ଲ୍ୟୁ ଅଧିଗ୍ରହଣ କରିଥିଲା । କିନ୍ତୁ ଏହାପରେ ଅଞ୍ଚଳବାସୀଙ୍କ ସମସ୍ୟା ଦୂର ହେବା ପରିବର୍ତ୍ତେ

● ପାଉଁଶର ବିଷ ବଳୟ ଲୋକଙ୍କ ପାଇଁ ହେଇଛି କାଳ

● ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ଚେତାବନୀ

ସେମାନଙ୍କ ଦୁର୍ଦ୍ଦଶା ବଢ଼ିଲା । ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ଓ ବିକାଶ ଘର ଶୂନ ହୋଇଛି । ପ୍ଲାଣ୍ଟ ଚାଲିବା ଦିନଠାରୁ ଜେଏସ୍‌ଡବ୍ଲୁ ଅଞ୍ଚଳବାସୀଙ୍କୁ କେବଳ ପ୍ରଦୂଷଣ ଛଡ଼ା ଆଉ କିଛି ଦେଇନାହିଁ । ପ୍ଲାଣ୍ଟ ଚିମିନିରୁ ପାଉଁଶ ବର୍ଷା ହେବା, ବେଆଇନ ଭାବେ ପାଉଁଶ ପରିବହନ କରିବା, ସମସ୍ୟା ନେଇ ଅଭିଯୋଗ କଲେ ପୁଲିସ ସହାୟତାରେ ଲୋକଙ୍କୁ ନାଲିଆଖି ଦେଖାଇବା, ରାସ୍ତାଘାଟରେ ପାଉଁଶ ଗଦେଇବା ଆଦି ଜେଏସ୍‌ଡବ୍ଲୁର ନିତିଦିନିଆଁ କାମ ହୋଇଛି । ୟୁଏସ୍‌ପି ନଥାଇ ପ୍ଲାଣ୍ଟ ଚିମିନି ଚଳେଇବା କଥା ନୁହେଁ; ହେଲେ ଏଭଳି ଚାଲିଥିବା ପରୋକ୍ଷରେ କମ୍ପାନୀ କର୍ତ୍ତୃପକ୍ଷ ସ୍ୱୀକାର କରିଥିବା ନଜିର ରହିଛି । ସେହିପରି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିୟମ ଅନୁସାରେ ପାଉଁଶର ସୁପରିଚାଳନା ସକାଶେ ନିଜସ୍ୱ ଆସ୍‌ପଣ୍ଡ ହେବା ନିତାନ୍ତ ଆବଶ୍ୟକ, ଯାହାକୁ ଜେଏସଡବ୍ଲ୍ୟୁ ନକରି ଭାରିଯାନ ଯୋଗେ ଅହରହ ବେଆଇନ ପାଉଁଶ ପରିବହନ କରୁଛି । ଏହାଦ୍ୱାରା ରାସ୍ତାରେ ପାଉଁଶ ପଡ଼ିବା ଯୋଗୁ ପ୍ରଦୂଷଣ ବଢ଼ିବଢ଼ି ଚାଲିଛି । ଏହି ପାଉଁଶ ପ୍ରଦୂଷଣ ଯୋଗୁ ତିଳିଆ, ରମ୍ପେଲା, କୁମ୍ଭାରବନ୍ଧ ଓ ପିପିଲିକାନି ପଞ୍ଚାୟତ ଲୋକେ ବିଶେଷ ଭାବେ ପ୍ରଭାବିତ ହେବାସହ ଚର୍ମରୋଗ, କିଡିନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି । ପ୍ଲାଣ୍ଟର ପ୍ରଦୂଷିତ ଜଳକୁ ରିସାଇକ୍ଲିଂ ନ କରି ସିଧାସଳଖ ଛାଡିଦେବା ଫଳରେ ତାହା ଯାଇ ହୀରାକୁଦ ନଦୀବନ୍ଧରେ ମିଶୁଛି । ରାସ୍ତାଘାଟରେ ଗଦା ହୋଇଥିବା ପାଉଁଶ ବର୍ଷାଜଳରେ ଭାସି ଚାଷ ଜମି ନଷ୍ଟ କରିବା ସହ ଇବ ନଦୀରେ ମଧ୍ୟ ସିଧାସଳଖ ମିଶୁଛି । ଏହିପରି ପ୍ଲାଣ୍ଟ ଦ୍ୱାରା ବାୟୁ, ଜଳ, ଜମି ଜଙ୍ଗଲ ବିଷ ବଳୟରେ ପରିଣତ ହୋଇଛି । ମଣିଷ ସହିତ ଜଳଚର ଓ ସ୍ଥଳଚର ଅନ୍ୟ ଜୀବ ମଧ୍ୟ ଏହାର କୁପରିଣାମ ଭୋଗୁଛନ୍ତି । ଏ ସଂକ୍ରାନ୍ତରେ ଅଞ୍ଚଳବାସୀ ତଥା ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଝାରସୁଗୁଡା ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ହେଲେ ଜେଏସଡବ୍ଲ୍ୟୁ ସାହାଜବାହାଲର ମେରିରାୟ ପଲିସି ଯୋଗୁ କୌଣସି ସୁଫଳ ମିଳିନଥିବା ଅଭିଯୋଗ ହୋଇଛି । ଜିଲ୍ଲା ପ୍ରଶାସନ ଏଦିଗରେ ଦୃଷ୍ଟି ନଦେଲେ ଆଗାମୀ ଦିନରେ ବଡ଼ ଆନ୍ଦୋଳନ କରିବାକୁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

● ସେମାନେ ଯାହା କୁହନ୍ତି

ଜେଏସଡବ୍ଲୁ ସାହାଜବାହାଲ ପାୱାର୍‌ପ୍ଲାଣ୍ଟ ସବୁକ୍ଷେତ୍ରରେ ବେଆଇନ କାର୍ଯ୍ୟ କରିଚାଲିଛି । ରାସ୍ତାକଡରେ ବେଆଇନ ଆସ୍ ଡମ୍ପିଂ କରିବା ଫଳରେ ଆଜି ସମଗ୍ର ଅଞ୍ଚଳ ପ୍ରଦୂଷିତ । ଚାଷଜମି, ନଦୀଜଳ ସମେତ ହୀରାକୁଦ ଜଳଭଣ୍ଡାର ପ୍ରଦୂଷିତ । ଏ ସମ୍ପର୍କରେ ଅନେକ ଆଗରୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ ମଧ୍ୟ ଲୋକେ ସୁଫଳରୁ ବଞ୍ଚିତ ।

ଭୋନାଥ ବଡ଼େଇ
ସାଧାରଣ ସମ୍ପାଦକ ଆଞ୍ଚଳିକ ପରିବେଶ ସୁରକ୍ଷା କମିଟି

ଜେଏସଡବ୍ଲୁ ପାୱାର୍‌ପ୍ଲାଣ୍ଟ ହେଲା ଦିନରୁ ଧୂଆଁ ଛାଡୁଥିବା ଫଳରେ ବାୟୁକୁ ପ୍ରଦୂଷଣ କରୁଛି, ପାଉଁଶ ପାଣି ଯୋଗୁ ଚାଷୀ ଓ ଚାଷଜମି କ୍ଷତିଗ୍ରସ୍ତ ହେଉଛି । ପ୍ଲାଣ୍ଟ ସକାଶେ ସମ୍ବଲପୁର ରେଙ୍ଗାଲି ପଟୁ କୋଇଲା ପରିବହନ ଓ ପାଉଁଶ ପରିବହନ ଯୋଗୁ ମୁଖ୍ୟରାସ୍ତା ଏବେ ମରଣଯନ୍ତା ହୋଇଛି । ବର୍ଷାହେଲେ ଗାତରେ ପାଣି ପଶି ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି ଏବଂ ଶୁଖିଲା ପାଗରେ ପ୍ରଦୂଷଣ ଯୋଗୁ ଦିନବେଳା ବି ଲାଇଟ ଜଳେଇ ଆସିବାକୁ ପଡୁଛି । ହେଲେ ପ୍ରଶାସନ ପକ୍ଷରୁ ପ୍ରତିକାର ଶୂନ୍ୟ ରହିଛି ।

ପୁଷ୍ପାଞ୍ଜଳି ପ୍ରଧାନ, ତିଳିଆ ସରପଞ୍ଚ

ଜେଏସଡବ୍ଲୁ ସାହାଜବାହାଲ ପୂର୍ବ ଚୁକ୍ତିର ସମ୍ପୂର୍ଣ୍ଣ ଖିଲାପ କରି ଚାଲିଛି । ଏକଛତ୍ରବାଦ ଶାସନ ଭଳି କାମକରି ଅଞ୍ଚଳର ବିକାଶ ଭୁଲିଯାଇ ସମଗ୍ର ଅଞ୍ଚଳକୁ ବିନାଶ ମୁଖକୁ ଠେଲି ଦେଲାଣି । ପ୍ରଦୂଷଣ ତ ଜଳଜଳ ଦେଖାଯାଉଛି, ସ୍ଥାନୀୟ ନିଯୁକ୍ତି ଶୂନ୍ୟ । ଅଞ୍ଚଳ ପାଇଁ ଜେଏସଡବ୍ଲୁ ଅଭିଶାପ ପାଲଟିଛି ।

ସୁରେନ୍ଦ୍ର ପାଢ଼ୀ ପୂର୍ବତନ ସମିତି ସଭ୍ୟ

ଜେଏସଡବ୍ଲୁ ସାହାଜବାହାଲର ମନମୁଖୀ କାରବାର ଯୋଗୁ ଲୋକେ ଅତିଷ୍ଠ । ବାୟୁ, ଜଳ, ଜମି, ଜଙ୍ଗଲ ସବୁକିଛି ବ୍ୟାପକ ମାତ୍ରାରେ ପ୍ରଦୂଷିତ ହେଉଛି । କୋଇଲା ଓ ପାଉଁଶ ପରିବହନ ସକାଶେ ଶହଶହ ଭାରିଯାନ ଚଳାଚଳ ଯୋଗୁ ଲୋକେ ଭୟଙ୍କର ଟ୍ରାଫିକ ସମସ୍ୟାର ସମ୍ମୁଖୀନ ହେବାସହ ବହୁ ଧନଜୀବନ ହାନି ଘଟୁଛି ।

ସଞ୍ଜୁ ସେଠ୍ ସମାଜସେବୀ

ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି

ଝାରସୁଗୁଡ଼ା,୨୦।୭(ସମିସ): ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଜିଲ୍ଲା ଖଣିଜ ପାଣ୍ଠି ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ବ୍ରଜବନ୍ଧୁ ଭୋଇ ଅଧ୍ୟକ୍ଷତାରେ କରିଥିଲେ ।

ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜେମ୍ସ ସମାଦଙ୍କ ସମେତ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ସ୍ୱାଧୀନତା ଦିବସରେ ଜିଲ୍ଲାର ସହରାଞ୍ଚଳରେ ପ୍ରତ୍ୟୁଷ ୪ଟାରୁ ୫ଟା ମଧ୍ୟରେ ରାମଧୁନ ପରିବେଷଣ, ମହାପୁରୁଷ ଓ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସକାଳ ସାଢ଼େ ସାତଟା ସୁଦ୍ଧା ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ଇତ୍ୟାଦିରେ ଜାତୀୟ ପତାକା ଉତ୍ତୋଳନ, ସକାଳ ୯ଟା ୧୫ରେ ମନମୋହନ ସ୍କୁଲ ପ୍ରାଙ୍ଗଣରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପ୍ୟାରେଡ଼ ଅନୁଷ୍ଠିତ ହେବା ସକାଶେ ବୈଠକରେ ସ୍ଥିର କରାଯାଇଛି । ସେହିପରି ରକ୍ତଦାନ ଶିବିର ଆୟୋଜନ, ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନକାରୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ, ଜିଲ୍ଲାର ମାଟ୍ରିକ, ଯୁକ୍ତ ଦୁଇ ଓ ଯୁକ୍ତ ତିନି ପରୀକ୍ଷାରେ ସର୍ବୋଚ୍ଚ ନମ୍ବରଧାରୀ ଛାତ୍ରଛାତ୍ରୀ ଏବଂ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତୀତ୍ୱ ହାସଲକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବାକୁ ଆଲୋଚନା କରାଯାଇଥିଲା ।

ଏହାସହ ପ୍ୟାରେଡ଼ ପ୍ରସ୍ତୁତି, ବିଭିନ୍ନ ସ୍ଥାନରେ ମିଷ୍ଟାନ୍ନ ବଣ୍ଟନ କାର୍ଯ୍ୟକ୍ରମ ପାଇଁ ଆଲୋଚନା ହୋଇ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥିର କରାଯାଇଥିଲା । କାର୍ଯ୍ୟକ୍ରମ ଗୁଡ଼ିକର ସଫଳରୂପାୟନ ସକାଶେ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ କମିଟି ଗଠନ ପାଇଁ ନିଷ୍ପତ୍ତି ନିଆଗଲା । ବିଭିନ୍ନ ଶିକ୍ଷାନୁଷ୍ଠାନ, ସମାଜସେବୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ପ୍ରସ୍ତୁତି ବୈଠକରେ ଅଂଶଗ୍ରହଣ କରିଥିଲେ ।

ଅଗ୍ରୀଆ ସମାଜର ମଣ୍ଡଳସ୍ତରୀୟ ସାଧାରଣ ସଭା

ଝାରସୁଗୁଡ଼ା,୨୦।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ କଟାପାଲି ମଣ୍ଡଳର ଝାରସୁଗୁଡ଼ା ଟାଉନ ଗୁଡି ଅଧୀନ ପୂର୍ଣ୍ଣା (କୁମୁଡାପାଲି) ଠାରେ ଆନନ୍ଦ ପାଣ୍ଡେଙ୍କ ବାସଭବନରେ ଅଗ୍ରୀଆ ସମାଜର ମଣ୍ଡଳ ସ୍ତରୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ମଣ୍ଡଳ ସଭାପତି ଗୋକୁଳ ମୋହନ ପଟେଲ, ସମ୍ପାଦକ ରୂପାନନ୍ଦ ଚୌଧୁରୀ, ଅଶୋକ ପଟେଲ, ପୂର୍ବତନ ଆଞ୍ଚଳିକ ସଭାପତି ପ୍ରଜ୍ୱଳ ପଟେଲ, ଆଞ୍ଚଳିକ ସମ୍ପାଦକ ଯୋଗେନ୍ଦ୍ର ପାଣ୍ଡେ, ମଣ୍ଡଳ କାର୍ଯ୍ୟକାରୀ ସଭାପତି ହରିଶ ପାଣ୍ଡେ, ପୂର୍ବତନ ମଣ୍ଡଳ ସଭାପତି ଗୌତମ ପାଣ୍ଡେ, ଟାଉନ ଗୁଡି ସଭାପତି ରାଜବିହାରୀ ପାଣ୍ଡେ ମଞ୍ଚରେ ମଞ୍ଚାସୀନ ଥିଲେ । ପ୍ରଜ୍ୱଳ ପଟେଲ ସଭାକୁ ପରିଚାଳନା କରିଥିଲେ । ସଭାରେ ମଣ୍ଡଳ କୋଷାଧ୍ୟକ୍ଷ ଦିଲ୍ଲୀପ ନାଏକ, ଟାଙ୍ଗରପାଲି ଗୁଡି ସଭାପତି ସୁଶୀଲ ପଟେଲ, ସମ୍ପାଦକ ରାଧେଶ୍ୟାମ ପଟେଲ, ପଞ୍ଚପଡା ଗୁଡି ସଭାପତି ରତ୍ନପୂର୍ଣ୍ଣ ପଟେଲ, ବନ୍ଦବାହାଲ ଗୁଡି ସଭାପତି ସଞ୍ଜୟ ପଟେଲ, ଆଞ୍ଚଳିକ କୋଷାଧ୍ୟକ୍ଷ ଦେବେନ୍ଦ୍ର ପଟେଲ, ଆଞ୍ଚଳିକ ଉପସମ୍ପାଦକ ଅହଲ୍ୟା ନାଏକ, ତିଳେଇମାଲ ଗୁଡି ସମ୍ପାଦକ ଦିଲ୍ଲୀପ ନାଏକ, କିଶୋର ନାଏକ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ହରିଶ ପାଣ୍ଡେ ଧନ୍ୟବାଦ ଦେଇଥିଲେ ।

ଭେଡେନ ନଦୀରେ ବୁଡ଼ି ଯୁବକ ମୃତ

୩ ଦିନ ପରେ ମୃତଦେହ ଉଦ୍ଧାର

ଝାରସୁଗୁଡ଼ା,୨୦।୭(ସମିସ): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ଥାନା ସୋଡାମାଳ ପଞ୍ଚାୟତ ଅଧୀନସ୍ଥ ଭେଡେନ ନଦୀର ମହାଦେବପାଲି ଘାଟରେ ଗୁରୁବାର ଭାସି ଯାଇଥିବା ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବକ ଜଣକ ଯୁବକ ଜଣକ ବ୍ରଜରାଜନଗର ଅଞ୍ଚଳର ବିକାଶ ସାହୁ ବୋଲି ଜଣାପଡିଛି । ବିକାଶ ଗୁରୁବାର ସାଙ୍ଗଙ୍କ ସହିତ ଝାରସୁଗୁଡ଼ା ସହର ନିକଟ ମହାଦେବ ପାଲି ଶିବ ମନ୍ଦିରକୁ ବୁଲି ଯାଇଥିଲେ । ସେଲ୍ଫି ନେଲା ବେଳେ ନଦୀର ପ୍ରଖର ସ୍ରୋତରେ ଭାସିଯାଇ ନିଖୋଜ ହୋଇଯାଇଥିଲେ । ଖବରପାଇ ଘଟଣାସ୍ଥଳରେ କୋଲାବିରା ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ସର୍ଚ୍ଚ ଅପରେସନ କରିଥିଲେ । ୩ ଦିନ ଧରି ଖୋଜାଖୋଜି କରିବା ପରେ ସାଲେପାଲିର କେନ୍ଦମାଲ ଭେଡେନ ନଦୀ କୂଳରୁ ବିକାଶଙ୍କ ମୃତଦେହ ଆଜି ଅଗ୍ନିଶମ ବିଭାଗ ଉଦ୍ଧାର କରିଛି । ଏହାସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି ।

ଏମ୍‌ପିଏଫ୍ ପକ୍ଷରୁ ଚାରାରୋପଣ

ଝାରସୁଗୁଡ଼ା,୨୦।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ଼ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ମିଶନ ପ୍ଲାଣ୍ଟେସନ ୱିଥ୍ ଫିଟ୍‌ନେସ୍ (ଏମ୍‌ପିଏଫ୍) ଦ୍ୱାରା ପ୍ରତ୍ୟେକ ରବିବାର ଚାରାରୋପଣ କାର୍ଯ୍ୟକ୍ରମ କରାଯାଉଛି । ଏମ୍‌ପିଏଫ୍‌ର ହମିଦ ମହାପାତ୍ରଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଡାନିଏଲ୍ସ ଗୃପର ମୁଖ୍ୟ ଡ.ବିଜୟ ପଟ୍ଟନାୟକ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ନାଟ୍ୟଶ୍ରୀ ଉପନ ଚରଣ ସାହୁ, ଶିକ୍ଷାବିତ ଶୁସିଲ ପୁରାହିତ, ବି.ଆର ହାଇସ୍କୁଲର ପ୍ରଧାନଶିକ୍ଷକ କୈଳାଶ ଚନ୍ଦ୍ର ପଟ୍ଟନାୟକ ଯୋଗ ଦେଇଥିଲେ । ଏମପିଏଫର ସଭାପତି ଆଶିଷ ଦାସ, ସଦସ୍ୟ କିଶୋର ପଣ୍ଡା, ମିନତୀ ମହାପାତ୍ର, ସୁବ୍ରତ ମହାପାତ୍ର, ପଞ୍ଚାନନ ପାଣିଗ୍ରାହୀ, ରାମ ସେହ୍ରିୟା, ରମଣୀ ମାଝୀ, ଅଭିଶେକ ସିଂଘାନିଆ, ପ୍ରବୀର ଆଇଚ, ବୁଲୁ ବାରିକ, ଦିଲୀପ ସାହୁ, ସୁବୋଧ ଭଇଁସାଲ, ଆଦିତ୍ୟ ରାୟ, ସୁମନ୍ତ ଭଇଁସାଲ, ଓମ ପ୍ରଧାନ, ସୌରଭ ସାଗର ଭିତରିଆ, ଆକାଶ କିସାନ, ସୁବାସ ମହାରଣା ପ୍ରମୁଖ ଚାରାରୋପଣ କରିଥିଲେ । ବେଲପାହାଡ ପୌରପାଳିକାର ମିର୍ଦ୍ଧାଡେରା ଠାରୁ ଶନି ମନ୍ଦିରକୁ ଯାଇଥିବା ରାସ୍ତା କଡରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କରଞ୍ଜ, ଛତିଆନା, ଆମ୍ବ, ଲିମ୍ବ, ପଣସ, ଜାମୁକୋଳି ଇତ୍ୟାଦି ଚାରାରୋପଣ କରାଯାଇଥିଲା ।

'ଭଏସ୍ ଜିନିୟସ୍ ସିଜନ-୧୨' ପାଇଁ ପ୍ରସ୍ତୁତି

ଦେବଗଡ଼,୨୦।୭(ସମିସ): ଦେବଗଡ଼ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମ୍ୟୁଜିକା ସଙ୍ଗମ ଆଣ୍ଡ ସଙ୍ଗମ କ୍ଲବ୍ ତରଫରୁ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ସ୍ଥାନୀୟ ସଂସ୍କୃତି ଭବନରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କ୍ଲବ୍‌ର ସଭାପତି ବିକାଶ ପ୍ରଧାନ ବୈଠକର ସଭାପତିତ୍ୱ କରିଥିଲେ । ସ୍ୱାଧୀନତା ଦିବସରରେ ବିଦ୍ୟାଳୟ ସ୍ତରୀୟ ସଙ୍ଗୀତ ଭିତ୍ତିକ କାର୍ଯ୍ୟକ୍ରମ ଭଏସ୍ ଜିନିୟସ ସିଜିନ-୧୨ ପ୍ରତିଯୋଗିତା ପାଇଁ ନିଷ୍ପତ୍ତି ହୋଇଥିଲା । ଅଗଷ୍ଟ ୧୪ରୁ ୧୫ପର୍ଯ୍ୟନ୍ତ କାର୍ଯ୍ୟକ୍ରମ କରିବାକୁ କ୍ଲବ୍‌ର ସଦସ୍ୟ ସହମତ ହୋଇଥିଲେ । ଅଡିସନ ମାଧ୍ୟମରେ ସ୍କୁଲ ଛାତ୍ରୀଛାତ୍ରଙ୍କୁ କାର୍ଯ୍ୟକ୍ରମ ପାଇଁ ଚୟନ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ବୈଠକରେ ଚଳିତବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା । ସଭାପତି ଭାବେ ବିକାଶ ପ୍ରଧାନ, ଉପସଭାପତି ବାସୁଦେବ ମିଶ୍ର, ସମ୍ପାଦକ ଅନୁଜ ପ୍ରଧାନ, ସହସମ୍ପାଦକ ଯୁଗଳ କିଶୋର ରାଉତ, କୋଷାଧ୍ୟକ୍ଷ ବିକାଶ ଖଡ଼ିରତ୍ନ, ନୃତ୍ୟ ସଂଯୋଜକ ପମି ନାୟକ, ଆଇନ ପରାମର୍ଶଦାତା ପ୍ରତାପ ପାତ୍ର, ଉପଦେଷ୍ଟା ମଣ୍ଡଳୀରେ ଉମାଶଙ୍କର ସାହୁ, ଶଶାଙ୍କ ଶେଖର ଝାଙ୍କର, ରାଧା ମାଧବ ମିଶ୍ର, ଆଶିଷ ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା ।

ଗଛକଟାକୁ ବିରୋଧ କରି ଧାରଣା ଦେଲେ ଗ୍ରାମବାସୀ

ଝାରସୁଗୁଡ଼ା,୨୦।୭(ସମିସ): ଝାରସୁଗୁଡ଼ା ଜିଲ୍ଲା ସଦର ବ୍ଲକ୍ ପଣ୍ଡରିପଥର ଠାରେ ଥିବା ଗ୍ରାମ୍ୟ ଜଙ୍ଗଲରେ ଓପିଟିସିଏଲ୍ ପକ୍ଷରୁ ଗଛକଟା ଆରମ୍ଭ ହୋଇଛି । ଏହାକୁ ନେଇ ଗ୍ରାମବାସୀ ବିରୋଧ କରିବା ସହ ଧାରଣା ଦେଇଛନ୍ତି । ବିନା କାଗଜପତ୍ରରେ ଗଛ କଟାଯାଉଥିବା ଅଭିଯୋଗ କରି ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ । ଗୋଟିଏ ପଟେ ବୃକ୍ଷରୋପଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ଗ୍ରହଣ କରାଯାଉଛି । କିନ୍ତୁ ଝାରସୁଗୁଡ଼ା ଜିଲ୍ଲାରେ ଖଣି ଓ ଶିଳ୍ପାୟନ ପାଇଁ ଜୋରସୋରରେ ଗଛକଟା ଚାଲିଛି । ଏହାକୁ ବିରୋଧ କରି ବର୍ଷ ବର୍ଷ ଧରି ଥିବା ଜଙ୍ଗଲକୁ କେଉଁ ପରିସ୍ଥିତିରେ କଟା ଯାଇଛି ବୋଲି ସ୍ଥାନୀୟ ଲୋକ ପ୍ରଶ୍ନ କରିଥିଲେ ।

ଘଟଣାସ୍ଥଳରେ ଉପସ୍ଥିତ ଥିବା ଓପିଟିସିଏଲ କର୍ମଚାରୀଙ୍କୁ କାର୍ଯ୍ୟ ବନ୍ଦ କରିବା ପାଇଁ କହିବା ସହିତ ଡିଏଫଓଙ୍କ କାର୍ଯ୍ୟାଳୟକୁ ଯାଇ ଗଛକଟା ବନ୍ଦ କରିବା ପାଇଁ ଜଣାଇଥିଲେ । ଖବରପାଇ ବିଭାଗ କର୍ମଚାରୀ ବିରୋଧ ସ୍ଥଳକୁ ପହଞ୍ଚିଥିଲେ । ଗଛକଟା ପାଇଁ ଓପିଟିସିଏଲ ବନ ବିଭାଗ ପକ୍ଷରୁ ସ୍ୱୀକୃତି ନେଇଛି କି ନାହିଁ ତାହା ତଦନ୍ତ କରାଯିବ ଏବଂ ବେଆଇନ ଭାବେ ଗଛ କାଟିଥିବା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ ବିଭାଗ ଅଧିକାରୀ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ ।



'ଲିଗ୍ କମ୍ ନକ୍ ଆଉଟ୍' ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ

ଝାରସୁଗୁଡ଼ା,୨୦।୭(ସମିସ)

ଝାରସୁଗୁଡ଼ା ଜିଲ୍ଲା ମନମୋହନ ସ୍କୁଲ ପଡ଼ିଆ ଠାରେ ଜୟହିନ୍ଦ କ୍ଲବ୍ ଆନୁକୂଲ୍ୟରେ ଲିଗ କମ ନକ ଆଉଟ ପଦ୍ଧତିରେ ୧୨ତମ ଫୁଟବଲ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି । ପ୍ରତିଯୋଗିତାରେ ଝାରସୁଗଡ଼ା, ସମ୍ବଲପୁର ଅଞ୍ଚଳର ୧୨ଟି ଟିମ୍ ଅଂଶଗ୍ରହଣ କରିଛନ୍ତି । ଆସନ୍ତା ଅଗଷ୍ଟ ୧୫ ତାରିଖରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜିର ପ୍ରଥମ ମ୍ୟାଚ୍ ସ୍ପୋର୍ଟସ କ୍ଲବ୍ ବାଲିଝରୀ ଓ ଜୟବଜରଙ୍ଗ କ୍ଲବ୍ ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ରବିବାର ଝାରସୁଗୁଡ଼ା କ୍ରୀଡ଼ା ସଂଘର ସମ୍ପାଦକ ତାପସ ରାୟ ଚଉଧୁରୀ ଅତିଥି ଭାବରେ ଯୋଗ ଦେଇଥିଲେ ।

ଆଜି ଖେଳ ବେଳେ ପ୍ରବଳ ବର୍ଷାରେ ଉଭୟ ଦଳର ଖେଳାଳି କାଦୁଅରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଶେଷରେ ବାଲିଝରୀ ସ୍ପୋର୍ଟସ କ୍ଲବ୍ ୨-୦ ଗୋଲରେ ବିଜୟୀ ହୋଇଥିଲା । ବାଲିଝରୀ ସ୍ପୋର୍ଟସ କ୍ଲବ୍‌ର ସାହିଲ ବାଗ ମ୍ୟାନ ଅଫ ଦ ମ୍ୟାଚ୍ ଘୋଷିତ ହୋଇଥିଲେ । ଖେଳକୁ ପି ରାଜେଶ୍ୱର ରାଓ, ରମଣୀ ମାଝି, ଅଗସ୍ତି ହାତିପତା ଓ କୀର୍ତ୍ତନ ଦାସ ପରିଚାଳନା କରିଥିଲେ । କେ.ଜଗନ୍ନାଥ ରାଓ ମ୍ୟାଚ୍ କମିଶନର ରହିଥିଲେ ।

ଥାନା ସମ୍ମୁଖରୁ ୧୦ ଲକ୍ଷ ଟଙ୍କାର ପାଟ ଚୋରି

ବରପାଲି,୨୦।୭ (ସମିସ): ବରପାଲି ଥାନା ଛକ ଥାନା ସମ୍ମୁଖରେ ଥିବା ସମ୍ବଲପୁରୀ ବସ୍ତ୍ରାଳୟରୁ ଶନିବାର ରାତିରେ ବଡ଼ ଧରଣର ଚୋରି ହୋଇଛି। ବସ୍ତ୍ରାଳୟର ଆଜବେଷ୍ଟସ ଭାଙ୍ଗି ପ୍ରାୟ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମୂଲ୍ୟବାନ ପାଟଶାଢ଼ୀ, ସମ୍ବଲପୁରୀ ଶାଢ଼ୀ ଇତ୍ୟାଦି ଚୋରି ହୋଇଥିବା ଅଭିଯୋଗ ହୋଇଛି। ରାତିରେ ଚୋର ମାନେ ଆଜବେଷ୍ଟସ୍ ଭାଙ୍ଗି ଭିତରେ ପଶି ଚୋରି କରିଥିଲେ। ଥାନା ସାମ୍ନାରୁ ଏତେ ବଡ ଚୋରି ହେଲା ଅଥଚ ପୁଲିସ ଟିକେ ବି ସୁରାକ ନ ପାଇବା ଚର୍ଚ୍ଚାର ବିଷୟ ହୋଇଛି। ରାତିରେ ପୁଲିସ ପେଟ୍ରୋଲିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ଢିଲା ବୋଲି ଜନସାଧାରଣ ଅଭିଯୋଗ କରିଛନ୍ତି। ଚୋରି ନେଇ ବସ୍ତ୍ରାଳୟର ମ୍ୟାନେଜର ଉମେଶ ସାହୁ ବରପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ ବରପାଲି ପୁଲିସ ସାଇଣ୍ଟିଫିକ ସ୍କ୍ୱାଡ ଓ ଅନୁସନ୍ଧାନୀ କୁକୁରର ସହାୟତାରେ ତଦନ୍ତ କରିଥିଲା। ହେଲେ ଚୋର କିମ୍ବା ଚୋରି ସାମଗ୍ରୀର କୌଣସି ସନ୍ଧାନ ମିଳି ପାରି ନାହିଁ। ଥାନା ସାମ୍ନାରେ ମାତ୍ର କେଇ ମିଟର ଦୂରରେ ଥିବା ବସ୍ତ୍ରାଳୟରୁ ଏପରି ବଡ଼ ଧରଣର ଚୋରି ହେବା ପୁଲିସର ତତ୍ପରତା ଓ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଘଟଣାର ୨୪ ଘଣ୍ଟା ବିତି ଯାଇଥିଲେ ବି ପୁଲିସ କୌଣସି ସୁରାକ ପାଇ ପାରିନାହିଁ। ରାତ୍ରି କାଳୀନ ପୁଲିସ ପେଟ୍ରୋଲିଂ କଡା କଡି କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ବରପାଲି,୨୦।୭ (ସମିସ): ବରପାଲି ୨୬ ନମ୍ବର ବରଗଡ଼ ବଲାଙ୍ଗୀର ଜାତୀୟ ରାଜପଥରେ କାର ଓ ବାଇକ ମଧ୍ୟରେ ମୁହାଁମୁହିଁ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ବରପାଲି ବ୍ଲକ୍ ରେମତା ପଞ୍ଚାୟତର କୃଷକ ପଲ୍ଲୀ ଗାଁର ସଞ୍ଜୟ ଭୋଇ(୩୧) ଓ ମହିନ ଭୋଇ(୩୦) ବାଇକ୍‌ରେ ଯାଉଥିବା ବେଳେ ଏକ ୱାଗନର୍ କାର କଦଳୀପାଲି ପେଟ୍ରୋଲ ପମ୍ପ ନିକଟରେ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ବାଇକ୍ ଆରୋହୀ ଗୁରୁତର ଭାବେ ଆହତ ହୋଇଥିଲେ। ଆହତଙ୍କୁ ବରପାଲି ସରକାରୀ ଡାକ୍ତରଖାନାକୁ ଅଣାଯିବା ପରେ ସଞ୍ଜୟ ଭୋଇଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଆହତ ମହିନ୍‌ଙ୍କୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। କିନ୍ତୁ ପରିବାର ପକ୍ଷରୁ ତାଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ରଖାଯାଇଛି। ଏନେଇ ମୃତକଙ୍କ ଭାଇ ଥାନାରେ ଲିଖିତ ଭାବେ ଅଭିଯୋଗ ଦେବାପରେ ବରପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ମାମଲା ରୁଜୁ କରିଛି। ପୁଲିସ ପକ୍ଷରୁ ମୃତଦେହ ଜବତ କରି ବରଗଡ଼କୁ ବ୍ୟବଛେଦ ପାଇଁ ପଠାଇ ଦିଆଯାଇଛି। ଧକ୍କା କରିଥିବା ୱାଗନର ଗାଡି ବଲାଙ୍ଗୀରର ଉମେଶ ପଣ୍ଡାଙ୍କର ବୋଲି ଜଣାପଡିଛି।

ଶ୍ରାବଣ ମାସ ଦ୍ୱିତୀୟ ସୋମବାର

ଝାଡ଼େଶ୍ୱର ବାବାଙ୍କ ଆର୍ଶୀବାଦ ନେବେ ଭକ୍ତ

ବରଗଡ଼,୨୦।୭ (ସମିସ):

ବରଗଡ଼ ସଦର ମହକୁମା ଠାରୁ ବୋରିଗୁମା ଯାଇଥିବା ଜାତୀୟ ରାଜପଥ ପଥ ଅତିକ୍ରମ କଲା ପରେ ଏକାମ୍ର ଛକ ରହିଛି। ଛକ ଠାରୁ ବିଜେପୁର ରାସ୍ତାରେ ପ୍ରାୟ ୩ କିମି ରାସ୍ତା ଅତିକ୍ରମ କଲା ପରେ ଶ୍ରୀ ଶ୍ରୀ ଝାଡେଶ୍ୱର ମନ୍ଦିରର ସୁନ୍ଦର ମୁଖଶାଳା ଦୃଷ୍ଟିଗୋଚର ହୁଏ। ଅଞ୍ଚଳଟି ସରସରା ପଞ୍ଚାୟତର ଅନ୍ତର୍ଭୁକ୍ତ ଅଟେ। ଏହାର ଅନତି ଦୂରରେ ରେଙ୍ଗାଲପାଲି, ବାଞ୍ଜିଟିକ୍ରା ଓ ବାଗଡିଆ ଗାଁ ଅବସ୍ଥିତ। ଏହି ଅଞ୍ଚଳରେ ରେଙ୍ଗାଲ ବୃକ୍ଷର ଆଧିକ୍ୟ ହେତୁ ରେଙ୍ଗାଲପାଲି, ବାଞ୍ଜିବୁଟାର ବାହୁଲ୍ୟ ହେତୁ ବାଞ୍ଜିଟିକ୍ରା ଏବଂ ସେତେବେଳେ ଅଞ୍ଚଳରେ ବାଘ ଡେଉଁଥିବାରୁ ସମୟକ୍ରମେ ଅପଭ୍ରଂଶ ହୋଇ ବାଗଡିଆ ନାମରେ ନାମିତ ହୋଇଥିବାର ଜଣାଯାଏ।

ଶ୍ରୀ ଝାଡେଶ୍ୱରଙ୍କ ମନ୍ଦିର ଠାରୁ ଅଳ୍ପ ଦୂରରେ ପ୍ରାକୃତିକ ସୌନ୍ଦର୍ଯ୍ୟ ବିମଣ୍ଡିତ ବିଶାଳ ଚଣ୍ଡିକଟା ଏବଂ ପୁରାତନ ଚଣ୍ଡି ମନ୍ଦିର ରହିଛି। ପ୍ରାୟ ଦୁଇ ଶହ ବର୍ଷ ପୂର୍ବେ ଅଞ୍ଚଳଟି ରେଙ୍ଗାଲ ଗଛ ଓ ଜଙ୍ଗଲରେ ପରିପୂର୍ଣ୍ଣ ଥିଲା। ମନ୍ଦିରକୁ ଆସିବା ପାଇଁ ରାସ୍ତାଟିଏ ନ ଥିଲା। ଶାସ୍ତ୍ରୀୟ ବର୍ଣ୍ଣନା ଅନୁସାରେ ଜଗତର ସର୍ବମୟ କର୍ତ୍ତା ପରମପିତା ପରମେଶ୍ୱର ହେଉଛନ୍ତି ଅନନ୍ତ ଶକ୍ତିର ଆଧାର, ସତ୍ୟ, ଶିବ ଓ ସୁନ୍ଦର। ନାନା ସ୍ଥାନରେ ନାନାରୂପରେ ଆବିର୍ଭାବ ହୋଇ ବିଭିନ୍ନ ନାମରେ ନାମିତ ହୋଇ ଭକ୍ତ ଓ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ଦେଇ ଅଭିଷ୍ଟ ପୂର୍ଣ୍ଣ କରି ଆଥାନ୍ତି। ଏକଦା ଅଗନା ଅଗନୀ ବନ ଥିବା ବରଗଡ଼ର ହୃଦୟ ପଦକ ସଦୃଶ ଏହି କ୍ଷୁଦ୍ର ଭୂଖଣ୍ଡର ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଦର୍ଶନ ଦେବାକୁଝାଡେଶ୍ୱର ବାବାଙ୍କ ଆର୍ବିଭାବରେ ସରସରା ମାଟି ପବିତ୍ର ହୋଇଛି।

ପ୍ରତ୍ୟେକ ମନ୍ଦିର ପ୍ରତିଷ୍ଠା ଏବଂ ଠାକୁରଙ୍କ ଆବିର୍ଭାବ ପଛରେ କିଛି ଇତିହାସ, କିଛି ନା କିଛି କିମ୍ବଦନ୍ତୀ ବା ଲୋକକଥା ଲୁଚି ରହିଥାଏ। ଏହି ଲୋକକଥା ଗୁଡିକ ଭକ୍ତମାନଙ୍କ ହୃଦୟରେ ବିଶ୍ୱାସ ଓ ଭକ୍ତିଭାବ ବହୁଗୁଣିତ କରିଥାଏ। ଏହି ବିଶ୍ୱାସ ଓ ଭକ୍ତି ମାଧ୍ୟମରେ ହିଁ ଈଶ୍ୱର ପ୍ରାପ୍ତି ସମ୍ଭବ ହୋଇଥାଏ ଓ ଭବସାଗରରୁ ମୁକ୍ତି ମିଳିଥାଏ। ପୂର୍ବେ ଗୌନ୍ତିଆ ମାନେ ଗାଈ ଚରାଇବା ପାଇ ବିଞ୍ଝାଲ ସମ୍ପ୍ରଦାୟର ଯୁବକଙ୍କୁ ନିଯୁକ୍ତି ଦେଇଥାନ୍ତି। ସେତେବେଳେ ରେଙ୍ଗଲ ପାଲି ଗାଁର ନମ୍ବରଦାର୍ ଗୌନ୍ତିଆ ସିଦ୍ଧେଧଶ୍ୱର ଭୋଇ ଥିଲେ। ଦିନେ ଦେଖିଲେ ଯେ ଗୋଟେ କଳା ଗାଈ ଘରକୁ ଗୋଠ ସହ ନ ଫେରି ଡେରିରେ ଏକୁଟିଆ ଆପେ ଆପେ ଫେରୁଛି। ଏମିତି ନିତିଦିନ ଘଟଣା ଘଟିବା ପରେ ଗୌନ୍ତିଆଙ୍କ ମନରେ ସନ୍ଦେହ ଆସିଲା। ପରଦିନ କାରଣ ଜାଣିବା ପାଇଁ ଗାଈର ପଛେ ପଛେ ଅନୁସରଣ କଲେ ଆଉ ଯାହା ଦେଖିଲେ ନିଜ ଆଖିକୁ ଗୌନ୍ତିଆ ବିଶ୍ୱାସ କରି ପାରିଲେନି। ଗାଈଟି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଛିଡା ହେଉଛି ଆଉ କ୍ଷୀର ଆପେ ଆପେ

ଅଷ୍ଟଶମ୍ଭୁ ମଧ୍ୟରେ ଅନ୍ୟତମ ପବିତ୍ର ପୀଠ

ଝରି ପଡୁଛି। ତା ପରେ ଗାଈ ଘରକୁ ଫେରି ଆସୁଛି। ପୁଣି ବର୍ଷା ଦିନରେ ଭରା ଜିରା ନଦୀ ପାର ହୋଇ ଆସି ସେମିତି ଗାଈଟି କ୍ଷୀର ଦେଉଚି। ଦିନେ ରାତିରେ ଝାଡେଶ୍ୱର୍ ବାବା ଗୌନ୍ତିଆ ସିଦ୍ଧେଶ୍ୱରଙ୍କୁ ଗାଈଟି କ୍ଷୀର ଦେବା ସ୍ଥାନରେ ସ୍ୱୟଂ ଉଭା ହୋଇଥିବା କଥା ସ୍ୱପ୍ନରେ କହିଥିଲେ। ପରଦିନ ଗୌନ୍ତିଆଙ୍କ ସହ ସମସ୍ତ ଗ୍ରାମବାସୀ ଯାଇ ସେ ସ୍ଥାନରେ ବାବାଙ୍କୁ ସ୍ମରଣ କରିବା ପରେ ଲିଙ୍ଗଟିର ଦର୍ଶନ ହୋଇଥିଲା। ସେହି ସମୟରୁ ଆଜି ପର୍ଯ୍ୟନ୍ତ ଝାଡେଶ୍ୱର୍ ବାବାଙ୍କ ପୂଜାର୍ଚ୍ଚନା ହୋଇ ଆସୁଛି। ପୂର୍ବ ସରକାରଙ୍କ ସମୟରେ ଏହି ପବିତ୍ର ପୀଠର ବହୁ ଉନ୍ନତି ହୋଇଥିଲା। ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ମନ୍ଦିର ପର୍ଯ୍ୟନ୍ତ ସୁନ୍ଦର୍ ରାସ୍ତା ନିର୍ମାଣ, ଭୋଗ ମଣ୍ଡପ, ପୋଖରୀର ଉନ୍ନତୀକରଣ, ଚାରିଆଡେ ଲାଇଟ୍‌ର ବ୍ୟବସ୍ଥା, ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ମନ୍ଦିର ଚାରି ପାଶ୍ୱର୍ରେ ସିସି କ୍ୟାମେରାର ବ୍ୟବସ୍ଥା ଆଦି ବହୁ ଉନ୍ନୟନ କାର୍ଯ୍ୟ ସବୁ ହୋଇଛି। ପୂର୍ବତନ ସାଂସଦ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ବିଧାୟକ ସାଧୁ ଚରଣ ନେପାକ, ପୂର୍ବତନ ଏପିକଲ୍ ଚେୟାରମ୍ୟାନ ପ୍ରଭାତ ଦିତ୍ୟ ମିଶ୍ର, ବର୍ତ୍ତମାନ ବିଧାୟକ ଅଶ୍ୱିନୀ ଷଡଙ୍ଗୀଙ୍କ ଉଦ୍ୟମରେ ସୋଲାର ଲାଇଟ୍ ବ୍ୟବସ୍ଥା, ଗଣେଶ ରାମ ଅଗ୍ରୱାଲ, ସତ୍ୟନାରାୟଣ ଅଗ୍ରୱାଲ, ତୋଷବନ୍ତ ଦାଶ, ନରେଶ ଗଡତିଆ, ଟଙ୍କଧର ସାବତ, ଦୀପକ ବାଲୋଡିଆ, ବଳରାମ ବିଶି, ମନବୋଧ ଭୋଇଙ୍କ ସମେତ ବହୁ ମହାନ୍ ବ୍ୟକ୍ତି ମନ୍ଦିର ପାଇଁ ନିଜସ୍ୱ ତଥା ସରକାରୀ ସହାୟତା ପ୍ରଦାନ କରିଛନ୍ତି। ଆଜି ଏହି ପୀଠରେ ହଜାର ହଜାର ଭକ୍ତ ବାବାଙ୍କୁ ଦର୍ଶନ କରିବା ନେଇ ପ୍ରସ୍ତୁତି ପର୍ବ ହୋଇଛି।

ମୃତ୍ୟୁ ପରେ ବି ଅମର ହୋଇଗଲେ ଦୟାନିଧି ସାହୁ

ଦୁଇ ଚକ୍ଷୁ ଦାନ ଦେଲା ପରିବାର

ବରଗଡ଼,୨୦।୭ (ସମିସ): ବରଗଡ଼ ନିବାସୀ ଦୟାନିଧି ସାହୁ (ସୁରୁ)ଙ୍କ ରବିବାର ଦେହାନ୍ତ ହୋଇଛି। କିଛି ଦିନ ହେବ ବରଗଡ଼ର ଏକ ଘରୋଇ ହସ୍ପିଟାଲରେରେ ସେ ଚିକିତ୍ସାଧୀନ ରହିଥିଲେ। ମୃତ୍ୟୁ ପରେ ପରିବାରର ସଦସ୍ୟ ସହମତିରେ ତାଙ୍କ ଚକ୍ଷୁ ଦାନ କରିଛନ୍ତି। ବରଗଡ଼ ସୋସିଆଲ କ୍ଲବ୍ ତରଫରୁ ରବିବାର କ୍ଲବ୍‌ର ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ତଥା ସଭାପତି ନିଧୁବନ୍ ବିହାରୀ ପଣ୍ଡାଙ୍କ ସଭାପତିତ୍ୱରେ ସ୍ୱର୍ଗତ ଦୟାନିଧି ସାହୁଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଶ୍ରୀ ସାହୁ ସତ୍ୟସାଇ ସେବା ସଂଗଠନ ତଥା ସୋସିଆଲ କ୍ଲବ୍‌ର ଜଣେ ସକ୍ରିୟ ସଭ୍ୟ ଥିବା ସହ ସଂଗଠନ ମାଧ୍ୟମରେ ବହୁ ଗୁଡିଏ ସାମାଜିକ କାର୍ଯ୍ୟରେ ନିଜକୁ ଜଡିତ ରଖିଥିଲେ। ରେଢ଼ାଖୋଲରେ ଜଣେ ଗରିବ ଛାତ୍ରର ସମସ୍ତ ପଢ଼ା ଖର୍ଚ୍ଚ ବହନ କରି ଆସୁଥିଲେ, ବିଭିନ୍ନ ସମୟରେ କୁଷ୍ଠାଶ୍ରମ ଯାଇ ଖାଦ୍ୟ ଯୋଗାଇବା ସହ ବହୁ ଜିନିଷପତ୍ର ଦାନ କରୁଥିଲେ। ଆଇନଜୀବୀ ସୁରେନ୍ଦ୍ର ପଣ୍ଡା, ଅଶୋକ ଯୋଶୀ, ହରଦିପ ସିଂ, ଶୈଳେଶ ନାୟକ, ପ୍ରହ୍ଲାଦ ଦୋରା, ଦୀଲିପ ବାଗ, ବୀରେନ ହାତୀ ପ୍ରମୁଖ ସୋସିଆଲ କ୍ଲବ୍‌ର ବହୁ ସଦସ୍ୟ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

ପ୍ରାକୃତିକ ଚାଷ ତାଲିମ ଶିବିର ଉଦ୍‌ଯାପିତ

ବରଗଡ଼,୨୦।୭ (ସମିସ): ସରକାରଙ୍କ ଜାତୀୟ ପାରମ୍ପରିକ କୃଷି ମିଶନ ଯୋଜନାରେ ପ୍ରାକୃତିକ ଶୈଳୀ ତଥା ପ୍ରାକୃତିକ ସାର, କୀଟନାଶକ ପ୍ରୟୋଗରେ ଫସଲ ଉତ୍ପାଦନ କରି ଲାଭବାନ ହେବା ପାଇଁ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଝାରବନ୍ଧ ବ୍ଲକ୍‌ର ଚଣ୍ଡୀଭଟା ସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସତର୍କ' ଦ୍ୱାରା ୪୦ ଜଣ ସିଆରପିଙ୍କୁ ୫ ଦିନିଆ ତାଲିମ ପ୍ରଦାନ କରାଯାଇଛି। ତାଲିମ ଶିବିରରେ ପ୍ରାକୃତିକ ଚାଷ ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା ଏବଂ ପ୍ରାକୃତିକ ସାର, ସବୁଜ ସାର, କୀଟନାଶକ ପ୍ରସ୍ତୁତ ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ୫ ଦିନ ଧରି ଚାଲିଥିବା ଶିବିରରେ ଆଜି ସିଆରପି ମାନଙ୍କୁ ନେଇ ପରୀକ୍ଷା ହୋଇଥିଲା। ଶେଷ ଦିନରେ ପୁଷ୍ପକ ନାଏକ, ସହକାରୀ କୃଷି ଅଧିକାରୀ ଝାରବନ୍ଧ, ପଦ୍ମପୁର ସହକାରୀ କୃଷି ଅଧିକାରୀ ଜିତେନ୍ଦ୍ର ମୁର୍ମୁ ଯୋଗଦେଇ ପ୍ରାକୃତିକ ଚାଷ ପ୍ରଣାଳୀକୁ ପୁଙ୍ଖାନୁପୁଙ୍ଖ ବୁଝାଇଥିଲେ। ମାଷ୍ଟର ଟ୍ରେନର ଶାନ୍ତନୁ ପ୍ରଧାନ, ବସନ୍ତ ନାୟକ ପରୀକ୍ଷା କରାଇଥିଲେ। ସମସ୍ତଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ରାଜେଶ ପ୍ରଧାନ, ଲବଣି ସାହୁ, ଦେବରାଜ ନାୟକ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଅନୁଷ୍ଠାନର ସମ୍ପାଦକ ବିକାଶ ନାୟକ ଧନ୍ୟବାଦ ଜ୍ଞାପନ କରିଥିଲେ।

ସାମ୍ବାଦିକ ସଂଘର ବାର୍ଷିକୋତ୍ସବ

ବରଗଡ଼,୨୦।୭ (ସମିସ): ଝାରବନ୍ଧ ସାମ୍ବାଦିକ ସଂଘ ଭବନ ପ୍ରତିଷ୍ଠାର ବାର୍ଷିକୋତ୍ସବ ସାମ୍ବାଦିକ ଭବନରେ ସାମ୍ବାଦିକ ରମେଶ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜାବର ସଭାପତି ରବି ନାରାୟଣ ପଣ୍ଡା, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ସାମ୍ବାଦିକ ସଂଘ ସଭାପତି ବଡ ଶତପଥୀ ଯୋଗ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ଝାରବନ୍ଧ ଡିଗ୍ରୀ କଲେଜ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରା ଯୋଗ ଦେଇଥିଲେ। ଏହି ଅବସରରେ ମେଧାବୀ ଛାତ୍ରଛାତ୍ରୀ ଉତ୍ତମ ସାହୁ, ବିଶ୍ୱରଣା, ଦୀପକ ବାଗ, ପ୍ରିୟାଂଶୁ ମେହେର, ଟିକେଶ୍ୱରୀ ବାରିକ ଓ ଶିକ୍ଷକ ସଞ୍ଜୟ ସଗରଙ୍କୁ ଉପଢୌକନ, ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଡୋଳଚନ୍ଦ୍ର ସାହୁ, ସାମ୍ବାଦିକ ଦୁର୍ଗାପ୍ରସାଦ ତ୍ରିବେଦୀ, ଡିଗ୍ରିଧର ସାହୁ, ପ୍ରଭୁ ମହାନ୍ତି, ଦେବେନ୍ଦ୍ର ସାହୁ, ନକୁଳ ସାହୁ, ପ୍ରଦୀପ ପ୍ରଧାନ, ଶିବପ୍ରସାଦ ପଟେଲ, ଆକାଶ ବାରିକ, ରଞ୍ଜିତ ଦାଶ, ସୁନିଲ ମିଶ୍ର, ସତ୍ୟ ପ୍ରଧାନ, ଅଶ୍ୱନି ପାତ୍ର, ହେମନ୍ତ ପ୍ରଧାନ, ସୁଦାମ ପ୍ରଧାନ, ଗିରିଶ ଚନ୍ଦ୍ର ମାଝୀ, କୁଞ୍ଜ ବିହାରି ସାହୁଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ଲକ୍‌ର ସାମ୍ବାଦିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜୋହନ କୁମ୍ଭାର ପରିଚାଳନା କରିଥିଲେ। ବାର୍ଷିକ ଉତ୍ସବ ଅବସରରେ ଝାରବନ୍ଧ ଚାକଦର୍ହା ଡ୍ୟାମ୍ ପରିଦର୍ଶନ ସହ ଭୁବନେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ଚାରାରୋପଣ କରାଯାଇଥିଲା।

ଚାରା ରୋପଣ କାର୍ଯ୍ୟକ୍ରମ

ଜାନ୍ ଯାଉ, ଜୀବନ୍ ଯାଉ, ଆମର୍ ଗଛଟା ବଞ୍ଚିଥାଉ

ବରଗଡ଼

ବରପାଲି

ପଦ୍ମପୁର

ବରଗଡ଼,୨୦।୭ (ସମିସ):

ବରଗଡ଼ର ଡ.ଆମ୍ବେଦକର ୱେଲଫେୟାର ଟ୍ରଷ୍ଟ ଓ ଆମ୍ବେଦକର ଷ୍ଟଡି ସେଣ୍ଟରର ମିଳିତ ଉଦ୍ୟମରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବରଗଡ଼ ବ୍ଲକ୍ ଅଧୀନ ତୋରା ପଞ୍ଚାୟତର ନାଗେନପାଲି ରୋଡର ଉଭୟ ପାଶ୍ୱର୍ରେ ଚାରାରୋପଣ କରାଯାଇଥିଲା। ଆମ୍ବେଦକର ୱେଲଫେୟାର ଟ୍ରଷ୍ଟ ଓ ଷ୍ଟଡି ସେଣ୍ଟରର ସଭାପତି ବିମଳ କିଶୋର ନାଗଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୁବ ସମାଜସେବୀ ପୁରନ୍ଦର ଭୋସାଗର ଓ ସମାଜସେବୀ ଡ.ଅନିଲ ମହାନନ୍ଦ ଯୋଗ ଦେଇଥିଲେ। 'ଆସ ସଭେ ଗୁଟେ ଗୁଟେ ଗଛ ଜଗାମା...ପରିବେଶ କେ ବଞ୍ଚେଇ ନେମା', 'ପ୍ରକୃତି ସୁରକ୍ଷା...ଜୀବନରକ୍ଷା', 'ଗଛ ଲଗାମା...ଜୀବନ ବଞ୍ଚାମା', 'ଜାନ ଯାଉ ଜୀବନ ଯାଉ....ପରିବେଶ ବଞ୍ଚିଥାଉ'ର ନାରା ଦେଇ ବୃକ୍ଷରୋପଣ କରିବା ସହ ବୃକ୍ଷର ଉପକାରିତା ବିଷୟରେ କହିଥିଲେ। କାର୍ଯ୍ୟକ୍ରମରେ ଆମ୍ବେଦକର ୱେଲଫେୟାର ଟ୍ରଷ୍ଟ ଓ ଆମ୍ବେଦକର ଷ୍ଟଡି ସେଣ୍ଟରର ଜ୍ୟୋତି ପ୍ରକାଶ ସୁନା, ରିମା ସାହୁ, ରୋଶନୀ ସୁରଜାଲ, ଅନନ୍ୟା ଦୀପ୍, ଲୀନା ନାୟକ, ରବିନା ସାହୁ, ରାଜୁ ଦୀପ୍, ଅନିଶା କୁମ୍ଭାର, ସୌରାଜ ନାଗ୍, ରାହୁଲ କୁଅଁର, କଳ୍ପନା ସର, ଭାରତୀ ଦୀପ୍, ସୁଭମ୍ ନାୟକ, ସୋନୁ ଗୁଆଲ, ଓମ୍ ସାଗର, ଆଦିତି ସର୍, ପମି ସର୍, ମନୀଷା ରୟଙ୍କ ସମେତ ସମସ୍ତ ସଦସ୍ୟ ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

ବରପାଲି: ବରଗଡ଼ ଜିଲ୍ଲା ବରପାଲି ବ୍ଲକ୍ ଡିଳେଇମାଲ ପଞ୍ଚାୟତ ଜୁହ୍ନାବ୍ରାହ୍ମନୀ ଗାଁରେ ଇଓର ଟ୍ୟୁଟୋରିଆଲ ଅନୁଷ୍ଠାନ ତରଫରୁ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ମନୋରଞ୍ଜନ ପାଣ୍ଡେ ଏବଂ ଉପସଭାପତି ଭୀଷ୍ମଦେବ ପାଣ୍ଡେଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ କୋଡିଏରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରକାର ବୃକ୍ଷରୋପଣ ହୋଇଥିଲା। 'ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା' ଏବଂ 'ଜାନ ଯାଉ, ଜୀବନ ଯାଉ, ଆମର ଗଛଟା ବଞ୍ଚିଥାଉ' ନାରା ଦେଇ ମା'ଙ୍କ ନାମରେ ବୃକ୍ଷଗୁଡିକୁ ରୋପଣ କରାଗଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିମ୍, ସାହିଲ, ଶ୍ରିୟା, ତୃପ୍ତି, ସଂଜୀବ, କିଷାନ, ମନୀଷା, ସଙ୍ଗମ, ସତ୍ୟମ୍, ଡୋଲି, ପ୍ରିୟଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

ପଦ୍ମପୁର: ସମ୍ବାଦ ସାହିତ୍ୟ ଘର ପଦ୍ମପୁର ଶାଖା ଆନୁକୂଲରେ ବୃକ୍ଷରୋପଣ ଓ ବଣ୍ଟନ କାର୍ଯ୍ୟକ୍ରମ ସଂଫିଆ ଗ୍ରାମ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ହୋଇଯାଇଛି। ଏଥିରେ ସାହିତ୍ୟ ଘର ସଭାପତି ପ୍ରୀତିରଞ୍ଜନ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ସୁଦାମ ଜଗଦଳା, ପଦ୍ମପୁର ବନାଞ୍ଚଳ ଅଧିକାରୀ ରଞ୍ଜିତ ସିଂ ବାବୁ, କଂସର ପଞ୍ଚାୟତର ସରପଞ୍ଚ ଆନନ୍ଦ ବେହେରା, ମୀନକେତନ ସାହୁ, ସାହିତ୍ୟ ଘର ସଂଗଠନ ସମ୍ପାଦକ ନିରୋଜ ଦୋରା, ବନପାଳ ଝରଣା ସାହୁ, କେଦାର ନାଥ ସାହୁ, କହ୍ନେଇ ଦୋରା, ତୁଳସୁନ୍ଦର ମେହେର ପ୍ରମୁଖ ଯୋଗ ଦେଇ ବୃକ୍ଷରୋପଣ ତଥା ତାହାର ଯତ୍ନ ଏବଂ ଉପକାରୀତା ସମ୍ବନ୍ଧରେ କହିଥିଲେ। ସାହିତ୍ୟ ଘରର ସମ୍ପାଦକ ଶେଷଦେବ ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ସ୍କୁଲର ପ୍ରଧାନଶିକ୍ଷକ କରୁଣାକର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

ଗଞ୍ଜେଇ ଚାଲାଣର ପେଣ୍ଠସ୍ଥଳୀ ବଲାଙ୍ଗିର

ଛତିଶଗଡ଼ ଓ ପଶ୍ଚିମବଙ୍ଗଙ୍କୁ ହେଉଛି ଚାଲାଣ

ବଲାଙ୍ଗିର, ୨୦।୭ (ସମିସ)

ଗଞ୍ଜେଇ ଚାଲାଣର ମୁଖ୍ୟ ପେଣ୍ଠ ସାଜିଛି ବଲାଙ୍ଗିର। କିଛି ଦିନ ତଳେ ସୋନପୁର ପୁଲିସ ପ୍ରାୟ ପାଞ୍ଚକୋଟି ଟଙ୍କାର ଗଞ୍ଜେଇ ବଲାଙ୍ଗିର - ସୋନପୁର ଜିଲ୍ଲା ସୀମାରୁ ଜବତ କରିଥିବାବେଳେ ସେହିଭଳି କିଛି ବଡ଼ ଧରଣର ଚଢ଼ଉ କିମ୍ବା ଗଞ୍ଜେଇ ଜବତ ଘଟଣା ଗତ ପ୍ରାୟ ବର୍ଷକ ଭିତରେ ବଲାଙ୍ଗିର ଜିଲ୍ଲାରୁ ସାମ୍ନାକୁ ଆସିନାହିଁ। ବଡ଼ ମାଛ ଛାଡି କେରାଣ୍ଡି ଗୋଟାଇବା ଭଳି ଉଭୟ ପୁଲିସ ଓ ଅବକାରୀ ବିଭାଗ ଛୋଟିଆ ଗଞ୍ଜେଇ ବେପାରୀମାନଙ୍କୁ ଧରି ଗିରଫ କରୁଥିବାବେଳେ ବଲାଙ୍ଗିର ଦେଇ ଚାଲାଣ କରୁଥିବା ବଡ଼ ମାଛ କେବେ ଧରାପଡ଼ିବେ ତାହା ବଡ଼ ପ୍ରଶ୍ନ ହୋଇରହିଛି। ବୌଦ୍ଧ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା ଅଞ୍ଚଳରୁ ଅବାଧରେ ବଲାଙ୍ଗିରକୁ ଗଞ୍ଜେଇ ଆସି ପୁଣି ବଲାଙ୍ଗିରରୁ ଅନ୍ୟତ୍ର ବେଆଇନ ଭାବେ ଚାଲାଣ ହେଉଥିବା ଜଣାପଡ଼ିଛି।

ଅବାଧ ଗଞ୍ଜେଇ ଚାଲାଣର ମୁଖ୍ୟ କରିଡର ପାଲଟିଛି ବଲାଙ୍ଗିର। ନିୟମିତ ଟ୍ରକ, ଚାରିଚକିଆ, ବାଇକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ସବୁ ଜାଣି ଅଜଣା ସାଜିଛି ବଲାଙ୍ଗିର ପୁଲିସ। ବଲାଙ୍ଗିର ସହର ଦେଇ ଏହି ଗଞ୍ଜେଇ ଚାଲାଣ ହେଉଥିବାବେଳେ ପୁଲିସ ଏବିଷୟରେ ଟେର ପାଉନି। ଦୁଇଦିନ ତଳେ ସୋନପୁର ପୁଲିସ ଏକ ବଡ଼ ଧରଣର

ଜାଣି ଅଜଣା ଅବକାରୀ ବିଭାଗ
ବର୍ଷକ ଭିତରେ ପୁଲିସ କରିନି ବଡ଼ ଚଢ଼ଉ

ଗଞ୍ଜେଇ ଚାଲାଣ ସମୟରେ ଚଢ଼ଉ କରିଥିଲା। ଉକ୍ତ ଗଞ୍ଜେଇ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନା ଦେଇ ଚାଲାଣ ହୋଇଥିବା ଚର୍ଚ୍ଚା ହେଉଛି। ଏହିଭଳି ନିୟମିତ ଭାବେ ଏହି ରାସ୍ତାରେ ପୁଇଁନ୍ତଲା ଥାନା ଅଞ୍ଚଳ ଦେଇ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୁଲିସ ସତରେ ଅଜଣା ନା ଜାଣିଶୁଣି ଅଜଣା ହେବାର ଅଭିନୟ କରୁଛି ତାହା ସବୁଠାରୁ ବଡ଼ ପ୍ରଶ୍ନ।

ମିଳିଥିବା ସୂଚନା ଅନୁସାରେ ଗଞ୍ଜେଇ ବିଶେଷ କରି ମାଲକାନଗିରି, କୋରାପୁଟ, ବୌଦ୍ଧ ଅଞ୍ଚଳରୁ ବଲାଙ୍ଗିର ଦେଇ ଚାଲାଣ ହେଉଥିବା ଜଣାପଡ଼ିଛି। ପ୍ରଥମେ ଏହି ଅଞ୍ଚଳରୁ ଗଞ୍ଜେଇ ବଲାଙ୍ଗିରକୁ ଆସୁଥିବା ବେଳେ କିଛି ବେପାରୀ ବେଶ ଚାଲାକିର ସହ ଅନ୍ୟତ୍ର ଏହାକୁ ଲୁଚାଇ ରଖୁଛନ୍ତି। ପରେ ଛୋଟଛୋଟ ପରିମାଣରେ ଏହାକୁ ଭାଗକରି ରାୟପୁର, କଲିକତାକୁ ଚାଲାଣ ହେଉଥିବା ସୂଚନା ମିଳିଛି। ତେବେ ଚାଲାଣ ପାଇଁ ସବୁଧରଣର ଗାଡ଼ି ବ୍ୟବହାର କରାଯାଉଥିବା ଜଣାପଡ଼ିଛି। ବାଇକ୍‌ଠାରୁ ଅରମ୍ଭ କରି ଟ୍ରକ୍ ପର୍ଯ୍ୟନ୍ତ ଚାଲାଣରେ ବ୍ୟବହାର ହେଉଥିବାବେଳେ ଅନେକ ସମୟରେ ଟ୍ରେନ୍‌ରେ ମଧ୍ୟ ଏହି ଚାଲାଣ କରାଯାଉଥିବା ଜଣାପଡ଼ିଛି। ଗଞ୍ଜେଇ ବ୍ୟବସାୟରେ ମହିଳାମାନଙ୍କ ସମ୍ପୃକ୍ତି ମଧ୍ୟ ସାମ୍ନାକୁ ଆସିଛି। ଲୁଚାଛପାରେ ଯେଉଁଭଳି ଢଙ୍ଗରେ ଗଞ୍ଜେଇ ଚାଲାଣ ହୋଇପାରିବ ସବୁ କୌଶଳ ଗଞ୍ଜେଇ ବ୍ୟବସାୟୀମାନେ ଆପଣେଇ ନେଇଥିବା ବେଳେ ଏହାକୁ ରୋକିବା ପାଇଁ ବଲାଙ୍ଗିର ପୁଲିସ ଓ ଅବକାରୀ ବିଭାଗ ସମ୍ପୂର୍ଣ୍ଣ ଭାବେ ଫେଲ ମାରିଛି। ବିଶେଷକରି ତୁଷୁରା ଥାନା, ପୁଇଁନ୍ତଲା ଥାନା, ସଦର ଥାନା, ଦେଓଗାଁ ଥାନା, ପାଟଣାଗଡ଼ ଥାନା, ଖପ୍ରାଖୋଲ ଥାନା ଦେଇ ଏହି ଚାଲାଣ ହେଉଥିବାବେଳେ ପୁଲିସ ଏହି ଚାଲାଣ ଉପରେ କେବେ ନଜର ପକାଇବ ତାହା ଦେଖିବା କଥା। ଅନ୍ୟପକ୍ଷରେ ଗତ ପ୍ରାୟ ବର୍ଷକ ଭିତରେ ବଲାଙ୍ଗିର ଜିଲ୍ଲାରେ ଗଞ୍ଜେଇ ଚାଲାଣ ଉପରେ ସେହିଭଳି କିଛି ବଡ଼ ଧରଣର ଚଡାଉ ହୋଇନଥିବା ଜଣାପଡ଼ିଛି। ଗଞ୍ଜେଇ ମାମଲାରେ ଅବକାରୀ ବିଭାଗ ପ୍ରାୟତଃ ସୁପ୍ତ ହୋଇରହିଥିବା ବେଳେ ଅବଶ୍ୟ ପୁଲିସ ଓ ଆରପିଏଫ ମିଶି କିଛି ଗଞ୍ଜେଇ ଚଢ଼ଉ କରିଛନ୍ତି। ଗଞ୍ଜେଇ ଚାଲାଣକୁ ରୋକିବା ପାଇଁ ଜିଲ୍ଲା ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଭାବେ ଅଭିଯାନ କରି ଚଢ଼ଉ ଜୋରଦାର କରିବାକୁ ଦାବି ହୋଇଛି।

ଢାବାରେ ଚାଲୁଛି ମଦ କାରବାର; ଚେଇଁ ଶୋଇଛି ପୁଲିସ

ପାଟଣାଗଡ଼, ୨୦।୭ (ସମିସ): ପାଟଣାଗଡ଼ରୁ ବଲାଙ୍ଗିର ଯାଇଥିବା ମୁଖ୍ୟ ରାସ୍ତା ତଥା ଜାତୀୟ ରାଜପଥ କଡ଼ରେ ଥିବା ଏକ ଢାବାରେ ଖୋଲାଖୋଲି ବେଆଇନ ମଦ ବିକ୍ରି ହେଉଛି। ଅବକାରୀ ବିଭାଗ ଓ ପୁଲିସ ଜାଣିଶୁଣି ଚୁପ୍ ରହିଛି।ପ୍ରକାଶ ଯେ ପାଟଣାଗଡ଼ ଥାନା ଠାରୁ ତିନି କିମି ଦୂର ରାମପୁର ପେଟ୍ରୋଲ ପମ୍ପ ନିକଟସ୍ଥ ଏକ ଢ଼ାବାରେ ଚାଲୁଛି ବେଆଇନ ମଦ କାରବାର। ଏହି ଢାବାକୁ ରାତିରେ ପାଟ୍ରୋଲିଂ ପାଇଁ ପୁଲିସ ଗାଡି ଯାଉଛି ସତ କିନ୍ତୁ ଖାଲି ହାକରେ ଫେରିଆସୁଛି। ଏହି ଢାବାର ପଛପଟେ ଲୋକଙ୍କ ପାଇଁ ବସିବାସହ ମଦ୍ୟପାନ ପାଇଁ ସ୍ୱତନ୍ତ୍ର କୋଠରିମାନ ତିଆରି କରାଯାଇଛି। କୋଠରି ସମ୍ମୁଖରେ ଏକ ପରଦା ମଧ୍ୟ ଦିଆଯାଇଛି ଯେଉଁଭଳି ବାହାର ଲୋକଙ୍କୁ ଦେଖାଯିବନାହିଁ। ଅନ୍ୟପଟେ ଏହି ଢାବାରେ ଅସାମାଜିକ ବ୍ୟକ୍ତିଙ୍କ ଆ‡ସ୍ଥଳୀ ପାଲଟିବାସହ ଏଠାରେ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ଅପରାଧୀ ବିଳମ୍ବିତ ରାତ୍ରିରେ ଚୋରି, ଡକାୟତି ଭଳି ଘଟଣାମାନ ଘଟାଉଥିବା ଅଭିଯୋଗ ହେଉଛି। ତେବେ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଏହି ଢ଼ାବା ଖୋଲୁଥିଲେ ମଧ୍ୟ ସେହି ରାସ୍ତାଦେଇ ପାଟ୍ରୋଲିଂ ପାଇଁ ଯାଉଥିବା ପୁଲିସ ମଧ୍ୟ ନିରବଦ୍ରଷ୍ଟା ସାଜିଛି। ଏ ବିଷୟରେ ପାଟଣାଗଡ଼ ଅବକାରୀ ଅଧିକାରୀ ରାଜ କୁମାର ବେହେରାଙ୍କୁ ପଚାରିବାରୁ 'ମୁଁ ଉକ୍ତ ଢାବାରେ ଦୁଇଥର ଚଢ଼ଉ କଲିଣି', ବେଆଇନ ମଦ ଜବତ ହୋଇ କୋର୍ଟ ଚାଲାଣ ମଧ୍ୟ କରାଯାଇଛି। ଯଦି ସେଭଳି ପୁଣି ଚାଲିଛି ଖୁବଶୀଘ୍ର ପଦକ୍ଷେପ ନିଆଯିବ ବୋଲି କହିଥିଲେ।

ନଳକୂପ ଚାରିପଟେ କୀଟନାଶକ ପକାଇଦେଲେ ଦୁର୍ବୃତ୍ତ

ଖପ୍ରାଖୋଲ, ୨୦।୭ (ସମିସ): ବଲାଙ୍ଗିର ଜିଲ୍ଲା ଲାଠୋର ଥାନା ଅଧୀନ ଘୁନସର ପଞ୍ଚାୟତର ପୁଟକେଲତୁଆଁ ଗ୍ରାମର ତଳିପଡ଼ା ଓ ମଝି ପଡ଼ା ଠାରେ ଥିବା ଦୁଇଟି ନଳକୂପ ରେ କେହି ଦୁର୍ବୃତ୍ତ କୀଟନାଶକ ଔଷଧ ବିଞ୍ଚି ଦେଇଥିବାରୁ ଦୁଇ ପଡ଼ାବାସୀ ଆଜି ପାଣି ପାଇଁ ହଇରାଣ ହୋଇଛନ୍ତି। ପୁଟକେଲତୁଆଁ ଗ୍ରାମର ତଳିପଡ଼ା ଓ ମଝିପଡ଼ାର ଦୁଇଟି ନଳକୂପ ରେ ଗତ ରାତିରେ କେହି ଦୁର୍ବୃତ୍ତ କୀଟନାଶକ ଔଷଧ ବିଞ୍ଚି ଦେଉଥିବା ବେଳେ ସକାଳୁ ଗାଁ ଲୋକେ ଦେଖି ଆର୍ ଡବ୍ଲୁ ଏସ ଏସ ଯନ୍ତ୍ରୀ ଶ୍ୟାମ କୁମାରଙ୍କୁ ଖବର ଦେଇଥିଲେ। ଏନେଇ ଯନ୍ତ୍ରୀ ପଡ଼ାଲୋକଙ୍କୁ ନାଳକୁପର ପାଣି ବ୍ୟବହାର ପାଇଁ ବାରଣ କରିବା ସହ ସନ୍ଦେହରେ ପାଣିକୁ ପରୀକ୍ଷଣ ପାଇଁ ପଠାଯାଇଥିବା ସୂଚନା ଦେଇଛନ୍ତି।

ବାଇକ୍ ଧକ୍କାରେ ଜଣେ ମୃତ

କଣ୍ଟାବାଞ୍ଜି/ମୁରିବାହାଲ, ୨୦।୭ (ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା-ଟିଟିଲାଗଡ଼ ରାସ୍ତାର ଗୁରଣ୍ଡା ଗ୍ରାମ ନିକଟରେ ବାଇକ୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ମୁରିବାହାଲ ଥାନା ଅଧୀନ ଗୁରୁଣ୍ଡା ଗ୍ରାମର ତୋଫାନ କୈବର୍ତ୍ତ ବୋଲି ଜଣାପଡ଼ିଛି। ସେ ଗାଁ ରାସ୍ତା କଡ଼ରେ ଛିଡା ହୋଇଥିବା ବେଳେ ଗରେଇ ଗାଁର ଜଣେ ଯୁବକ ତାଙ୍କୁ ବାଇକ୍‌ରେ ଧକ୍କାଦେଇ ଫେରାର ମାରିଥିବା ଜଣାପଡ଼ିଛି। ଏନେଇ ମୁରିବାହାଲ ପୁଲିସ ଅଧିକ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

■ କଣ୍ଟାବାଞ୍ଜି ପୂର୍ତ୍ତବିଭାଗ ରାସ୍ତା

ରାସ୍ତା ହେଲା; ଡ୍ରେନ୍ କାମ ସମ୍ପୂର୍ଣ୍ଣ ହେଲାନି

କଣ୍ଟାବାଞ୍ଜି, ୨୦।୭ (ସମିସ): ସରକାର ଜନସାଧାରଣଙ୍କ ଗମନାଗମନ ସଂଯୋଗ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚକରି ରାସ୍ତା ଉନ୍ନତୀକରଣ କରୁଥିବାବେଳେ ଠିକା ସଂସ୍ଥାର ମନୋମୁଖ କାର୍ଯ୍ୟ ବନ୍ଦ ହେଉନଥିବା ଅଭିଯୋଗ ହେଉଛି। ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ ଅଧୀନରେ ଥିବା ବଙ୍ଗୋମୁଣ୍ଡା ଠାରୁ କୁର୍ଲି ପର୍ଯ୍ୟନ୍ତ ନୂତନ ଭାବରେ ରାସ୍ତା ନିର୍ମାଣ କରାଯାଇଥିଲା। ଠିକାଦାର ଜଣକ ରାସ୍ତା ନିର୍ମାଣ କାମ ସମ୍ପୂର୍ଣ୍ଣ କରିଥିବା ବେଳେ ଡ୍ରେନ୍ ନିର୍ମାଣ କାମ ସମ୍ପୂର୍ଣ୍ଣ କଲେ ନାହିଁ। ଡ୍ରେନ୍ ନିର୍ମାଣ ପାଇଁ ଟଟୁଅନକା ଗାଁ ନିକଟରେ ଅନେକ ବଡ଼ ବଡ଼ ଗଛ କଟା ଯାଇଥିବା ବେଳେ ଆଜିଯାଏ ଗୋଟିଏ ପଟେ ଅଧାପନ୍ତରିଆ ଡ୍ରେନ୍ କାମ ହୋଇଥିବା ବେଳେ ଅନ୍ୟପଟେ ଡ୍ରେନ୍ କାମ ହେଉନି। କଣ୍ଟାବାଞ୍ଜି ସହରରେ ମଧ୍ୟ ଡ୍ରେନ୍ କାମ ଅଧାପନ୍ତରିଆ ହୋଇ ପଡ଼ିଥିବାରୁ ଲୋକେ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ଏନେଇ ବିଭାଗୀୟ କର୍ତ୍ତୃପକ୍ଷ ନଜର ଦେଉ ନ ଥିବା ଯୋଗୁଁ ଜନ ସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେପଟେ କଣ୍ଟାବାଞ୍ଜିରୁ ଚାଉଳଶୁଖା ଯାଏ ନିର୍ମାଣ ହୋଇଥିବା ରାସ୍ତା କାମରେ ମଧ୍ୟ ଅନେକ ଅନିୟମିତା ହୋଇଥିବା ଅଭିଯୋଗ ହେଉଛି।

ଭାରତୀୟ ଶିକ୍ଷଣ ମଣ୍ଡଳର ଗୁରୁପୂଜନ ଉତ୍ସବ

ବଲାଙ୍ଗିର, ୨୦।୭ (ସମିସ): ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଭାରତୀୟ ଶିକ୍ଷଣ ମଣ୍ଡଳ, ବଲାଙ୍ଗିର ଶାଖା ତରଫରୁ ଗୁରୁ ପୂଜନ ଉତ୍ସବ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ କସ୍ତୁରୀ ରଥ ସଂଯୋଜନା ଓ ସମ୍ପାଦକ ଦିବାକର ହୋତା ଅତିଥି ପରିଚୟ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ସତ୍ୟବନ୍ତ ବେଦବାକ ଓ ମୁଖ୍ୟବକ୍ତା ଭାବରେ ସନାତନ ଠାକୁର ମଞ୍ଚାସିନ ଥିଲେ। ଅତିଥିମାନେ ମହର୍ଷି ବ୍ୟାସଦେବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଓଡ଼ିଶା ପଶ୍ଚିମ ପ୍ରାନ୍ତ କୋଷାଧ୍ୟକ୍ଷ ସତ୍ୟନାରାୟଣ ପ୍ରଦାନ ଧ୍ୟେୟ ଶ୍ଳୋକ ପାଠ କରିଥିଲେ। ଏହି ଅବସରରେ ଭାରତୀୟ ଶିକ୍ଷଣ ମଣ୍ଡଳ, ବଲାଙ୍ଗିରର ପୂର୍ବତନ ସଭାପତି ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଏବଂ ପୂର୍ବତନ ରାଜ୍ୟ ସମ୍ପାଦକ ଧର୍ମବ୍ରତ ରଥଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟଅତିଥି ଭାରତୀୟ ସମାଜରେ ଗୁରୁ ପରମ୍ପରାର ମହନୀୟତା ବର୍ଣ୍ଣନା କରିବା ସହ ବ୍ୟାସଦେବଙ୍କ ଜୀବନି ଉପରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ଗିରିଜା ଶଙ୍କର ରଥ, ପ୍ରଶନ୍ନ ମିଶ୍ର, ଗୋପାଳ ପ୍ରଧାନ, ବିରଞ୍ଚି ତ୍ରିପାଠି, ଅରୁଣ ଖୁଆସ, ବିରଞ୍ଚି ନାରାୟଣ ଦାଶ, ମାଳତି ଉଦ୍‌ଗାତା, ନିହାରିକା ମିଶ୍ର, ସଂଯୁକ୍ତା ପରିଚ୍ଛା, ବଳିଷ୍ଠ ପ୍ରଧାନ, ମଧୁସୁଦନ ନାୟକ, ନରେନ୍ଦ୍ର ମିଶ୍ର, ନବକୃଷ୍ଣ ପଟେଲ, ଯଯାତି କେଶରୀ ପ୍ରଧାନ, ଦେବଦତ୍ତ ମିଶ୍ର, ରାମଶଙ୍କର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ସତ୍ୟାନନ୍ଦ ବିଶ୍ୱାଲ ସ୍କୁଲ ଛାତ୍ରୀଙ୍କ ମଧ୍ୟରେ ଏକ କୁଇଜ ପ୍ରତିଯୋଗିତା ସଞ୍ଚାଳନ କରିଥିଲେ। ଶେଷରେ ସୁଶ୍ରୀ ସବିତା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

ପୋଷଣ କିଟ୍ ଶୁଭାରମ୍ଭ କଲେ ଉପମୁଖ୍ୟମନ୍ତ୍ରୀ

ବେଲପଡ଼ା, ୨୦।୭ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂକଳ୍ପ କୁପୋଷଣ ମୁକ୍ତ ଭାରତ ଯୋଜନା ଓଡ଼ିଶା ରେ ପ୍ରଥମ ଥର କରି ଶୁଭାରମ୍ଭ ହୋଇଛି। ପାଟଣାଗଡ଼ ସୁଭଦ୍ରା ଭବନଠାରେ ଏହାକୁ ଉପମୁଖ୍ୟମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକ ବର୍ଦ୍ଧନ ସିଂ ଦେଓ ଶୁଭାରମ୍ଭ କରିଛନ୍ତି। ପରେ ବେଲପଡ଼ାଠାରେ ଏହାର ଶୁଭାରମ୍ଭ କରିଛନ୍ତି। ଦେଶରୁକୁ ପୋଷଣ କୁ ଦୂର କରିବା ପାଇଁ ଏହି ଯୋଜନା ହାତ କୁ ନେଇଥିବା ବେଳେ ଏଥିରେ ଗର୍ଭବତୀ, ପ୍ରସୂତି ଏବଂ ୬ ବର୍ଷ ରୁ କାମ ଥିବା ଶିଶୁ ମାନଙ୍କୁ ସାମିଲ କରାଯାଇଛି। ପାଟଣାଗଡ଼ ବ୍ଲକରେ ମୋଟ ୨୦୦ ଟି 'ପୋଷଣ କିଟ୍' ବଣ୍ଟନ କରାଯାଇଥିଲା। ପୋଷଣ କିଟ୍‌ରେ ଚୂଡ଼ା, ସୋୟାବିନ ବରୀ, ଭୁନା ଚଣା, ଚିନାବାଦାମ, ଖଜୁର ଆଦି ବିଭିନ୍ନ ପୁଷ୍ଟିକର ଖାଦ୍ୟ ରହିଛି। ଏନି କେୟାର ପାଉଣ୍ଡେସନ ଦ୍ୱାରା ପୋଷଣ କିଟ୍ ବିତରଣ କରାଯାଉ ଥିବାବେଳେ ଏହାଦ୍ୱାରା ମହିଳା ଶିଶୁ ମାନେ ପୁଷ୍ଟିକର ଖାଦ୍ୟ ଖାଇ ଶରୀର କୁ ଫିଟ୍ ରଖିପାରିବେ। ୧୭ ହଜାର ମହିଳା ଓ ଶିଶୁକୁ ଏହି ପୋଷଣ କିଟ୍ ବଣ୍ଟନ କରାଯିବା ନେଇ ଉପ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏଥିରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ -ଅଭିନେଶ ତ୍ରିପାଠୀ ବରିଷ୍ଠ ପରାମର୍ଶଦାତା, ଖଣି ମନ୍ତ୍ରାଳୟ, ଉପ ଜିଲ୍ଲାପାଳ ସୁନିଲ ମେହେର, ବିଡିଓ ରାଜେଶ ମେହେର, ତହସିଲଦାର ଅଭିଷେକ କିଷାନ, ୨୪ ଓ ୨୬ ନମ୍ବର ଜୋନ ଜିଲ୍ଲା ପରିଷଦ, ବେଲପଡ଼ା ଶିଶୁ ପ୍ରକଳ୍ପ ଅଧିକାରୀ ବିଦ୍ୟୁତ ପ୍ରଭା ନାଗଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

କାନ୍ଥପଡ଼ି ମହିଳା ଗୁରୁତର

କଣ୍ଟାବାଞ୍ଜି, ୨୦।୭ (ସମିସ) : ଲଗାଣ ବର୍ଷାରେ ଘରକାନ୍ଥ ଭାଙ୍ଗି ପଡ଼ି ଯିବାରୁ ଗର୍ଭବତୀ ମହିଳା ଗୁରୁତର ହୋଇଛନ୍ତି। ଏହି ଭଳି ଘଟଣା ଦେଖିବାକୁ ମିଳିଛି ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ଅଧୀନ ବାନ୍ଧନପାଲି ଗାଁରେ। ଏହି ଗାଁର ସୁଶୀଲା ବନଛୋର ନାମକ ଜଣେ ଗର୍ଭବତୀ ମହିଳା ରବିବାର ସକାଳେ ଘରେ ରୋଷେଇ କରୁଥିବା ସମୟରେ ଲଗାଣ ବର୍ଷା ଯୋଗୁଁ ଘରକାନ୍ଥ ଭାଙ୍ଗି ପଡ଼ି ଯିବାରୁ ସେ ଚାପି ହୋଇ ଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରିବା ସାରିବା ପରେ ବଲାଙ୍ଗିର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଥିଲେ।

ସାମ୍ବାଦିକ ସଂଘ ତରଫରୁ ଚାରାରୋପଣ

ସଇଁତଳା, ୨୦।୭ (ସମିସ): ସଇଁତଳା ବ୍ଲକସ୍ଥିତ ସାମ୍ବାଦିକ ସଂଘ ତରଫରୁ ଜାମପଦର ପୁଲିସ କଲୋନୀ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ଓଡ଼ିଶା ସାମ୍ବାଦିକ ସଂଘର ରାଜ୍ୟ ସମ୍ପାଦକ ପ୍ରମୋଦ କୁମାର ସେଲମାଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ବିଶିଷ୍ଟ ସମାଜସେବୀ ମଦନଲାଲ ଅଗ୍ରୱାଲ, ରେଞ୍ଜର ସାଗରରାଜ ନାୟକ, ଥାନା ଅଧିକାରୀ ସୁଶାନ୍ତ ବଡ଼େଇ ପ୍ରମୁଖ ଯୋଗଦାନ କିରଥିଲେ। ଏହି ପରିପେକ୍ଷୀରେ ଯୁବ ସାମ୍ବାଦିକ ତଥା ସଂଘ ସମ୍ପାଦକ ସୁଶାନ୍ତ ମେହେର, ରାଖାଲ ଶତପଥୀ, ଚନ୍ଦ୍ରଭାନୁ ପ୍ରଧାନ, ରଞ୍ଜନ ବାଗ, ଲକ୍ଷ୍ମୀକାନ୍ତ ସାହୁ, ଅଶ୍ୱନୀ ସାହୁ ଓ କାଗଜ ବିତରକ ଅନି ରାଓଙ୍କୁ ସଂଘ ତରଫରୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଉଳ ଗଛ ସାଙ୍ଗକୁ ଅନ୍ୟାନ୍ୟ ଚାରାରୋପଣ କରାଯାଇଥିଲା। ଏସଆଇ ଗୋଇଣ୍ଡି ଖାଁ, ଏଏସ୍‌ଆଇ ଥବିର ମହାରଣା, ତ୍ରିଲୋଚନ ଭୂୟା, ମାଦ୍ରୀ ଛୁରା ଓ ଫରେଷ୍ଟର ସମୀର ରଞ୍ଜନ ମହାପାତ୍ର, ରେବତୀ ଭାଟି, ଛୁମି ସାହୁ ଓ ଜଙ୍ଗଲ ବିଭାଗ, ପୁଲିସ ବିଭାଗ କର୍ମଚାରୀ ଓ ସାମ୍ବାଦିକ ବନ୍ଧୁମାନେ ଉପସ୍ଥିତ ଥିଲେ। ସଂଘ ସଭାପତି ନାରାୟଣ ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

ଅବ୍ୟବସ୍ଥାରେ ଦେଓଗାଁ ଥାନା, ଟଙ୍କା ନଦେଲେ ହଲୁନି ଫାଇଲ୍

ଦେଓଗାଁ, ୨୦।୭ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଏବେ ନାନା ଅବ୍ୟବସ୍ଥାଦେଇ ଗତିକରୁଥିବା ଅଭିଯୋଗ ହେଉଛି। ଅଧିକାରୀଙ୍କ ଲାଭଖୋର ନୀତି ଯୋଗୁଁ ସାଧାରଣ ଜନତା ନ୍ୟାୟ ପାଇଁ ହନ୍ତସନ୍ତ ହେଉଥିବା ନଜରକୁ ଆସିଛି। କୌଣସି ଘଟଣାର ଅଭିଯୋଗ କରିବାପାଇଁ ଲୋକେ ଥାନାକୁ ଯିବାପୂର୍ବରୁ ଟଙ୍କାକାରବାର ନେଇ ଚିନ୍ତିତ ରହୁଥିବା ଅଭିଯୋଗ ହେଉଛି। ଗାଡ଼ି ଧରପଗଡ଼ ଠୁ ଆରମ୍ଭ କରି ମାମଲାର ଚାର୍ଜସିଟ ପଠାଇବା ପ୍ରାୟ ସମସ୍ତ କେସ୍‌ରେ ଅଧିକାରୀଙ୍କୁ ଟଙ୍କା ନ ଦେଲେ ପଦକ୍ଷେପ ନେଉନଥିବା ଓ ମାସ ମାସ ଧରି ଦିନଗଡ଼ାଉଥିବା ବାରମ୍ବାର ଅଭିଯୋଗ ହେଉଛି। ଏଭଳି ଏକ ଉଦାହରଣ କିଛିଦିନ ତଳେ ନଜରକୁ ଆସିଥିବା ବେଳେ ପୁଲିସ ଭୟରେ ଉକ୍ତ ବ୍ୟକ୍ତି ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିନଥିବା ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ସେହିପରି ଅନେକ ମାମଲାରେ ହାତଗୁଞ୍ଜା ନ ଦେଲେ ଫାଇଲ ହଲୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପଟେ ବନ୍ଧପଡ଼ା ଫାଣ୍ଡି ଅଧୀନ ଖଲିଆପାଲିରେ ଜଣେ ବ୍ୟକ୍ତିଙ୍କ ନାବାଳିକା ଝିଅ ନିଖୋଜ ଅଭିଯୋଗରେ ଝିଅକୁ ଖୋଜିଦେବା ପାଇଁ କୁଆଡ଼େ ପୁଲିସ ୪୦ହଜାର ଟଙ୍କା ମାଗିଥିବା ନେଇ ସାମାଜିକ ଗଣମାଧ୍ୟମରେ ଭିଡିଓ ପ୍ରଚାରିତ ହେଉଥିବାନେଇ ନିର୍ଦ୍ଦିଷ୍ଟ ଗଣମାଧ୍ୟମରେ ଖବର ପ୍ରକାଶିତ ହେବାପରେ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏ ଭଳି ଲାଗି ରହିଲେ ଆଗକୁ ଏନେଇ ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଦେଓଗାଁ ଗ୍ରାମ୍ୟ ଉନ୍ନୟନ କମିଟି ସୂଚନା ଦେଇଛି। ଏ ଦିଗରେ ଜିଲ୍ଲା ପ୍ରଶାସନ ସ୍ୱତନ୍ତ୍ରଭାବେ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

କିଲଟାରୀ ଭବନରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

ରାଜୁଡ଼ା ଅମଳ କୋଠାରେ ଚାଲିଛି ଜିଲ୍ଲା ମୁଖିଆଙ୍କ ଅଫିସ୍

ବଲାଙ୍ଗିର, ୨୦।୭ (ସମିସ)

ଜିଲ୍ଲାପାଳଙ୍କ ପରେ ଜିଲ୍ଲାପାଳ ବଦଳୁଛନ୍ତି କିନ୍ତୁ ଜିଲ୍ଲାପାଳ ଅଫିସ ଆଜି ବି ରାଜୁଡା ଅମଳରେ ଥିବା କୋଠାରେ ହିଁ ଚାଲିଛି। ନୂତନ ଅତ୍ୟାଧୁନିକ ସୁବିଧା ଥିବା ଜିଲ୍ଲାପାଳ ଅଫିସ ନିର୍ମାଣ କରିବା ପାଇଁ ପ୍ରସ୍ତାବ ରହିଛି କିନ୍ତୁ ଆଶ୍ଚର୍ଯ୍ୟ ଜିଲ୍ଲାର ଅନ୍ୟ କାର୍ଯ୍ୟାଳୟ ଓ ପ୍ରକଳ୍ପ ପାଇଁ ଜିଲ୍ଲାପାଳ ନିଜେ ଜମି ବ୍ୟବସ୍ଥା କରୁଛନ୍ତି ହେଲେ ନିଜ କାର୍ଯ୍ୟାଳୟ ପାଇଁ ଜମି ବ୍ୟବସ୍ଥା କରି ନ ପାରିବା ସମସ୍ତଙ୍କୁ ଚକିତ କରିଛି। ପୁରୁଣା କୋଠା ହୋଇଥିବାରୁ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଭଳି ଅନ୍ୟସବୁ ବୈଠକ ପାଇଁ ପ୍ରଶାସନ କୁ ବାରଦୁଆର ହେବାକୁ ପଡୁଥିବା ଅଭିଯୋଗ ହୋଇଛି। କେତେବେଳେ ବନ ବିଭାଗ କାର୍ଯ୍ୟାଳୟତ ଆଉ କେତେବେଳେ ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ ଉପରେ ନିର୍ଭର କରୁଥିବା ଦେଖିବାକୁ ମିଳିଛି। ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ପାଇବା ପରଠାରୁ ଜିଲ୍ଲା ମୁଖିଆଙ୍କ କାର୍ଯ୍ୟାଳୟ ପାଟଣା ଶାସନ ସମୟରେ ରହିଥିବା କିଲଟାରୀ ଭବନଠାରୁ ହିଁ ପରିଚାଳିତ ହୋଇଆସୁଛି। ପୁରୁଣା କୋଠାକୁ ବାରମ୍ବାର ପୁନରୁଦ୍ଧାର କରି କାମ କରାଯାଉଥିବା ଦେଖିବାକୁ ମିଳିଛି। ଏହି କୋଠାଟି ଅତ୍ୟନ୍ତ ପୁରୁଣା ହୋଇଥିବାରୁ ଅନେକ ସମସ୍ୟା ଦେଖାଦେଉଥିବା ଅଭିଯୋଗ ହୋଇଛି। କିଛି ବର୍ଷ ତଳେ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟର ସିଲିଂ ଖସି ପଡ଼ିଥିଲା। ପ୍ରତ୍ୟହ ବିଭିନ୍ନ

ନୂତନକୋଠା ପାଇଁ ଉଦ୍ୟମ ପରେ ଶୀଥିଳତା
କାର୍ଯ୍ୟାଳୟକୁ ମିଳୁନି ଜମି

କାମ ନେଇ ଲୋକେ ଏହି ସ୍ଥାନକୁ ଆସୁଥିବା ବେଳେ କାର୍ଯ୍ୟାଳୟର ସେହିଭଳି କୌଣସି ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ମଧ୍ୟ ନାହିଁ। ଜିଲ୍ଲାସ୍ତରୀୟ ବୈଠକ ଏହି କାର୍ଯ୍ୟାଳୟ ପରିସରରେ ହେବା କଥା କିନ୍ତୁ ଏହି କୋଠାରେ ଥିବା ସମ୍ମିଳନୀ କକ୍ଷ ଛୋଟଥିବାରୁ ଜିଲ୍ଲାପାଳ କାର୍ଯ୍ୟାଳୟରେ ହେବା ବୈଠକ ପ୍ରାୟତଃ ଅନ୍ୟତ୍ର ହେଉଥିବା ଦେଖିବାକୁ ମିଳିଛି। ବନବିଭାଗ କାର୍ଯ୍ୟାଳୟ, ଜିଲ୍ଲାପରିଷଦ କାର୍ଯ୍ୟାଳୟ କିମ୍ବା ଭୀମଭୋଇ ମେଡିକାଲ କଲେଜର ଅଡଟୋରିୟମ ଉପରେ ହିଁ ନିର୍ଭର କରିବାକୁ ପଡୁଥିବା ଦେଖିବାକୁ ମିଳିଛି। ଆଜିର ଦିନରେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ ବେଶ ଉନ୍ନତ ଓ ଅତ୍ୟାଧୁନିକ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କଥା ନକହିବା ଭଲ। ନୂତନ ଜିଲ୍ଲାପାଳ କାର୍ଯ୍ୟାଳୟ ପାଇଁ ବିଗତ କିଛିବର୍ଷ ହେଲା ପ୍ରସ୍ତାବ ରହିଛି। ପୂର୍ବତନ ବଲାଙ୍ଗିର ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ସମୟରେ ସେ ଉଦ୍ୟମ ମଧ୍ୟ କରିଥିଲେ। ଏଥିପାଇଁ ଜମି ଚିହ୍ନଟ ହୋଇଥିବା ବେଳେ ସରକାରୀ ଜମି ରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ନୋଟିସ ମଧ୍ୟ ଲଗାଇଥିଲେ। କାର୍ଯ୍ୟାଳୟ ପାଇଁ ଇନ୍ଦିରାନଗରରେ ଜମି ଚିହ୍ନଟ ହୋଇଥିବା ବେଳେ ତାହା ରାଜନୈତିକ ହସ୍ତକ୍ଷେପ ଯୋଗୁଁ ତାହା ସଫଳ ହୋଇ ନ ଥିଲା। ଉକ୍ତ ସ୍ଥାନରେ ଜିଲ୍ଲା କୋର୍ଟ ଓ ଜିଲ୍ଲାପାଳ ଅଫିସ ନିର୍ମାଣ ପ୍ରସ୍ତାବ ରହିଥିଲା। ଇନ୍ଦିରାନଗରର ଜମି ବିବାଦ ଭିତରେ ରହିବା ପରେ ପରବର୍ତ୍ତୀ ସମୟରେ କୋର୍ଟ ପାଇଁ ଅନ୍ୟତ୍ର ଜମି ପ୍ରଦାନ କରାଯାଇଛି ସତ କିନ୍ତୁ ଜିଲ୍ଲାପାଳ ଅଫିସ ପାଇଁ ଆଜିପର୍ଯ୍ୟନ୍ତ ଜମି ବ୍ୟବସ୍ଥା ହୋଇ ନ ଥିବା ଜଣାପଡ଼ିଛି। ଚଞ୍ଚଳ ରାଣାଙ୍କ ପରେ ଗୌରଓଶିବାଜୀ ଇସାଲଓର ବର୍ତ୍ତମାନ ଜିଲ୍ଲାପାଳ ରହିଛନ୍ତି। ତାଙ୍କ ପକ୍ଷରୁ ମଧ୍ୟ ଏଥିପାଇଁ ସେହିଭଳି କିଛି ତତ୍ପରତା ଦେଖିବାକୁ ମିଳୁନାହିଁ। ଫଳରେ କେବେ ନୂତନ କୋଠା ନିର୍ମାଣ ହେବ ଓ ଜିଲ୍ଲାପାଳ ଅଫିସ ସ୍ଥାନାନ୍ତର ହେବ ତାହା ବଡ଼ ପ୍ରଶ୍ନ। ପୁରୁଣା କୋଠା ଯୋଗୁଁ ହଇରାଣ ହେଉଥିବା ଜିଲ୍ଲାବାସୀ, କର୍ମଚାରୀ ଓ ପ୍ରଶାସନିକ ଅଧିକାରୀ ଅଉ କେତେ ବର୍ଷ ଅପେକ୍ଷା କରିବାକୁ ପଡ଼ିବ ତାହା ଦେଖିବାକୁ ବାକି ରହିଲା।

ମାଆ ଓ ଝିଅଙ୍କୁ ଦୁଷ୍କର୍ମ ଅଭିଯୋଗରେ ସ୍ୱାସ୍ଥ୍ୟ କର୍ମୀ ଗିରଫ

ଭିଡିଓ ଭାଇରାଲ କରିବାକୁ କହି କରୁଥିଲେ ବ୍ଲାକ୍‌ମେଲିଂ

ରାଉରକେଲା, ୨୦।୭ (ସମିସ)

ଜଣେ ମହିଳା ଓ ତାଙ୍କର ନାବାଳିକା ଝିଅଙ୍କୁ ବାରମ୍ବାର ଦୁଷ୍କର୍ମ କରିବା ସହ ସେମାନଙ୍କ ଅଶ୍ଳୀଳ ଭିଡିଓକୁ ଭାଇରାଲ୍ କରିବାକୁ ଧମକଚମକ ଦେଇ ବ୍ଲାକ୍‌ମେଲିଂ କରିବା ଅଭିଯୋଗରେ ବୀରମିତ୍ରପୁର ଥାନା ପୁଲିସ କୁଆଁରମୁଣ୍ଡା ଅଞ୍ଚଳର ଜଣେ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଗିରଫ ଅଭିଯୁକ୍ତ ସ୍ୱାସ୍ଥ୍ୟକର୍ମୀ ଇନ୍ଦ୍ରମଣି ସାମଲ (୫୯) ବୋଲି ଜଣାପଡ଼ିଛି। ସେ ରାଉରକେଲା ରଘୁନାଥପାଲୀ ଥାନା ମଣି କଲୋନୀରେ ବାସ କରୁଥିବାବେଳେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସୁପରଭାଇଜର ଭାବେ କାର୍ଯ୍ୟ କରୁଥିବା ସୂଚନା ମିଳିଛି। ଅଭିଯୁକ୍ତ ଇନ୍ଦ୍ରମଣିଙ୍କ କୁଆଁରମୁଣ୍ଡାରେ ଏକ ହୋଟେଲ ଥିବା ଜଣାପଡ଼ିଛି। ସେ ୨ଟି ସନ୍ତାନର ପିତା ହୋଇଥିବା ବେଳେ ତାଙ୍କ ନିଜ ଘର ଯାଜପୁର ଜିଲ୍ଲାରେ ବୋଲି ଜଣାପଡ଼ିଛି।

ସୂଚନାନୁଯାୟୀ, ପୀଡିତା ମହିଳା ତାଙ୍କ ପରିବାର ସହ ରାଉରକେଲାର ସେକ୍ଟର-୧ ଅଞ୍ଚଳରେ ବାସ କରୁଥିଲେ। ତେବେ ତାଙ୍କ ଘରେ ଦୀର୍ଘ ଦିନ ଧରି ଅଭାବ ଅନାଟନ ସହ ପାରିବାରିକ ଅଶାନ୍ତି ଲାଗି ରହିଥିଲା। ମହିଳାଙ୍କ ସ୍ୱାମୀ ଭୁବନେଶ୍ୱରରେ କାମ କରୁଥିବାରୁ ବେଳେ ବେଳେ ଘରକୁ ଆସୁଥିଲେ। ଏଭଳି ସ୍ଥିତିରେ ଅନ୍ୟ ଜଣେ ମହିଳାଙ୍କ ଜରିଆରେ ସମ୍ପୃକ୍ତ ପିଡିତା ମହିଳା ଅଭିଯୁକ୍ତ ଇନ୍ଦ୍ରମଣି ସାମଲଙ୍କ ସହ ଗତ ୨୦୨୩ ମସିହାରେ ପରିଚୟ ହୋଇଥିଲା। ଘର ପରିବର୍ତ୍ତନ ସହ ପୂଜାପାଠ କଲେ ପରିବାରରେ ଶାନ୍ତି ଫେରିବା ସହ ସ୍ଥିତି ସ୍ୱାଭାବିକ ହେବ ବୋଲି ଇନ୍ଦ୍ରମଣି ତାଙ୍କୁ କହିବାରୁ ମହିଳା ଜଣଙ୍କ ତାଙ୍କ କଥାରେ ବିଶ୍ୱାସ କରିଥିଲେ। ଏହାପରେ ଇନ୍ଦ୍ରମଣି ସାମଲ କୁଆଁରମୁଣ୍ଡାରେ ଏକ ଭଡା ଘରେ ମହିଳା ଓ ତାଙ୍କର ୧୪ ବର୍ଷୀୟା ନାବାଳିକା ଝିଅଙ୍କୁ ନେଇ ରଖିଥିଲା। ପରେ ପାରିବାରିକ ଅଶାନ୍ତିରେ ସୁଧାର ଆଣିବା ପାଇଁ ପୂଜା ପାଠ କରିବାକୁ କହି ଇନ୍ଦ୍ରମଣି ମହିଳାଙ୍କ ଠାରୁ ୫ ଲକ୍ଷ ଟଙ୍କା, ସୁନାଗହଣା ନେଇଥିବା ପୀଡିତା ଜଣକ ଅଭିଯୋଗ କରିଛନ୍ତି। ୨୦୨୪ ମେ’ ୩ ତାରିଖରେ ମହିଳାଙ୍କ ଝିଅ ସ୍କୁଲରୁ ଫେରୁଥିବା ବେଳେ ତାଙ୍କୁ ଘରେ ଛାଡ଼ିଦେବ ବୋଲି କହି ଇନ୍ଦ୍ରମଣି ତାଙ୍କ ହୋଟେଲ ପଛପଟ କୋଠରୀକୁ ନେଇ ଧମକଚମକ ଦେଇ ଦୁଷ୍କର୍ମ କରିଥିଲା। ଏ କଥା ଛାତ୍ରୀଜଣକ ଘରେ ଜଣାଇଥିଲେ ମଧ ଲୋକଲଜ୍ଜା ଭୟରେ ସେମାନେ କୌଣସି ପଦକ୍ଷେପ ନେଇ ନଥିଲେ। ପରେ ଅଭିଯୁକ୍ତ କ୍ରମେ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ସେମାନଙ୍କ ଭିଡିଓ ଉତ୍ତୋଳନ କରି ଭାଇରାଲ୍ କରିଦେବାର ଧମକ ଦେଇ ବ୍ଲାକ୍‌ମେଲ୍ ଆରମ୍ଭ କରିଥିଲା। ଭିଡିଓ ପ୍ରଘଟ ହେବା ଭୟରେ ମହିଳା ଜଣଙ୍କ ଚୁପ୍ ରହିଥିବା ବେଳେ ଏହାର ସୁଯୋଗ ନେଇ ଅଭିଯୁକ୍ତ ଇନ୍ଦ୍ରମଣି ମାଆ ଓ ଝିଅଙ୍କୁ ବାରମ୍ବାର ଦୁଷ୍କର୍ମ କରିଥିବା ପୀଡିତା ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ଆଉ ୫ ଲକ୍ଷ ଟଙ୍କା ଦେଲେ ଭିଡିଓ ନଷ୍ଟ କରିବ ବୋଲି ସେ ଧମକ ଦେବାରୁ ବାଧ ହୋଇ ମହିଳା ଜଣଙ୍କ ପୁଲିସର ଆଶ୍ରୟ ନେଇଥିଲେ। ତାଙ୍କ ଏତାଲା କ୍ରମେ ବୀରମିତ୍ରପୁର ପୁଲିସ ଅଭିଯୁକ୍ତ ଇନ୍ଦ୍ରମଣି ସାମଲଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି। ବୀରମିତ୍ରପୁର ଆଇଆଇସି ରାମପ୍ରସାଦ ନାଗ ଘଟଣାର ତଦନ୍ତ କରୁଛନ୍ତି।

୨ ମୋବାଇଲ ଚୋର ଗିରଫ

ରାଉରକେଲା, ୨୦।୭ (ସମିସ): ମୋବାଇଲ ଚୋରି ଅଭିଯୋଗରେ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ୨ ଚୋରକୁ ଗିରଫ କରିଛି। ସେମାନେ ହେଲେ ରୁପୁଟୋଲା ବସ୍ତିର ଦେବ ମୁଣ୍ଡା ଓରଫ ଦେବ(୧୯) ଓ ବବି ମୁଣ୍ଡା ଓରଫ ବାଣ୍ଡିଆ (୧୯)। ଉଭୟଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ସେମାନଙ୍କ ଠାରୁ ୨ଟି ମୋବାଇଲ ଓ ବାଇକ୍ ଜବତ କରିଛି। ପୁଲିସ ସୂଚନା ମୁତାବକ, ଶୁକ୍ରବାର ବିଳମ୍ବିତ ରାତିରେ ଉପରୋକ୍ତ ଅଭିଯୁକ୍ତମାନେ ଗୋଇଭଙ୍ଗା ଗ୍ରାମର ଅଶୋକ କୁଜୁରଙ୍କ ଘରେ ପଶି ମୋବାଇଲ ଚୋରି କରି ନେଇଥିଲେ। ଶବ୍ଦ ଶୁଣି ପରିବାର ଲୋକେ ଉଠି ପଡ଼ିବାରୁ ଧରା ପଡ଼ିଯିବା ଭୟରେ ବାଇକ୍ ଛାଡ଼ି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏନେଇ ଶନିବାର ଅଶୋକ ଥାନାରେ ଅଭିଯୋଗ କରିଥିଲେ।

ଅଗ୍ରୱାଲ ମହିଳା ସମ୍ମେଳନର ବାଲ କାଉଡି ଯାତ୍ରା

ରାଉରକେଲା, ୨୦।୭ (ସମିସ): ରାଉରକେଲା ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମ୍ମେଳନ ପକ୍ଷରୁ ରବିବାର ବେଦବ୍ୟାସଠାରେ ବାଲ କାଉଡି ଯାତ୍ରାର ଆୟୋଜନ କରାଯାଇଥିଲା। ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଅବ୍ୟବହିତ ପୂର୍ବରୁ ରବିବାର ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ପାନପୋଷ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ଜଳ ଆଣି ଶତାଧିକ ଶିଶୁ ଶୋଭାଯାତ୍ରାରେ ଆସି ମହାଦେବଙ୍କ ନିକଟରେ ଜଳ ଅର୍ପଣ ଓ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ଶିଶୁ କାଉଡିଆମାନେ ‘ନହେ କଦମ ଆପନି ସଂସ୍କୃତି କି ଓର’ ସ୍ଲୋଗାନ ଦେଇଥିଲେ। ଶ୍ରାବଣ ମାସରେ ମହାଦେବଙ୍କ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହ ଶିବ ଭଗବାନଙ୍କ ମହିମା ସମ୍ପର୍କରେ ଶିଶୁମାନଙ୍କୁ ଅବଗତ କରିବା ପାଇଁ ବାଲ କାଉଡି ଯାତ୍ରାର ଆୟୋଜନ କରାଯାଇଥିବା ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମ୍ମେଳନ ରାଉରକେଲା ଶାଖା ପକ୍ଷରୁ କୁହାଯାଇଛି। ଏହି ଶୋଭାଯାତ୍ରାରେ ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମ୍ମେଳନର କର୍ମକର୍ତ୍ତା ଓ ରାଉରକେଲା କାଉଡିଆ ସଂଘର କର୍ମକର୍ତ୍ତା ଯୋଗ ଦେଇ ନୃତ୍ୟ ଗୀତ ପ୍ରଦର୍ଶନ କରି ଶୋଭାଯାତ୍ରାରେ ଯାଇ ଶିଶୁଙ୍କୁ ସହଯୋଗ କରିଥିଲେ। ଏହି ଅବସରରେ ଅଖିଳ ଭାରତୀୟ ଅଗ୍ରୱାଲ ମହିଳା ସମ୍ମେଳନର କର୍ମକର୍ତ୍ତା ଓ ସଦସ୍ୟାମାନେ ଯୋଗଦେଇ ଶୋଭାଯାତ୍ରା ସଫଳ ଆୟୋଜନ ପାଇଁ ସହଯୋଗ କରିଥିଲେ।

ପ୍ରଗତି ଉତ୍କଳ ସଂଘର ବର୍ଷା ଆସର

ରାଉରକେଲା, ୨୦।୭ (ସମିସ): ସହରର ଅଗ୍ରଣୀ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ପ୍ରଗତି ଉତ୍କଳ ସଂଘର ବର୍ଷା ସାହିତ୍ୟ ଆସର ନିଜସ୍ୱ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରତାପ କୁମାର ସ୍ୱାଇଁଙ୍କ ସଭାପତିତ୍ୱ, ସାଧାରଣ ସମ୍ପାଦକ ଘନଶ୍ୟାମ ଧଳଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଲକ୍ଷ୍ମୀ ନାରାୟଣ ହୋତା ମୁଖ୍ୟ ଅତିଥି, ସଂଘର ଉପସଭାପତି ଡ. ପ୍ରଭାତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚ୍ୟ ବିଷୟ କବିତାର ଲାଳିତ୍ୱରେ ବର୍ଷା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ହୋତା ତାଙ୍କ ବକ୍ତବ୍ୟରେ ବିଭିନ୍ନ କବିଙ୍କର ବର୍ଷା କବିତାକୁ ଉଦ୍ଧାପନ କରି କବିତାରେ ବର୍ଷାର ଲାଳିତ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ଡ. ମଲ୍ଲିକ ବିଭିନ୍ନ ଉଦାହରଣ ଦେଇ ଆଲୋଚ୍ୟ ପ୍ରସଙ୍ଗରେ ମତ ରଖିଥିଲେ। ଏହି ଅବସରରେ ୪ ଜଣ ନୂତନ ସଭ୍ୟ ଭାବେ ପ୍ରବୋଧ କୁମାର ପତି, ସନାତନ ସାହୁ, ରମେଶ କୁମାର ପ୍ରଧାନ ଓ ଆଶିଷ କୁମାର ଦାସଙ୍କୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ସମ୍ପାଦକ ଅଶୋକ କୁମାର ପଟ୍ଟନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ଆୟୋଜିତ କବିତା ଆସରରେ ଡା. କୃପାସିନ୍ଧୁ ନାୟକ, ନିକୁଞ୍ଜ ବିହାରୀ ଦାଶ, ଅଭିରାମ ପ୍ରଧାନ, କରୁଣାକର ପାଟ୍ଟଶାଣୀ, ମୀନକେତନ ପଶାୟତ, ଲକ୍ଷ୍ମୀନାରାୟଣ ହୋତା, ବ୍ରହ୍ମାନନ୍ଦ ପାଢ଼ୀ, ଦିବାକର ଦାସ, କିଶୋରୀ ମୋହନ କର, ଅଜୟ ମହାନ୍ତି, ଶ୍ରୀଧର ସୁନା, ସଞ୍ଜୟ ଦାଶ, ଉପେନ୍ଦ୍ର କୁମାର ବସ୍ତିଆ, ଗୀତା ରାଣୀ ବେହେରା, ସୁଶାନ୍ତ ନାୟକ, ବନିତା ମହନ୍ତ, ଅମୀୟ କୁମାର ମହାନ୍ତି, ଆଶିଷ କୁମାର ଦାସ, ତ୍ରିନାଥ ସିଂହ, ସତ୍ୟନାରାୟଣ ଦାଶ, ସୁମନ୍ତ କୁମାର ଉପାଧ୍ୟାୟ, ରଶ୍ମି ସାହୁ, ଅଶୋକ କୁମାର ପଟ୍ଟନାୟକ, ସଞ୍ଜୀବ ଭୋଇ ପ୍ରମୁଖ ବର୍ଷା ସମ୍ପର୍କୀତ କବିତା ପାଠ କରିଥିଲେ। କିଶୋରୀ ମୋହନ କର ଗଳ୍ପ ପାଠ କରିଥିଲେ। କବିତା ଆସରରେ ବ୍ରଜେନ୍ଦ୍ର ଦାଶ ସଭାପତିତ୍ୱ କରିଥିବା ବେଳେ ବିଜୟିନୀ ଜେନା ଓ ତ୍ରିଲୋଚନ ସ୍ୱାଇଁ କବିତା ଗୁଡିକୁ ସଂଯୋଜନା କରିଥିଲେ। ସେହିପରି ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଦାୟିତ୍ୱ ତୁଲାଇଥିବା ବିଜୟିନୀ ଜେନା, ପ୍ରବୀର କୁମାର ଦୁବେ, ଅଜୟ କୁମାର ମହାନ୍ତି, କୈଳାଶ ଚନ୍ଦ୍ର ମହାଳିଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସହରର ବହୁ ସାହିତ୍ୟିକ, କବି, ସଂଗଠକ ଯୋଗଦେଇଥିଲେ।

ଜରାଜୀର୍ଣ୍ଣ ଟ୍ରାଫିକ ପୋଷ୍ଟଗୁଡ଼ିକର ପୁନରୁଦ୍ଧାର ଆରମ୍ଭ

ରାଉରକେଲା, ୨୦।୭ (ସମିସ): ସହରର ଛକ ସ୍ଥାନମାନଙ୍କରେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ଟ୍ରାଫିକ୍ ପୋଷ୍ଟଗୁଡିକର ପୁନଃରୁଦ୍ଧାର ପାଇଁ ରାଉରକେଲା ପୁଲିସ୍ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଜି ଏନେଇ ପାୱାର ହାଉସ ଛକ ଓ ଟ୍ରାଫିକ ଗେଟ ନିକଟରେ ଥିବା ଟ୍ରାଫିକପୋଷ୍ଟଗୁଡିକର ସର୍ଭେ କରାଯାଇଛି। ଟ୍ରାଫିକ୍ ପୋଷ୍ଟରେ ଟ୍ରାଫିକ ପୁଲିସ ଠିଆ ହୋଇ ଟ୍ରାଫିକ ନିୟନ୍ତ୍ରଣ କରୁଛନ୍ତି। ତେବେ ଅଧିକାଂଶ ଟ୍ରାଫିକ ପୋଷ୍ଟଗୁଡ଼ିକ ମରାମତି ଅଭାବରୁ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଫଳରେ ଟ୍ରାଫିକ ପୁଲିସ ସେହି ଶେଡଗୁଡିକରେ ଛିଡା ହୋଇ ଡ୍ୟୁଟି କରିବାକୁ ସୁରକ୍ଷିତ ମଣୁ ନାହାନ୍ତି। ଏବେ ଉକ୍ତ ପୋଷ୍ଟଗୁଡ଼ିକର ନିର୍ମାଣ ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଛି। ଆଜିର ଏହି ସର୍ଭେ ସମୟରେ ଟ୍ରାଫିକ ଡିଏସ୍‌ପିଙ୍କ ସହ ଅନ୍ୟ ଟ୍ରାଫିକ ପୁଲିସ ଓ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ ବ୍ୟକ୍ତି ମଧ ସାମିଲ ହୋଇଥିଲେ। ସହରର ୧୦ଟି ଟ୍ରାଫିକ ପୋଷ୍ଟ ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ଯେକୌଣସି ସମୟରେ ଭୁଶୁଡ଼ି ପଡ଼ିବାର ସମ୍ଭାବନା ରହିଛି, ତେଣୁ ସେଠାରେ ଖୁବ୍‌ଶୀଘ୍ର ନୂତନ ଟ୍ରାଫିକ ପୋଷ୍ଟ ନିର୍ମାଣ କରାଯିବ ବୋଲି ସୂଚନା ମିଳିଛି। ଏଥିସହିତ ସହରରେ ଟ୍ରାଫିକ ବ୍ୟବସ୍ଥାରେ ଉନ୍ନତି ଅଣାଯିବ। ବିଶେଷକରି ସହରର ମୁଖ୍ୟ ରାସ୍ତା ସମେତ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଟ୍ରାଫିକ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ ବୋଲି ସୂଚନା ମିଳିଛି।

କାର୍ଯ୍ୟକ୍ଷେତ୍ରରେ ନିର୍ଯାତନା ସମ୍ପର୍କୀତ ସଚେତନତା କର୍ମଶାଳା

ରାଉରକେଲା, ୨୦।୭ (ସମିସ): ରାଉରକେଲା ସହରର ପାନପୋଷ ସ୍ଥିତ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ କାର୍ଯ୍ୟକ୍ଷେତ୍ରରେ ନିର୍ଯାତନା ସମ୍ପର୍କୀତ ସଚେତନତା କର୍ମଶାଳା ଆୟୋଜିତ ହୋଇଯାଇଛି। ନିକଟରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦତ୍ତ ନିର୍ଦ୍ଦେଶାବଳି ମୁତାବକ ଏହି କାର୍ଯ୍ୟକ୍ରମରେ ଏକ ଶପଥପାଠ କରାଯାଇଥିଲା। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ମାୟାଧର ବାରିକଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଅଧାପକ ତଥା ପ୍ରଶାସନିକ ମୁଖ୍ୟ ପ୍ରସାନ୍ତ ସେଠୀ ଏବଂ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ମୁଖ୍ୟ ତଥା ଅଧାପିକା ରାମେଶ୍ୱରୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ବିଶେଷ ଭାବେ କାର୍ଯ୍ୟକ୍ଷେତ୍ରରେ ବିଭିନ୍ନ ବର୍ଗର କର୍ମଚାରୀ ଏବଂ ସ୍ୱତନ୍ତ୍ରଭାବେ ମହିଳା କର୍ମଚାରୀ ଏବଂ ସମସ୍ତ ବର୍ଗର ଛାତ୍ରୀମାନଙ୍କ ପାଇଁ ଏକ ନିରାପଦ ଓ ସମ୍ମାନଜନକ ପରିବେଶ ସୃଷ୍ଟି ସହ ମହିଳା କର୍ମଚାରୀ ଓ ଛାତ୍ରୀମାନଙ୍କୁ ଏକ ଭୟମୁକ୍ତ ପରିବେଶରେ ଚଳପ୍ରଚଳ ସମ୍ପର୍କରେ ଶ୍ରୀ ବାରିକ ଓ ଶ୍ରୀ ସେଠୀ ଅବଗତ କରିଥିଲେ। ଏହା ସହିତ ସାମ୍ଭାବ୍ୟ ଯୌନ ନିର୍ଯାତନା ଓ ଏହାର ନିରାକରଣ ସମ୍ପର୍କୀତ ଅଭିଯୋଗ ସମ୍ପର୍କରେ ଆବଶ୍ୟକ ବ୍ୟବସ୍ଥା ଓ ଏହାର କାର୍ଯ୍ୟକାରିତାକୁ ନେଇ ସମସ୍ତ ସୂଚନା ଦିଆଯାଇଥିଲା। ଏହି ଅବସରରେ ଉପସ୍ଥିତ ସମସ୍ତ ବର୍ଗର ଅଧାପକ ଓ ଅଧାପିକା ଏବଂ ଛାତ୍ର ଓ ଛାତ୍ରୀମାନେ ୨୦୧୩ ମସିହାରେ ପ୍ରଣିତ କାର୍ଯ୍ୟକ୍ଷେତ୍ରରେ ନିର୍ଯାତନା ସମ୍ପର୍କୀତ ଅଧିନିୟମକୁ ପାଳନ କରିବା ପାଇଁ ଶପଥ କରିଥିଲେ। ଶ୍ରୀମତୀ ଭୋଇ ଏହି ଶପଥ ପାଠ କରାଇଥିଲେ।

ଚୋରକୁ ଧରି ପୁଲିସ ଜିମା ଦେଲେ ଲୋକେ

ରାଉରକେଲା, ୨୦।୭ (ସମିସ): ପ୍ଲାଣ୍ଟସାଇଟ ଥାନା ଅନ୍ତର୍ଗତ ପୁରୁଣା ଷ୍ଟେସନ ରୋଡ ଅଞ୍ଚଳରେ ରବିବାର ତେଲ ଭର୍ତ୍ତି ପେଟି ଚୋରି କରି ଫେରାର ହେଉଥିବା ବେଳେ ଜଣେ ଚୋରକୁ ଲୋକେ କାବୁ କରି ପୁଲିସ ଜିମା ଦେଇଛନ୍ତି। ସୂଚନା ମୁତାବକ, ଏକ ଦୋକାନରୁ ତେଲ ଭର୍ତ୍ତି ପେଟି ଚୋରି କରି ଦୁର୍ବୃତ୍ତ ଜଣକ ଫେରାର ହେବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ସ୍ଥାନୀୟ ଲୋକେ ଦେଖି ତାକୁ କାବୁ କରି ନିର୍ଘୁମ ଛେଚିଥିଲେ। ପରେ ପୁଲିସ ଜିମା ଦେଇଥିବା ଜଣାପଡ଼ିଛି।

ଟ୍ରେନ୍ ଆଗକୁ ଡେଇଁ ଜଣେ ଗୁରୁତର

ରାଉରକେଲା, ୨୦।୭ (ସମିସ): ରାଉରକେଲା ରେଳଷ୍ଟେସନ ୧ ନମ୍ବର ପ୍ଲାଟଫର୍ମରେ ରବିବାର ଟ୍ରେନ୍ ଆଗକୁ ଡେଇଁ ଜଣେ ବ୍ୟକ୍ତି ଆତ୍ମହତ୍ୟା ଉଦ୍ୟମ କରିଥିବା ସୂଚନା ମିଳିଛି। ସୂଚନାମୁତାବକ, କୌଣସି ଏକ ପାସେଞ୍ଜର ଟ୍ରେନ୍ ଆସି ରାଉରକେଲା ରେଲୱେ ଷ୍ଟେସନ ପ୍ଲାଟଫର୍ମ ନଂ ୧ରେ ପହଞ୍ଚିଥିଲା। ହଠାତ୍ ବ୍ୟକ୍ତି ଜଣକ ଟ୍ରେନ୍ ଆଗକୁ ଡେଇଁ ପଡ଼ିଥିଲେ। ଫଳରେ ତାଙ୍କର ଗୋଟିଏ ଗୋଡ କଟିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଡାକ୍ତରଖାନାକୁ ପଠାଇ ଦିଆଯାଇଥିଲା। ତେବେ ଘଟଣାକୁ ନେଇ ଜିଆରପି ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଇନ୍ସପେକ୍ଟର ରେଶ୍ମା ଏକ୍କା କହିଛନ୍ତି। ଖବର ଲେଖା ହେବା ସୁଦ୍ଧା ଗୁରୁତରଙ୍କ ପରିଚୟ ମିଳିପାରିନାହିଁ।

ରାଷ୍ଟ୍ରଭାଷା ପ୍ରଚାର ଓ ବିକାଶ ସଂସ୍ଥାନର କାର୍ଯ୍ୟକାରିଣୀ ବୈଠକ



ରାଉରକେଲା, ୨୦।୭ (ସମିସ): ରାଉରକେଲା ରାଷ୍ଟ୍ରଭାଷା ପ୍ରଚାର ଏବଂ ବିକାଶ ସଂସ୍ଥାନର କାର୍ଯ୍ୟକାରିଣୀ ବୈଠକ ଆୟୋଜିତ ହୋଇଯାଇଛି। ସଂସ୍ଥାନର ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ସଭାପତି ପ୍ରସନ୍ନ କୁମାର ବିନ୍ଧାଣିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚ୍ୟାମ୍ବର ଅଫ୍ କମର୍ସର ପ୍ରାକ୍ତନ ସଭାପତି ସୁନିଲ୍ କାୟଲ ଟ୍ରଷ୍ଟି ତଥା ସଂରକ୍ଷକ ରୂପେ ଯୋଗଦେଇଥିଲେ। ସଂସ୍ଥାନର ପ୍ରବନ୍ଧନ ନ୍ୟାସୀ ତଥା ସମ୍ପାଦକ ଡ. ଜଗନ୍ନାଥ ଦାଶ ବିଗତ ବୈଠକର ଅନୁପାଳନ ରିପୋର୍ଟ ଉପସ୍ଥାପନ କରିଥିଲେ। ଦୀପିକା ଇସ୍ପାତ ଶିକ୍ଷା ସଦନ, ସେକ୍ଟର ୧୮ରେ ଅନୁଷ୍ଠିତ ହିନ୍ଦି ରଚନା ଲିଖନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ନେଇ ସେ ସୂଚନା ଦେଇଥିଲେ। ଆସନ୍ତା ହିନ୍ଦି ଦିବସ ପାଳନ ଅବସରରେ ବିଜେତାଙ୍କୁ ପୁରସ୍କୃତ କରାଯିବ ବୋଲି ସେ ଘୋଷଣା କରିଥିଲେ। ଆସନ୍ତା ହିନ୍ଦି ଦିବସ ଅବସରରେ ଦୀପିକା ମହିଳା ସଂହତିର ସଭାପତି, ସମ୍ପାଦକ ତଥା ସଦସ୍ୟା ଉପସ୍ଥିତ ରହିବା ପାଇଁ ବୈଠକରେ ସ୍ଥିର କରାଗଲା। ଏହି ଅବସରରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ହୋଇଥିଲା। ସମସ୍ତ କଳାକାରଙ୍କୁ ପଦକ ପ୍ରଦାନ କରି ସମ୍ମାନିତ କରାଯିବା ସହ ଦୁଇଟି ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସ୍ଥିର କରାଯାଇଛି। ଶେଷରେ ଉପସଭାପତି ପ୍ରଭାତ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଟ୍ରଷ୍ଟି ବିନୀତା ବିନ୍ଧାଣି, ସୁଶ୍ରୀ ସୁଶ୍ମିତା ପାଲ୍, ଶରତ ଚନ୍ଦ୍ର ପଣ୍ଡା, ସୁଦର୍ଶନ ପ୍ରସାଦ ଓ ଯୁଗ୍ମ ସମ୍ପାଦକ ରଶ୍ମି ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

ଆରଏସ୍‌ପି ପକ୍ଷରୁ ଡେଙ୍ଗୁ ପ୍ରତିରୋଧ ସଚେତନତା

ରାଉରକେଲା, ୨୦।୭ (ସମିସ)

ସେଲ୍, ରାଉରକେଲା ଇସ୍ପାତ କାରଖାନା(ଆର୍‌ଏସ୍‌ପି)ର ଟାଉନ୍ ଇଞ୍ଜିନିୟରିଂ ବିଭାଗର ଜନସ୍ୱାସ୍ଥ୍ୟ ୟୁନିଟ୍ ଦ୍ୱାରା ଜୁଲାଇ ୧୯ ତାରିଖରେ ସେକ୍ଟର-୨୦ ସ୍ଥିତ ଇସ୍ପାତ ଇଂଲିସ ମିଡିୟମ ବିଦ୍ୟାଳୟରେ ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ଟାଉନ୍ ଇଞ୍ଜିନିୟରିଂ ଜନ ସ୍ୱାସ୍ଥ୍ୟ ବିଭାଗର ଉପମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦୀପା ଲାଭାଙ୍ଗରେ ନେତୃତ୍ୱ ନେବା ସହିତ ଡେଙ୍ଗୁ ରୋଗର କାରଣ, ଲକ୍ଷଣ ଓ ପ୍ରତିରୋଧମୂଳକ ପଦକ୍ଷେପ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। ଏଥିରେ ପ୍ରାୟ ୨୦୦ ଜଣ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସେମାନଙ୍କୁ ସ୍ୱଚ୍ଛତା ବଜାୟ ରଖିବା, ମଶା ପ୍ରଜନନ ସ୍ଥାନ ଚିହ୍ନଟ କରିବା ଏବଂ ରୋଗ ବ୍ୟାପିବାରୁ ରୋକିବା ପାଇଁ ସହଜ, ପ୍ରଭାବଶାଳୀ ଉପାୟ ସହ ଅଭ୍ୟସ୍ତ କରିବା ଏହି ଅଧିବେଶନର ଲକ୍ଷ୍ୟ ଥିଲା। ଡା. ଲାଭାଙ୍ଗରେ ‘ଚିକିତ୍ସା ଅପେକ୍ଷା ପ୍ରତିରୋଧ ଉତ୍ତମ’ ଉପରେ ଗୁରୁତ୍ୱାରୋପ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ପରିବେଶ ସଫା ରଖିବା ଉପରେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଡା. ଲାଭାଙ୍ଗରେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଓ ସମୟୋଚିତ ଚିକିତ୍ସା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜନ ସ୍ୱାସ୍ଥ୍ୟ ବିଭାଗର ସହାୟକ ପରିଚାଳକ ରସାନନ୍ଦ ପ୍ରଧାନ ସଂଯୋଜନା କରିଥିଲେ।

ଉଲ୍ଲେଖଯୋଗ୍ୟ, ଜନ ସ୍ୱାସ୍ଥ୍ୟ ବିଭାଗ ଇସ୍ପାତ ସହରାଞ୍ଚଳରେ ଡେଙ୍ଗୁ ନିରାକରଣ ଉପରେ ଏକ ବ୍ୟାପକ ସଚେତନତା ଅଭିଯାନ ଚଳାଇଛି। ଆର୍‌ଏସ୍‌ପି ତରଫରୁ ୨୧ ଜଣିଆ ଡେଙ୍ଗୁ ତାଲିମପ୍ରାପ୍ତ ଦଳ ଘରକୁ ଘର ବୁଲି ସଚେତନତା ଅଭିଯାନ ଚଳାଇଛନ୍ତି। ଏହି ଦଳ ଏ ପର୍ଯ୍ୟନ୍ତ ପ୍ରାୟ ୭୦୦୦ କ୍ୱାର୍ଟର୍ସରେ ସର୍ବେକ୍ଷଣ କରିସାରିଛନ୍ତି। ପାଣି ଜମୁ ଥିବା ସ୍ଥାନକୁ ସଫା କରିବା ସହ ଘର ଭିତରେ ଔଷଧ ଛିଞ୍ଚନ କରୁଛନ୍ତି। ଏଥିସହିତ କେତେକ ସ୍ଥାନରେ ବୁଦା ସଫା କରିବା ଅଭିଯାନ ମଧ ଆରମ୍ଭ କରାଯାଇଛି।

■ ସାହାଜଟ ସେବାଶ୍ରମ ଛାତ୍ର ମୃତ୍ୟୁ ଘଟଣା

ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ନୂଆପଡ଼ା/କୋମନା, ୨୦।୭ (ସମିସ): ନୂଆପଡ଼ା ଜିଲ୍ଲା କୋମନା ଥାନା ସାହାଜଟ ସେବାଶ୍ରମ ବିଦ୍ୟାଳୟ ହଷ୍ଟେଲ କ୍ୟାମ୍ପସରେ ଅଶ୍ୱିନୀ ବନଛୋର ନାମକ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ନେଇ ତୁମ୍ବି ତୋଫାନ ଚାଲିଛି। ବର୍ତ୍ତମାନ ଏହା ଭିନ୍ନ ମୋଡ଼ ନେଇଛି। ଛାତ୍ରଙ୍କ ମୃତ୍ୟୁ ଦିନ ପରିବାର ତରଫରୁ ଛାତ୍ରଙ୍କୁ ଜ୍ୱର ହେଉଥିବା ଅଭିଯୋଗ କରାଯାଇଥିଲା। ରବିବାର ପୁଣିଥରେ ଏହା ଏକ ଯୋଜନା ବଦ୍ଧ ହତ୍ୟାକାଣ୍ଡ ବୋଲି ମୃତ ଛାତ୍ରଙ୍କ ବାପା ଅଭିଯୋଗ କରିଛନ୍ତି। ଖଡ଼ିଆଳ ଥାନା ବଡ଼ ମହେଶ୍ୱର ଗାଁର ତୁଳସୀ ଦାଶ ବନଛୋରଙ୍କ ପୁଅ ଅଶ୍ୱିନୀ ୩ ବର୍ଷ ହେବ ସାହାଜଟ ସେବାଶ୍ରମରେ ରହି ପାଠ ପଢୁଥିଲେ। ଗତ ଗୁରୁବାର ବିଳମ୍ବିତ ରାତିରେ ତାଙ୍କ ମୃତଦେହ ଏକ ମହୁଲ ଗଛରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ତାଙ୍କୁ କୁଆଡେ ଛାତ୍ର ଏବଂ କର୍ମଚାରୀମାନେ ବିନା ପୁଲିସ ଏବଂ ପରିବାର ଲୋକଙ୍କୁ

ସୂଚନା ଦେଇ ଗଛରୁ ଓହ୍ଲାଇ କୋମନା ହସ୍ପିଟାଲ ନେଇଥିଲେ। ସେତେବେଳକୁ ତାଙ୍କର ଜୀବନ ଚାଲିଯାଇଥିଲା। ସେଠାରେ କୁଆଡେ ପୁଲିସର ନିର୍ଦ୍ଦେଶ ମୁତାବକ ଛାତ୍ରଙ୍କ ପରିବାର ତରଫରୁ ମିଥ୍ୟା ଅଭିଯୋଗ ଲେଖାଇଥିଲେ ବୋଲି ମୃତକଙ୍କ ପିତା ଅଭିଯୋଗ ଆଣିଛନ୍ତି। ତେବେ ଏହାକୁ ନେଇ ପୁଣିଥରେ ରବିବାର ତୁଳସୀ ଦାଶ କୋମନା ଥାନାରେ ହତ୍ୟା ମାମଲା ରୁଜୁ କରିବାକୁ ଜଣାଇଛନ୍ତି। ଅଭିଯୋଗକାରୀଙ୍କ ସହ ଦଳିତ ଅଧିକାର ମଞ୍ଚ ସଭାପତି କମଳ ଚରଣ ତାଣ୍ଡି, ଜିଲ୍ଲା ଯୁବ କଂଗ୍ରେସର ପାଷା ମହାନନ୍ଦ, ଶାହରୁଖ ଖାନ ପ୍ରମୁଖ ଥାନାକୁ ଯାଇ ଥାନା ଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରାଯାଇଛି। ନ ହେଲେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

ଚାଷୀଙ୍କୁ ଲୁଟୁଛନ୍ତି ଖଳିଆକାନୀ ତାରିଣୀ ଟ୍ରେଡ଼ର୍ସ ସାର ମାଲିକ

ଧର୍ମଗଡ଼, ୨୦।୭ (ସମିସ)

ଚାଷୀଙ୍କ ଚିନ୍ତା ବଢ଼ାଉଛି ସାର। ଏବର୍ଷ ରାଜ୍ୟର ବିଭିନ୍ନ ସ୍ଥାନରେ ଭଲ ବର୍ଷା ହୋଇଛି। ଭଲ ଚାଷ ହେବା ଖୁସିରେ ଚାଷୀ ବିଲରେ ଧାନ ଏବଂ କପା ରୋଇଥିଲେ। ବର୍ଷା ପରେ ଜମିରେ ଭଲ ଚାଷ ପାଇଁ ଚାଷୀ ଅଣ୍ଟା ଭିଡିଛନ୍ତି; ହେଲେ ଏବେଭଲ ଚାଷ ହେବା ସ୍ୱପ୍ନ ହୋଇ ରହିଯିବାକୁ ବସିଛି। ଏହାର କାରଣ ୟୁରିଆ ଓ ଡିଏପି ସାରର ଅଭାବ ଚାଷୀଙ୍କୁ ଏବେ ଅଡୁଆରେ ପକାଇଛି। ସବୁଠାରୁ ବଡକଥା ହେଉଛି ଚାଷୀଙ୍କୁ ୟୁରିଆ ଓ ଡିଏପି ମିଳୁନି; ହେଲେ ଜଣେ ସାର ଡିଲର ୟୁରିଆ ସାରର କଳାବଜାରୀ କରୁଛନ୍ତି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଖଳିଆକାନୀରେ ଥିବା ସରକାରଙ୍କ ଲାଇସେନ୍ସପ୍ରାପ୍ତ ମାଁ ତାରିଣୀ ଟ୍ରେଡର୍ସର ମାଳିକ ଘନଶ୍ୟାମ ମେହେରଙ୍କ ନାଁରେ ଏଭଳି ଏକ ଅଭିଯୋଗ ଆସିଛି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଗୋଲାମୁଣ୍ଡା ବ୍ଲକରେ କପା ଏବଂ ଧାନ ଚାଷ ପାଇଁ ୟୁରିଆ ଓ ଡିଏପି ସାରର ବ୍ୟବହାର ଥିବାବେଳେ

ଟ୍ୟାଗ୍ ନାଁରେ ଜୋରଜବରଦସ୍ତ ଟଙ୍କା ଲୁଟୁଛନ୍ତି
ସାର ସାଙ୍ଗକୁ ଭିଟାମିନ ବାଧ୍ୟତାମୂଳକ
ଘଟଣାକୁ ସ୍ୱୀକାର କଲେ ବ୍ଲକ କୃଷି ଅଧିକାରୀ

ନିଜ ଗୋଦାମରେ ୟୁରିଆ ଓ ଡିଏପି ସାରର ମହଜୁଦ୍ ରଖି ଚାଷୀଙ୍କୁ ନାହିଁ ବୋଲି ସରକାରୀ ନିୟମନୁସାରେ ଧାର୍ଯ୍ୟ ଦରରୁ ଅଧିକ ଟଙ୍କାରେ ବିକ୍ରି କରୁଛନ୍ତି। ଏନେଇ ଚାଷୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ସରକାର ସାର କ୍ରୟରେ ଟ୍ୟାଗ୍ ବ୍ୟବସ୍ଥା ବନ୍ଦ କରିଛନ୍ତି; ହେଲେ ତାରିଣୀ ଟ୍ରେଡ଼ର୍ସ ସାର ଡିଲର ଗୋଲାମୁଣ୍ଡା ବ୍ଲକର ଅନେକ ଗାଁରେ ଥିବା ଖୁଚୁରା ବିକ୍ରେତାଙ୍କୁ ଟ୍ୟାଗ୍‌କୁ ବାଧ୍ୟତାମୂଳକ କରି ବିଭିନ୍ନ ପ୍ରକାରର ରାସାୟନିକ ଭିଟାମିନ ଜୋରଜବରଦସ୍ତ ବିକ୍ରି କରିବା ପାଇଁ ଦେଉଛନ୍ତି। ସେହିପରି ସମ୍ପୃକ୍ତ ଡିଲର ଦୁଇଟି ବିଲ୍ ଭାଉଚର ବ୍ୟବହାର କରୁଛନ୍ତି। ଗୋଟିଏ ବିଲରେ ଜିଏସଟି ଥିବା ବେଳେ ଅନ୍ୟ ବିଲରେ ଜିଏସଟି ରହୁନାହିଁ। ପ୍ରଶାସନିକ ଅଧିକାରୀଙ୍କ ଅଚାନକ ଚଢ଼ଉର ଡରରେ ଜିଏସଟି ବିଲ୍‌ରେ ଟ୍ୟାଗ୍ ହୋଇ ନ ଥିବା ଦର୍ଶାଯାଇଥିବା ବିଲ୍‌କୁ ସାଇତି ରଖିଛନ୍ତି। ଖୁଚୁରା ବିକ୍ରେତାଙ୍କୁ ଦିଆଯାଇଥିବା ବିଲ୍‌ରେ କିନ୍ତୁ ଟ୍ୟାଗ୍ ହୋଇଥିବା ଜଣାପଡ଼ିଛି। ଏନେଇ ଜଣେ ଖୁଚୁରା ବିକ୍ରେତା ଜଣକ ନିଜର ପରିଚୟ ଗୋପନ ରଖି କହିଛନ୍ତି ଯେ ଜୋରଜବରଦସ୍ତ ଟ୍ୟାଗ୍ କରିବା ସହ ବିଭିନ୍ନ ରାସାୟନିକ ମେଡ଼ିସିନ ଦେଉଛନ୍ତି। ଏଣୁ ଆମେ ମଧ୍ୟ ବାଧ୍ୟହୋଇ ଚାଷୀଙ୍କୁ ସାର ସାଙ୍ଗକୁ ଭିଟାମିନ ଦେବା ପାଇଁ ବାଧ୍ୟ ହେଉଛୁ। ତେବେ ଏନେଇ ବ୍ଲକ କୃଷି ଅଧିକାରୀ ନୌକେଶ୍ୱର ନାଗଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ଡିଲରମାନେ ସରକାର କିମ୍ବା ସମ୍ପୃକ୍ତ କମ୍ପାନୀମାନଙ୍କୁ ଦୃଷ୍ଟି ଆକର୍ଷଣ କରି ଏହି ଟ୍ୟାଗ୍ ବା ସାର ସାଙ୍ଗକୁ ଭିଟାମିନ ଦେବା ବନ୍ଦ କରିପାରିବେ ବୋଲି ମତ ପ୍ରକାଶ କରିଛନ୍ତି।

ଏନେଇ ମା ତାରିଣୀ ଟ୍ରେଡ଼ର୍ସର ପରିଚାଳକ ତେଜରାଜ ମେହେରଙ୍କୁ ପଚାରିବାରୁ ଓଲଟା ଖୁଚୁରା ବିକ୍ରେତାଙ୍କ ଉପରେ ଦୋଷ ଲଦିଦେଇଥିଲେ।

ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ବିଚିତ୍ର ନୀତି

ସରକାରୀ ଘରେ ବେସରକାରୀ ସ୍କୁଲକୁ ଅନୁମତି

ଜ୍ଞାନୋଦୟ ବିଦ୍ୟା ନିକେତନ ନାମକ ଏକ ଘରୋଇ ସ୍କୁଲ ଏଠାରେ ଚାଲିଛି। ଶ୍ରମିକମାନଙ୍କ ଉଦ୍ଦେଶ୍ୟରେ ହୋଇଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ କେଉଁ ପରିସ୍ଥିତିରେ ଘରୋଇ ସ୍କୁଲ ପାଇଁ ଦିଆଗଲା, ଯେଉଁ ସ୍କୁଲ ଚାଲିଛି ତାକୁ କେଉଁ ହିସାବରେ ଅନୁମତି ଦିଆଯାଇଛି, କୌଣସି ଆନୁସଙ୍ଗିକ ବ୍ୟବସ୍ଥା ନ ଥିବା ବେଳେ କେଉଁ ପରିସ୍ଥିତିରେ ଶିକ୍ଷା ବିଭାଗ ଏହି ସ୍କୁଲ ପାଇଁ ଅନୁମତି

କୋକସରା, ୨୦।୭ (ସମିସ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଡହଗାଁ ପଞ୍ଚାୟତର ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଅନେକ ଦିନ ହେଲା ଏକ ଘରୋଇ ସ୍କୁଲ ଚାଲିଛି। ବ୍ଲକ ପ୍ରଶାସନ ପାଖରେ କିନ୍ତୁ ଏହାର ଖବର ନାହିଁ। ଡହଗାଁ ପଞ୍ଚାୟତ ମୁଖ୍ୟାଳୟଠାରେ ମନରେଗା ଯୋଜନାରେ ଶ୍ରମିକମାନଙ୍କ ସୁବିଧା ସକାଶେ ପଞ୍ଚାୟତ ପକ୍ଷରୁ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ନିର୍ମାଣ ହୋଇଛି; ହେଲେ ତାହା ଶ୍ରମିକଙ୍କ ଉଦ୍ଦେଶ୍ୟରେ କାମ ଆସୁନି। ଅନେକ ଦିନ ହେବ ହେଉଛି, ସରକାରୀ ଗୃହକୁ ଘରୋଇ ସ୍କୁଲ ପାଇଁ ପଞ୍ଚାୟତ କର୍ତ୍ତୃପକ୍ଷ କିଭଳି ଟେକି ଦେଇଛନ୍ତି ବୋଲି ପ୍ରଶ୍ନ ସୃଷ୍ଟି ହୋଇଛି। ତେବେ ଏ ସମ୍ପର୍କରେ ଡହଗାଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ଖର୍ସେଲଙ୍କୁ ପଚାରିବାରୁ ଅନେକ ଦିନରୁ ମନା କରାଯାଇଛି। କାହିଁକି ଦିଆଯାଇଛି ସରପଞ୍ଚ ଜାଣିଥିବେ ବୋଲି କହିଛନ୍ତି। ସେହିପରି କୋକସରା ବିଡିଓ ହିମାଞ୍ଚଳ ମାଝୀଙ୍କୁ ପଚାରିବାରୁ ସେ ବିଷୟରେ ଖବର ନ ଥିବା କହିଥିବା ବେଳେ ତଦନ୍ତ କରିବା ପାଇଁ କହିଛନ୍ତି।

୭ ମାସ ହେଲା ମଣ୍ଡି ଶ୍ରମିକ ପାରିଶ୍ରମିକ ପାଉନାହାନ୍ତି

ଅଭିଯୋଗ କଲେ ଶୁଣୁନି ପ୍ରଶାସନ, ଚିନ୍ତାରେ ଦିନ ଗଣୁଛନ୍ତି ଶ୍ରମିକ

ସିନାପାଲି, ୨୦।୭ (ସମିସ): ନୂଆପଡ଼ା ଜିଲ୍ଲାକୁ ସମ୍ପୂର୍ଣ୍ଣ ଭାବରେ ପ୍ରବାସୀ ଶ୍ରମିକମୁକ୍ତ କରାଯିବାକୁ ପ୍ରଶାସନ ଅଣ୍ଟା ଭିଡିଛି। ନୂଆପଡ଼ା ଜିଲ୍ଲା ଗସ୍ତରେ ଆସିଥିବା ମନ୍ତ୍ରୀ ନିଜର ଅଭିଭାଷଣରେ ମଧ୍ୟ ଏହା କହିଛନ୍ତି; ହେଲେ ମାସ ମାସ ଧରି ଶ୍ରମିକ ପାରିଶ୍ରମିକ ନ ପାଇ ଚିନ୍ତାରେ ରହୁଛନ୍ତି। ଏଣୁ କିଭଳି ଭାବେ ପ୍ରବାସୀ ଶ୍ରମିକମୁକ୍ତ ଜିଲ୍ଲା ଗଠନ ହେବ ତାକୁ ନେଇ ପ୍ରଶ୍ନ ସୃଷ୍ଟି ହେଉଛି।

ସିନାପାଲି ବ୍ଲକର ବ୍ରାହ୍ମଣୀଗୁଡା ଧାନମଣ୍ଡି ପରିଚାଳନା ଓ ଧାନ କ୍ରୟ କରିବା ପାଇଁ ସ୍ଥାନୀୟ ମା ବୈଷ୍ଣୋଦେବୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପ୍ରଶାସନ ଦାୟିତ୍ୱ ଦେଇଥିଲା। ଏହି ଧାନମଣ୍ଡିରେ ଶ୍ରମିକ ଭାବରେ ବ୍ରାହ୍ମଣୀଗୁଡା ଗ୍ରାମର ୮ ଜଣ ଶ୍ରମିକ ଧାନ ଓଜନ କରିବା ସହ ଟ୍ରକରେ ଲୋଡ୍ କରିବା କାର୍ଯ୍ୟରେ ନିୟୋଜିତ ରହିଥିଲେ। ଏମାନେ ବଂଶଲ ରାଇସ ମିଲ୍, ଏମବିବି, ଗୌର ତୁଳସୀ, ଗାୟତ୍ରୀ ରାଇସ୍ ମିଲର୍ସକୁ ଧାନ ଓଜନ ଓ ବୋହିବା କାର୍ଯ୍ୟ କରିଥିଲେ; ହେଲେ ଏହି ପାରିଶ୍ରମିକ ୩ ମାସ ପରେ ଦେବାକୁ ସମ୍ପୃକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଦେବାକୁ କହିଥିଲେ। ୭ ମାସ ବିତିଲା ପରେ ମଧ୍ୟ ଶ୍ରମିକ ପାଉଣା ପାଇବାରୁ ବଞ୍ଚିତ ରହିଛନ୍ତି। ବାରମ୍ବାର କହିବା ସତ୍ତ୍ୱେ କର୍ଣ୍ଣପାତ କରି ନ ଥିବାରୁ ଶେଷରେ ଗତ ୯ ତାରିଖ ଦିନ ସିନାପାଲି ବିଡ଼ିଓ କାର୍ମୀ ଓରାମଙ୍କୁ ଲିଖିତ ଅଭିଯୋଗ କରିଥିଲେ; ହେଲେ ଅଦ୍ୟାବଧି ପାଉଣା ପ୍ରଦାନ ଦିଗରେ ପ୍ରଶାସନ କିମ୍ବା ସ୍ୱୟଂ ସହାୟକ ଗୋଷ୍ଠୀ ଆନ୍ତରିକତା ଦେଖାଉ ନାହାନ୍ତି ବୋଲି କାମ କରିଥିବା ଶ୍ରମିକ କୁସଧ୍ୱଜ ରଣା, ନିରଞ୍ଜନ ରଣା, ହିରାଧର ରଣା, ସେବକ ରଣା, ଧନଞ୍ଜୟ ରଣା, ରୁସ୍ତମ୍ ମାଝି, ପରମେଶ୍ୱର ରଣା ପ୍ରମୁଖ ପ୍ରକାଶ କରିଛନ୍ତି। ଏ ଦିଗରେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନ ନେଲେ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କର ଦାୟିତ୍ୱ ନିର୍ବାହ କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ପଚାରିବାରୁ ସରକାରୀ ଧାର୍ଯ୍ୟ ମୂଲ୍ୟ ମାଗୁଥିବାରୁ ବିଳମ୍ବ ହେଉଛି। ଆମକୁ ସରକାରୀ ଟଙ୍କା ଦିଆଯାଇ ନାହିଁ ବୋଲି କହିଥିଲେ। ଯୋଗାଣ ଅଧିକାରୀ ଦେବେନ୍ଦ୍ର ସେଠୀଆଙ୍କୁ ପଚାରିବାରୁ ସ୍ୱୟଂ ସହାୟକ ଗୋଷ୍ଠୀ ଏତେ ବିଳମ୍ବ କରିବା କଥା ନୁହଁ। ବାରମ୍ବାର ସ୍ୱୟଂ ସହାୟକ ଗୋଷ୍ଠୀକୁ ଏ ନେଇ କୁହାଯାଇଛି ବୋଲି ପ୍ରକାଶ କରିଥିଲେ।

ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର

ଧର୍ମଗଡ଼/ଗୋଲାମୁଣ୍ଡା, ୨୦।୭ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନା ଖଳିଆକାନୀ ପେଟ୍ରୋଲ ପମ୍ପ ନିକଟରେ ଦୁର୍ଘଟଣାରେ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ୨ ଜଣ ହେଲେ ମହାଲିଙ୍ଗ ଗ୍ରାମର ନାର୍ଣ୍ଣ କେତକୀ ଓ ତରୁଣ ମାଝୀ। ସେମାନେ ଖଳିଆକାନୀ ପଟୁ ବାଇକ୍‌ରେ ଗୋଲାମୁଣ୍ଡା ପଟେ ଆସୁଥିବା ବେଳେ ଖଳିଆକାନୀ ପେଟ୍ରୋଲ ପମ୍ପ ନିକଟରେ ଏକ ଗାଡି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଗୋଲାମୁଣ୍ଡା ଅଗ୍ନିଶମ ବାହିନୀ ଗାଡ଼ିରେ ଗୋଲାମୁଣ୍ଡା ଡାକ୍ତରଖାନା ନେଇଥିଲେ। ପରେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

ସତ୍ୟର ସ୍ୱର ପରିବାର ପକ୍ଷରୁ ରୋଗୀଙ୍କୁ ଫଳ ବଣ୍ଟନ

କେସିଙ୍ଗା, ୨୦।୭ (ସମିସ): ସାମାଜିକ ଗଣମାଧ୍ୟମ 'ସତ୍ୟର ସ୍ୱର' ପରିବାର ପକ୍ଷରୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଫଳ ବଣ୍ଟନ କରାଯାଇଛି। ଅଂଶୁମାନ ଦେଓ ଏବଂ ସତ୍ୟର ସ୍ୱର ପରିବାରର ସଦସ୍ୟ ଟିକେରାମ ତାଣ୍ଡିଙ୍କ ଜନ୍ମ ଦିବସ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଜ୍ୟୋତି ବାବୁ ମହାରଣା, ମହେଶ୍ୱର ମାଝୀ ଓ ପରମା କରୁଆଁ ପ୍ରମୁଖ ଉପସ୍ଥିତ ଥିଲେ।

ନର୍ଲା ବ୍ଲକ୍ ଯାଦବ ସମିତି ପୁନଃଗଠିତ

ଭବାନୀପାଟଣା, ୨୦।୭ (ସମିସ): ସ୍ଥାନୀୟ ଯାଦବ ଭବନରେ ନର୍ଲା ବ୍ଲକ ଯାଦବ ସମିତି ପୁନଃଗଠନ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାପତି ଯୁଧିଷ୍ଠିର ଗଉଡ ଏଥିରେ ଅଧ୍ୟକ୍ଷତା କରିଥିଲେ। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ ସଂଯୋଜନା କରିଥିଲେ। ସାଧାରଣ ସମ୍ପାଦକ ତ୍ରିପୁରା ଗଉଡ, ପର୍ଯ୍ୟବେକ୍ଷକ ଭାବେ ଜିଲ୍ଲା ଅଭ୍ୟର୍ଥନା କମିଟିର ମାଧବ ଲହଜଲ ଓ ଅରକ୍ଷିତ ଭଇଁସାଲ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ସଭାପତି ନୃପରାଜ ଯାଦବ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ଯାଦବ ସମିତିର ସତ୍ୟ ନାରାୟଣ ବିଶି ଓ ନଳିନୀକାନ୍ତ ରାଉତ, କେସିଙ୍ଗା ବ୍ଲକ ଯାଦବ ସମିତିର ଜଗନ୍ନାଥ ବାଗ ଓ ମହିପାଳ ନାଏକ, ଧର୍ମଗଡ଼ ଏନଏସି ଯାଦବ ସମିତିର ଅନିରୁଦ୍ଧ ଲହଜାଲ, ଶିକ୍ଷାବିତ ପ୍ରଶୁନ୍ନ ଜାଲ, କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ଉପ ସଭାପତି ଦୁଲ୍ଲଭ ମାହାର, ବରିଷ୍ଠ ଯାଦବ ନେତା ହୃଷିକେଶ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଭାଗବତିଆ କବି ମଧୁସୂଦନ ରାଉତ ମଞ୍ଚ ପରିଚାଳନା କରିଥିଲେ। ନୂତନ ସଭାପତି ଭାବେ ଲିଙ୍ଗରାଜ କରୁଆଁ, ଉପସଭାପତି ଭାବରେ ଦୁଲ୍ଲଭ ମାହାର, ସୁନୀଲ ଧଙ୍ଗଡ଼ାମାଝୀ ଓ ମାର୍କଣ୍ଡ ଜାଲ, ସାଧାରଣ ସମ୍ପାଦକ ଭାବେ ମଧୁସୂଦନ ରାଉତ, ଯୁଗ୍ମ ସମ୍ପାଦକ ଭାବରେ ଅଜିତ କରୁଆଁ, କୋଷାଧ୍ୟକ୍ଷ ଭାବେ ଗିରିଧାରୀ ଗଉଡ, ବ୍ଲକ ଯୁବ ଯାଦବ ସଭାପତି ଭାବେ ପ୍ରଶୁନ୍ନ ଜାଲ ନିର୍ବାଚିତ ହୋଇଛନ୍ତି।

କଳାହାଣ୍ଡି ଜିଲ୍ଲାସ୍ତରୀୟ ଯୁବ ଆଲୋଚନା ଚକ୍ର

ମ. ରାମପୁର, ୨୦।୭ (ସମିସ): ଅଗଷ୍ଟ ୧୦ରୁ ୧୨ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଯୁବ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିପାଇଁ ଜିଲ୍ଲାର ୧୨୦ରୁ ଅଧିକ ଯୁବକ ଯୁବତୀଙ୍କୁ ନେଇ ସେବା ଜଗତ ଆନୁକୂଲ୍ୟରେ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କର୍ଲାମୁଣ୍ଡା ବ୍ଲକ ଜିଲ୍ଲା ପରିଷଦ ସଦସ୍ୟ ସୁରେଶ ଚୌଧୁରୀ, ମ.ରାମପୁର ବିଦ୍ୟାନୀତ କଲେଜର ମୋନାଲିସା ସାହୁ, ଅର୍ଜୁନ ଜେନା, ସୁପ୍ରିୟା ମାଝୀ, ପ୍ରଦୀପ ମହାନ୍ତି ପ୍ରିୟବ୍ରତ ପାଢ଼ୀ ଏବଂ ସେବା ଜଗତ ସମ୍ପାଦକ ସତ୍ୟନାରାୟଣ ପଟ୍ଟନାୟକ ଉପସ୍ଥିତ ଥିଲେ।

ଉତ୍ତେଇ ବହୁମୁଖୀ ଜଳସେଚନ ପ୍ରକଳ୍ପ ପାଇଁ ସ୍ମାରକପତ୍ର

ଭବାନୀପାଟଣା, ୨୦।୭ (ସମିସ): କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକର ଗୌଡ଼ କର୍ଲାଖୁଣ୍ଟାରେ ପ୍ରସ୍ତାବିତ ଉତ୍ତେଇ ଜଳସେଚନ ପ୍ରକଳ୍ପ କେନ୍ଦ୍ରୀୟ ଜଳସେଚନ, କେନ୍ଦ୍ରୀୟ ଜଳ ଆୟୋଗର ମଞ୍ଜୁରୀ ଅପେକ୍ଷାରେ ରହିଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ କେସିଙ୍ଗା ବ୍ଲକରେ ୮୫୬୪ ହେକ୍ଟର ଜମି ଓ ୩୮ ଗାଁ, ନର୍ଲା ବ୍ଲକରେ ୨୦୬୧୪ ହେକ୍ଟର ଜମି ଓ ୯୬ଗାଁ, କର୍ଲାମୁଣ୍ଡା ବ୍ଲକର ୧୮୫୪ ହେକ୍ଟର ଜମି ଓ ୯ଟି ଗାଁ, ଏମ. ରାମପୁର ବ୍ଲକର ୧୧୯୪୭ ହେକ୍ଟର ଜମି ଓ ୬୩ ଗାଁ ଉପକୃତ ହେବ। ମୋଟ ୪୩ହଜାର ହେକ୍ଟର

ଜମି ଜଳସେଚିତ ହେବ। ୨୦୬ଟି ଗାଁ ଲାଭାନ୍ୱିତ ହେବ। ଏହାସହ ଖରିଫ ଚାଷରେ ୪୮ହଜାର ହେକ୍ଟର ଏବଂ ରବି ଚାଷରେ ୯ ହଜାର ହେକ୍ଟର ଜମିରେ ଜଳ ସୁନିଶ୍ଚିତ ହେବ। ଜିଲ୍ଲାପାଳ କଳାହାଣ୍ଡି ପାୱାର ସଚିନ ପ୍ରକାଶଙ୍କୁ ରବିବାର ଏ ନେଇ ବିକଶିତ କଳାହାଣ୍ଡି-ନୂଆପଡ଼ାର ଅଧ୍ୟକ୍ଷ ଭବାନୀ ଶଙ୍କର ନିଆଲ ଏକ ସ୍ମାରକ ପତ୍ର ଦେଇଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଜଳସେଚନ ପ୍ରକଳ୍ପ ପାଇଁ ଅଧିକ ଅର୍ଥ ବ୍ୟବସ୍ଥା କରିବା, ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ସରଳ କରିବା, ଆଧୁନିକ ଜଳସେଚନ ପ୍ରଯୁକ୍ତିବିଦ୍ୟାକୁ ଉତ୍ସାହିତ କରିବା, ଜଳସେଚନ ପରିଚାଳନା ବ୍ୟବସ୍ଥାକୁ ଉନ୍ନତ କରିବା ପାଇଁ ଶ୍ରୀ ନିଆଲ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି।

ବେନଗାଁରେ ନୂତନ ବ୍ଲକ୍ ସ୍ଥାପନ ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର

ଲାଞ୍ଜିଗଡ଼, ୨୦।୭ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବେନଗାଁରେ ନୂତନ ବ୍ଲକ ସ୍ଥାପନ ପାଇଁ ବେନଗାଁ ଅଞ୍ଚଳବାସୀ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରିଛନ୍ତି। ଲାଞ୍ଜିଗଡ଼ ବ୍ଲକ ୨୬ଟି ପଞ୍ଚାୟତକୁ ନେଇ ଗଠିତ। ଏହି ୨୬ଟି ପଞ୍ଚାୟତକୁ ନେଇ ଜିଲ୍ଲା ପରିଷଦ ଜୋନ୍-୧ ଏବଂ ଜୋନ୍-୨ରେ ବିଭାଜିତ। ଜୋନ୍-୨ରେ ରହିଥିବା ୧୩ଟି ପଞ୍ଚାୟତ ମଧ୍ୟରୁ ଅଧିକାଂଶ ପଞ୍ଚାୟତର ଗାଁଗୁଡିକୁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁର ଯିବାପାଇଁ ୫୫ କିଲୋମିଟର ପଡୁଛି। ଏଣୁ ଅଞ୍ଚଳବାସୀଙ୍କୁ ବ୍ଲକ କାର୍ଯ୍ୟାଳୟ ଯିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏଣୁ ବେନଗାଁରେ ନୂତନ ବ୍ଲକ ସ୍ଥାପନ କରିବା ପାଇଁ ବିଜେପୁର, ମାଳିଯୁବାଙ୍ଗ, ପାହାଡ ପଦର, ଲାଖବାହାଲି, ବେନଗାଁ, ଲାଞ୍ଜି, କାନକୁଟୁ, ଭଟାଙ୍ଗପଦର, ଗୁଣ୍ଡରୀ, ଜଗନ୍ନାଥପୁର, ତ୍ରିଲୋଚନପୁର, କୁମଖାଳ, ବନ୍ଧପାରି ପଞ୍ଚାୟତବାସୀ ଏକତ୍ରିତ ହୋଇଛନ୍ତି। ପୂର୍ବରୁ କଳାହାଣ୍ଡି ଜିଲ୍ଲାପାଳଙ୍କ ଜରିଆରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ସାଂସଦ ମାଳବିକା ଦେବି, ରାଜ୍ୟସଭା ସାଂସଦ ସୁଜିତ କୁମାର ସେଟଙ୍କୁ ଆଗରୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ପୁଣି ଥରେ ପଞ୍ଚାୟତିରାଜମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

■ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପୋଷାକ ତିଆରିରେ ତଞ୍ଚକତା

ତାଲିମପ୍ରାପ୍ତ ଗୋଷ୍ଠୀ କାମ ନ ପାଇ ହତାଶ

ସିନାପାଲି, ୨୦।୭ (ସମିସ)

ପୂର୍ବ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କୁ ସଶକ୍ତିକରଣ ସାଙ୍ଗକୁ ଆର୍ଥିକ ସ୍ଥିତିର ପରିବର୍ତ୍ତନ ଆଣି ସ୍ୱାବଲମ୍ବୀ ହେବା ଲକ୍ଷ୍ୟ ନେଇ ମିଶନ ଶକ୍ତି କାର୍ଯ୍ୟକ୍ରମ ହାତକୁ ନେଇଥିଲେ; ହେଲେ ସରକାର ପରିବର୍ତ୍ତନ ହେବା ପରେ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ତାଲିମପ୍ରାପ୍ତ ସ୍ୱୟଂ ସହାୟକ ଗୋଷ୍ଠୀ (ସିଲେଇ) ସଦସ୍ୟାଙ୍କୁ ଏହି କାର୍ଯ୍ୟ ନ ଦେଇ ଅଣ ତାଲିମପ୍ରାପ୍ତ ଗୋଷ୍ଠୀକୁ ଦିଆଯାଉଛି। ସିନାପାଲି ବ୍ଲକରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଅଙ୍ଗନବାଡ଼ି ଶିଶୁଙ୍କୁ ସରକାରଙ୍କ ତରଫରୁ ମାଗଣା ପୋଷାକ ବଣ୍ଟନରେ ଏହି ଅଭିଯୋଗ ଆସିଛି। ଏଥିରେ ତାଲିମପ୍ରାପ୍ତ ଟେଲରିଂ ୟୁନିଟ୍‌କୁ ନେଇ ଟେଣ୍ଡର ଆହ୍ୱାନ ପରିବର୍ତ୍ତେ ମିଶନ ଶକ୍ତି ଅଧିକାରୀମାନେ ତଞ୍ଚକତା କରିଛନ୍ତି। ଅଣ ତାଲିମପ୍ରାପ୍ତ କିଛି ଗୋଷ୍ଠୀ ନାମରେ ଭିତିରିଆ ସଲାସୁତୁରା କରିଛନ୍ତି। ଏହି ଗୋଷ୍ଠୀର ସଦସ୍ୟମାନେ ମିଶନ ଶକ୍ତି ଅଧିକାରୀମାନଙ୍କ ସହ ମିଶି ଖୋଲା ବଜାରରୁ ନିମ୍ନମାନର ଡ୍ରେସ୍ ଆଣି ବଣ୍ଟନ କରିଛନ୍ତି। ଡ୍ରେସ ପିଛା ଅଧିକାରୀ,

ଅଣ ତାଲିମପ୍ରାପ୍ତ ଗୋଷ୍ଠୀ ଓ ଏଥିରେ ସମ୍ପୃକ୍ତ ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ପିସି ମିଳିଯାଉଛି। ନିୟମ ଅନୁସାରେ ଯାହା ନାମରେ ଏହି ଟେଣ୍ଡର ହୋଇଥାଏ ସେ ବଜାରର ୩ଟି ଦୋକାନରୁ କୋଟେଶନ ନେବା କଥା। ଯେଉଁ ଦୋକାନର କପଡ଼ା ଠିକ୍ ଥିବ ତାକୁ ନେଇ ଟେଲରିଂ ୟୁନିଟ୍ ସିଲାଇ କରି ବିଦ୍ୟାଳୟକୁ ପ୍ରଦାନ କରାଯିବାର ନିୟମ ରହିଛି; ହେଲେ ଏଥିରେ ବ୍ୟତିକ୍ରମ ଦେଖା ଦେବା ସହ ସିଧାସଳଖ ବଜାରରୁ ନିମ୍ନମାନର ଡ୍ରେସ୍ କିଣି ପ୍ରଦାନ କରାଯାଉଛି। ଏହାଫଳରେ ତାଲିମ ନେଇଥିବା ଗୋଷ୍ଠୀ ରୋଜଗାର କରିବାରୁ ବଞ୍ଚିତ ହେଉଛନ୍ତି। ସିନାପାଲି ବ୍ଲକର ନିଳଜି ଗ୍ରାମରେ ୨୫ ଜଣ ମହିଳାଙ୍କୁ ନେଇ ଜ୍ୟୋତି ପ୍ରଦ୍ୟୁସର୍ ଟେଲରିଂ ଗ୍ରୁପ ଗଠନ ହୋଇଛି। ନାବାର୍ଡ ସହଯୋଗରେ ସେମାନେ ସିଲେଇ ତାଲିମ ଗ୍ରହଣ କରିଛନ୍ତି; ହେଲେ ଏମାନଙ୍କୁ ଡ୍ରେସ୍ ସିଲେଇ କାର୍ଯ୍ୟ ନ ଦେଇ ବଜାରରୁ ତଞ୍ଚକତା କରି ବାହାରୁ ନିମ୍ନମାନର ଡ୍ରେସ୍ ଦେଇ ଦୁର୍ନୀତି କରାଯାଉଥିବା ଜ୍ୟୋତି ପ୍ରଦ୍ୟୁସର ଗୋଷ୍ଠୀର ସଭାପତି ବୈଜନ୍ତି ପ୍ରଧାନ ଓ ସମ୍ପାଦିକା ପ୍ରମିଳା ନିଆଲ ସମେତ ଅନେକ ଅଭିଯୋଗ କରିଛନ୍ତି। ସିନାପାଲି ବ୍ଲକର ଅନେକ ତାଲିମପ୍ରାପ୍ତ ଟେଲରିଂ ୟୁନିଟ୍ ରହିଛି; ହେଲେ କୌଣସି ୟୁନିଟ୍‌କୁ ଏହି କାର୍ଯ୍ୟରେ ସାମିଲ ନ କରିବାର ଅସଲ ଉଦ୍ଦେଶ୍ୟ କ'ଣ ହୋଇଥାଇପାରେ

ବଜାରରୁ କିଣି ନିମ୍ନମାନର ବଣ୍ଟନ

ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ସୃଷ୍ଟି କରୁଛି। ସିନାପାଲି ବ୍ଲକରେ ଏହିଭଳି ତଞ୍ଚକତା ଚାଲି ଆସୁଥିବା ବେଳେ ଅସାଧୁ କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ତାଲିମପ୍ରାପ୍ତ ଗୋଷ୍ଠୀ କାମ ନ ପାଇ ନିରାଶରେ ଭାଙ୍ଗି ପଡ଼ିଛନ୍ତି। ତେବେ ଏ ଦିଗରେ ପ୍ରଶାସନିକ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି। ଏ ବିଷୟରେ ବିପିସି ରାଜେଶ ସାହୁଙ୍କୁ ପଚାରିବାରୁ ଚଳିତ ବର୍ଷ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ଏଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ପ୍ରକାଶ କରିଛନ୍ତି।

ଚାରାରୋପଣ ଲାଗି ବ୍ୟାପକ ସଚେତନତା ଆବଶ୍ୟକ

କଳମପୁର, ୨୦।୭ (ସମିସ): ଜଙ୍ଗଲ ସୁରକ୍ଷା ଓ ପରିବେଶ ତଥା ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଦୁଇ ଦିନିଆ କଳାହାଣ୍ଡି ଜିଲ୍ଲାକୁ ଗସ୍ତରେ ଆସିଛନ୍ତି। ରବିବାର ଦ୍ୱିତୀୟ ଦିବସରେ ଭବାନୀପାଟଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ନିକଟରେ ଜଙ୍ଗଲ ବିଭାଗ ପକ୍ଷରୁ ଚାରା ରୋପଣ କାର୍ଯ୍ୟକ୍ରମରେ ସେ ଯୋଗ ଦେଇଥିଲେ। ସେହିଭଳି ଜୁନାଗଡ଼ ବ୍ଲକ କୋଏଲ ଗାଁରେ ୩୨ ହଜାର ଗଛ ଲଗାଯାଇ ଜଙ୍ଗଲ ସୃଷ୍ଟି କରାଯାଇଥିବା ଅଞ୍ଚଳ ପରିଦର୍ଶନ କରିଥିଲେ। କଳମପୁର ବ୍ଲକ ଅଞ୍ଚଳ ଗସ୍ତ କରି ନିର୍ମାଲ୍ୟକ୍ଷେତ୍ର ପରିସର ଏବଂ କଳମପୁର ମଣ୍ଡି ପରିସରରେ ଦକ୍ଷିଣ ବନଖଣ୍ଡ ପକ୍ଷରୁ ଅୟୋଜିତ ମା'ଙ୍କ ନାମରେ ଗଛଟିଏ-୨.୦ କାର୍ଯ୍ୟକ୍ରମରେ ଯୋଗ ଦେଇ ଚାରାରୋପଣ କରିଥିଲେ। ଜଳବାୟୁ ପରିବର୍ତ୍ତନ ଓ ପରିବେଶ ସନ୍ତୁଳନ ପାଇଁ ମାଙ୍କ ନାମରେ ଗଛଟିଏ ଲଗାଇବା ଏକ ଯୁଗାନ୍ତକାରୀ ପଦକ୍ଷେପ। ଓଡ଼ିଶାରେ ଗତ ବର୍ଷ ୬ କୋଟି ୭୫ ଲକ୍ଷ ଗଛ ଲଗାଯାଇଛି। ଚଳିତ ବର୍ଷ ୭.୫ କୋଟି ଗଛ ଲଗାଇବା ପାଇଁ ଲକ୍ଷ୍ୟ ରଖାଯାଇଛି ବୋଲି ସେ ପ୍ରକାଶ କରିଥିଲେ। ତେବେ ବ୍ୟାପକ ଚାରା ରୋପଣ ପାଇଁ ଜନ ସଚେତନତା ଆବଶ୍ୟକ ବୋଲି ମନ୍ତ୍ରୀ କହିଥିଲେ। କଳାହାଣ୍ଡିରେ ସବୁଜ ପରିବେଶ ରହିଛି। ଚଳିତ ବର୍ଷ କଳାହାଣ୍ଡି ଜିଲ୍ଲାରେ ୯ ଲକ୍ଷ ଗଛ ଲଗାଯିବ ବୋଲି ସେ କହିଥିଲେ। ଏହି ପରିପ୍ରେକ୍ଷୀରେ କଳମପୁର-ଥୁଆମୂଳ ରାମପୁର ସିଙ୍ଗାରି ଘାଟି ରାସ୍ତା ସମ୍ପର୍କରେ ପଚାରିବାରୁ ଏ ସମ୍ପର୍କରେ ଆଲୋଚନା କରାଯାଇଛି। ଶୀଘ୍ର କାମ ଆରମ୍ଭ ହେବାପାଇଁ ପ୍ରଚେଷ୍ଟା ଚାଲିଛି ବୋଲି ମନ୍ତ୍ରୀ କହିଥିଲେ। ମନ୍ତ୍ରୀଙ୍କ ସହ ବିଭିନ୍ନ କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, କଳାହାଣ୍ଡି ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସନ୍ତୋଷ ଯୋଶୀ, ଉତ୍ତର ବନ ଖଣ୍ଡ ଅଧିକାରୀ ରମେଶ କୁମାର, ଦକ୍ଷିଣ ବନଖଣ୍ଡ ଅଧିକାରୀ ଆର କଳାଇଭାନନ୍ ପ୍ରମୁଖ ଯୋଗ ଦେଇଥିଲେ।

ସାଲୁଙ୍କି ଜଳ ସେଚନ ପ୍ରକଳ୍ପରୁ ଖରିଫ ଚାଷ ପାଇଁ ଜଳ ଯୋଗାଣ

ବୌଦ୍ଧ, ୨୦।୭ (ସମିସ): ବୌଦ୍ଧ ଜଳ ସେଚନ ବିଭାଗର ସାଲୁଙ୍କି ଜଳ ସେଚନ ପ୍ରକଳ୍ପରୁ ଚଳିତ ବର୍ଷ ଖରିଫ ବର୍ଷ ଖରିପ ଚାଷ ପାଇଁ ସମସ୍ତ ଗେଟ ଖୋଲାଯାଇଛି । ମୁଖ୍ୟ କେନାଲ ଓ ଶାଖା କେନାଲ ମାଧ୍ୟମରେ ଜଳ ଯୋଗାଣ କରାଯାଇଛି । ସାଲୁଙ୍କି ଜଳ ସେଚନ ପ୍ରକଳ୍ପ ଅଧୀନରେ ୧୮ ୭ ୯୩ ହେକ୍ଟର ଚାଷ ଜମି ଜଳ ସେଚିତ ହୋଇଥାଏ । ଏହି ପ୍ରକଳ୍ପ ଦ୍ୱାର ବୌଦ୍ଧର ବାଉଁଶୁଣି ସହିତ ହରଭଙ୍ଗା ବ୍ଲକର ୮ ଟି ପଞ୍ଚାୟତର ଚାଷୀ ଉପକୃତ ହୋଇଥାନ୍ତି । ଏହି ପ୍ରକଳ୍ପ ଦ୍ୱାରା ବହୁ ଚାଷୀ ଚାଷ କାର୍ଯ୍ୟ ଉପରେ ନିର୍ଭର କରିଥାନ୍ତି । ପୂଜାର୍ଚ୍ଚନା କରାଯାଇଥିଲା । ବୌଦ୍ଧ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂ. ନରେଶ ବାରିକ, ସହକାରୀ ନିର୍ବାହୀ ଯନ୍ତ୍ରୀ କେଶୁରୁ ମୁର୍ମୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ବିଷ୍ଣୁପ୍ରିୟା ଦେହୁରୀ, ସହକାରୀ ଯନ୍ତ୍ରୀ ବସନ୍ତ ମହାକୁଡ଼, ସୁବ୍ରତ ମଲିକ, ଶତ୍ରୁଘନ ଡିଗାଲ, ସଞ୍ଜୟ ମହାନ୍ତି, ଭିଜିଲ ଏକ୍କା ପ୍ରମୁଖ ବରିଷ୍ଠ ଅଧିକାରୀମାନଙ୍କ ଦ୍ୱାରା ଜଳ ଯୋଗାଣ ପାଇଁ ଗେଟ୍ ଖୋଲା ଯାଇଥିଲା । ତେବେ ଜହ୍ନାପଙ୍କ, ବୁରକଟା, ଖୁଣ୍ଟବନ୍ଧ, ତେଲିବନ୍ଧ ଓ ସାହାଯପାଲ ଶାଖା କେନାଲ ସଫା ହୋଇ ନ ଥିବାରୁ ତଳ ମୁଣ୍ଡକୁ ପାଣି ପହଞ୍ଚିବା ନେଇ ଚାଷୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି ।

କାଉଡ଼ିଆଙ୍କୁ ପ୍ରସାଦ ବଣ୍ଟନ

ବୌଦ୍ଧ, ୨୦।୭ (ସମିସ): ବୌଦ୍ଧ ଜିଲ୍ଲା ଔଷଧ ବ୍ୟବସାୟୀ ସଂଘ ଆନୁକୂଲ୍ୟରେ ରବିବାର ସନ୍ଧ୍ୟାରେ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ବସଷ୍ଟାଣ୍ଡରେ ବିଭିନ୍ନ ସ୍ଥାନରୁ ଆସିଥିବା କାଉଡିଆଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା । ଶ୍ରାବଣ ମାସର ଦ୍ୱିତୀୟ ସୋମବାର ଲାଗି ଐତିହାସିକ ଚାରିଶମ୍ଭୁ ପୀଠରେ ଜଳ ଲାଗି ସହ ସହ କାଉଡିଆଙ୍କ ସମାଗମ ହୋଇଛି । ସଂଘର ସଭାପତି ଗିରିଧାରୀ ଲାଲ ଅଗ୍ରୱାଲ, ସମ୍ପାଦକ ପ୍ରାଣବନ୍ଧୁ ପ୍ରଧାନଙ୍କ ତତ୍ତ୍ୱାବଧାନରେ ପ୍ରମୋଦ ସାହୁ, ପ୍ରଶାନ୍ତ ଜେନା, ସତ୍ୟ ପାଣିଗ୍ରାହୀ, ଦେବ ନାରାୟଣ ପ୍ରଧାନ, ସତରାମ ଜେନା, ସୁନିତ ସାହୁ, ଶାନ୍ତନୁ ଜେନା, ସୁଜିତ ବେହେରା, ନାରାୟଣ ମେହେର, ଶୁଚିସ୍ମିତା ସାହୁ, ସୁରଜ ଅଗ୍ରୱାଲ, କୃଷ୍ଣ ମୋହନ ସାହୁ, ମନରଞ୍ଜନ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ । ପ୍ରସାଦ ବଣ୍ଟନ ସହ ପ୍ରାଥମିକ ଚିକିତ୍ସାର ସୁବିଧା କରାଯାଇଥିଲା ।

ଗୌରଚରଣ ପଣ୍ଡାଙ୍କ ଶ୍ରାଦ୍ଧ ବାର୍ଷିକୀ ଉପଲକ୍ଷେ କବିତା ପାଠ

ବୀରମହାରାଜପୁର, ୨୦।୭ (ସମିସ): ସପ୍ତଦୀପା ସାହିତ୍ୟ ସଂସଦର ବରିଷ୍ଠ ସଦସ୍ୟ ସ୍ୱର୍ଗତ ଗୌର ଚରଣ ପଣ୍ଡାଙ୍କ ବାର୍ଷିକ ଶ୍ରାଦ୍ଧ ଦିବସ ଉପଲକ୍ଷେ ତାଙ୍କ ଗ୍ରାମ ଜଗନ୍ନାଥ ପାଲିଠାରେ ସଂସଦର ୧୨୧ତମ ସାରସ୍ୱତ ଆସର ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶରେ ପୁସ୍ତକ ପ୍ରକାଶକ ନନ୍ଦକାହ୍ନା ପୁଝାରୀ, ଶୁଭେନ୍ଦୁ ମେହେର, ବିଶ୍ୱଭୂଷଣ ହୋତା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ । କବୟିତ୍ରୀ ନିବେଦିତା ପାଢ଼ୀ ସ୍ୱାଗତ ଜଣାଇବା ସହିତ ସ୍ୱର୍ଗତ ପଣ୍ଡାଙ୍କ ସ୍ମୃତି ଚାରଣ କରିଥିଲେ । ଅନିରୁଦ୍ଧ କୁରୁକୁରିଆଙ୍କ ସଂଯୋଜନାରେ ଶ୍ୟାମ ଗୋପାଳ ହୋତା, ଅଦିତି ପୁରୋହିତ, ବଳରାମ ଦାସ, ସୁନନ୍ଦା ରାଣୀ ପଣ୍ଡା, ଗିରିବାଳା ଚାନ୍ଦ, ଅନିତା ପୁରୋହିତ, ଝିଲି ରାଣୀ ପାଢ଼ୀ, ବୈଜୟନ୍ତୀ ପୁରୋହିତ ପ୍ରମୁଖ କବିତା ଆବୃତ୍ତି କରିଥିଲେ । ଶତରୂପା ପୁଝାରୀ, ସୁଧାଂଶୁ ପାଢ଼ୀ, ଅମିତ୍ ପୁରୋହିତ, ମାଧବୀ ପଣ୍ଡା, ଆଦିତ୍ୟ ପୁରୋହିତ ପ୍ରମୁଖ ସହଯୋଗ କରିଥିଲେ ।

ନୂଆପଡ଼ା ଜିଲ୍ଲାର ୧୦ହାଇସ୍କୁଲ କଲେଜକୁ ଉନ୍ନୀତ

ନୂଆପଡ଼ା, ୨୦।୭ (ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ବିଭାଗ ଅନୁମୋଦନ କ୍ରମେ ନୂଆପଡ଼ା ଜିଲ୍ଲାର ୧୦ଟି ହାଇସ୍କୁଲ କଲେଜ (ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ) କୁ ଉନ୍ନୀତ ହୋଇଛି । ନୂଆପଡ଼ା ବ୍ଲକର ସାରାବଙ୍ଗ, କୋମନା ବ୍ଲକର ଭେଲା, ଛତା, ସଲଙ୍ଗୀପଡ଼ା ଏବଂ ବାଞ୍ଜିବାହାଲ ହାଇସ୍କୁଲ କଲେଜକୁ ଉନ୍ନୀତ ହୋଇଛି । ସେହିଭଳି ଖଡ଼ିଆଳ ବ୍ଲକର ଲାଞ୍ଜି, ବୋଡେନ ବ୍ଲକର ଲର୍କା, ସିନାପାଲି ବ୍ଲକର ସିଙ୍ଗଝର, ନୀଳଜି, ପଟେଲପଡ଼ା ହାଇସ୍କୁଲ ମଧ୍ୟ କଲେଜକୁ ଉନ୍ନୀତ ହୋଇଛି ।

ସୂଚନାଫଳକରେ ସୀମିତ ଖଇରଟିକିରା ରାସ୍ତା

ତରଭା, ୨୦।୭ (ସମିସ)

ସୋନପୁର ଜିଲ୍ଲା ତରଭା ବ୍ଲକ ମରାଡୁଗୁଛା ପଞ୍ଚାୟତର ଖଇରଟିକିରା ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାଟି ମରଣଯନ୍ତାରେ ପରିଣତ ହୋଇଛି । ଏହି ରାସ୍ତାର ଶୋଚନୀୟ ଅବସ୍ଥା ଯୋଗୁଁ ଜନସାଧାରଣ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି । ଗାଁକୁ ଆମ୍ବୁଲାନ୍ସ ଆସିପାରୁନି । ରୋଗୀ, ବୟସ୍କଙ୍କୁ ବୋହି ବେହି ନେବାକୁ ପଡୁଛି । ଅସରାଏ ବର୍ଷାରେ ରାସ୍ତା ବେହାଲ ହୋଇପଡୁଛି । ଆଣ୍ଠୁଏ କାଦୁଅରେ ପଚ ପଚ ହେଉଛି । ଖାଲଖମାରେ ବର୍ଷା ପାଣି ଭର୍ତ୍ତି ହୋଇରହିଛି । ଏହି ଗାଁକୁ ଅନ୍ୟ କୌଣସି ବିକଳ୍ପ ରାସ୍ତା ନାହିଁ । କହାର ସ୍ୱାସ୍ଥ୍ୟ ଖରାପ ହେଲେ ଆମ୍ବୁଲାନ୍ସ ଆସି ଫେରି ଯାଉଛି । ବୃଦ୍ଧବୃଦ୍ଧା ଓ ଗର୍ଭବତୀଙ୍କ ପାଇଁ ରାସ୍ତା କାଳ ସାଜିଛି । ରାସ୍ତା ପାଇଁ ବାରମ୍ବାର ଦାବି କରି ଆସୁଥିବା ବେଳେ କେହି କର୍ଣ୍ଣପାତ କରୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ବର୍ଷାଦିନେ ଏହି ଗ୍ରାମବାସୀ ଦୁର୍ବିସହ ଜୀବନ ଯାପନ କରୁଛନ୍ତି । ଗାଁକୁ ପକ୍କା ରାସ୍ତା ସାତ ସପନ ପାଲଟିଛି । ଏହି ରାସ୍ତାରେ ବାଇକ, ସାଇକଲ ଏପରିକି ପାଦରେ ଚାଲି ଚାଲି ଯିବା ସମ୍ଭବ ହୋଇପାରୁନି । କାଦୁଅ ହେତୁ ଚାରିଚକିଆ ଗାଡ଼ି ମଧ୍ୟ ନେବାକୁ ଲୋକେ ଭୟ କରୁଛନ୍ତି । ଏହି ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀ ବାରମ୍ବାର ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ, ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ବାରମ୍ବାର ଜନସାଧାରଣଙ୍କ ଦାବି ପରେ ଗତ ବର୍ଷ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରୁ ୧୦ ଲକ୍ଷ ଟଙ୍କା ମଞ୍ଜୁର କରି ଫଳକ ମଧ୍ୟ ଲଗାଯାଇଛି । ଏହି ସୂଚନାଫଳକରେ ହିଁ ଖଇରଟିକିରା ଗାଁ ରାସ୍ତା କାମ ସୀମିତ ରହି ଯାଇଛି । ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ ଲାଗି ପଦକ୍ଷେପ ନ ନେଲେ ଅଞ୍ଚଳବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ୱାର୍ଡସଭ୍ୟ ଶିବ ଘିବେଲା, ନବୀନ ଘିବେଲା, ଚନ୍ଦ୍ର ମଲ୍ଲିକଙ୍କ ସମେତ ଗ୍ରାମବାସୀ ଚେତାବନୀ ଦେଇଛନ୍ତି ।

ସ୍ତ୍ରୀକୁ ଗୁଳି ମାରିବା ଘଟଣା

ଅଭିଯୁକ୍ତ ସ୍ୱାମୀ କୋର୍ଟ ଚାଲାଣ; ବେଆଇନ ବନ୍ଧୁକ ରଖିଥିବା ବ୍ୟକ୍ତିକୁ ଛାଡ଼ିଦେଲା ପୁଲିସ

ପାଟଣାଗଡ଼, ୨୦।୭ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଚୁଲାଦୋରୋ ଗାଁରେ ଶନିବାର ପ୍ରହ୍ଲାଦ ମଲ୍ଲିକ ସାମାନ୍ୟ ବଚସାକୁ ନେଇ ତାଙ୍କ ସ୍ତ୍ରୀ ନିର ମଲ୍ଲିକକୁ ଗୁଳି ମାରିବା ଘଟଣାରେ ହଇଚଇ ସୃଷ୍ଟି କରିଛି । ଏହି ଗଟଣାରେ ପାଟଣାଗଡ଼ ପୁଲିସ ହତ୍ୟା ଉଦ୍ୟମ ଓ ବେଆଇନ ବନ୍ଧୁକ ରଖିବା ଅଭିଯୋଗ ରେ ଏକ ମାମଲା ରୁଜୁକରି ରବିବାର ଅଭିଯୁକ୍ତ ପ୍ରହ୍ଲାଦ ମଲ୍ଲିକକୁ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି । ତେବେ ଏହି ଘଟଣାରେ ପ୍ରହ୍ଲାଦ ଗାଁର ଶତ୍ରୁଘନ ବରିହାଠାରୁ ବନ୍ଧୁକ ଆଣିଥିବା ଅଭିଯୋଗ ହୋଇଥିଲା । କିନ୍ତୁ ପୁଲିସ କେବଳ ସ୍ୱାମୀ ପ୍ରହ୍ଲାଦକୁ ଗିରଫ କରିଥିବାବେଳେ ବନ୍ଧୁକଟି ଗାଁର ଶତ୍ରୁଘନ ବରିହାର ହୋଇଥିବାବେଳେ ତାଙ୍କୁ ତଦନ୍ତ ପରିସରଭୁକ୍ତ ମଧ୍ୟ କରାଯାଇନାହିଁ । ଏଥିରେ ପୁଲିସର ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ପ୍ରକାଶ ପାଇଛି । ସୂଚନାନୁସାରେ ପାଟଣାଗଡ଼ ଥାନା ବାଲିପଟା ପଞ୍ଚାୟତ ଚୁଲାଦୋରୋ ଗାଁର ପ୍ରହ୍ଲାଦ ମଲ୍ଲିକ (୩୬) ଶନିବାର ବାଲିପଟା ସ୍ଥିତ ଚାଷ ଜମିରେ ପଲହା ଜଗାଇବା କାମ

କରିଥିଲେ । ସେଠାରେ ଜଣେ ଶ୍ରମିକଙ୍କ ସହ ମଦ୍ୟପାନ କରିଥିଲେ । ପରେ କାମ ସାରି ଅଘରକୁ ଫେରିଥିଲେ । ସ୍ତ୍ରୀ ନିର ମଲ୍ଲିକ (୩୧) କୁ ଖାଇବାକୁ ଦେବା ପାଇଁ କହିଥିଲେ । ସ୍ତ୍ରୀ ନିର ଭାତ ସହ ତିଅଣ ଖାଇବାକୁ ଦେଇଥିଲେ । ସ୍ୱାମୀ ହଠାତ ତିଅଣ କୁ ଦେଖି ରାଗିଯାଇଥିଲେ । ଏଭଳି ତିଅଣ କରିଛୁ କହି ଗାଳିଗୁଲଜ କରିଥିଲେ । ପରେ ବଚସା ବଢ଼ିଯାଇଥିଲା । ହଠାତ ସ୍ୱଘରେ ଥିବା ଏକ ବନ୍ଧୁକ ଆଣି ସ୍ତ୍ରୀର ଛାତିକୁ ଗୁଳି ମାରିଦେଇଥିଲେ । ସ୍ତ୍ରୀ ଚିତ୍କାର କରିବାରୁ ପଡୋଶୀ ଆସି ସଙ୍ଗେ ସଙ୍ଗେ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

ଅତିରିକ୍ତ ଜିଲ୍ଲାପାଳ, ଉପ ଜିଲ୍ଲାପାଳଙ୍କ ବିଭିନ୍ନ ବୁଥ୍ ପରିଦର୍ଶନ

ବୌଦ୍ଧ, ୨୦।୭ (ସମିସ): ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଏବଂ ବୌଦ୍ଧ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣି ଅଫସର ତଥା ଉପ ଜିଲ୍ଲାପାଳ ପ୍ରବୀଣ ବାଣୁଆ ବୌଦ୍ଧ ନିର୍ବାଚନ ମଣ୍ଡଳୀର ବିଭିନ୍ନ ବୁଥ୍ ପରିଦର୍ଶନ କରିଛନ୍ତି । ଉଭୟ ଅଧିକାରୀ ବୌଦ୍ଧ ଏନଏସି ଅଧୀନ ଖଲିଆ ବଗିଚା, ହରଭଙ୍ଗା ବ୍ଲକର ବାମଣ୍ଡା, ମଥୁରା, ରାଧନଗର, ପିପଲକଟା, ରତନପୁର୍ ଏବଂ ବୌଦ୍ଧ ବ୍ଲକର ଖୁଣ୍ଟବନ୍ଧ, ବୁରକଟା, ଲକ୍ଷ୍ମୀପ୍ରସାଦ ଆଦି ବୁଥ୍ ପରିଦର୍ଶନ କରିଛନ୍ତି ।

ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୮ ଲକ୍ଷ ଟଙ୍କାର ସହାୟତା

ବୌଦ୍ଧ, ୨୦।୭ (ସମିସ): ବୌଦ୍ଧ ଜିଲା ବଘିଆପଡ଼ା ଫାଣ୍ଡି ଅଧୀନ ଗଣ୍ଡିସର (ବାରପୁଡା ଛକ) ରେ ଗତ ମଇ ୨୭ ତାରିଖ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ଫଳରେ ଏକ ଆଦିବାସୀ ପରିବାରର ବାପ ଝିଅଙ୍କ ମୃତ୍ୟୁ ଘଟିଛି । ଟିକରପଡ଼ା ପଞ୍ଚାୟତର ଚରିଆପାଲି ଗ୍ରାମର ଗଜେନ୍ଦ୍ର ମଲିକ (୩୨) ତାଙ୍କ ପତ୍ନୀ ଓ ଛୋଟ ଛୋଟ ୩ ଝିଅକୁ ନେଇ ଶଳା ବାହାଘର ସାରି ନିଜ ଘରକୁ ବାଇକ ଯୋଗେ ଫେରୁଥିଲେ । ବାରପୁଡାଛକଠାରେ ସାମ୍ନାରୁ ଆସୁଥିବା ଏକ ବାଇକ ସହ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ଗଜେନ୍ଦ୍ର ଓ ତାଙ୍କ ୬ ବର୍ଷର ଝିଅ ଲିପସାର ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଏହି ସହାୟତା ପ୍ରଦାନ କରାଯାଇଛି । ଉପଜିଲ୍ଲାପାଳ ପ୍ରବୀଣ ବାଣୁଆ, ଅତିରିକ୍ତ ତହସିଲଦାର ମହମ୍ମଦ ରାଜେ ରସୁଲ ଓ କୁମଦଚନ୍ଦ୍ର ଦଳବେହେରା ଚରିଆପାଲିରେ ପହଞ୍ଚି ଏହି ସହାୟତା ରାଶିର ଚେକ୍ ପ୍ରଦାନ କରିଛନ୍ତି ।

ପ୍ରଶାସନିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା

ନୂଆପଡ଼ା, ୨୦।୭ (ସମିସ): ନୂଆପଡ଼ା ଇନଡୋର ଷ୍ଟାଡିୟମରେ ପ୍ରଶାସନିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାକୁ ଜିଲ୍ଲାପାଳ ମଧୁସୂଦନ ଦାଶ ଏବଂ ଏସପିଜି. ଆର. ରାଘବେନ୍ଦ୍ର ଉଦଘାଟନ କରିଥିଲେ । ଡବଲ୍ସରେ ୧୬ ପ୍ରଶାସନିକ ଅଧିକାରୀ ଦଳ ଭାଗ ନେଇଥିଲେ । ଫାଇନାଲରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ ଏବଂ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ଅଧିକାରୀ ତଥା ସହଯୋଗୀ ଖେଳାଳିଙ୍କ ଦଳ ଫାଇନାଲକୁ ପ୍ରବେଶ କରିଥିଲେ । ଫାଇନାଲ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ଅଧିକାରୀ ସୌମ୍ୟ କିଶୋର ଜୟପୁରିଆ ଓ ଆଲୋକ ପାତ୍ର ବିଜେତା ହୋଇଥିଲେ । ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଦଳ ଉପବିଜେତା ହୋଇଥିଲେ । ମିକ୍ସଡ ଡବଲ୍ସରେ ୬ ଜିଲ୍ଲାସ୍ତରୀୟ ପ୍ରଶାସନିକ ଦଳ ଭାଗ ନେଇଥିଲେ । ଫାଇନାଲରେ ଆରକ୍ଷୀ ଅଧିକ୍ଷକ ଜି. ଆର. ରାଘବେନ୍ଦ୍ର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିନାପାଲି କର୍ମୀ ଓରାମ ବିଜେତା ହୋଇଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ଓ ଅତିରିକ୍ତ କୋଷାଗାର ଅଧିକାରୀ ମଧୁସ୍ମିତା ପରିଜା ଉପ ବିଜେତା ହୋଇଥିଲେ । କୃତୀ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ମଧୁସୂଦନ ଦାଶ, ଆରକ୍ଷୀ ଅଧିକ୍ଷକ ଜି. ଆର. ରାଘବେନ୍ଦ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ରମି ସୋରେନ ପ୍ରମୁଖ ପୁରସ୍କୃତ କରିଥିଲେ । ଶିବପ୍ରସାଦ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

ବୌଦ୍ଧ-ନୟାଗଡ଼ ଜିଲ୍ଲାକୁ ସଂଯୋଗ କରୁଥିବା ରାସ୍ତା ମରଣଯନ୍ତା

ବିକାଶର ଗତି ତଳମୁହାଁ

ବୌଦ୍ଧ, ୨୦।୭ (ସମିସ): ବିକାଶରେ ବଣପାହାଡ଼ ସହ ରାସ୍ତା ବାଧକ ସାଜିଛି । ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଉପାନ୍ତ ଭାବପୁର ଛକଠାରୁ ଗେରିଡି ସାହି ପ୍ରାୟ ୧୦ କିଲୋମିଟର ରାସ୍ତା ଏବେ ମରଣ ଯନ୍ତା ପାଲଟିଛି ।

ଏହି ରାସ୍ତା ଖାଲଖମା ସହ କାଦୁଅ ପଚ ପଚ ରାସ୍ତା । ଏଣୁ ଚାଲି ଚାଲି ଯିବା ମଧ୍ୟ ଅସମ୍ଭବ । ଏହି ରାସ୍ତା ଉପରେ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ୧୪ଖଣ୍ଡ ଗ୍ରାମର ଜଙ୍ଗଲ ଅଧିବାସୀ ନିର୍ଭର କରନ୍ତି । ପ୍ରତ୍ୟକ ଦିନ କୁସଙ୍ଗ ବଜାରକୁ ଏହି ରାସ୍ତା ଦେଇ ଲୋକେ ନିତ୍ୟ ବ୍ୟବହାର୍ଯ୍ୟ ଚାଉଳ, ଡାଲି, ଲୁଣ, ତେଲ ପାଇଁ ଯାଇଥାନ୍ତି । ଏହାସହ ବ୍ୟାଙ୍କ, ସ୍କୁଲକଲେଜ ସହ ପଞ୍ଚାୟତ, ଚାରିଛକ ବ୍ଲକ, ଥାନାକୁ ଯିବାକୁ ଏହି ରାସ୍ତା ମାଧ୍ୟମ । ଅବଶ୍ୟ ନୂତନ ସରକାର ଆସିଲା ପରେ ଏହିରାସ୍ତା କୁଜି ନେତା ମାନଙ୍କ ଭାତ ହାଣ୍ଡି ସାଜିଛି । ତେବେ ଏହି ରାସ୍ତା ବୌଦ୍ଧ ଜିଲ୍ଲାରୁ ନୟାଗଡ଼ ଜିଲ୍ଲାକୁ ସଂଯୋଗ କରୁଛି । ଏଣୁ ଏହାର ଢେର ଗୁରୁତ୍ୱ ରହିଛି । ପ୍ରତିଦିନ ଶହ ଶହ ଗାଡି ଏହି ରାସ୍ତା ଦେଇ ଯିବା ଆସିବା କରୁଛି । ଆଜି ପର୍ଯ୍ୟନ୍ତ କିନ୍ତୁ ରାସ୍ତା ଅବସ୍ଥା ସୁଧୁରିଲାନି । ଅନ୍ୟପଟେ ଏହିରାସ୍ତା

ସୁଧୁରୁନି ବନବାସୀଙ୍କ ସମସ୍ୟା

ଦେଇ ବ୍ଲକର ଭାବପୁର, ମୁତୁରି ବଣିଆଁ, ହାତୀଗଡ଼, ଘୁଙ୍ଗୁରୁପଡ଼ା, ନୂଆପଡ଼ା, ସେମିଗୁଡା, ପଦ୍ମତୋଳା, ଧୂବାସାହି, ଶ୍ରୀପାଙ୍କୁ, ତଇଲା ସାହି, ଗେରିଡିସାହି, ବାଙ୍କଝରି, ଦୁଇସିଙ୍ଗ ଭଳି ଗ୍ରାମବାସୀ ଚଳ ପ୍ରଚଳ କରୁଛନ୍ତି । ସ୍ୱାଧୀନତାର ୭୬ ବର୍ଷ ପରେ ବି ରାସ୍ତା ସମସ୍ୟା ସୁଧୁରୁନାହିଁ ବୋଲି ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି । ତୁରନ୍ତ ରାସ୍ତା ସମସ୍ୟା ସମାଧାନ ନ କଲେ ରାସ୍ତାରୋକ କରିବା ପାଇଁ ଗୋରେଖ ବେହେରା, ପ୍ରଦୀପ ଗୁରୁ, ବସନ୍ତ କହ୍ନର, ସୁଧୀର ସାମଲ, ଜୟନ୍ତ ଦେହୁରୀ, ନାରଣ ଦେହୁରୀ, ଜନକ ବେହେରା, ରାଜୀବ ଧଳ ପ୍ରଦୀପ ସାହୁ, ସୁମନ୍ତ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି । ତେବେ ଏହି ରାସ୍ତା ଭଳି ହରଭଙ୍ଗା ବ୍ଲକର ଅଧିକାଂଶ ଗ୍ରାମରେ ରାସ୍ତା ସମସ୍ୟା ଲାଗି ରହିଛି । ବର୍ଷାଦିନ ଆସିଲେ ଲୋକଙ୍କ ସମସ୍ୟା ବଢ଼ିଯାଉଛି । କାଦୁଅ ପଚ ପଚ ଯୋଗୁଁ ଯିବା ଆସିବା ପାଇଁ ଲୋକେ ବହୁତ ସମସ୍ୟାରେ ପଡୁଛନ୍ତି । ଧର୍ମନଗର, ବିଶିପାଲି, ବାଲିପଟା ସାହି, ସୁରୁଣ୍ଡୀ ସାହି ରାସ୍ତା ସମତେ ୫୦ରୁ ଅଧିକ ଗାଁର ରାସ୍ତା ଅତି ଦୟନୀୟ ଅବସ୍ଥାରେ ଅଛି । ତେବେ ଏ ବାବଦରେ ହରଭଙ୍ଗା ବିଡିଓ ଶରଚ୍ଚନ୍ଦ୍ର ସେଠିଙ୍କୁ ପଚାରିବାରୁ ଏ ବାବଦରେ ପ୍ରଶାସନ ଅବଗତ ଅଛି । ଖୁବ ଶୀଘ୍ର ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

ସାହାଣି କପ୍ ଫୁଟ୍‌ବଲ୍ ପଞ୍ଚମ ଦିନ

ବଲାଙ୍ଗୀର ବିଜୟୀ: ବୌଦ୍ଧ-କନ୍ଧମାଳ ମ୍ୟାଚ୍ ଡ୍ର

ବୌଦ୍ଧ, ୨୦।୭ (ସମିସ)

ବୌଦ୍ଧ ଜୋନସ୍ତରୀୟ ୬୪ତମ ଆନ୍ତଃ ଜିଲ୍ଲା ସାହାଣି କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ପଞ୍ଚମ ଦିନରେ ଗ୍ରୁପ 'ବି'ର ପ୍ରଥମ ମ୍ୟାଚ ନୂଆପଡ଼ା ଓ ବଲାଙ୍ଗୀର ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗୀର ଦଳ ୩-୧ ଗୋଲ୍‌ରେ ବିଜୟୀ ହୋଇଛି । ପ୍ରଥମାର୍ଦ୍ଧରେ ଖେଳ ଆରମ୍ଭର ୨ମିନିଟରେ ବଲାଙ୍ଗୀରର ପ୍ରଭାକର ମାଝୀ ଗୋଟିଏ ଓ ନୂଆପଡ଼ାର ବଳଭଦ୍ର ମାଝୀ ୪୦ ମିନିଟରେ ଗୋଟିଏ ଗୋଲ୍ ଦେଇ ଖେଳକୁ ସମାନ୍ତର ରଖିଥିଲେ । ଦ୍ୱିତୀୟାର୍ଦ୍ଧରେ ଖେଳର ୯୦ ମିନିଟରେ ବଲାଙ୍ଗୀରର ସମ୍ବିତ ନାଏକ ଗୋଟିଏ ଓ ନରେଶ ଧାନ୍ ଗୋଟିଏ ଗୋଲ୍ କରି ଦଳକୁ ବିଜୟୀ କରିଥିଲେ । ପ୍ରଥମ ମ୍ୟାଚରେ ମୁଖ୍ୟ ରେଫରୀ ଭାବେ ସଲୀଳ ବେହେରା ମ୍ୟାଚ ପରିଚାଳନା କରିଥିବା ବେଳେ ଲାଇନରେ ସୂର୍ଯ୍ୟ ନାରାୟଣ ମିର୍ଦ୍ଧା ଓ ଅମିତ ନାଏକ ସହାୟତା କରିଥିଲେ । ଚତୁର୍ଥ ରେଫରୀ ଭାବେ ଜିତେନ୍ଦ୍ରୀୟ ଥନାପତି ଦାୟିତ୍ୱ ତୁଲାଇଥିଲେ । ବଲାଙ୍ଗୀର ଦଳର ସମ୍ବିତ ନାୟକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚ ବୌଦ୍ଧ ଓ କନ୍ଧମାଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ମ୍ୟାଚ ସଂଘର୍ଷପୂର୍ଣ୍ଣ ଥିବାବେଳେ ଖେଳ ଶେଷସୁଦ୍ଧା କେହି କାହାରିକୁ ଗୋଲ୍ ଦେଇ ନ ଥିଲେ । ଏହା ଫଳରେ ଉଭୟ ଦଳକୁ ୧-୧ ପଏଣ୍ଟ ଦିଆଯାଇଥିଲା । ଦ୍ୱିତୀୟ ମ୍ୟାଚରେ ଅତିଥି ଭାବେ ଚାଟାର୍ଡ ଆକାଉଣ୍ଟାଣ୍ଟ ସୁନ୍ଦର ପ୍ରକାଶ ଅଗ୍ରୱାଲ, ଜିଲ୍ଲା ଉନ୍ନୟନ ପରିଷଦର ସଭାପତି ଚିତ୍ତ ରଞ୍ଜନ ଦାଶ, କନ୍ଧମାଳ ଜିଲ୍ଲା ଆଥ୍‌ଲେଟିକ ଆସୋସିଏସନ ସମ୍ପାଦକ ଶିବ ପ୍ରସାଦ ତ୍ରିପାଠୀ, ଡେପୁଟି କଲେକ୍ଟର ଶୁଭେନ୍ଦୁ ଜେନା ଯୋଗ ଦେଇଥିଲେ । ଦ୍ୱିତୀୟ ମ୍ୟାଚକୁ ମୁଖ୍ୟ ରେଫରୀ ଭାବେ ମନୋଜ ନାଏକ ପରିଚାଳନା କରିଥିବା ବେଳେ ଲାଇନରେ ସୋମନାଥ ମୁର୍ମୁ ଓ ଧନେଶ୍ୱର ସର୍ଦ୍ଦାର ସହାୟତା କରିଥିଲେ । ସେହିପରି ଚତୁର୍ଥ ରେଫରୀ ଭାବେ ସଞ୍ଜନ କୁଦେଇ ଦାୟିତ୍ୱ ତୁଲାଇଥିଲେ । ମ୍ୟାନ ଅଫ୍ ଦି ମ୍ୟାଚ ଭାବେ କନ୍ଧମାଳର ହରିଶଙ୍କର ନାଏକଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା । ଉଭୟ ମ୍ୟାଚକୁ ମ୍ୟାଚ କମିଶନର ଭାବେ ଦୁର୍ଗାମାଧବ ନାୟକ ପରିଚାଳନା କରିଥିଲେ ।

୭୫ ଚେସ୍ ଖେଳାଳି ସମ୍ବର୍ଦ୍ଧିତ

ବୌଦ୍ଧ, ୨୦।୭ (ସମିସ): ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲରେ ଅନ୍ତର୍ଜାତୀୟ ଚେସ୍ ଦିବସ ପାଳିତ ହୋଇଛି । ବୌଦ୍ଧ ଜିଲ୍ଲା ଚେସ ଆସୋସିଏସନ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅଲ ଓଡ଼ିଶା ଚେସ ଆସୋସିଏସନ ଉପ ସଭାପତି ତଥା ବୌଦ୍ଧ ଜିଲ୍ଲା ଚେସ ଆସୋସିଏସନ ସମ୍ପାଦକ ଶଙ୍କର ପ୍ରସାଦ ମିଶ୍ରଙ୍କ ପୌରାହିତ୍ୟରେ ପାଳିତ ହୋଇଥିଲା । ଏହି ଅବସରରେ ଚଳିତ ମାସ ୧୫ରୁ ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲରେ ଆୟୋଜିତ ହୋଇଥିବା ଚେସ୍ କୋଚିଂ କ୍ୟାମ୍ପ ସମାପନ ହୋଇଛି । କ୍ୟାମ୍ପରେ ଭାଗ ନେଇଥିବା ବିଦ୍ୟାଳୟର ୪୦ ଜଣ ଛାତ୍ରୀ ଏବଂ ୩୫ ଜଣ ଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଦୈନିକ ହୀରାଞ୍ଚଳର ସମ୍ପାଦକ ଯୁଗଳ କିଶୋର ସାମଲ, ସହକାରୀ ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ରୁର ଯାନୀ, ସେଣ୍ଟ ଜାଭିୟର ପବ୍ଲିକ ସ୍କୁଲର ଅଧ୍ୟକ୍ଷା ସସ୍ମିତା ସେନାପତି, ବୌଦ୍ଧ ଜିଲ୍ଲା ଚେସ ଆସୋସିଏସନର ସଭାପତି ରଜନୀକାନ୍ତ ଦାଶ, ବୌଦ୍ଧ ଜିଲ୍ଲା ଚେସ ଆସୋସିଏସନ କୋଷାଧ୍ୟକ୍ଷ ନିରୋଜ ମେହେର ଯୋଗ ଦେଇଥିଲେ । ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲ ଶିକ୍ଷୟିତ୍ରୀ ଅନିଶା ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଥିଲେ । ଆୟୁଷ ଅଙ୍କିତ ଦାନୀ ସହଯୋଗ କରିଥିଲେ । ପୂର୍ବତନ ଚେସ ଖେଳାଳି ରଜନୀକାନ୍ତ ଦାଶ ଏବଂ ଚେସ କୋଚ ସନ୍ତୋଷ ସାହୁଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ଅଗଷ୍ଟ ୧୪ରୁ ୧୮ ତାରିଖ ପର୍ଯ୍ୟନ୍ତ ବୌଦ୍ଧ ସେଣ୍ଟ ଜାଭିଅର ପବ୍ଲିକ ସ୍କୁଲରେ ୬୫ ତମ ଷ୍ଟେଟ ସିନିଅର ଫିଡେ ରେଟିଂ ଚେସ ଚାମ୍ପିୟନସିପ-୨୦୨୫ ଅନୁଷ୍ଠିତ ହେବ ବୋଲି ରାଜ୍ୟ ଉପ ସଭାପତି ଶଙ୍କର ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି; ଯେଉଁଥିରେ ୧ ଲକ୍ଷ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ।

ଅବିଭକ୍ତ କୋରାପୁଟ ଜିଲ୍ଲା ଗୃହରକ୍ଷୀ ସଂଘ ବୈଠକ

କୋରାପୁଟ,୨୦।୭ (ସମିସ): ଜୟପୁରପାୱାରହାଉସସମ୍ମିଳନୀଗୃହଠାରେଅବିଭକ୍ତ କୋରାପୁଟ ଜିଲ୍ଲା ଗୃହରକ୍ଷୀ ସଂଗଠନର ପ୍ରଥମ ବୈଠକ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିବା ଜଣାପଡିଛି । ନିର୍ମଳ ବାଘଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିବା ବେଳେ ସଂପାଦକ ଭାବେ କୃଷ୍ଣ ଖିଲଙ୍କୁ ମନୋନୀତ ହୋଇଛନ୍ତି । ଅନ୍ୟ କର୍ମକର୍ତ୍ତାମାନେ ହେଲେ ଗୌରୀ ଜେନା,ଉପସଭାପତି,ତ୍ରିନାଥ ନାୟକ. ଯୁଗ୍ମ ସମ୍ପାଦକ, ତପନ ରଥ, କୋଷାଧ୍ୟକ୍ଷ ଏବଂ ମହେନ୍ଦ୍ର ବିଶୋଇ, ଯୁଗ୍ମ କୋଷାଧ୍ୟକ୍ଷ । ଆଇନଜୀବୀ ମୋତି ରଞ୍ଜନ ବେହେରାଙ୍କୁ ଆଇନ ଉପଦେଷ୍ଟା ଭାବେ ମନୋନୀତ କରାଯାଇଥିବା ଜଣାପଡିଛି। ଏହି କାର୍ଯ୍ୟକ୍ରମରେ ପୂର୍ଣ୍ଣଚନ୍ଦ୍ର ପାଇକ ଓ ଅର୍ଜୁନ ନାୟକ ଯୋଗଦେଇ ପରିଚାଳନା କରିଥିଲେ।

କୌଳିକ ବୃତ୍ତି ବଞ୍ଚାଇ ରଖିଛନ୍ତି ମେଦ୍ରୀସାହି ବାସିନ୍ଦା

ରୋଜଗାର ଯୋଗାଉଛି ବାଉଁଶ ସାମଗ୍ରୀ

ମାଲକାନଗିରି, ୨୦।୭ (ସମିସ): ଯୁଗ ଥିଲା ଲୋକେ ଜଙ୍ଗଲରୁ କାଠ ବାଉଁଶ ସଂଗ୍ରହ କରି ନିଜର ଜୀବନ ଜୀବିକା ନିର୍ବାହ କରୁଥିଲେ। ଏପରିକି ଏହି ସାମଗ୍ରୀ ସବୁ ଲୋକଙ୍କ ଘର କରଣା ଉପକରଣ ଓ ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମୟରେ ନିତ୍ୟ ବ୍ୟବାହରରେ ଲଗାଉଥିଲେ। ବର୍ତ୍ତମାନ କିନ୍ତୁ ଯୁଗ ବଦଳିଛି। ପ୍ଲାଷ୍ଟିକ ଓ ଲୁହା ସାମଗ୍ରୀ ଏହି ଜଙ୍ଗଲ ଜାତ କାଠ ବାଉଁଶର ସ୍ଥାନ ନେବାରେ ଲାଗିଛି। ବାଉଁଶରୁ ସାମଗ୍ରୀ ତିଆରି ବୃତ୍ତି ଲୋକଙ୍କୁ ପୂବରୁ ଭଲ ରୋଜଗାର ଯୋଗାଇ ଆସୁଥିବା ବେଳେ ବର୍ତ୍ତମାନ କିନ୍ତୁ ଏହାର ଚାହିଦା କମୁଥିବାରୁ ଅନେକ ଏହି ବୃତ୍ତିକୁ ଛାଡି ଦେଇଛନ୍ତି। ଏହାରି ମଧ୍ୟରେ କିଛି ପରିବାର ଆଜି ବି ଏହାକୁ ନିଜର କୌଳିକ ବୃତ୍ତି ଭାବେ ବଞ୍ଚାଇ ରଖିଥିବା ସହ ଲୋକଙ୍କ ବାଉଁଶ ସାମଗ୍ରୀର ଆବଶ୍ୟକତାକୁ ପୂରଣ କରୁଥିଲେ। ହେଲେ ଏହି ବୃତ୍ତିରେ ପୂର୍ବପରି ଆଉ ବିଶେଷ ରୋଜଗାର ନଥିବା ଏବଂ ବାଉଁଶ ମିଳିବା ମଧ୍ୟ କଷ୍ଟକର ହୋଇ ପଡିଥିବା କହିଛନ୍ତି। ଏହି ବାଉଁଶ ବୃତ୍ତିକୁ ବଞ୍ଚାଇ ରଖିଥିବା କିଛି ପରିବାର ମାଲକାନଗିରି ସହରରେ ରହିଥିବା ଜାତୀୟ ରାଜପଥ ମେଦ୍ରୀ ସାହିରେ ରହି ଆଜି ମଧ୍ୟ ଏହାକୁ ନିଜର ମୁଖ୍ୟ ବୃତ୍ତି ଭାବେ କାର୍ଯ୍ୟ କରି ଆସୁଛନ୍ତି। ଦୀର୍ଘ ୫୦ ବର୍ଷରୁ ଅଧିକ ସମୟ ଧରି ପ୍ରାୟ ୨୨ଟି ମେଦ୍ରୀ ସଂପ୍ରଦାୟର ପରିବାର ଏଠାରେ ବସବାସ କରୁଥିବା ସହ ନିଜର କୌଳିକ ବୃତ୍ତି ବାଉଁଶରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ନିଜ ପରିବାର ପ୍ରତିପୋଷଣ କରିଆସୁଛନ୍ତି। ଏମାନେ ପୂର୍ବରୁ ସହଜରେ ବାଉଁଶ ପାଉଥିବା ବେଳେ ବର୍ତ୍ତମାନ ଗାଁକୁ ଗାଁ ବୁଲି କିମ୍ବା ଆଖପାଖ ଅଞ୍ଚଳରେ ଥିବା ବାଉଁଶ ଗଛକୁ କିଣିଥାନ୍ତି। ପରେ ପରିବାର ଲୋକ ମିଶି ବାଉଁଶ ଗଛକୁ ଛୋଟ ଛୋଟ ଆକାରରେ କାଟି କୌଶଳକ୍ରମେ ଛୋଟ ବଡ଼

କଟା ବାଉଁଶରେ ବିଭିନ୍ନ ପ୍ରକାର ସାମଗ୍ରୀ, ଯଥା ପାଛିଆ, ଡାଲା, ଚାଞ୍ଚ, ଧାନ, ଚାଉଳ ରଖିବା ପାଇଁ ବଡ଼ ବଡ଼ ଡଲି ପ୍ରସ୍ତୁତ କରି ନିକଟସ୍ଥ ବଜାରରେ ବିକ୍ରି କରି ରୋଜଗାର କରିଥାନ୍ତି। ବିଶେଷ କରି ବର୍ଷକର ଧାନକୁ ସୁରକ୍ଷିତ ରଖିବା ପାଇଁ ବାଉଁଶରେ ତିଆରି ପାଲ, କୃଷିଜାତୀୟ ଦ୍ରବ୍ୟ ସାଇତି ରଖିବା ପାଇଁ ଟପଲି, କୁଲା ଭଳି ବାଉଁଶ ସାମଗ୍ରୀ ତିଆରି କରିଥାନ୍ତି। ସେହିପରି ମାଛ ଧରିବା ପାଇଁ ବିସର, ଦାନ୍ଦର, ଥାପା ଏବଂ ଘରେ ବ୍ୟବହାର ପାଇଁ ଝାଡୁ, ଛପା ଭଳି ସାମଗ୍ରୀ ବଜାରରେ ବିକ୍ରି କରୁଛନ୍ତି। ବର୍ତ୍ତମାନ ଏହି ପରିବାର ପାଇଁ ବଡ ସମସ୍ୟା ବାଉଁଶ। ବ ବାଉଁଶ ଠିକ ଭାବେ ମିଳୁନାହିଁ ବୋଲି ସେମାନେ ପ୍ରକାଶ କରିଛନ୍ତି। ଗୋଟିଏ ବାଉଁଶର ମୂଲ୍ୟ ୨୦୦ଟଙ୍କାରେ କିଣିବାକୁ ପଡୁଛି। ମହରଗ ବେଳେ ବହୁ କଷ୍ଟରେ ବାଉଁଶ ସାମଗ୍ରୀ ନିର୍ମାଣ କରି ପରିବାର ଚଳାଉଛନ୍ତି ବୋଲି ମେଦ୍ରୀ ସାହିର ବୃଦ୍ଧ କେ.ସୋମେଶ, କେ ପାପା ରାଓ, ଜି ଚିନ୍ନା, କେ.ଅରୁଣା, କେ ସୁରି ପ୍ରମୁଖ ପ୍ରକାଶ କରିଛନ୍ତି। ଏହି ମେଦ୍ରୀ ସାହିର ୨୨ଟି ପରିବାର ବିନା ସରକାରୀ ସାହାଯ୍ୟରେ ନିଜ କୌଳିକ ବୃତ୍ତିକୁ ବଞ୍ଚାଇ ରଖିଛନ୍ତି। ନାନା ସମସ୍ୟା ମଧ୍ୟରେ ଚଳି ଆସୁଥିବା ଏହି ପରିବାରଙ୍କୁ ସରକାରଙ୍କ ପକ୍ଷରୁ କେବଳ ରାସନ କାର୍ଡ ଛାଡି ଦେଲେ, ଅନ୍ୟ କିଛି ବିଶେଷ ସୁବିଧା ସୁଯୋଗ ମିଳୁନାହିଁ ବୋଲି ଅଭିଯୋଗ କରିଛନ୍ତି। ଆବାସ ଗୃହ, ଘରବାରି ପଟା ନଥିବାରୁ ଋଣ କିମ୍ବା ଅନ୍ୟାନ୍ୟ ସରକାରୀ ଯୋଜନାରେ ସାମିଲ ହୋଇପାରୁ ନାହାନ୍ତି ବୋଲି ସେମାନେ ପ୍ରକାଶ କରିଛନ୍ତି। ଏହି କୌଳିକ ବୃତ୍ତିକୁ ବଞ୍ଚାଇ ରଖିବା ପାଇଁ ସରକାରୀ ସ୍ତରରେ ପ୍ରୋତ୍ସାହନର ଆବଶ୍ୟକତା ରହିଥିବା ବୁଦ୍ଧିଜୀବୀ ମାନେ ପ୍ରକାଶ କରିଛନ୍ତି।

କାର୍ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ଅନୁକମ୍ପା ରାଶି ଘୋଷଣା

କୋରାପୁଟ,୨୦।୭ (ସମିସ): ଶନିବାର ବିଳମ୍ବିତ ରାତିରେ ସୁନାବେଡା ଟିଟିଏସ ମୁଖ୍ୟ ଗେଟ୍ ନିକଟରେ ଘଟିଥିବା କାର ଦୁର୍ଘଟଣାରେ ମୃତ ଯୁବକ ମାନଙ୍କ ପରିବାର ପ୍ରତ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମବେଦନା ଜଣାଇବା ସହ ଅନୁକମ୍ପା ସହାୟତା ରାଶି ଘୋଷଣା କରିଛନ୍ତି। ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ ସହ ଆହତଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ନେଇ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ସତ୍ୟସାଇ ସେବା ସମିତିର ରକ୍ତଦାନ ଶିବିର

ସେମିଳିଗୁଡ଼ା,୨୦।୭ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସତ୍ୟସାଇ ସେବା ସମିତିର ସଦସ୍ୟମାନେ ସତ୍ୟସାଇ ବାବାଙ୍କ ଶତ ବାର୍ଷିକୀ ଉପଲକ୍ଷେ ପ୍ରେମ ସଂଜୀବନୀ ରକ୍ତଦାନ ଶିବିରର ଆୟୋଜନ କରିଥିଲେ। ଏହି ଶିବିରରେ ଜିଲ୍ଲା ସଭାପତି ମାର୍କଣ୍ଡେୟ ସରାଫ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏମ.ମହାଦେବ କୁମାର ଏହାର ଆବାହକ ଥିଲେ। ସେବାଦଳର ସମସ୍ତ ଭାଇ ଓ ଭଉଣୀ, ସାଇ ଭକ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।ମୋଟ ୫୬ ୟୁନିଟ ରକ୍ତସଂଗ୍ରହ ହୋଇଥିଲା।୩ସାଇ ପରିବାର ଦମ୍ପତ୍ତି ରକ୍ତଦାନ କରିଥିଲେ।ସେମାନେ ହେଲେ ପ୍ରଶାନ୍ତ କୁମାର ସାହୁ ଓ ପିଙ୍କି ସାହୁ,ଏମ.ନରେନ୍ଦ୍ର କୁମାର ଓ ଏମ.ସ୍ୱର୍ଣ୍ଣ, ଏମ.ରାଜେଶ ଓ ଏମ.ଶିବାନୀ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ରକ୍ତଦାତା ଏବଂ ପ୍ରବର୍ତ୍ତକ ଫୋରମ୍ ସଭାପତି ଜି.ସଂଜୀବ କୁମାର, ସାଧାରଣ ସମ୍ପାଦକ ଶେଖ ଇବ୍ରାହିମ , ସମାଜସେବୀ ଡକ୍ଟର ଚିତ୍ତରଞ୍ଜନ ମିଶ୍ର, ସ୍ନିଗ୍ଧାରାଣୀ ମିଶ୍ର, ବିଜୟ ସାହୁ, ଉମାଶଙ୍କର ପାତ୍ର, ନରେଶ ସାହୁ,ଚିନ୍ତାମଣି ପୃଷ୍ଟି, ଆନନ୍ଦ ମୌଳୀ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟର ରକ୍ତ କେନ୍ଦ୍ରର ରଞ୍ଜିତ ସାହୁ ଓ ଅନ୍ୟ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ।

● ପାଣି ନିଷ୍କାସନରେ ଅବ୍ୟବସ୍ଥା

ଘରେ ଜମୁଛି ଆଣ୍ଠୁଏ ଉଚ୍ଚର ପାଣି

ଦଦରା ଘରେ ମୁଣ୍ଡ ଗୁଞ୍ଜିଛନ୍ତି ଏକାଧିକ ପରିବାର

ତେନ୍ତୁଳିଖୁଣ୍ଟି ୨୦।୭ (ସମିସ)

ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଖାତିଗୁଡା ବଜାର ମଝି ବସ୍ତି ବାସିନ୍ଦାଙ୍କ ଦୁର୍ଦ୍ଦଶା ବଢ଼ାଉଛି ବର୍ଷା ଜଳ। ଡ୍ରେନେଜ ସଫେଇ ପ୍ରତି ପ୍ରଶାସନର ଅଣଦେଖା ପାଇଁ ବସ୍ତିବାସିନ୍ଦାଙ୍କ ଘରେ ପଶୁଛି ବର୍ଷା ପାଣି। ଯାହାକୁ ନେଇ ବସ୍ତିବାସିନ୍ଦାଙ୍କ ଜୀବନଯାପନ କଷ୍ଟକର ହୋଇପଡୁଛି। ଖାଲି ସେତିକି ନୁହେଁ, ସରକାର ପ୍ରତି ପରିବାର ମୁଣ୍ଡରେ ପକ୍କା ଘର ଯୋଗାଇ ଦେବା ପାଇଁ ଦେଉଥିବା ନାରା ଏହି ବସ୍ତିରେ ରହୁଥିବା ଏକାଧିକ ପରିବାର ପାଇଁ କେବଳ ଘୋଷଣାରେ ସୀମିତ ହୋଇଛି। ମାଟି ଘରେ ବର୍ଷା ପାଣି ପ୍ରବେଶ ପାଇଁ ଘର କାନ୍ଥ ଫାଟି ଆଁ କରିଥିବା ବେଳେ ବିପଦପୂର୍ଣ୍ଣ ଭାବରେ ଦଦରା ଘରେ ମୁଣ୍ଡ ଗୁଞ୍ଜିଛନ୍ତି ଅଇତା ହରିଜନଙ୍କ ପରିବାର। ସେହିଭଳି ଗୀତା ହରିଜନ, ବିଲକିସ ବାନୁ, ବିମଳା ହରିଜନଙ୍କ ପରିବାର ମଧ୍ୟ ବର୍ଷା ହେଲେ ଦୁର୍ଦ୍ଦଶା ଭୋଗୁଛନ୍ତି। ଏମାନଙ୍କ ପାଇଁ ପକ୍କା ଘର ନିତ୍ୟାନ୍ତ ଆବଶ୍ୟକ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଆବାସ ଖଣ୍ଡେ ସାତ ସପନ ହୋଇଛି। ବର୍ଷା ସମୟରେ ଘରୁ ବାହାରିବାକୁ ହେଲେ ଆଣ୍ଠୁଏ ଉଚ୍ଚର ପାଣି ଦେଇ ବାହାରିବାକୁ ପଡୁଛି । ଘରେ ପାଣି ଜମିଯାଉଥିବାରୁ ରୋଷେଇ କରି ନପାରି ଭୋକ ଉପାସରେ ରାତି

କାଟୁଥିବା କହିଛନ୍ତି ବସ୍ତି ବାସିନ୍ଦା। ଘରେ ଏବଂ ବାହାରେ ବର୍ଷା ପାଣି ଜମି ରହୁଥିବାରୁ ଲୋକେ ସ୍ୱାସ୍ଥ୍ୟଗତ ସମସ୍ୟା ଭୋଗୁଥିବା ଅଭିଯୋଗ ହେଉଛି। ଏନେଇ ନିର୍ବାଚିତ ଲୋକ ପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ସରକାରୀ ବାବୁମାନଙ୍କ ନିକଟରେ ଗୁହାରି କଲେ ସୁଦ୍ଧା କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ କରିଛନ୍ତି ବସ୍ତି ବାସିନ୍ଦା। ଉଭୟ ବ୍ଲକ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଲୋକଙ୍କ ଜୀବନଯାପନ ସ୍ୱାଭାବିକ କରିବା ପାଇଁ ଦାବି ହେଉଛି।

ଆଧାର କାର୍ଡ ନଥିବାରୁ ଉଚ୍ଚଶିକ୍ଷାରୁ ବଞ୍ଚିତ ଦୁଇ ଭଉଣୀ

ପୋଡ଼ାଗଡ ୨୦।୭ (ସମିସ): କୋରାପୁଟ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମାସ୍ତିପୁଟ ପଞ୍ଚାୟତର ବଙ୍ଗଳଗୁଡ଼ା ଗ୍ରାମରେ ଆଧାର କାର୍ଡ ନଥିବାରୁ ଦୁଇ ଭଉଣୀ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଗ୍ରାମର ଦିଲ୍ଲିପ ଖୋସ୍ଲା ବଡ଼ ଝିଅ ସସ୍ମିତା ଖୋସଲା ବୟସ(୧୬)ଦେବୀ ଘାଟ ଉଚ୍ଚ ବିଦ୍ୟାଳୟରୁ୨୦୨୪ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ପାସ କରି ଥିଲେ। ଉଚ୍ଚ ଶିକ୍ଷା ପାଇଁ ଇଚ୍ଛା ଥିଲେ ମଧ୍ୟ ଆଧାର କାର୍ଡ ନଥିବାରୁ କଲେଜରେ ଯୋଗ ଦେଇପାରିନାହିଁ। ସାନ ଝିଅ ଲୋଭଲି ଖୋସଲା ବୟସ (୧୪) ଲେନ୍ଦ୍ରୀମାଲିଗୁଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ୨୦୨୪ମସିହାରେ ଅଷ୍ଟମ ଶ୍ରେଣୀରେ ପାସ କରି ଥିଲେ। ଉଚ୍ଚ ନବମ ଶ୍ରେଣୀ ନିମନ୍ତେ ପୋଡ଼ା ଗଡ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନାମଲେଖା ପାଇଁ ଯାଇଥିଲେ। କିନ୍ତୁ ଆଧାର କାର୍ଡ ନଥିବାରୁ ନାମଲେଖା ହୋଇ ପାରିନଥିଲା। ବର୍ତ୍ତମାନ ଦୁଇ ଭଉଣୀଙ୍କ ପାଠ ପଢିବା ପାଇଁ ଇଚ୍ଛା ଥିଲେ ସୁଦ୍ଧା ଆଧାର ନଥିବାରୁ ବାଧ ହୋଇ କୁଲିକମ କରିବା ସହ ଘର କାମରେ ମା'ଙ୍କୁ ସାହାଯ୍ୟ କରୁଥିବା ଦେଖାଦେଇଛି। ଏହି ବିଷୟରେ ଦୁଇ ଝିଅ ଙ୍କ ବାପା ମା ଙ୍କୁ ଓ ଗ୍ରାମ ବାସୀ ମାନଙ୍କୁ ପଚାରିବାରୁ କହିଛନ୍ତି

ଯେ ଥରେ ଆଧାର କାର୍ଡ ପାଇଁ ଫୋଟ ଉଠାଇ ଥିଲେ। କିନ୍ତୁ ଉକ୍ତ କାଗଜ ହଜି ଯାଇଥିବାରୁ ଏବେ ଯେତେ ଥର ଉଠାଇଲେ ମଧ୍ୟ ଆସୁନଥିବା କହଛନ୍ତି। ଏନେଇ ଥରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିରରେ ଦୃଷ୍ଟି ଆକର୍ଷଣ କରିଥିବା ପରିବାର ବର୍ଗ କହିଛନ୍ତି। ପରିବାର ଗରିବ ହେତୁ ବାରମ୍ବାର ଆଧାର ନିମନ୍ତେ ଯିବା ଆସିବା ପାଇଁ ସକ୍ଷମ ନଥିବା ଦୁଇ ଝିଅଙ୍କ ବାପା କହିଛନ୍ତି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଲେ ଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।



ବର୍ଣ୍ଣମାଳା ଉଦ୍ୟାନ ଲୋକାର୍ପିତ

କୋଷାଗୁମୁଡ଼ା,୨୦।୭(ସମିସ): ଓଡ଼ଶାରେ ପ୍ରଥମ କରି ନବରଙ୍ଗପୁରରେ ତିଆରି ହୋଇଛି ଓଡ଼ିଆ ବର୍ଣ୍ଣମାଳା ଉଦ୍ୟାନ। ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକର କୋଡ଼ିଗାଁ ବନାଞ୍ଚଳ ଫର୍ଶାଗୁଡାରେ ୨୮ ଏକର କ୍ଷେତ୍ରଫଳରେ ନବ ନିର୍ମିତ ଏ ସୁନ୍ଦର ବର୍ଣ୍ଣମାଳା ଉଦ୍ୟାନ ଆଜି ଉଦ୍‌ଘାଟିତ ହୋଇଛି। ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏ ସୁନ୍ଦର ଉଦ୍ୟାନକୁ ଉଦଘାଟିତ କରିବା ସହ ଚାରାରୋପଣ କରିଛନ୍ତି। ପଞ୍ଚାୟତରାଜ୍ ମନ୍ତ୍ରୀ ଶ୍ରୀ ନାୟକ ଏହି ବର୍ଣ୍ଣମାଳା ଉଦ୍ୟାନ ମଧ୍ୟରେ ଏକ ଅମୃତ ସରୋବର, ୟୁରିନାଲ ଓ କଟେଜ ନିର୍ମାଣ ପାଇଁ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବନବିଭାଗର ଏକ ପୁସ୍ତକ ଉନ୍ମୋଚନ ହୋଇଯାଇଛି। ଏହି ଉଦ୍ୟାନ ଓଡ଼ିଆ ଅସ୍ମିତାର ଗୌରବ ବହନ କରିଛି। ଏ ଉଦ୍ୟାନରେ ବର୍ଣ୍ଣମାଳାର ଅ ଠାରୁ ଳ ପର୍ଯ୍ୟନ୍ତ ସମସ୍ତ ଅକ୍ଷରକୁ ନେଇ ଶ୍ରେଣୀ ଶ୍ରେଣୀ କରି ୧୨୦୦ ଚାରା ରୋପଣ ହୋଇଛି। ୬୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମିତ ଏହି ଉଦ୍ୟାନରେ ରହିଛି ଫଳ ବାଟିକା, ଫୁଲ ବାଟିକା, ଔଷଧ ବାଟିକା, ମସଲା ବାଟିକା ଭଳି ଅନେକ ବିଭାଗ ସମ୍ବନ୍ଧୀୟ ବାଟିକା। ଏହି ଉଦ୍ୟାନର ଅନ୍ୟ ଏକ ବିଶେଷତ୍ୱ ହେଉଛି ଭାରତର ମାନଚିତ୍ର ଏବଂ ମାନଚିତ୍ର ପ୍ରଦେଶ ଅନୁସାରେ ପ୍ରତ୍ୟେକ ପ୍ରଦେଶର ଚାରା ଆଉ ତାର ପରିଚୟ। ଯାହା ନିଶ୍ଚୟ ଭାବରେ ପରିଭ୍ରମଣରେ ଆସିଥିବା ପ୍ରତ୍ୟେକଙ୍କ ଭିତରେ ମାନସିକ ଶାନ୍ତି ପ୍ରଦାନ କରିବା ସହିତ ଜ୍ଞାନ ଓ ଶିକ୍ଷା ଦେବାରେ ସହାୟକ ହେବ। ଓଡ଼ିଆ ଭାଷା ଓ ସାହିତ୍ୟର ପରିଚୟକୁ ବଜାୟ ରଖିବ। ସେଭଳି ଏହି ଉଦ୍ୟାନରେ ବିଦେଶର ବିଭିନ୍ନ ଚାରାରୋପଣ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମ ବନ ବିଭାଗ ଆନୁକୂଲ୍ୟରେ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନନ୍ଦ, ଫରେଷ୍ଟର ପ୍ରଭାତ ବିଶୋଇ, ଉମାଶଙ୍କର ପାଣିଗ୍ରାହୀ, ରମେଶ ବିଶୋଇ ଓ ତାଙ୍କ ସହକର୍ମୀଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା। ଏହି ପରିପ୍ରେକ୍ଷୀରେ ପଞ୍ଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ ନାୟକ, ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ନରସିଂହ ଭତ୍ରା, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ସାଂସଦ ପ୍ରତିନିଧି କୁଞ୍ଜବିହାରୀ ଦାସ, ସୁରେଶ ପାତ୍ର, ଜିଲ୍ଲାପାଳ ଶୁଭଙ୍କର ମହାପାତ୍ର, ବିଡ଼ିଓ ଆଶିଷ ତ୍ରିପାଠୀ, ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ଭାଇସ ଚେୟାରମ୍ୟାନ ଯୋଗେନ୍ଦ୍ର ସ୍ୱାଇଁ, ଜିପିଡିଓ ଅଜିତ ନନ୍ଦ ,ଏଇ-ଅଶ୍ୱନୀ ପଟନାୟକ, ଏଇ ଅମରେଶ ନାୟକଙ୍କ ସହ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଦଳୀୟ ବିଜେପି କର୍ମୀ, ସ୍ଥାନୀୟ ଅଞ୍ଚଳର ଶତାଧିକ ଜନସାଧାରଣଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମଟି ସଫଳ ରୂପାୟନ ହୋଇଥିଲା।

ମହାବିଦ୍ୟାଳୟର ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧ ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ

ମୁନିଗୁଡ଼ା,୨୦।୭(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ବ୍ଲକ ଅମ୍ବାଦଳା ସାମନ୍ତ ମହାବିଦ୍ୟାଳୟର ପ୍ରତିଷ୍ଠାତା ସୀମାଞ୍ଚଳ ସାମନ୍ତଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସ୍ୱର୍ଗତ ସାମନ୍ତଙ୍କ ଜ୍ୟେଷ୍ଠ ପୁତ୍ର ରମେଶ ସାମନ୍ତଙ୍କ ଆୟୋଜନରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ କବିରାଜ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଥାନା ଅଧିକାରୀ କଳ୍ପନା ବେହେରା ଓ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ମ୍ୟାନେଜର ସୁରେଶ ନାୟକ ଯୋଗ ଦେଇଥିଲେ। ନିମନ୍ତ୍ରିତ ଅତିଥି ଭାବେ ସ୍ଥାନୀୟ ବିଜେପି ନେତା ଭିକାରୀ ନାହାକ, ସୀମାଞ୍ଚଳ ପାତ୍ର, ରବିନ୍ଦ୍ର ବିଶ୍ୱାଳ, ବୃନ୍ଦାବନ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବିଭିନ୍ନ ପ୍ରକାଶ ସାଂସ୍କୃତିକ କାର୍ଯ୍ୟକ୍ରମକୁ ନେଇ ପ୍ରତିଯୋଗିତା ହୋଇଥିଲା। ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସମସ୍ତ ଅତିଥି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ମାନଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ସ୍ୱର୍ଗତ ସୀମାଞ୍ଚଳ ସାମନ୍ତଙ୍କ ବଡ଼ବୋହୂ ଶର୍ମିଷ୍ଠା ସାମନ୍ତ ଉପସ୍ଥିତ ରହି ସହଯୋଗ କରିଥିଲେ। ଅଧ୍ୟାପକ ତପନ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ମନୋଜ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

ସେବକ ଦଳ ପକ୍ଷରୁ ବନମହୋତ୍ସବ

ସୁନାବେଡ଼ା,୨୦।୭ (ସମିସ): ସୁନାବେଡ଼ା ଥାନା ନିକଟରେ ବନାଞ୍ଚଳ ସେବକ ଦଳର ସମ୍ପାଦକ ତ୍ରିଲୋଚନ ବେହେରାଙ୍କ ନେତୃତ୍ୱରେ ୭୬ତମ ବନମହୋତ୍ସବ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଦିଲ୍ଲୀପ କୁମାର ଜେନା ଯୋଗ ଦେଇଥିଲେ। ସେବକ ଦଳ ପକ୍ଷରୁ ସୁନାବେଡ଼ା ଥାନା ପରିସରରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଥିଲା। ବୃକ୍ଷର ଉପକାରିତା ବିଷୟରେ ଓ ଏକକ ପ୍ଲାଷ୍ଟିକ ବ୍ୟବହାରର ପାରିଣାମ ବିଷୟରେ ଅତିଥିମାନେ କହିଥିଲେ। ସେବକ ଦଳର ସାଇମନ ସାଗର, ଭୁବନାନନ୍ଦ ମାଝୀ, ହେମନ୍ତ ଓ ଗୋବିନ୍ଦ ପାତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

ଦୈନିକ ଖବରକାଗଜ 'ସକାଳ' ଜୟପୁର ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଅଭିନନ୍ଦନ
ଜୟପୁର ଅବକାରୀ ବିଭାଗ
ଜୟପୁର, (ଜିଲ୍ଲା-କୋରାପୁଟ)

ଦୈନିକ ଖବରକାଗଜ 'ସକାଳ' ଜୟପୁର ସଂସ୍କରଣର ଚତୁର୍ଥ ସ୍ୱନକ୍ଷତ୍ର ଅବସରରେ ହାର୍ଦ୍ଦିକ ଅଭିନନ୍ଦନ

ଶ୍ରୀ ଅଶୋକ କୁମାର ପୁଆଲା
ସରପଞ୍ଚ, ମୀରାବାଲି ଗ୍ରାମ ପଞ୍ଚାୟତ
ରାୟଗଡ଼ା ବ୍ଲକ, ରାୟଗଡ଼ା ଜିଲ୍ଲା


'ସକାଳ' ଜୟପୁର ସଂସ୍କରଣ ପ୍ରେସର ୪ର୍ଥ ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ଶୁଭକାମନା
ସମ୍ମନ୍ୱୟ ଆଦିବାସୀ ଉନ୍ନୟନ ସଂସ୍ଥା
ଜୟପୁର

ସୁସ୍ଥ ପଞ୍ଚାୟତ ଗଠନ ପାଇଁ ତାଲିମ ଶିବିର

ମାଲକାନଗିରି, ୨୦।୭ (ସମିସ): ମାଲକାନଗିରି ଜିଲ୍ଲା ପଞ୍ଚାୟତ ସାଧନ କେନ୍ଦ୍ରଠାରେ ଜିଲ୍ଲା ପରିଷଦ ପକ୍ଷରୁ ସୁସ୍ଥ ଓ ସଚେତନ ପଞ୍ଚାୟତ ଗଠନ ପାଇଁ ତିନି ଦିନିଆ ତାଲିମଶିବିରଆଜିଉଦ୍‌ଯାପିତହୋଇଯାଇଛି। ଏହା ଗତ ୧୮ ତାରିଖଠାରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ଏହି ଶିବିରରେ ତାଲିମଦାତା ଭାବେ ଡା.ପ୍ରଜ୍ଞା ପଟ୍ଟନାୟକ, ପ୍ରଶାନ୍ତ ମଲ୍ଲିକ, କ୍ରୀଷ୍ଣାମୟୀ ମିଶ୍ର, ପ୍ରିୟବ୍ରତ ଯୋଶୀ ଏବଂ ପିରମଲ୍ ଫାଉଣ୍ଡେସନର ବିଷ୍ଣୁ ସାହୁ ଅନୁପ୍ରେରଣାଦାୟୀ ଏବଂ ତଥ୍ୟମୂଳକ ତାଲିମ ଦେଇଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ପଞ୍ଚାୟତରୁ ଆସିଥିବା ୫୬ ଜଣଙ୍କୁ ଯକ୍ଷ୍ମାମୁକ୍ତ ପଞ୍ଚାୟତ, ପୁଷ୍ଟିହୀନତା ଓ ରକ୍ତ ହୀନତା ନିବାରଣ ଉଦ୍ଦେଶ୍ୟରେ ବିଶେଷ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ୍ ପରେ ପ୍ରଶିକ୍ଷଣ ପାଇଥିବା ସ୍ୱାସ୍ଥ୍ୟ କର୍ମୀମାନେ ନିଜ ଅଞ୍ଚଳରେ ଜନସାଧାରଣଙ୍କୁ ସଚେତନ କରି ନିଜ ଜ୍ଞାନ ଓ ଅନୁଭବକୁ ବ୍ୟବହାର କରିବେ ବୋଲି କୁହାଯାଇଛି। ଏହି ଶିବିରକୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୋଗ୍ରାମ ମ୍ୟାନେଜର ହିମାଂଶୁ ଭୂଷଣ ମହାରଣା ଶିବିରର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ ଓ ସୁସଂଗଠିତ ଭାବେ ପରିଚାଳନା କରିବାରେ ବିନାଶ କୁମାର ମିଶ୍ରଙ୍କ ନେତୃତ୍ୱରେ ବିଶ୍ୱନାଥ ମଣ୍ଡଳ, ଏନ.ଅହଲ୍ୟା ଓ ପଞ୍ଚାୟତ ସାଧନକେନ୍ଦ୍ରର ସମସ୍ତ ସଦସ୍ୟମାନେ ସହଯୋଗ ଦେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ।

ଜିପିଡିଓ ଓ ନିର୍ବାହୀ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ନନ୍ଦପୁର,୨୦।୭ (ସମିସ): କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକରେ କାର୍ଯ୍ୟରତ ଦୁଇ କର୍ମଚାରୀ ଜିପିଡିଓ ବେଦାନ୍ତ କୁମାର ମାଝୀଙ୍କ ପଦୋନ୍ନତି ସହ ବଦଳି ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଡମ୍ବୁରୁଧର ପାଙ୍ଗିଙ୍କ ବଦଳି ନେଇ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ବ୍ଲକ କାର୍ଯ୍ୟାଳୟ ସଭା ଗୃହ ପରିସରରେ ବିଡ଼ିଓ ଦୁର୍ଗା ପ୍ରସାଦ ଦୋରାଙ୍କ ଅଧକ୍ଷତାରେ ବ୍ଲକର ୨୩ ଗୋଟି ଗ୍ରାମ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ବ୍ଲକ କର୍ମଚାରୀମାନେ ଯୋଗ ଦେଇ ଦୁଇ ଜଣଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ଅବସରରେ ଜିପିଡିଓ ବେଦାନ୍ତ କୁମାର ମାଝୀଙ୍କୁ ତାଙ୍କ କାର୍ଯ୍ୟ ପାଇଁ ପଦୋନ୍ନତି ହୋଇ ପଡୋଶୀ ବ୍ଲକ ପଟାଙ୍ଗି ବ୍ଲକରେ ଏବିଡିଓ ଭାବେ ବଦଳି ହୋଇଛି। ନିର୍ବାହୀ ଅଧିକାରୀ ଶ୍ରୀ ପାଙ୍ଗି ନନ୍ଦପୁର ବ୍ଲକ୍‌ରେ ଦୀର୍ଘ ଧରି ବିଭିନ୍ନ ଗ୍ରାମପଞ୍ଚାୟତରେ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରି ସରକାର ସମସ୍ତ ଯୋଜନାକୁ ସୁଚାରୁ ରୂପେ ତୁଲାଇ ଲୋକପ୍ରିୟ ହୋଇଥିଲେ।

ଜଳ ବିଦ୍ୟୁତ୍ କର୍ମଚାରୀ ସଂଘର ପ୍ରତିବାଦ

ଜୟପୁର, ୨୦।୭(ସମିସ): ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘର ଆହ୍ୱାନକ୍ରମେ ରାଜ୍ୟର ସମସ୍ତ ଜଳବିଦ୍ୟୁତ ନିଗମ ଦ୍ୱାରା ପରିଚାଳିତ ଜଳବିଦ୍ୟୁତ କେନ୍ଦ୍ର ଏବଂ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଶ୍ରମିକ କର୍ମଚାରୀମାନେ ଆଜି ଠାରୁ ଶାନ୍ତିପୂର୍ଣ୍ଣ ଭାବେ କାର୍ଯ୍ୟାଳୟ ସମ୍ମୁଖରେ ଦୀପ ପ୍ରଜ୍ଜଳନ ପୂର୍ବକ ପ୍ରତିବାଦ ଆରମ୍ଭ କରିଛନ୍ତି। ଜଳ ବିଦ୍ୟୁତ କର୍ମଚାରୀ ସଂଘର ଅଭିଯୋଗ ଅନୁଯାୟୀ, ନୂତନ ମାନବ ସମ୍ବଳ ବିଭାଗର ମୁଖ୍ୟ ଦାୟୀତ୍ୱ ଗ୍ରହଣ କରିବା ପରେ ନୂତନ ଭାବେ କାର୍ଯ୍ୟରତ କର୍ମଚାରୀଙ୍କୁ ଅଣଦେଖା କରାଯାଉଛି। ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁର୍ନବାର ନିଯୁକ୍ତି ଦିଆଯାଇ ପ୍ରାଧାନ୍ୟ ଦିଆଯାଉଛି। ତେଣୁ କର୍ମଚାରୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି। ବିଭାଗ ପକ୍ଷରୁ ଗତ ୫୦ ବର୍ଷରୁ ଅଧିକ ସମୟ ହେଲା ନିର୍ମାଣ ହୋଇଥିବା ସରକାରୀ ବାସଭବନର ମରାମତି ନାମରେ କୋଟି କୋଟି ଟଙ୍କାର ଦୁର୍ନୀତି କରାଯାଉଛି। କିନ୍ତୁ ନୂତନ ଭାବେ ନିଯୁକ୍ତ କର୍ମଚାରୀ ମାନଙ୍କୁ ମୌଳିକ ସୁବିଧା ପ୍ରଦାନ କରାଯାଉନାହିଁ। ରାଜ୍ୟ ବିଦ୍ୟୁତ ବିଭାଗ ବର୍ତ୍ତମାନ ରାଜ୍ୟ ସରକାରଙ୍କ ଏକ ଲାଭଦାୟକ ସଂସ୍ଥା ହୋଇଥିଲେ ସୁଦ୍ଧା ସେମାନଙ୍କୁ ଉପଯୁକ୍ତ ଦରମା ପ୍ରଦାନ କରାଯାଉନାହିଁ। ତେଣୁ ରାଜ୍ୟ ସରକାର କର୍ମଚାରୀ, ଓପିଟିସିଏଲ ଏବଂ ଟାଟା ପାୱାର ବିତରକ ସଂସ୍ଥା କର୍ମଚାରୀଙ୍କ ଅନୁଯାୟୀ ଦରମା ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି ବିଭିନ୍ନ ଦୁର୍ନିତୀକୁ ନେଇ କର୍ମଚାରୀ ସଂଘ ପକ୍ଷରୁ ପାଟି ଖୋଲିଲେ ବଦଳି ନେଇ ବିଭାଗ ପକ୍ଷରୁ ଧମକ ଦିଆଯାଉଛି। ତେଣୁ ପ୍ରତିବାଦ ସ୍ୱରୂପ ୩ ଦିନିଆ ଦୀପ ପ୍ରଜ୍ଜଳନ ପରେ ଆସନ୍ତା ୨୫ ତାରିଖରେ ରାଜ୍ୟ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଏବଂ ଶକ୍ତିମନ୍ତ୍ରୀଙ୍କୁ ସମସ୍ତ କର୍ମଚାରୀ ମାନେ ଟୁଇଟ ମାଧ୍ୟମରେ ଦାବି ପୂରଣ ନେଇ ଦାବି ଉପସ୍ଥାପନ କରିବେ ବୋଲି ସଂଘର କୋରାପୁଟ ଶାଖା ସାଧାରଣ ସମ୍ପାଦକ ଅମର ଜୁମର ପ୍ରତାପ ସିଂ ସୂଚନା ଦେଇଛନ୍ତି।

ଓଡ଼ିଶା ଅମଲା ସଂଘର ପ୍ରତିଷ୍ଠା ଦିବସ

ଜୟପୁର, ୨୦।୭(ସମିସ): ଓଡ଼ିଶା ଅମଲା ସଂଘର ୮୨ତମ ପ୍ରତିଷ୍ଠା ଦିବସ ରବିବାର ସଙ୍ଗମ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। କୋରାପୁଟ ଜିଲ୍ଲା ସଭାପତି ଶଶୀଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗରେ କାର୍ଯ୍ୟରତ ଅମଲା କର୍ମଚାରୀ ଏହି ଉତ୍ସବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସଂଘର କର୍ମକର୍ତ୍ତାଙ୍କ ସମେତ ୧୫ଟି ଜିଲ୍ଲା ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ଏକ ଶୋଭାଯାତ୍ରା ବାହାରି ସ୍ଲୋଗାନ ଦେଇ ବାଜାବାଜଣା ବଜାଇ ବୈଠକ ସ୍ଥଳରେ ପହଞ୍ଚିଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ସେଠୀ, ସ୍ୱତନ୍ତ୍ର ଅତିଥି ରାଜ୍ୟଅମଲା ସଂଘରଅଧ୍ୟକ୍ଷ ହୃଦୟବିହାରୀ ମହାପାତ୍ର, ମୁଖ୍ୟବକ୍ତା ଭାବେ ସଂଘର ରାଜ୍ୟ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ ଯୋଗ ଦେଇ ଅମଲା ମାନଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ତୁରନ୍ତ ସମାଧାନ ନେଇ ଦାବି କରିଥିଲେ। ଏହି ଅବସରରେ ସଂଘର ମୁଖ୍ୟ ଉପଦେଷ୍ଟା ନାରାୟଣ ଦାଶ, ରାଜ୍ୟ ସଭାପତି ଜ୍ଞାନ ରଞ୍ଜନ ଦାଶ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ପାତ୍ର, ଜିଲ୍ଲା ଶାଖା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ମଞ୍ଚାସୀନ ହୋଇ ନିଜ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ସଭାସ୍ଥଳରେ ଦୀପ ପ୍ରଜ୍ଜଳନ ଏବଂ ସ୍ୱାଗତ ସଂଗୀତ ସହ ଦେଶାତ୍ମବୋଧକ ସଙ୍ଗୀତ ଛାତ୍ରୀଛାତ୍ରଙ୍କ ଦ୍ୱାରା ଗାନ କରାଯାଇଥିଲା। ସରକାର ଅମଲା ମାନଙ୍କର ନ୍ୟାର୍ଯ୍ୟ ଦାବି ପୂରଣ କରିବା ନିମନ୍ତେ ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସମସ୍ତେ ଅସନ୍ତୁଷ୍ଟ ବ୍ୟକ୍ତ କରିଥିଲେ। ଯଦି ସରକାର ଯଥାଶୀଘ୍ର ଅମଲା ମାନଙ୍କର ଦାବି ପୂରଣ ନ କରନ୍ତି, ତାହେଲେ ଓଡ଼ିଶା ଅମଲା ସଂଘ ଆନ୍ଦୋଳନ ସାରା ରାଜ୍ୟରେ ଚାଲିବ ବୋଲି ବୈଠକରେ ମଞ୍ଚାସୀନ ଅତିଥି ମାନେ ଚେତାବନୀ ଦେଇଥିଲେ। ଶେଷରେ ସମସ୍ତ ଉପସ୍ଥିତି ଅତିଥି ମାନଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

'ସକାଳ' ଜୟପୁର ସଂସ୍କରଣ ପ୍ରେସର ୪ର୍ଥ ସ୍ୱନକ୍ଷତ୍ର ଉତ୍ସବ ଉପଲକ୍ଷେ ଶୁଭକାମନା
ପଞ୍ଚାୟତ ସମିତି କାର୍ଯ୍ୟାଳୟ
ଜୟପୁର (ଜିଲ୍ଲା-କୋରାପୁଟ)

ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଗୁଣପୁର
ଜିଲ୍ଲା-ରାୟଗଡା (ଓଡିଶା)
ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରାଚୀନ ଐତିହ୍ୟ ସଂପନ୍ନ ଗୁଣପୁର କଳା, ସଂସ୍କୃତି ଓ କୃଷି କ୍ଷେତ୍ରରେ ନିଜତ୍ୱ ବଜାୟ ରଖିଛି। ବଂଶଧାରା ଉପତ୍ୟକାରେ ପ୍ରାୟ ୯୦ ଭାଗ ଲୋକ ଚାଷ ଉପରେ ହିଁ ନିର୍ଭରଶୀଳ। କେରି କେରି ଧାନକ୍ଷେତ ସାଙ୍ଗକୁ ଶ୍ୱେତବର୍ଣ୍ଣର ବରଫର ଆସ୍ତରଣ ଭଳି ଭ୍ରମ ସୃଷ୍ଟି କରୁଥିବା କପା କ୍ଷେତ ଯେକୌଣସି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରେ। ତେଣୁ ଏହି ଅଞ୍ଚଳର କୃଷକର କୃଷିଜାତ ଦ୍ରବ୍ୟର ସଠିକ୍ ବଜାର ନିମନ୍ତେ ୧୯୬୧ ମସିହାର ଜୁଲାଇ ମାସ ୯ ତାରିଖରେ ଏହି କମିଟି ଜନ୍ମ ଲାଭ କରିଥିଲା। ଓଡିଶା ରାଜ୍ୟ ସରକାରଙ୍କର ନିର୍ଦ୍ଧାରିତ ବଜାର ପ୍ରାଙ୍ଗଣ ତଥା ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତି କ୍ରମେ ପରିଚାଳିତ ସମସ୍ତ ବଜାର ପ୍ରାଙ୍ଗଣ ମାନଙ୍କରେ ଚାଷୀମାନେ ନିଜର ବିକ୍ରି ଯୋଗ୍ୟ କୃଷିଜାତ ଦ୍ରବ୍ୟର ସୁଲଭ ବିକ୍ରି କରିବାର ସୁଯୋଗ ନିମନ୍ତେ ଆପଣଙ୍କୁ ନିୟନ୍ତ୍ରିତ ବଜାର କମିଟି, ଗୁଣପୁରର ସମସ୍ତ ପରିଚାଳନା ସଭ୍ୟ ଓ କର୍ମଚାରୀମାନଙ୍କ ତରଫରୁ ବିନମ୍ର ଅନୁରୋଧ।
ଆଗାମୀ ଦିନର ଲକ୍ଷ- ଇ-ନାମ (e-NAM) ଜରିଆରେ ଉନ୍ନତ ବଜାର ଭିତ୍ତିଭୂମିର ବିକାଶ
ଆମର ଉଦ୍ଦେଶ୍ୟ - ଚାଷର ଉନ୍ନତି ଓ ଚାଷୀର ଆର୍ଥିକ ବିକାଶ
ଓଡିଶା ରାଜ୍ୟ କୃଷି ବିପଣନ ପରିଷଦଙ୍କ ଆଦେଶକ୍ରମେ ଏବଂ ଉପଜିଲ୍ଲାପାଳ-ତଥା ଅଧ୍ୟକ୍ଷଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ନିୟନ୍ତ୍ରିତ ବଜାର କମିଟି ଗୁଣପୁରର ମୁଖ୍ୟ ବଜାର ପ୍ରାଙ୍ଗଣ ମଧ୍ୟରେ ଭାରତ ସରକାରଙ୍କ ଦ୍ୱାରା ନିର୍ମିତ ଜାତୀୟ କୃଷି ବଜାର ଇ-ନାମ (e-NAM) ଜରିଆରେ ନିଜ ଉତ୍ପାଦିତ ଧାନ ବ୍ୟତୀତ ଅନ୍ୟ ସମସ୍ତ କୃଷିଜାତ ଦ୍ରବ୍ୟକୁ ବିକ୍ରୟ କରି ଲାଭବାନ ହେବାକୁ ଆମର ଅନୁରୋଧ। ଏହିନିମନ୍ତେ ସମସ୍ତ ଚାଷୀ ଓ ବ୍ୟବସାୟୀଙ୍କୁ ଇ-ନାମ ପୋର୍ଟାଲରେ ନିଜ ନାମ ପଞ୍ଜିକରଣ କରିବାକୁ ଅନୁରୋଧ।
ଶ୍ରୀ ଦଳପତି କାର୍ଯ୍ୟୀ
ସଂପାଦକ
ଶ୍ରୀମତି କିରଣ ଦୀପ୍ କୌର୍ ସହୋତା
ଉପଜିଲ୍ଲାପାଳ,

ଭୁବନେଶ୍ୱର ସିଟି

ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ଅନ୍ତର୍ଜାତୀୟ ଚନ୍ଦ୍ର ଦିବସ

ଭୁବନେଶ୍ୱର,୨୦।୭ (ସମିସ): ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ "ଅନ୍ତର୍ଜାତୀୟ ଚନ୍ଦ୍ର ଦିବସ' ପାଳିତ ହୋଇଛି । ପ୍ରାରମ୍ଭରେ, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ସଂଯୋଜକ କପିଲ ଜୈନ ଆନ୍ତର୍ଜାତୀୟ ଚନ୍ଦ୍ର ଦିବସ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ। ଏହି ଉତ୍ସବରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ "ଚନ୍ଦ୍ରର ପର୍ଯ୍ୟାୟକ୍ରମ' ବିଷୟ ଉପରେ ଆଧାରିତ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଚନ୍ଦ୍ରର ବିଭିନ୍ନ କଳା ପ୍ରଦର୍ଶନ କରିବା ପାଇଁ ପ୍ରତିଯୋଗୀମାନଙ୍କୁ ଆବଶ୍ୟକୀୟ ଉପକରଣ ପ୍ରଦାନ କରାଯାଇ ଗୋଟିଏ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଶେଷରେ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇ ପ୍ରକଳ୍ପଗୁଡ଼ିକୁ ଛାତ୍ରଛାତ୍ରୀଙ୍କୁ ଘରେ ବ୍ୟବହାର କରିବା ପାଇଁ ପ୍ରଦାନ କରାଯାଇଥିଲା । ଏହାସହିତ ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କ ପାଇଁ ପ୍ରଥମ ଚନ୍ଦ୍ର ଅବତରଣ ଉପରେ ଆଧାରିତ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା ।

ଓଡ଼ିଶା ଅମଲା ସଂଘର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୦।୭ (ସମିସ): ଓଡ଼ିଶା ଅମଲା ସଂଘର ୮୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ଏହି ଅବସରରେ ରାଜ୍ୟର ସମସ୍ତ ଜିଲ୍ଲାର ସଭାପତି ଓ ସମ୍ପାଦକ ସହିତ ରାଜ୍ୟ ସଂଘର ନେତୃବୃନ୍ଦ ଉପସ୍ଥିତ ଥିଲେ। ସଂଘର ରାଜ୍ୟ ସଭାପତି ଜ୍ଞାନ ରଞ୍ଜନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ଅଧ୍ୟକ୍ଷ ହୃଦୟ ବିହାରୀ ମହାପାତ୍ର, ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ର, ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ ସେଠୀ, ଜିଲ୍ଲା ସଭାପତି ଶଶୀଭୂଷଣ ଦାଶ, ଜିଲ୍ଲା ସମ୍ପାଦକ ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ସଭାରେ ରାଜ୍ୟ ସଂଘର ଅବସର ଗ୍ରହଣ କରିଥିବା ମୁଖ୍ୟ ପରାମର୍ଶଦାତା ନାରାୟଣ ଦାଶ ଏବଂ କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ନାଥ ପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଦରମା ଲେଭଲ- ୯ ଅନୁସାରେ ପ୍ରଦାନ ସହିତ ନେସନାଲ୍ ବେନିଫିଟ୍, ପ୍ରତ୍ୟେକ ଚାରିବର୍ଷରେ ପ୍ରମୋସନ, ପ୍ରଥମ ଓ ଦ୍ୱିତୀୟସ୍ତର ଅଧିକାରୀଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷିତ ରଖାଯାଇ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ବିଭାଗର ଅମଲାମାନଙ୍କ ପ୍ରମୋସନ ଆଦି ଦାବିଗୁଡ଼ିକୁ ସରକାର ଅଳ୍ପ ଦିନରେ ପୂରଣ କରିବେ ନଚେତ୍ ବାଧ୍ୟ ହୋଇ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବୁ ବୋଲି ସାଧାରଣ ସମ୍ପାଦକ ସୂଚନା ଦେଇଛନ୍ତି ।

'ଜୟ ଓଡ଼ିଶା'ର ରକ୍ତ ସଂଗ୍ରହ ଅଭିଯାନ

ଭୁବନେଶ୍ୱର,୨୦।୭ (ସମିସ): ସ୍ୱେଚ୍ଛାସେବୀ ସଂଗଠନ "ଜୟ ଓଡ଼ିଶା'ର ରକ୍ତ ସଂଗ୍ରହ ଅଭିଯାନ ସପ୍ତାହ ଜାରି ରହିଛି । ଏହା କ୍ରମାଗତ ଭାବେ ଜୟ ଓଡ଼ିଶାର ଚଳିତ ବର୍ଷ ୧୧ତମ ରକ୍ତଦାନ ଶିବିର । ଏହି ରକ୍ତଦାନ ଶିବିର ଜୟ ଓଡ଼ିଶା, ଭୁବନେଶ୍ୱରର ଆ.ଟି. କମ୍ପାନୀ ତତ୍ତ୍ୱ ଟେକ୍ନୋଲୋଜିସ ସହିତ ମିଳିତ ଭାବରେ ଆୟୋଜନ ହୋଇଥିଲା । ଏହା ତତ୍ତ୍ୱ ଟେକ୍ନୋଲୋଜିସର ସହ ପ୍ରତିଷ୍ଠାତା ଓ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ତପେନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା । ଏହି ଶିବିରରେ ବହୁ ମାତ୍ରାରେ କର୍ମଚାରୀ ଉତ୍ସାହର ସହିତ ଆସି ରକ୍ତଦାନ କରିଥିଲେ। ଏହି ରକ୍ତଦାନ ଶିବିରରେ କମିସନରେଟ ପୁଲିସ ଡେପୁଟି କମାଣ୍ଡାଣ୍ଟ ଲଲାଟେନ୍ଦୁ ମହାନ୍ତି ଉପସ୍ଥିତ ଥିଲେ। ଏହି ଶିବିରଟି କାର୍ଯ୍ୟାଳୟ ପରିସରରେରେ ଆୟୋଜିତ ହୋଇଥିବାରୁ ରକ୍ତଦାତାମାନେ ସୁବିଧାରେ ରକ୍ତ ଦାନ କରିପାରିଲେ। ଆଗାମୀ ସପ୍ତାହ ରବିବାର ଦିନ ଘାଟିକିଆର ଟ୍ରାଇଡେନ୍ଟ ଗାଲେକ୍ସିଠାରେ ଜୟ ଓଡ଼ିଶାର ୧୨ତମ ରକ୍ତଦାନ ଶିବିର ଆୟୋଜିତ ହେବ ବୋଲି ଜୟ ଓଡ଼ିଶାର ସଭାପତି ରୁଦ୍ର ନାରାୟଣ ସାମନ୍ତରାୟ କହିଛନ୍ତି ।

ଭାରତୀୟ ଶାସ୍ତ୍ରୀୟ ନୃତ୍ୟୋତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର,୨୦।୭ (ସମିସ): କଳିଙ୍ଗାୟନ ତୌର୍ଯ୍ୟତ୍ରିକମ୍ ପକ୍ଷରୁ ଆୟୋଜିତ ଭାରତୀୟ ଶାସ୍ତ୍ରୀୟ ନୃତ୍ୟୋତ୍ସବ ରବିବାର ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସି, ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ- ନିର୍ଦ୍ଦେଶକ ସୁଚିସ୍ମିତା ମନ୍ତ୍ରୀ ଯୋଗଦେଇଥିଲେ। ରାଜ୍ୟ ଏବଂ ରାଜ୍ୟ ବାହାରୁ ଆସିଥିବା ଭିନ୍ନ ଭିନ୍ନ ଅନୁଷ୍ଠାନ ଓ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଶ୍ୟାମ ନଗର ହେ, ତୋ ଲାଗି ଗୋପ ଦାଣ୍ଡ ପରିବେଷଣ କରିଥିଲେ। ଭାରତୀ କଳା ଏକାଡେମୀ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ହରି ଓଁ, ମଙ୍ଗଳା ଚରଣ ପରିବେଷଣ କରିଥିବା ବେଳେ ଜାଗୃତି ନୃତ୍ୟ ଅନୁଷ୍ଠାନ ପକ୍ଷରୁ କାହିଁ ଗଲେ ମୁରଲୀ ଫୁଙ୍କା ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ୯୦ ଜଣଙ୍କୁ କଳାକାରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉତ୍ସବରେ କର୍ପୋରେଟର ରାମଚନ୍ଦ୍ର ରଣ ସିଂହ, ଟ୍ରଷ୍ଟର ଅଧ୍ୟକ୍ଷ ଅଂଶୁମାନ ମିଶ୍ର, ଓଡ଼ିଶୀ ଗୁରୁ ପୁଷ୍ପିତା ମିଶ୍ର, ମହୋତ୍ସବର ନିର୍ଦ୍ଦେଶକ ଶ୍ରେୟାଶ୍ରୀ ପତି ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମ ଆଦ୍ୟାଶା ମିଶ୍ର ସଂଯୋଜନା କରିଥିଲେ।

ନାବାଳିକାଙ୍କୁ ପୋଡ଼ିବା ଘଟଣା

ଫରୱାର୍ଡ ବ୍ଲକ୍‌ର ପ୍ରତିବାଦ

ଭୁବନେଶ୍ୱର,୨୦।୭ (ସମିସ): ଫକୀର ମୋହନ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଓ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟଣାର ତାତି ଥମି ନଥିବା ବେଳେ ନିମାପଡ଼ା ନିର୍ବାଚନ ମଣ୍ଡଳୀର ବଳଙ୍ଗା ଥାନା ବାୟାବର ଗ୍ରାମର ମୁସ୍କାନ ଖାତୁନ ନାମ୍ନୀ ଜଣେ ନାବାଳିକାଙ୍କୁ ପୋଡ଼ି ହତ୍ୟା କରିବା ଉଦ୍ୟମ ଘଟଣାର ଦୃଢ଼ ପ୍ରତିବାଦ କରିଛି ଫରୱାର୍ଡ ବ୍ଲକ୍। ଏହି ଘଟଣାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଇସ୍ତଫା ଦାବିରେ ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ପକ୍ଷରୁ ଗଣ ପ୍ରତିବାଦ ଅନୁଷ୍ଠିତ ହୋଇଛି। ବଳଙ୍ଗା ଘଟଣାରେ ୩୬ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ ଘଟଣାର ଅଭିଯୁକ୍ତମାନେ ଗିରଫ ହୋଇନାହାନ୍ତି। ଅନ୍ୟପଟେ ନିଜ ନିର୍ବାଚନ ମଣ୍ଡଳୀର ପୀଡ଼ିତା ମୁସ୍କାନକୁ ତା'ର ସ୍ୱାସ୍ଥ୍ୟବସ୍ଥା ବୁଝିବାକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ହସ୍ପିଟାଲ ମଧ୍ୟ ଯାଇନଥିବା ଫରୱାର୍ଡ ବ୍ଲକ୍‌ର ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର ଅଭିଯୋଗ କରିଛନ୍ତି। ରାଜ୍ୟରେ ମହିଳା ଓ ଛାତ୍ରୀଙ୍କ ବିରୋଧରେ ହିଂସା ବଢ଼ିବାରେ ଲାଗିଛି ଏବଂ ସାରା ରାଜ୍ୟ ଅପରାଧ ଓ ଅପରାଧୀଙ୍କ ଏବେ ଚରାଭୂଇଁ ପାଲଟିଛି। ପ୍ରତିବାଦ ସ୍ଥଳରେ ବକ୍ତବ୍ୟ ରଖି ଫରୱାର୍ଡ ବ୍ଲକ୍‌ର ମହିଳା ନେତ୍ରୀ ଲକ୍ଷ୍ମୀ ଦୋରା, ଶ୍ରମିକ ନେତା ସୁଶୀଲ ଥାନପତି, ଆଜାଦ ହିନ୍ଦ୍ ବାହିନୀର ରାଜ୍ୟ ସମ୍ପାଦିକା ସୁବ୍ରତୀ ଦଳେଇ, ଛାତ୍ରୀ ନେତ୍ରୀ ରିଙ୍କି ଆଜାଦ ପ୍ରମୁଖ ଉପସ୍ଥିତ ଥିଲେ।

ସ୍ୱଚ୍ଛତା ହିଁ ସେବା

ଭୁବନେଶ୍ୱର,୨୦।୭ (ସମିସ): ୟୁଏସ୍‌ଆଇ ଫାଉଣ୍ଡେସନ ପକ୍ଷରୁ ଖାରବେଳ ନଗରରେ ଥିବା ଉତ୍କଳ ଦୃଷ୍ଟିହୀନ ସଂଘର ଦୃଷ୍ଟି ବାଧିତ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ବିଦ୍ୟାଳୟ ପରିବେଶକୁ ପରିଷ୍କାର ରଖିବା ପାଇଁ ଡଷ୍ଟବିନ ଏବଂ ଭୋଜନରେ ଖାଦ୍ୟ ପରଷିବା ପାଇଁ ବାଲ୍‌ଟି ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ୟୁଏସ୍‌ଆଇ ଫାଉଣ୍ଡେସନର ରାଜ୍ୟ ସଂଯୋଜକ ନୀଳକଣ୍ଠ ନାଥ ଏବଂ ସଦସ୍ୟ ଶୁଭ ରଞ୍ଜନ ଜେନା ଛାତ୍ରଛାତ୍ରୀଙ୍କୁ ଏହି ଡଷ୍ଟବିନ ପ୍ରଦାନ କରିଥିଲେ। ଡଃ ରଶ୍ମୀ ରେଖା ସାହୁ, ବନୋଜ ତ୍ରିପାଠୀ, ପ୍ରତୀକ୍ଷା ମିଶ୍ର, ଅତୁଲବାଳା ଦାସ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନା କରିବା ପାଇଁ। ବିଦ୍ୟାଳୟର ଜିତେନ୍ଦ୍ର କୁମାର ସିଂ ଏବଂ ସେକ୍ରେଟାରୀ ପ୍ରଶାନ୍ତ କୁମାର ଦାଶ ଉପସ୍ଥିତ ଥିଲେ।

ମହିଳା ବିଚାରପତିଙ୍କ ଦ୍ୱାରା ନାରୀ ନିର୍ଯାତନା ଘଟଣାର ତଦନ୍ତ ହେଉ

ଭୁବନେଶ୍ୱର,୨୦।୭ (ସମିସ): ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି ତରଫରୁ ଓଡ଼ିଶାରେ ଘଟୁଥିବା ମହିଳା ନିର୍ଯାତନା ବିରୋଧରେ ଭୁବନେଶ୍ୱର ଡିସିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ, ଗୋପାଳପୁର ସମୁଦ୍ରକୂଳରେ ମହିଳାଙ୍କୁ ଗଣଦୁଷ୍କର୍ମ, ବଳଙ୍ଗାରେ ଛାତ୍ରୀଙ୍କୁ ପେଟ୍ରୋଲ ଢାଳି ପୋଡ଼ିବା ସହ ଅନ୍ୟାନ୍ୟ ମହିଳା ନିର୍ଯାତନା ଘଟଣାଗୁଡ଼ିକର ଦୃଢ଼ ନିନ୍ଦା କରାଯାଇଥିଲା। ରାଜ୍ୟରେ ମହିଳାମାନେ ରାସ୍ତାକୁ ବାହାରିବାକୁ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ସେ ନେଇ ପ୍ରତିବାଦ ବିକ୍ଷୋଭରେ ମହିଳା ନେତ୍ରୀମାନେ ଅଭିଯୋଗ କରି ଓଡ଼ିଶାର ସମସ୍ତ ମହିଳା ନିର୍ଯାତନା ଘଟଣାଗୁଡ଼ିକ ଜଣେ ମହିଳା ବିଚାରପତିଙ୍କ ଦ୍ୱାରା ନ୍ୟାୟିକ ତଦନ୍ତ କରାଇବା ପାଇଁ ଦାବି କରି ସଂଗଠନର ଖୋର୍ଦ୍ଧା ଜିଲ୍ଲା ସଭାନେତ୍ରୀ ମିନତୀ ପାଣିଗ୍ରାହୀ, ସମ୍ପାଦିକା ନୟନୀ ନାୟକ, ବିମଳି ନାୟକ, ଭୁବନେଶ୍ୱର ସଭାନେତ୍ରୀ ଚିନ୍ମୟୀ ରାଉତ, ନିରୁପମା ନାୟକ ବକ୍ତବ୍ୟ ରଖିଥିଲେ। ଏହି ମର୍ମରେ ଏକ ଦାବିପତ୍ର ଓଡ଼ିଶା ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଡିସିପିଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି।

ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ପରଲୋକ

ଭୁବନେଶ୍ୱର,୨୦।୭ (ସମିସ): କଳିଙ୍ଗବିହାର ନିବାସୀ ଅବସରପ୍ରାପ୍ତ ସରକାରୀ ଅଧିକାରୀ ତଥା ପୁରୀ ଜିଲ୍ଲା ଡେଲାଙ୍ଗ ଥାନା ବିଳାସପୁର ଅଞ୍ଚଳର ସରଧାପୁର ନିବାସୀ କାହ୍ନୁ ଚରଣ ଜେନାଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି । ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କ ପୁତ୍ର ଦେବୀ ପ୍ରସାଦ ଜେନା ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଜେନା ଓଡ଼ିଶା ସଚିବାଳୟର ଘରୋଇ, ଶିକ୍ଷା, ସାଧାରଣ ପ୍ରଶାସନ, ନିର୍ବାଚନ ଆଦି ବିଭିନ୍ନ ବିଭାଗରେ ସେକସନ୍ ଅଫିସର ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ। ସେ ଜଣେ ମିଷ୍ଟଭାଷୀ, ମେଳାପି, ପରୋପକାରୀ ବ୍ୟକ୍ତି ଥିଲେ। ସେ ଓଡ଼ିଶା ସଚିବାଳୟର ଜଣେ ଅତ୍ୟନ୍ତ କର୍ମଠ ଓ ଦକ୍ଷ ଅଧିକାରୀ ଥିଲେ। ତାଙ୍କ ପରଲୋକ ଖବର ପାଇ ତାଙ୍କର ବହୁ ବନ୍ଧୁ, ପରିଜନ, ସହକର୍ମୀ ଶୋକ ପ୍ରକାଶ କରିଛନ୍ତି।

ଶିଶୁ ଅନନ୍ତ ପ୍ରେସ୍ କ୍ଲବ୍‌ର ମହମବତି ଶୋଭାଯାତ୍ରା

ବାଲିପାଟଣା,୨୦।୭ (ସମିସ) : ବାଲିପାଟଣା ଶିଶୁ ଅନନ୍ତ ପ୍ରେସ୍‌କ୍ଲବ୍‌ର ସଭାପତି ବିଦ୍ୟାଭୂଷଣ ଭୋଳଙ୍କ ତତ୍ତ୍ୱାବଧାନରେ ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ମହମବତି ଶୋଭାଯାତ୍ରା କରାଯାଇଛି। ଏହି ଶୋଭାଯାତ୍ରା ବାଲିପାଟଣା ଛକ ଠାରୁ ଥାନା ପର୍ଯ୍ୟନ୍ତ କରାଯାଇଥିଲା। ଏଥିରେ ଶିଶୁ ଅନନ୍ତ ପ୍ରେସ୍ କ୍ଲବ୍‌ର ସମସ୍ତ ସାମ୍ବାଦିକଙ୍କ ସହ ଶତାଧିକ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ତେବେ ଗତ କିଛି ଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ମହିଳାଙ୍କୁ ନିର୍ଯାତନା, ଯୌନ ଉତ୍ପୀଡ଼ନ, ଦୁଷ୍କର୍ମ ଓ ହିଂସା ଘଟଣା ବଢ଼ିଯାଇଥିବା ପରିପ୍ରେକ୍ଷୀରେ ୫ ଦଫା ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲିପାଟଣା ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା। ଏହି ଶୋଭାଯାତ୍ରାରେ ଶିଶୁ ଅନନ୍ତ ସ୍ମୃତି ସଂସଦର ସମ୍ପାଦିକା ତନୟା ଦାସ ଗୋସ୍ୱାମୀ, ସମାଜସେବୀ ଅଜିତ୍ କୁମାର ପାଇକରାୟ, ଶିକ୍ଷାବିତ୍ ନାରାୟଣ ବେହେରା, ଦଳିତ ନେତା କୈଳାସ ଚନ୍ଦ୍ର ସେଠୀ, ସମାଜସେବୀ ରଶ୍ମୀରଞ୍ଜନ ପଣ୍ଡା, ଜଗନ୍ନାଥ ପଣ୍ଡା, ନାରାୟଣ ବେହେରା, ବିଷ୍ଣୁ ପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ସାମ୍ୟବାଦୀ ନେତା ବଂଶୀଧର ଦାସଙ୍କ ସ୍ମୃତି ସମାରୋହ

ଭୁବନେଶ୍ୱର,୨୦।୭ (ସମିସ): ବିଶିଷ୍ଟ ସାମ୍ୟବାଦୀ ନେତା, ମିସା ବନ୍ଦୀ, ଚାଷୀମୂଲିଆ ଆନ୍ଦୋଳନର ପ୍ରମୁଖ ନେତା ତଥା ସ୍ତମ୍ଭକାର ଓ ସମ୍ବିଧାନ ବିଶେଷଜ୍ଞ ବଂଶୀଧର ଦାସ ଙ୍କର ୫ମ ବାର୍ଷିକ ରାଜ୍ୟସ୍ତରୀୟ ସ୍ମୃତି ସଭା ରବିବାର ଜୟଦେବ ଭବନ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ, କଟକ ମେୟର ସୁବାସ ସିଂ, ତିର୍ତ୍ତୋଲର ବିଧାୟକ ଡ. ରମାକାନ୍ତ ଭୋଇ, ବରିଷ୍ଠ ସାମ୍ବାଦିକ ତଥା ରାଜନୀତି ସମୀକ୍ଷକ ରବି ଦାସ ଯୋଗ ଦେଇଥିଲେ। ବଂଶୀଧର ଦାସ ସ୍ମୃତି ପରିଷଦର ସଭାପତି ଅରୁଣ କୁମାର ଦାସ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିବାବେଳେ ସ୍ମୃତି ପରିଷଦ ଆବାହକ ମନୋଜ ଜେନା ସଭା ସଂଯୋଜନା କରିଥିଲେ। ବଂଶୀଧର ଦାସ ସ୍ମୃତି ପରିଷଦର ଦିଲ୍ଲୀପ କୁମାର ସାଇଁ, ଦେବୀ ପ୍ରସାଦ ତ୍ରିପାଠୀ, ଲୋକାକାନ୍ତ ସାଇଁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଅବସରରେ ବିରିଡ଼ି ବ୍ଲକ ଟପ୍ପର ଅଲିଭା ପାତ୍ର, କାର୍ତ୍ତିକ ଦାସ, ସମାଜସେବୀ ନିରଞ୍ଜନ ଯୋଗାଣିଆ, ଖୋର୍ଦ୍ଧା ଜିଲ୍ଲା ଶିକ୍ଷାଧିକାରିଣୀ ସୋନାମିକା ରାୟ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସ୍ୱର୍ଣ୍ଣ ହସ୍ପିଟାଲ ଡାଇରେକ୍ଟର ବିଧୁଭୂଷଣ ନାୟକ ଆଦିଙ୍କୁ ବଂଶୀଧର ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା

ସତ୍ୟନଗର ଲେଡିଜ୍ ଫୋରମ୍ ବାସହୀନ

ଭୁବନେଶ୍ୱର,୨୦।୭ (ସମିସ): ଆଜକୁ ଦୀର୍ଘ ୧୨ ବର୍ଷ ଧରି ସତ୍ୟନଗର ଲେଡିଜ୍ ଫୋରମ୍ ସମାଜ ସେବା କାର୍ଯ୍ୟରେ ନିଜକୁ ନିୟୋଜିତ କରିଆସିଅଛି। ବିଶେଷକରି ଶିଶୁ ଏବଂ ମହିଳା ମାନଙ୍କର ସ୍ୱାସ୍ଥ୍ୟ ସେବା ଫୋରମର ମୁଖ୍ୟ କାର୍ଯ୍ୟ, ଏହିସବୁ କାର୍ଯ୍ୟ କରିବାକୁ ହେଲେ ଗୋଟେ ସ୍ଥାନରେ ବସିବାକୁ ପଡ଼ିବ। କିନ୍ତୁ ସତ୍ୟନଗର ଲେଡିଜ୍ ଫୋରମ୍‌ର ସଦସ୍ୟା ମାନଙ୍କ ବସିବା ପାଇଁ ପ୍ରକୃତ ସ୍ଥାନ ନାହିଁ। ସତ୍ୟନଗର ଲେଡିଜ୍ ଫୋରମ୍‌ର ସଦସ୍ୟାମାନେ ବସିବା ପାଇଁ ସତ୍ୟନଗରରେ ଅବସ୍ଥିତ ଏକ ପାର୍କ ମଧ୍ୟରେ ଏକ ପ୍ରକୋଷ୍ଠରେ ବସିବାକୁ ସ୍ଥାନ ଥିବା ସତ୍ତ୍ୱେ କିଛି ବ୍ୟକ୍ତି ବିଶେଷ ସେହି ପ୍ରକୋଷ୍ଠକୁ ତାଲା ପକାଇ ରଖିଛନ୍ତି। ଏଥିପାଇଁ ସତ୍ୟନଗର ଲେଡିଜ୍ ଫୋରମ୍‌ର ସଦସ୍ୟାମାନେ ମେୟରଙ୍କ ଦ୍ୱାରସ୍ଥ ହୋଇଥିଲେ। ମେୟର ମଧ୍ୟ ସତ୍ୟନଗର ପାର୍କ ଠାରେ ଥିବା ପ୍ରକୋଷ୍ଠରେ ବସିବାକୁ ଅନୁମତି ଦେଇଥିଲେ। କିନ୍ତୁ ମେୟରଙ୍କ ଅନୁମତି ସତ୍ତ୍ୱେ ସେହି ପ୍ରକୋଷ୍ଠକୁ ତାଲା ପକାଇ ଦିଆଯାଇଛି। ବାଧ୍ୟହୋଇ ସତ୍ୟନଗର ଲେଡିଜ୍ ଫୋରମ୍‌ର ସଦସ୍ୟାମାନେ ପ୍ରକୋଷ୍ଠ ବାହାରେ ବସିଥିଲେ। ମହିଳାଙ୍କୁ ଏହି ଅସମ୍ମାନ କ'ଣ ପାଇଁ ବୋଲି ମହିଳାମାନେ ପ୍ରଶ୍ନ କରିଛନ୍ତି।

ଯୁବତୀଙ୍କୁ ବ୍ଲାକମେଲ୍ କରି ବନ୍ଧାହେଲା

ଭୁବନେଶ୍ୱର,୨୦।୭ (ସମିସ): ଯୁବତୀଙ୍କୁ ବ୍ଲାକମେଲ୍ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମହିଳା ଥାନା ପୁଲିସ। ସେ ହେଲା, ବିହାର ବିଶ୍ୱନାଥପୁରର ହରେନ୍ଦ୍ର କୁମାର (୩୫)। ପୁଲିସ ସୂଚନା ଅନୁସାରେ, ୨୦୧୯ ମସିହାରେ ହରେନ୍ଦ୍ର ଜାମସେଦପୁରରେ ଏଲ୍‌ଆଇସି ବ୍ରୋକର ଭାବେ କାମ କରୁଥିବାବେଳେ ଜଣେ ଓଡ଼ିଆ ଯୁବତୀ ତା' ସଂସ୍ପର୍ଶରେ ଆସିଥିଲେ। ପରେ ଯୁବତୀଜଣକ ମଧ୍ୟ ଏଲ୍‌ଆଇସି ଏଜେଣ୍ଟ ଭାବେ କାମ କରିଥିଲେ। ଯୁବତୀଙ୍କ ପ୍ରେମିକର ମୃତ୍ୟୁ ହେବାପରେ ହରେନ୍ଦ୍ର ତାଙ୍କର ନିକଟତର ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ହରେନ୍ଦ୍ର ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହିତ ସମ୍ପର୍କ ରଖିଥିଲା। କିନ୍ତୁ ତାଙ୍କ ଅଜାଣତରେ ସେ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ସଂଗ୍ରହ କରି ନେଇଥିଲା। କିଛିବର୍ଷ ପରେ ଦୁହେଁ ପୁରୀର ଏକ ସଂସ୍ଥାରେ ବିବାହ କରିଥିଲେ। ହେଲେ ହରେନ୍ଦ୍ର ପୂର୍ବରୁ ବିବାହିତ ବୋଲି ଜାଣିବା ପରେ ଯୁବତୀ ତା ଠାରୁ ଦୂରେଇ ଯାଇଥିଲେ। ଏଥିରେ ରାଗିଯାଇ ହରେନ୍ଦ୍ର ତାଙ୍କୁ ବ୍ଲାକମେଲ କରିଥିଲା। ଫଟୋ ଓ ଭିଡିଓ ଭାଇରାଲ କରିବାର ଧମକ ଦେଇ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲା। ଏନେଇ ଯୁବତୀ ଜଣକ ମହିଳା ଥାନାରେ ଅଭିଯୋଗ କରିଥିଲେ।

ପାଇକ ବିଦ୍ରୋହକୁ ବହିରୁ ବାଦ୍ ଘଟଣା

ଓଡ଼ିଆ ଅସ୍ମିତା ପରିଷଦର କ୍ଷୋଭ

ଭୁବନେଶ୍ୱର,୨୦।୭ (ସମିସ):

ବହୁ ବାଦ ବିବାଦ ଓ ଉଦ୍ୟମ ଫଳରେ ଓଡ଼ିଆ ଜାତିର ଅସ୍ମିତାର ପ୍ରତୀକ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପ୍ରଥମ ବ୍ରିଟିଶ ବିରୋଧୀ ବିଦ୍ରୋହ ଓଡ଼ିଶାର ପାଇକ ବିଦ୍ରୋହକୁ ୨୦୧୭ ମସିହାରୁ କେନ୍ଦ୍ର ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରକାଶିତ ୮ମ ଶ୍ରେଣୀର ଇତିହାସ ବହିରେ ସ୍ଥାନିତ କରାଯାଇଥିଲା। କିନ୍ତୁ ଗତ ସପ୍ତାହରେ ଏନ୍‌ସିଇଆରଟି ତରଫରୁ ଯେଉଁ ନୂଆ ଇତିହାସ ବହି ଛପା ଯାଇଛି, ସେଥିରେ 'ଖୋର୍ଦ୍ଧାର ପାଇକ ବିଦ୍ରୋହ'କୁ କର୍ତ୍ତୃପକ୍ଷ ବାଦ ଦେଇଛନ୍ତି। ଏହା ଓଡ଼ିଆ ଜାତି ପ୍ରତି ଏକ ଚରମ ଅପମାନ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ କୁହାଯାଇଛି। ପାଇକ ବିଦ୍ରୋହକୁ ଏନ୍‌ସିଇଆର୍‌ଟି ଇତିହାସ ବହିରେ ପୁନର୍ବାର ସ୍ଥାନ ଦେବା ଦାବିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ରବିବାର ଓଡ଼ିଆ ଅସ୍ମିତା ପରିଷଦର ଆବାହକ ରବି ବେହେରା ଏକ ପତ୍ର ଲେଖିଛନ୍ତି। ଏହି ପତ୍ରରେ ସେ ଉଲ୍ଲେଖ କରିଛନ୍ତି ଯେ ବଙ୍ଗଳାର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଓ ସାନ୍ତାଳମାନଙ୍କର ବିଦ୍ରୋହ ସେହି ଇତିହାସ ବହିରେ ସ୍ଥାନ ପାଇଥିବା ବେଳେ ଖୋର୍ଦ୍ଧାର ପାଇକ ବିଦ୍ରୋହକୁ ବାଦ ଦେବା ବୀର ପାଇକ ମାନଙ୍କର ଗୌରବମୟ ତ୍ୟାଗ ଓ ବଳିଦାନ ପ୍ରତି ଏକ ଚରମ ଉପହାସ ବୋଲି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ଅରୁଣ ଜେନା, ସୁବାସ କୁମାର ତାରିଣିଆଁ ପ୍ରମୁଖ ଦାବି କରିଛନ୍ତି।